DHARITRI
ଭୁବନେଶ୍ୱର, ବୁଧବାର, ମେ' ୧୭/୨୦୨୩ (୧୬ ପୃଷ୍ଠା) Bhubaneswar, Wednesday, May 17/2023 Page 16 ₹ 7.00
୪୯ଶ ଭାଗ ୧୭୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 171 ମୂଲ୍ୟ ₹୭/-



**ଅମିୟଙ୍କୁ ସ୍ୱର୍ଣ୍ଣ ପଦକ**

ରାଞ୍ଚିଠାରେ ଚାଲିଥିବା ଜାତୀୟ ଫେଡେରେଶନ କପ୍ ସିନିୟର ଆଥଲେଟିକ୍ସ ଚାମ୍ପିୟନଶିପ୍ର ପୁରୁଷ ୧୦୦ ମିଟର ରେସ୍‌ରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ଓଡ଼ିଶାର ଅମିୟ ମଲ୍ଲିକ। ୧୬

୦୨ **ଗଡ଼କରୀଙ୍କୁ ହତ୍ୟା ଧମକ**

କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀଙ୍କୁ ସୋମବାର ସନ୍ଧ୍ୟାରେ ହତ୍ୟା ଧମକ ମିଳିଛି। ଏନେଇ ଦିଲ୍ଲୀ ପୋଲିସ ତଦନ୍ତ ଚଳାଇଛି।



# ଅସ୍ତିତ୍ୱ ହରାଉଛି କେନ୍ଦ୍ରାପଡ଼ା କେନାଲ

- ଡଙ୍ଗା ଚାଲୁଥିଲା, ଏବେ କ୍ଷେତକୁ ପାଣି ମଡ଼ାଇ ପାରୁନି
- ନଅଙ୍କ ଦୁର୍ଭିକ୍ଷର ପ୍ରତିକାର ପାଇଁ ଖୋଲାଯାଇଥିଲା

ଜଗନ୍ନାଥ ଧଳ

**କେନ୍ଦ୍ରାପଡ଼ା ଅଫିସ, ୧୬।୫**

୧୮୬୬-୬୭ ମସିହାର ନଅଙ୍କ ଦୁର୍ଭିକ୍ଷର ପ୍ରତିକାର ପାଇଁ କେନ୍ଦ୍ରାପଡ଼ା କେନାଲ ଖୋଲାଯାଇଥିଲା। କ୍ଷେତକୁ ପାଣି ସହିତ ପଣ୍ୟ ପରିବହନ ଓ ସ୍ଥାନୀୟ ଅଞ୍ଚଳର ଦୈନନ୍ଦିନ ଆବଶ୍ୟକତା ପୂରଣ କରୁଥିଲା। ରାଜ୍ୟର ଏହି ପୁରାତନ କେନାଲ ପୂର୍ବରୁ ସୁନାବ୍ୟା ଥିବାବେଳେ ଏବେ କ୍ଷେତ ପାଇଁ ଜଳଯୋଗାଣକୁ ଅସମର୍ଥ ହୋଇପଡ଼ିଛି। ଏକସଙ୍ଗେ ୩ରୁ ୪ଟି ପଣ୍ୟବାହୀ ଡଙ୍ଗା ଆତଯାତ କରୁଥିବା କେନାଲ ସମ୍ପ୍ରତି ମାତ୍ର ୭ ମିଟର ଚଉଡ଼ାରେ ସୀମିତ ରହିଛି। ଏହା ଅଳିଆ ଗଦାରେ ପରିଣତ ହୋଇ ମଶାମାଛିଙ୍କ ଉତ୍ପତ୍ତିସ୍ଥଳ ପାଲଟିଛି।

ଜଳାଭାବ ଯୋଗୁ ପ୍ରଭାବିତ ହୋଇଥିବା କେନ୍ଦ୍ରାପଡ଼ା ବ୍ଲକ ଭରତପୁର ଗ୍ରାମର ଚିତ୍ତରଞ୍ଜନ ଦାସ କହିଛନ୍ତି, ନଅଙ୍କ ଦୁର୍ଭିକ୍ଷ ପରେ ଏହି କେନାଲ ଖୋଲାଯାଇଥିଲା। କଟକ ମହାନଦୀ ବ୍ୟାରେଜରୁ ବାହାରିଥିବା ୨୪୧ କିଲୋମିଟର ଲମ୍ବ କେନାଲରେ ୧୮୬୯ ମେ' ୨୯ରେ ପ୍ରଥମ ଥର ପାଇଁ ପାଣି ଆସିଥିଲା। ଏହା ମାଧ୍ୟମରେ ଆସୁଥିବା ପାଣି କେନ୍ଦ୍ରାପଡ଼ା ଜିଲାର ପଟ୍ଟାମୁଣ୍ଡାଇ, ଜମ୍ବୁ, ଗୋବରୀ କେନାଲ ମାଧ୍ୟମରେ ଛଡ଼ାଯାଇ ୧୧,୯୩୮ ହେକ୍ଟର ଜମିକୁ ଜଳସେଚନ ସୁବିଧା ଯୋଗାଇ ଦିଆଯାଉଥିଲା। ପରବର୍ତ୍ତୀ ସମୟରେ ଏହାର ଜଳ ଗୋବରୀ କେନାଲ, ସମ୍ପ୍ରସାରିତ ଗୋବରୀ କେନାଲ, ପଟ୍ଟାମୁଣ୍ଡାଇ କେନାଲ ଅଞ୍ଚଳର ପ୍ରାୟ ୨୯ ହଜାର ହେକ୍ଟର କ୍ଷେତକୁ ସେଚନ କରାଯାଉଥିଲା। ଜିଲା ଗଠନ ପୂର୍ବରୁ ଏହି ଜଳସେଚନ କ୍ଷମତାକୁ ଧାର୍ଯ୍ୟ କରି ସ୍ୱତ୍ୱବାନ ଚାଷୀଙ୍କଠାରୁ ଅଦ୍ୟାବଧି ଜଳକର ଆଦାୟ ହେଉଛି। ସହରର ୮୦ ବର୍ଷୀୟ ବୃଦ୍ଧ ସେକ୍ ମୁସା କହିଛନ୍ତି, କ୍ଷେତକୁ ପାଣି ସହ ଏହି କେନାଲ ମାଧ୍ୟମରେ ପଣ୍ୟ ଦ୍ରବ୍ୟ ପରିବହନ ହେଉଥିଲା। ଏପରି କି ୧୯୩୦-୩୧ ମସିହାରେ ଲକ୍ ମାଧ୍ୟମରେ ଆଦାୟ ରାଜସ୍ୱ ୮୫ ହଜାର ଟଙ୍କାରୁ ଅଧିକ ଥିବା ରେକର୍ଡ ଦର୍ଶାଉଛି। ଏହି ଜଳପଥ ଦେଇ ବାରବାଟୀରୁ ପଥର ନିଆଯାଇ ଫଲ୍‌ସ ପଏଣ୍ଟଠାରେ ☞ପୃଷ୍ଠା-୪



ବିଲାତି ଦଳ ଭର୍ତ୍ତି ହୋଇପଡ଼ିଛି କେନ୍ଦ୍ରାପଡ଼ା କେନାଲ।

# ବିଳମ୍ବିତ ହେବ ମୌସୁମୀ

## ଜୁନ୍ ୪ରେ କେରଳ ଛୁଇଁପାରେ

**ନୂଆଦିଲ୍ଲୀ, ୧୬।୫(ପି.ଟି.)**

ଚଳିତ ବର୍ଷ ମୌସୁମୀ ଆଗମନରେ ସାମାନ୍ୟ ବିଳମ୍ବ ହେବ ବୋଲି ଆଶଙ୍କା କରାଯାଉଛି। ଜୁନ୍ ୪ ସୁଦ୍ଧା ଦକ୍ଷିଣପଶ୍ଚିମ ମୌସୁମୀ ବାୟୁ କେରଳ ଛୁଇଁପାରେ ବୋଲି ଭାରତର ପାଣିପାଗ ବିଭାଗ (ଆଇଏମ୍‌ଡି) ମଙ୍ଗଳବାର କହିଛି। ସାଧାରଣତଃ ଜୁନ୍ ୧ରେ ମୌସୁମୀ କେରଳରେ ପହଞ୍ଚିଥାଏ। ଗତବର୍ଷ ମେ' ୨୯ରେ ମୌସୁମୀ କେରଳ ଛୁଇଁଥିବାବେଳେ ୨୦୨୧ରେ ଜୁନ୍ ୩ ଏବଂ ୨୦୨୦ରେ ଜୁନ୍ ୧ରେ ପହଞ୍ଚିଥିଲା। କେରଳ ପରେ ଭାରତର ଅନ୍ୟ ରାଜ୍ୟରେ ମୌସୁମୀ ବର୍ଷା ହୋଇଥାଏ। ☞ପୃଷ୍ଠା-୪

# କାଳବୈଶାଖୀ: ଗଛ ପଡ଼ି ୨ ମୃତ, ୩ ଆହତ

**ଗଣିଆ/ଖଣ୍ଡପଡ଼ା, ୧୬।୫(ଡି.ଏନ୍.ଏ./ସ୍ୱ.ପ୍ର.)**

ଗତ କିଛି ଦିନର ଅସହ୍ୟ ଗ୍ରୀଷ୍ମପ୍ରବାହ ଓ ଗୁଳୁଗୁଳି ପରେ ମଙ୍ଗଳବାର ଅପରାହ୍ଣରେ ନୟାଗଡ଼ରେ କାଳବୈଶାଖୀ ପ୍ରଭାବରେ ପ୍ରବଳ ବର୍ଷା ହୋଇଛି। ଫଳରେ ଲୋକେ ଗ୍ରୀଷ୍ମ ପ୍ରବାହରୁ ସାମାନ୍ୟ ଆଶ୍ୱସ୍ତି ଲାଭ କରିଛନ୍ତି । ହେଲେ କାଳବୈଶାଖୀ ଯୋଗୁ ଗଛ ପଡ଼ି ୨ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୩ ଜଣ ଆହତ ହେବା ଘଟଣା ଗଣିଆ ଓ ଖଣ୍ଡପଡ଼ା ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି । ଏଥିସହିତ ଜିଲାର ବିଭିନ୍ନ ସ୍ଥାନରେ କାଳବୈଶାଖୀ ପ୍ରଭାବରେ ଗଛପଡ଼ି ଓ ଗୁହାଳର କାନ୍ଥ ଭାଙ୍ଗି ବହୁ ଗୃହପାଳିତ ପଶୁ ଆହତ ହୋଇଥିବା ବେଳେ ବିଭିନ୍ନ ସ୍ଥାନରେ ଥିବା ଚାଳ, ଟିଣ ଛପର ଘର ଭାଙ୍ଗି ଯାଇଛି। ☞ପୃଷ୍ଠା-୪

# ୧୮ରେ ମାଟ୍ରିକ ପରୀକ୍ଷାଫଳ

- ମଧ୍ୟମା, ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷାଫଳ ବି ପ୍ରକାଶ ପାଇବ
- ୱେବ୍‌ସାଇଟ୍, ଏସ୍‌ଏମ୍‌ଏସ୍ ମାଧ୍ୟମରେ ଜାଣିହେବ ଫଳାଫଳ

**କଟକ ଅଫିସ, ୧୬।୫**

ଆସନ୍ତା ୧୮ରେ ମାଟ୍ରିକ୍ ସପ୍ଲିମେଣ୍ଟାରି-୨ ପରୀକ୍ଷାଫଳ ପ୍ରକାଶ ପାଇବ। ଏଥିସହ ଉକ୍ତ ଦିନ ମଧ୍ୟମା, ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷାଫଳ ମଧ୍ୟ ପ୍ରକାଶ ପାଇବ ବୋଲି କଟକସ୍ଥିତ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) କାର୍ଯ୍ୟାଳୟରେ ମଙ୍ଗଳବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏଥିରେ ବୋର୍ଡ ସଭାପତି ରାମାଶିଷ ହାଜରା କହିଛନ୍ତି, ଉକ୍ତ ଦିନ ପୂର୍ବାହ୍ଣ ୧୦ଟାରେ ବିଭାଗୀୟ ମନ୍ତ୍ରୀ ଓ ସଚିବଙ୍କ ଉପସ୍ଥିତିରେ ପରୀକ୍ଷାଫଳ ପ୍ରକାଶ ପାଇବ। ଛାତ୍ରୀଛାତ୍ରମାନେ ବୋର୍ଡ ୱେବ୍‌ସାଇଟ୍ ଏବଂ ଏସ୍‌ଏମ୍‌ଏସ୍ ମାଧ୍ୟମରେ ଫଳାଫଳ ଜାଣିପାରିବେ। ୱେବ୍‌ସାଇଟ୍ www.bseodisha.ac.inରେ ପରୀକ୍ଷାଫଳ ଉପଲବ୍ଧ ହେବ। ମଧ୍ୟାହ୍ନ ୧୨ଟା ସୁଦ୍ଧା ପରୀକ୍ଷାର୍ଥୀମାନେ ନିଜର ପରୀକ୍ଷାଫଳ ୱେବ୍‌ସାଇଟ୍‌ରେ ଦେଖିପାରିବେ। ଏଥିସହ ମୋବାଇଲ ଫୋନ୍‌ରେ ଓଆର୧୦ ଲେଖି ସ୍ପେସ୍ ଦେଇ ରୋଲ୍ ନମ୍ବର ଟାଇପ କରି ୫୬୭୬୭୫୦କୁ ଏସ୍‌ଏମ୍‌ଏସ୍ କଲେ ପରୀକ୍ଷାଫଳ ଜାଣିପାରିବେ ବୋଲି ହାଜରା ସୂଚନା ଦେଇଛନ୍ତି। ସେହିପରି ବୋର୍ଡ ଉପସଭାପତି ଡ. ନୀହାର ରଞ୍ଜନ ମହାନ୍ତି କହିଛନ୍ତି, ଚଳିତବର୍ଷ ୫ ଲକ୍ଷ ୧୮ ହଜାର ଛାତ୍ରୀଛାତ୍ର ପରୀକ୍ଷା ☞ପୃଷ୍ଠା-୪

# ଅଜଣା ସୂତ୍ରରୁ ଆଞ୍ଚଳିକ ଦଳର ଆୟ ୮୮୭.୫୫ କୋଟି

**ଏଡିଆର୍ ରିପୋର୍ଟ**

**୨୦୨୧-୨୨ ଆର୍ଥିକବର୍ଷ**

**ନୂଆଦିଲ୍ଲୀ, ୧୬।୫**

୨୦୨୧-୨୨ ଆର୍ଥିକବର୍ଷରେ ଆଞ୍ଚଳିକ ଦଳଗୁଡ଼ିକ ଅଜଣା ସୂତ୍ରରୁ ୮୮୭.୫୫ କୋଟି ଟଙ୍କା ଆୟ କରିଛନ୍ତି, ଯାହାକି ସେମାନଙ୍କ ମୋଟ ଆୟର ୭୬% ବୋଲି ଆସୋସିଏଶନ୍ ଅଫ୍ ଡେମୋକ୍ରାଟିକ୍ ରିଫର୍ମ (ଏଡିଆର୍) ପକ୍ଷରୁ ସୂଚନା ଦିଆଯାଇଛି। ନିର୍ବାଚନୀ ସଂସ୍କାର କ୍ଷେତ୍ରରେ କାର୍ଯ୍ୟରତ ଏଡିଆର୍ ଏହାର ରିପୋର୍ଟରେ ଦର୍ଶାଇଛି ଯେ, ୨୦୨୦-୨୧ରେ ଆଞ୍ଚଳିକ ଦଳଗୁଡ଼ିକର ଆୟ ୫୩୦.୭୦ କୋଟି ଟଙ୍କା ଥିଲା। ସେଥିରୁ ୨୬୩.୯୩ କୋଟି ଅର୍ଥାତ୍ ୪୯.୭୩% ଅଜ୍ଞାତ ଉତ୍ସରୁ ଆସିଥିଲା। ୨୦୨୧-୨୨ରେ ଏହା ୮୮୭.୫୫ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ରିପୋର୍ଟ ଅନୁସାରେ ୨୦,୦୦୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ଚାନ୍ଦାକୁ 'ଜ୍ଞାତ ଉତ୍ସ'ରୁ ଆସିଥିବା ଧରାଯାଏ। ଏତେ ପରିମାଣର ଚାନ୍ଦା ଦେଇଥିବା ବ୍ୟକ୍ତିଙ୍କ ସମ୍ପର୍କରେ ବିବରଣୀକୁ ଦଳଗୁଡ଼ିକ ଭାରତର ନିର୍ବାଚନ କମିଶନ (ଇସିଆଇ)ଙ୍କ ନିକଟରେ ଦାଖଲ କଣ୍ଟ୍ରିବ୍ୟୁଶନ୍ ରିପୋର୍ଟରେ ଉଲ୍ଲେଖ କରିଥାଆନ୍ତି। ଅନ୍ୟପକ୍ଷେ ଦଳଗୁଡ଼ିକ ନିଜର ବାର୍ଷିକ ଅଡିଟ୍ ରିପୋର୍ଟରେ ଆୟର ଯେଉଁ ସୂତ୍ର ସମ୍ପର୍କରେ ସୂଚନା ଦେଇ ନ ଥାଆନ୍ତି, ତାକୁ 'ଅଜଣା ଉତ୍ସ' ବୋଲି ବିବେଚନା କରାଯାଏ। ଇଲେକ୍ଟୋରାଲ ବଣ୍ଡ୍ ଜରିଆରେ ୨୦,୦୦୦ ଟଙ୍କାରୁ କମ୍ ଚାନ୍ଦା ଦେଇଥିବା ବ୍ୟକ୍ତି ବା ସଙ୍ଗଠନର ନାମ ପ୍ରଘଟ କରିବାକୁ ବାଧ୍ୟ ନୁହନ୍ତି। ଏଡିଆର୍ କହିଛି, ଏଭଳି ଅଜଣା ଉତ୍ସ ମଧ୍ୟରେ ଇଲେକ୍ଟୋରାଲ ବଣ୍ଡ୍, କୁପନ୍ ବିକ୍ରି, ରିଲିଫ୍ ପାଣ୍ଠି, ବିବିଧ ଆୟ ଓ ସଭାରୁ ସଂଗୃହୀତ ଅର୍ଥ ଅନ୍ତର୍ଭୁକ୍ତ। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ନଜର ତୁର୍କୀ ଉପରେ**

# କୃତ୍ରିମ ଶର୍କରା ବ୍ୟବହାର ବିପଜ୍ଜନକ: ଡବ୍ଲ୍ୟୁଏଚ୍ଓ

ୱାଶିଂଟନ, ୧୬।୫

ଓଜନ କମାଇବାକୁ ଚାହୁଁଥିଲେ ଶର୍କରାର ବିକଳ୍ପ ବ୍ୟବହାର ନ କରିବାକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍ଓ) ସତର୍କ କରାଇଛି। ସ୍ୱାଦ ବଜାୟ ରଖିବା ପାଇଁ ଅନେକ ଲୋକ ଚିନିର ବିକଳ୍ପ ଭାବେ କୃତ୍ରିମ ଶର୍କରା ବ୍ୟବହାର କରିଥାଆନ୍ତି। ତେବେ ଉକ୍ତ କୃତ୍ରିମ ଶର୍କରା ପିଲା ଏବଂ ବୟସ୍କମାନଙ୍କ ଶରୀରର ସ୍ନେହସାର କମାଇବା ଦିଗରେ ଦୀର୍ଘମିଆଦୀ ଲାଭ ଦେଇ ନ ଥାଏ ବୋଲି ଡବ୍ଲ୍ୟୁଏଚ୍ଓ ଅଧ୍ୟୟନରୁ ଜାଣିବାକୁ ପାଇଛି। କୃତ୍ରିମ ଶର୍କରା ଓଜନ ହ୍ରାସ ପାଇଁ ଲାଭଦାୟକ ହୋଇ ନ ଥିବାବେଳେ ଏହା ଟାଇପ୍-୨ ଡାଇବେଟିସ ଏବଂ ହୃଦ୍‌ରୋଗ ଏପରିକି ମୃତ୍ୟୁ ଆଶଙ୍କା ବଢ଼ାଇଥାଏ ବୋଲି ଡବ୍ଲ୍ୟୁଏଚ୍ଓ ଜାରି କରିଥିବା ନୂଆ ଗାଇଡ୍‌ଲାଇନରେ କୁହାଯାଇଛି। ଶର୍କରାମୁକ୍ତ ପଦାର୍ଥ ଖାଇବା କମାଇବାକୁ ଚାହୁଁଥିଲେ ଅନ୍ୟ ଉପାୟ ଚିନ୍ତା କରିବା ଆବଶ୍ୟକ ବୋଲି ☞ପୃଷ୍ଠା-୪







**ସଂକ୍ଷେପରେ**

## ଗଡ଼କରୀଙ୍କୁ ହତ୍ୟା ଧମକ



**ନୂଆଦିଲ୍ଲୀ, ୧୬।୫:** କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ୍ ଗଡ଼କରୀଙ୍କୁ ସୋମବାର ସନ୍ଧ୍ୟାରେ ହତ୍ୟା ଧମକ ମିଳିବା ପରେ ଦିଲ୍ଲୀ ପୋଲିସ ଏହାର ତଦନ୍ତ ଚଳାଇଛି। ଗଡ଼କରୀଙ୍କ ନୂଆଦିଲ୍ଲୀ ବାସଭବନକୁ କେହି ଅଜଣା ବ୍ୟକ୍ତି ଫୋନ୍ କରି ମନ୍ତ୍ରୀଙ୍କ ସହ କଥା ହେବାକୁ ଦାବି କରିବା ସହ ଧମକ ଦେଇଥିଲେ। ବାସଭବନର ଅଧିକାରୀ ତୁରନ୍ତ ପୋଲିସକୁ ଜଣାଇବା ପରେ ତଦନ୍ତ ଆରମ୍ଭ ହୋଇଛି। ଏହା ଗଡ଼କରୀଙ୍କୁ ଦ୍ୱିତୀୟ ହତ୍ୟା ଧମକ। ଗତ ଜାନୁୟାରୀରେ ମହାରାଷ୍ଟ୍ରରେ ଥିବା ତାଙ୍କ ଅଫିସ ଓ ବାସଭବନକୁ ଧମକ ଆସିଥିଲା। କର୍ଣ୍ଣାଟକର ବେଲାଗାଭି ଜେଲ୍‌ରୁ ଜଣେ ଗ୍ୟାଙ୍ଗଷ୍ଟର ତଥା ହତ୍ୟା ଅପରାଧୀ ଫୋନ୍ କରି ଏଭଳି ଧମକ ଦେଇଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଥିଲା।

## ୟୁପିଏସ୍‌ସି ଅଧ୍ୟକ୍ଷ ଭାବେ ଶପଥ ନେଲେ ମନୋଜ ସୋନି

**ନୂଆଦିଲ୍ଲୀ, ୧୬।୫ (ପି.ଟି.):** ବିଶିଷ୍ଟ ଶିକ୍ଷାବିତ୍ ମନୋଜ ସୋନି ମଙ୍ଗଳବାର କେନ୍ଦ୍ର ଲୋକସେବା ଆୟୋଗ (ୟୁପିଏସ୍‌ସି)ର ଅଧ୍ୟକ୍ଷ ଭାବେ ଶପଥ ଗ୍ରହଣ କରିଛନ୍ତି।



ସେ ୨୦୧୭ ଜୁନ୍ ୨୮ରେ ୟୁପିଏସ୍‌ସି ସଦସ୍ୟ ଭାବେ ଯୋଗଦେଇଥିବାବେଳେ ୨୦୨୨ ଏପ୍ରିଲ ୫ରୁ ଏହାର ଅଧ୍ୟକ୍ଷ କାର୍ଯ୍ୟ ତୁଲାଇଆସୁଥିଲେ। କମିଶନ୍‌ର ସର୍ବବରିଷ୍ଠ ସଦସ୍ୟ ସ୍ମିତା ନାଗରାଜ ତାଙ୍କୁ ଅଧ୍ୟକ୍ଷ ଭାବେ ଶପଥ ପାଠ କରାଇଛନ୍ତି। ଭାରତୀୟ ପ୍ରଶାସନିକ ସେବା(ଆଇଏଏସ୍), ଭାରତୀୟ ବିଦେଶ ସେବା(ଆଇଏଫ୍‌ଏସ୍) ଏବଂ ଭାରତୀୟ ପୋଲିସ ସେବା (ଆଇପିଏସ୍)ର ଅଫିସରମାନଙ୍କୁ ଚୟନ କରିବା ଲାଗି ସିଭିଲ୍ ସର୍ଭିସ ପରୀକ୍ଷା ୟୁପିଏସ୍‌ସି ପରିଚାଳନା କରିଥାଏ। ଅଧ୍ୟକ୍ଷଙ୍କ ବ୍ୟତୀତ କମିଶନରେ ସର୍ବାଧିକ ୧୦ ଜଣ ସଦସ୍ୟ ରହିଥାନ୍ତି। ଏବେ ୟୁପିଏସ୍‌ସିରେ ୫ ସଦସ୍ୟ ପଦ ଖାଲି ରହିଛି। ୟୁପିଏସ୍‌ସି ଅଧ୍ୟକ୍ଷ ନିଯୁକ୍ତ ହେବା ପୂର୍ବରୁ ସୋନି ୨୦୦୯ରୁ ୨୦୧୫ ଡ. ବାବାସାହେବ ଆମ୍ବେଦ୍‌କର ଓପନ ୟୁନିଭର୍ସିଟିର କୁଳପତି ଥିଲେ। ସେ ୨୦୦୫ରୁ ୨୦୦୮ ମହାରାଜା ସାୟାଜୀରାଓ ୟୁନିଭର୍ସିଟିର କୁଳପତି ଭାବେ କାର୍ଯ୍ୟ କରିଥିଲେ।

## ସୁପ୍ରିମକୋର୍ଟ ବିଚାରପତି ପଦ ପାଇଁ ୨ ଜଣଙ୍କ ନାଁ ସୁପାରିସ

**ନୂଆଦିଲ୍ଲୀ, ୧୬।୫:** ସୁପ୍ରିମକୋର୍ଟ ବିଚାରପତି ପଦ ପାଇଁ ୨ ଜଣଙ୍କ ନାଁ ସୁପାରିସ କରାଯାଇଛି। ସୁପ୍ରିମକୋର୍ଟ କଲେଜିୟମ ଜଷ୍ଟିସ୍ ପ୍ରଶାନ୍ତ କୁମାର ମିଶ୍ରା ଏବଂ ବରିଷ୍ଠ ଆଇନଜୀବୀ କେ.ଭି. ବିଶ୍ୱନାଥନଙ୍କ ନାମ ସର୍ବୋଚ୍ଚ ଅଦାଲତର ବିଚାରପତି ପଦ ପାଇଁ ସୁପାରିସ କରିଛନ୍ତି। ଜଷ୍ଟିସ ମିଶ୍ରା ଏବେ ଆନ୍ଧ୍ରପ୍ରଦେଶ ହାଇକୋର୍ଟର ମୁଖ୍ୟ ବିଚାରପତି ଅଛନ୍ତି।

## ତାମିଲନାଡୁ ମଦ ମୃତ୍ୟୁସଂଖ୍ୟା ୧୯

**ଚେନ୍ନାଇ, ୧୬।୫:** ତାମିଲନାଡୁରେ ବିଷାକ୍ତ ମଦ୍ୟପାନଜନିତ ମୃତ୍ୟୁସଂଖ୍ୟା ମଙ୍ଗଳବାର ୧୯ରେ ପହଞ୍ଚିଛି। ଭିଲୁପୁରମ୍ ପୋଲିସର କହିବା ଅନୁଯାୟୀ, ମଙ୍ଗଳବାର ସକାଳେ ଉକ୍ତ ଜିଲାର ୨ ଜଣ ସରକାରୀ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଛନ୍ତି। ରାଜ୍ୟରେ ବେଆଇନ ମଦ ବିକ୍ରି ସମ୍ପୂର୍ଣ୍ଣ ବନ୍ଦ ଦାବିରେ ମୃତକଙ୍କ ସମ୍ପର୍କୀୟମାନେ ପୁଡୁଚେରୀ-ଟିଣ୍ଡିଭାନମ ରାସ୍ତାକୁ ଅବରୋଧ କରିଥିଲେ। ସୂଚନାଯୋଗ୍ୟ, ଗତ ଶନିବାର ଭିଲୁପୁରମ୍ ଜିଲା ମରକ୍କନମ ଅନ୍ତର୍ଗତ ଏକିୟାରାକୁପ୍ପମ୍ ଗ୍ରାମରେ ଏକ ବିବାହ ଉତ୍ସବରେ ସ୍ଥାନୀୟ ମଦ ପିଇ ୫୦ ଜଣ ଅସୁସ୍ଥ ହୋଇ ପଡ଼ିଥିଲେ। ସେମାନଙ୍କୁ ହସ୍ପିଟାଲ ନିଆଯାଇଥିବାବେଳେ ରବିବାର ୧୧ ଜଣଙ୍କର ମୃତ୍ୟୁ ଘଟିଥିଲା। ସୋମବାର ୬ ଜଣ ପ୍ରାଣ ହରାଇଥିବାବେଳେ ମଙ୍ଗଳବାର ଆଉ ୨ ଜଣଙ୍କ ଜୀବନ ଯାଇଛି।



ସୁଦାନ ସଂଘର୍ଷରେ ଘରଦ୍ୱାର ଓ ଆତ୍ମୀୟଙ୍କୁ ହରାଇ ଚାଦ୍‌ର ବୋରୋଟା ସୀମାରେ ଆଶ୍ରୟ ନେଇଛନ୍ତି ଜଣେ ଯୁବତୀ।

## ବାଣ କାରଖାନାରେ ବିସ୍ଫୋରଣ: ୯ ମୃତ

**କୋଲକାତା, ୧୬।୫**

ପଶ୍ଚିମବଙ୍ଗର ପୂର୍ବ ମେଦିନିପୁର ଜିଲା ଅନ୍ତର୍ଗତ ଏଗ୍ରା ବ୍ଲକ୍‌ରେ ଥିବା ଏକ ବେଆଇନ ବାଣ କାରଖାନାରେ ମଙ୍ଗଳବାର ବିସ୍ଫୋରଣ ଘଟି ୯ ଜଣଙ୍କ ମୃତ୍ୟୁ ହେବା ସହ ୫ ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକଙ୍କ ପରିବାର ପାଇଁ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ୨.୫ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। ଉକ୍ତ ବେଆଇନ ବାଣ କାରଖାନାର ମାଲିକ ପୂର୍ବରୁ ଗିରଫ ହୋଇ ଜାମିନରେ ଆସିଥିଲେ। ବିସ୍ଫୋରଣ ପରେ ସେ ଓଡ଼ିଶା ପଳାଇଥିବା ମମତା କହିଛନ୍ତି। ବାଣ ବିସ୍ଫୋରଣ ଘଟଣାର ତଦନ୍ତ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଦ୍ୱାରା କରାଇବା ପାଇଁ ବିରୋଧୀ ଦଳ ଭାଜପା ଦାବି କରିଛି। ଏନ୍‌ଆଇଏ ତଦନ୍ତରେ ତାଙ୍କର କୌଣସି ସମସ୍ୟା ନ ଥିବାବେଳେ ଉକ୍ତ ପ୍ରସଙ୍ଗର ରାଜନୀତିକରଣ କରା ନ ଯାଉ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବେଆଇନ ବାଣ କାରଖାନା ସମ୍ପର୍କରେ ସୂଚନା ଦେବାକୁ ରାଜ୍ୟ ପରିବେଶ ମନ୍ତ୍ରୀ ମାନସ ରଞ୍ଜନ ଭୁନିଆ ଜନସାଧାରଣଙ୍କୁ ନିବେଦନ କରିଛନ୍ତି।

ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ ବାଣ କାରଖାନା ଚାଲୁଥିବା ଆବାସିକ ବିଲ୍ଡିଂଟି ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ଘଟଣାର ତଦନ୍ତ ଚାଲିଥିବା ପୋଲିସ କହିଛି।



ଅନ୍ୟପକ୍ଷରେ ଉକ୍ତ ଫ୍ୟାକ୍ଟ୍ରିରେ ବୋମା ତିଆରି ହେଉଥିଲା ବୋଲି ଭାଜପା ଅଭିଯୋଗ କରିବା ସହ ଏହାର ଏନ୍‌ଆଇଏ ତଦନ୍ତ ଦାବି କରିଛି। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଏବଂ ରାଜ୍ୟପାଳ ସି.ଭି. ଆନନ୍ଦ ବୋଷଙ୍କ ହସ୍ତକ୍ଷେପ ପାଇଁ ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀ ଦାବି କରିଛନ୍ତି। ପୋଲିସ ମୃତଦେହଗୁଡ଼ିକୁ ବେଆଇନ ଭାବେ ଉଠାଇନେଉଥିବାର କେନ୍ଦ୍ରୀୟ ଫୋର୍ସ ମୁତୟନ ଲାଗି ଶୁଭେନ୍ଦୁ କହିଛନ୍ତି।

**ଇଡିକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ**

# ଆତଙ୍କ ସୃଷ୍ଟି କରନାହିଁ

**କେନ୍ଦ୍ରରେ କ୍ଷମତାସୀନ ଭାଜପା ସରକାର କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାଗୁଡ଼ିକର ଦୁରୁପଯୋଗ କରି ବିରୋଧୀଙ୍କ ସ୍ୱର ଚପାଇବାକୁ ଉଦ୍ୟମ କରୁଥିବା ଅଭିଯୋଗ ହୋଇଆସୁଛି। କେଉଁଠି ସିବିଆଇ ତ ପୁଣି କେଉଁ ରାଜ୍ୟରେ ଇଡିକୁ ଲଗାଇ ବିରୋଧୀ ଦଳଗୁଡ଼ିକର ନେତାମାନଙ୍କୁ ଅପଦସ୍ଥ କରାଯାଉଛି। ବିଶେଷକରି ବିହାର, ଝାଡ଼ଖଣ୍ଡ, ଦିଲ୍ଲୀ, ମହାରାଷ୍ଟ୍ର, ପଶ୍ଚିମବଙ୍ଗ, ଛତିଶଗଡ଼ ଭଳି ଅଣଭାଜପା ଶାସିତ ରାଜ୍ୟଗୁଡ଼ିକରେ ସେଣ୍ଟ୍ରାଲ ଏଜେନ୍ସିର ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ଚଳିତବର୍ଷ ଛତିଶଗଡ଼ ବିଧାନସଭା ଭୋଟ ହେବାକୁ ଥିବାବେଳେ ଆସନ୍ତା ବର୍ଷ ଲୋକ ସଭା ନିର୍ବାଚନ ଅନୁଷ୍ଠିତ ହେବ। ଏହାକୁ ଦୃଷ୍ଟିରେ ରଖି ଏପରି କରାଯାଉଥିବା ଅଭିଯୋଗ ହେଉଛି। ଏହି କ୍ରମରେ ଛତିଶଗଡ଼ ସରକାର ସୁପ୍ରିମକୋର୍ଟରେ ଏକ ସତ୍ୟପାଠ ଦାଖଲ କରିଛନ୍ତି। ରାଜ୍ୟ ଅବକାରୀ ବିଭାଗର ୫୨ ଅଫିସରଙ୍କୁ ଇଡି ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିବା ଏଥିରେ ଦର୍ଶାଯାଇଛି। ଏପରି କି ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲଙ୍କୁ ଅବକାରୀ ଦୁର୍ନୀତିରେ ଛନ୍ଦିବା ପାଇଁ ଇଡି ଉଦ୍ୟମ ଚଳାଇଥିବା ସରକାର ଅଭିଯୋଗ ଆଣିଛନ୍ତି। ସର୍ବୋଚ୍ଚ ଅଦାଲତ ଏହା ଉପରେ ଇଡିକୁ ଜବାବ ମାଗିବା ସହ ଆତଙ୍କର ବାତାବରଣ ନ ଖେଳାଇବାକୁ ନିର୍ଦ୍ଦେଶ ଦେଇଛନ୍ତି।**

**ନୂଆଦିଲ୍ଲୀ, ୧୬।୫ (ଆଇଏଏନ୍‌ଏସ୍)**

ଛତିଶଗଡ଼ରେ ୨,୦୦୦ କୋଟି ଟଙ୍କାର ମଦ ଦୁର୍ନୀତିର ମନିଲଣ୍ଡରିଂ ଦିଗ ଉପରେ ତଦନ୍ତ କରୁଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଆତଙ୍କର ବାତାବରଣ ସୃଷ୍ଟି ନ କରିବାକୁ ମଙ୍ଗଳବାର ସୁପ୍ରିମକୋର୍ଟ କହିଛନ୍ତି। ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କୁ



ଏହି ମାମଲାରେ ଅଭିଯୁକ୍ତ କରାଇବା ପାଇଁ ଉଦ୍ୟମ ହେଉଥିବା ରାଜ୍ୟ ସରକାର ଅଭିଯୋଗ କରିବା ପରେ ଜଷ୍ଟିସ୍ ଏସ୍.କେ. କୌଲ ଏବଂ ଏ. ଅମାନୁଲ୍ଲାଙ୍କ ଖଣ୍ଡପୀଠ ଉପରୋକ୍ତ ପରାମର୍ଶ ଦେଇଛନ୍ତି। ଛତିଶଗଡ଼ ସରକାରଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ କପିଲ ସିବଲ କହିଥିଲେ, ଇଡି ପକ୍ଷରୁ ଅବକାରୀ ଅଧିକାରୀଙ୍କୁ ଧମକ ଦିଆଯାଉଛି। ଆଗକୁ ନିର୍ବାଚନ ଥିବାରୁ ଏଭଳି କରାଯାଉଥିବା ସେ ଅଭିଯୋଗ କରିଥିଲେ। ଅନ୍ୟପକ୍ଷରେ ଇଡି ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଅତିରିକ୍ତ ସଲିସିଟର ଜେନେରାଲ ଏସ୍.ଭି. ରାଜୁ ସିବଲଙ୍କ ଯୁକ୍ତିକୁ ଖଣ୍ଡନ କରିବା ସହ ଇଡି ଦୁର୍ନୀତିର ତଦନ୍ତ କରୁଥିବା କହିଥିଲେ। ଛତିଶଗଡ଼ ମଦ ଦୁର୍ନୀତି ମାମଲାରେ ଇଡି ମେ' ୧୨ରେ ଅବକାରୀ ବିଭାଗ ସ୍ୱତନ୍ତ୍ର ସଚିବ ଅରୁଣ ପତି ତ୍ରିପାଠୀଙ୍କୁ ଗିରଫ କରିଛି। ଅରୁଣ ଅବକାରୀ ନୀତିରେ ପରିବର୍ତ୍ତନ ଆଣିବାରୁ ୨୦୧୯ରୁ ୨୦୨୨ ମଧ୍ୟରେ ୨,୦୦୦ କୋଟି ଟଙ୍କାର ଦୁର୍ନୀତି ହୋଇପାରିଥିବା ଦର୍ଶାଇ ମନି ଲଣ୍ଡରିଂ ନିବାରଣ ଆଇନ (ପିଏମ୍‌ଏଲ୍‌ଏ) ବଳରେ ଇଡି ଏହି ମାମଲାର ତଦନ୍ତ ଚଳାଇଛି। ଅରୁଣ ଭାରତୀୟ ଟେଲିକମ୍ ସେବାରୁ ଆସି ଛତିଶଗଡ଼ ସରକାରଙ୍କ ଅଧୀନରେ ୭ ବର୍ଷ ହେଲା କାର୍ଯ୍ୟ କରୁଛନ୍ତି। ଛତିଶଗଡ଼ ଷ୍ଟେଟ୍ ମାର୍କେଟିଂ କୋଅପରେଶନ ଲିଃ (ସିଏସ୍‌ଏମ୍‌ସିଏଲ୍) ପରିଚାଳନା ନିର୍ଦ୍ଦେଶକ ଭାବେ କାର୍ଯ୍ୟରତ ଅରୁଣଙ୍କୁ ରାଜ୍ୟ ସରକାର ଅବକାରୀ ବିଭାଗରେ ସ୍ୱତନ୍ତ୍ର ସଚିବ ଦାୟିତ୍ୱ ଦେଇଛନ୍ତି।

## ଗୁଜରାଟର ୩ ପୋଲିସ ନାଁରେ ହତ୍ୟା ମାମଲା

**ହାଜତରେ ଶ୍ରମିକଙ୍କୁ ପିଟିଥିଲେ**

**ବୋଟାଡ୍, ୧୬।୫**

ଗୁଜରାଟର ବୋଟାଡ୍ ଜିଲା ଟାଉନ୍ ଥାନାରେ କାର୍ଯ୍ୟରତ ୩ ଜଣ କନ୍‌ଷ୍ଟେବଲ ଗତ ଏପ୍ରିଲ ୧୪ରେ ଶ୍ରମିକ କାଲୁ ପଧାର୍ଶି(୨୮)ଙ୍କୁ ଏକ ମାମଲାରେ ଜେରା ପାଇଁ ତାଙ୍କ ଘରୁ ଉଠାଇ ନେଇଥିଲେ। ଥାନାରେ ତାଙ୍କୁ ଅତି ଅମାନୁଷିକ ଭାବେ ମାଡ଼ ମାରିବା ପରେ ଛାଡ଼ି ଦେଇଥିଲେ। ଗୁରୁତର ଅବସ୍ଥାରେ କାଲୁଙ୍କୁ ଅହମଦାବାଦ ସିଭିଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ମେ' ୧୪ରେ ତାଙ୍କ ମୃତ୍ୟୁ ଘଟିଥିଲା। ଚିକିତ୍ସାଧୀନ ଅବସ୍ଥାରେ କାଲୁ ଥାନାରେ ତାଙ୍କୁ ଦିଆଯାଇଥିବା ନିର୍ଯାତନା ସମ୍ପର୍କରେ କହିଥିଲେ। ୩ ଅଭିଯୁକ୍ତ କନ୍‌ଷ୍ଟେବଲ ଅମିରାଜ ବୋରିଚା, ରାହିଲ ସିଦାତର ଓ ନିକୁଲସିଂ ଯାଦବଙ୍କ ବିରୋଧରେ ସୋମବାର ରାତିରେ ହତ୍ୟା ମାମଲା ରୁଜୁ ହୋଇଥିବା ବୋଟାଡ୍ ଏସ୍‌ପି କିଶୋର ବଲୋଲିୟା ସୂଚନା ଦେଇଛନ୍ତି। ଏଫ୍‌ଆଇଆର୍ ଅନୁସାରେ ୩ କନ୍‌ଷ୍ଟେବଲ ଏକ ମାମଲାରେ ୱାଣ୍ଟେଡ୍ ଥିବା ଜଣେ ବ୍ୟକ୍ତିଙ୍କ ସମ୍ପର୍କରେ ପଚରାଉଚରା ପାଇଁ କାଲୁଙ୍କୁ ଥାନାକୁ ନେଇଥିଲେ। କାଲୁ ସମ୍ପୃକ୍ତ ବ୍ୟକ୍ତିଙ୍କ ସମ୍ପର୍କରେ କିଛି ଜାଣି ନ ଥିବା କହିବାରୁ ସେମାନେ ତାଙ୍କୁ ନିଜ ବାଇକ୍‌ର ରେଜିଷ୍ଟ୍ରେଶନ୍ କାଗଜପତ୍ର ମାଗିଥିଲେ। ତିନିଜଣ ଯାକ ସାଦା ପୋଷାକରେ ଥିବାରୁ କାଲୁ ସେମାନଙ୍କୁ ନିଜ ପରିଚୟପତ୍ର ମାଗିଥିଲେ। ଏହାକୁ ନେଇ ୩ କନ୍‌ଷ୍ଟେବଲ ଉତ୍ତ୍ୟକ୍ତ ହୋଇ ତାଙ୍କୁ ମାଡ଼ ମାରିବା ସହ ଥାନାକୁ ନେଇଯାଇଥିଲେ। ସେଠାରେ ମଧ୍ୟ ତାଙ୍କୁ ନିର୍ଯାତନା ଦେଇଥିଲେ। ସେହିଦିନ ଅପରାହ୍ନରେ କାଲୁଙ୍କୁ ଛାଡ଼ି ଦିଆଯାଇଥିଲା। ଘରକୁ ଯାଇ କାଲୁ ପରିବାର ଲୋକଙ୍କୁ ସବୁକଥା କହିଥିଲେ। ସ୍ୱାସ୍ଥ୍ୟ ଖରାପ ହେବାରୁ ତାଙ୍କୁ ଏପ୍ରିଲ ୧୭ରେ ଭାବନଗରସ୍ଥିତ ଏକ ସରକାରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଡାକ୍ତରମାନେ ତାଙ୍କର ବ୍ରେନ୍ ହେମରେଜ୍ ହୋଇଥିବା ଜାଣିବାକୁ ପାଇ ଅହମଦାବାଦ ରେଫର କରିଥିଲେ। ସିଭିଲ ହସ୍ପିଟାଲରେ ତାଙ୍କ ମସ୍ତିଷ୍କ ଅସ୍ତ୍ରୋପଚାର କରାଯାଇଥିଲା। ସେବେଠୁ ସେ ଭେଣ୍ଟିଲେଟର ସପୋର୍ଟରେ ଥିଲେ।

## ଜେଲ ଗଲେ ଡିଆର୍‌ଡିଓ ବୈଜ୍ଞାନିକ

**ଗୁପ୍ତଚରଗିରି ମାମଲା**

**ନୂଆଦିଲ୍ଲୀ, ୧୬।୫**




ଡ. ପ୍ରଦୀପ କୁରୁଲକର

ପାକିସ୍ତାନର ଗୋଇନ୍ଦା ସଂସ୍ଥାକୁ ଗୋପନୀୟ ତଥ୍ୟ ଯୋଗାଉଥିବା ଅଭିଯୋଗରେ ଗିରଫ ଡିଆର୍‌ଡିଓ ବୈଜ୍ଞାନିକ ଡ. ପ୍ରଦୀପ କୁରୁଲକରଙ୍କୁ ୧୪ ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ମଙ୍ଗଳବାର ମହାରାଷ୍ଟ୍ର ପୁଣେର ଏକ ସ୍ୱତନ୍ତ୍ର ଅଦାଲତ ବୈଜ୍ଞାନିକ କୁରୁଲକରଙ୍କୁ ମେ' ୨୯ ପର୍ଯ୍ୟନ୍ତ ଜେଲ ପଠାଇଛନ୍ତି। ଡିଆର୍‌ଡିଓ ଲାବ୍‌ର ନିର୍ଦ୍ଦେଶକ ଥିବା କୁରୁଲକରଙ୍କୁ ଗତ ୩ ତାରିଖରେ ମହାରାଷ୍ଟ୍ର ପୋଲିସର ଏଟିଏସ୍ ଟିମ୍ ଗିରଫ କରିଥିଲା। ଶୁଣାଣି ବେଳେ ବୈଜ୍ଞାନିକଙ୍କର ଉଚ୍ଚ ରକ୍ତ ଶର୍କରା ଥିବା ଦର୍ଶାଇ କେତେକ ଔଷଧ ଓ ଘରରନ୍ଧା ଖାଦ୍ୟ ପାଇଁ ଅନୁରୋଧ କରିଥିଲେ। ଔଷଧ ପାଇଁ କୋର୍ଟ ଅନୁମତି ଦେଇଥିଲେ ହେଁ ଘରରନ୍ଧା ଖାଦ୍ୟ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରିଦେଇଛନ୍ତି। କୁରୁଲକର ହ୍ୱାଟ୍ସଆପ୍ ଏବଂ ଭିଡିଓ କଲ୍ ଜରିଆରେ ପାକିସ୍ତାନୀ ଗୋଇନ୍ଦା ସଂସ୍ଥା ସହ ଯୋଗାଯୋଗରେ ଥିଲେ। ସେ ହନିଟ୍ରାପ୍‌ରେ ଫସିଥାଇପାରନ୍ତି ବୋଲି ଗତ ସପ୍ତାହରେ ଏଟିଏସ୍‌ର ଜଣେ ଅଧିକାରୀ କହିଥିଲେ।

## ଖବରଦାତାଙ୍କ ନାଁରେ ସିବିଆଇ ମାମଲା

**ନୂଆଦିଲ୍ଲୀ, ୧୬।୫(ପି.ଟି.)**

**ଗୁପ୍ତ ପ୍ରତିରକ୍ଷା ତଥ୍ୟ ପାକିସ୍ତାନକୁ ଦେଉଥିଲେ**

ଭାରତର ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ (ଡିଆର୍‌ଡିଓ) ଏବଂ ସୈନ୍ୟବାହିନୀ ସମ୍ପର୍କିତ ସମ୍ବେଦନଶୀଳ ତଥ୍ୟ ସଂଗ୍ରହ କରି ଏହାକୁ ପାକିସ୍ତାନୀ ଓ ଅନ୍ୟ ବିଦେଶୀ ରାଷ୍ଟ୍ରର ଗୋଇନ୍ଦା ସଂସ୍ଥାକୁ ଯୋଗାଉଥିବା ଅଭିଯୋଗରେ ମୁକ୍ତବୃତ୍ତ ଖବରଦାତାଙ୍କ ବିରୋଧରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ମାମଲା ରୁଜୁ କରିଛି। ଏତଲାକୁ ଆଧାର କରି ସିବିଆଇ ମୁକ୍ତବୃତ୍ତ ଖବରଦାତା ବିବେକ ରଘୁବଂଶୀ ଓ ତାଙ୍କର କେତେଜଣ ଘନିଷ୍ଠଙ୍କର ଦିଲ୍ଲୀ ଏବଂ ଜୟପୁରରେ ଥିବା ଘର ଉପରେ ଚଢ଼ାଉ କରିଥିଲା। ଏହି ଚଢ଼ାଉ ବେଳେ ଅନେକ ସମ୍ବେଦନଶୀଳ ଦସ୍ତାବିଜ ଜବତ ହୋଇଛି। ରଘୁବଂଶୀଙ୍କୁ ଗୁପ୍ତଚର ଗିରି ପାଇଁ ଭାରତ ଓ ବିଦେଶରେ କିଏ ସହାୟତା କରୁଥିଲେ, ତାହା ଜାଣିବା ପାଇଁ ସିବିଆଇ ତଦନ୍ତ



ବିବେକ ରଘୁବଂଶୀ

ଜାରି ରଖିଛି। ସିବିଆଇର ଅଭିଯାଗ ଅନୁଯାୟୀ ରଘୁବଂଶୀ ଜାତୀୟ ସୁରକ୍ଷା ସମ୍ପର୍କିତ ଯୋଗାଯୋଗ ତଥ୍ୟ ସହ ଭାରତର ରଣନୀତି ଓ କୂଟନୈତିକ କଥାବାର୍ତ୍ତାକୁ ତାଙ୍କର ବନ୍ଧୁ ରାଷ୍ଟ୍ରଙ୍କ ସହ ଶେୟାର କରୁଥିଲେ।

# ସମସ୍ତଙ୍କୁ ମାରିଦେଲି

**ସ୍ତ୍ରୀ, ଝିଅପୁଅଙ୍କୁ ଛୁରାମାଡ଼ ପରେ ଆତ୍ମହତ୍ୟା**

**ନୂଆଦିଲ୍ଲୀ, ୧୬।୫**

ଦିଲ୍ଲୀ ମେଟ୍ରୋର ଜଣେ କର୍ମଚାରୀ ନିଜ ସ୍ତ୍ରୀ ଓ ଦୁଇପିଲାଙ୍କୁ ଛୁରି ଭୁସିବା ପରେ ନିଜ ବେକରେ ଦଉଡ଼ି ଲଗାଇ ଆତ୍ମହତ୍ୟା କରିଛନ୍ତି। ୪୫ ବର୍ଷୀୟ ସୁଶୀଲ କୁମାର, ତାଙ୍କ ସ୍ତ୍ରୀ ଅନୁରାଧା(୪୦), ୬ ବର୍ଷୀୟା ଝିଅ ଅଦିତିଙ୍କ ମୃତ୍ୟୁ ଘଟିଥିବାବେଳେ ପୁଅ ଯୁବରାଜ(୧୩) ଗୁରୁତର ଅବସ୍ଥାରେ ଏକ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ଉତ୍ତରପୂର୍ବ ଦିଲ୍ଲୀର ଶାହଦୋରା ଜିଲା ଜ୍ୟୋତି କଲୋନିରେ ଏହି ଘଟଣା ଘଟିଛି।

ସୁଶୀଲ ଦିଲ୍ଲୀ ମେଟ୍ରୋର ଇଷ୍ଟ ବିନୋଦନଗର ଡିପୋରେ ସୁପରଭାଇଜର ଭାବେ କାର୍ଯ୍ୟ କରୁଥିଲେ। ସେ ନିଜ ପରିବାରର ସମସ୍ତଙ୍କୁ ଛୁରି ଭୁସିବା ପରେ ନିଜ କମ୍ପ୍ୟୁଟର ଖୋଲି ଇଣ୍ଟରନେଟ୍‌ରେ ଗଣ୍ଠି ପକାଇବାର ଉପାୟ ଖୋଜିଥିଲେ। ସୁଶୀଲ ଅଫିସକୁ ନ ଯିବାରୁ ତାଙ୍କର ଜଣେ ସହକର୍ମୀ ତାଙ୍କୁ ଫୋନ୍ କରିଥିଲେ। ସେତେବେଳେ ସୁଶୀଲ କାନ୍ଦି କାନ୍ଦି କହିଥିଲେ, ସମସ୍ତଙ୍କୁ ମାରିଦେଲି। ସମ୍ପୃକ୍ତ ସହକର୍ମୀ ଜଣକ ପୋଲିସକୁ ଫୋନ୍ କରି ଜଣାଇବାରୁ ପିସିଆର୍ ଭ୍ୟାନ୍ ସୁଶୀଲଙ୍କ ଘରେ ପହଞ୍ଚିଥିଲା। କିନ୍ତୁ ସେତେବେଳକୁ ସୁଶୀଲ ନିଜ ବେକରେ ଦଉଡ଼ି ଲଗାଇ ଆତ୍ମହତ୍ୟା କରିସାରିଥିଲେ। ପୋଲିସ ୩ ମୃତଦେହ ଜବତ କରି ତଦନ୍ତ ଚଳାଇଛି। ଫୋରେନ୍‌ସିକ୍ ଟିମ୍ ମଧ୍ୟ ଘଟଣାସ୍ଥଳରେ ଛାନ୍‌ଭିନ୍ କରୁଛି।

# ଘରୋଇ ଚାକିରିଆ ହେବେ ସରକାରୀ ବାବୁ

**ନୂଆଦିଲ୍ଲୀ, ୧୬।୫**

ଘରୋଇ କ୍ଷେତ୍ରରେ କାର୍ଯ୍ୟରତ ବିଶେଷଜ୍ଞମାନଙ୍କୁ କେନ୍ଦ୍ର ସରକାର ବିଭିନ୍ନ ବିଭାଗରେ ଯୁଗ୍ମ ସଚିବ, ନିର୍ଦ୍ଦେଶକ, ଉପସଚିବ ଭାବେ ଠିକା ନିଯୁକ୍ତି ଦେବାକୁ ଯାଉଛନ୍ତି। କାର୍ମିକ ଓ ତାଲିମ ବିଭାଗ ପକ୍ଷରୁ କେନ୍ଦ୍ର ଲୋକ ସେବା ଆୟୋଗ (ୟୁପିଏସ୍‌ସି)କୁ ଏନେଇ ପରାମର୍ଶ ଦିଆଯାଇଛି। ପ୍ରାଇଭେଟ୍ ସେକ୍ଟରର ସ୍ପେଶାଲିଷ୍ଟମାନଙ୍କୁ 'ଲାଟେରାଲ ଏଣ୍ଟ୍ରି' ମୋଡ୍‌ରେ ସରକାରଙ୍କ ୧୨ ବିଭାଗ/ମନ୍ତ୍ରଣାଳୟରେ ନିଯୁକ୍ତି ପ୍ରଦାନ କରାଯିବ ବୋଲି ମଙ୍ଗଳବାର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

ସାଧାରଣତଃ ଯୁଗ୍ମ ସଚିବ, ନିର୍ଦ୍ଦେଶକ ଓ ଉପସଚିବ ପଦରେ ସର୍ବଭାରତୀୟ ଏବଂ ଗ୍ରୁପ୍ ଏ ସେବା ଅଧିକାରୀମାନଙ୍କୁ ଅବସ୍ଥାପିତ କରାଯାଇଥାଏ। କିନ୍ତୁ ପ୍ରସ୍ତାବିତ ନିଯୁକ୍ତି ଏହାର ଏକ ବ୍ୟତିକ୍ରମ। କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ, ବେସାମରିକ



ବିମାନ ଚଳାଚଳ ମନ୍ତ୍ରଣାଳୟ, ରସାୟନ ଓ ସାର ମନ୍ତ୍ରଣାଳୟ, କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ, ଖାଉଟି ବ୍ୟାପାର ମନ୍ତ୍ରଣାଳୟ, ଖାଦ୍ୟ ଓ ସାଧାରଣ ବଣ୍ଟନ ମନ୍ତ୍ରଣାଳୟ ଏବଂ ଭାରି ଉଦ୍ୟୋଗ ମନ୍ତ୍ରଣାଳୟରେ ଏମାନଙ୍କୁ ନିଯୁକ୍ତି ଦିଆଯିବ। କେତେଜଣଙ୍କୁ ସିଧାସଳଖ ମନ୍ତ୍ରଣାଳୟରେ ନିଯୁକ୍ତି ମିଳିବାକୁ ଥିବାବେଳେ ଅନ୍ୟ କେତେଜଣ ଉପରୋକ୍ତ ମନ୍ତ୍ରଣାଳୟଗୁଡ଼ିକ ଅଧୀନରେ ଥିବା ବିଭାଗଗୁଡ଼ିକରେ ନିଯୁକ୍ତି ସୁଯୋଗ ପାଇବେ। ଲାଟେରାଲ ଏଣ୍ଟ୍ରି ଜରିଆରେ ଶିକ୍ଷା ମନ୍ତ୍ରଣାଳୟର ଉଚ୍ଚଶିକ୍ଷା ବିଭାଗ, ଗୃହ ନିର୍ମାଣ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ, ଆଇନ ଓ ନ୍ୟାୟ ମନ୍ତ୍ରଣାଳୟର ଆଇନ ବ୍ୟାପାର ବିଭାଗ, ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ଅଧୀନ ପ୍ରମୋଶନ୍ ଅଫ୍ ଇଣ୍ଡଷ୍ଟ୍ରି ଆଣ୍ଡ ଇଣ୍ଟର୍ନାଲ ଟ୍ରେଡ୍ ଡିପାର୍ଟମେଣ୍ଟ ସମେତ ଆଉ କେତେକ ମନ୍ତ୍ରଣାଳୟରେ ମଧ୍ୟ ନିଯୁକ୍ତି ପ୍ରଦାନ କରାଯିବ। ଏସମ୍ପର୍କିତ ବିସ୍ତୃତ ବିଜ୍ଞପ୍ତି ଏବଂ ଆଶାୟୀଙ୍କ ପାଇଁ ନିର୍ଦ୍ଦେଶାବଳୀ ମେ' ୨୦ରେ ପ୍ରକାଶ ପାଇବ। ପ୍ରାର୍ଥୀମାନେ ମେ' ୨୦ରୁ ଜୁନ୍ ୧୯ ମଧ୍ୟରେ ଆବେଦନ କରିପାରିବେ। ପ୍ରାର୍ଥୀଙ୍କୁ ଅନ୍‌ଲାଇନ୍ ଆବେଦନରେ ସେମାନଙ୍କ ଦ୍ୱାରା ପ୍ରଦତ୍ତ ତଥ୍ୟାନୁସାରେ ସାକ୍ଷାତ୍‌କାର ପାଇଁ ଶର୍ଟଲିଷ୍ଟ କରାଯିବ। ଲାଟେରାଲ ଏଣ୍ଟ୍ରି ଜରିଆରେ ପୂରଣ ହେବାକୁ ଥିବା ଖାଲି ପଦବୀ ସଂଖ୍ୟା ମଧ୍ୟ ମେ' ୨୦ ବିଜ୍ଞାପନରେ ଉଲ୍ଲେଖ କରାଯିବ ବୋଲି ଅଧିକାରୀ ଜଣକ କହିଛନ୍ତି। ୨୦୧୮ ଜୁନ୍‌ରେ କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ପ୍ରଥମ ଥର ପାଇଁ ୧୦ ଯୁଗ୍ମ ସଚିବ ପାହ୍ୟା ପଦବୀ ନିମନ୍ତେ ଲାଟେରାଲ ଏଣ୍ଟ୍ରି ଜରିଆରେ ଦରଖାସ୍ତ ଆହ୍ୱାନ କରାଯାଇଥିଲା। ୟୁପିଏସ୍‌ସି ପକ୍ଷରୁ ଏହି ନିଯୁକ୍ତି ପ୍ରଦାନ କରାଯାଇଥିଲା। ୨୦୨୧ ଅକ୍ଟୋବରରେ ୟୁପିଏସ୍‌ସି ୩୧ ଆଶାୟୀଙ୍କ ନାମ ଯୁଗ୍ମ ସଚିବ (୩), ନିର୍ଦ୍ଦେଶକ (୧୯) ଏବଂ ଉପସଚିବ (୯) ପଦବୀ ଲାଗି କେନ୍ଦ୍ରକୁ ସୁପାରିସ କରିଥିଲା। ବର୍ତ୍ତମାନ ଲାଟେରାଲ ଏଣ୍ଟ୍ରିରେ ତୃତୀୟ ପର୍ଯ୍ୟାୟ ନିଯୁକ୍ତି ଦିଆଯିବ। ଏହି ପ୍ରକ୍ରିୟା ଆସନ୍ତା ଶନିବାର ଆରମ୍ଭ ହେବ।




# ତାଣ୍ଡବ ରଚିଲା କାଳବୈଶାଖୀ

■ ୪୩ ଡିଗ୍ରୀ ଉପରେ ୯ ସହର

ଭୁବନେଶ୍ୱର,୧୬।୫(ବ୍ୟୁରୋ)

ପ୍ରଚଣ୍ଡ ଗରମ ଯୋଗୁ ଦିନତମାମ ଜନଜୀବନ ଅସ୍ତବ୍ୟସ୍ତ ହୋଇଥିବା ବେଳେ ଅପରାହ୍ଣରେ କାଳବୈଶାଖୀଜନିତ ଝଡ଼ବର୍ଷା ତାଣ୍ଡବ ରଚିଛି। ଉପକୂଳବର୍ତ୍ତୀ ଜିଲା କଟକ,ପୁରୀ, ଖୋର୍ଦ୍ଧା, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ନୟାଗଡ଼ ଆଦି ଜିଲାରେ ପ୍ରବଳ ବର୍ଷା ଓ ପବନ ହୋଇଛି। ଘଣ୍ଟା ପ୍ରତି ୪୦ରୁ ୫୦ କି.ମି. ବେଗରେ ପବନ ବହିବା ଯୋଗୁ କେତେକ ସ୍ଥାନରେ ଗଛଡ଼ାଳ ଭାଙ୍ଗିପଡ଼ିବା ସହିତ ଘଡ଼ଘଡ଼ି ସହିତ ବର୍ଷା ହୋଇଛି। ଏଥିଯୋଗୁ ଦିନର ପ୍ରଚଣ୍ଡ ଗରମରୁ ଆଶ୍ୱସ୍ତି ମିଳିଛି। ଅନ୍ୟପକ୍ଷରେ ଝଡ଼ବର୍ଷା ଯୋଗୁ ୨ ଜଣଙ୍କର ଜୀବନ ଯାଇଥିବା ବେଳେ ୩ ଜଣ ମହିଳା ଆହତ ହୋଇଛନ୍ତି। ରାସ୍ତାରେ ଆସୁଥିବା ବେଳେ ଉପରେ ଗଛଡ଼ାଳ ପଡ଼ିଯିବାରୁ ୨ଜଣଙ୍କ ମୃତ୍ୟୁ ହୋଇଛି। ନୟାଗଡ଼ ଜିଲା ଖଣ୍ଡପଡ଼ା-ଖଲିସାହି ରାସ୍ତାର ଅଁଳାପଟା ନିକଟରେ ଗୋଟିଏ ଘଟଣା ଘଟିଥିବା ବେଳେ ଅନ୍ୟଟି ଗଣିଆ ଥାନା ଅନ୍ତର୍ଗତ ଦଶପଲ୍ଲାରେ ଘଟିଛି। ରାଜଧାନୀ ଭୁବନେଶ୍ୱରରେ ମଧ୍ୟ କାଳବୈଶାଖୀଜନିତ ଝଡ଼ବର୍ଷା ଯୋଗୁ କେତେକ ସ୍ଥାନରେ ଗଛଡ଼ାଳ ଭାଙ୍ଗିବା ସହ ହୋର୍ଡିଂ ଉଡ଼ିଯାଇଛି।

ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମ ଜନଜୀବନକୁ ଅସ୍ତବ୍ୟସ୍ତ କରିଛି। ପ୍ରବଳ ଗରମ ସାଙ୍ଗକୁ ଅସହ୍ୟ ଗୁଳୁଗୁଳି ଅସହ୍ୟ କରିଛି। ସକାଳ ୭ଟାରୁ ମାଡ଼ିଆସୁଛି ପ୍ରଚଣ୍ଡ ତାତି। ସନ୍ଧ୍ୟା ୬ଟା ଯାଏ ନିସ୍ତାର ନାହିଁ। ମନୁଷ୍ୟଠାରୁ ଆରମ୍ଭ କରି ପଶୁପକ୍ଷୀ ଗରମରେ ଆଉଟୁପାଉଟୁ ହେଉଛନ୍ତି। ମଙ୍ଗଳବାର ପାରଦ ୪୪ ଡିଗ୍ରୀ ସେଲ୍‌ସିୟସକୁ ଟପିଯାଇଛି। ରାଜ୍ୟର ୪ଟି ସ୍ଥାନରେ ସର୍ବୋଚ୍ଚ ତାପମାତ୍ରା ୪୪ ଡିଗ୍ରୀ ଉପରେ ରହିଥିବା ବେଳେ ୯ଟି ସ୍ଥାନରେ ୪୩ ଡିଗ୍ରୀ ଉପରେ ରହିଛି। ସେହିପରି ୧୮ଟି ସହରରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସକୁ ଟପିଯାଇଛି। ଆସନ୍ତା ୪୮ ଘଣ୍ଟା ମଧ୍ୟରେ ରାଜ୍ୟରେ ତାତି ବଢ଼ିବା ସହିତ କେତେକ ସ୍ଥାନରେ କାଳବୈଶାଖୀଜନିତ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ଏହି ସମୟରେ ସତର୍କ ରହିବାକୁ ଲୋକମାନଙ୍କୁ ପରାମର୍ଶ ଦିଆଯାଇଛି।

# ବିଧାୟକ ଶଶିଭୂଷଣଙ୍କ ନାଁରେ ବୋହୂଙ୍କ ଅଭିଯୋଗ

■ ୪୦ଲକ୍ଷ ଦାବି କରି ମାନସିକ, ଶାରୀରିକ ନିର୍ଯାତନା ଦେଉଥିବା ଅଭିଯୋଗ

■ ସ୍ୱାମୀ, ଶ୍ୱଶୁରଙ୍କ ସମେତ ୫ଜଣଙ୍କ ନାଁରେ ମାମଲା ରୁଜୁ

■ ଅଭିଯୋଗ ଭିତ୍ତିହୀନ: ବିଧାୟକ

ଭୁବନେଶ୍ୱର(ବ୍ୟୁରୋ)/ବାଙ୍କୀ(ସ୍ୱ.ପ୍ର.),୧୬।୫

ବଲାଙ୍ଗୀର ରାଜ ପରିବାର ସଦସ୍ୟ ତଥା ବିଜେଡି ଯୁବନେତା ଅର୍କେଶ ନାରାୟଣ ସିଂଦେଓଙ୍କ ବିରୋଧରେ ତାଙ୍କ ସ୍ତ୍ରୀ ଆଦ୍ରିଜା ମଞ୍ଜରୀ ସିଂଦେଓ ନିର୍ଯାତନା ଅଭିଯୋଗ ଆଣିବା ଜଣାପଡ଼ିବା ପରେ ଆଉ ଏକ ବଡ଼ ଘରର ପାରିବାରିକ ବିବାଦ ଏବେ ଲୋକଲୋଚନକୁ ଆସିଛି। କେନ୍ଦ୍ରାପଡ଼ାର ବିଜେଡି ବିଧାୟକ ଶଶିଭୂଷଣ ବେହେରାଙ୍କ ବୋହୂ ରୋନାଲି ବେହେରା ସ୍ୱାମୀ, ଶ୍ୱଶୁର, ଶାଶୁ, ମାଉସୀ ଶାଶୁ ଏବଂ ନଣନ୍ଦଙ୍କ ବିରୋଧରେ ଯୌତୁକ ନିର୍ଯାତନା ଅଭିଯୋଗ ଆଣିଛନ୍ତି। ଗତ ମାର୍ଚ୍ଚ ୩ରେ ରୋନାଲି ନିର୍ଯାତନା ସମ୍ପର୍କରେ କଟକ ଜିଲା ବାଙ୍କୀ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗକୁ ଭିତ୍ତିକରି ପୋଲିସ ସ୍ୱାମୀ ସତ୍ୟପ୍ରକାଶ ବେହେରା, ଶ୍ୱଶୁର ଶଶିଭୂଷଣ ବେହେରା, ଶାଶୁ ସୁପ୍ରଭା ମହାନ୍ତି, ମାଉସୀ ଶାଶୁ ପ୍ରତିଭା ଏବଂ ନଣନ୍ଦ ସୁଶ୍ରୀ ଭାରତୀଙ୍କ ନାମରେ ଆଇପିସି ଦଫା ୪୯୮(କ), ୨୯୪, ୫୦୬/୩୪ ଏବଂ ଯୌତୁକ ନିରୋଧୀ ଆଇନର ଦଫା ୪ରେ ଏକ ମାମଲା (ନଂ.୮୫/୨୦୨୩) ରୁଜୁ କରି ତଦନ୍ତ କରୁଛି। ତେବେ ଏହି ମାମଲା ରୁଜୁ ହେବାର ପ୍ରାୟ ଅଢ଼େଇ ମାସ ପରେ ରୋନାଲି ମଙ୍ଗଳବାର ଗଣମାଧ୍ୟମ ଆଗରେ ମୁହଁ ଖୋଲି ନିର୍ଯାତନାର କାହାଣୀ କହିବା ପରେ ଘଟଣା ସାମ୍ନାକୁ ଆସିଛି। ୪୦ ଲକ୍ଷ ଟଙ୍କା ପାଇଁ ଶାଶୁଘର ଲୋକେ ତାଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିଲେ ବୋଲି ରୋନାଲି କହିଛନ୍ତି।

ଅଭିଯୋଗ ଅନୁଯାୟୀ, ବାଙ୍କୀ ବେଦପୁର ଗ୍ରାମର ଅବସରପ୍ରାପ୍ତ ବିଚାରପତି ଗୋଖା ବେହେରାଙ୍କ ଝିଅ ରୋନାଲି ୨୦୨୧ ମାର୍ଚ୍ଚ୩ରେ ଶଶିଭୂଷଣଙ୍କ ପୁଅଙ୍କୁ ବିବାହ କରିଥିଲେ। ବିବାହ ବେଳେ ଦାବି ଅନୁଯାୟୀ ପରିବାର ଲୋକେ ଯୌତୁକ ଦେଇଥିଲେ। ବିବାହର ୧୦ରୁ ୧୨ ଦିନ ପର୍ଯ୍ୟନ୍ତ ରୋନାଲି ଶାଶୁଘରେ ଭଲରେ ଚଳିଥିଲେ। ଏହାପରେ ଶାଶୁଘର ସଦସ୍ୟମାନେ ବିଭିନ୍ନ ଆଳରେ ଯୌତୁକ ନିର୍ଯାତନା ଦେବା ଆରମ୍ଭ କରି ଦେଇଥିଲେ। ରୋନାଲିଙ୍କ ନାଁରେ ଶାଶୁଘର ଲୋକେ ଏକ ବ୍ୟାଙ୍କ ଆକାଉଣ୍ଟ ଖୋଲି ସେଥିରେ ରାଜୀବ ଗାନ୍ଧୀ ଫେଲୋଶିପ ଟଙ୍କା ଜମା କରିବାକୁ କହିଥିଲେ। ସେ ଉକ୍ତ ଟଙ୍କା ଖର୍ଚ୍ଚ ହୋଇଯାଇଥିବା କହିବାରୁ ନିର୍ଯାତନା ଦିଆଯାଇଥିଲା। ସେହିପରି ବାହାଘର ସମୟର ଭିଡିଓ ପାଇଁ ଖର୍ଚ୍ଚ ହୋଇଥିବା ୨ଲକ୍ଷ ଟଙ୍କା ଦାବି କରିବାରୁ ରୋନାଲିଙ୍କ ଘର ଲୋକ ୬୦ ହଜାର ଟଙ୍କା ଦେଇଥିଲେ। ଏପରିକି ବାକି ଟଙ୍କା ପାଇଁ ମଧ୍ୟ ଗାଳି ଦେଇଥିଲେ। ଏନେଇ ଶ୍ୱଶୁରଙ୍କୁ ଜଣାଇବାରୁ ସେମାନଙ୍କ କଥା ମାନି ଚଳିବାକୁ କହିଥିଲେ। ଏହାପରେ ସ୍ୱାମୀଙ୍କୁ କହିବାରୁ ସେ ମାଡ଼ ମାରି ୪୦ ଲକ୍ଷ ଟଙ୍କା ଦାବି କରିଥିଲେ। ଏହାରି ଭିତରେ ଆଉ ଜଣେ ଯୁବତୀଙ୍କ ସହ ସ୍ୱାମୀଙ୍କ ସମ୍ପର୍କ ଥିବା ଜାଣି ପ୍ରତିବାଦ କରିଥିଲେ ରୋନାଲି। ହେଲେ ସ୍ୱାମୀ ଅଧିକ ନିର୍ଯାତନା ଦେଇଥିଲେ। ୨୦୨୧ ଜୁଲାଇ ୩୦ରେ ରୋନାଲି ବାପଘରକୁ ଜଣାଇଥିଲେ। ଏହାପର ଦିନ ବାପା ରୋନାଲିଙ୍କୁ ନେଇ ଆସିଥିଲେ। ହେଲେ ଏହାପରେ ଶାଶୁଘର ଲୋକେ ତାଙ୍କୁ ଘରକୁ ନେଇ ନ ଥିଲେ ବୋଲି ରୋନାଲି ଅଭିଯୋଗରେ ଦର୍ଶାଇଛନ୍ତି। ଏନେଇ ବାଙ୍କୀ ଏସ୍‌ଡିପିଓ ଜ୍ଞାନରଞ୍ଜନ ମିଶ୍ର କହିଛନ୍ତି, ଏହି ମାମଲାରେ ପୋଲିସ ଯେଉଁଭଳି ପଦକ୍ଷେପ ନେବା କଥା ତାହା କରିଛି। ପୋଲିସ ଘଟଣାସ୍ଥଳକୁ ଯିବା ସହ ସାକ୍ଷୀମାନଙ୍କୁ ପଚରାଉଚରା କରିଛି। ଏନେଇ ପୋଲିସ ତଦନ୍ତ ଜାରି ରଖିଛି। ଏଥିରେ କିଏ ଦୋଷୀ ଓ ନିର୍ଦ୍ଦୋଷ ତାହା ତଦନ୍ତ ପରେ ଜଣାପଡ଼ିବ ବୋଲି ମିଶ୍ର କହିଛନ୍ତି। ଏନେଇ ରୋନାଲିଙ୍କ ବାପା ଗୋଖା ବେହେରାଙ୍କ କହିବା ହେଲା ଝିଅକୁ ନିର୍ଯାତନା ଦିଆଯାଇଛି। ପୋଲିସ ଅଭିଯୋଗକୁ ଗ୍ରହଣ କରି ମାମଲା ରୁଜୁ କରିବା ସହ ତଦନ୍ତ ଜାରି ରଖିଛି। ଏପରି କି ଏହି ମାମଲା ଏବେ କୋର୍ଟରେ ଜିଆର୍ କେସ୍ ୧୧୫/୨୦୨୩ରେ ପଞ୍ଜୀକୃତ ହୋଇଛି। ନ୍ୟାୟ ବ୍ୟବସ୍ଥା ଉପରେ ମୋର ସମ୍ପୂର୍ଣ୍ଣ ଭରସା ଅଛି ବୋଲି ସେ କହିଛନ୍ତି। ଅପରପକ୍ଷରେ ଅଭିଯୋଗକୁ ଭିତ୍ତିହୀନ ବୋଲି ବିଧାୟକ ଶଶିଭୂଷଣ କହିଛନ୍ତି। ବୋହୂ ବାହାଘରର ୧୧ଦିନ ପରଠାରୁ ଯାଇ ବାପଘରେ ରହୁଛନ୍ତି। ପୁଅବୋହୂଙ୍କ ମଧ୍ୟରେ ମନୋମାଳିନ୍ୟ ଥାଇପାରେ। ଯୌତୁକ ନିର୍ଯାତନା ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା। କାରଣ ବାହାଘର ସମୟରେ ଆମେ ନିମନ୍ତ୍ରଣ ପତ୍ରରେ କୌଣସି ଗିଫ୍ଟ ନ ଆଣିବାକୁ ମଧ୍ୟ ଉଲ୍ଲେଖ କରିଥିଲୁ। ରାଜନୈତିକ ଉଦ୍ଦେଶ୍ୟ ରଖାଯାଇ ଏଭଳି ଖବର ପ୍ରଚାର କରାଯାଉଛି ବୋଲି ଶଶିଭୂଷଣ କହିଛନ୍ତି।







**ଆଜିର ମନ୍ତବ୍ୟ**

"କେନ୍ଦ୍ର ସରକାର ନିଯୁକ୍ତି ବ୍ୟବସ୍ଥାରେ ଆଣିଥିବା ପରିବର୍ତ୍ତନ ଦୁର୍ନୀତି ଓ ପ୍ରିୟାପ୍ରୀତି ତୋଷଣକୁ ଶେଷ କରିଦେଇଛି।
-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖୁଣ୍ଟ ଧଇଲି କି ବାଡ଼ ଧରିଲି**
**କପାଳେ ଥେଲାକୁ ପୁଅ ପାଇଲି।**

ପୁଅ ଝିଅ ଉଭୟେ ସମାନ ହୋଇଥିବା ସ୍ଥଳେ ଅନେକ ପିତାମାତା ପୁତ୍ର ପ୍ରାପ୍ତିର ଆଶା ରଖିଥାନ୍ତି। ବୃଦ୍ଧାବସ୍ଥାରେ ଟିକିଏ ସାହାଭରସା ମିଳିବା ଆଶାରେ ପୁଅଟିଏ ପାଇବା ପାଇଁ ବ୍ୟାକୁଳ ହୋଇପଡ଼ିଥାନ୍ତି। ବହୁ ପୂଜାର୍ଚ୍ଚନା କରି ତଥା କଷ୍ଟ ସ୍ୱୀକାର କରି ଭାଗ୍ୟବଳରେ ପୁତ୍ରଲାଭ କରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଖଟ ତଳେ ପାଣି ଝୋବା;**
**ପୁଅ ଝିଅ ନାହିଁ, କି ବୋଲି ଡାକିବି**
**ଭାତ ଭୁଞ୍ଜ ଫୁଲଗଭା।**

ଆଗକାଳରେ ପତିପତ୍ନୀ ପରସ୍ପରର ନାମ ତୁଣ୍ଡରେ ଧରୁ ନ ଥିଲେ। ପିଲାଝିଲା ହେଲେ ତାଙ୍କରି ନାଁର ସାହାରା ନେଇ ଅମୁକ ପୁଅର ବାପା କି ସମୁକ ଝିଅର ମାଆ ବୋଲି ସମ୍ବୋଧନ କରୁଥିଲେ। ସୁହାଗିନୀ ପ୍ରତି ଦରଦ ଭାବ ପ୍ରକାଶ ପାଇବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ବିନା କମିଟି ରିପୋର୍ଟରେ ପ୍ରସ୍ତୁତ ହୋଇଥିଲା ଆଜାଦୀ କା ଅମୃତ ମହୋତ୍ସବ ପୋଷ୍ଟର

- ନେହେରୁଙ୍କୁ ସ୍ୱାଧୀନତା ସଂଗ୍ରାମୀ ତାଲିକାରୁ ବାଦ୍ ଦେବା ପ୍ରସ୍ତାବ ଆଇସିଏଚଆରର ନ ଥିଲା
- ଜାତୀୟ ସୂଚନା କମିଶନଙ୍କ ଅସନ୍ତୋଷ ପରେ ତଥ୍ୟ ଦେଲା ଆଇସିଏଚଆର

**ବଲାଙ୍ଗୀର ଅଫିସ, ୧୬।୫**

ଆଜାଦୀ କା ଅମୃତ ମହୋତ୍ସବ ପାଳନ ସକାଶେ ପ୍ରସ୍ତୁତ କରାଯାଇଥିବା ପୋଷ୍ଟରର ଡିଜାଇନ ପାଇଁ କୌଣସି କମିଟି ଗଠନ କରାଯାଇ ନ ଥିଲା। ଏଭଳିକି କୌଣସି କମିଟିର ରିପୋର୍ଟ ପ୍ରସ୍ତୁତ କରାଯାଇ ନ ଥିଲା ବୋଲି ଭାରତ ସରକାରଙ୍କ ଶିକ୍ଷା ବିଭାଗ ଅଧୀନ ଭାରତୀୟ ଇତିହାସ ଅନୁସନ୍ଧାନ ପରିଷଦ(ଆଇସିଏଚଆର)ର ଜନସୂଚନା ଅଧିକାରୀ ସୂଚନା ଅଧିକାର କର୍ମୀ ହେମନ୍ତ ପଣ୍ଡାଙ୍କୁ ସୂଚନା ଅଧିକାର ଆଇନ ଜରିଆରେ ପ୍ରଦାନ କରାଯାଇଥିବା ତଥ୍ୟରୁ ଜଣାପଡିଛି। ଏପରିକି ଜବାହରଲାଲ ନେହେରୁଙ୍କ ନାମକୁ ସ୍ୱାଧୀନତା ସଂଗ୍ରାମୀ ତାଲିକାରୁ ହଟାଇ ଦେବା ପାଇଁ କୌଣସି ପ୍ରସ୍ତାବ ନ ଥିବା ତଥ୍ୟ ସେ ପଣ୍ଡାଙ୍କୁ ପ୍ରଦାନ କରିଛନ୍ତି। ସ୍ୱାଧୀନତା ସଂଗ୍ରାମରେ ନେହେରୁଙ୍କ ଭୂମିକାକୁ ପ୍ରମୁଖତାର ସହ ପ୍ରଦର୍ଶନୀରେ ଉପସ୍ଥାପନ କରାଯାଇଥିବା ତଥ୍ୟ ମଧ୍ୟ ପ୍ରଦାନ କରାଯାଇଛି।

୨୦୨୧ ମସିହାରୁ ଭାରତ ସରକାରଙ୍କ ଆଜଦୀ କା ଅମୃତ ମହୋତ୍ସବ ପାଇଁ ପୋଷ୍ଟର ପ୍ରସ୍ତୁତକାରୀ ସଂସ୍ଥା ଆଇସିଏଚଆର୍‌କୁ ସୂଚନା ଅଧିକାର ଆଇନ ବଳରେ ଏ ସଂକ୍ରାନ୍ତୀୟ କେତେକ ତଥ୍ୟ ମାଗିଥିଲେ ମଧ୍ୟ ସୂଚନା ଅଧିକାରୀ କର୍ମୀ ପଣ୍ଡାଙ୍କୁ କୌଣସି ତଥ୍ୟ ଦିଆଯାଇ ନ ଥିଲା। ଏହାକୁ ନେଇ ପଣ୍ଡା ଜାତୀୟ ସୂଚନା କମିଶନଙ୍କ ଦ୍ୱାରସ୍ଥ ହୋଇଥିଲେ। ଜାତୀୟ ସୂଚନା କମିଶନ ହୀରାଲାଲ ସିମାରିୟା ପଣ୍ଡାଙ୍କ ଆବେଦନର ବିଚାର କରି ଆଇସିଏଚଆର୍‌ର ତତ୍କାଳୀନ ଜନସୂଚନା ଅଧିକାରୀଙ୍କ କାର୍ଯ୍ୟରେ ଅସନ୍ତୋଷ ପ୍ରକାଶ କରି କାରଣଦର୍ଶାଅ ନୋଟିସ ଜାରି କରିଥିଲେ। ୧୫ ଦିନ ଭିତରେ ପଣ୍ଡାଙ୍କୁ ତଥ୍ୟ ପ୍ରଦାନ କରିବା ପାଇଁ ଆଦେଶ ଦେଇଥିଲେ।




ଉଲ୍ଲେଖଯୋଗ୍ୟ ଯେ, ଆଜାଦୀ କା ଅମୃତ ମହୋତ୍ସବକୁ ମହାଆଡ଼ମ୍ବରରେ ୧୨ ମାର୍ଚ୍ଚ ୨୦୨୧ରୁ ୧୫ ଅଗଷ୍ଟ ୨୦୨୩ ପର୍ଯ୍ୟନ୍ତ ପାଳନ କରିବା ପାଇଁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଥିଲେ। ଏହି ଅବସରରେ ଆଇସିଏଚଆର୍ ପକ୍ଷରୁ ଆଜାଦୀ କା ଅମୃତ ମହୋତ୍ସବ ପାଇଁ ଏକ ପୋଷ୍ଟର ପ୍ରସ୍ତୁତ କରାଯାଇଥିଲା। ଏହି ପୋଷ୍ଟରରେ ୮ ଜଣ ଜାତୀୟ ହୀରୋଙ୍କ ଫଟୋ ରହିଥିବା ବେଳେ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ଫଟୋକୁ ସ୍ଥାନିତ କରାଯାଇ ନ ଥିଲା। ଏହି ପୋଷ୍ଟରରେ ମହାତ୍ମା ଗାନ୍ଧୀ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ଡ. ବି.ଆର.ଆମ୍ବେଦକର, ଭଗତ ସିଂ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ, ଡ. ରାଜେନ୍ଦ୍ର ପ୍ରସାଦ, ମଦନ ମୋହନ ମାଳବ୍ୟ ଓ ବୀର ସବରକରଙ୍କ ଫଟୋକୁ ସ୍ଥାନ ଦିଆଯାଇଥିଲା। ତେବେ ଉକ୍ତ ପୋଷ୍ଟରରେ ପଣ୍ଡିତ ନେହେରୁଙ୍କ ଫଟୋକୁ ସ୍ଥାନ ଦିଆଯାଇ ନ ଥିବାରୁ ଦେଶବ୍ୟାପୀ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏହାକୁ ବିଦ୍ୱେଶମୂଳକ ରାଜନୀତି ବୋଲି ବିରୋଧୀ ଦଳମାନେ ଅଭିଯୋଗ କରିଥିଲେ। ବିନା କମିଟି ଓ ବିନା କୌଣସି ରିପୋର୍ଟରେ ଦେଶର ଏତେ ବଡ଼ କାର୍ଯ୍ୟକ୍ରମ ପାଇଁ କିଭଳି ଭାବେ ଏହି ପୋଷ୍ଟର ପ୍ରସ୍ତୁତ କରାଯାଇଥିଲା ବୋଲି ପଣ୍ଡା ପ୍ରଶ୍ନ କରିଛନ୍ତି।

# ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକଙ୍କୁ ଶୁଣାଣି ପାଇଁ ନିର୍ଦ୍ଦେଶ



**ବିନା ଡାକ୍ତରୀ ଚିଠାରେ ଗର୍ଭ ନିରୋଧକ ବଟିକା ବିକ୍ରି ମାମଲା**

**କଟକ ଅଫିସ, ୧୬।୫**

ବିନା ଡାକ୍ତରୀ ପ୍ରେସ୍କ୍ରିପ୍ସନ୍‌ରେ ଗର୍ଭ ନିରୋଧକ ବଟିକା ବିକ୍ରି ଉପରେ କଟକଣା ଲଗାଇବାକୁ ହାଇକୋର୍ଟରେ ଆଗତ ଜନସ୍ୱାର୍ଥ ମାମଲା ଶୁଣାଣି ମଙ୍ଗଳବାର ହୋଇଛି। ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ବିଚାରପତି ଗୌରୀଶଙ୍କର ଶତପଥୀଙ୍କ ଖଣ୍ଡପୀଠ ମାମଲାର ଶୁଣାଣି କରିଛନ୍ତି। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକ ଆବେଦନକାରୀଙ୍କୁ ଡକାଇ ତାଙ୍କ ଅଭିଯୋଗ ଉପରେ ଶୁଣାଣି କରି ବେଆଇନ ବିକ୍ରି ରୋକିବା ଉପରେ ପଦକ୍ଷେପ ନେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇ ମାମଲାର ଅନ୍ତ ଘଟାଇଛନ୍ତି। ଅନିୟନ୍ତ୍ରିତ ଗର୍ଭ ନିରୋଧକ ବଟିକା ସେବନ ଦ୍ୱାରା ମହିଳାଙ୍କଠାରେ କର୍କଟ ରୋଗ ହେବାର ଆଶଙ୍କା ଥିବା ଦାବି କରି ସାମାଜିକ କର୍ମୀ ବିନ୍ଦୁଜା ଉପାଧ୍ୟାୟ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

ମାମଲାର ବିବରଣୀରୁ ପ୍ରକାଶ, ଗର୍ଭଧାରଣ ଏଡ଼ାଇବାକୁ ବିଭିନ୍ନ ଉପାୟ ଅବଲମ୍ବନ କରାଯାଉଛି। ହେଲେ ଏଥିପାଇଁ ବ୍ୟବହାର ହେଉଥିବା ଗର୍ଭ ନିରୋଧକ ବଟିକାରେ ନରେଥିଷ୍ଟେରନ୍ ନାମକ ପଦାର୍ଥ ରହୁଛି, ଯାହା ଅତ୍ୟନ୍ତ କ୍ଷତିକାରକ। ଏହି ପଦାର୍ଥ ଥିବା ଔଷଧ ଖାଇଲେ ମହିଳାଙ୍କ ଶରୀରରେ କ୍ଷରିତ ହେଉଥିବା ହରମୋନ୍‌କୁ ଅସନ୍ତୁଳିତ କରିଥାଏ। ଏଥିସହ ଶରୀର ଦୁର୍ବଳ ହେବା ସାଙ୍ଗକୁ ଅନ୍ୟାନ୍ୟ ସମସ୍ୟା ଦେଖାଦେଇଥାଏ। ଡାକ୍ତରଙ୍କ ବିନା ପରାମର୍ଶରେ ଏହି ଗର୍ଭ ନିରୋଧକ ଔଷଧ ସେବନ କରିବା ଦ୍ୱାରା ନାନା ପ୍ରକାର ପାର୍ଶ୍ୱ ପ୍ରତିକ୍ରିୟା ସୃଷ୍ଟି ହେବାର ଆଶଙ୍କା ରହିଛି। ଏପରି କି ଏସବୁର ବ୍ୟବହାର ଦ୍ୱାରା ମାରାତ୍ମକ କ୍ୟାନ୍‌ସର ଭଳି ରୋଗ ସୃଷ୍ଟି ହେବାର ଆଶଙ୍କା ମଧ୍ୟ ରହୁଛି। ତେଣୁ ଏସବୁ ଔଷଧ ବ୍ୟବହାର ଉପରେ କଟକଣା ଲଗାଇବାକୁ ନିୟମ କାହିଁକି କରାଯାଇନାହିଁ, ସେଥିପାଇଁ କାରଣ ଦର୍ଶାଇବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେବାକୁ ନିବେଦନ କରାଯାଇଥିଲା। ରାଜ୍ୟସ୍ତରରେ ଅଧିକାରୀମାନେ ଏପରି ଔଷଧ ବିକ୍ରି କଟକଣା ପାଳନ କରାଯିବା ଓ ଚଢ଼ାଉ ନେଇ ନିୟମାବଳୀ ପ୍ରସ୍ତୁତ କରିବାକୁ ପିଟିଶନ୍‌ରେ ଦର୍ଶାଯାଇଥିଲା। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଆଫ୍ରାଜ ସୁହାଇଲ୍ ମାମଲା ପରିଚାଳନା କରୁଥିଲେ।

# ୩ ଲୁଟେରାଙ୍କ ଫଟୋ ଜାରି କଲା ପୋଲିସ



**ଜୁଏଲେରି ଶୋ'ରୁମ୍‌ରୁ ଡକାୟତି ଘଟଣା**

- ସିସିଟିଭି ଫୁଟେଜ୍‌ରୁ ମିଳିଲା ସୁରାକ
- ସୂଚନାଦାତାଙ୍କୁ ପୁରସ୍କାର ଦେବାକୁ ଘୋଷଣା

**ଯାଜପୁର ଅଫିସ, ୧୬।୫**

ଯାଜପୁର ଜିଲା ଯାଜପୁର ରୋଡ ଥାନା ଅନ୍ତର୍ଗତ ଦଳା ଛକ ନିକଟରେ ଥିବା ସେନ୍‌କୋ ଜୁଏଲେରି ଶୋ'ରୁମରୁ ସୋମବାର ହୋଇଥିବା ଡକାୟତି ଘଟଣାରେ ପୋଲିସକୁ ଏକ ବଡ଼ ସୁରାକ ମିଳିଛି। ଶୋ'ରୁମର ଗୁପ୍ତ ସ୍ଥାନରେ ଲାଗିଥିବା ସିସିଟିଭି ଫୁଟେଜ୍‌ରୁ ୩ ଲୁଟେରାଙ୍କ ଫଟୋ ପୋଲିସ ପକ୍ଷରୁ ଜାରି କରାଯାଇଛି। ଯଦି କୌଣସି ବ୍ୟକ୍ତି ସେମାନଙ୍କୁ ଧରାଇ ଦେବାରେ ସହଯୋଗ କରନ୍ତି, ତାଙ୍କ ନାମ ଗୋପନ ରଖାଯିବା ସହ ପୁରସ୍କାର ଦିଆଯିବ ବୋଲି ଯାଜପୁର ରୋଡ ଥାନା ପୋଲିସ ପକ୍ଷରୁ ଘୋଷଣା କରାଯାଇଛି। ତେଣୁ ୯୪୩୮୨୦୨୪୧୫ ଏବଂ ୭୭୫୦୮୨୭୦୦୮ ନମ୍ବରରେ ଯୋଗାଯୋଗ କରିବାକୁ ପୋଲିସ ପକ୍ଷରୁ ଅନୁରୋଧ କରାଯାଇଛି। ଅନ୍ୟପକ୍ଷେ, ଲୁଟେରାମାନଙ୍କୁ ଧରିବାକୁ ଜିଲାର କେତେଜଣ ବଛାବଛା ପୋଲିସ ଅଧିକାରୀଙ୍କୁ ନିୟୋଜିତ କରାଯାଇଛି। ଏସ୍‌ପି ବିନିତ ଅଗ୍ରୱାଲ ଉକ୍ତ ତଦନ୍ତ ଉପରେ ନଜର ରଖିଛନ୍ତି। ଲୁଟେରାମାନଙ୍କ ମଧ୍ୟରୁ ଜଣଙ୍କ ମୋବାଇଲ ମଧ୍ୟ ମିଳିଥିବା ସୂଚନା ମିଳିଛି। ଲୁଟେରାମାନଙ୍କ ବିଷୟରେ ପୋଲିସକୁ କିଛି ସନ୍ଧାନ ମିଳିଥିବା ସୂଚନା ମିଳିଛି। ଖୁବଶୀଘ୍ର ପୋଲିସ ଚଢାଉ କରିବାକୁ ଯୋଜନା ପ୍ରସ୍ତୁତ କରୁଛି।

ସୂଚନାଯୋଗ୍ୟ, ସୋମବାର ଅପରାହ୍ନ ୧ଟା ୨୫ରେ ଲୁଟେରାମାନେ ଉକ୍ତ ଜୁଏଲେରିରେ ପଶି ଲୁଟ୍ କରିଥିଲେ। ସେମାନେ ମାତ୍ର ୪୫ ମିନିଟ୍‌ରେ ପ୍ରାୟ ୧୫ କୋଟି ଟଙ୍କାର ସୁନା ,ହୀରା ଅଳଙ୍କାର ଲୁଟି ନେଇଥିଲେ। ତଳେ ହିରୋ ଶୋ'ରୁମ ଥିଲେ ମଧ୍ୟ ଉପର ମହଲାରେ ଏପରି ଘଟଣା ଘଟିଥିଲା । ହେଲେ କେହି ବାହାର ଲୋକ ଏ ସମ୍ପର୍କରେ ଆଦୌ ସୁରାକ ପାଇ ପାରି ନ ଥିଲେ। ଗତ ୧୫ ବର୍ଷରେ ବ୍ୟାସନଗର ସହରରେ ଏହି ଲୁଟ୍ ଘଟଣାକୁ ମିଶାଇ ୩ ଥର ସୁନା ଅଳଙ୍କାର ଦୋକାନରେ ଡକାୟତି ହୋଇଛି। ଷ୍ଟେଟବ୍ୟାଙ୍କ ସମ୍ମୁଖ କ୍ରିଷ୍ଣା ଜୁଏଲେରିରୁ ୨୦୦୭ ଏବଂ ୨୦୧୧ରେ ସୁନା ଅଳଙ୍କାର ଲୁଟ୍ ହୋଇଥିଲା। ସେତେବେଳେ କିଛି ସୁନା ଅଳଙ୍କାର ଜବତ ହେବା ସହ ୩ ଜଣ ଗିରଫ ହୋଇଥିଲେ। ଏହାପରେ ପୋଲିସ ପକ୍ଷରୁ ଇନ୍ଦିରାଗାନ୍ଧୀ ମହିଳା କଲେଜ ନିକଟରେ ଏକ ଫାଣ୍ଡି ପ୍ରତିଷ୍ଠା କରାଯାଇଥିଲା। କିନ୍ତୁ ଏହି ଫାଣ୍ଡି ଏବେ ପ୍ରାୟ ନିଷ୍କ୍ରିୟ ହୋଇ ପଡିଛି। ଅଧିକାଂଶ ସମୟରେ ଫାଣ୍ଡିରେ ତାଲା ଝୁଲୁଥିବା ଦେଖିବାକୁ ମିଳୁଛି। ସୋମବାର ସେନ୍‌କୋ ଜୁଏଲେରିରୁ ଅଳଙ୍କାର ଧରି ଲୁଟେରାମାନେ ଉକ୍ତ ଫାଣ୍ଡି ରାସ୍ତା ଦେଇ ଦ୍ରୁତଗତିରେ ପଳାଇ ଯାଇଥିବା ଶୁଣିବାକୁ ମିଳୁଛି। ତେଣୁ ମହିଳା କଲେଜ ନିକଟସ୍ଥ ଫାଣ୍ଡିକୁ କାର୍ଯ୍ୟକ୍ଷମ କରିବା ଏବଂ ମୁଣ୍ଡୋମାଳ ନିକଟରେ ଅନ୍ୟ ଏକ ନୂତନ ଫାଣ୍ଡି ପ୍ରତିଷ୍ଠା କରିବାକୁ ସାଧାରଣରେ ଦାବି ହେଉଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ପାରିବାରିକ କ୍ଷେତ୍ରରେ ଅର୍ଥ ସମ୍ପର୍କକୁ କେନ୍ଦ୍ରକରି ବିବାଦ ବୃଦ୍ଧି ହୋଇପାରେ। ସବୁକଥାକୁ ଭଲରୂପେ ବିଚାର ପୂର୍ବକ କାମ କରି ଆଗକୁ ବଢ଼ିବା ଠିକ୍ ହେବ। ପରିସ୍ଥିତିବଶତଃ ଆଜି ବନ୍ଧୁଗୃହକୁ ଯାତ୍ରା କରିବାକୁ ବାଧ ହେବେ। ବ୍ୟବସାୟ, ବାଣିଜ୍ୟ, ପରିବହନ, ନିର୍ମାଣ, କ୍ରୀଡ଼ା, ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ।

**ବୃଷ**
ସମ୍ପର୍କୀୟଙ୍କ ସହ ବନ୍ଧୁତା ଜମାଇ କାମ ହାସଲ ପାଇଁ ଚେଷ୍ଟିତ ହେବେ। ଆଗକୁ ଆସୁଥିବା ଆନୁଷ୍ଠାନିକ କାମ ସକାଶେ ବିଶେଷ ଭାବେ ଧାଁଧପଡ଼ କରିବାକୁ ପଡ଼ିପାରେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ବିବାଦୀୟ ମନ୍ତବ୍ୟରେ ମୁଣ୍ଡ ନ ପୂରାଇବା ଭଲ। ପାରିବାରିକ କ୍ଷେତ୍ରରେ ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇବ।

**ମିଥୁନ**
ମନର କଥା କହିବାକୁ ଇଚ୍ଛା ଥିଲେ ମଧ୍ୟ ସଂକୋଚ ବଶତଃ ବନ୍ଧୁଙ୍କୁ କହିପାରିବେ ନାହିଁ। ନିଜର କୃତି ଓ କୃତିତ୍ୱ ସକାଶେ ସାମାଜିକ ସ୍ତରରେ ଶୁଭେଚ୍ଛୁଙ୍କ ଶ୍ରଦ୍ଧାଭାଜନ ହେବେ। ମାଲିମକଦ୍ଦମାରେ ବିଚାର ବିଳମ୍ବିତ ହେବାର ଚିନ୍ତା ପ୍ରକଟ କରିପାରନ୍ତି। ଆର୍ଥିକ ଅନଟନ ଲାଗି ରହିବା କାରଣରୁ ବିଚଳିତବୋଧ କରିପାରନ୍ତି।

**କର୍କଟ**
ସମୟର ପ୍ରତିକୂଳତା ଅନୁଭବ କରି ଅନାଗତ ସମସ୍ୟା ବିଷୟରେ ଚିନ୍ତିତ ରହିପାରନ୍ତି। ନିର୍ମାଣ କାର୍ଯ୍ୟ, ମାଲିମକଦ୍ଦମା, ବ୍ୟବସାୟରେ ସ୍ଥିତି ଅନୁକୂଳ ହେବ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ପ୍ରତ୍ୟେକ କଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ। ପରିବହନରେ କିଛି ସମସ୍ୟା ଦେଖାଦେବ କିନ୍ତୁ ସେଥିରୁ ସହଜରେ ମୁକୁଳି ଯିବେ।

**ସିଂହ**
ବିବାଦୀୟ ପରିସ୍ଥିତିର ଦୃଢ଼ମୁକାବିଲା କରି ସଫଳତା ପାଇବେ। ଆବଶ୍ୟକତା ପୂରଣ ସକାଶେ ଟଙ୍କା ପଇସା ଯୋଗାଡ଼ କରିବା ସକାଶେ ବିଭିନ୍ନ ଫନ୍ଦି ଫିକର କରିପାରନ୍ତି। ଦୀର୍ଘ ଦିନରୁ ଖୋଜୁଥିବା ଜିନିଷର ସନ୍ଧାନ ଡେରିରେ ମିଳିବ। ବୁଝାମଣାର ଭିନ୍ନତା ହେତୁ କର୍ମ କ୍ଷେତ୍ରରେ ଏକ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ।

**କନ୍ୟା**
ପ୍ରତିବନ୍ଧକ ମଧ୍ୟରେ ଗତିକରିବା କାରଣରୁ ମାନସିକ ସ୍ଥିତି ସେତେଟା ଭଲ ରହି ନ ପାରେ। ପୂର୍ବଶତ୍ରୁତାକୁ କେନ୍ଦ୍ରକରି ନିଜର ଆତ୍ମୀୟମାନେ ହଠାତ୍ ଶତ୍ରୁତା କରିପାରନ୍ତି। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବ। ସାହାଯ୍ୟ କରିବାକୁ ଯାଇ ପର ପାଇଁ ନିଜେ ହଇରାଣରେ ପଡିପାରନ୍ତି।

**ତୁଳା**
ଅସୁବିଧା ଭିତରେ ଗତି କରୁଥିବାରୁ ଧୀରେ ଧୀରେ ମାନସିକ ଅବସ୍ଥା ଖରାପ ଦିଗକୁ ଗତି କରିପାରେ। କୌଣସି ଜିନିଷ କିଣିବା ସକାଶେ ହଠାତ୍ ମୋଟା ଅଙ୍କର ଅର୍ଥର ଆବଶ୍ୟକତା ପଡ଼ିପାରେ। ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ରକରି ଝଗଡ଼ା ଲାଗିବାର ସମ୍ଭାବନା ରହିଛି। ସଭା ସମିତିରେ, ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ।

**ବିଛା**
ଅନ୍ୟମାନଙ୍କ କଥାକୁ ସତ୍ୟ ମନେକରି ଭୁଲ୍ ବୁଝାମଣା ଯୋଗୁ ନିଜ ଲୋକମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିବାର ସୂଚନା ରହିଛି। ଘରମାଲିକଙ୍କ ସହ ଘରଭଡ଼ାକୁ କେନ୍ଦ୍ର କରି ବିତର୍କର ସମ୍ମୁଖୀନ ହେବେ। କେତେକ ଅସ୍ୱାଭାବିକ ପରିସ୍ଥିତି ଭିତରେ ଚଳିବାକୁ ବାଧ ହୋଇପାରନ୍ତି।

**ଧନୁ**
ଆଜିର କର୍ମକ୍ଷେତ୍ରରେ ବିଭିନ୍ନ ସମସ୍ୟା ଭିତରେ ଚଳିବାକୁ ପଡ଼ିପାରେ। କ୍ରୀଡ଼ା, ସାହିତ୍ୟ, ସଙ୍ଗୀତ ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ବନ୍ଧୁଙ୍କ କାମରେ ଆକସ୍ମିକ ଭାବରେ ଯାତ୍ରା କରିବାକୁ ପଡ଼ିପାରେ। ପରିବାରର ଆବଶ୍ୟକତା ଅନୁସାରେ ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି।

**ମକର**
ଜଣେ ବନ୍ଧୁଙ୍କ ସାହାଯ୍ୟରେ ଆଜିର କାମ ସୁବିଧାରେ ସମ୍ପନ୍ନ ହୋଇଯିବ। ପ୍ରତ୍ୟେକ କ୍ଷେତ୍ରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପଡ଼ିବେ। ବନ୍ଧୁଙ୍କ ସାହାଯ୍ୟ ଓ ପରାମର୍ଶରେ ଟେନ୍‌ସନ କମିଯିବା ସଙ୍ଗକୁ ସୁଖଭ୍ରମଣ ଯୋଗ ରହିଛି। ଆନୁଷ୍ଠାନିକ କାର୍ଯ୍ୟରେ ସ୍ୱତନ୍ତ୍ରଭାବରେ ନିମନ୍ତ୍ରିତ ହେବା ସହ ଅର୍ଥ ଓ ସମ୍ମାନ ଲାଭ ଯୋଗ ରହିଛି।

**କୁମ୍ଭ**
କର୍ମକ୍ଷେତ୍ରରେ ସମସ୍ୟା ଆସିଲେ ମଧ୍ୟ କୌଣସି ଅସୁବିଧା ନ ହୋଇ ଯଥା ସମୟରେ ସବୁ ଠିକ୍ ହୋଇଯିବ। ପଡ଼ୋଶୀଙ୍କ ସହାୟତାରେ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ। ପିଲାଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ପାରିବାରିକ ସମର୍ଥନ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବ ଓ ଅଭିଳାଷ ପୂରଣ ହେବ।

**ମୀନ**
ଆଜି ଦିନଟିରେ ଯେତେ ସତର୍କରେ ଚଳିଲେ ସୁଦ୍ଧା ବିବାଦ ଭିତରକୁ ଟାଣି ହୋଇଯିବେ। ଚେଷ୍ଟା କରୁଥିବା କାମରେ ସନ୍ଧ୍ୟାରେ ସଫଳତା ଲାଭ କରି ଆନନ୍ଦ ଅନୁଭବ କରିବେ। ପାରିବାରିକ ଅସୁବିଧାକୁ ସୁଧାରିନେବା ସକାଶେ ସ୍ତ୍ରୀଙ୍କ ପ୍ରେରଣାରୁ ଉପକୃତ ହୋଇପାରନ୍ତି। କଠିନଶ୍ରମ ଓ ବିଶେଷ ଭ୍ରମଣଜନିତ ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିବେ।

ଆଜି ଜ୍ୟେଷ୍ଠ କୃଷ୍ଣ ତ୍ରୟୋଦଶୀ ବୁଧବାର, ମଇ ୧୭ ତାରିଖ, ବିଶ୍ୱ ଦୂରସଂଚାର ଦିବସ, ରାଶି ନକ୍ଷତ୍ର-ଅଶ୍ୱିନୀ/ମେଷ, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ଦିବା ଘ. ୦୭.୪୯ମି. ଗତେ ଘ.୦୮.୨୮ମି. ମଧ୍ୟେ, ଘ.୧୦.୦୫ମି. ଗତେ ଘ.୧୧.୧୭ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୨.୪୩ମି. ଗତେ ଘ.୦୧.୨୦ ମି. ମଧ୍ୟେ ରାହୁ କାଳ।

## ପ୍ରଥମ ପୃଷ୍ଠାରୁ...

### କାଳବୈଶାଖୀ: ଗଛ ...

ପନିପରିବା ଫସଲର ବି ବ୍ୟାପକ କ୍ଷତି ହୋଇଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ, ମଙ୍ଗଳବାର ଅପରାହ୍ନରେ ହଠାତ୍ ଝଡ଼ତୋଫାନ ଆରମ୍ଭ ହୋଇଯାଇଥିଲା । ଏଥିସହିତ ମୁଷଳଧାରାକରେ ବର୍ଷା ହୋଇଥିଲା । ଏହି ସମୟରେ ଗଣିଆସ୍ଥିତ କିଶୋରଚନ୍ଦ୍ର ବିଦ୍ୟାପୀଠ ସମ୍ମୁଖ ରାସ୍ତାରେ ବାଇକ୍ ଚଳାଇ ଯାଉଥିବା ଜଣେ ବ୍ୟକ୍ତିଙ୍କ ଉପରେ ରାସ୍ତାପାର୍ଶ୍ୱରେ ଥିବା ଏକ ଗଛର ଡାଳ ହଠାତ୍ ଭାଙ୍ଗି ପଡିବାରୁ ସେ ଗୁରୁତର ହୋଇଥିଲେ । ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ତୁରନ୍ତ ଗଣିଆ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମୃତକ ହେଲେ କଣ୍ଟିଲୋ ନିକଟସ୍ଥ ମାଧବେରେଣୀ ଗ୍ରାମର ନାଭ ଖଟୁଆ (୫୫) । ସେ ପ୍ରତିଦିନ ପରି ମଙ୍ଗଳବାର ସକାଳୁ ଆଇସ୍‌କ୍ରିମ ଧରି ଗଣିଆ ଅଞ୍ଚଳକୁ ବିକ୍ରି ପାଇଁ ଆସିଥିଲେ। ଝଡ଼ତୋଫାନ ବେଳେ ନାଭ ନିଜ ଗାଡ଼ି ଚଳାଇ ଛାମୁଣ୍ଡିଆରୁ ଗଣିଆ ଯାଉଥିବା ସମୟରେ ଏହି ଦୁଃଖଦ ଘଟଣା ଘଟିଥିଲା। କାଳବୈଶାଖୀ ପ୍ରଭାବରେ ଗଣିଆ – ଛାମୁଣ୍ଡିଆ ରାସ୍ତାର ବିଭିନ୍ନ ସ୍ଥାନରେ ଗଛ ପଡି ରାସ୍ତା ଅବରୋଧ ହୋଇଛି। ଏହାର ପ୍ରଭାବରେ ବିଦ୍ୟୁତ୍ ସରବରାହ ବନ୍ଦ ରହିଛି।

ସେହିପରି ଖଣ୍ଡପଡ଼ା ବ୍ଲକ୍ ଅଧୀନ ଖଲିସାହି-କୋସକା ମୁଖ୍ୟ ପୂର୍ତ୍ତ ବିଭାଗ ରାସ୍ତାର ଅଁଳାପଟା ଗ୍ରାମ ନିକଟରେ ଏକ ଯାତ୍ରୀବାହୀ ଅଟୋରିକ୍ସା ଉପରେ ଗଛ ଡ଼ାଳ ଭାଙ୍ଗି ପଡିବାରୁ ଜଣେ ମହିଳା ଯାତ୍ରୀଙ୍କ ମୃତ୍ୟୁ ଘଟିଛି । ଅଟୋରିକ୍ସାରେ ଥିବା ଅନ୍ୟ ୩ ଜଣ ଗୁରୁତର ହୋଇଛନ୍ତି । ମୃତକ ହେଲେ ରଶ୍ମିତା ନାଏକ(୨୫) । ତାଙ୍କ ଘର ଖଣ୍ଡପଡ଼ା ବ୍ଲକ୍ ଅଧୀନ କିଆଝର ଗ୍ରାମରେ । ଗୁରୁତର ଆହତ ହୋଇଥିବା ମୃତ ରଶ୍ମିତାଙ୍କ ମା'ଭମା ନାଏକ ଓ ଅନ୍ୟ ୨ଜଣଙ୍କୁ ୧୦୮ ଆମ୍ବୁଲାନ୍ସରେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ଏକ ଅଟୋରିକ୍ସାରେ ସମ୍ପୃକ୍ତ ବ୍ୟକ୍ତିମାନେ କୋସକାରୁ କିଆଝର ଯାଉଥିବା ବେଳେ ଏହି ଅଘଟଣ ଘଟିଛି । ଖଣ୍ଡପଡ଼ା ପୋଲିସ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛି। ମୃତ ମହିଳାଙ୍କ ମୃତଦେହ ପୋଲିସ ଜବତ କରି ବ୍ୟବଚ୍ଛେଦ ପାଇଁ ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରଖିଛି । ଏ ସମ୍ପର୍କରେ ଖଣ୍ଡପଡା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ଅସ୍ତିତ୍ୱ ହରାଉଛି ...

ବତୀଘର ନିର୍ମାଣ କରାଯାଇଥିଲା। ନୌବାଣିଜ୍ୟ ଓ ଜଳସେଚନ ପାଇଁ ଖୋଳାଯାଇଥିବା ଉକ୍ତ କେନାଲ ବର୍ତ୍ତମାନ ଚାଷ କାର୍ଯ୍ୟ ଲାଗି କ୍ଷେତକୁ ପାଣି ଯୋଗାଇ ପାରୁନାହିଁ। କେନ୍ଦ୍ରାପଡ଼ା ବ୍ଲକ ଆୟବା ବାସିନ୍ଦା ବୀରେନ୍ଦ୍ର କୁମାର ଦାସ କହିଛନ୍ତି, କେନାଲ କଡ଼ରେ ଜବରଦଖଲ ବଢ଼ିଚାଲିଛି। ଏହା ଉପରେ କେତେଜଣ ବ୍ୟକ୍ତି ଘର ନିର୍ମାଣ କରି ଜଳପଥକୁ ସଙ୍କୁଚିତ କରିଛନ୍ତି। ସେହିପରି ସହରର ଅଳିଆ ଆବର୍ଜନା, ପାଇଖାନା ପାଇପ୍ ଓ ପ୍ଲାଷ୍ଟିକ କେନାଲରେ ଛଡ଼ାଯାଉଥିବାବେଳେ ବିଲାତି ଦଳ ବଡ଼ ସମସ୍ୟା ହୋଇଛି। କେନାଲର ଦାନପୁର, କାକଟ ଲକ୍‌ଠାରୁ ଗର୍ଣ୍ଡାକିଆ ଲକ୍ ଆଦି ପ୍ରାୟ ୫୦ କିଲୋମିଟର ଦୈର୍ଘ୍ୟ ଅଞ୍ଚଳରେ ବିଲାତି ଦଳ ଭର୍ତ୍ତି ହୋଇଛି। ପୂର୍ବରୁ କେନ୍ଦ୍ରାପଡ଼ା ସହର ସହ ବ୍ଲକ ଅଞ୍ଚଳର ପ୍ରାୟ ୫୦ରୁ ଅଧିକ ଗ୍ରାମର ବାସିନ୍ଦା ନିତ୍ୟକର୍ମରେ ଏହି ଜଳକୁ ବ୍ୟବହାର କରୁଥିଲେ। ଏବେ କେନାଲ ପାଣି ଯୋଗୁ ଚର୍ମରୋଗ ବ୍ୟାପୁଛି। ପ୍ରତିବର୍ଷ ସଫେଇ ନାମରେ ଜଳ ସମ୍ପଦ ବିଭାଗ ଅର୍ଥ ହରିଲୁଟ୍ କରୁଥିବା ସେ ଅଭିଯୋଗ ଆଣିଛନ୍ତି। ସହରର ମନୋଜ କୁମାର ସିଂହ କହିଛନ୍ତି, କେନାଲ ଖୋଳା ସମୟରେ ଚଉଡ଼ା ପ୍ରାୟ ୧୪୦ ମିଟର ଥିଲା। ଏବେ ସହରର କାକଟ ଲକ୍‌ଠାରୁ ୩ କିଲୋମିଟର ପର୍ଯ୍ୟନ୍ତ ମାତ୍ର ୭ ମିଟର ଚଉଡ଼ା ରହିଛି। ଉଭୟ ପଟରେ ସିମେଣ୍ଟ ପ୍ରାଚୀର ନିର୍ମାଣ ହେଉଥିବାରୁ ଜଳ ପ୍ରବାହ କମିବ। ଫଳରେ କ୍ଷେତର ତଳମୁଣ୍ଡକୁ ପାଣି ନ ଯିବା ଆଶଙ୍କା ଉପୁଜିଛି। କେନାଲରେ ଅଳିଆ ଆବର୍ଜନା ଓ ଦଳ ଭର୍ତ୍ତି ହେଉଥିବାରୁ ଦିନେ ଲୋକଙ୍କୁ ଆହାର ଯୋଗାଇବାର ମାଧ୍ୟମ ପାଲଟିଥିବା ପୁରାତନ କେନାଲ ଅସ୍ତିତ୍ୱ ହରାଇବାକୁ ବସିଛି। ଏ ସମ୍ପର୍କରେ କେନ୍ଦ୍ରାପଡ଼ା ଜଳସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଉମେଶ ଚନ୍ଦ୍ର ସେଠୀଙ୍କୁ ପଚାରିବାରେ ସଡ଼କ ଯୋଗାଯୋଗ ପଥ ଉନ୍ନତ ହେବା ପରେ ନୌବାଣିଜ୍ୟ ପାଇଁ କେନାଲ ଉପଯୋଗୀ ହୋଇ ରହିନାହିଁ। ଜଳସେଚନ ପାଇଁ ଏହାର ଉନ୍ନତୀକରଣ ଚାଲିଛି। କେନାଲ ପଥକୁ ସୁଗମ କରାଯାଇ ଚାଷୀଙ୍କୁ ଜଳ ଯୋଗାଣ ହେଉଛି। କେତେକ ସ୍ଥାନରେ ମାଛ ଚାଷ ପାଇଁ ଆଡ଼ିବନ୍ଧ କରାଯାଇଥିବାରୁ ଆନ୍ଦୋଳନ ହୋଇଥିଲା। ସେହି ଆଡ଼ିବନ୍ଧକୁ ହଟାଯାଇଛି ବୋଲି ସେ କହିଛନ୍ତି।

### ୧୮ରେ ମାଟ୍ରିକ ...

ଦେଇଥିଲେ। ପରୀକ୍ଷାଫଳକୁ ତ୍ରୁଟିଶୂନ୍ୟ କରିବା ଲାଗି ପ୍ରୟାସ କରାଯାଇଛି।

ସୂଚନାଯୋଗ୍ୟ, ମାଟ୍ରିକ, ମଧ୍ୟମା, ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ପାଇଁ ମୋଟ ୫ ଲକ୍ଷ ୪୧ ହଜାର ୨୪୭ ପରୀକ୍ଷାର୍ଥୀ ଫର୍ମପୂରଣ କରିଥିଲେ। ରାଜ୍ୟର ୩,୨୧୮ କେନ୍ଦ୍ରରେ ଏହି ପରୀକ୍ଷା ହୋଇଥିଲା। ପ୍ରଶ୍ନପତ୍ର ରଖିବା ପାଇଁ ୩୧୬ଟି ନୋଡାଲ ସେଣ୍ଟର କରାଯାଇଥିଲା। ରାଜ୍ୟରେ ମୋଟ୍ ୫୫ଟି ମୂଲ୍ୟାୟନ କେନ୍ଦ୍ରରେ ମାଟ୍ରିକ ଖାତା ମୂଲ୍ୟାୟନ ହୋଇଥିଲା।

### ବିଳମ୍ବିତ ହେବ ...

ଏଲ୍ ନିନୋ ସ୍ଥିତି ସତ୍ତ୍ୱେ ଚଳିତ ବର୍ଷ ସ୍ୱାଭାବିକ ମୌସୁମୀ ବର୍ଷା ହେବ ବୋଲି ପାଣିପାଗ ବିଭାଗ ଗତ ମାସରେ ପୂର୍ବାନୁମାନ କରିଥିଲା। ଦେଶରେ ବାର୍ଷିକ ବୃଷ୍ଟିପାତର ୭୫ ପ୍ରତିଶତ ମୌସୁମୀ ପ୍ରଭାବରେ ହୋଇଥାଏ। ଭାରତର ୫୨ ପ୍ରତିଶତ କୃଷି ଅଞ୍ଚଳ ମୌସୁମୀ ବର୍ଷା ଉପରେ ନିର୍ଭରଶୀଳ, ଯାହା ଦେଶର ମୋଟ ଖାଦ୍ୟଶସ୍ୟ ଉତ୍ପାଦନର ୪୦ ପ୍ରତିଶତ ଯୋଗାଇଥାଏ। ତେଣୁ ଭାରତର ଖାଦ୍ୟ ସୁରକ୍ଷା ଏବଂ ଅର୍ଥନୈତିକ ସ୍ଥିରତା ପାଇଁ ମୌସୁମୀର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି।

ଚଳିତ ବର୍ଷ ମୌସୁମୀ ବର୍ଷା ସ୍ୱାଭାବିକ ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଥିଲେ ମଧ୍ୟ ଜୁନ୍‌ରୁ ସେପ୍ଟେମ୍ବର ମଧ୍ୟରେ ଏଲ୍ ନିନୋ ସୃଷ୍ଟି ହେବାର ୯୦ ପ୍ରତିଶତ ସମ୍ଭାବନା ଥିବାରୁ ଏହା ବର୍ଷାକୁ ପ୍ରଭାବିତ କରିବ। ତେଣୁ ସ୍ୱାଭାବିକଠାରୁ କମ୍ ବର୍ଷା ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଅଧିକାଂଶ ଏଲ୍ ନିନୋ ବର୍ଷରେ କମ୍ ବର୍ଷା ହେବା ଯୋଗୁ କେତେକ ଅଞ୍ଚଳରେ ମରୁଡ଼ି ସ୍ଥିତି ସୃଷ୍ଟିହୋଇ ଫସଲ କ୍ଷତିଗ୍ରସ୍ତ ହୋଇଛି। ଫଳରେ ଖାଦ୍ୟଶସ୍ୟ ରପ୍ତାନି ହ୍ରାସ କରିବାକୁ ସରକାର ବାଧ ହୋଇଛନ୍ତି। ସାଧାରଣତଃ କେନ୍ଦ୍ରୀୟ ଓ ପୂର୍ବ ପ୍ରଶାନ୍ତ ମହାସାଗର ଅଞ୍ଚଳରେ ତାପମାତ୍ରା ସ୍ୱାଭାବିକଠାରୁ ଅଧିକ ରହିଲେ ଏଲ୍ ନିନୋ ସୃଷ୍ଟି ହୋଇଥାଏ। ଏହି ଉଷ୍ମତା ବାୟୁମଣ୍ଡଳ ଢାଞ୍ଚାରେ ପରିବର୍ତ୍ତନ ଆଣୁଥିବାରୁ ଭାରତୀୟ ଉପମହାଦେଶରେ ମୌସୁମୀ ପ୍ରବାହକୁ ଦୁର୍ବଳ କରିଦିଏ। ଫଳରେ ଏଲ୍ ନିନୋ ବର୍ଷରେ ଭାରତୀୟ ମୌସୁମୀ ଦୁର୍ବଳ ହୋଇ କମ୍ ବୃଷ୍ଟିପାତ କରାଇଥାଏ।

### ଅଜଣା ସୂତ୍ରରୁ ଆଞ୍ଚଳିକ ...

ଏପରି ସ୍ୱେଚ୍ଛାକୃତ ଦାନ ସମ୍ପର୍କିତ ତଥ୍ୟ ସାର୍ବଜନୀନ କରାଯାଇ ନ ଥାଏ। ଏଡିଆର୍ ଆହୁରି କହିଛି ଯେ ରାଜନୈତିକ ଦଳଗୁଡ଼ିକ ଅଜଣା ଉତ୍ସରୁ ୮୮୭.୫୫ କୋଟି ଟଙ୍କା ପାଇଛନ୍ତି, ଯାହାକି ସେମାନଙ୍କ ମୋଟ ଆୟର ୭୬.୧୫%। ୮୮୭.୫୫ କୋଟିରୁ ୯୩.୨୬% ଅର୍ଥାତ୍ ୮୨୭.୭୬ କୋଟି ଟଙ୍କା ଇଲେକ୍ଟୋରାଲ ବଣ୍ଡରୁ ଆସିଛି। ୨୭ଟି ଆଞ୍ଚଳିକ ଦଳ କୁପନ୍ ବିକ୍ରିରୁ ୪.୩୨% (୩୮.୩୫ କୋଟି), ସ୍ୱେଚ୍ଛାକୃତ ଦାନ(୨୦,୦୦୦ରୁ କମ୍) ୨.୪୦% (୨୧.୨୯ କୋଟି ଟଙ୍କା) ପାଇଛନ୍ତି। ପ୍ରାରମ୍ଭରେ ୫୪ଟି ଆଞ୍ଚଳିକ (ସ୍ୱୀକୃତିପ୍ରାପ୍ତ) ଦଳକୁ ବିଶ୍ଳେଷଣରେ ସାମିଲ କରାଯାଇଥିଲା। ତେବେ ସେଗୁଡ଼ିକ ମଧ୍ୟରୁ ୨୮ଟି ଦଳ ନିଜ ବାର୍ଷିକ ସମୀକ୍ଷା ରିପୋର୍ଟ ଦାଖଲ କରିଛନ୍ତି। ଅବଶିଷ୍ଟ ଦଳଗୁଡ଼ିକ ୨ଟି ରିପୋର୍ଟ ମଧ୍ୟରୁ ଗୋଟିଏ ଲେଖାଏ ଦାଖଲ କରିଛନ୍ତି। ୨୦୨୧-୨୨ରେ ୨୭ ଆଞ୍ଚଳିକ ଦଳର ମୋଟ ଆୟ ୧,୧୬୫.୫୮ କୋଟି ଟଙ୍କା ଥିଲା। ସେଥିରୁ ୧୨.୪୮% ଅର୍ଥାତ୍ ୧୪୫.୪୨ କୋଟି ଟଙ୍କା ଅଜ୍ଞାତ ସୂତ୍ରରୁ ମିଳିଥିଲା। ସଦସ୍ୟତା ସଂଗ୍ରହ, ବ୍ୟାଙ୍କ ସୁଧ ଓ ମୁଦ୍ରିତ ସାମଗ୍ରୀ ବିକ୍ରି ଭଳି ଅନ୍ୟାନ୍ୟ ଉତ୍ସରୁ ଦଳଗୁଡ଼ିକ ୧୩୨.୬୧ କୋଟି ଟଙ୍କା (୧୧.୩୮%) ପାଇଛନ୍ତି।

### କୃତ୍ରିମ ଶର୍କରା ବ୍ୟବହାର ...

ଡବ୍ଲ୍ୟୁଏଚ୍‌ଓର ପୋଷଣ ଓ ଖାଦ୍ୟ ସୁରକ୍ଷା ନିର୍ଦ୍ଦେଶକ ଫ୍ରାନ୍ସେସ୍କୋ ବ୍ରାନ୍କା କହିଛନ୍ତି। ଶର୍କରାରୁ ମୁକ୍ତି ପାଇଁ ଅଣଶର୍କରା ମିଠା (ଏନ୍‌ଏସ୍‌ଏସ୍) ବ୍ୟବହାର ଦୀର୍ଘମିଆଦୀ ଓଜନ ହ୍ରାସରେ ସହାୟକ ହୋଇ ନ ଥାଏ। ତେଣୁ ଲୋକମାନେ ପ୍ରକୃତିଦତ୍ତ ମିଠା ଥିବା ଖାଦ୍ୟ ଯଥା ଫଳ ବ୍ୟବହାର କରିପାରିବେ। ମିଠା ନ ଥିବା ଖାଦ୍ୟ ଓ ପାନୀୟ ବ୍ୟବହାର କରିବାକୁ ବ୍ରାନ୍କା ପରାମର୍ଶ ଦେଇଛନ୍ତି। ସାଧାରଣ ଏନ୍‌ଏସ୍‌ଏସ୍ ମଧ୍ୟରେ ରହିଛି ଆସ୍ପାରଟେମ୍, ଆଡଭାଣ୍ଟେମ୍, ସୁକ୍ରାଲସ୍, ସାକାରିନ୍, ନେଓଟେମ୍, ଆସେସୁଲ୍‌ଫେମ୍ କେ, ସିକ୍ଲାମେଟ୍ସ ଏବଂ ଷ୍ଟିଭିଆ । ଏଗୁଡ଼ିକ ଜରୁରୀ ଖାଦ୍ୟ ସାମଗ୍ରୀ ନୁହେଁ ଏବଂ ଏହାର କୌଣସି ପୋଷକ ମୂଲ୍ୟ ନାହିଁ। ତେଣୁ ସ୍ୱାସ୍ଥ୍ୟରେ ଉନ୍ନତି ଚାହୁଁଥିଲେ ଆରମ୍ଭରୁ ଖାଦ୍ୟରେ ମିଠା କମାଇଦେବା ଆବଶ୍ୟକ ବୋଲି ବ୍ରାନ୍କା କହିଛନ୍ତି।

# ସାହାଯ୍ୟକାରୀଙ୍କୁ ସାହାଯ୍ୟ



ଅଚ୍ୟୁତ ସାମନ୍ତ

ସାଂପ୍ରତିକ ସାମାଜିକ ସ୍ଥିତିରେ ବ୍ୟକ୍ତିଗତ ସ୍ୱାର୍ଥ ଓ ଉନ୍ନତି ପଛରେ ଆମେ ଯେତିକି ଗୁରୁତ୍ୱ ଦେଉଛେ ସେହି ଅନୁସାରେ ଉଦାର ମନୋଭାବ, ଦୟା ଓ ପରୋପକାର ଇତ୍ୟାଦି ଶବ୍ଦ 'ନୀତିକଥା'ରେ ରହିଯାଇଛି। ଜୀବନ ଜିଇବା ପାଇଁ ସଂଘର୍ଷ କରୁଥିବା ଲୋକଟି ବିଷୟରେ ଭାବିବାକୁ କାହା ପାଖରେ ସମୟ ନାହିଁ। ଏହି ପରିପ୍ରେକ୍ଷୀରେ 'ଆର୍ଟ ଅଫ୍ ଗିଭିଂ'ର ପ୍ରୟାସ ସମସ୍ତଙ୍କ ମଧ୍ୟରେ ଖୁସି ଓ ଆନନ୍ଦର ଲହରି ଖେଳାଇ ଦେଇପାରେ। 'ଆର୍ଟ ଅଫ୍ ଗିଭିଂ' ହେଉଛି ଦୟା ଓ ଉଦାରତା ମାଧ୍ୟମରେ ଅନ୍ୟକୁ ପୂର୍ଣ୍ଣମାତ୍ରାରେ ସ୍ନେହ, ଶାନ୍ତି, ଖୁସି ଏବଂ ସନ୍ତୋଷ ଦେବା ନିମନ୍ତେ ଏକ ପ୍ରୟାସ।

ଆମେ ଗୁଣାତ୍ମକ ଶିକ୍ଷା ଓ ସଶକ୍ତୀକରଣ ମାଧ୍ୟମରେ ଲକ୍ଷାଧିକ ପରିବାରକୁ ସଶକ୍ତ କରିବା ଦିଗରେ ପ୍ରୟାସ ଜାରି ରଖିଛୁ। ଦୟା ଓ ଉଦାରତା ମାଧ୍ୟମରେ ଅନ୍ୟକୁ ଖୁସି ଦେବାର ଅନୁଭବ 'ଆର୍ଟ ଅଫ୍ ଗିଭିଂ' ଭଳି ଏକ ଅଭିନବ ପ୍ରୟାସ ଆରମ୍ଭ କରିବା ପାଇଁ ମୋତେ ପ୍ରେରଣା ଦେଇଥିଲା। ୨୦୧୩ ମେ ୧୭ ତାରିଖରେ ଆର୍ଟ ଅଫ୍ ଗିଭିଂ ପ୍ରତିଷ୍ଠା କରାଯାଇ ଏହାକୁ ସମଗ୍ର ବିଶ୍ୱରେ ପ୍ରସାର ଓ ପ୍ରଚାର ନିମନ୍ତେ ଉଦ୍ୟମ ଆରମ୍ଭ ହେଲା। ଆର୍ଟ ଅଫ୍ ଗିଭିଂର ଏହି ଅଭ୍ୟାସ ମୋର ବାଲ୍ୟକାଳରୁ ମୋ ମଧ୍ୟରେ ଜନ୍ମଲାଭ କରିଥିଲା। ମାତ୍ର ୫ ବର୍ଷ ବୟସରେ ପିତାଙ୍କୁ ହରାଇ ଦାରିଦ୍ର୍ୟ ମଧ୍ୟରେ ଥାଇ ମଧ୍ୟ ବାଲ୍ୟକାଳରେ ଅନ୍ୟକୁ ସାହାଯ୍ୟ କରିବା ଅଭ୍ୟାସ ମୋ ମଧ୍ୟରେ ଆରମ୍ଭ ହୋଇଥିଲା। ବାଲ୍ୟଜୀବନରୁ ଛୋଟ ଛୋଟ କାମ କରି ମୁଁ ପାଉଥିବା ସାମାନ୍ୟ ଅର୍ଥରେ ଗାଁର ଅନ୍ୟ ଗରିବ ଓ ଅସହାୟଙ୍କୁ ଯତ୍କିଞ୍ଚିତ ସାହାଯ୍ୟ କରୁଥିଲି।

ଅଭାବର ଅଭିଜ୍ଞତା ମୋତେ ଦାନ କରିବା ବିଷୟ ଶିକ୍ଷା ଦେଇଛି। ଏହି ଅଭିଜ୍ଞତାଗୁଡ଼ିକରୁ ହିଁ 'ଆର୍ଟ ଅଫ୍ ଗିଭିଂ'ର ଜନ୍ମ। ଦୁଃଖୀ ଓ ଦରିଦ୍ରଙ୍କୁ ସାହାଯ୍ୟ କରିବା ସହ ବିଶ୍ୱରେ ଶାନ୍ତି, ଆନନ୍ଦ ଓ ସଂପ୍ରୀତି ବିତରଣ କରିବା ହେଉଛି 'ଆର୍ଟ ଅଫ୍ ଗିଭିଂ'ର ଲକ୍ଷ୍ୟ। କେବଳ ଦୁଃଖୀ ଦରିଦ୍ର ଲୋକଙ୍କୁ ଟଙ୍କା ପଇସା ଦାନ ନୁହେଁ, ଅସୁବିଧାରେ ରହୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ବିଭିନ୍ନ ମାଧ୍ୟମରେ ସାହାଯ୍ୟ ଓ ସହାନୁଭୂତି ପ୍ରଦର୍ଶନ କରିବା ମଧ୍ୟ ଆର୍ଟ ଅଫ୍ ଗିଭିଂ। ଜଣେ ବ୍ୟକ୍ତିଙ୍କୁ ଧୈର୍ଯ୍ୟର ସହ ଶୁଣିବା ଓ ଅନ୍ୟକୁ ମିଠା କଥା ପଦେ କହିବା ଦ୍ୱାରା ମଧ୍ୟ ଆର୍ଟ ଅଫ୍ ଗିଭିଂ କରାଯାଇପାରେ। ଦାନ କେବଳ ଏକ ମନୋଭାବ ହୋଇଥିବାରୁ ଏଥିପାଇଁ କୌଣସି ତରିକା ଆବଶ୍ୟକ ନାହିଁ।

## ୧୦ମ ବର୍ଷରେ ଆର୍ଟ ଅଫ୍ ଗିଭିଂ

ପୃଥିବୀରେ ସାହାଯ୍ୟ ଆବଶ୍ୟକ କରୁଥିବା ଲୋକ ଓ ସାହାଯ୍ୟ କରିବା ପାଇଁ ଇଚ୍ଛା ଥିବା ବ୍ୟକ୍ତି ମଧ୍ୟରେ ଯୋଗାଯୋଗ ସ୍ଥାପନ କ୍ଷେତ୍ରରେ ଆର୍ଟ ଅଫ୍ ଗିଭିଂ ଏକ ପ୍ଲାଟଫର୍ମ ଯୋଗାଇ ଦେଇଛି। ଯେତେବେଳେ ଆମେ ଦାନ କରିବା ସମୟରେ ଖୁସି ଅନୁଭବ କରିଥାଉ ବୋଲି ବୈଜ୍ଞାନିକ ଭାବେ ପ୍ରମାଣିତ ହୋଇଛି। ଶାନ୍ତି ଓ ଖୁସିର ବାର୍ତ୍ତାର ପ୍ରଚାର ନିମନ୍ତେ ସମଗ୍ର ବିଶ୍ୱରୁ ଅଧିକରୁ ଅଧିକ ଲୋକ ଏହି ଆନ୍ଦୋଳନରେ ସାମିଲ ହୋଇ ଚାଲିଛନ୍ତି।

ଚଳିତବର୍ଷ ମେ ୧୭ ତାରିଖରେ ସମଗ୍ର ବିଶ୍ୱରେ ୧୦ମ ଆର୍ଟ ଅଫ୍ ଗିଭିଂ ଦିବସ ପାଳିତ ହେଉଛି। ଗତ ୯ ବର୍ଷ ମଧ୍ୟରେ ବିଭିନ୍ନ ବିଷୟବସ୍ତୁକୁ ନେଇ ଏହାର ସଦସ୍ୟମାନେ ସମଗ୍ର ବିଶ୍ୱରେ ଆର୍ଟ ଅଫ୍ ଗିଭିଂ ପାଳନ କରିଆସୁଛନ୍ତି। ଚଳିତବର୍ଷର ବିଷୟବସ୍ତୁ ହଉିଛି 'ହେଲ୍ପିଂ ଦ ହେଲ୍ପ' (ସାହାଯ୍ୟକାରୀଙ୍କୁ ସାହାଯ୍ୟ)। ସ୍ନେହ, ଦୟା, ସହାନୁଭୂତି ଓ କୃତଜ୍ଞତା ଜରିଆରେ ପରସ୍ପରକୁ ସାହାଯ୍ୟ କରିବା ହେଉଛି ଏହାର ଲକ୍ଷ୍ୟ। ୨୦୨୨ରେ 'ଆଶା, ଆନନ୍ଦ ଓ ସଂପ୍ରୀତି' ବିଷୟବସ୍ତୁକୁ ନେଇ ସମଗ୍ର ବିଶ୍ୱରେ ଆର୍ଟ ଅଫ୍ ଗିଭିଂ ପାଳନ ହୋଇଥିବା ବେଳେ ୨୦୨୧ରେ 'ମାଇଁ ମଦର ମାଇଁ ହିରୋ' ବିଷୟବସ୍ତୁକୁ ନେଇ ଆର୍ଟ ଅଫ୍ ଗିଭିଂର ସଦସ୍ୟମାନେ ନିଜ ମାଆଙ୍କୁ କୃତଜ୍ଞତା ଜଣାଇଥିଲେ। ୨୦୨୦ କରୋନା କାଳରେ ଆର୍ଟ ଅଫ୍ ଗିଭିଂ ପକ୍ଷରୁ କୋଭିଡ୍ ଯୋଦ୍ଧାଙ୍କୁ ସମ୍ମାନିତ କରାଯିବା ସହ କରୋନା ପ୍ରଭାବିତ ଲୋକଙ୍କୁ ସାହାଯ୍ୟ କରାଯାଇଥିଲା। ୨୦୧୯ରେ 'ବ୍ୟାଗ୍ ଅଫ୍ ହାପିନେସ୍' ବିଷୟବସ୍ତୁ ରଖାଯାଇଥିବା ବେଳେ ସ୍କୁଲ୍ ଛାତ୍ରୀଛାତ୍ରଙ୍କୁ ହାପିନେସ୍ କିଟ୍ ଉପହାର ପ୍ରଦାନ କରାଯାଇଥିଲା। ୨୦୧୮ରେ ଆର୍ଟ ଅଫ୍ ଗିଭିଂର 'ପ୍ୟାର ଭରା ପ୍ୟାକ୍' କାର୍ଯ୍ୟକ୍ରମ ବିପୁଳ ସଫଳତା ଲାଭ କରିଥିଲା। ଏଥିରେ ସମଗ୍ର ବିଶ୍ୱରେ ୨୦ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କୁ ଖାଦ୍ୟ ଦାନ କରାଯାଇଥିଲା। ୨୦୧୭ରେ ସୁସ୍ଥ ଜୀବନ ଏବଂ ସବୁଜ ଭବିଷ୍ୟତ ନେଇ ସଚେତନତା ପାଇଁ ସାଇକ୍ଲୋଥୋନ୍ ଓ ତା' ପରବର୍ଷଠାରୁ ଆର୍ଟ ଅଫ୍ ଗିଭିଂର କଳେବର ବୃଦ୍ଧି ପାଇ ଏହା ବିଶ୍ୱର କୋଣ ଅନୁକୋଣରେ ପହଞ୍ଚିଥିଲା। ୨୦୧୬ରେ କୃତଜ୍ଞତା ମାଧ୍ୟମରେ ନିଜକୁ ସମଗ୍ର ବିଶ୍ୱ ସହ ଯୋଡ଼ିବା ବିଷୟବସ୍ତୁ ରଖାଯାଇଥିଲା। ୨୦୧୪ରେ ସହାନୁଭୂତି ବିଷୟବସ୍ତୁ ରଖାଯାଇଥିବା ବେଳେ ୨୦୧୫ରେ ଅସହାୟଙ୍କୁ ବସ୍ତ୍ରଦାନ ଜରିଆରେ ଆର୍ଟ ଅଫ୍ ଗିଭିଂ ପାଳନ କରାଯାଇଥିଲା। ଏହାର ଅନୁଗାମୀଙ୍କ ସଂଖ୍ୟା ୨କୋଟି ଓ ସଦସ୍ୟ ସଂଖ୍ୟା ୧୫ଲକ୍ଷରେ ପହଞ୍ଚିଥିବା ବେଳେ ଆର୍ଟ ଅଫ୍ ଗିଭିଂ ପରିବାର ଦ୍ରୁତଗତିରେ ବଢ଼ି ଚାଲିଛି। ବିଶ୍ୱର ୧୨୦ଟି ଦେଶର ୩ଶହଟି ସ୍ଥାନରେ ଏହାର ଆବାହକ ରହିଥିବା ବେଳେ ଭାରତର ସମସ୍ତ ରାଜ୍ୟ ଓ ଓଡ଼ିଶାର ସମସ୍ତ ବ୍ଲକ୍ ଏବଂ ପଞ୍ଚାୟତରେ ଆବାହକ ଅଛନ୍ତି। ସେମାନେ ବର୍ଷ ତମାମ ଆର୍ଟ ଅଫ୍ ଗିଭିଂର ବାର୍ତ୍ତା ପ୍ରଚାର କରି ଆସିବା ସହ ସ୍ୱେଚ୍ଛାସେବୀ କାର୍ଯ୍ୟ କରିଥାନ୍ତି। ସାମାଜିକ ଗଣମାଧ୍ୟମ(ସୋସିଆଲ ମିଡିଆ) ଜରିଆରେ ଆର୍ଟ ଅଫ୍ ଗିଭିଂ କୋଟି କୋଟି ଲୋକଙ୍କ ନିକଟରେ ପହଞ୍ଚି ପାରିଛି।

ପ୍ରତ୍ୟେକ ଦିନ ଆର୍ଟ ଅଫ୍ ଗିଭିଂ ବିଶ୍ୱକୁ ଏକ ଉତ୍ତମ ସ୍ଥାନରେ ପରିଣତ କରିବା ପାଇଁ ପ୍ରୟାସ ଜାରି ରଖିଛି। ଆର୍ଟ ଅଫ୍ ଗିଭିଂ ପ୍ରାକୃତିକ ବିପର୍ଯ୍ୟୟରେ ସାହାଯ୍ୟ, ସ୍ଥାୟୀ ଗ୍ରାମ୍ୟ ବିକାଶ, ମହିଳା ସଶକ୍ତୀକରଣ, ସ୍ଥାୟୀ ପରିବେଶ ସୁରକ୍ଷା, ସ୍ୱାସ୍ଥ୍ୟ ଶିବିର ଏବଂ ଗଣତନ୍ତ୍ରର ପ୍ରୋତ୍ସାହନ ସମେତ ଅନେକ ପ୍ରକାର ମାନବିକ ପ୍ରକଳ୍ପ ଓ ସେବାମୂଳକ କାର୍ଯ୍ୟ କରିଆସୁଛି। ଦକ୍ଷ ଓ ଯୁବସୁଲଭ, ପ୍ରତିଶ୍ରୁତିବଦ୍ଧ ସ୍ୱେଚ୍ଛାସେବୀମାନେ ପ୍ରେମ ଓ ଦୟା ଶକ୍ତିର ଉପଯୋଗ କରି ଏକ ବ୍ୟାପକ ସାମାଜିକ ପ୍ରଭାବ ସୃଷ୍ଟିରେ ଲାଗି ପଡ଼ିଛନ୍ତି।

'ଆର୍ଟ ଅଫ୍ ଗିଭିଂ' କୌଣସି ଏକ ନୂଆ ଚିନ୍ତାଧାରା ନୁହେଁ। ଶହଶହ ବର୍ଷ ଧରି ଏହା ସମାଜରେ ଅନୁକରଣ ଓ ଅଭ୍ୟାସ କରାଯାଇଆସୁଛି। ପ୍ରତ୍ୟେକ ଧର୍ମ ସବୁବେଳେ ଦାନକୁ ଗୁରୁତ୍ୱ ଦେଇଆସିଛି। ଏହା ହେଉଛି ପ୍ରତ୍ୟେକ ଧର୍ମର ଏକ ପ୍ରମୁଖ ସିଦ୍ଧାନ୍ତ। କାରଣ ଆଧ୍ୟାତ୍ମିକ ଜୀବନ ପାଇଁ ଉଦାର ମନୋଭାବ ନିହାତି ଆବଶ୍ୟକ। ଭାରତୀୟ ଶାସ୍ତ୍ରରେ ଦାନର ଏକ ପ୍ରମୁଖ ସ୍ଥାନ ରହିଛି। ପ୍ରତ୍ୟେକ ଧର୍ମରେ ଦାନର ଗୁରୁତ୍ୱ ବିଷୟରେ ବର୍ଣ୍ଣନା କରାଯାଇଛି। କୋରାନ୍‌ରେ ଏହାକୁ ସଦାକ୍ ବା ଜାକତ୍ ବୋଲି ଅଭିହିତ କରାଯାଇଥିବା ବେଳେ ବୌଦ୍ଧ ଧର୍ମରେ ଅସହାୟଙ୍କୁ ଦାନ ସମ୍ପର୍କରେ କୁହାଯାଇଛି। ସେହିପରି ଜୈନ ଧର୍ମରେ ଖାଦ୍ୟ ଦାନ, ଅନ୍ୟମାନଙ୍କୁ ବିପଦରେ ସାହାଯ୍ୟ, ଔଷଧ ବଣ୍ଟନ ଓ ଜ୍ଞାନର ପ୍ରସାର ହେଉଛି ଆର୍ଟ ଅଫ୍ ଗିଭିଂ। ଇହୁଦୀ ଧର୍ମରେ ଯେଦାକ୍ ଅର୍ଥାତ୍ ନ୍ୟାୟ କିମ୍ବା ନୀତିନିଷ୍ଠ ହେଉଛି ଦାନ। ଖ୍ରୀଷ୍ଟିଆନ୍ ଧର୍ମରେ ଦାନକୁ ବିଶ୍ୱାସର ଆବଶ୍ୟକ ଅଂଶ ବୋଲି କୁହାଯାଇଛି। ପାର୍ସୀ ଧର୍ମରେ ଦାରିଦ୍ର୍ୟ ଓ କଷ୍ଟକୁ ପାପର ପୀଡ଼ା ବୋଲି ବିଚାର କରାଯାଏ। ତେଣୁ ଏହି ପାପ ବିରୋଧରେ ପ୍ରତ୍ୟେକ ବ୍ୟକ୍ତି ଲଢେଇ କରିବାକୁ ଏଥିରେ କୁହାଯାଇଛି।

ଆର୍ଟ ଅଫ୍ ଗିଭିଂ ସମାଜକୁ ପ୍ରତିଦାନ କରିବାର ଏକ ନୂଆ ବିଚାର ନେଇ କାର୍ଯ୍ୟକରୁଛି। ପାଇବାର କୌଣସି ଆଶା ନ ରଖି ଅନ୍ୟକୁ ବିଭିନ୍ନ ଭାବରେ ଦାନ କରିବାର ଦର୍ଶନ ଉପରେ ଏହା ପର୍ଯ୍ୟବସିତ। ଅନ୍ତର୍ଜାତୀୟ ଆର୍ଟ ଅଫ୍ ଗିଭିଂ ଦିବସ ଆମ ସମସ୍ତଙ୍କୁ ମନେ ପକାଇ ଦିଏ– ଦୟା, ସ୍ନେହ ଓ କୃତଜ୍ଞତା ଭଳି ସାଧାରଣ କାର୍ଯ୍ୟ ମାଧ୍ୟମରେ ଅନ୍ୟର ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆଣିପାରୁ। ଜଣେ ବ୍ୟକ୍ତିର କାର୍ଯ୍ୟ କିପରି ଏକ ସୁନ୍ଦର ବିଶ୍ୱ ସୃଷ୍ଟି ପାଇଁ ପ୍ରଭାବ ପକାଇଥାଏ, ତାହାର ଜ୍ୱଳନ୍ତ ଉଦାହରଣ ହେଉଛି 'ଆର୍ଟ ଅଫ୍ ଗିଭିଂ।

–ପ୍ରତିଷ୍ଠାତା, ଆର୍ଟ ଅଫ୍ ଗିଭିଂ

# ପୁଅ ଠେଙ୍ଗା ମାଡ଼ରେ ମା' ମୃତ

**ହେମଗିର, ୧୬।୫(ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲା ହେମଗିର ଥାନା ବ୍ରାହ୍ମଣୀ ଗ୍ରାମରେ ପୁଅର ଠେଙ୍ଗା ମାଡ଼ରେ ମା'ଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ତୁମା ଲାକରା(୫୦)। ପୋଲିସ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏହି ଘଟଣାରେ ଅଭିଯୁକ୍ତ ପୁଅ ଶଙ୍କର ଲାକରା(୩୨)ଙ୍କୁ ଗିରଫ କରାଯାଇଛି। ପୋଲିସ ଏକ ମାମଲା (ନଂ.୧୫୩।୨୩) ରୁଜୁ କରିଛି। ଅଭିଯୁକ୍ତଙ୍କୁ ବୁଧବାର କୋର୍ଟଚାଲାଣ କରାଯିବ ବୋଲି ପୋଲିସ କହିଛି। ସୂଚନା ଅନୁସାରେ, ସୋମବାର ରାତି ପ୍ରାୟ ସାଢ଼େ ୯ଟାରେ ଉକ୍ତ ଗ୍ରାମର ଧାନ ଲାକରାଙ୍କ ସ୍ତ୍ରୀ ତୁମା ଓ ପୁଅ ଶଙ୍କରଙ୍କ ମଧ୍ୟରେ କୌଣସି କାରଣରୁ ଝଗଡ଼ା ହୋଇଥିଲା। ଶଙ୍କର ଉତ୍ତ୍ୟକ୍ତ ହୋଇ ଠେଙ୍ଗାରେ ତୁମାଙ୍କୁ ମାଡ଼ ମାରିବା ସହ ନିଆଁରେ ପୋଡ଼ି ଦେଇଥିଲା। ଫଳରେ ଘଟଣାସ୍ଥଳରେ ତୁମାଙ୍କ ମୃତ୍ୟୁ ହୋଇଥିଲା।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

ଆବଶ୍ୟକ
ଭୁବନେଶ୍ୱରରେ ଛୋଟ ଛୁଆ ଏବଂ ଘରର ଯତ୍ନ ନେବାପାଇଁ ଅଭିଜ୍ଞ ସ୍ତ୍ରୀଲୋକ ଆବଶ୍ୟକ । ଶିକ୍ଷାଗତ ଯୋଗ୍ୟତା– Graduation.
Contact: 9090900777
8456041617

RECRUITMENT
150 years Legacy Company is hiring professional Male/Female in BBSR city. Work (Full/ part time) Excellent Career & Earning opportunity (Need: Retired & VRS Employee, Educated House-wife, Finance professional, Real Estate people, Business people, Pvt. Employee, Teachers, All other's are also welcome).
9853875527, 8917361500

Require : Customer Relationship Manager
~ Minimum 1 Yr Experience
~ Tele Calling in Hindi & English
~ Target Based Job
~ Salary 15,000/- PM
Only MALE Candidates
8637223376

WANTED
Computer Hardware & Networking Engineer and Computer/DTP Operator with Knowledge in their field.
MICROCOSMIC
Plot No. 397(P), Garage Chhack, Lewis Road, BBSR - 02
Cont.: 9861036602, 8249022043

WANTED
ଧରିତ୍ରୀ DHARITRI Oriya daily is looking for
MARKETING EXECUTIVES
Roles and Responsibilities:-
- Must have retail, corporate client base in designated locations.
- Capable to aggressively chase sales targets
- Hands-on experience in content management.
- Drive new client acquisition.
- Conduct market research and analysis to evaluate trends, brand awareness and competition ventures.
Requirements:-
- Candidates must have minimum 3-5 years experience in Space Selling for Print Media.
- Excellent Marketing, negotiation and analytical skills.
- Effective communication skills & punctuality.
Apply immediately to : recruitment@dharitri.com
Attractive salary commensurate with experience

ଆବଶ୍ୟକ CNC ଅପରେଟର୍ସ - 5 ବର୍ଷର ଅଭିଜ୍ଞତା, ଲେଥ୍ ମେସିନ୍ ଅପରେଟର୍ସ, ମେକାନିକାଲ୍ ଫିଟର୍ସ / ରକ୍ଷଣାବେକ୍ଷଣ ଏବଂ ଜେନେରାଲ୍ ମେସିନ୍ ଅପରେଟର୍ସ, ହେଲପର୍ସ | ଆମର ନୂତନ କାରଖାନା ପାଇଁ ହାଇଦ୍ରାବାଦ, 9676901354, ଇମେଲ: jrspldis@gmail.com ରେ ଲକ୍ଷ୍ମଣଙ୍କ ସହିତ ଯୋଗାଯୋଗ କରନ୍ତୁ |

LS
WANTED FRP MOULDERS
ଚାହୁଁଥିଲେ FRP ମୌଲଡେଶ
for M/s Fiberr Xel, Bangalore, Karnataka
M/s ଫିବେର୍ କ୍ସେଲ, ବାଙ୍ଗାଲୋର, କର୍ଣାଟକ

| | |
|---|---|
| Experience: 3 years | ଅଭିଜ୍ଞତା: ୩ ଏୟାର୍ସ |
| Facility Provided: | ସୁବିଧା: |
| 1. Accomodation | 1. ଆକୋମୋଡେସନ୍ |
| 2. Lunch | 2. ମଧ୍ୟାହ୍ନ ଭୋଜନ |
| 3. PF and ESI | 3. PF ,ବଂ ESI |

Contact: 9880012505 / 080-41461805 / 41106409
Mail: fiberrxel@hotmail.com

See Career Appointment on every Wednesday & Saturday

ଭାରତୀୟ ରିଜର୍ଭ ବ୍ୟାଙ୍କ
ମାନବ ସଂସାଧନ ପ୍ରବନ୍ଧ ବିଭାଗ
ପଣ୍ଡିତ ଜୱାହରଲାଲ ନେହରୁ ମାର୍ଗ, ଭୁବନେଶ୍ୱର-751001, ଓଡ଼ିଶା
ନିର୍ଦ୍ଦିଷ୍ଟ ପାରିଶ୍ରମିକ (ଘଣ୍ଟା ପ୍ରତି) ବିଶିଷ୍ଟ ଠିକା ବ୍ୟାଙ୍କ ଚିକିତ୍ସା ପରାମର୍ଶଦାତାଙ୍କ ନିୟୋଜନ
ଭାରତୀୟ ରିଜର୍ଭ ବ୍ୟାଙ୍କ ଅତି କମ୍‌ରେ ଦୁଇବର୍ଷର ଅଭିଜ୍ଞତା ସମ୍ପନ୍ନ ଭାରତୀୟ ଚିକିତ୍ସା ପରିଷଦ ଦ୍ୱାରା ମାନ୍ୟତାପ୍ରାପ୍ତ ଯେକୌଣସି ବିଶ୍ୱବିଦ୍ୟାଳୟ ର ମେଡିକାଲ ସ୍ନାତକ ମାନଙ୍କ ଠାରୁ ଏହାର ଭୁବନେଶ୍ୱର ସ୍ଥିତ ଔଷଧାଳୟ ଗୁଡ଼ିକ ପାଇଁ ଚୁକ୍ତି ଭିତ୍ତିରେ ନିର୍ଦ୍ଦିଷ୍ଟ ପାରିଶ୍ରମିକ (ଘଣ୍ଟା ପ୍ରତି) ବିଶିଷ୍ଟ ଚିକିତ୍ସା ପରାମର୍ଶଦାତା ନିମନ୍ତେ ମାତ୍ର ଦୁଇଟି (୦୨) ପଦ (୦୧ ଅଣ–ସଂରକ୍ଷିତ ଏବଂ ୦୧ ଅନୁସୂଚିତ ଜନଜାତି ବର୍ଗର) ପାଇଁ ଆବେଦନ ପତ୍ର ଆହ୍ୱାନ କରୁଅଛି । ଏଥିନିମନ୍ତେ ଆବଶ୍ୟକୀୟ ଆବେଦନ ପତ୍ର, ସର୍ତ୍ତ ଓ ନିୟମାବଳୀର ବିଶଦ ବିବରଣୀ ବ୍ୟାଙ୍କର ୱେବ୍‌ସାଇଟ୍ (www.rbi.org.in) ରେ ଉପଲବ୍ଧ ଅଛି । ବ୍ୟାଙ୍କର ଭୁବନେଶ୍ୱର ସ୍ଥିତ କାର୍ଯ୍ୟାଳୟରେ ଆବେଦନପତ୍ର ଦାଖଲ କରିବାର ଶେଷ ତାରିଖ ୩୧ ମଇ, ୨୦୨୩ ।
ବି.ଦ୍ର.: ଉପରୋକ୍ତ ବିଜ୍ଞାପନ ସମ୍ବନ୍ଧିତ ଯେ କୌଣସି ସଂଶୋଧିତ ସୂଚନା କେବଳ ବ୍ୟାଙ୍କର ୱେବ୍‌ସାଇଟ୍‌ରେ ପ୍ରକାଶିତ ହେବ ।
କ୍ଷେତ୍ରୀୟ ନିର୍ଦ୍ଦେଶକଙ୍କ ଆଦେଶାନୁସାରେ

# ବଡ଼ଗେଙ୍ଗୁଟିରେ ବୁଡ଼ି ୨ କଲେଜ ଛାତ୍ରଙ୍କ ମୃତ୍ୟୁ

## ଗାଧୋଇବାବେଳେ ଅଘଟଣ



ଅମିତ କୁମାର ଖଣ୍ଡାଇ



ମଳୟ ରଞ୍ଜନ ନାୟକ

**ଚଣ୍ଡିଖୋଲ, ୧୬।୫(ଡି.ଏନ୍.ଏ.)**

ଯାଜପୁର ଜିଲା ବଡ଼ଚଣା ଥାନା ଅନ୍ତର୍ଗତ ବଡ଼ଗେଙ୍ଗୁଟି ନଦୀର ରାଧାଦେଈପୁର ନିକଟରେ ମଙ୍ଗଳବାର ଅପରାହ୍ନରେ ଏକ ଅଘଟଣ ଘଟିଛି। ଗାଧୋଇବାବେଳେ ନଦୀରେ ବୁଡ଼ିଯାଇ ୨ କଲେଜ ଛାତ୍ରଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଏହି ଥାନା ଅନ୍ତର୍ଗତ ଶାସନ ପୁରୁଷୋତ୍ତମପୁର(ନଟିଆ ଗେଟ)ଅଞ୍ଚଳର ଅକ୍ଷୟ ଖଣ୍ଡାଇଙ୍କ ପୁଅ ଅମିତ କୁମାର ଖଣ୍ଡାଇ(୨୦) ଓ ସେହି ଗ୍ରାମର କୃଷ୍ଣଚନ୍ଦ୍ର ନାୟକଙ୍କ ପୁଅ ମଳୟ ରଞ୍ଜନ ନାୟକ(୧୯)।

ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ୩ ସାଙ୍ଗ ଏକ ବାଇକ୍ ଯୋଗେ ନିଜ ଗ୍ରାମଠାରୁ ୮ କି.ମି. ଦୂର ବଡ଼ଗେଙ୍ଗୁଟି ନଦୀକୁ ଗାଧୋଇବା ପାଇଁ ଆସିଥିଲେ। ରାଧାଦେଈପୁର ନିକଟ ତୁଠରେ ବାଇକ୍ ରଖି ୨ ଛାତ୍ର ନଦୀକୁ ଗାଧୋଇବା ପାଇଁ ପଶିଥିଲେ। ଗାଧୋଇବାବେଳେ ଗୋଡ଼ ଖସିଯିବାରୁ ଉଭୟ ଗଭୀର ଜଳରାଶି ମଧ୍ୟକୁ ଚାଲିଯାଇଥିଲେ। ସେମାନେ ପାଣିରୁ ବାହାରି ନ ପାରିବାରୁ ଉପରେ ଥିବା ଜଣେ ଯୁବକ ଗ୍ରାମବାସୀଙ୍କୁ ଡାକ ପକାଇଥିଲେ। ଗ୍ରାମବାସୀ ସେମାନଙ୍କୁ ଉଦ୍ଧାର କରି ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ସେମାନେ ନିକଟସ୍ଥ ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟର ଯୁକ୍ତ ୩ ଶେଷ ବର୍ଷର ଛାତ୍ର ଥିଲେ। ଛାତ୍ରଦ୍ୱୟଙ୍କ ମୃତ୍ୟୁଖବର ପାଇ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ପ୍ରବଳ ଭିଡ଼ ଜମିଥିଲା। କାନ୍ଦ ବୋବାଳିରେ ସ୍ୱାସ୍ଥ୍ୟକେନ୍ଦ୍ର ପରିସର ଫାଟିପଡୁଥିବା ଦେଖିବାକୁ ମିଳିଥିଲା। ବଡ଼ଚଣା ପୋଲିସ ମେଡିକାଲରେ ପହଞ୍ଚି ମୃତଦେହ ଦୁଇଟିକୁ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଏଭଳି ଦୁଃଖଦ ଘଟଣା ନେଇ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ, ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଜନ୍ମେଜୟ ଲେଙ୍କା, ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ଜିଲା ପରିଷଦ ଉପସଭାପତି ଗଣେଶ୍ୱର ବରାଳ, ଯତୀନ୍ଦ୍ର କୁମାର ନାୟକ, କଂଗ୍ରେସ ନେତା କ୍ୟାପଟେନ ରାଜନାରାୟଣ ମହାପାତ୍ର, ସରପଞ୍ଚ ରାଜଲକ୍ଷ୍ମୀ ମହାନ୍ତି ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି। ସୂଚନାଥାଉକି, ବଡ଼ ଗେଙ୍ଗୁଟି ନଦୀର ଏହି ସ୍ଥାନରେ ପୂର୍ବରୁ ବହୁ ଥର ଅଘଟଣ ଘଟିଛି। ଏହି ଗଣ୍ଡରେ ପ୍ରାୟ ୫ ଜଣଙ୍କ ଜୀବନ ଯାଇଛି। ଏଥିନେଇ ଗ୍ରାମବାସୀ ତୁରନ୍ତ ସମାଧାନର ସୂତ୍ର ବାହାର କରିବା ପାଇଁ ଜଳସମ୍ପଦ ବିଭାଗକୁ ଅନୁରୋଧ କରିଛନ୍ତି।

# କେନ୍ଦୁଝର ଜିଲାପାଳଙ୍କୁ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ତଲବ କଲେ ଓଏଚ୍‌ଆର୍‌ସି

## ସରଗିତଳିଆ ଅଞ୍ଚଳରେ ଅପପୁଷ୍ଟି ପ୍ରସଙ୍ଗ

**ଭୁବନେଶ୍ୱର, ୧୬।୫(ବ୍ୟୁରୋ)**

କେନ୍ଦୁଝର ଜିଲା ଯୋଡ଼ା ମ୍ୟୁନିସିପାଲିଟି ଅଞ୍ଚଳରେ ଶିଶୁ କୁପୋଷଣ ସମ୍ପର୍କିତ 'ସରଗିତଳିଆ ଅଞ୍ଚଳରେ ଅପପୁଷ୍ଟି' ଶୀର୍ଷକ ଏକ ଖବର ଧରିତ୍ରୀରେ ଗତ ଏପ୍ରିଲ ୧୫ରେ ପ୍ରକାଶ ପାଇଥିଲା। ଉକ୍ତ ଖବରକୁ ଆଧାର କରି ମାନବ ଅଧିକାର କର୍ମୀ ପ୍ରଦୀପ୍ତ ନାୟକ ଓଡ଼ିଶା ରାଜ୍ୟ ମାନବ ଅଧିକାର କମିଶନ(ଓଏଚ୍‌ଆର୍‌ସି)ଙ୍କ ନିକଟରେ ଅଭିଯୋଗ ପତ୍ର ଦାଖଲ କରିଥିଲେ, ଯାହାକି ନଂ. ୮୦୨/୨୦୨୩ରେ ପଞ୍ଜୀକୃତ ହୋଇଥିଲା। କମିଶନ ଉକ୍ତ ଅଭିଯୋଗର ତ୍ୱରିତ ଶୁଣାଣି କରି ଗତ ୧୨ ତାରିଖରେ ଘଟଣାର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ ପାଇଁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଘଟଣାକୁ ଜିଲାପାଳ ବ୍ୟକ୍ତିଗତଭାବେ ଅନୁଧ୍ୟାନ କରିବା ସହ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ସେ ସମ୍ପର୍କିତ ରିପୋର୍ଟ ଆସନ୍ତା ଜୁଲାଇ ୨୧ ତାରିଖ ମଧ୍ୟରେ ଦାଖଲ କରିବା ପାଇଁ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ କେନ୍ଦୁଝର ଭଳି ରତ୍ନଗର୍ଭା ଜିଲାରେ ଆଦିବାସୀ ଶିଶୁ କୁପୋଷଣ ଓ ଦାରିଦ୍ର୍ୟ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କମିଶନ ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ସ୍ୱାସ୍ଥ୍ୟ ବିଭାଗର ସଚିବଙ୍କୁ ନିର୍ଦ୍ଦେଶ ଦେବା ସହ ସେମାନଙ୍କୁ ନିଜ ନିଜର ରିପୋର୍ଟ ପ୍ରଦାନ କରିବାକୁ କହିଛନ୍ତି।

ପ୍ରକାଶ ଯେ, ଯୋଡ଼ା ପୌରପାଳିକା ୧୩ ନଂ. ୱାର୍ଡ ଅଧୀନ ସରଗିତଳିଆ ଅଞ୍ଚଳବାସୀ ଦାରିଦ୍ର୍ୟର କଷାଘାତରେ ପେଷି ହେଉଛନ୍ତି। ଖଣିଖାଦାନ ଘେରା ଅଞ୍ଚଳବାସୀ କାମ ଅଭାବରୁ ଅସହାୟ ଅବସ୍ଥାରେ କାଳାତିପାତ କରୁଛନ୍ତି। ଖାଦ୍ୟ ଅଭାବରୁ ମହୁଲ ସିଝା, ତେନ୍ତୁଳିମଞ୍ଜି ଛେଚା ଓ ଜଙ୍ଗଲ ଜାତ ଦ୍ରବ୍ୟକୁ ଆହାର ଭାବେ ଗ୍ରହଣ କରିବାକୁ ବାଧ୍ୟ ହେଉଛନ୍ତି। ଆବଶ୍ୟକ ଖାଦ୍ୟ ଓ ସ୍ୱାସ୍ଥ୍ୟସେବା ନ ପାଇ ଅଞ୍ଚଳରେ ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ଶିଶୁ ଅପପୁଷ୍ଟିର ଶିକାର ହୋଇଛନ୍ତି। ଏନେଇ ଖବର ପ୍ରକାଶ ପାଇବା ପରେ ଏବେ କମିଶନ ଏହାକୁ ଗୁରୁତ୍ୱର ସହ ନେଇଛନ୍ତି।

# ମିଶ୍ର କ୍ରିଏଶନ୍ସ ଏମ୍‌ଡି ଜ୍ୟୋତିରଞ୍ଜନ ଗିରଫ

## ଫ୍ଲାଟ୍ ଦେବା ଆଳରେ ୧୫ କୋଟି ଠକେଇ

**ଭୁବନେଶ୍ୱର, ୧୬।୫(ବ୍ୟୁରୋ)**

ଫ୍ଲାଟ୍ ଦେବାକୁ କହି ୧୫ କୋଟି ଟଙ୍କା ଠକେଇ ମାମଲାରେ କ୍ରାଇମବ୍ରାଞ୍ଚ ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଏକ ରିଏଲ ଇଷ୍ଟେଟ୍ କମ୍ପାନୀ ଏମ୍/ଏସ୍ ମିଶ୍ର କ୍ରିଏସନ୍ସ ପ୍ରାଇଭେଟ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି)ଙ୍କୁ ମଙ୍ଗଳବାର ଗିରଫ କରିଛି। ସେ ହେଲେ ଜ୍ୟୋତିରଞ୍ଜନ ମିଶ୍ର। ଇଓଡବ୍ଲ୍ୟୁ ଅଭିଯୁକ୍ତ ଜ୍ୟୋତିରଞ୍ଜନଙ୍କଠାରୁ ଠକେଇ ସମ୍ବନ୍ଧୀୟ ବିଭିନ୍ନ କାଗଜପତ୍ର ଜବତ କରିଛି। ଜ୍ୟୋତିରଞ୍ଜନଙ୍କୁ କଟକ ଓପିଆଇଡି କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର୍‌ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏନେଇ ଅଧିକ ତଦନ୍ତ ଚାଲୁ ରହିଥିବା ଇଓଡବ୍ଲ୍ୟୁ ପକ୍ଷରୁ କୁହାଯାଇଛି।

ଇଓଡବ୍ଲ୍ୟୁର ସୂଚନା ଅନୁଯାୟୀ, ଅଭିଯୁକ୍ତ ଜ୍ୟୋତିରଞ୍ଜନ ଭୁବନେଶ୍ୱର ଉପକଣ୍ଠ ଚନ୍ଦକା ଅଁଳାପାଟଣା ଅଞ୍ଚଳରେ (ୟୁଟିଓପିଆଇଏ) ପ୍ରୋଜେକ୍ଟରେ ଘର ଦେବାକୁ ବିଭିନ୍ନ ଗ୍ରାହକଙ୍କୁ ଫସାଇଥିଲେ। ଏଥିପାଇଁ ୨୦୧୬ରୁ ୧୨୭ଜଣ ଗ୍ରାହକଙ୍କଠାରୁ ସେ ୧୫କୋଟି ଟଙ୍କା ନେଇଥିଲେ। ଏହି ଟଙ୍କା ଦେବାକୁ ଗ୍ରାହକମାନେ ବ୍ୟାଙ୍କରେ ଲୋନ୍ ମଧ୍ୟ କରିଥିଲେ। ଏଥିପାଇଁ ବ୍ୟାଙ୍କ, ଗ୍ରାହକ ଓ ବିଲ୍ଡରଙ୍କ ମଧ୍ୟରେ ଚୁକ୍ତିନାମା ମଧ୍ୟ ହୋଇଥିଲା। ୩୦ ମାସ ମଧ୍ୟରେ ଫ୍ଲାଟ୍ ଦେବାର ପ୍ରତିଶ୍ରୁତି ଦିଆଯାଇଥିଲା। ହେଲେ ଘର ପାଇଁ ଗ୍ରାହକମାନେ ୯୫ ପ୍ରତିଶତ ଟଙ୍କା ଦେଇଥିଲେ ମଧ୍ୟ ଉକ୍ତ ବିଲ୍ଡର ସଂସ୍ଥା ବିଭିନ୍ନ ଆଳ ଦେଖାଇ ସମୟ ଗଡ଼ାଇ ଚାଲିଥିଲା। ଏପରିକି ୮ ବର୍ଷ ହେଲା ବିଭିନ୍ନ ପ୍ରତିଶ୍ରୁତି ଦେଇ ଜ୍ୟୋତିରଞ୍ଜନ ଟଙ୍କା ଦେଇଥିବା ଗ୍ରାହକଙ୍କୁ ଭୁଆଁ ବୁଲାଉଥିଲେ। ରସୁଲଗଡ଼ର ବାସିନ୍ଦା ସ୍ୱଦେଶ ରାୟ ଚୌଧୁରୀ ଏହି ପ୍ରୋଜେକ୍ଟରେ ଏକ ଫ୍ଲାଟ୍ ବୁକ୍ କରିଥିଲେ। ଏଥିପାଇଁ ୨୦୧୬ରୁ ସେ ବ୍ୟାଙ୍କ ଲୋନ୍ କରି ୧୬ ଲକ୍ଷ ଟଙ୍କା ଦେଇ ଠକେଇର ଶିକାର ହୋଇଥିଲେ। ବିଭିନ୍ନ ଗ୍ରାହକଙ୍କ ସମେତ ସ୍ୱଦେଶ ଏଭଳି ଠକେଇର ଶିକାର ହୋଇଥିବା ନେଇ ସେ ଇଓଡବ୍ଲ୍ୟୁରେ ଅଭିଯୋଗ କରିଥିଲେ। ଇଓଡବ୍ଲ୍ୟୁ ମେ ୧ରେ ଏକ ମାମଲା (ନଂ.୧୭/୨୦୨୩) ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ତେବେ ଜ୍ୟୋତିରଞ୍ଜନ ପୂର୍ବରୁ ଏଭଳି ଫ୍ଲାଟ୍ ଦେବାର ପ୍ରତିଶ୍ରୁତି ଦେଇ ବହୁତ ଲୋକଙ୍କଠାରୁ ଟଙ୍କା ନେଇଥିବା ଇଓଡବ୍ଲ୍ୟୁ ଜାଣିବାକୁ ପାଇଛି। ଏପରିକି ଜ୍ୟୋତିରଞ୍ଜନଙ୍କ ସମେତ ଆଉ କେତେଜଣ ଏହି ଠକେଇରେ ସମ୍ପୃକ୍ତ ଥିବା ସନ୍ଦେହ କରାଯାଉଛି। ଏନେଇ ଅଧିକ ତଦନ୍ତ କରାଯାଉଥିବା ଇଓଡବ୍ଲ୍ୟୁ ପକ୍ଷରୁ କୁହାଯାଇଛି।

SMiLE
JAYADURGA CHEMICALS
(AN ISO 9001-2015 Certified)
Deals Raw Materials of:
- White Phenyle
- Black Phenyle
- Green Phenyle
- Liquid detergent
- Detergent Powder
- Packaging Materials
- Hand Wash
- Dish Wash
- Toilet Cleaner
- Glass Cleaner
- Sanitizer
- Agarbati
Free Training on all products
Other Chemicals
- Bleaching Powder
- Castic Soda
- HCL Acid
- Sulphuric Acid
- Alum
- Acetic Acid
- Dolomite Powder
- French chalk powder
Plot No.843, Palasuni, Bhubaneswar-751010
Mob.No.-9938069796, 9861049796





Benarasis | Kanjevaramas | Odissis | Printed Silks | Brocades | Jamevars
South Silks | BalucharisGadwals | Suitings Shirtings | Suits | Kurta Pyjamas
Sherwanis | Exclusive Readymades | Kidswear | Furnishings | Dress Materials

"ନିୟତିର ପରୀକ୍ଷା ପାଇଁ ହେଉ ବା ତୁମର ଦୋଷତ୍ରୁଟି ଯୋଗୁ ହେଉ ଯଦି ତୁମେ ଧରାଶାୟୀ ହୋଇଥାଅ– ଯଦି ତୁମେ ଦୁଃଖ ଯନ୍ତ୍ରଣାର ଗଭୀର ଗହ୍ୱର ଭିତରେ ନିମଗ୍ନ ହୋଇଥାଅ– ସେଥିରେ ଦୁଃଖ କରନାହିଁ। କାରଣ– ସେହିଠାରେ ହିଁ ତୁମ ନିକଟକୁ ଉତୁରି ଆସିବ, ଭଗବାନଙ୍କ ସ୍ନେହ ଓ ଶ୍ରଦ୍ଧା। –ଶ୍ରୀମା



# ନଜର ତୁର୍କୀ ଉପରେ

ତୁର୍କୀର ରାଷ୍ଟ୍ରପତି ନିର୍ବାଚନ ଉପରେ ବିଶ୍ୱର ନଜର ରହିଛି। ମେ ୧୪ରେ ଅନୁଷ୍ଠିତ ନିର୍ବାଚନରେ ଦେଶକୁ ଦୁଇ ଦଶନ୍ଧି ଧରି ଶାସନ କରିଥିବା ରିସେପ ତଇପ ଏର୍ଡୋଗାନ ଓ ବିରୋଧୀ ଦଳର ନେତା କେମାଲ କିଲିକଡାରୋଗ୍ଲୁଙ୍କ ମଧ୍ୟରେ କଡ଼ା ମୁକାବିଲା ଦେଖିବାକୁ ମିଳିଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଭାରତରେ ନିର୍ବାଚନ ଭଳି ତୁର୍କୀରେ ନିର୍ବାଚନ ହୁଏ ନାହିଁ। ସେଠାରେ ଯେଉଁ ପ୍ରାର୍ଥୀ ୫୦ ପ୍ରତିଶତରୁ ଊର୍ଦ୍ଧ୍ୱ ଭୋଟ ହାତେଇ ପାରନ୍ତି ସେ ବିଜୟୀ ହୁଅନ୍ତି। ଉକ୍ତ ନିର୍ବାଚନରେ କ୍ଷମତାସୀନ ଏର୍ଡୋଗାନ ୪୯.୯୨ % ଭୋଟ ପାଇଥିବାବେଳେ ତାଙ୍କ ବିରୋଧୀ କିଲିକଡାରୋଗ୍ଲୁ ୪୪.୯୫% ଭୋଟ ପାଇଛନ୍ତି । କିନ୍ତୁ ଏହାର ଅର୍ଥ ନୁହେଁ ଯେ, ଏର୍ଡୋଗାନ ଜିତିଲେ। ଦ୍ୱିତୀୟ ଥର ଭୋଟ ଗ୍ରହଣ କରାଯିବ, କାରଣ ଯେଉଁ ପର୍ଯ୍ୟନ୍ତ ଜଣେ ପ୍ରାର୍ଥୀ ୫୦ ପ୍ରତିଶତରୁ ଊର୍ଦ୍ଧ୍ୱ ଭୋଟ ପାଇବାରେ ସଫଳ ହୋଇନାହାନ୍ତି ସେ ପର୍ଯ୍ୟନ୍ତ କୌଣସି ବିଜେତା ବାହାରିପାରିବ ନାହିଁ। ଉକ୍ତ ନିର୍ବାଚନ ଦୌଡରେ ସାମିଲ ହୋଇଥିବା ଜାତୀୟତାବାଦୀ ନେତା ସିନାନ ଓଗାନ ମଧ୍ୟ ୫.୨ % ଭୋଟ ପାଇଛନ୍ତି। କୁହାଯାଉଛି, ସେ କିଙ୍ଗମେକର ହୋଇପାରନ୍ତି। ଅର୍ଥାତ୍ ଯାହାକୁ ଓଗାନ ସମର୍ଥନ କରିବେ ସେହି ବ୍ୟକ୍ତି , ଆଜିର ପରିସ୍ଥିତିରେ ତୁର୍କୀର ରାଷ୍ଟ୍ରପତି ହୋଇପାରିବେ। ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ପୂର୍ବରୁ ତୁର୍କୀରେ ପାର୍ଲାମେଣ୍ଟ ବ୍ୟବସ୍ଥାରେ ଗଣତାନ୍ତ୍ରିକ ସରକାର ଅନୁଷ୍ଠିତ ହେଉଥିଲା। ସେହି ବ୍ୟବସ୍ଥାକୁ ୨୦୧୮ ମସିହାଠାରୁ ପରିବର୍ତ୍ତନ କରି ପାର୍ଲାମେଣ୍ଟ ବଦଳରେ ସିଧାସଳଖ ରାଷ୍ଟ୍ରପତି ନିର୍ବାଚନ କରାଗଲା। ଏବକାର ରାଷ୍ଟ୍ରପତି ନିର୍ବାଚନ ହେଉଛି ଏହି ନୂତନ ବ୍ୟବସ୍ଥାର ପ୍ରଥମ ପରୀକ୍ଷା। ପ୍ରଥମ ପର୍ଯ୍ୟାୟରେ ଏର୍ଡୋଗାନ ଯେଉଁ ହାରରେ ଭୋଟ ପାଇଛନ୍ତି ତାହାର ଲାଭ ଉଠାଇପାରନ୍ତି ବୋଲି ଅନେକ ରାଜନୀତି ବିଶେଷଜ୍ଞ ଆକଳନ କରୁଛନ୍ତି। ଏର୍ଡୋଗାନଙ୍କ ଏକଚ୍ଛତ୍ରବାଦ ଶାସନ ବିରୋଧରେ ଅସନ୍ତୋଷ ଥିବା ସତ୍ତ୍ୱେ ସେ ଏତେ ପ୍ରତିଶତ ଭୋଟ ପାଇବା ସଭିଙ୍କୁ ଆଶ୍ଚର୍ଯ୍ୟ କରିଛି। ତୁର୍କୀର ନାଗରିକମାନେ ଦରଦାମ ବୃଦ୍ଧି ଯୋଗୁ ହନ୍ତସନ୍ତ ହେଉଛନ୍ତି। ସେଠାରେ ନାଗରିକ ଅଧିକାର ଅଧୋଗତି ଭଳି ସମସ୍ୟା ଅଛି। ଅନ୍ୟପକ୍ଷରେ ଏର୍ଡୋଗାନଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଓ ଦେଶର ଆର୍ଥିକ ପ୍ରଦର୍ଶନକୁ ନେଇ ଅସନ୍ତୋଷ ଥିବା ସତ୍ତ୍ୱେ ସେ ୪୯.୯୨ %ଭୋଟ ପାଇବାକୁ ସକ୍ଷମ ହୋଇଛନ୍ତି। ଚଳିତବର୍ଷ ପ୍ରାରମ୍ଭରେ ତୁର୍କୀର ଭୟଙ୍କର ଭୂମିକମ୍ପରେ ୫୦,୦୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିବା ପରେ ତାଙ୍କ ସରକାର ତୀବ୍ର ସମାଲୋଚନାର ଶିକାର ହୋଇଥିଲା, ଯାହାର ପ୍ରଭାବ ନିର୍ବାଚନରେ ପଡ଼ିବ ବୋଲି ଆଶା କରାଯାଉଥିଲା। କିନ୍ତୁ ଏସବୁ ସତ୍ତ୍ୱେ ନିର୍ବାଚନ ସମୀକ୍ଷକଙ୍କ ମତରେ, ତାଙ୍କ ଜାତୀୟ ସୁରକ୍ଷା ପ୍ରତିବଦ୍ଧତାର ବାର୍ତ୍ତା ଆର୍ଥିକ ଓ ସାମାଜିକ ଆହ୍ୱାନକୁ ପଛରେ ପକାଇ ଦେଇଛି।

**ଏର୍ଡୋଗାନଙ୍କର ଯଦି ବିଜୟ ଘଟେ ତେବେ ତାହାର ପ୍ରଭାବ କେବଳ ତୁର୍କୀରେ ନୁହେଁ, ସମଗ୍ର ପୃଥିବୀରେ ଚରମ ଦକ୍ଷିଣପନ୍ଥୀ, ଗରିବ ବିରୋଧୀ ଏବଂ ଏକଚ୍ଛତ୍ରବାଦୀ ନେତାଙ୍କର ମନୋବଳ ବଢ଼ାଇଦେବ।**

ତୁର୍କୀରେ ଏର୍ଡୋଗାନଙ୍କ ଦୀର୍ଘକାଳ ଶାସନର ଅନେକ ବିରୋଧୀ ଅଛନ୍ତି। ତୁର୍କୀ ପାଶ୍ଚାତ୍ୟ ମିଲିଟାରି ମେଣ୍ଟ ନାଟୋର ଏକ ସଦସ୍ୟ ହୋଇଥିବା ସତ୍ତ୍ୱେ ରୁଷିଆର ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କର ଜଣେ ସମର୍ଥକ ଭାବେ ଏର୍ଡୋଗାନ ପରିଚିତ। ସେଥିପାଇଁ ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ ଚାଲିଥିବାବେଳେ ତୁର୍କୀର ଭୂମିକା ରୁଷିଆ ସପକ୍ଷରେ ଯାଉଛି। ଏହି ନିର୍ବାଚନରେ ପ୍ରଥମ ଥର ପାଇଁ ୬ଟି ରାଜନୈତିକ ଦଳ ମିଳିତ ଭାବେ କେମାଲ କିଲିକ୍‌ଡାରୋଗ୍ଲୁଙ୍କୁ ବିରୋଧୀ ପ୍ରାର୍ଥୀ ବାଛିଛନ୍ତି। ବିରୋଧୀଙ୍କ ମୁଖ୍ୟ ଧ୍ୱନି ହେଉଛି ଗଣତନ୍ତ୍ରକୁ ତୁର୍କୀରେ ପୁନର୍ବାର ମଜଭୁତ କରିବା। ଯେତେବେଳେ ପ୍ରାର୍ଥିପତ୍ର ଦାଖଲ ହେଲା ସେତେବେଳେ ବିରୋଧୀ ପ୍ରାର୍ଥୀ କେମାଲ କିଲିକଡାରୋଗ୍ଲୁ ତୁର୍କୀର ଜାତୀୟ ପିତା ଭାବେ ପରିଚିତ କେମାଲ ଆତାତୁର୍କଙ୍କ ସମାଧିକୁ ଯାଇ ସମ୍ମାନ ଜଣାଇଥିଲେ। ଆତାତୁର୍କ ଜଣେ ଧର୍ମ ନିରପେକ୍ଷ ଏବଂ ଗଣତାନ୍ତ୍ରିକ ନେତା ଭାବେ ତୁର୍କୀରେ ପରିଚିତ। ଅନ୍ୟପଟେ ରାଷ୍ଟ୍ରପତି ଏର୍ଡୋଗାନ ତାଙ୍କର ପ୍ରାର୍ଥିପତ୍ର ଦାଖଲ କରି ଇସ୍ତାନବୁଲର ସର୍ବବୃହତ୍ ମସ୍‌ଜିଦକୁ ଯାଇ ପ୍ରାର୍ଥନା କରିଥିଲେ। ଏହି ଦୁହିଁଙ୍କ ଚରିତ୍ରର ପରିଚୟ ତାଙ୍କର ଏହି ଦୁଇ ପ୍ରଥମ ପଦକ୍ଷେପରୁ ବୁଝିହୁଏ। ପୂର୍ବରୁ ମୁସଲମାନ ବହୁଳ ତୁର୍କୀ ଏକ ଧର୍ମନିରପେକ୍ଷ ଦେଶ ଭାବେ ପରିଚିତ ହୋଇଆସୁଥିଲା। ଏର୍ଡୋଗାନଙ୍କ ଶାସନ ସମୟରେ ସେହି ଚରିତ୍ରର ପରିବର୍ତ୍ତନ କରାଯାଇ ତୁର୍କୀକୁ ଏକ ଇସଲାମୀୟ ଦେଶ ଭାବେ ଗଢିତୋଳିବାର ଉଦ୍ୟମ ଆରମ୍ଭ ହୋଇଛି। ଧର୍ମକୁ ପ୍ରାଧାନ୍ୟ ଦେବା ସହିତ ଏର୍ଡୋଗାନ ତାଙ୍କର ଅର୍ଥନୈତିକ ଆଭିମୁଖ୍ୟରେ ଚରମ ଦକ୍ଷିଣପନ୍ଥୀ ବା ଅଳ୍ପ କେତେକ ପୁଞ୍ଜିପତିଙ୍କ ସମର୍ଥକ ହୋଇଥିବାବେଳେ ଶାସନ ବ୍ୟବସ୍ଥାରେ ସମ୍ପୂର୍ଣ୍ଣ ଏକଚ୍ଛତ୍ରବାଦ ଆଣିସାରିଲେଣି। ଏର୍ଡୋଗାନଙ୍କର ଯଦି ବିଜୟ ଘଟେ ତେବେ ତାହାର ପ୍ରଭାବ କେବଳ ତୁର୍କୀରେ ନୁହେଁ, ସମଗ୍ର ପୃଥିବୀରେ ଚରମ ଦକ୍ଷିଣପନ୍ଥୀ, ଗରିବ ବିରୋଧୀ ଏବଂ ଏକଚ୍ଛତ୍ରବାଦୀ ନେତାଙ୍କର ମନୋବଳ ବଢ଼ାଇଦେବ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 5 | 4 | | | | | | | |
| | | 7 | 2 | | | | 4 | |
| | | 6 | 5 | | 4 | | | 1 |
| 3 | 8 | | 1 | | | 6 | | |
| | | | | | | | | 2 |
| 4 | | 9 | | | 2 | | 7 | 3 |
| | | | 7 | | | | | 5 |
| 9 | | | | | | | | |
| | | 8 | 3 | 1 | | | 9 | 7 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 8 | 2 | 7 | 9 | 4 | 6 | 5 | 1 |
| 4 | 1 | 5 | 3 | 6 | 2 | 9 | 8 | 7 |
| 6 | 9 | 7 | 5 | 1 | 8 | 2 | 3 | 4 |
| 8 | 2 | 1 | 6 | 4 | 3 | 5 | 7 | 9 |
| 5 | 6 | 3 | 1 | 7 | 9 | 8 | 4 | 2 |
| 9 | 7 | 4 | 8 | 2 | 5 | 1 | 6 | 3 |
| 7 | 4 | 6 | 2 | 8 | 1 | 3 | 9 | 5 |
| 2 | 3 | 8 | 9 | 5 | 7 | 4 | 1 | 6 |
| 1 | 5 | 9 | 4 | 3 | 6 | 7 | 2 | 8 |

ଗତକାଲିର ଉତ୍ତର

# ନିଃସ୍ୱ ମଣିଷ



ଡ. ପବିତ୍ର ସୁବୁଦ୍ଧି

କେହି ଜଣେ ବ୍ୟକ୍ତି ବିଦ୍ୱାନ ଚାଣକ୍ୟଙ୍କୁ ପ୍ରଶ୍ନ କଲେ ମହାଭାଗ! ବିଷ କ'ଣ? ଚାଣକ୍ୟ ଚମତ୍କାର ଉତ୍ତରଟିଏ ଦେଲେ। ''ଆବଶ୍ୟକତାଠାରୁ ଅଧିକ ମିଳିଥିବା ପ୍ରତ୍ୟେକ ଜିନିଷ ବିଷ । ଏହା କ୍ଷମତା, ଧନ, କ୍ଷୁଧା, ସ୍ୱାଭିମାନ, ଲୋଭ, ଆଳସ୍ୟ, ପ୍ରେମ, ଘୃଣା ବା ଅନ୍ୟ କିଛି ବି ହୋଇପାରେ।'' ମହାନ୍ ଦାର୍ଶନିକ ପ୍ଲାଟୋ ମଧ୍ୟ ଏକଦା କହିଥିଲେ– "THE GREATEST WEALTH IS TO LIVE CONTENT WITH LITTLE." ଅର୍ଥାତ୍ ଅଳ୍ପରେ ସନ୍ତୁଷ୍ଟ ରହିବା ହେଉଛି ସର୍ବଶ୍ରେଷ୍ଠ ସମ୍ପତ୍ତି। କିନ୍ତୁ ମଣିଷ ଜାତିର ଚରମ ଦୁର୍ଭାଗ୍ୟ ହେଉଛି ଏହା ଯେ, ମଣିଷ ଚିରକାଳ ଏହି ବିଷ ପଛରେ ହିଁ ଧାଇଁଛି।

କ୍ଷୁଦ୍ର ମାସିଡୋନିଆ ରାଜ୍ୟର ରାଜା ଆଲେକ୍‌ଜାଣ୍ଡାର। ରାଜ୍ୟ ପରେ ରାଜ୍ୟ ଜୟ କରି ଚାଲିଛନ୍ତି। ତଥାପି ରାଜ୍ୟ ଜୟର ପିପାସା ମେଣ୍ଟୁନି। ଶେଷରେ ସ୍ୱର୍ଣ୍ଣପ୍ରସୂ ଭାରତବର୍ଷ ଆକ୍ରମଣ କରିବାକୁ ବାହାରିଛନ୍ତି। ସାଥିରେ ଅଛନ୍ତି ସୈନ୍ୟସାମନ୍ତଙ୍କ ବିଶାଳ ପଟୁଆର। କୋଳାହଳରେ ଫାଟିପଡୁଛି ଏଥେନ୍ସ ନଗରୀର ରାଜରାସ୍ତା। ନଗରୀର ଉପାନ୍ତରେ ଏକ ଭଙ୍ଗା କୁଡ଼ିଆରେ ରହୁଥାନ୍ତି ଦାର୍ଶନିକ ଦାଓଜିନସ୍ ଓ କୁକୁରଟିଏ। ନ ଜାଣିଥିବା ଲୋକେ ତାଙ୍କୁ ଭିକାରି ବୋଲି ଭାବନ୍ତି। କୁଡ଼ିଆରେ ଶୋଇଥିଲେ ଦାଓଜିନସ୍। କୋଳାହଳ ଶୁଣି ନିଦ ଭାଙ୍ଗିଗଲା। ସେ ମୁଣ୍ଡ ଉଠେଇ ଦେଖନ୍ତି ତ ଆଲେକ୍‌ଜାଣ୍ଡାରଙ୍କ ବିଶାଳ ସେନା ଚାଲିଛନ୍ତି। ସେ ହଠାତ୍ ଉଠିପଡ଼ି ସୈନିକମାନଙ୍କ ଆଡ଼କୁ ଧାଇଁଲେ ଏବଂ ଉଚ୍ଚ କଣ୍ଠରେ ଚତ୍କାର କଲେ– ରହିଯାଅ, ସମ୍ରାଟ୍ ଆଲେକ୍‌ଜାଣ୍ଡାରଙ୍କୁ ମୋର କିଛି ଦେବାର ଅଛି। ଏହା କହି ସେ ଆଲେକ୍‌ଜାଣ୍ଡାରଙ୍କ ନିକଟକୁ ଯାଇ ତାଙ୍କ ହାତରେ ମୁଦ୍ରାଟିଏ ଧରାଇଦେଲେ। ବିସ୍ମିତ ହୋଇ ଆଲେକ୍‌ଜାଣ୍ଡାର ପଚାରିଲେ– ଏହା କ'ଣ ? ଦାଓଜିନସ୍ କହିଲେ– କିଛିଦିନ ତଳେ ଜଣେ ଧନିକ ବ୍ୟକ୍ତି ମୋତେ ଭିକାରି ଭାବି ଏ ମୁଦ୍ରାଟିକୁ ମୋ କୁଡ଼ିଆ ଭିତରକୁ ଫୋପାଡ଼ି ଦେଇଥିଲେ। ମୁଁ ସେହିଦିନ ଭାବିଥିଲି, ମୋଠାରୁ ଆଉ ଜଣେ ବଡ଼ ଭିକାରି ଦେଖିଲେ ମୁଁ ତାଙ୍କୁ ଏହି ମୁଦ୍ରାଟି ଉପହାର ଦେବି। ଆଜି ତୁମକୁ ପାଇଗଲି, ତେଣୁ ତୁମ ହାତରେ ଏ ମୁଦ୍ରାଟି ଧରାଇଦେଲି। ଆଲେକ୍‌ଜାଣ୍ଡାର ଅତ୍ୟନ୍ତ ଉତ୍ତ୍ୟକ୍ତ ହୋଇ କହିଲେ– ଜାଣିଛ ତ ମୁଁ ବିଶ୍ୱବିଜୟୀ ଗ୍ରୀକ୍‌ବୀର ଆଲେକ୍‌ଜାଣ୍ଡାର। ପୃଥିବୀର ସମସ୍ତ ଐଶ୍ୱର୍ଯ୍ୟ ଓ ପ୍ରାଚୁର୍ଯ୍ୟ ମୋର ପଦାନତ। ଏହା ସତ୍ତ୍ୱେ ମୋତେ ଭିକାରି ବୋଲି କହିବାର ଧୃଷ୍ଟତା ପାଇଁ ମୁଁ ତୁମର ଶିରଚ୍ଛେଦ କରିପାରେ। ଅବିଚଳିତ ଦାଓଜିନସ୍ ଅଳ୍ପ ହସି କହିଲେ–''ମୋର କିଛି ନାହିଁ, ତେଣୁ ମୁଁ ଭିକାରି ହେବାକୁ ବାଧ୍ୟ। ତୁମର ଏତେସବୁ ଥିବା ସତ୍ତ୍ୱେ ଆହୁରି ପାଇବା ପାଇଁ ତୁମର ଏ ଯେଉଁ ଭୋକ, ତାହା କ'ଣ ପାଇଁ? ତୁମେ ମୋ'ଠାରୁ ବଡ଼ ଭିକାରି ନୁହଁ କି? ଶୁଣ ସମ୍ରାଟ! ଯିଏ ଚାହୁଁଥିବ କୋଟିଏ କିନ୍ତୁ ପାଇଥିବ ଗୋଟିଏ, ସେ ଏ ସଂସାରର ସବୁଠାରୁ ବଡ଼ ଦରିଦ୍ର। ଯିଏ ଜୀବନରେ କିଛି ଚାହିଁ ନାହିଁ, କିଛି ପାଇ ବି ନାହିଁ, ସିଏ ଧନୀ ନ ହୋଇପାରେ, କିନ୍ତୁ ତୁମ ଭଳି ଦରିଦ୍ର ନୁହେଁ। ଆବଶ୍ୟକତାଠାରୁ ଅଧିକ ଅର୍ଥ,



କ୍ଷମତା ଓ ପ୍ରତିପତ୍ତିର ପିପାସା ହିଁ ପ୍ରକୃତ ଦାରିଦ୍ର୍ୟ। ଯାହାର ତୃଷ୍ଣା ବା ଅଭିଳାଷ ଯେତେ ଅଧିକ, ସେ ସେତେ ଅଧିକ ଦରିଦ୍ର। ଯାହାର ମନ ସନ୍ତୁଷ୍ଟ ଓ ତୃପ୍ତ, ତା' ପାଇଁ ଧନୀଦରିଦ୍ର କି ଫରକ? ଏଥର କୁହ, ତୁମେ ଭିକାରି ନା ମୁଁ ଭିକାରି?

ବାସ୍ତବରେ ଏ ସଂସାରରେ ଭିକାରି କିଏ ? ଭିକାରି ସିଏ ନୁହେଁ ଯିଏ ଅନ୍ୟ ଆଗରେ ହାତ ପତେଇ ଭିକ ମାଗେ, ପ୍ରକୃତ ଭିକାରି ତ ସିଏ ଯାହା ପାଖରେ ସବୁ ଥାଇ ମଧ୍ୟ ସେ ଆହୁରି ଚାହୁଁଥାଏ। ପାଠକେ! ଏଭଳି ଏକ ପ୍ରସଙ୍ଗ ଏଠି ଅବତାରଣା କରିବାର ଉଦ୍ଦେଶ୍ୟ ହେଉଛି ଏହା ଯେ, ବିଶ୍ୱ ଅଭିଯାନରେ ବାହାରିଥିବା ସମ୍ରାଟ ଆଲେକ୍‌ଜାଣ୍ଡାର ନିଜ ଦେଶକୁ ମଧ୍ୟ ଫେରିପାରିଲେ ନାହିଁ। ଭାରତ ଅଭିଯାନ ସାରି ଫେରିବା ବାଟରେ ବେବିଲୋନ ନଗରୀରେ ମାତ୍ର ୩୩ବର୍ଷ ବୟସରେ ସେ ପ୍ରାଣତ୍ୟାଗ କଲେ। ରାଜଧାନୀ ଏଥେନ୍ସ ଥିଲା ତଥାପି ଚବିଶ ଘଣ୍ଟାର ଦୂର। ସବୁଠାରୁ ଉଲ୍ଲେଖଯୋଗ୍ୟ ଉପଲବ୍ଧ ଏହା ଯେ ମୃତ୍ୟୁ ପୂର୍ବରୁ ଆଲେକ୍‌ଜାଣ୍ଡାର ତାଙ୍କର ଅଙ୍ଗରକ୍ଷୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ– ''ମୋ ଶବାଧାରକୁ ସମାଧିସ୍ଥଳକୁ ନେବାବେଳେ ମୋ ହାତଯୋଡ଼ିକୁ ଦୁଇପଟକୁ ଝୁଲାଇ ଦେଇଥିବ, ଯେମିତି ସମଗ୍ର ବିଶ୍ୱବାସୀ ଦେଖିବେ ଆଲେକ୍‌ଜାଣ୍ଡାର ଶୂନ୍ୟହସ୍ତ ହୋଇ ଆସିଥିଲା ଆଉ ମୃତ୍ୟୁ ପରେ ମଧ୍ୟ ଏ ପୃଥିବୀରୁ ଶୂନ୍ୟହସ୍ତ ହୋଇ ଫେରିଯାଉଛି। ଅଜସ୍ର ସମ୍ପତ୍ତି ଅର୍ଜିଥିବା ଆଲେକ୍‌ଜାଣ୍ଡାର ପାଇଁ ହୀରାନୀଳା ମୋତିମାଣିକ୍ୟ ସବୁ ଗୋଡ଼ି ମାଟି ପରି ମୂଲ୍ୟହୀନ। ସେସବୁ ତା'ର ଜୀବନରକ୍ଷା ପାଇଁ ସାମାନ୍ୟମାତ୍ର ସାହାଯ୍ୟ କରିପାରିଲେ ନାହିଁ କି କାଣି କଉଡ଼ିଟିଏ ମଧ୍ୟ ତା' ସହ ଗଲେ ନାହିଁ।''

ଏ ଘଟଣା ଘଟିବାର ବହୁବର୍ଷ ବିତିଗଲାଣି, ତଥାପି ଅନେକ ମଣିଷ ଏବେ ବି ନୀତିନୈତିକତା, ମୂଲ୍ୟବୋଧ ଓ ମଣିଷପଣିଆକୁ ଜଳାଞ୍ଜଳି ଦେଇ ସାରାଜୀବନ ଧନସମ୍ପତ୍ତି ଗୋଟେଇବାରେ ଲାଗିଛନ୍ତି। ବଡ଼ ବିଚିତ୍ର ଏ ମଣିଷର ପ୍ରକୃତି। ଘରଦ୍ୱାର, କୋଠାବାଡ଼ି, ଅଭ୍ରଂକଷ ଅଟ୍ଟାଳିକା ପଛରେ ଧାଇଁ ଧାଇଁ ଜୀବନର ଅମୂଲ୍ୟ ସମ୍ପଦ 'ସ୍ୱାସ୍ଥ୍ୟ'କୁ ହଜେଇ ଦିଅନ୍ତି। ପୁଣି ସେହି ସ୍ୱାସ୍ଥ୍ୟକୁ ଫେରି ପାଇବା ପାଇଁ ଡାକ୍ତର ଦୁଆରେ ଯାଇ ଭିକମାଗନ୍ତି। ଏଠି ଆସେ ଯେତେ, ଯାଏ ସେତେ। ଅଥଚ ନିର୍ବୋଧମଣିଷ ଏକ ଅସରନ୍ତି ଶୋଷ ପଛରେ ଧାଇଁଥାଏ। ଇଏ କେଉଁ ପ୍ରକାର ଗଣିତ ? ରାତି ସରିଯାଏ ପଛେ ସ୍ୱପ୍ନ ସରେନା। ବାଟ ସରିଯାଏ ସିନା ହାଟ ସରେନା। ଏଠି ଜୀବନର ଅନ୍ୟନାମ 'ବସ୍ତୁପ୍ରୀତି ବା 'ବସ୍ତୁରତି'। ଏକବିଂଶ ଶତାବ୍ଦୀର ମଣିଷ ଏବେ ଗୋଟିଏ ବସ୍ତୁରେ ପରିଣତ ହୋଇଯାଇଛି। ସେଇଥିପାଇଁ ସମସ୍ତ ଭୌତିକ ବିକାଶ ସତ୍ତ୍ୱେ ମଣିଷ ଆଜି ଖୁବ୍ ନିଃସ୍ୱ, ଖୁବ୍ ନିଃସଙ୍ଗ। ପାଖରେ ଜୀବନ ବିତାଇବା ପାଇଁ ସକଳ ସୁଖ-ସାଧନ ଅଛି, ମାତ୍ର ଶାନ୍ତି ସୁଦୂର ପରାହତ। ଚାରିପାଖରେ ପର୍ଯ୍ୟାପ୍ତ ଭୋଜନ ସାମଗ୍ରୀ ଅଛି, କିନ୍ତୁ ପେଟରେ ଭୋକ ନାହିଁ। ବିଳାସମୟ ପ୍ରାସାଦ ଅଛି, କିନ୍ତୁ ସୁନିଦ୍ରା ନାହିଁ। ପରିପୂର୍ଣ୍ଣ ପରିବାର ଅଛି, କିନ୍ତୁ ପ୍ରସନ୍ନତା ନାହିଁ। ଫେସ୍‌ବୁକ୍‌ରେ ଅସଂଖ୍ୟ ବନ୍ଧୁ, ଦୁଃଖ ଶୁଣିବାକୁ ଜଣେ ବି ନାହିଁ। ସୁଖ ମରୀଚିକା ପଛରେ ଧାଇଁ ଧାଇଁ ମଣିଷ ଆଜି ଖୁବ୍ ଦୁଃଖୀ। ସକାଳୁ ସଞ୍ଜଯାଏଁ ଟଲ୍‌ଷ୍ଟୟଙ୍କ ଗଳ୍ପର ନାୟକ 'ପାହୋମ୍' ଭଳି ଗଳଦଘର୍ମ ହୋଇ ଖାଲି ଧାଇଁଛି ଆଉ ଧାଇଁଛି। ଏମିତି ଧାଁ-ଦଉଡ଼ର ଅର୍ଥ କ'ଣ ଜୀବନ?

କିଏ ଜଣେ କହିଥିଲେ– ''ମନ୍ଦିର ଏକ ଅଦ୍ଭୁତ ସ୍ଥାନ, ଯେଉଁଠି ଗରିବ ବାହାରେ ଭିକମାଗେ ଆଉ ଧନୀ ଭିତରେ ଭିକମାଗେ। ପ୍ରକାରାନ୍ତରେ ଏଠି ସମସ୍ତେ ଭିକାରି।'' କେଉଁଦିନ ଏ ନିଃସ୍ୱମଣିଷ ବୁଝିବ ଯେ, ଟଙ୍କା 'ଘର' କିଣିପାରେ ହେଲେ 'ପରିବାର' ନୁହେଁ, ଟଙ୍କା 'ଦାମିକା ଘଣ୍ଟା' କିଣିପାରେ ହେଲେ 'ସମୟ' ନୁହେଁ, ଟଙ୍କା 'ତୂଳିତଳ୍ପ ଶଯ୍ୟା' କିଣିପାରେ ହେଲେ 'ସୁନିଦ୍ରା' ନୁହେଁ, ଟଙ୍କା 'ବହି' କିଣିପାରେ ହେଲେ 'ଜ୍ଞାନ' ନୁହେଁ, ଟଙ୍କା 'ବନ୍ଧୁ' କିଣିପାରେ ହେଲେ 'ବନ୍ଧୁତା' ନୁହେଁ। ଦୁନିଆରେ କେବଳ ଭାଗ୍ୟବାନ ସେହି – ଯାହା ପାଖରେ 'ଭୋଜନ' ସହିତ 'ଭୋକ' ଅଛି। 'ଶଯ୍ୟା' ସହିତ 'ନିଦ୍ରା' ଅଛି। ଆଉ 'ଧନ' ସହିତ 'ଧର୍ମ' ବି ଅଛି। ସମୁଦ୍ରକୂଳରେ କ'ଣ ଶାମୁକାର ଅଭାବ ଥାଏ ନା' ପୃଥିବୀ ପୃଷ୍ଠରେ ମଣିଷର? ବାସ୍ ଫରକ କେବଳ ଏତିକି ଯେ କିଛି ଶାମୁକା ଭିତରେ ମୋତି ଥାଏ, ଆଉ କିଛି ମଣିଷଙ୍କ ପାଖରେ ହୃଦୟ। ବାକିସବୁ ମଣିଷ ସେଇ ମିଛ ଖୋଳପାଧାରୀ ଶାମୁକା ସଦୃଶ। ନିର୍ଣ୍ଣୟ ଆପଣଙ୍କର। ଆପଣ ହୃଦୟବାନ ମଣିଷଟିଏ ହେବେ ନା ଶୂନ୍ୟ ଶାମୁକାଟି ହେବେ। କିନ୍ତୁ ଏ କଥା ସତ୍ୟ ଯେ ଆପଣ ଯାହା ବାଣ୍ଟିବେ ତାହା ଆପଣଙ୍କ ପାଖେରେ ବେଶି ହେବ। ତାହା ଧନ ହେଉ କିମ୍ବା ସମ୍ମାନ, ଭୋଜନ ହେଉ କିମ୍ବା ଅପମାନ, ଘୃଣା ହେଉ କିମ୍ବା ପ୍ରେମ। ଦି' ଦିନର ଏ ଜୀବନ! ମରୀଚିକା ପଛରେ ଧାଇଁବା ଅର୍ଥହୀନ। ପାରୁଛ ଯଦି ପ୍ରେମ ବାଣ୍ଟି ଚାଲ। ଲୋକଙ୍କ ହୃଦୟ କିଣ। କାରଣ ମଶାଣିକୁ ତୁମେ ଅର୍ଜିଥିବା ଚାରିକୋଟି ନୁହେଁ, ମାତ୍ର ଚାରିଜଣ ତୁମକୁ ଛାଡ଼ିବାକୁ ଯିବେ।

**ପ୍ରାଧ୍ୟାପକ, ନୀଳମାଧବ କଲେଜ, କଣ୍ଟିଲୋ**
**ମୋ: ୬୩୭୦୬୪୫୭୮୯**

# କଷ୍ଟ ଦେଉଥିବା ଖୁସି



ଯଦୁମଣି ପାଣିଗ୍ରାହୀ

ସମସ୍ତଙ୍କ ଜୀବନ ହସଖୁସିରେ ଭରିଯାଉ ଏକଥା କିଏ ବା ନ ଚାହେଁ। ତା'ଛଡା ମଣିଷ ଜୀବନର ସଂକ୍ଷିପ୍ତ ଅବଧିକୁ ହସଖୁସିରେ ଅତିବାହିତ କରିବାଟା ସବୁ ଦୃଷ୍ଟିରୁ ଶ୍ରେୟସ୍କର ବୋଲି କେତେକେ ବି ମତ ରଖନ୍ତି। ତେବେ ଖୁସି ହେବା ବା ଖୁସିରେ ରହିବାଟା ଏକାନ୍ତ ବ୍ୟକ୍ତିଗତ ଓ ଏହା ସଂପୂର୍ଣ୍ଣ ଭାବେ ନିଜର ମାନସିକତା ଉପରେ ନିର୍ଭର କରେ। ଏହା ଆମ ଜୀବନ ଶୈଳୀ, ବିଚାରବୋଧ,ଚିନ୍ତାଧାରା ଓ ସଂସ୍କାର ଉପରେ ପର୍ଯ୍ୟବସିତ ହୋଇଥାଏ। ଅନ୍ୟକୁ ପୀଡ଼ା ବା କଷ୍ଟ ଦେଇ ଖୁସି ହେବାରେ ଗୌରବ କି ବାହାଦୁରି ନ ଥାଏ। ମାତ୍ର ଅନେକ ସମୟରେ ମଣିଷଙ୍କଠାରୁ ପୁଣି ଇତର ପଶୁପକ୍ଷୀଙ୍କୁ ବିଭିନ୍ନ ଉପାୟରେ ପୀଡ଼ା ଦେଇ ଅନେକ ଖୁସି ଅନୁଭବ କରନ୍ତି। ଏଇ ଯେମିତି ମଣିଷଙ୍କ ଦ୍ୱାରା କରାଯାଉଥିବା ବିଭିନ୍ନ ଦୁଃସାଧ ଓ ବିପଜ୍ଜନକ କାର୍ଯ୍ୟ, ପଶୁପକ୍ଷୀଙ୍କ ଦ୍ୱାରା ବିଭିନ୍ନ ଖେଳ ପ୍ରଦର୍ଶନ ଯଥା-ଷଣ୍ଢ ଲଢ଼େଇ ହେଉ କି ଗଞ୍ଜା ଲଢ଼େଇ ହେଉ ଓ ସେମାନଙ୍କ ମଧ୍ୟରେ ହେଉଥିବା ବିଭିନ୍ନ ପ୍ରତିଯୋଗିତାକୁ ଉପଭୋଗ କରି ଆମେ ଖୁସି ଅନୁଭବ କରୁ। ମାଙ୍କଡ ନାଚଠାରୁ ପୁଣି ସର୍କସରେ ଜଙ୍ଗଲୀ ପଶୁପକ୍ଷୀଙ୍କ ଦ୍ୱାରା ବିଭିନ୍ନ କ୍ରୀଡ଼ା କୌଶଳ ପ୍ରଦର୍ଶନ ଯାଏ ସବୁକିଛି ମଣିଷକୁ ଖୁସିର ଖୋରାକ ଯୋଗାଇଥାଏ। ମୁକ୍ତ ଓ ଅବାଧରେ ବିଚରଣ କରୁଥିବା ପଶୁପକ୍ଷୀଙ୍କୁ ପିଞ୍ଜରାରେ ରଖି ଅନେକେ ଖୁସି ଲାଭ କରିଥାଆନ୍ତି ସତ ହେଲେ ପଶୁପକ୍ଷୀଙ୍କ ହୃଦୟର ବ୍ୟଥା ଓ ବେଦନାକୁ ସେମାନେ କ'ଣ କେବେ ବୁଝିବାକୁ ଚେଷ୍ଟା କରିଛନ୍ତି ? ବାସ୍ତବିକ ଅନ୍ୟକୁ କଷ୍ଟ ଦେଇ ଖୁସି ଅନୁଭବ କରିବା ବସ୍ତୁତ ଆଦୌ ଖୁସିରେ ଗଣ୍ୟ ନୁହେଁ। ଏକଥା ସତ ଯେ, ଜଞ୍ଜାଳଗ୍ରସ୍ତ ଓ ସଂଘର୍ଷମୟ ଜୀବନରେ ମଣିଷର ଯଦି ଟିକେ ହସଖୁସି ନାହିଁ ତେବେ ସେ ଜୀବନ ଯେମିତି ବୋଝ ସଦୃଶ ସେମିତି ସାମୟିକ ଭାବେ ଅନ୍ୟର ପୀଡ଼ନରୁ ଖୁସି ଅନୁଭବ କରିବା ଏକ ପ୍ରକାର ଅସାମାଜିକତା। ଆଜି ସାମୟିକ ଖୁସି ପ୍ରାପ୍ତିର ଲକ୍ଷ୍ୟରେ ଅନେକ ବିଭିନ୍ନ ମାଦକ ଦ୍ରବ୍ୟ ସେବନ କରୁଛନ୍ତି। ନିଶାଗ୍ରସ୍ତ ଅବସ୍ଥାରେ କେତେକ ବିଭିନ୍ନ ଆପରାଧିକ କାର୍ଯ୍ୟ ବି କରୁଛନ୍ତି। ସେଥିପାଇଁ ଜେଲ ଜରିମାନା ଦଣ୍ଡ ମଧ୍ୟ ଭୋଗୁଛନ୍ତି। ଏମିତି କି ଦୁରାରୋଗ୍ୟର ଶିକାର ହୋଇ ଶେଷରେ ଅକାଳରେ ଜୀବନ ହାରୁଥିଲେ ବି ଜିହ୍ୱା ଲାଳସାକୁ ଚରିତାର୍ଥ କରିବାକୁ ଯାଇ ନିଶାକୁ ସାଥୀ କରି ନେଉଛନ୍ତି। ବଜାର ହାଟ ଠାରୁ ବିବାହ, ବ୍ରତାଦି ବିଭିନ୍ନ କାର୍ଯ୍ୟକ୍ରମରେ ମଦ୍ୟପାନ ଓ ନାନା ଲୋଭନୀୟ ଖାଦ୍ୟ ନିଜର ଖୁସି ପାଇଁ ଖାଉଥିଲେ ବି ପରବର୍ତ୍ତୀ ସମୟରେ ଯାହା ଅଖୁସିର କାରଣ ହୋଇଥାଏ ତାହାକୁ ଲୋକେ ଭୁଲି ଯାଉଛନ୍ତି। ଅଯଥାରେ ଅନେକ ଗୁଡ଼ାଏ କଷ୍ଟ ଓ ଯନ୍ତ୍ରଣା ଭିତରେ ଜୀବନ ଅତିବାହିତ କରିଥା'ନ୍ତି। ଆଜିକାଲି ଛୋଟ ଛୋଟ ପିଲାଙ୍କୁ ମୋବାଇଲ ଧରାଇ ଦେଇ ମାତାପିତା ଦାୟିତ୍ୱମୁକ୍ତ ବୋଲି ଭାବିବା ସହ ବହୁତ ଖୁସି ବି ହେଉଛନ୍ତି। ମାତ୍ର ଛୋଟ ପିଲାଏ ମୋବାଇଲ ପଛରେ ପଡ଼ି



ପାଠଶାଠ ପ୍ରତି ଅନାଗ୍ରହୀ ହେବା ସହ ସେମାନଙ୍କ ଆଚରଣ ଓ ବ୍ୟବହାରରେ ବି ଅସ୍ୱାଭାବିକ ପରିବର୍ତ୍ତନ ଦେଖାଯାଉଛି ; ଯାହା କି ସେମାନଙ୍କ ମାତାପିତା ଓ ଅଭିଭାବକଙ୍କୁ କଷ୍ଟ ଦେଉଛି।

ବର୍ତ୍ତମାନ ସମୟରେ ଅନେକ ବାପା ମାଆ ସେମାନଙ୍କ ପିଲାଙ୍କୁ ଗାଡ଼ି ଚଢ଼ିବାର ସୁଯୋଗ ଦେଇ ଖୁସି ଓ ଗର୍ବ ଅନୁଭବ କରୁଛନ୍ତି। ସ୍କୁଲ, କଲେଜରେ ପଢୁଥିବା ନାବାଳକ ଓ ନାବାଳିକା ପିଲାଏ ବେନିୟମ ଭାବେ ସ୍କୁଟି ଓ ବାଇକ ଧରି ରାସ୍ତାରେ ବୁଲୁଛନ୍ତି। ନିଜେ ଦୁର୍ଘଟଣା ଘଟାଉଛନ୍ତି ଓ ଦୁର୍ଘଟଣାର ଶିକାର ବି ହେଉଛନ୍ତି। ଏହାଦ୍ୱାରା ସେମାନଙ୍କ ମାତାପିତା ଉଭୟ ଆର୍ଥିକ ଓ ମାନସିକ ଭାବେ କ୍ଷତିଗ୍ରସ୍ତ ହେଉଛନ୍ତ। ସେହିପରି ବେନିୟମ ଗାଡ଼ି ଚଳାଇବା ଅଭିଯୋଗରେ ପିଲାଏ ଧରାପଡ଼ିଲେ ସେମାନଙ୍କ ମାତାପିତାଙ୍କୁ ଜରିମାନା ଦେବାକୁ ପଡୁଛି। ଗାଡ଼ି ଚଳାଇବାର ଖୁସି ଏମିତି ଅନେକ ସମସ୍ୟାକୁ ଡାକି ଆଣୁଛି। ଆଜିକାଲି ସ୍କୁଲ କଲେଜରେ ପଢୁଥିବା ପିଲାଏ ପିକ୍‌ନିକ୍ ଯିବା ଏକ ସାଧାରଣ କଥା ହୋଇଗଲାଣି। ପିକ୍‌ନିକ୍‌ରେ ଯାଇ ଖୁସି କି ମଜା କରିବା ଗର ହିତକର ନୁହେଁ। ମାତ୍ର ଅଗଭୀର ନଈସୁଅରେ ପଶି ଗାଧୋଇବା କିମ୍ବା ବିପଜ୍ଜନକ ସ୍ଥାନରେ ମୋବାଇଲରେ ସେଲଫି ନେବା ଖୁସି ଯେ ବିପଦକୁ ଡାକିଆଣେ ଏହା ସେମାନଙ୍କୁ କିଏ ବୁଝାଇବ ? ଆଜିକାଲି ଏହିଭଳି ଅନେକ ଦୁର୍ଘଟଣା ଘଟିବା ଓ ଧନଜୀବନ ହାନି ହେଉଥିବା ଖବର ସହ ସମସ୍ତେ ପ୍ରାୟ ଅବଗତ। ପର୍ବପର୍ବାଣିଠାରୁ ଆରମ୍ଭ କରି ବିଭିନ୍ନ କାର୍ଯ୍ୟକ୍ରମରେ ଶୋଭାଯାତ୍ରା ଏକ ସାଧାରଣ ଘଟଣା ହୋଇଗଲାଣି। ଦେବଦେବୀଙ୍କ ଭସାଣି ଶୋଭାଯାତ୍ରାଠାରୁ ବିଭିନ୍ନ କାର୍ଯ୍ୟକ୍ରମରେ ଉଚ୍ଚ ଧ୍ୱନି ସୃଷ୍ଟିକାରୀ ସାଉଣ୍ଡ(ଡିଜେ)ର ବ୍ୟବହାର କରାଯାଉଛି। ବିଶେଷକରି ଆଜିର ଯୁବଗୋଷ୍ଠୀଙ୍କର ଏହା ପ୍ରଥମ ପସନ୍ଦ ହୋଇଯାଇଛି। ଏହି ହସଖୁସି ଭିତରେ ଯେଉଁ ଶବ୍ଦ ପ୍ରଦୂଷଣ ହେଉଛି ତାହା ସୁସ୍ଥ ଓ ଅସୁସ୍ଥ ସମସ୍ତଙ୍କ ଶରୀର ଉପରେ କୁପ୍ରଭାବ ପକାଉଛି। ଶ୍ରବଣ ଶକ୍ତିର ହାନି ସହିତ ହୃଦ୍‌ଘାତଜନିତ ରୋଗକୁ ଡାକି ଆଣୁଛି। ଖୁସି ଭିତରେ ଏ ଯେଉଁ କଷ୍ଟ ସେ କଥା କିଏ କ'ଣ କେବେ ଚିନ୍ତା କରିଛି କି ? ଆଜିକାଲି ମାତାପିତା ପିଲାଙ୍କୁ ଦାମୀ ସ୍କୁଲ କଲେଜରେ ପୁଳା ପୁଳା ଟଙ୍କା ଖର୍ଚ୍ଚ କରି ପାଠ ପଢ଼ାଉଛନ୍ତି। ଏମିତି କି ପାଠ ପଢ଼ା ଆରମ୍ଭରୁ ପିଲାଙ୍କୁ ସେମାନଙ୍କ ପାଖରେ ନ ରଖି ଅଧିକ ଭଲ କରିବା ଲକ୍ଷ୍ୟରେ ବୋର୍ଡିଂ ସ୍କୁଲରେ ରଖି ନିଜକୁ ଦାୟିତ୍ୱମୁକ୍ତ ମନେକରୁଛନ୍ତି। ଆଉ ପିଲାଙ୍କ ସଫଳତାରେ ଖୁସି ହେଉଛନ୍ତି, ଗର୍ବ ବି ଅନୁଭବ କରୁଛନ୍ତି। ଆରମ୍ଭରୁ ମାତାପିତାଙ୍କ ସ୍ନେହଶ୍ରଦ୍ଧା ଓ ଆକଟରୁ ବଞ୍ଚିତ ପିଲାଏ ସିନା ପାଠପଢ଼ାରେ ପ୍ରଥମ ହେଉଛନ୍ତି ଆଉ ଭଲ କର୍ମସଂସ୍ଥାନ ପାଇ ଭଲ ରୋଜଗାର କରୁଛନ୍ତି ହେଲେ ନୈତିକତାର ଶିକ୍ଷା ଅଭାବରୁ ସ୍ୱାର୍ଥପର, ଅହଙ୍କାରୀ ଓ ନୀତିହୀନ ପାଲଟି ଯାଉଛନ୍ତି ; ଯାହା କି ପରିଣତ ବୟସରେ ମାତାପିତାଙ୍କୁ କଷ୍ଟ ଦେଉଛି। ତେଣୁ ବର୍ତ୍ତମାନ ସର୍ବସ୍ୱ ମଣିଷ ସାମୟିକ ଖୁସି ପାଇଁ ଏମିତି କିଛି ନ କରୁ ଯାହା ପରେ ତା'ର କଷ୍ଟର କାରଣ ସାଜିବ ଏବଂ ସମାଜ ପାଇଁ ମଧ୍ୟ ବିପଦ ଡାକି ଆଣିବ। ଯେଉଁ ଖୁସି ଆତ୍ମସନ୍ତୋଷ ଆଣି ନ ଦେଲା ସେହି ଖୁସିକୁ ଆମେ କ'ଣ ଖୁସି ବୋଲି କହିପାରିବା ?

**ଶଂଖିଡ଼ା, ତିହିଡ଼ି, ଭଦ୍ରକ**
**ମୋ-୯୯୩୭୫୬୫୫୨୭**

## ଏଇ ଭାରତରେ

ଆମ୍ବୁଲାନ୍ସ ପାଇଁ ପାଖରେ ଟଙ୍କା ନ ଥିବାରୁ ଶିଶୁପୁତ୍ରର ମୃତଦେହକୁ ବ୍ୟାଗରେ ରଖି ୨୦୦ କିଲୋମିଟର ଯାତ୍ରାକରିବା ଭଳି ଏକ ଅମାନବୀୟ ଘଟଣା ସାମ୍ନାକୁ ଆସିଛି ପଶ୍ଚିମବଙ୍ଗରେ। ଉତ୍ତର ପଶ୍ଚିମବଙ୍ଗର ମେଡିକାଲ କଲେଜ ଏବଂ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଏକ ଶିଶୁ ପୁତ୍ରର ମୃତ୍ୟୁ ଘଟିଥିଲା। ଆମ୍ବୁଲାନ୍ସ ପାଇଁ ଟଙ୍କା ଅଭାବରୁ ଅସହାୟ ବାପା ଶିଶୁ ମୃତଦେହକୁ ଏକ ବ୍ୟାଗରେ ନେଇ ବସ୍ ଯୋଗେ ସିଲିଗୁଡ଼ିରୁ କାଳିଆଗଞ୍ଜ ବସଷ୍ଟାଣ୍ଡରେ ପହଞ୍ଚିଥିଲେ। ହସ୍ପିଟାଲରେ ଚିକିତ୍ସା ସମୟରେ ମୃତ୍ୟୁବରଣ କରିଥିବା ଏହି ଶିଶୁର ଘର କାଳିଆଗଞ୍ଜ ଅଞ୍ଚଳର ମୁସ୍ତାଫାନଗର ପଞ୍ଚାୟତର ଡାଙ୍ଗପଡା ଗ୍ରାମରେ। ମୃତ ଶିଶୁର ନାମ ଅସୀମ ଦେବ । ତାଙ୍କ ପିତା କହନ୍ତି, ତାଙ୍କର ପାଞ୍ଚ ମାସର ଯାଆଁଳା ଶିଶୁପୁତ୍ର ଗତ ସପ୍ତାହରେ ଅସୁସ୍ଥ ହୋଇପଡିଥିଲେ। ଚିକିତ୍ସା ପାଇଁ ସେମାନଙ୍କୁ ଉତ୍ତର ପଶ୍ଚିମବଙ୍ଗର ମେଡିକାଲ କଲେଜକୁ ନିଆଯାଇଥିଲା। ଚିକିତ୍ସା ପରେ ଜଣେ ଶିଶୁ ସୁସ୍ଥ ହେବା ପରେ ତାଙ୍କ ମା' ତାଙ୍କ ସହ କାଳିଆଗଞ୍ଜକୁ ଫେରି ଆସିଥିଲେ। ଅନ୍ୟ ଶିଶୁପୁତ୍ର ଚିକିତ୍ସିତ ହେଉଥିଲେ ଓ ତାଙ୍କର ମୃତ୍ୟୁ ହେବାପରେ ମେଡିକାଲ କଲେଜର ଆମ୍ବୁଲାନ୍ସ ସହିତ ଯୋଗାଯୋଗ କରାଯାଇଥିଲା ଏବଂ ସେମାନେ ମୃତଦେହକୁ କାଳିଆଗଞ୍ଜକୁ ନେବାକୁ ଆଠ ହଜାର ଟଙ୍କା ମାଗିଥିଲେ। ଆମ୍ବୁଲାନ୍ସ ପାଇଁ ତାଙ୍କ ପାଖରେ ଟଙ୍କା ନ ଥିଲା। ଶେଷରେ ସେ ତାଙ୍କ ଶିଶୁପୁତ୍ରର ମୃତଦେହକୁ ପ୍ଲାଷ୍ଟିକ୍‌ରେ ଗୁଡ଼ାଇ ବ୍ୟାଗରେ ରଖି ବସ୍‌ରେ ଆସିଥିଲେ।

## ୨୫ ବର୍ଷ ତଳର ଧରିତ୍ରୀ

୧୭ ମେ ୧୯୯୮

- ଭାରତ ଓ ପାକିସ୍ତାନର ଆଣବିକ ନୀତି ଉପରେ ଅନୁସନ୍ଧାନ ଚଳାଇବା ନେଇ ଆମେରିକା ପକ୍ଷରୁ ୬ ଟନ ଓଜନ ବିଶିଷ୍ଟ ଗୁପ୍ତଚର ଉପଗ୍ରହ 'ଓରିଅନ'ର ଉତ୍‌କ୍ଷେପଣ।
- ଲୋକପ୍ରିୟ ସଙ୍ଗୀତଜ୍ଞ ଫ୍ରାଙ୍କ ସିନାତ୍ରାଙ୍କ ୮୨ ବର୍ଷ ବୟସରେ ପରଲୋକ।
- ଖ୍ୟାତନାମା ଗଜଲ ଗାୟକ ରଘୁନାଥ ପ୍ରଧାନଙ୍କର ୫୮ ବର୍ଷ ବୟସରେ ଦେହାନ୍ତ।

## ପାଠକ ଶ୍ରେଷ୍ଠ ବିଚାରକ

### ଇଣ୍ଟରନେଟ୍ ବ୍ୟବହାର ନିରାପଦ ନୁହେଁ

ମହାଶୟ,

ଆମ ରାଜ୍ୟର ସାଧାରଣ ବର୍ଗର ଲୋକମାନେ ଇଣ୍ଟରନେଟ୍‌ର ସୁରକ୍ଷିତ ବ୍ୟବହାର ସମ୍ପର୍କରେ ସମ୍ପୂର୍ଣ୍ଣ ଅଜ୍ଞ। ଏବେ ଖବରକାଗଜ ଲେଉଟାଇଲେ ସବୁଠି ଦେଖିବାକୁ ମିଳୁଛି ଠକେଇ ଖବର। କିଏ ଅନ୍‌ଲାଇନ୍ ଫ୍ରଡ୍‌ର ଶିକାର ହେଉଛନ୍ତି ତ ଆଉ କିଏ ଅନାମଧେୟ ସଂସ୍ଥାରେ ପୁଞ୍ଜି ଖଟାଇ ହେଉଛନ୍ତି ଠକାମିର ଶିକାର। ଅପରାଧୀମାନେ ନାନା ପ୍ରକାର ପ୍ରଶ୍ନ ପଚାରି ମନଗଢ଼ା କାହାଣୀ ଶୁଣାଇ ଲୋକଙ୍କୁ ଠକିବାର ଯୋଜନା କରନ୍ତି। ଏ ନେଇ ସାଧାରଣ ମିଡିଆରେ ସତର୍କବାଣୀ ଦିଆଯାଇଥିଲେ ବି ଲୋକେ ଅଧିକରୁ ଅଧିକ ଠକି ହେଉଛନ୍ତି। ଏସିଆ ମହାଦେଶର ଜାପାନରେ ସବୁଠାରୁ ଅଧିକ ମାତ୍ରାରେ ଏ ଅପରାଧ ଓ ପରେ ଦ୍ୱିତୀୟ ସ୍ଥାନରେ ଭାରତ ରହିଛି। ଗତ କିଛି ମାସ ଧରି କଟକ, ଭୁବନେଶ୍ୱର, ରାଉରକେଲା ସହରରେ ଫେସ୍‌ବୁକ୍ ପ୍ରୋଫାଇଲ ହ୍ୟାକ୍ କରି ଓ ଇମେଲ୍ ଆଇଡି ଲିକ୍ ହୋଇ ଅପରାଧୀମାନେ ଲୁଟୁଛନ୍ତି ଜନତାଙ୍କୁ।

**–ଦେବବ୍ରତ ମିଶ୍ର, ସତ୍ୟବାଦୀ, ପୁରୀ**

## ଚିରନ୍ତନୀ

ଦୟା ପ୍ରେମ ଜ୍ଞାନ ଧ୍ୟାନ ଦୁଃଖ ସୁଖ
ମାନ ଅପମାନ
ସକଳ ଊର୍ଦ୍ଧ୍ୱରେ ଉଡ଼େ ଜୀବନର
ବିଜୟ ନିଶାଣ।
–(ପ୍ରାଚୀନ ଓ ନବୀନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଦୁର୍ଘଟଣାରେ ବାପା ମୃତ, ପୁଅ ଗୁରୁତର

ପାଟଣା,୧୬।୫(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ ଦେଇ ଯାଇଥିବା ୪୯ନଂ. ଜାତୀୟ ରାଜପଥର ଡାବରଚୁଆ ନିକଟରେ ମଙ୍ଗଳବାର ରାତିରେ ଗାଡ଼ି ଧକ୍କାରେ ବାପାଙ୍କ ମୃତ୍ୟୁ ହୋଇଥିବା ବେଳେ ପୁଅ ଗୁରୁତର ହୋଇଛନ୍ତି। ମୃତକ ହେଲେ ପାଟଣା ବ୍ଲକ କେନ୍ଦେଇ ପଶି ପଞ୍ଚାୟତ କାଶୀପୁର ଗ୍ରାମର ଧରଣୀଧର ମହାନ୍ତ(୬୮)। ତାଙ୍କ ପୁଅ ଶିବ(୩୦)ଙ୍କୁ ଚିକିତ୍ସା ପାଇଁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ବାପା ଓ ପୁଅ ବାଇକ୍ ଯୋଗେ କେନ୍ଦୁଝରରୁ ଘରକୁ ଫେରୁଥିବା ବେଳେ ଡାବରଚୁଆ ନିକଟରେ ଏକ ଅଜଣା ଗାଡି ତାଙ୍କ ବାଇକ୍‌କୁ ପଛପଟୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ଧରଣୀଧରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

# ସୁନ୍ଦରଗଡ଼ରେ ଲୁହାପଥର ବିଶୋଧନ କାରଖାନାକୁ ସବୁଜ ସଙ୍କେତ

**ନୂଆଦିଲ୍ଲୀ, ୧୬।୫**

ଓଡ଼ିଶାର ସୁନ୍ଦରଗଡ଼ ଜିଲାରେ ଲୁହାପଥର ବିଶୋଧନ କାରଖାନା ବସାଇବା ପ୍ରସ୍ତାବକୁ କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ (ଏମ୍‌ଓଇଏଫ୍) ସବୁଜ ସଙ୍କେତ ଦେଇଛି। ପ୍ରସ୍ତାବିତ କାରଖାନା ବନ୍ୟପ୍ରାଣୀ ଓ ଜଙ୍ଗଲ ଉପରେ ବିଶେଷ ପ୍ରଭାବ ପକାଇବ ନାହିଁ ବୋଲି ମନ୍ତ୍ରଣାଳୟ କହିଛି। ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି)ଙ୍କ ନିର୍ଦ୍ଦେଶକ୍ରମେ ଏମ୍‌ଓଇଏଫ୍‌ର ବରିଷ୍ଠ ବନ ଅଧିକାରୀ ଏବଂ ରାଜ୍ୟ ବନ ବିଭାଗର ଅଧିକାରୀମାନଙ୍କ ଏକ କମିଟି ଉକ୍ତ ଜିଲାକୁ ପରିଦର୍ଶନରେ ଯାଇ ବିଭିନ୍ନ ହିତଧାରକମାନଙ୍କ ସହ ଆଲୋଚନା କରିଥିଲେ। କମିଟି ଏହାର ରିପୋର୍ଟ ଏନ୍‌ଜିଟିକୁ ପ୍ରଦାନ କରିଛି। ଲୁହାପଥର ବିଶୋଧନ କାରଖାନା ପ୍ରତିଷ୍ଠା ବିରୋଧରେ ଆବେଦନର ଶୁଣାଣି ଆସନ୍ତା ୧୯ ତାରିଖରେ ଅନୁଷ୍ଠିତ ହେବ। କମିଟି ରିପୋର୍ଟ ଅନୁଯାୟୀ ପ୍ରସ୍ତାବିତ ପ୍ଲାଣ୍ଟ ନିକଟରେ ପରିବେଶ ସମ୍ବେଦନଶୀଳ ଅଞ୍ଚଳ ନାହିଁ। ଅନ୍ୟ ସମନ୍ୱିତ ଷ୍ଟିଲ୍ ପ୍ଲାଣ୍ଟ ଭଳି ଉକ୍ତ କାରଖାନା ପରିବେଶ ଉପରେ ପ୍ରଭାବ ପକାଇଲେ ମଧ୍ୟ ଏହାର ମୁକାବିଲା କରାଯାଇପାରିବ। ଏହା ବ୍ୟତୀତ କାରଖାନା ସ୍ଥାପନ ହେଲେ ସ୍ଥାନୀୟ ଲୋକେ ନିଯୁକ୍ତି ସୁଯୋଗ ପାଇବେ। ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା ଦ୍ୱାରା ପ୍ରସ୍ତାବିତ ଅଞ୍ଚଳର ଲୋକଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିପାରିବ। ପ୍ରସ୍ତାବିତ ପ୍ଲାଣ୍ଟ ଚାରିପଟେ ସବୁଜ ବଳୟ ସୃଷ୍ଟି କରାଯିବ ବୋଲି କମିଟି କହିଛି। ସୂଚନାଯୋଗ୍ୟ, ପରିବେଶ ନିୟମର ଉଲ୍ଲଂଘନ କରାଯାଇ ଲୁହାପଥର ବିଶୋଧନ କାରଖାନା ପ୍ରତିଷ୍ଠା କରାଯାଉଥିବା ନେଇ କାଇ ଇଣ୍ଟରନ୍ୟାଶନାଲ ପ୍ରା.ଲିଃ ପକ୍ଷରୁ ଏନ୍‌ଜିଟିରେ ଅଭିଯୋଗ ହୋଇଥିଲା। କେନ୍ଦ୍ର ସରକାରଙ୍କଠାରୁ ଆବଶ୍ୟକ ଜଙ୍ଗଲ ମଞ୍ଜୁରୀ ନ ଥାଇ ସେଠାରେ ବହୁସଂଖ୍ୟାରେ ଗଛ କଟାଯାଉଥିବା ଆବେଦନରେ ଦର୍ଶାଯାଇଥିଲା। ପ୍ଲାଣ୍ଟରୁ ଅତ୍ୟଧିକ ପ୍ରଦୂଷଣ ସମ୍ଭାବନା ଥିବାରୁ ଏହାକୁ ପରିବେଶ ମଞ୍ଜୁରୀ ମିଳିନାହିଁ। ଏହା ସତ୍ତ୍ୱେ କମ୍ପାନୀ ବେଆଇନ ଭାବେ ବହୁସଂଖ୍ୟାରେ ଗଛ କାଟିସାରିଲାଣି, ଯାହା ପରିବେଶ ଓ ବନ୍ୟପ୍ରାଣୀଙ୍କ ଉପରେ ପ୍ରତିକୂଳ ପ୍ରଭାବ ପକାଇବ ବୋଲି ପିଟିଶନରେ ଦର୍ଶାଯାଇଥିଲା।

## ୭୧,୦୦୦ଙ୍କୁ ମିଳିଲା ନିଯୁକ୍ତିପତ୍ର

**ନୂଆଦିଲ୍ଲୀ, ୧୬।୫(ପି.ଟି.)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଏକ ରୋଜଗାର ମେଳାରେ ୭୧,୦୦୦ରୁ ଊର୍ଦ୍ଧ୍ୱ ଯୁବତୀଯୁବକଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିଛନ୍ତି। ନିଯୁକ୍ତି ବ୍ୟବସ୍ଥାରେ ସରକାର ଆଣିଥିବା ପରିବର୍ତ୍ତନ ଯୋଗୁ ସମ୍ଭାବ୍ୟ ଦୁର୍ନୀତି ଓ ପ୍ରିୟାପ୍ରୀତି ତୋଷଣ ବନ୍ଦ ହୋଇଥିବା ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି। ସରକାରୀ ନିଯୁକ୍ତି ପାଇଁ ଆବେଦନଠାରୁ ଆରମ୍ଭ କରି ପରୀକ୍ଷା ଫଳ ଘୋଷଣା ପର୍ଯ୍ୟନ୍ତ ସମସ୍ତ ପ୍ରକ୍ରିୟା ଅନ୍‌ଲାଇନରେ ହେଉଛି। ଗତ ୯ ବର୍ଷ ମଧ୍ୟରେ କେନ୍ଦ୍ରରେ ଭାଜପା ସରକାର ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ସାଙ୍ଗକୁ ଭିତ୍ତିଭୂମିର ବିକାଶ ଆଣିଛନ୍ତି। ସବ୍‌କା ସାଥ୍, ସବ୍‌କା ବିକାଶ ଭାବନା ନେଇ ଆରମ୍ଭ ହୋଇଥିବା ଯାତ୍ରା ବିକଶିତ ଭାରତ ପାଇଁ କାର୍ଯ୍ୟ କରୁଛି ବୋଲି ମୋଦି କହିଥିଲେ।

# ମୃତ ମହିଳା ଜିତିଲେ ନିର୍ବାଚନ

**ବିଜ୍‌ନୋର, ୧୬।୫**


ଆଶିୟା ବି’

ଜଣେ ମହିଳାଙ୍କ ମୃତ୍ୟୁର ଦୁଇ ସପ୍ତାହ ପରେ ସେ ଉତ୍ତରପ୍ରଦେଶ ପୌର ନିର୍ବାଚନରେ ବିଜୟୀ ହୋଇଛନ୍ତି। ସମର୍ଥକମାନେ ତାଙ୍କୁ ବିଜୟୀ କରିବା ପାଇଁ ନେଇଥିବା ଶପଥକୁ ପୂରଣ କରିଛନ୍ତି। ୟୁପିର ବିଜ୍‌ନୋର ଜିଲାରେ ଅନୁଷ୍ଠିତ ପୌର ନିର୍ବାଚନରେ ଆଶିୟା ବି ପାଖାପାଖି ୪୪ ପ୍ରତିଶତ ଭୋଟ ପାଇଛନ୍ତି। ୩୦ ବର୍ଷୀୟା ଆଶିୟାଙ୍କ ଫୁସ୍‌ଫୁସ୍ ଓ ତଳିପେଟରେ ସଂକ୍ରମଣ ହେବାରୁ ନିର୍ବାଚନର ୧୨ ଦିନ ପୂର୍ବରୁ ତାଙ୍କର ମୃତ୍ୟୁ ଘଟିଥିଲା। ପ୍ରଥମ ଥର ପାଇଁ ନିର୍ବାଚନରେ ପ୍ରାର୍ଥୀ ହୋଇଥିଲେ ମଧ୍ୟ ତାଙ୍କର ଲୋକପ୍ରିୟତା ଯୋଗୁ ମୃତ୍ୟୁ ପରେ ମଧ୍ୟ ଲୋକେ ଭୋଟ ଦେଇ ଜିତାଇଛନ୍ତି। ତାଙ୍କୁ ମରଣୋତ୍ତର ଭାବେ ବିଜୟୀ ଘୋଷଣା କରାଯାଇଛି। ଆଶିୟାଙ୍କ ମୃତ୍ୟୁ ସମ୍ପର୍କରେ ତାଙ୍କ ସ୍ୱାମୀ ନିର୍ବାଚନ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ ବାଲଟ ପେପରରୁ ନାଁ କାଟିବା ବ୍ୟବସ୍ଥା ନ ଥିଲା ବୋଲି ଜିଲା ଅଧିକାରୀ ଭଗବାନ ଶରନ କହିଛନ୍ତି।

## ବିଦ୍ୟୁତ୍ ସ୍ୱାଇଁ ୟୁପିଏସ୍‌ସି ସଦସ୍ୟ



**ନୂଆଦିଲ୍ଲୀ, ୧୬।୫**

ଗୁଜରାଟ କ୍ୟାଡର (୧୯୮୮ ବ୍ୟାଚ୍) ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) ଅଧିକାରୀ ବିଦ୍ୟୁତ୍ ବିହାରୀ ସ୍ୱାଇଁଙ୍କୁ ମଙ୍ଗଳବାର ରାଷ୍ଟ୍ରପତି କେନ୍ଦ୍ର ଲୋକ ସେବା ଆୟୋଗ (ୟୁପିଏସ୍‌ସି) ସଦସ୍ୟ ନିଯୁକ୍ତ କରିଛନ୍ତି। ଓଡ଼ିଆ ଅଫିସର ବିଦ୍ୟୁତ୍‌ଙ୍କ କାର୍ଯ୍ୟକାଳ ସେ କାର୍ଯ୍ୟଭାର ନେବା ମାତ୍ରେ ଆରମ୍ଭ ହେବ। ନିଯୁକ୍ତି ଅବଧି ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୩୧୬(୨)ର ନିୟମାନୁସାରେ ନିୟନ୍ତ୍ରିତ ହେବ ଏବଂ ସେବା ସର୍ତ୍ତ ୟୁପିଏସ୍‌ସି ମେମ୍ବର୍ସ ରେଗୁଲେଶନ୍ସ, ୧୯୬୯ ଦ୍ୱାରା ପରିଚାଳିତ ହେବ ବୋଲି ଏକ ସରକାରୀ ବିବୃତିରେ କୁହାଯାଇଛି।

## ୟୁକ୍ରେନ୍ ଯୁଦ୍ଧର ଅବସାନ ପାଇଁ ରାମାଫୋସାଙ୍କ ଉଦ୍ୟମ

**କେପ୍‌ଟାଉନ, ୧୬।୫**


ସିରିଲ ରାମାଫୋସା

ଦକ୍ଷିଣ ଆଫ୍ରିକା ରାଷ୍ଟ୍ରପତି ସିରିଲ ରାମାଫୋସା ମଙ୍ଗଳବାର କହିଛନ୍ତି ଯେ ତାଙ୍କ ରୁଷୀୟ ଓ ୟୁକ୍ରେନୀୟ ପ୍ରତିପକ୍ଷ ଏକ ଆଫ୍ରିକୀୟ ପ୍ରତିନିଧି ଦଳ ସହ ଶାନ୍ତି ଆଲୋଚନା ପାଇଁ ରାଜି ହୋଇଛନ୍ତି। ୟୁକ୍ରେନ୍-ରୁଷିଆ ଯୁଦ୍ଧର ପରିସମାପ୍ତି ଦିଗରେ ପ୍ରତିନିଧି ଦଳ ଉଦ୍ୟମ କରିବ। ରାମାପୋସା ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଓ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କ ସହ ଫୋନ୍‌ରେ ଏନେଇ ଆଲୋଚନା କରିଛନ୍ତି। ମସ୍କୋ ଓ କିଭ୍‌ରେ ଆଫ୍ରିକୀୟ ନେତାଙ୍କ ଶାନ୍ତି ମିଶନ ଆୟୋଜନ ଲାଗି ଦୁଇ ନେତା ସମ୍ମତି ଦେଇଛନ୍ତି। ଜାମ୍ବିଆ, ସେନେଗାଲ, କଙ୍ଗୋ, ଉଗାଣ୍ଡା ଓ ଇଜିପ୍ଟ ନେତାମାନେ ମଧ୍ୟ ରାମାଫୋସାଙ୍କ ମିଶନରେ ସାମିଲ ହେବାକୁ ଯୋଜନା କରିଛନ୍ତି। ପୁଟିନ୍ ଓ ଜେଲେନ୍‌ସ୍କି ଏନେଇ ପ୍ରସ୍ତୁତି ଆରମ୍ଭ କରିବାକୁ ରାମାପୋସାଙ୍କୁ ସବୁଜ ସଙ୍କେତ ଦେଇଛନ୍ତି।

## ଆସାମରେ ବିଦା ହେବେ ପେଟୁଆ ପୋଲିସ

**ଗୁଆହାଟୀ, ୧୬।୫**

ଆସାମ ପୋଲିସ ବିଭାଗ ପକ୍ଷରୁ ମଙ୍ଗଳବାର ଏକ ନୂଆ ନିୟମ ଘୋଷଣା କରାଯାଇଛି। ଚଳିତ ବର୍ଷ ନଭେମ୍ବର ସୁଦ୍ଧା ନିଜ ଓଜନ ହ୍ରାସ କରିବାରେ ବିଫଳ ହେଲେ ସମ୍ପୃକ୍ତ ପୋଲିସ ଅଧିକାରୀଙ୍କୁ ଚାକିରିରୁ ସ୍ୱେଚ୍ଛାକୃତ ଅବସର (ଭିଆର୍‌ଏସ୍) ଦିଆଯିବ। ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କ ନିର୍ଦ୍ଦେଶକ୍ରମେ ଏହି ନିଷ୍ପତ୍ତି ନିଆଯାଇଥିବା ଆସାମ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଜ୍ଞାନେନ୍ଦ୍ର ପ୍ରତାପ ସିଂ ସୂଚନା ଦେଇଛନ୍ତି। ଆସାମ ପୋଲିସ ଆଇପିଏସ୍, ଏପିଏସ୍, ଅଧିକାରୀଙ୍କ ସମେତ ବିଭାଗୀୟ କର୍ମଚାରୀମାନଙ୍କ ବଡି ମାସ୍ ଇଣ୍ଡେକ୍ସ (ବିଏମ୍‌ଆଇ) ରେକର୍ଡ କରିବ। ଓଜନ କମାଇବା ପାଇଁ ୩ ମାସ ସମୟ ଦିଆଯାଇଛି। ଅଗଷ୍ଟ ୧୫ରେ ବିଏମ୍‌ଆଇ ସମୀକ୍ଷା କରାଯିବ। ବିଏମ୍‌ଆଇ ୩୦+ ବର୍ଗରେ ଆସୁଥିବା ପୋଲିସ କର୍ମଚାରୀଙ୍କୁ ଓଜନ ହ୍ରାସ ପାଇଁ ଆଉ ୩ ମାସ (ନଭେମ୍ବର ଶେଷ ପର୍ଯ୍ୟନ୍ତ) ସମୟ ଦିଆଯିବ ବୋଲି ଡିଜିପି କହିଛନ୍ତି। ପ୍ରକାଶ ଯେ, ମଦ୍ୟପାନ ଯୋଗୁ ଅସୁବିଧା ଭୋଗୁଥିବା ପ୍ରାୟ ୩୦୦ ପୋଲିସ ଅଧିକାରୀଙ୍କୁ ଅବସର ଦିଆଯିବ ବୋଲି ବିଶ୍ୱଶର୍ମା ଗତ ଏପ୍ରିଲରେ କହିଥିଲେ।

# ବାର୍ଦ୍ଧକ୍ୟ ଭତ୍ତା : ୧୧ କି.ମି. ଚାଲିଲେ ଦୃଷ୍ଟିହୀନ ବୃଦ୍ଧ

### ବ୍ଲକ କାର୍ଯ୍ୟାଳୟରେ ପଡ଼ି ଖଣ୍ଡିଆଖବରା ହେଲେ

**ପଟ୍ଟାମୁଣ୍ଡାଇ, ୧୬।୫(ସ୍ୱ.ପ୍ର.)**


ଦୃଷ୍ଟିହୀନ ବୃଦ୍ଧ ଅଭିଯୋଗ କରିବାକୁ ଶିଡ଼ି ଚଢୁଛନ୍ତି।

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକରେ ଦେଖିବାକୁ ମିଳିଛି ଏକ ଅଭାବନୀୟ ଘଟଣା। ଜଣେ ଦୃଷ୍ଟିହୀନ ବୃଦ୍ଧ ମଙ୍ଗଳବାର ବାର୍ଦ୍ଧକ୍ୟ ଭତ୍ତା ଟଙ୍କା ମିଳୁ ନ ଥିବା ଅଭିଯୋଗ ନେଇ ୧୧ କିମି ଚାଲି ବ୍ଲକ ଅଫିସ୍‌ରେ ପହଞ୍ଚିଥିଲେ। କିନ୍ତୁ ସେଠାରେ ପଡ଼ି ଖଣ୍ଡିଆ ଖାବରା ହୋଇଛନ୍ତି। ସେଠାରେ ଉପସ୍ଥିତ ଲୋକେ ତାଙ୍କୁ ବ୍ଲକ ଅଫିସରଙ୍କୁ ଦେଖା କରାଇ ଥିଲେ ମଧ୍ୟ କୌଣସି ସୁଫଳ ନ ପାଇ ଫେରିଯାଇଛନ୍ତି।

ପଟ୍ଟାମୁଣ୍ଡାଇ ବ୍ଲକ କଖାରୁଣୀ ପଞ୍ଚାୟତ ତଳପଡ଼ା ଗ୍ରାମର ଦୃଷ୍ଟିହୀନ ବୃଦ୍ଧ ଦିବାକର ମଲ୍ଲିକ ୩ ମାସର ବାର୍ଦ୍ଧକ୍ୟ ଭତ୍ତା ନ ପାଇ ଦୁଃଖ କଷ୍ଟରେ ଦିନ କାଟୁଛନ୍ତି। ମଙ୍ଗଳବାର ଦିବାକର ପ୍ରାୟ ୧୧ କିମି ବାଟ ଚାଲି ଚାଲି ଆସି ବିଡିଓ ଶୁଭ୍ରାଂଶୁ ସାହୁଙ୍କୁ ଦେଖାକରି ଭତ୍ତା ନ ମିଳିବା ବାବଦରେ ଜଣାଇଥିଲେ। ମାତ୍ର ବିଡିଓ ଏ ବାବଦରେ ବ୍ଲକ ସୋସିଆଲ ସିକ୍ୟୁରିଟି ଅଫିସର (ବିଏସ୍‌ଏସ୍‌ଓ)ଙ୍କୁ ଦେଖା କରିବାକୁ କହିଥିଲେ। ଦିବାକର ବିଏସ୍‌ଏସ୍‌ଓଙ୍କୁ ଦେଖା କରିବାକୁ ଦୋ ମହଲା ଉପରକୁ ଗୁରୁଣ୍ଡି ଗୁରୁଣ୍ଡି ଯିବା ବେଳେ ପଡ଼ି ଖଣ୍ଡିଆ ଖାବରା ହୋଇଥିଲେ। ସେଠାରେ ଉପସ୍ଥିତ ଲୋକେ ତାଙ୍କୁ ବ୍ଲକ ସୋସିଆଲ ସିକ୍ୟୁରିଟି ଅଫିସରେ ଛାଡି ଦେଇଥିଲେ। ମାତ୍ର ବିଏସ୍‌ଏସ୍‌ଓଙ୍କ ଅନୁପସ୍ଥିତ ଥିବାରୁ ଦିବାକର ନିରାଶ ହୋଇଥିଲେ। ସରକାରଙ୍କ ଯୋଜନା ଜନହିତକାରୀ ସତ, କିନ୍ତୁ ଯୋଜନାର ସୁଫଳ ପାଇବାକୁ ଲୋକଙ୍କୁ ଏଭଳି ପରିଣତ ବୟସରେ ହଇରାଣ କରାଯାଉଥିବାର ଦୃଶ୍ୟ ସାମ୍ନାକୁ ଆସିବା ପରେ ଜନଅସନ୍ତୋଷ ଦେଖାଯାଇଛି।

# ପୁରୀ ବେଳାଭୂମିରେ ମରିପଡ଼ିଛନ୍ତି ଜେଲିଫିସ୍

### ବାତ୍ୟା ‘ମୋଚା’, ତାପମାତ୍ରା ବୃଦ୍ଧି ଓ ଜଳବାୟୁ ପରିବର୍ତ୍ତନ ପ୍ରଭାବ ସନ୍ଦେହ

**ପୁରୀ ଅଫିସ, ୧୬।୫**



ପୁରୀ ବେଳାଭୂମିରେ ବହୁ ସଂଖ୍ୟକ ମୃତ ଜେଲିଫିସ୍ ପଡ଼ିରହିଥିବା ମଙ୍ଗଳବାର ଦେଖିବାକୁ ମିଳିଛି। ଏହି ସଂଖ୍ୟା ପ୍ରାୟ ସହସ୍ରାଧିକ ହେବ ବୋଲି ଅନୁମାନ କରାଯାଉଛି। ଏ ନେଇ ପରିବେଶବିତ୍‌ମାନେ ଚିନ୍ତା ପ୍ରକଟ କରିଥିବାବେଳେ ଜେଲିଫିସ୍‌ଗୁଡ଼ିକୁ ଦେଖିବା ଲାଗି ସେଠାରେ ଭିଡ଼ ଜମୁଛି। ନିକଟରେ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ବାତ୍ୟା ‘ମୋଚା’ ପ୍ରଭାବରୁ ଜେଲିଫିସ୍‌ଗୁଡ଼ିକ ସମୁଦ୍ରରେ ମରି ଢେଉ ଦ୍ୱାରା ଭାସିଆସି ପୁରୀ ବେଳାଭୂମିରେ ଲାଗିଥିବା ଅନୁମାନ କରାଯାଉଛି। ସେହିପରି ତାପମାତ୍ରା ବୃଦ୍ଧି ଓ ଜଳବାୟୁ ପରିବର୍ତ୍ତନ ଜେଲିଫିସ୍ ମଡକର କାରଣ ହୋଇଥାଇପାରେ ବୋଲି କୁହାଯାଉଛି। ତେବେ ଏପରି ଅଚାନକ ଏତେ ସଂଖ୍ୟାରେ ଜେଲିଫିସ୍ ମରି ବେଳାଭୂମିରେ ଭାସିବାର ପ୍ରକୃତ କାରଣ ଜଣାପଡ଼ିନାହିଁ। ଏହି ଘଟଣା ପରିବେଶବିତ୍‌ଙ୍କ ସମେତ ପର୍ଯ୍ୟଟକଙ୍କୁ ଚିନ୍ତାରେ ପକାଇଛି। ବିଶେଷକରି ପୁରୀ ସ୍ୱର୍ଗଦ୍ୱାର ବେଳାଭୂମିଠାରୁ ମଙ୍ଗଳାନଦୀ ମୁହାଣ ପର୍ଯ୍ୟନ୍ତ ଶହ ଶହ ସଂଖ୍ୟକ ଜେଲିଫିସ୍ ମରି ବେଳାଭୂମିରେ ପଡ଼ିଥିବା ଦେଖିବାକୁ ମିଳିଛି। ଜେଲିଫିସ୍‌ମାନେ ଗଭୀର ଜଳ ରାଶିରେ ରହନ୍ତି। ଜୁଆର ସମୟରେ ବେଳାଭୂମି ନିକଟକୁ ଚାଲିଆସନ୍ତି। ତେବେ ଏତେ ସଂଖ୍ୟାରେ ଜେଲିଫିସ୍ ମରିବା ପଛରେ ବାତ୍ୟା ପ୍ରଭାବକୁ ଏଡାଇ ଦିଆଯାଇ ନ ପାରେ। କିଛି ଦିନ ହେବ ବେଳାଭୂମିରେ ଜେଲିଫିସ୍ ମରି ପଡୁଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ସାଧାରଣରେ ଅଭିଯୋଗ ହେଉଛି। ମୃତ ଜେଲିଫିସଗୁଡ଼ିକ ବେଳାଭୂମିରେ ଲାଗିଥିବାରୁ ସମୁଦ୍ରକୂଳରେ ପର୍ଯ୍ୟଟକଙ୍କ ବୁଲିବାରେ ସମସ୍ୟା ଉପୁଜୁଛି। ସେହିପରି ପର୍ଯ୍ୟଟକମାନେ ସମୁଦ୍ରରେ ସ୍ନାନ କରିବା ବେଳେ ସେମାନଙ୍କ ଦେହରେ ମୃତ ଜେଲିଫିସ୍ ଲାଗିଯାଉଛି। ଫଳରେ ସେମାନଙ୍କ ଦେହ କୁଣ୍ଡାଇ ହେବା ସହ ଫଳି ଯାଉଛି। ଏଥିଯୋଗୁ ପର୍ଯ୍ୟଟକ ଅସନ୍ତୋଷ ପ୍ରକାଶ କରିଛନ୍ତି। ଅପରପକ୍ଷରେ କେଉଁ କାରଣରୁ ଜେଲିଫିସ୍‌ଗୁଡ଼ିକ ସମୁଦ୍ର ଭିତରୁ ଆସି ଉପରେ ଭାସୁଛନ୍ତି ଓ ମରିପଡ଼ିଛନ୍ତି ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରିନାହିଁ। ପ୍ରଶାସନ ପକ୍ଷରୁ ତୁରନ୍ତ ପଦକ୍ଷେପ ଗ୍ରହଣ ଲାଗି ପରିବେଶବିତ୍ ଓ ଜନସାଧାରଣ ଦାବି କରିଛନ୍ତି।

# କୃଷି ସାମଗ୍ରୀ ଯୋଗାଣ ତଦାରଖ ପାଇଁ ଗଠନ ହେବ ଯାଞ୍ଚ ସ୍କ୍ୱାଡ୍

### ଜିଲାପାଳଙ୍କୁ ଚିଠି ଲେଖିଲେ ସଚିବ

**ଭୁବନେଶ୍ୱର, ୧୬।୫(ବ୍ୟୁରୋ)**

ଚଳିତ ଖରିଫରେ ଚାଷୀମାନଙ୍କୁ ଉଚିତ ମୂଲ୍ୟରେ ପର୍ଯ୍ୟାପ୍ତ ପରିମାଣର ସାର, ବିହନ, କୀଟନାଶକ ଆଦି ଯୋଗାଣ ନିମନ୍ତେ ଜିଲାସ୍ତରରେ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ଗଠନ ହେବ। ଏଥିସହିତ ଯାଞ୍ଚ କାର୍ଯ୍ୟକୁ କଡ଼ାକଡ଼ି କରିବା ପାଇଁ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପ୍ରମୁଖ ଶାସନ ସଚିବ ଅରବିନ୍ଦ ପାଢ଼ୀ ମଙ୍ଗଳବାର ସମସ୍ତ ଜିଲାପାଳଙ୍କୁ ଚିଠି ଲେଖିଛନ୍ତି। ପ୍ରତି ଜିଲାରେ ନିୟମିତ ଯାଞ୍ଚ କାର୍ଯ୍ୟ ନିମନ୍ତେ ଏଗ୍ରି-ଇନ୍‌ପୁଟ ଇନ୍ସପେକ୍ଟର, ଜଣେ ମାଜିଷ୍ଟ୍ରେଟ୍ ଏବଂ ପୋଲିସ ଅଧିକାରୀଙ୍କୁ ନେଇ ଏକ କିମ୍ବା ଏକାଧିକ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ଗଠନ କରାଯିବ। ସେହିପରି ଜିଲା ପ୍ରଶାସନ ପକ୍ଷରୁ ବ୍ଲକ୍‌ସ୍ତରରେ ଅଧିକାରୀଙ୍କୁ ବିଭିନ୍ନ ତଦାରଖ କାର୍ଯ୍ୟ ନିମନ୍ତେ ଅନୁରୂପ ସହାୟତା ଯୋଗାଇଦେବା ପାଇଁ ପ୍ରମୁଖ ସଚିବ ଜିଲାପାଳମାନଙ୍କୁ ଅନୁରୋଧ କରିଛନ୍ତି। ଏଥିସହିତ କୃଷି ସାମଗ୍ରୀର ସର୍ବୋଚ୍ଚ ଚାହିଦା ସମୟରେ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଯେପରି ପ୍ରଭାବିତ ନ ହୁଅନ୍ତି, ସେଥିଲାଗି କୃଷି ସାମଗ୍ରୀର ଯୋଗାଣ ଓ ବଣ୍ଟନ ପ୍ରତି ସଜାଗ ଦୃଷ୍ଟିରଖିବା ପାଇଁ ଜିଲାପାଳମାନଙ୍କୁ କୁହାଯାଇଛି। ଏ ସମ୍ପର୍କରେ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟକୁ ନିୟମିତ ଅବଗତ କରିବା ପାଇଁ ଚିଠିରେ ଉଲ୍ଲେଖ କରାଯାଇଛି।

PARADIP PORT AUTHORITY
MARINE DEPARTMENT
No.MD/ACCTS/WK-R-3/2023/601
Dated, the 09th May, 2023
**e-TENDER CALL NOTICE**
Name of the Work : "Supply of 01 no Pilot Launch on Hire for Three shifts operation per day along with operational crew for a period of five (05) years". Estimated Cost : Rs.8,54,98,433/- excluding fuel cost & GST. With reference to the above e-tender, last date & time of submission of tender through on-line bidding is till 1500 hours on Dt.31/05/2023. Technical Bids sahll be opened at 16:30 hours on Dt.01/06/2023. For further details, please log on to the Website :https://eprocure.gov.in/eprocure/app .
Dy. Conservator,
Paradip Port Authority
PPA/PR/12/2023-24, Dt.16.05.2023

SBI
STATE BANK OF INDIA
Regional Business Office : II, Cuttack
Link Road, Madhupatna Square,
Cuttack - 753010,Ph : 9437918319,
e-mail - cmcscm2.bhu1@sbi.co.in

**PREMISES REQUIRED ON LEASE BASIS**

State Bank of India, RBO - II, Link Road, Madhupatna Square, Cuttack invites sealed offers from the PSUs / Government / Promoters / Private Parties having ownership of R.C.C. Building, ready for immediate occupation for its under noted branch, preferablty at Ground Floor, with good communication facility for establishment of Branch of SBI at same locality. The intending parties collect tender document from RBO - II, SBI, Link Road, Madhupatna Square, Cuttack and also from the concerned branch from 17.05.2023 to 31.05.2023.

| Branch | Carpet Area | Electrical | Parking |
|---|---|---|---|
| Gopalpur Cuttack | 2000 sq.ft to 2500 sq.ft | 25 KW | (200-300 sqft) |

The premises shall be required to be altered / modified as per Bank's requirement and specifications. Interested parties who can legally offer the premises should submit their offer in two separate sealed covers, super-scribed "Technical Bid" and "Price Bid" with name of the branch at following address on or before 31.05.2023 16.00 hrs.

Regional Manager
SBI, RBO - II, Madhupatna Square, Cuttack

ई – प्रोक्योरमेन्ट सेल मुख्य अभियंता का कार्यालय, कम्बाईन्ड ऑफिस बिल्डिंग भवन निर्माण विभाग, झारखण्ड, रांची।
ई–प्रोक्योरमेन्ट नोटिस
टेन्डर रेफरेन्स नं0–BCD/CE/20/Latehar/2023-24दिनांक–16-05-2023

| Sl.No | कार्य का नाम | प्राक्कलित राशि (रू0) | कार्य पूर्ण करने की अवधि |
|---|---|---|---|
| 1 | Construction of 150 Bedded Hostel in schedule Tribe Residential School Mahuadanr,Latehar | Rs. 3,90,79,816.00 | 11 माह |
| 2 | वेबसाइट पर निविदा प्रकाशन की तिथि | 22-05-2023 | |
| 3 | वेबसाइट पर बिड प्राप्ति के लिए अन्तिम तिथि/समय | 12-06-2023 up to 11:00 A.M | |
| 4 | निविदा प्रकाषित करने वाले कार्यालय का नाम एवं पता | ई – प्रोक्योरमेन्ट सेल मुख्य अभियंता का कार्यालय , कम्बाईन्ड ऑफिस बिल्डिंग, भवन निर्माण विभाग, लाईन टैंक रोड, रांची। | |
| 5 | प्रोक्योरमेंट पदाधिकारी का सम्पर्क संख्या | 9631476651 | |
| 6 | ई–प्रोक्योरमेंट सेल का हेल्पलाईन संख्या | 9835316593 | |

किसी भी प्रकार का बदलाव http://jharkhandtenders.gov.in पर देखा जा सकता है।
•अन्य किसी भी प्रकार की सूचना http://jharkhandtenders.gov.in पर देखा जा सकता है।
*Note: UCAN Registration is mandatory for the Bidders*
नोडल पदाधिकारी ई – प्रोक्योरमेन्ट सेल,
मुख्य अभियंता का कार्यालय, कम्बाईन्ड ऑफिस बिल्डिंग,
भवन निर्माण विभाग, लाईन टैंक रोड, रांची।
PR 297534 Building(23-24)D

झारखण्ड सरकार
ग्रामीण कार्य विभाग मुख्य अभियंता का कार्यालय
102, द्वितीय तल्ला, अभियंत्रण भवन, कचहरी रोड, राँची

ई–अल्पकालीन पुनर्निविदा आमंत्रण सूचना

ई–अल्पकालीन पुनर्निविदा संख्या:- 321/RI/2023-24/RWD/SIMDEGA दिनांक :- 16.05.2023
मुख्य अभियंता, ग्रामीण कार्य विभाग, झारखण्ड, राँची द्वारा निम्न विवरण के अनुसार e-procurement पद्धति से पैकेज के रूप में निविदा आमंत्रित की जाती है।

| क्र0 सं0 | आईडेन्टी फिकेशन संख्या/पैकेज संख्या | कार्य का नाम | प्राक्कलित राशि (रूपये में) अंक में | प्राक्कलित राशि (रूपये में) अक्षर में | कार्य समाप्ति की अवधि | टेण्डर कॉल नं0 |
|---|---|---|---|---|---|---|
| 1. | RWD/ SIMDEGA/11/ SRPKG-01/ 2022-23 | (i) कुरडेग पी0डब्लू0डी0 मुख्य पथ महुआ टोली से कोचेडेगा रामरेखा पथ बड़ा टुंगरी तक पथ का विशेष मरम्मति कार्य (लं– 3.100 कि0मी0)<br>(ii) सिकरियाटांड़ भंजपाथर से सोगड़ा होते हुए करजिटांड़ ठाईटांगर पाकड़टांड़ तक पथ का विशेष मरम्मति कार्य (लं– 9.950 कि0मी0)<br>(iii) कोनपाला जामटांड़ से ठेठईटांगर बोलबा पथ भाया जपलंगा तक पथ का विशेष मरम्मति कार्य (लं– 13.000 कि0मी0)<br>(iv) बेन्दोजोर आर0ई0ओ0 पथ से पी0डब्लू0डी0 पथ भाया तुरतुरपानी का विशेष मरम्मति कार्य (लं– 5.300 कि0मी0)<br>(v) आर0ई0ओ0 पथ बानाबीरा से कुल्लुकेरा भाया टैंसेरा तक पथ का विशेष मरम्मति कार्य (लं– 1. 100 कि0मी0) | 13,66,74,904.00 | तेरह करोड़ छियासठ लाख चौहत्तर हजार नौ सौ चार रू0 मात्र | 09 माह | द्वितीय |

2. वेबसाईट में निविदा प्रकाशन की तिथि:– 22.05.2023
3. ई–निविदा प्राप्ति की अंतिम तिथि एवं समय:– 01.06.2023 अपराह्न 5.00 बजे तक।
4. (क) मुख्य अभियंता कार्यालय, ग्रामीण कार्य विभाग, अभियंत्रण भवन, कचहरी, राँची अथवा (ख) जिला नियंत्रण कक्ष, राँची अथवा (ग) जिला नियंत्रण कक्ष, सिमडेगा में से किसी भी कार्यालय में निविदा शुल्क एवं अग्रधन की राशि जमा करने की अंतिम तिथि एवं समय:– 02. 06.2023 अपराह्न 3.30 बजे तक।
5. निविदा शुल्क एवं अग्रधन की राशि स्पीड पोस्ट के माध्यम से भी मुख्य अभियंता, ग्रामीण कार्य विभाग, 102, द्वितीय तल्ला, अभियंत्रण भवन, कचहरी चौक, राँची, झारखण्ड, पिन– 834001 को भेजा जा सकता है। यह निविदाकार की जिम्मेवारी होगी कि स्पीड पोस्ट के माध्यम से भेजा जाने वाला निविदा शुल्क एवं अग्रधन की राशि निर्धारित तिथि एवं समय (02.06.2023 अपराह्न 3.30 बजे तक) से पूर्व प्राप्त हो जाय। अंतिम तिथि एवं समय से पूर्व प्राप्त निविदा शुल्क एवं अग्रधन की राशि पर ही विचार किया जायेगा।
6. निविदा खोलने की तिथि एवं समय:– 05.06.2023 अपराह्न 3.30 बजे।
7. निविदा आमंत्रित करने वाले पदाधिकारी का नाम एवं पता:– मुख्य अभियंता, ग्रामीण कार्य विभाग, 102, द्वितीय तल्ला, अभियंत्रण भवन, कचहरी चौक, राँची, झारखण्ड, पिन– 834001
8. ई–निविदा प्रकोष्ठ का दूरभाष सं0– 0651–2207818
9. निविदा शुल्क झारखण्ड राज्य में अवस्थित भारतीय स्टेट बैंक/राष्ट्रीयकृत बैंक/अनुसूचित बैंक द्वारा निर्गत बैंक ड्राफ्ट के रूप में जो कार्यपालक अभियंता, ग्रामीण कार्य विभाग, कार्य प्रमण्डल, सिमडेगा के पक्ष में एवं सिमडेगा में भुगतेय जमा करना होगा जो लौटाया नहीं जायेगा।

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।
नोडल पदाधिकारी
ई–प्रोक्युर्मन्ट सेल
PR297521 (Rural Work Department)23-24*D

On the Occasion of Sabitri Brata
SPECIAL HANDLOOM EXPO - 2023
ପବିତ୍ର ସାବିତ୍ରୀ ବ୍ରତ ଉପଲକ୍ଷେ
ସ୍ୱତନ୍ତ୍ର ହସ୍ତତନ୍ତ ମେଳା - ୨୦୨୩
Ekamra Haat, Unit -III, Bhubaneswar
Upto 21.05.2023 at 11.00 AM to 9.00 PM
AVAIL SPECIAL GOVT. DISCOUNT
Organised by :
SAMBALPURI BASTRALAYA
HANDLOOM CO-OPERATIVE SOCIETY LTD.
Sponsored by
Handlooms, Textiles & Handicrafts Department
Government of Odisha

ଭାରତ ସରକାର
ଉଦ୍ଭିଦ କିସମ ଏବଂ କୃଷକ ଅଧିକାର ସୁରକ୍ଷା ପ୍ରାଧିକରଣ
କୃଷି ଏବଂ କୃଷକ କଲ୍ୟାଣ ବିଭାଗ
କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରଣାଳୟ
ୱେବ୍‌ସାଇଟ୍: "www.plantauthority.gov.in"
PPVFRA

**ଉଦ୍ଭିଦ ଜିନୋମ୍ ଉଦ୍ଧାରକ ପୁରସ୍କାର ୨୦୨୨-୨୩**
ପିପିଭିଏଫ୍‌ଆର୍ ଅଧିନିୟମ, ୨୦୦୧ର ଧାରା ୩୯(୧) (iii) ସହିତ ପଠନପୂର୍ବକ ପିପିଭିଏଫ୍‌ଆର୍ (ଜିନ୍ ପାଣ୍ଠି ତରଫରୁ ସ୍ୱୀକୃତି ଏବଂ ପୁରସ୍କାର) ନିୟମାବଳୀ, ୨୦୧୨ ଏବଂ ପିପିଭିଏଫ୍‌ଆର୍ (ଜିନ୍ ପାଣ୍ଠି ତରଫରୁ ସମୁଦାୟ ପୁରସ୍କାର) ନିୟମାବଳୀ, ୨୦୧୮ ଅଧୀନରେ
**କୃଷକ(ଗଣ) ଏବଂ କୃଷି ସମୁଦାୟ ପାଇଁ ଭାରତର ସର୍ବୋଚ୍ଚ ପୁରସ୍କାର/ସମ୍ମାନ/ସ୍ୱୀକୃତି**
ପିପିଭିଏଫ୍‌ଆର୍ ଅଧିନିୟମ, ୨୦୦୧ରେ କୃଷକଙ୍କ ଅଧିକାରର ଏକ ନିଆରା ଦିଗ ଯାହା ଭୂ-କିସମର ଜେନେଟିକ୍ ସମ୍ବଳ ଏବଂ ଆର୍ଥିକ ଉଦ୍ଭିଦଗୁଡ଼ିକ ବନ୍ୟ ପ୍ରଜାତିର ସଂରକ୍ଷଣ ତଥା ଚୟନ ମାଧ୍ୟମରେ ସେଗୁଡ଼ିକର ଉନ୍ନତୀକରଣ କ୍ଷେତ୍ରରେ ସଂଶ୍ଳିଷ୍ଟ କୃଷକମାନଙ୍କୁ ପୁରସ୍କାର, ସମ୍ମାନ ଏବଂ ସ୍ୱୀକୃତି ପ୍ରଦାନ କରିବାର ସୁବିଧା ଯୋଗାଇଥାଏ।

**୧. ଉଦ୍ଭିଦ ଜିନୋମ୍ ଉଦ୍ଧାରକ ସମୁଦାୟ ପୁରସ୍କାର**
**ପୁରସ୍କାର:** ବର୍ଷରେ ସର୍ବାଧିକ ୫ଟି ପୁରସ୍କାର, ଯେଉଁଥିରେ ପ୍ରତ୍ୟେକ ଟ.୧୦,୦୦,୦୦୦/– (ଦଶ ଲକ୍ଷ ଟଙ୍କା ମାତ୍ର), ଏକ ମାନପତ୍ର ଏବଂ ଏକ ସ୍ମୃତିଚିହ୍ନ ରହିଥାଏ।
**କେଉଁମାନେ ଆବେଦନ କରିପାରିବେ:** ଭୂ-କିସମର ଜେନେଟିକ୍ ସମ୍ବଳ ଏବଂ ଆର୍ଥିକ ଉଦ୍ଭିଦଗୁଡ଼ିକର ବନ୍ୟ ପ୍ରଜାତିର ସଂରକ୍ଷଣ ତଥା ଚୟନ ମାଧ୍ୟମରେ ସେଗୁଡ଼ିକର ଉନ୍ନତୀକରଣ କରିବାରେ ସଂଶ୍ଳିଷ୍ଟ ଓ ଏପରି ଭାବେ ଚୟନିତ ଏବଂ ସଂରକ୍ଷିତ ସାମଗ୍ରୀକୁ କିସମର ଉନ୍ନତୀକରଣ ପାଇଁ ଅନ୍ୟମାନଙ୍କ ସହ ଭାଗ କରିଥିବା କୃଷକମାନଙ୍କର ଏକ ସମୁଦାୟ।

**୨. ଉଦ୍ଭିଦ ଜିନୋମ୍ ଉଦ୍ଧାରକ କୃଷକ ସମ୍ମାନ/ସ୍ୱୀକୃତି**
**ସମ୍ମାନ:** ସର୍ବାଧିକ ୧୦ଟି ପୁରସ୍କାର, ଯେଉଁଥିରେ ମାନପତ୍ର, ସ୍ମୃତିଚିହ୍ନ ଏବଂ ଟ.୧,୫୦,୦୦୦ (ଏକଲକ୍ଷ ପଚାଶ ହଜାର ଟଙ୍କା ମାତ୍ର)ର ନଗଦ ରାଶି ରହିଥାଏ।
**ସ୍ୱୀକୃତି:** ସର୍ବାଧିକ ୨୦ଟି ସ୍ୱୀକୃତି, ଯେଉଁଥିରେ ମାନପତ୍ର, ସ୍ମୃତିଚିହ୍ନ ଏବଂ ଟ.୧,୦୦,୦୦୦ (ଏକଲକ୍ଷ ଟଙ୍କା ମାତ୍ର)ର ନଗଦ ରାଶି ରହିଥାଏ।
କେଉଁମାନେ ଆବେଦନ କରିପାରିବେ: ଭୂ-କିସମର ଜେନେଟିକ୍ ସମ୍ବଳ ଏବଂ ଆର୍ଥିକ ଉଦ୍ଭିଦଗୁଡ଼ିକର ବନ୍ୟ ପ୍ରଜାତିର ସଂରକ୍ଷଣ ତଥା ଚୟନ ମାଧ୍ୟମରେ ସେଗୁଡ଼ିକର ଉନ୍ନତୀକରଣ କରିବା ଓ ଏପରି ଭାବେ ଚୟନିତ ଏବଂ ସଂରକ୍ଷିତ ହୋଇଥିବା ସାମଗ୍ରୀକୁ ପିପିଭିଏଫ୍‌ଆର୍ ଅଧିନିୟମ, ୨୦୦୧ ଅଧୀନରେ ପଞ୍ଜୀକରଣଯୋଗ୍ୟ କିସମରେ ବ୍ୟବହାର ପାଇଁ ଜିନ୍‌ର ଦାତା ରୂପେ ସଂଶ୍ଳିଷ୍ଟ କୃଷକ (ବିନିର୍ଦ୍ଦିଷ୍ଟ କର୍ତ୍ତୃପକ୍ଷଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଅଭିପ୍ରେରଣ କରାଯିବ ଏବଂ ସମ୍ପୃକ୍ତ ଅନୁଷ୍ଠାନର ପ୍ରମାଣପତ୍ର ସଂଲଗ୍ନ କରାଯିବ)।
**କିପରି ଆବେଦନ କରିବେ:** ଦରଖାସ୍ତ ଫର୍ମ ଏବଂ ସବିଶେଷ ମାର୍ଗଦର୍ଶିକା ପ୍ରାଧିକରଣର ୱେବ୍‌ସାଇଟ୍ https://www.plantauthority.gov.inରୁ ଡାଉନ୍‌ଲୋଡ୍ କରାଯାଇପାରିବ କିମ୍ବା ପିପିଭିଏଫ୍‌ଆର୍ ପ୍ରାଧିକରଣ, ନୂଆଦିଲ୍ଲୀ କାର୍ଯ୍ୟାଳୟ ଅଥବା ରାଞ୍ଚି, ଗୁଆହାଟୀ, ପାଲମପୁର, ପୁଣେ ଏବଂ ଶିବମୋଗା ସ୍ଥିତ ଏହାର କାର୍ଯ୍ୟାଳୟ (ଦୟାକରି ଠିକଣା ୱେବ୍‌ସାଇଟ୍‌ରେ ଦେଖନ୍ତୁ)ରୁ ଯେକୌଣସି କାର୍ଯ୍ୟଦିବସରେ ପୂର୍ବାହ୍ନ ୯.୦୦ ଘଟିକାରୁ ଅପରାହ୍ନ ୫.୩୦ ଘଟିକା ମଧ୍ୟରେ ବ୍ୟକ୍ତିଗତ ଭାବେ କିମ୍ବା ଡାକ ଯୋଗେ ହାସଲ କରାଯାଇପାରିବ। ଦରଖାସ୍ତଗୁଡ଼ିକୁ ହିନ୍ଦୀ କିମ୍ବା ଇଂରାଜୀରେ ଦାଖଲ କରାଯାଇପାରିବ। କୌଣସି ଦରଖାସ୍ତ ଦେୟ ନାହିଁ। କେବଳ ପୂରଣ ହୋଇଥିବା ଫର୍ମ ଏବଂ ତାହା ସପକ୍ଷରେ କାଗଜପତ୍ର(ଗୁଡ଼ିକ) ଦାଖଲ କରାଯିବା ଆବଶ୍ୟକ।
**ଦରଖାସ୍ତଗୁଡ଼ିକୁ ଅଭିପ୍ରେରଣ କରିବାର ମାଧ୍ୟମ:** ସମ୍ପୃକ୍ତ ପଞ୍ଚାୟତର ଅଧ୍ୟକ୍ଷ/ସଚିବ, ଜୈବବିବିଧତା ପରିଚାଳନା କମିଟି କିମ୍ବା ସମ୍ପୃକ୍ତ ଜିଲ୍ଲା କୃଷି ଅଧିକାରୀ କିମ୍ବା ସମ୍ପୃକ୍ତ କେନ୍ଦ୍ର/ରାଜ୍ୟ କୃଷି ବିଶ୍ୱବିଦ୍ୟାଳୟର ଗବେଷଣା ନିର୍ଦ୍ଦେଶକ କିମ୍ବା ସମ୍ପୃକ୍ତ ଜିଲ୍ଲା ଆଦିବାସୀ ବିକାଶ କାର୍ଯ୍ୟାଳୟ। ହେଲେ, ଉଦ୍ଭିଦ ଜିନୋମ୍ ଉଦ୍ଧାରକ ସମୁଦାୟ ପୁରସ୍କାର ନିମନ୍ତେ ଦରଖାସ୍ତ କ୍ଷେତ୍ରରେ, ତାହାକୁ ସମ୍ପୃକ୍ତ କ୍ଷେତ୍ରୀୟ ପ୍ରକଳ୍ପ ନିର୍ଦ୍ଦେଶକ, ଭାରତୀୟ କୃଷି ଗବେଷଣା ପରିଷଦ (ବର୍ତ୍ତମାନ ନିର୍ଦ୍ଦେଶକ – କୃଷି ପ୍ରଯୁକ୍ତି ପ୍ରୟୋଗ ଗବେଷଣା ଅନୁଷ୍ଠାନ (ଏଟିଏଆର୍‌ଆଇ) – ଆଇସିଏଆର୍‌ଙ୍କ ମାଧ୍ୟମରେ ଆନୁଷ୍ଠାନିକ ମୋହର ସହିତ ମଧ୍ୟ ଅଭିପ୍ରେରଣ କରାଯାଇପାରିବ।
**ଦରଖାସ୍ତ ଦାଖଲର ଶେଷ ତାରିଖ:** ବିଧିବଦ୍ଧ ଭାବେ ପୂରଣ ହୋଇଥିବା ଦରଖାସ୍ତ ଫର୍ମ ସହିତ ତାହା ସପକ୍ଷରେ ସୂଚନା, ପ୍ରମାଣ/କାଗଜପତ୍ର/ବିବରଣୀ/କରାଯାଇଥିବା ଦାବିର ପ୍ରମାଣ ନିମ୍ନଲିଖିତ ଠିକଣାରେ ଏହି ବିଜ୍ଞାପନ ପ୍ରକାଶିତ ହେବାର ୩ (ତିନି) ମାସ ମଧ୍ୟରେ ପହଞ୍ଚିବା ଆବଶ୍ୟକ। ଶେଷ ତାରିଖ ପରେ ପ୍ରାପ୍ତ ଦରଖାସ୍ତଗୁଡ଼ିକୁ ପ୍ରଶ୍ରୟ ଦିଆଯିବ ନାହିଁ।
**ଉମାକାନ୍ତ ଦୁବେ, ଉପନିବନ୍ଧକ, ଉଦ୍ଭିଦ କିସମ ଏବଂ କୃଷକ ଅଧିକାର ସୁରକ୍ଷା ପ୍ରାଧିକରଣ, କୃଷି ଏବଂ କୃଷକ କଲ୍ୟାଣ ବିଭାଗ, କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରଣାଳୟ, ଭାରତ ସରକାର, ଏସ୍-୨ ‘ଏ’ ବ୍ଲକ, ଏନ୍‌ଏଏସ୍‌ସି କମ୍ପ୍ଲେକ୍ସ, ଡିପିଏସ୍ ମାର୍ଗ, ତୋଡ଼ାପୁର ଗ୍ରାମ ସମ୍ମୁଖ, ନୂଆଦିଲ୍ଲୀ -୧୧୦୦୧୨।**
ଟେଲି: ୦୧୧-୨୫୮୪୨୮୪୬, ଇ-ମେଲ୍- uk.dubey@gmail.com CBC 01146/11/0001/2324

GOVERNMENT OF ODISHA
OFFICE OF THE EXECUTIVE ENGINEER
R.W.S&S DIVISION, BHADRAK
Email:rwssdivisionbhadrak@gmail.com
"e" Procurement Notice
Bid Identification No.RWSS (BDK):-02/2023-24
**No.O-140:**1. Name of the Work: Execution of 02 Nos. Balance work of RPWS Schemes and 03 Nos. Replacement & Relaying pipe lines works under Bonth, B. Pokhari & Basudevpur Block. 2. Total Number of Work: 05 (Five) Nos. Schemes. 3. Estimated Cost: Rs.8.09 to 63.02 Lakhs. 4. Class of Contractor : B, C & D Class. 5. Period of Completion: 02 to 09 Months.

| Procurement Officer | Bid Identification No. | Availability of Tender online for Bidding From | Availability of Tender online for Bidding To |
|---|---|---|---|
| Executive Engineer, RWSS Division, Bhadrak | RWSS (BDK):-02/2023-24 | 20.05.2023 (From 10.00 A.M.) | 02.06.2023 upto 17.00 PM |

Further details can be seen from the e-procurement portal "www.tendersodisha.gov.in". Subsequent corrigendum, if required shall be appeared in the website only.
Sd./- Executive Engineer
RWS&S Division, Bhadrak
OIPR-25020/11/0004/2324

## ସଂକ୍ଷେପରେ

### ତ୍ୱରିତ ନ୍ୟାୟ ପ୍ରଦାନ ଉପରେ ଗୁରୁତ୍ୱ



ବେଗୁନିଆ, ୧୬।୫ (ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ବେଗୁନିଆ ଥାନାର ନୂତନ ଅଧିକାରୀ (ଆଇଆଇସି) ଭାବେ ବିଶ୍ୱଜିତ ରାଉତରାୟ ସୋମବାର ସନ୍ଧ୍ୟାରେ ଯୋଗଦେଇଛନ୍ତି। ସେ ନୟାଗଡ଼ ଜିଲା ଇଟାମାଟି ଥାନା କାର୍ଯ୍ୟାଳୟରୁ ବଦଳି ହୋଇ ଏଠାକୁ ଆସିଛନ୍ତି। ଜନସାଧାରଣ କିଭଳି ତ୍ୱରିତ ନ୍ୟାୟ ପାଇପାରିବେ ସେଥିପ୍ରତି ଗୁରୁତ୍ୱ ଦିଆଯିବ। ସେହିପରି ଅଞ୍ଚଳରୁ କ୍ରାଇମ ରୋକିବା ସହ ଶୃଙ୍ଖଳା ରକ୍ଷା ଦିଗରେ ଧ୍ୟାନ ଦିଆଯିବ ବୋଲି ରାଉତରାୟ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ବେଗୁନିଆ ଥାନାର ପୂର୍ବତନ ଅଧିକାରୀ ଲକ୍ଷ୍ମୀ ପ୍ରସାଦ ଶତପଥୀଙ୍କୁ ଖୋର୍ଦ୍ଧା ଜିଲା ମୁଖ୍ୟ କାର୍ଯ୍ୟାଳୟକୁ ବଦଳି କରାଯାଇଛି।

### ଡକାୟତି ଯୋଜନା: ଫେରାର ଅଭିଯୁକ୍ତ ଗିରଫ

**ଜଟଣୀ,୧୬।୫(ଡି.ଏନ୍.ଏ.):** ଡକାୟତି ଯୋଜନାରେ ସମ୍ପୃକ୍ତ ଥିବା ଜେଣ ଫେରାର ଅଭିଯୁକ୍ତଙ୍କୁ ମଙ୍ଗଳବାର ଜଟଣୀ ଥାନା ପୋଲିସ ଗିରଫ କରିଛି। ସେ ହେଲେ ଏଡି ଥାନା ଅଧୀନ ବଦନୂଆଗାଁ ମହାନ୍ତି ସାହିର ପିଣ୍ଟୁ ଓରଫ ବିଜୁ ବାରିକ (୩୫)। ସୂଚନା ମୁତାବକ, ୨୨ ନଭେମ୍ବର ୨୦୨୧ରେ ଏହି ଥାନା ଅଧୀନ ତଳକ୍ଷେତା ରାସ୍ତାରେ ଡକାୟତି ପାଇଁ ଦୁର୍ବୃତ୍ତମାନେ ଯୋଜନା କରୁଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ପୋଲିସର ଏକ ଟିମ୍ ସେଠାରେ ଚଢ଼ାଉ କରି ୪ ଜଣଙ୍କୁ ଗିରଫ କରିଥିବା ବେଳେ ପିଣ୍ଟୁ ଖସି ପଳାଇଥିଲା। ଏନେଇ ଥାନାରେ ମାମଲା (ନଂ.୬୨୬/୨୧) ରୁଜୁ ହୋଇଥିଲା। ଉକ୍ତ ଘଟଣାର ତଦନ୍ତ ଜାରି ରହିଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ ପିଣ୍ଟୁକୁ ଗିରଫ କରିଥିଲା।

### ମହିଳାଙ୍କୁ ଅପହରଣ ପରେ ବଳାତ୍କାର : ଅଭିଯୁକ୍ତ ଗିରଫ

ଖୋର୍ଦ୍ଧା ଅଫିସ,୧୬।୫: ବାଣପୁର ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ଅପହରଣ ଓ ବଳାତ୍କାର କରିବା ଅଭିଯୋଗରେ ମଙ୍ଗଳବାର ପୋଲିସ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅଞ୍ଚଳର ଜିତୁ ବେହେରା। ସୂଚନା ମୁତାବକ, ଗତବର୍ଷ ସମ୍ପୃକ୍ତ ମହିଳାଙ୍କୁ ଜିତୁ ଅପହରଣ କରି ନେଇଥିବା ଅଭିଯୋଗ ଆଣି ମହିଳାଙ୍କ ଶାଶୁ ବାଣପୁର କୋର୍ଟରେ ଏକ ୱାନ ସିସି କେସ କରିଥିଲେ। ଏହାପରେ ବାଣପୁର ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ବେଳେ ମଙ୍ଗଳବାର ଜିତୁଙ୍କୁ ଗିରଫ କରିଥିଲା।

### ବିରଞ୍ଚି ନାରାୟଣ ମନ୍ଦିରରେ ଚିତ୍ରଶିଳ୍ପୀ ଶିବିର

**ଭୁବନେଶ୍ୱର,୧୬।୫(ବ୍ୟୁରୋ):** ଓଡ଼ିଶା ଲଳିତ କଳା ଏକାଡେମୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ବୁଗୁଡ଼ାସ୍ଥିତ ବିରଞ୍ଚି ନାରାୟଣ ମନ୍ଦିରଠାରେ ପାରମ୍ପରିକ ଚିତ୍ରଶିଳ୍ପୀ ଶିବିର ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଚିତ୍ରଶିଳ୍ପୀ ଶିବିରକୁ ବୁଗୁଡ଼ା ପୌର ପରିଷଦର ଅଧ୍ୟକ୍ଷ ଚିତ୍ରସେନ ପ୍ରଧାନ, ଉପାଧ୍ୟକ୍ଷ ଗୀତାଞ୍ଜଳି ପାଢ଼ୀ, ବିରଞ୍ଚି ନାରାୟଣ ମନ୍ଦିରର ମଠାଧୀଶ ମହନ୍ତ ମହାରାଜ ଭକ୍ତରାମ ଦାସ, ବଳଦେବ ଜୀଉ ମହିଳା ମହାବିଦ୍ୟାଳୟର ଅଧ୍ୟାପକ ବିଭୂତିଭୂଷଣ ମିଶ୍ର ଓ ସୁଧାଂଶୁ ପାଢ଼ୀ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ।

### ଅସହାୟ ମହିଳାଙ୍କ ଶବ ସତ୍କାର କଲା ଓଡ଼ିଶା-ମୋ ପରିବାର

**ଭୁବନେଶ୍ୱର, ୧୬।୫ (ବ୍ୟୁରୋ):** ଜଣେ ଅସହାୟ ମହିଳାଙ୍କ ଶବ ସତ୍କାରରେ ସହଯୋଗର ହାତ ବଢ଼ାଇଲା ଓଡ଼ିଶା ମୋ ପରିବାର। ୫୦ ବର୍ଷୀୟା ରଞ୍ଜନା ମାର୍ଥାଙ୍କ ସ୍ୱାମୀଙ୍କର ପୂର୍ବରୁ ଦେହାନ୍ତ ହୋଇଥିଲା। ପୁଅ ଓ ବୋହୂ ସୁନ୍ଦରପଦାରେ ରହୁଥିବାବେଳେ ସେ ଏକାକୀ ବଡ଼ଗଡ଼ ଅଞ୍ଚଳରେ ରହୁଥିଲେ। ତାଙ୍କର ବ୍ରେନ୍ ଟ୍ୟୁମର ହେବାପରେ ମାନସିକ ସନ୍ତୁଳନ ହରାଇ ସେ ସମ୍ପୂର୍ଣ୍ଣ ଶଯ୍ୟାଶାୟୀ ଥିଲେ। ସୋମବାର ତାଙ୍କର ପରଲୋକ ହୋଇଯାଇଥିଲା। ସନ୍ଧ୍ୟାରେ ତାଙ୍କ ମୃତ୍ୟୁ ସମ୍ପର୍କରେ ଜାଣିବା ପରେ ସ୍ଥାନୀୟ ଅଞ୍ଚଳବାସୀ ଓଡ଼ିଶା-ମୋ ପରିବାରର ହେଲ୍ପ ଲାଇନ୍ ନମ୍ବରରେ ସହାୟତା ନିମନ୍ତେ ଯୋଗାଯୋଗ କରିଥିଲେ। ଖବରପାଇ ଓଡ଼ିଶା-ମୋ ପରିବାରର ଯୁଗ୍ମ ସମ୍ପାଦକ ରୁଦ୍ର ନାରାୟଣ ସାମନ୍ତରାୟ ତୁରନ୍ତ ପଦକ୍ଷେପ ନେଇ ଶେଷକୃତ୍ୟ ସମ୍ପନ୍ନ ପାଇଁ ସମସ୍ତ ପ୍ରସ୍ତୁତି କରିଥିଲେ। ଏହିସବୁ ପ୍ରସ୍ତୁତି କାର୍ଯ୍ୟ ମଧ୍ୟରେ ଅଞ୍ଚଳବାସୀ ରାତି ପ୍ରାୟ ୧୦ଟାବେଳେ ତାଙ୍କ ପୁଅ ଓ ବୋହୂଙ୍କୁ ଠାବ କରି ଘଟଣା ସମ୍ପର୍କରେ ଜଣାଇଥିଲେ।

# କଣାସରୁ ମିଳିଲା ପ୍ରାଚୀନ ହାତୀ ମୂର୍ତ୍ତି

- ସନ୍ଧାନ କଲା ଇନ୍‌ଟାକ ଟିମ୍
- ମୌର୍ଯ୍ୟ ଶାସନ ସମୟର ବୋଲି ଅନୁମାନ

**ଭୁବନେଶ୍ୱର(ବ୍ୟୁରୋ)/କଣାସ,୧୬।୫(ସ୍ୱ.ପ୍ର.)**

ପୁରୀ ଜିଲା କଣାସ ବ୍ଲକ ଅନ୍ତର୍ଗତ ଗଡ଼ବଳଭଦ୍ରପୁର ଗ୍ରାମରୁ ମିଳିଛି ଏକ ପ୍ରାଚୀନ ହାତୀ ମୂର୍ତ୍ତି। ଐତିହ୍ୟ ଗବେଷଣା ସଂସ୍ଥା ଇଣ୍ଡିଆନ ନ୍ୟାଶନାଲ ଟ୍ରଷ୍ଟ ଫର୍ ଆର୍ଟ ଆଣ୍ଡ କଲଚରାଲ ହେରିଟେଜ (ଇନ୍‌ଟାକ)ର ପ୍ରତ୍ନତାତ୍ତ୍ୱିକ-ଐତିହ୍ୟ ସନ୍ଧାନକାରୀ ଦଳ ଏହି ପୁରାତନ ହାତୀ ମୂର୍ତ୍ତିକୁ ସନ୍ଧାନ କରିଛନ୍ତି। ଇନ୍‌ଟାକ ଓଡ଼ିଶା ଶାଖାର ଆବାହକ ଅମିୟ ଭୂଷଣ ତ୍ରିପାଠୀଙ୍କ ନେତୃତ୍ୱରେ ଏହି ଅନୁସନ୍ଧାନକାରୀ ଦଳରେ ଅନିଲ ଧୀର, ସଞ୍ଜୀବ ହୋତା, ଦୀପକ କୁମାର ନାୟକ ଓ ଡ. ବିଶ୍ୱଜିତ ମହାନ୍ତି ପ୍ରମୁଖ ସାମିଲ ଥିଲେ।

ଏ ସମ୍ପର୍କରେ ଐତିହାସିକ ଅନିଲ ଧୀର କହିଛନ୍ତି, ଗୋଟିଏ ମାତ୍ର ପଥର ଖଣ୍ଡକୁ କଟାଯାଇ ଏପରି ହାତୀର ମୂର୍ତ୍ତି ଗଠନ ଅତି ବିରଳ ଓ ଏହା ବୌଦ୍ଧ ଧର୍ମ ସହ ସମ୍ପୃକ୍ତ ଥିବା ଅନୁମାନ କରାଯାଉଛି। ଓଡ଼ିଶାରେ ଯାଜପୁରର କାଇମା, କେନ୍ଦୁଝରର ସିତାବିଞ୍ଜି ତଥା ଭୁବନେଶ୍ୱରର ଧଉଳି ଆଦି ସ୍ଥାନରେ ଏପରି ହାତୀ ମୂର୍ତ୍ତି ଦେଖାଯାଏ। ଏହି ସ୍ଥାନଟିରେ ହାତୀ ମୂର୍ତ୍ତି ବ୍ୟତୀତ ପ୍ରାଚୀନ ପ୍ରସ୍ତର ଖମ୍ବ, ଅନେକ ପୁରାତନ ପ୍ରସ୍ତର ଖଣ୍ଡ ପଡ଼ିଛି। ଏହା ସୂଚାଉଛି ଏହି ସ୍ଥାନର ମାଟି ତଳେ ଅନେକ କୀର୍ତ୍ତିରାଜି ପୋତି ରହିଛି। ପ୍ରାଥମିକ ଭାବେ ଏହି ହାତୀ ମୂର୍ତ୍ତିର ଗଠନ ପ୍ରାୟ ୨୨୦୦/୨୩୦୦ ବର୍ଷ ତଳର ଅର୍ଥାତ ମୌର୍ଯ୍ୟ ଶାସନ ସମୟର ହୋଇପାରେ ବୋଲି ଧୀର କହିଛନ୍ତି। ଇନ୍‌ଟାକ ସଦସ୍ୟ ଦୀପକ କୁମାର ନାୟକଙ୍କ ମତରେ ହାତୀ ବୁଦ୍ଧଙ୍କ ପ୍ରମୁଖ ସଙ୍କେତ। ବୌଦ୍ଧପୁରାଣ ଓ ବୌଦ୍ଧଜାତକ କଥା ଅନୁସାରେ ବୁଦ୍ଧଙ୍କ ପୂର୍ବବର୍ତ୍ତୀ ଜନ୍ମ ସବୁରେ ଏକାଧିକଥର ହାତୀ ରୂପେ ଜନ୍ମ କରିଛନ୍ତି। ତେଣୁ ବୌଦ୍ଧଧର୍ମରେ ହାତୀକୁ ପବିତ୍ର ମାନନ୍ତି। ଦୟାନଦୀର ଅବବାହିକାରେ ପୂର୍ବରୁ ଅନେକ ବୌଦ୍ଧ କୀର୍ତ୍ତିରାଜିର ସନ୍ଧାନ ମିଳିଛି। ଏପରିକି ଗଡ଼ବଳଭଦ୍ରପୁର ଗ୍ରାମର ଆଖପାଖ ଅଞ୍ଚଳରେ ମଧ୍ୟ ଅନେକ ବୌଦ୍ଧ ମୂର୍ତ୍ତି, ମାନସିକ ସ୍ତୁପ ସବୁ ବିକ୍ଷିପ୍ତ ଭାବେ ଦେଖିବାକୁ ମିଳେ। ଗଡ଼ବଳଭଦ୍ରପୁର ଗଡଟି ଖୋର୍ଦ୍ଧାର ଭୋଇବଂଶୀୟ ରାଜାମାନଙ୍କ ଦ୍ୱାରା ସ୍ଥାପିତ ହୋଇଥିଲେ ମଧ୍ୟ ଏଠାରେ ଏହି ହାତୀ ମୂର୍ତ୍ତି ଓ ବୌଦ୍ଧ ପ୍ରତ୍ନତାତ୍ତ୍ୱିକ ଅବଶେଷ ବହୁ ପୂର୍ବକାଳରୁ ଉପସ୍ଥିତ ରହିଆସିଛି ବୋଲି ଅନୁମାନ। ସ୍ଥାନଟିର ପ୍ରତ୍ନତାତ୍ତ୍ୱିକ ଖନନ କରାଗଲେ ଅନେକ ଲୁକ୍କାୟିତ କୀର୍ତ୍ତିରାଜି ପଦାକୁ ଆସିବ। ଇନ୍‌ଟାକ ଆବାହକ ଅମିୟ ଭୂଷଣ ତ୍ରିପାଠୀ କୁହନ୍ତି, ଏହି ସ୍ଥାନରେ ସନ୍ଧାନ ହୋଇଥିବା ହାତୀ ମୂର୍ତ୍ତି ସମ୍ପର୍କରେ ତଥ୍ୟ କୋଣସି ଐତିହାସିକ ଦସ୍ତାବିଜରୁ ମିଳିନି। ତେଣୁ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ଏହାର ପ୍ରକୃତ ଇତିହାସ ଓ ଠିକ୍ ଗଠନ ସମୟ ନିର୍ଦ୍ଧାରଣ ପାଇଁ ବିଶେଷଜ୍ଞ ଦଳକୁ ଏଠାକୁ ପଠାଇବା ଆବଶ୍ୟକ। ଏହାବ୍ୟତୀତ ଏଠାରେ ଏକ ସଂଗ୍ରହାଳୟ ନିର୍ମାଣ କରି ହାତୀ ମୂର୍ତ୍ତି, ଏହି ପୁରାତନ ଖମ୍ବ ତଥା ଆଖପାଖ ଅଞ୍ଚଳରୁ ମିଳୁଥିବା ଅନ୍ୟ ପ୍ରତ୍ନତାତ୍ତ୍ୱିକ ଅବଶେଷ ସବୁକୁ ଏକତ୍ର ରଖିବା ଉଚିତ। ଏ ସମ୍ପର୍କରେ ଖୁବ୍‌ଶୀଘ୍ର ଇନ୍‌ଟାକ ତରଫରୁ ସରକାରଙ୍କୁ ଅବଗତ କରାଯିବ।



# ଧରଣୀଧରଙ୍କ ସମର୍ପିତ ସେବା ଯୁବପିଢ଼ିଙ୍କୁ ମାର୍ଗଦର୍ଶନ କରିବ

**ଭୁବନେଶ୍ୱର,୧୬।୫(ବ୍ୟୁରୋ)**

କେନ୍ଦୁଝରର ପ୍ରଜାମେଳି ନେତା ବିପ୍ଳବୀ ଧରଣୀଧର ନାଏକ(ଭୂୟାଁ)ଙ୍କ ୭୯ତମ ଶ୍ରାଦ୍ଧୋତ୍ସବ ଅବସରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ମଙ୍ଗଳବାର ଜୟଦେବ ବିହାର ନିକଟସ୍ଥ ତାଙ୍କ ପ୍ରତିମୂର୍ତ୍ତିସ୍ଥଳୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ବିଭାଗୀୟ ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମରେ ବିଧାୟକ ପ୍ରଫୁଲ୍ଲ ସାମଲ, ଅଖିଳ ଭାରତୀୟ ଭୂୟାଁ ସମାଜର କର୍ମକର୍ତ୍ତା ବିଜୟ ନାଏକ, ମାନସୀ ନାଏକ, ନୀଳମଣି ମାଝୀ, ପ୍ରବୀର ମହାନ୍ତି, ଗିରିଜା ଶଙ୍କର ମହାପାତ୍ର, ଜୟ ଓଡ଼ିଶା ଅଧ୍ୟକ୍ଷ ରୁଦ୍ରନାରାୟଣ ସାମନ୍ତରାୟ, ଅଧ୍ୟାପକ ଡ. ରଙ୍ଗାଧର ସାହୁ, ରମେଶ ଚନ୍ଦ୍ର ପାତାଳସିଂହ, କର୍ପୋରେଟର ଜୟନ୍ତୀ ସାହୁ, ସାମାଜିକ କର୍ମୀ ସନାତନ ବେହେରା, କବିୟତ୍ରୀ ଅନନ୍ଦା ମିଶ୍ର, କେନ୍ଦୁଝର ବିକାଶ ପରିଷଦ କର୍ମକର୍ତ୍ତା ପ୍ରମୁଖ ଯୋଗଦେଇଥିଲେ। ମାନବିକ ଅଧିକାର ସୁରକ୍ଷା ସହ ବେଠି ବେଗାରୀ, ରାଜ ଅତ୍ୟାଚାର କବଳରୁ ପ୍ରଜାଙ୍କ ସୁରକ୍ଷା ପାଇଁ ଧରଣୀଧରଙ୍କ ତ୍ୟାଗ ଅତୁଳନୀୟ ବୋଲି ଉପସ୍ଥିତ ବ୍ୟକ୍ତିମାନେ ପ୍ରକାଶ କରିଥିଲେ। ସେ ଅକଥନୀୟ ଅତ୍ୟାଚାର ସହିବା ସହ ନିଜ ଜନ୍ମମାଟି କେନ୍ଦୁଝର ପାଇଁ ସେବା କରି ଆସୁଥିଲେ। ଶେଷ ଜୀବନରେ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ମାର୍ଗଦର୍ଶନ ପ୍ରଦାନ କରିବା ସହ ଶ୍ରୀକ୍ଷେତ୍ର ପୁରୀରେ ସନ୍ନ୍ୟାସୀ ଜୀବନଯାପନ କଲେ। ପରବର୍ତ୍ତୀ ଅବସ୍ଥାରେ ଆଳିରେ ଅବସ୍ଥାନ କରି ଜୈବିକ କୃଷି ଏବଂ ପ୍ରାକୃତିକ ଚିକିତ୍ସା ସମ୍ପର୍କରେ ଜନସାଧାରଣଙ୍କୁ ମାର୍ଗଦର୍ଶନ ପ୍ରଦାନ କରିଥିଲେ। ତାଙ୍କ ତ୍ୟାଗ ଓ ସମର୍ପିତ ସେବା ଯୁବପିଢ଼ିକୁ ମାର୍ଗଦର୍ଶନ ପ୍ରଦାନ କରିବା ନେଇ ଅତିଥିମାନେ ବ୍ୟକ୍ତ କରିଥିଲେ।



ବିପ୍ଳବୀ ଧରଣୀଧର ନାଏକଙ୍କ ପ୍ରତିମୂର୍ତ୍ତିସ୍ଥଳୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।





ମର୍ଦ୍ଦଳା ଏକାଡେମୀ ଓ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପକ୍ଷରୁ ଉତ୍କଳ ରଙ୍ଗମଞ୍ଚଠାରେ ଗୁରୁ ବନମାଳୀ ମହାରଣାଙ୍କ ୮୨ତମ ସ୍ୱନକ୍ଷତ୍ର ମହୋତ୍ସବ ପାଳନ ଅବସରରେ ଯୋଗଦେଇଥିବା ଅତିଥିଙ୍କ ସହ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱ।

# ଦାବି ପୂରଣ ନେଇ ପ୍ରତିଶ୍ରୁତି ଦେଲେ ମୁଖ୍ୟ ଶାସନ ସଚିବ

- ଆନ୍ଦୋଳନରୁ ଓହରିଲା କନିଷ୍ଠ ଶିକ୍ଷକ ସଂଘ

**ଭୁବନେଶ୍ୱର,୧୬।୫(ବ୍ୟୁରୋ)**

ସ୍ଥାୟୀ ନିଯୁକ୍ତି ଦାବି ନେଇ ସୋମବାର ଲୋୟର ପିଏମ୍‌ଜିରେ ଆନ୍ଦୋଳନକୁ ଓହ୍ଲାଇଥିଲେ କନିଷ୍ଠ ଶିକ୍ଷୟିତ୍ରୀଶିକ୍ଷକ। ମଙ୍ଗଳବାର ମୁଖ୍ୟ ଶାସନ ସଚିବଙ୍କ ସହ ଶିକ୍ଷକଙ୍କ ଏକ ପ୍ରତିନିଧି ଦଳ ଆଲୋଚନା କରିଥିଲେ। ଉପନିର୍ବାଚନ ଥିବାରୁ ଶିକ୍ଷୟିତ୍ରୀଶିକ୍ଷକଙ୍କ ନିଯୁକ୍ତି ନିୟମିତ କରାଯାଇପାରି ନ ଥିଲା। ଖୁବଶୀଘ୍ର ଶିକ୍ଷକଙ୍କ ଦାବି ପୂରଣ ହେବ ବୋଲି ମୁଖ୍ୟ ଶାସନ ସଚିବ ପ୍ରତିଶ୍ରୁତି ଦେବାପରେ ଓଡ଼ିଶା କନିଷ୍ଠ ଶିକ୍ଷକ ସଂଘ ଆନ୍ଦୋଳନକୁ ସ୍ଥଗିତ ରଖିଛି। ଯଦି ରାଜ୍ୟ ସରକାର ତାଙ୍କ ପ୍ରତିଶ୍ରୁତି ନ ରଖନ୍ତି, ତେବେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର କରାଯିବ ବୋଲି ସଂଘ ସଭାପତି ଅକ୍ଷୟ କୁମାର ପାଢ଼ୀ କହିଛନ୍ତି। ସୂଚନା ଥାଉକି, ୨୦୨୨ ଅକ୍ଟୋବର ୧୫ରେ ରାଜ୍ୟରୁ ଚୁକ୍ତିଭିତ୍ତିକ ନିଯୁକ୍ତି ପ୍ରଥା ଉଚ୍ଛେଦ ନେଇ ଘୋଷଣା କରାଯାଇଥିଲା। ତେବେ ଏହା ପୂର୍ବରୁ ଚୁକ୍ତିଭିତ୍ତିକଙ୍କ ସହ କନିଷ୍ଠ ଶିକ୍ଷକମାନେ ନିୟମିତ ହେବେ ବୋଲି ପ୍ରତିଶ୍ରୁତି ମିଳିଥିଲେ ମଧ୍ୟ କନିଷ୍ଠ ଶିକ୍ଷକଙ୍କୁ ଏପର୍ଯ୍ୟନ୍ତ ସ୍ଥାୟୀ ନିଯୁକ୍ତି ମିଳିନାହିଁ। ଏହାର ପ୍ରତିବାଦରେ ହଜାର ହଜାର ସଂଖ୍ୟାରେ ଶିକ୍ଷୟିତ୍ରୀଶିକ୍ଷକ ଆନ୍ଦୋଳନକୁ ଓହ୍ଲାଇଥିଲେ। ଆନ୍ଦୋଳନକାରୀ ଶିକ୍ଷୟିତ୍ରୀଶିକ୍ଷକଙ୍କ ନିଯୁକ୍ତି ନିୟମିତ କରିବା ସହ ଚୁକ୍ତିଭିତ୍ତିକ ଅବଧି କାର୍ଯ୍ୟକୁ ମୂଳ ଚାକିରିରେ ଯୋଗ କରିବା ସେମାନଙ୍କର ଦାବି ରହିଥିବା ଶିକ୍ଷକ ତଥା ସଂଘର ଉପଦେଷ୍ଟା ଶ୍ରୀକାନ୍ତ ବାରିକ, ସମ୍ପାଦକ ସୌମ୍ୟରଞ୍ଜନ ପ୍ରଧାନ, ମହାସଚିବ ଆଦିତ୍ୟ ନାରାୟଣ ସାହୁ କହିଛନ୍ତି।

# ଟ୍ରାନ୍ସଫର୍ମର ପାଇଁ ବିଏମ୍‌ସି ଘେରିଲେ ବସ୍ତିବାସିନ୍ଦା

**ଭୁବନେଶ୍ୱର, ୧୬।୫ (ବ୍ୟୁରୋ)**

ସ୍ମାର୍ଟସିଟି ଭୁବନେଶ୍ୱରରେ ଥିବା ବସ୍ତିଗୁଡ଼ିକର ଉନ୍ନତିକରଣ ତଥା ବସ୍ତିବାସିଙ୍କୁ ବିଭିନ୍ନ ଯୋଜନା ଅଧୀନରେ ଥଇଥାନ ନିମନ୍ତେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଓ ଭୁବନେଶ୍ୱର ମହାନଗର ନିଗମ (ବିଏମସି) ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଉଛି। ଏହି ପରିପ୍ରେକ୍ଷୀରେ ରାଜୀବ ଆବାସ ଯୋଜନା (ଇନ୍-ସିଟୁ ରିଡେଭଲପ୍‌ମେଣ୍ଟ) ଅଧୀନରେ ମଣ୍ଡପ ବସ୍ତିରେ ୪୦୦ ୟୁନିଟ୍ ବିଶିଷ୍ଟ ବିଲ୍ଡିଂ ନିର୍ମାଣ କାର୍ଯ୍ୟ ଚାଲିଛି। ଏଥିମଧ୍ୟରୁ ନିର୍ମାଣ ସରିଥିବା ୧୬୦ଟି ଘରେ ଲୋକେ ବସବାସ କରୁଥିବାବେଳେ ସେମାନଙ୍କୁ ବିଏମ୍‌ସି ପକ୍ଷରୁ ବିଦ୍ୟୁତ୍ ଏବଂ ପାଣିର ସଂଯୋଗ ଦିଆଯାଇ ନ ଥିବା ଅଭିଯୋଗ ହୋଇଛି। ଏନେଇ ମଙ୍ଗଳବାର ମଣ୍ଡପ ବସ୍ତିର ପ୍ରାୟ ୪୦ଜଣ ବାସିନ୍ଦା ବିଏମ୍‌ସି କାର୍ଯ୍ୟାଳୟ ଘେରାଉ କରିବା ସହ ଅଧିକାରୀଙ୍କ ନିକଟରେ ନିଜର ଅଭିଯୋଗ ରଖିଥିଲେ। ସେଠାରେ ରହୁଥିବା ୧୫୩ ପରିବାର ବ୍ୟବହାର କରୁଥିବା ବିଦ୍ୟୁତ୍ ପାଇଁ ଗୋଟିଏ ମିଟର ବସିଛି। ମାସ ଶେଷକୁ ଯେତିକି ବିଦ୍ୟୁତ୍ ବିଲ୍ ଆସୁଛି ତାହା ୟୁନିଟ୍ ପିଛା ୮ରୁ ୯ଟଙ୍କା ପଡୁଛି। ତେଣୁ ବିଏମ୍‌ସି ପକ୍ଷରୁ ତୁରନ୍ତ ସେଠାରେ ଟ୍ରାନ୍ସଫର୍ମର ବସାଇବା ପାଇଁ ଦାବି କରାଯାଇଥିଲା। ବିଭାଗୀୟ ଅଧିକାରୀ ଆସନ୍ତା ୧ ମାସ ମଧ୍ୟରେ ଏନେଇ ପଦକ୍ଷେପ ନେବା ନେବେ ବୋଲି ପ୍ରତିଶ୍ରୁତି ଦେବା ପରେ ବସ୍ତିବାସିନ୍ଦା ସେଠାରୁ ଫେରିଥିଲେ।

ଏ ସମ୍ପର୍କରେ ବିଏମ୍‌ସି ଡେପୁଟି କମିଶନର ରମେଶ ଜେନା କହିଛନ୍ତି, ମଣ୍ଡପବସ୍ତି ଅଞ୍ଚଳର ବାସିନ୍ଦାଙ୍କ ପାଇଁ ପୂର୍ବରୁ ଗୋଟିଏ ଟ୍ରାନ୍ସଫମର ବସାଯାଇଥିଲା। ମାତ୍ର ସେଠାରେ ବାସ କରୁଥିବା ବସ୍ତିବାସିନ୍ଦାମାନେ ସେତେବେଳେ ବିଦ୍ୟୁତ ସଂଯୋଗ ନେବା ପାଇଁ ଆଗ୍ରହ ପ୍ରକାଶ କରି ନ ଥିଲେ। ଫଳରେ ଟ୍ରାନ୍ସଫରର୍ମର ଚାର୍ଜ କରାଗଲା ନାହିଁ। ଟ୍ରାନ୍ସଫର୍ମରଟି ପଡ଼ିରହି ଖରାପ ହୋଇଯିବାରୁ ତାହାକୁ କାଢ଼ିଦିଆଯାଇଛି। ପୁଣି ବସ୍ତିବାସିନ୍ଦାମାନେ ଗୋଟିଏ ମିଟରରେ ବିଦ୍ୟୁତ୍ ସଂଯୋଗ କରୁଥିବାରୁ ସେମାନଙ୍କୁ ଅଧିକ ବିଲ୍ ଦେବାକୁ ପଡୁଛି। ସରକାରଙ୍କ ବିଦ୍ୟୁତ୍ ସ୍ଲାବ୍ ଅନୁଯାୟୀ ସେମାନଙ୍କୁ ୟୁନିଟ୍ ପିଛା ଅଧିକ ଦର ପଡି ଯାଉଛି। ତେବେ ଖୁବ୍‌ଶୀଘ୍ର ଏ ନେଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ଅପରପକ୍ଷେ ନିର୍ମାଣଧିନ ମଣ୍ଡପ ବସ୍ତି ଶେଷ ହେବାପାଇଁ ଆଉ ୬ମାସ ସମୟ ଲାଗିବ ବୋଲି ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ବିଲ୍ଡିଂରେ ମୋଟ୍ ୫ଟି ବ୍ଲକ୍ ରହିଛି। ବର୍ତ୍ତମାନ ସୁଦ୍ଧା ବ୍ଲକ୍-୪ ଓ ବ୍ଲକ୍-୫ର ନିର୍ମାଣ କାର୍ଯ୍ୟ ଶେଷ ହୋଇଥିବାବେଳେ ବ୍ଲକ୍-୧, ବ୍ଲକ୍-୨, ବ୍ଲକ-୩ର କାର୍ଯ୍ୟ ନିର୍ମାଣଧିନ ରହିଛି।

# ରାଜ୍ୟ ଏଲିମେଣ୍ଟାରି ଟିଜି ଶିକ୍ଷକ ସଂଘର ବୈଠକ

**ଭୁବନେଶ୍ୱର,୧୬।୫(ବ୍ୟୁରୋ)**

**୨୦୧୯ କ୍ୟାଡର ରୁଲ୍ ସଂଶୋଧନ ଦାବି**

ନିଖିଳ ଉତ୍କଳ ଏଲିମେଣ୍ଟାରୀ ଟ୍ରେଣ୍ଡ ଗ୍ରାଜୁଏଟ୍ ଶିକ୍ଷକ ସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ଲକ୍ଷ୍ମଣ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ସ୍ଥାନୀୟ ଗୋଦାବରୀଶ ସାହିତ୍ୟ ସଂସଦଠାରେ ଅନୁଷ୍ଠିତ ଏହି ବୈଠକରେ ତୁରନ୍ତ ରାଜ୍ୟର ସମସ୍ତ ଯୋଗ୍ୟ ଶିକ୍ଷକଙ୍କୁ ପଦୋନ୍ନତି କରିବା ପାଇଁ ରାଜ୍ୟ ସଂଘ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରାଯିବା ନେଇ ଆଲୋଚନା ହୋଇଥିଲା। ୨୦୧୯ରେ ଏକ ତ୍ରୁଟିପୂର୍ଣ୍ଣ କ୍ୟାଡର ରୁଲ୍ ପ୍ରଚଳନ କରି ପ୍ରାଥମିକ ଶିକ୍ଷକମାନଙ୍କର ଭବିଷ୍ୟତକୁ ଅନ୍ଧକାର ମଧ୍ୟରୁ ଠେଲିଦେଇଥିବା ଶିକ୍ଷକମାନେ କହିଥିଲେ। ତୁରନ୍ତ ସରକାର ୨୦୧୯ କ୍ୟାଡର ରୁଲ୍‌କୁ ସଂଶୋଧନ କରି ଶିକ୍ଷକଙ୍କ ସ୍ୱାର୍ଥରେ ଏକ କ୍ୟାଡର ପ୍ରଚଳନ ପାଇଁ ସରକାରଙ୍କୁ ଅନୁରୋଧ କରାଯାଇଥିଲା। ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ସମସ୍ତ ବିଏଡ୍ ଡିଗ୍ରୀଧାରୀ ଶିକ୍ଷକମାନଙ୍କୁ ୪୨୦୦ଟଙ୍କା ଗ୍ରେଡ୍ ପେ' ଆଧାରରେ ଦରମା ପ୍ରଦାନ କରାଯିବା, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀମାନଙ୍କ ଦରମା ସଂଶୋଧନ କରାଯାଇ ୪୬୦୦ ଟଙ୍କା ଗ୍ରେଡ୍ ପେ' ହାରରେ ଦିଆଯାଇ ସେମାନଙ୍କ ଦରମା ସଂଶୋଧନ କରାଯିବା, ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ କାର୍ଯ୍ୟରତ ଶିକ୍ଷୟିତ୍ରୀଶିକ୍ଷକ ଓ ଦମ୍ପତିମାନଙ୍କ ଆନ୍ତଃ ଜିଲା ବଦଳି ନୀତିକୁ ସରଳୀକରଣ କରିବା, ବିଏଡ୍ ଓ ସିଟି ଶିକ୍ଷକମାନଙ୍କ ପାଇଁ ପୃଥକ କ୍ୟାଡର ପ୍ରଚଳନ କରି ସେମାନଙ୍କୁ ପଦୋନ୍ନତି ତାଲିକାରେ ସ୍ଥାନିତ କରିବା ଓ ବିଏଡ୍ ଶିକ୍ଷକମାନଙ୍କୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ପଦବୀରେ ଅବସ୍ଥାପିତ କରିବାକୁ ସରକାରଙ୍କୁ ଅନୁରୋଧ କରାଯାଇଥିଲା। ସଂଘକୁ ଆଗାମୀ ଦିନରେ ସାରା ଓଡ଼ିଶାର ୩୧୪ ବ୍ଲକରେ ସକ୍ରିୟ ତଥା ପୁନର୍ଗଠନ କରାଯାଇ ରାଜ୍ୟ ସରକାରଙ୍କ ନିକଟରୁ ଶିକ୍ଷକମାନଙ୍କ ନ୍ୟାର୍ଯ୍ୟ ଦାବି ହାସଲ କରିବା ପାଇଁ ସଂଘ ପ୍ରତିଶ୍ରୁତିବଦ୍ଧ ବୋଲି ବୈଠକରେ ରାଜ୍ୟ ସଂଘର ସାଧାରଣ ବୈଠକ ମୁରଲୀଧର ନାୟକ, ଉପସଭାପତି ସଚିକାନ୍ତ ମିଶ୍ର, ସର୍ବେଶ୍ୱର ମଲ୍ଲିକ, ଜାକିର୍ ହୁସେନ୍, ସମ୍ପାଦକ ସନ୍ତୋଷ କୁମାର ମିଶ୍ର, ବଳରାମ ପତି, ସତ୍ୟବ୍ରତ ରାଉତ, ନିରଞ୍ଜନ ପଣ୍ଡା, ଅକ୍ଷୟ ମିଶ୍ର, କମଳାକାନ୍ତ ଦାସ, ଅଞ୍ଜନ ରାଉତରାୟ ପ୍ରମୁଖ ଯୋଗଦେଇ ପ୍ରାଥମିକ ଶିକ୍ଷକମାନଙ୍କ ପ୍ରତି ସରକାରଙ୍କ ଏଭଳି କଠୋର ମନୋବୃତ୍ତିର ଦୃଢ଼ ନିନ୍ଦା କରିବା ସହ ଆଗାମୀ ଦିନରେ ଟିଜି ଶିକ୍ଷକମାନେ ଏହାର ଦୃଢ଼ ପ୍ରତିବାଦ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ଗାଡ଼ି ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ

## କ୍ଷତିପୂରଣ ଦାବିରେ ଗ୍ରାମବାସୀଙ୍କ ରାସ୍ତାରୋକୋ

**ବାରଙ୍ଗ,୧୬।୫(ଡି.ଏନ୍.ଏ.)**

ବାରଙ୍ଗ ଥାନା ଅଧୀନ କୁହ୍ନେଇପଡା ଆଦିମାତା ଠାକୁରାଣୀ ପାଖରେ ମଙ୍ଗଳବାର ରାତିରେ ଏକ ଅଜଣା ଗାଡି ଧକ୍କାରେ ଜଣେ ବୃଦ୍ଧଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଥାନା ଅଧୀନ ଫକିରପଡା ଗାଁ ଭୋଇସାହିର ବିକଳ ଭୋଇ(୬୦)। ବିକଳ ଘରୁ ସାଇକେଲ ଯୋଗେ ରାତି ୮ଟା ସୁଦ୍ଧା ତ୍ରିଶୁଳିଆ ଛକକୁ ଆସୁଥିବାବେଳେ କୁହ୍ନେଇପଡା ଗାଁମୁଣ୍ଡ ଆଦିମାତା ଠାକୁରାଣି ପାଖରେ ଏକ ଅଜଣା ଗାଡି ତାଙ୍କୁ ପଛପଟରୁ ଧକ୍କାଦେଇ ପଳାଇଥିଲା। ଫଳରେ ଘଟଣାସ୍ଥଳରେ ବିକଳଙ୍କର ମୃତ୍ୟୁ ଘଟିଥିଲା। ବିକଳଙ୍କର ମୃତ୍ୟୁ ହୋଇଥିବାର ଜଣାପଡିବା ପରେ ଫକିରପଡା ଗାଁରେ ଉତ୍ତେଜନା ଦେଖାଦେଇଥିଲା। ଉତ୍ୟକ୍ତ ଗ୍ରାମବାସୀ ମୃତକ ପରିବାରଙ୍କୁ କ୍ଷତିପୂରଣ ଦେବା ପାଇଁ ଦାବି କରି ବାରଙ୍ଗ-ବାଙ୍କୀ ରାସ୍ତାକୁ ଅବରୋଧ କରିଥିଲେ। ଖବରପାଇ ବାରଙ୍ଗ ଥାନା ଅଧିକାରୀ ଆକାଶଚନ୍ଦ୍ର ରଣା ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲା। ବୁଝାଇବାର ପ୍ରାୟ ଅଧଘଣ୍ଟା ପରେ ରାସ୍ତାରୋକୋ ହଟିଥିଲା। ସରକାରୀ ନିୟମାନୁସାରେ କ୍ଷତିପୂରଣ ପ୍ରଦାନ ଦିଗରେ ପୂର୍ଣ୍ଣ ସହଯୋଗ କରିବାର ଥାନା ଅଧିକାରୀ ପ୍ରତିଶ୍ରୁତି ଦେବାସହ ପୋଲିସ ଗାଡିରେ ମୃତକଙ୍କୁ ବ୍ୟବଚ୍ଛେଦ ପାଇଁ ନେବା ପରେ ଲୋକେ ଶାନ୍ତ ହୋଇଥିଲେ।

# ସମସ୍ୟା ଜଣାଇଲେ ୫୭ନଂ. ୱାର୍ଡବାସୀ

**ଭୁବନେଶ୍ୱର, ୧୬।୫ (ବ୍ୟୁରୋ)**

ୱାର୍ଡ ନମ୍ବର ୫୭ରେ ମଙ୍ଗଳବାର 'ୱାର୍ଡରେ ଦିନେ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମେୟର ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ବଡ଼ଗଡ଼ ନେତାଜୀ ଯୁବକ ସଂଘ ପରିସରରେ ବୈଠକ ଅନୁଷ୍ଠିତ ହୋଇଥିଲା। ବରଗଡ଼ ବ୍ରିଟ୍ କଲୋନୀ, ପାଣ୍ଡବ ନଗର, ଇବି ଓ ଏଲ୍‌ବି କଲୋନୀ, ଭାସ୍କରେଶ୍ୱର ମନ୍ଦିର ଅଞ୍ଚଳ, ପାଣ୍ଡବ ଗୁମ୍ଫା, ତାରିଣୀ ବସ୍ତି, କଳିଙ୍ଗ ବସ୍ତି ଆଦି ଅଞ୍ଚଳରୁ ବହୁ ବରିଷ୍ଠ ନାଗରିକ, ସାମାଜିକ ସଂଗଠନ, ଏସ୍‌ଏଚ୍‌ଜିର କର୍ମକର୍ତ୍ତା ଯୋଗଦେଇ ସେମାନଙ୍କ ଅଞ୍ଚଳର ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ରାସ୍ତାରେ ମଇଁଷି ଯାତାୟାତ ଯୋଗୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଥିବା ନେଇ ପାଣ୍ଡବନଗରବାସୀ ଅଭିଯୋଗ କରିବା ସହ ବାକି ଥିବା ଡ୍ରେନ କାମ ନେଇ ପ୍ରସ୍ତାବ ଦିଆଯାଇଥିଲା। ଏଥିସହ ତାରିଣୀ ବସ୍ତି ରାସ୍ତାରେ ୱାଟ୍‌କୋର ଅଧାପନ୍ତରିଆ କାମକୁ



କାର୍ଯ୍ୟକ୍ରମରେ ମେୟର ସୁଲୋଚନା ଦାସ ଏବଂ ଅନ୍ୟମାନେ।

**'ୱାର୍ଡରେ ଦିନେ' କାର୍ଯ୍ୟକ୍ରମ**

ତୁରନ୍ତ ସାରିବା, ପାଣ୍ଡବ ନଗରର ରୋଡ ନଂ.୩ରେ ରାସ୍ତା କାମ ମରାମତି, କଳ୍ପନା ଛକଠାରୁ ବଡ଼ଗଡ ରାସ୍ତା କାମ ଯଥାଶୀଘ୍ର ଆରମ୍ଭ କରିବା, ଭାସ୍କରେଶ୍ୱର ମନ୍ଦିର ଅଞ୍ଚଳରେ ଶିଶୁଙ୍କ ପାଇଁ ପାର୍କ ନିର୍ମାଣ, ରାସ୍ତାରୁ ଜବରଦଖଲ ଉଚ୍ଛେଦ, ବ୍ରିଟ୍ କଲୋନୀର ଗୋଟିଏ ଛୋଟ ବସ୍ତିକୁ ଜାଗା ମିଶନ ପରିସରଭୁକ୍ତ କରିବା, ଚାରିଛକରେ ଥିବା ମୋ ବସ୍ ଷ୍ଟପେଜରେ ଏକ ଶେଡ୍ ନିର୍ମାଣ କରିବା, ନେତାଜୀ କ୍ଲବ ପଛପାର୍ଶ୍ୱ ବାମ ରାସ୍ତାରେ ସ୍ୱେରେଜ ବ୍ୟବସ୍ଥା କରିବା, ୱାର୍ଡରେ ଥିବା ୪ଟି ମିଶନ ଶକ୍ତି ମହାସଂଘ ପାଇଁ ପ୍ରସ୍ତାବିତ ଗୃହ ନିର୍ମାଣ କରିବା, ମେଳଣ ପଡିଆ ଅଞ୍ଚଳର ଉନ୍ନତୀକରଣ ଆଦି ବିଭିନ୍ନ ଦାବି ଉପସ୍ଥାପନ କରାଯାଇଥିଲା। ବିଏମ୍‌ସି ପକ୍ଷରୁ ଆରମ୍ଭ ହୋଇଥିବା ଥ୍ରୀ ଆର୍ ଅଭିଯାନ ବା ରିଡ୍ୟୁସ୍, ରିୟୁଜ୍ ଓ ରିସାଇକେଲ ସମ୍ପର୍କରେ ମଧ୍ୟ ଉପସ୍ଥିତ ପ୍ରତିନିଧିମାନଙ୍କୁ ଅବଗତ କରାଯାଇଥିଲା। ଏଥିସହ ୧ବର୍ଷ ମଧ୍ୟରେ ହୋଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ତାଲିକା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ସ୍ଥାନୀୟ କର୍ପୋରେଟର ସନ୍ତୋଷ କୁମାର ସିଂହଙ୍କ ସହ ଜୋନାଲ ଡେପୁଟି କମିଶନର ପ୍ରିୟବ୍ରତ ପାଢ଼ୀ, ଡେପୁଟି କମିଶନର ସ୍ନେହଲତା ଆଚାର୍ଯ୍ୟ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ରାମେଶ୍ୱରୀ ଦାସ ପ୍ରମୁଖ ଯୋଗଦେଇ ଥିଲେ।

**ଅଭିରାମ ନୋଡାଲ ବିଦ୍ୟାପୀଠ ସୁବର୍ଣ୍ଣ ଜୟନ୍ତୀର ପ୍ରସ୍ତୁତି ବୈଠକ**

କଣାସ,(ସ୍ୱ.ପ୍ର.)- କଣାସ ବ୍ଲକ କରମଳାଠାରେ ପ୍ରତିଷ୍ଠିତ ଅଭିରାମ ନୋଡାଲ ବିଦ୍ୟାପୀଠର ସୁବର୍ଣ୍ଣ ଜୟନ୍ତୀ ପାଇଁ ଏକ ପ୍ରସ୍ତୁତି ବୈଠକ ସୋମବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସୁଶିଲ ମହାପାତ୍ର ଏଥିରେ ଅଧକ୍ଷତା କରିଥିଲେ। ବୈଠକରେ ପୂର୍ବ ଛାତ୍ର ପରିଷଦ ସଭାପତି, ସମ୍ପାଦକ, କୋଷାଧକ୍ଷ, ବୟୋଜ୍ୟେଷ୍ଠ, ପ୍ରାକ୍ତନ ଛାତ୍ର ରାଜକିଶୋର ଜେନା, ରଘୁନାଥ ପ୍ରଧାନ, ମନମୋହନ ପ୍ରଧାନ, ଛବିଳ ସାହୁ, ଅରବିନ୍ଦ ପ୍ରଧାନ, ମହେନ୍ଦ୍ର ପଟ୍ଟନାୟକ, ଅଶୋକ ପଟ୍ଟନାୟକ, ରମେଶ ସାମନ୍ତରାୟ ପ୍ରଭୃତି ୫୦ରୁ ଉର୍ଦ୍ଧ୍ୱ ଛାତ୍ର ଯୋଗଦେଇ କିପରି ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ ହେବ ସେ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୬।୫।୨୦୨୩

| | |
|---|---|
| ୪,୭୮,୫୭୮ ଟଙ୍କା | |
| ସୁନା | ୨୦ ମିଲିଗ୍ରାମ୍ |
| ରୁପା | ୫୦ ଗ୍ରାମ୍ |

# କାମରେ ଆସୁନି ପାନୀୟଜଳ ପ୍ରକଳ୍ପ: ଲୋକେ ହନ୍ତସନ୍ତ

କାକଟପୁର,୧୬।୫(ଡି.ଏନ୍.ଏ.)

ଲୋକଙ୍କୁ ଶୁଦ୍ଧ ପାନୀୟଜଳ ଯୋଗାଇଦେବା ପାଇଁ ଗ୍ରାମାଞ୍ଚଳରେ ନିର୍ମାଣ ହେଉଛି ପାନୀୟ ଜଳ ପ୍ରକଳ୍ପ। ଏଥିପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଯୋଜନାମାନ କରି କୋଟି କୋଟି ଟଙ୍କାର ଅନୁଦାନରାଶି ଯୋଗାଇ ଦେଉଛନ୍ତି। (ବୋରୱେଲ) ନିର୍ମାଣଠାରୁ ଆରମ୍ଭ କରି ପାଇପ ବିଛା, ପାଣି ଟାଙ୍କି ନିର୍ମାଣ, ପମ୍ପ ହାଉସ ଏବଂ ଷ୍ଟାଣ୍ଡପୋଷ୍ଟ ନିର୍ମାଣ କାର୍ଯ୍ୟରେ ଖର୍ଚ୍ଚ ହେଉଛି କୋଟି କୋଟି ଟଙ୍କା। ହେଲେ ଅଧିକାଂଶ ସ୍ଥାନରେ ପ୍ରକଳ୍ପଗୁଡିକ ନିର୍ମାଣ ପରେ ଠିକ ଭାବେ କାର୍ଯ୍ୟକାରୀ ହେଉନାହିଁ। ଯାହାର ଜ୍ୱଳନ୍ତ ଉଦାହରଣ କାକଟପୁର, ଅସ୍ତରଙ୍ଗ ବ୍ଲକର ପ୍ରାଚୀ-ନଟରା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟରେ ଦେଖିବାକୁ ମିଳିଛି। କାକଟପୁର ମୂଳାଗଡ଼ ଛକଠାରେ ଥିବା ଜଳବିଶୋଧନ କେନ୍ଦ୍ରରୁ ଅସ୍ତରଙ୍ଗ ବ୍ଲକ ଛୁରିଆନା ପଞ୍ଚାୟତର ରାଇବେରୁହାଁ ଓ ରାଇକଣା ଗ୍ରାମର ଭୂତଳ ଜଳ ଲବଣାସକ୍ତ ଥିବାରୁ ପାଇପ ଯୋଗେ ପାନୀୟ ଜଳ ଯୋଗାଇ ଦିଆଯାଇଥିଲା। ପ୍ରକଳ୍ପ ଅଳ୍ପ କେଇମାସ କାର୍ଯ୍ୟ କରିବା ପରେ ପାଇପରେ ପାଣି ନ ଯିବାରୁ ଛେଳିଗୁହାଳିଠାରେ ଲକ୍ଷାଧିକ ଟଙ୍କା ବ୍ୟୟରେ ଏକ ପମ୍ପହାଉସ ନିର୍ମାଣ କରାଗଲା। ମାତ୍ର ତାହା ବି କିଛିଦିନ ପରେ ଅଚଳ ହୋଇଗଲା। ସ୍ଥାନୀୟ ଲୋକ କୁହନ୍ତି ନିମ୍ନମାନର କାର୍ଯ୍ୟ ଓ ଶସ୍ତା ପାଇପ ବିଛା ଯୋଗୁ ନିର୍ମାଣର ଅଳ୍ପ କେଇ ମାସ ପରେ ଷ୍ଟାଣ୍ଡପୋଷ୍ଟଗୁଡିକ ଭାଙ୍ଗି ଯିବା ସହ ବିଛାଯାଇଥିବା ପାଇପ ନଷ୍ଟ ହୋଇଯିବାରୁ ଦୀର୍ଘଦିନ ହେବ ଉପରୋକ୍ତ ୨ଟି ଗ୍ରାମର ଲୋକ ପାନୀୟ ଜଳ ପାଇଁ ହଇରାଣ ହେଉଛନ୍ତି। ମରାମତି ବାବଦରେ ଲକ୍ଷ ଲକ୍ଷ ଟଙ୍କା ଠିକାଦାର ମାଧ୍ୟମରେ ବିଭାଗୀୟ ଅଧିକାରୀମାନେ ହଡପ କରିଥିବା ଏହି ବିଭାଗର କେତେକ କର୍ମଚାରୀ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି। ଉପରୋକ୍ତ ୨ଟି ଗ୍ରାମରେ ୨ଟି ସରକାରୀ ନଳକୂପ ବସିଥିଲେ ମଧ୍ୟ ସେଥିରୁ ଲୁହାଗୁଣ୍ଡ ପାଣି ବାହାରୁଛି। ଏପରିକି ଏହି ୨ ଗ୍ରାମର ଅଧିକାଂଶ ନଳକୂପରୁ ଲୁଣି ଓ ଆଇରନ ପାଣି ବାହାରୁଛି। ପାଇପ୍ ଯୋଗେ ପାନୀୟ ଜଳ ନ ଆସୁଥିବାରୁ ଲୋକେ ବାଧ୍ୟ ହୋଇ ଏହି ଜଳକୁ ବ୍ୟବହାର କରୁଛନ୍ତି। ଏହାଦ୍ୱାରା ଗ୍ରାମବାସୀ ନାନା ରୋଗର ଶିକାର ହେବା ନେଇ ଆଶଙ୍କା ରହିଛି। ତେଣୁ ଏହି ଦୁଇଟି ଗ୍ରାମରେ ପାନୀୟ ଜଳ ସମସ୍ୟାକୁ ତୁରନ୍ତ ଦୂର କରିବା ସହିତ ନଟରା ପାନୀୟ ଜଳ ପ୍ରକଳ୍ପରେ କାର୍ଯ୍ୟକୁ ପ୍ରଶାସନ ପକ୍ଷରୁ ତଦନ୍ତ କରିବାକୁ ସାଧାରଣରେରେ ଦୃଢ ଦାବି ହେଉଛି।

## ୩୮ ଚକ, ୫ ନାହାକା ଅଖ ନିର୍ମାଣ ଶେଷ



**ରଥଖଳାରୁ ...**

ପୁରୀ ଅଫିସ, ୧୬।୫:

ଘୋଷଯାତ୍ରା ପାଇଁ ଶ୍ରୀନଅରସ୍ଥିତ ଅସ୍ଥାୟୀ ରଥଖଳାରେ ତିନି ରଥର ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଛି। ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ତିନିରଥର ମୋଟ ୪୨ ଚକରୁ ୩୮ଟି ଚକର ନିର୍ମାଣ ଶେଷ ହୋଇଛି। ତିନିରଥର ୫ଟି ନାହାକା ଅଖ ନିର୍ମାଣ ସରିଛି। ଏଥିସହ ତାଳଧ୍ୱଜ ରଥର ୨, ଦର୍ପଦଳନ ଏବଂ ନନ୍ଦିଘୋଷ ରଥର ଗୋଟିଏ ଲେଖାଏ ପଡ଼ିନାହାକା ଅଖ ନିର୍ମାଣ ସମ୍ପୂର୍ଣ୍ଣ ହୋଇଛି। ନନ୍ଦିଘୋଷ ଓ ଦର୍ପଦଳନ ରଥର ଦୁଇଟି ଲେଖାଏ ୨୦ ଫୁଟିଆ ନିରାଡ଼ି କାଠର ଚଡ଼ପଟ ସରିଛି। ତାଳଧ୍ୱଜ ରଥର ମୋଟ ୧୪ ଚକରୁ ୧୨ଟି ଚକର ନିର୍ମାଣ ସରି ବାକି ଦୁଇଟି ଚକର ତୁମ୍ବରେ ଅର ସଂଯୋଗ ସହ ଅରରେ କଣ୍ଟା ବାଡ଼ିଆ ବା ସିଙ୍ଗଡ଼ା ବାଡ଼ିଆ ଶେଷ ହୋଇଛି। ତାଳଧ୍ୱଜ ରଥର ଗୋଟିଏ ନାହାକା ଅଖ ନିର୍ମାଣ ପୂର୍ବରୁ ସରିଥିବାବେଳେ ମଙ୍ଗଳବାର ତାଳଧ୍ୱଜ ରଥର ଦୁଇଟି ପଡ଼ିନାହାକା ଗୋଟିଏ ଲେଖାଏ ବଡ ଉଛଳା ଓ ସାନ ଉଛଳା ଅଖ ନିର୍ମାଣ ଶେଷ ହୋଇଛି। ଏଥିସହ ତାଳଧ୍ୱଜ ରଥର ୮ଟି ଚଉତା କାଠର ଚଉପଟ ସରିଛି। ବାକି ୪ଟି ଚଉତା କାଠର ଚଉପଟ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଦର୍ପଦଳନ ରଥର ମୋଟ ୧୨ ଚକରୁ ୧୧ଟି ଚକ ନିର୍ମାଣ ଶେଷ ହୋଇଛି। ଶେଷ ଚକର ତୁମ୍ବରେ ଅର ସଂଯୋଗ ହୋଇ ଯନ୍ତାଗାଡ଼ଠାରେ ଭୋଇସେବକମାନେ ସିଙ୍ଗଡ଼ା ବାଡ଼ିଆ ଶେଷ କରିଛନ୍ତି। ଦର୍ପଦଳନ ରଥର ଦୁଇଟି ନାହାକା ଅଖ ନିର୍ମାଣ ଶେଷ ହେବା ସହ ଗୋଟିଏ ପଡ଼ିନାହାକା ଅଖ ନିର୍ମାଣ ସରିଛି। ଦର୍ପଦଳନ ରଥର ୪ ନିରାଡ଼ିରୁ ୨ଟି ୨୦ଫୁଟିଆ ନିରାଡିର ଚଉପଟ ସରିଛି। ୧୨ ଚଉତା କାଠରୁ ୮ଟିର ଚଉପଟ ସରି ବାକି ୪ ଚଉତର ଚଉପଟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ନନ୍ଦିଘୋଷ ରଥର ମୋଟ ୧୬ ଚକରୁ ୧୫ଟି ଚକ ତିଆରି ସରିଛି। ଶେଷ ଚକ ତୁମ୍ବରେ ଅର ସଂଯୋଗ ପରେ ଯନ୍ତାଗାଡ଼ଠାରେ ସିଙ୍ଗଡ଼ା ବାଡ଼ିଆ ବା ତୁମ୍ବ ଅରରେ କଣ୍ଟା ବାଡ଼ିଆ ସରିଛି। ନନ୍ଦିଘୋଷ ରଥର ଦୁଇଟି ନାହାକା ଅଖ ଓ ଗୋଟିଏ ପଡ଼ିନାହାକା ଅଖ ତିଆରି ସରିଛି। ଏଥିସହ ୪ ନିରାଡ଼ିରୁ ୨ ନିରାଡ଼ିର ଚଉପଟ ଶେଷ ହୋଇଛି। ନନ୍ଦିଘୋଷ ରଥର ୧୨ ଚଉତା କାଠରୁ ୧୦ଟି ଚଉତର ଚଉପଟ ସରି ଶେଷ ଦୁଇଟିର ଚଉପଟ ଜାରି ରହିଛି। ରୂପକାର ସେବକମାନେ ତିନିରଥ ଗୁଜଗୁଡିକରେ ରୂପ ଖୋଦେଇ ସହ ରୂପ ପଲିସ କାର୍ଯ୍ୟ ଜାରି ରଖିଛନ୍ତି। କରତି ସେବକମାନେ ତାଳଧ୍ୱଜ ରଥର ଗୋଟିଏ ୨୦ ଫୁଟିଆ ପୋଲ ଗୟଳ ଚିରଟ କରୁଛନ୍ତି। ଦୋଳବେଦିସ୍ଥିତ ଅସ୍ଥାୟୀ କମାରଶାଳରେ କମାର ସେବକମାନେ ତିନିରଥର ଦଣ୍ଡା କଣ୍ଟା, ଗୟଳ କଣ୍ଟା, ଯୋଖା କଣ୍ଟା ଏବଂ କଇଁଚି କଣ୍ଟା ପ୍ରସ୍ତୁତିରେ ବ୍ୟସ୍ତ ରହିଛନ୍ତି। ଭୋଇ ସେବକମାନେ ତିନିରଥର ଶେଷ ଗୋଟିଏ ଗୋଟିଏ ତୁମ୍ବରେ ଅର ସଂଯୋଗ ପୂର୍ବକ କଣ୍ଟା ବାଡ଼ିଆ ବା ସିଙ୍ଗଡ଼ା ବାଡ଼ିଆ ସାରିଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ବର୍ଷା କାରଣରୁ ଯନ୍ତାଗାଡ଼ ମୁଦ କାର୍ଯ୍ୟ ବୁଧବାର ହେବ ବୋଲି ସୂଚନା ମିଳିଛି।

**ସଂକ୍ଷେପରେ**

### ଜିଲାସ୍ତରୀୟ ଜାତୀୟ ଡେଙ୍ଗୁ ଦିବସ

ପୁରୀ ଅଫିସ, ୧୬।୫: ପୁରୀ ଜିଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଜିଲାସ୍ତରୀୟ ଜାତୀୟ ଡେଙ୍ଗୁ ଦିବସ ମଙ୍ଗଳବାର କୁମ୍ଭାରପଡ଼ାସ୍ଥିତ ବଡ଼ଜାଗା ପରିସରରେ ପାଳିତ ହୋଇଯାଇଛି। ଏଥିରେ ଜିଲା ଭେକ୍ଟର ବାହିତ ରୋଗ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ନିମାଇଁ ଚରଣ ଜେନା ଯୋଗଦେଇ କହିଥିଲେ, ମାଈ ଏଡିଶ୍ ମଶା କାମୁଡିବା ଦ୍ୱାରା ଡେଙ୍ଗୁ ଜ୍ୱର ହୋଇଥାଏ। ମାଟିପାତ୍ର ଏବଂ ଅନ୍ୟାନ୍ୟ ଅବ୍ୟବହୃତ ଭଙ୍ଗାଟିଣ ଡବା, ପ୍ଲାଷ୍ଟିକ କପ୍ ଏଣେତେଣେ ଫିଙ୍ଗିବା ଦ୍ୱାରା ସେଥିରେ ବର୍ଷା ପାଣି ଜମି ରହେ ଓ ସେହି ପାଣିରେ ଏଡିଶ ମଶା ବଂଶ ବିସ୍ତାର କରିଥାନ୍ତି। ତେଣୁ ଏହି ମଶାବଂଶର ନିୟନ୍ତ୍ରଣ, ମଶା କାମୁଡ଼ାରୁ ରକ୍ଷା ପାଇବା ପାଇଁ ପ୍ରତିକାର ଏବଂ କାର୍ଯ୍ୟକ୍ରମର ସୁପରିଚାଳନା ସମ୍ବନ୍ଧରେ ସେ ପରାମର୍ଶ ଦେଇଥିଲେ। ଡେଙ୍ଗୁ ଜ୍ୱରର ଲକ୍ଷଣ, ପରୀକ୍ଷା, ଚିକିତ୍ସା ଏବଂ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମିଳୁଥିବା ସୁବିଧା ସମ୍ବନ୍ଧରେ ଡା. ଜେନା ଆଲୋକପାତ କରିଥିଲେ। ବୈଠକରେ ଜିଲା ଭେକ୍ଟରବାହିତ ରୋଗ ପରାମର୍ଶଦାତା ଶକ୍ତି ପ୍ରସନ୍ନ ମିଶ୍ର, ବାତ ଜ୍ୱର ନିରୀକ୍ଷକ ଗଙ୍ଗାଧର ଦାଶ, ଭେକ୍ଟର ବାହିତ ରୋଗ ବୈଷୟିକ ପରିଦର୍ଶକ ଜିତେନ୍ଦ୍ର ସାହୁ, ମହିଳା ଆରୋଗ୍ୟ ସମିତିର ସଭ୍ୟା, ଆଶାକର୍ମୀ, ବସ୍ତିବାସିନ୍ଦା ଯୋଗ ଦେଇଥିଲେ। ଜନସ୍ୱାସ୍ଥ୍ୟ ପ୍ରବନ୍ଧକ ରଞ୍ଜିତ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ସ୍କାଉଟ୍ସ ଓ ଗାଇଡ୍ସ ପକ୍ଷରୁ ଜଳସେବା

ପୁରୀ ଅଫିସ,୧୬।୫: ଭାରତ ସ୍କାଉଟ୍ସ ଓ ଗାଇଡ୍ସର ପୁରୀ ଜିଲା ଶାଖା ପକ୍ଷରୁ ବଳଗଣ୍ଡି ଉଚ୍ଚ ବିଦ୍ୟାଳୟ ସମ୍ମୁଖ ବଡ଼ଦାଣ୍ଡରେ ଜଳସେବା ଶିବିର ଆରମ୍ଭ ହୋଇଛି। ସମ୍ପ୍ରତି ପ୍ରଚଣ୍ଡ ରୌଦ୍ରତାପ ସମୟରେ ପୁରୀକୁ ଆସୁଥିବା ଭକ୍ତ ଓ ପର୍ଯ୍ୟଟକଙ୍କୁ ଦହି, ଲେମ୍ବୁପାଣି ପ୍ରଭୃତି ପ୍ରଦାନ ସହ ଥଣ୍ଡାଜଳ ସିଞ୍ଚନ କରାଯାଉଛି। ଶିବିର ଏକମାସ ପର୍ଯ୍ୟନ୍ତ ଚାଲିବ। ଜିଲା ଶିକ୍ଷାଧିକାରୀ ଡ. ବିଶ୍ୱଜିତ ଘୋଷ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ମମତା ମିଶ୍ର ଓ ହିମାଂଶୁ ଭୂଷଣ ସମର୍ଥା, ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ମହେନ୍ଦ୍ର କୁମାର ବିଶ୍ୱାଳ, ସାମାଜିକ କର୍ମୀ ବଦ୍ରି ମିଶ୍ର ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଜିଲା ସ୍କାଉଟ୍ସ କମିଶନର ମିନାକ୍ଷୀ ମିଶ୍ର ଓ ଦେବାଶିଷ ମିଶ୍ରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳନା ହେଉଛି। ବଳଗଣ୍ଡି ହାଇସ୍କୁଲର ପ୍ରଧାନ ଶିକ୍ଷକ ପଙ୍କଜ ଲୋଚନ ପଲାଇ, ପୋଲିସ ହାଇସ୍କୁଲର ପ୍ରଧାନ ଶିକ୍ଷକ ଶିବରାମ ମିଶ୍ର, ଶିକ୍ଷାବିତ୍ ରମେଶ ଚନ୍ଦ୍ର ପଣ୍ଡା, ପ୍ରଭାସ ମିଶ୍ର ଏବଂ ପ୍ରଭାତ କୁମାର ମିଶ୍ର ଉପସ୍ଥିତ ଥିଲେ।

### ଅଲଗୁମ ଗଡିଶ୍ୱର ପୀଠରେ ନଳକୂପ ବସାଇବାକୁ ଦାବି

ସାକ୍ଷୀଗୋପାଳ,୧୬।୫(ଡି.ଏନ୍.ଏ.)- ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ଅଲଗୁମସ୍ଥିତ ପ୍ରାଚୀନ ଶୈବପୀଠ ଗଡିଶ୍ୱର ଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ଏକ ନଳକୂପ ବସାଇବା ପାଇଁ ବିଧାୟକଙ୍କ ନିକଟରେ ଦାବି କରାଯାଇଛି। ଏହି ଦାବିକୁ ବିଧାୟକ ହୃଦୟଙ୍ଗମ କରି ତୁରନ୍ତ ସେଠାରେ ଏକ ନଳକୂପ ବସାଇବା ପାଇଁ ଜିଲା ଆରଡବ୍ଲ୍ୟୁଏସ୍ଏସ୍ ବିଭାଗକୁ ତୁରନ୍ତ ପଦକ୍ଷେପ ନେବାକୁ ଜଣାଇଛନ୍ତି। ସୂଚନାଯୋଗ୍ୟ, ଏହି ମନ୍ଦିରଟି ବହୁ ପ୍ରାଚୀନ ହୋଇଥିବା ହେତୁ ପ୍ରତିଦିନ ଏଠାରେ ଶତାଧିକ ଭକ୍ତଙ୍କ ଗହଳି ଲାଗିଥାଏ। ମାତ୍ର ମନ୍ଦିରରେ ପାଣିର କୌଣସି ସୁବିଧା ନ ଥିବାରୁ ଭକ୍ତମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଉକ୍ତ ମନ୍ଦିର ପରିସରରେ ଏକ ନଳକୂପ ବସାଇବା ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଇଚ୍ଛାପ୍ରକାଶ କରିଛନ୍ତି। ଏ ନେଇ ଗ୍ରାମର ଉପେନ୍ଦ୍ର ପ୍ରଧାନ, ବଳରାମ ପଣ୍ଡା, ଲକ୍ଷ୍ମୀଧର ପଣ୍ଡା, ସତ୍ୟବାନ ଦୀକ୍ଷିତ, ପ୍ରଶାନ୍ତ କୁମାର ବିଶ୍ୱାଳ, ରବୀନ୍ଦ୍ର କୁମାର ସାହୁ, ସ୍ୱାଧୀନ ପ୍ରଧାନ, ସନ୍ତୋଷ ପଣ୍ଡା ପ୍ରମୁଖ ବିଧାୟକଙ୍କୁ ଏ ସମ୍ପର୍କରେ ଲିଖିତ ଭାବେ ଜଣାଇବା ସହ ସାକ୍ଷାତ କରି ନଳକୂପ ବସାଇବା ପାଇଁ ଦାବି କରିଛନ୍ତି।




ଉତ୍କଳ ବିଦ୍ୱତ ପରିଷଦ ଏବଂ ଆପଣଙ୍କ ସେବାରେ ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ ଆୟୋଜିତ ସାମୂହିକ ବ୍ରତୋପନୟନ କାର୍ଯ୍ୟକ୍ରମ ।

## ବିଭିନ୍ନ ରାଜ୍ୟର ୨୧ ବ୍ରାହ୍ମଣ ବାଳକଙ୍କୁ ନେଇ ସାମୂହିକ ବ୍ରତୋପନୟନ

ପୁରୀ ଅଫିସ, ୧୬।୫:

ଉତ୍କଳ ବିଦ୍ୱତ୍ ପରିଷଦ ଏବଂ ଆପଣଙ୍କ ସେବାରେ ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ଗୁଣ୍ଡିଚା ଭକ୍ତନିବାସ ପରିସରରେ ମାଗଣା ସାମୂହିକ ବ୍ରତୋପନୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ, ପୂର୍ବତନ ମନ୍ତ୍ରୀ ମହେଶ୍ୱର ମହାନ୍ତି, ଭାଜପା ରାଷ୍ଟ୍ରୀୟ ମୁଖପାତ୍ର ଡ. ସମ୍ବିତ ପାତ୍ର, ପଞ୍ଚାମୁଣ୍ଡାଇ ରାଧାରମଣ ଆଶ୍ରମର ମହନ୍ତ ଅସୀମାନନ୍ଦ ମହାରାଜ, ହାତିଆଖଡ଼ା ମଠର ମହନ୍ତ ସୁଖରାମ ଦାସ, ବଳଗଣ୍ଡି ମଠର ମହନ୍ତ ବଳରାମ କୋଟ, ମହନ୍ତ ମଣିରାମ, ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ଦୁର୍ଗାଦାସ ମହାପାତ୍ର ଓ ମାଧବ ପୂଜାପଣ୍ଡା, ଶ୍ରୀମନ୍ଦିର ସେବକ ଜଗନ୍ନାଥ ପୂଜାପଣ୍ଡା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ପ୍ରମୁଖ ବିଶିଷ୍ଟ ଅତିଥିରୂପେ ଯୋଗଦେଇ ବ୍ରହ୍ମଚାରୀମାନଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ। ଏଥିରେ ଓଡ଼ିଶା, ଷଢ଼େଇକଳା, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡର ୨୧ ଜଣ ବ୍ରାହ୍ମଣ ବାଳକ ଯଜ୍ଞୋପବୀତ ଧାରଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ମନୋଜ ରଥ, ଜିତେନ୍ଦ୍ର ମହାପାତ୍ର, ବିଜୟକୃଷ୍ଣ ବ୍ରହ୍ମା, ବିରଞ୍ଚି ନାରାୟଣ ମିଶ୍ର, ଦିବ୍ୟରଞ୍ଜନ ଦାଶ, ରଞ୍ଜେସ ସାହୁ, ଦେବୀପ୍ରସାଦ ବ୍ରହ୍ମା, ଚିତ୍ତରଞ୍ଜନ ବିଶ୍ୱାଳ, ସିସେନ୍ ପ୍ରତିହାରୀ, ଦେବେନ୍ଦ୍ର ମହାରଣା, ଲକ୍ଷ୍ମୀପ୍ରିୟା ସାହୁ ଏବଂ ଜଗଦୀଶ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ।

## ବ୍ଲାକ ଡାଇମଣ୍ଡକୁ ହରାଇ ସଂଗ୍ରାମ ଏକାଦଶ ବିଜୟୀ

### ତ୍ରିଲୋଚନପୁର ପ୍ରିମିୟର ଲିଗ୍ କ୍ରିକେଟ୍

କଣାସ,୧୬।୫(ସ୍ୱ.ପ୍ର.)

କଣାସ ବ୍ଲକ ତ୍ରିଲୋଚନପୁର ଗୋପୀନାଥ ଖେଳପଡ଼ିଆଠାରେ ଚାଲିଥିବା ତ୍ରିଲୋଚନପୁର ପ୍ରିମିୟର ଲିଗ୍ କ୍ରିକେଟ୍ ମ୍ୟାଚ ମଙ୍ଗଳବାର ୫ମ ଦିନରେ ପହଞ୍ଚିଛି। ୭ମ ମ୍ୟାଚରେ ବ୍ଲାକ ଡାଇମଣ୍ଡକୁ ପରାସ୍ତ କରି ସଂଗ୍ରାମ ଏକାଦଶ ବିଜୟୀ ହୋଇଛି। ବର୍ଷା ଯୋଗୁ ୮ମ ମ୍ୟାଚ ସ୍ଥଗିତ ରହିଛି। ସଂଗ୍ରାମ ଏକାଦଶ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୫ଟି ଉଇକେଟ୍ ହରାଇ ୧୪୦ ରନ୍ ସଂଗ୍ରହ କରିଥିଲା। ପ୍ରତ୍ୟୁତ୍ତରରେ ବ୍ଲାକ ଡାଇମଣ୍ଡ ୧୧ ଓଭର ୩ ବଲ୍‌ରେ ସମସ୍ତ ଉଇକେଟ୍ ହରାଇ ୧୦୪ ରନ୍ କରି ପରାଜିତ ହୋଇଥିଲା। ସଂଗ୍ରାମ ଏକାଦଶର ଶୁଭ୍ରଜିତ୍ ତ୍ରିପାଠୀ ୪୫ରନ୍ ଓ ଗୋଟିଏ ଉଇକେଟ୍ ନେଇଥିବାରୁ ମାନ୍ୟ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଶିକ୍ଷକ ସୁଧୀର ତ୍ରିପାଠୀ ଅତିଥି ରୂପେ ଯୋଗଦେଇ ପୁରସ୍କୃତ କରିଥିଲେ। ଗଣେଶ ସ୍ୱାଇଁ ଓ ଶରତ ଆଚାର୍ଯ୍ୟ ଅମ୍ପାୟାର ଦାୟିତ୍ୱ ସମ୍ପାଦନ କରିଥିଲେ।

## ସଡ଼କ ସୁରକ୍ଷା ଉପରେ ଗୁରୁତ୍ୱ

ପୁରୀ ଅଫିସ,୧୬।୫

ସଡ଼କ ସୁରକ୍ଷା ସମ୍ପର୍କରେ ଏକ ବୈଠକ ମଙ୍ଗଳବାର ସର୍କିଟ ହାଉସରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ମହାପାତ୍ର ଅଧକ୍ଷତା କରିବା ସହ ସଡ଼କ ସୁରକ୍ଷା ନିୟମକୁ କଡାକଡି ଭାବେ ପାଳନ ଓ ଏ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ଉଦ୍ୟମ କରିବାକୁ ପରାମର୍ଶ ଦେଇଥିଲେ। ରାସ୍ତା ନିର୍ମାଣ ସମୟରେ ଉପଯୁକ୍ତ ବୈଜ୍ଞାନିକ ପଦ୍ଧତି ଅନୁସରଣ, ସଡ଼କ ସୁରକ୍ଷାର ବିଭିନ୍ନ ବ୍ୟବସ୍ଥାକୁ ଅନୁପାଳନ, ଉପଯୁକ୍ତ ସୂଚନାଫଳକ ସ୍ଥାନିତ କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୀ ମ୍ୟୁନିସିପାଲିଟି ସରୋଜ କୁମାର ସ୍ୱାଇଁ, ଆର ଆଣ୍ଡ ବି ପୁରୀର କାର୍ଯ୍ୟନିର୍ବାହୀ ଇଞ୍ଜିନିୟର, ଜାତୀୟ ରାଜପଥର ଏସ୍‌ଡିଓ, ଜାତୀୟ ରାଜପଥ କର୍ତ୍ତୃପକ୍ଷର ସାଇଟ୍ ଇଞ୍ଜିନିୟର, ଟ୍ରାଫିକ୍ ଆଇଆଇସି, ଏମ୍ ଭି ଆଇ ପୁରୀ ଏବଂ ଅନ୍ୟ ସଦସ୍ୟମାନେ ଏଥିରେ ଯୋଗଦେଇଥିଲେ। ଆର୍‌ଟିଓ ରବିନ ପଟ୍ଟନାୟକ ଜିଲାର ତଥ୍ୟ ଉପସ୍ଥାପନ କରିଥିଲେ। ସଡ଼କ ଦୁର୍ଘଟଣା ରୋକିବା, ଜାତୀୟ ରାଜପଥରେ ଆଲୋକ ବ୍ୟବସ୍ଥା କରିବା ଓ ଯାଞ୍ଚ ବ୍ୟବସ୍ଥାକୁ କଡ଼ାକଡ଼ି କରିବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଛି।

## ସିଡିଏମ୍‌ଓଙ୍କୁ ଚିଠି ଲେଖିଲେ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ

**କମାକନ୍ତିଆ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅନୁପସ୍ଥିତି ଅଭିଯୋଗର ତଦନ୍ତ**

ପୁରୀ ଅଫିସ, ୧୬।୫:

ପିପିଲି ବ୍ଲକ୍ ଅନ୍ତର୍ଗତ କମାକନ୍ତିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ନିୟୋଜିତ ଥିବା ଡାକ୍ତରମାନେ ଠିକ ସମୟରେ ଡାକ୍ତରଖାନା ଆସୁ ନ ଥିବା ନେଇ ସୂଚନା ଅଧିକାର କର୍ମୀ ଦିଲୀପ କୁମାର ବରାଳ ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍‌ଓ)ଙ୍କ ନିକଟରେ ଅଭିଯୋଗ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଅଭିଯୋଗର ତଦନ୍ତ ନିମନ୍ତେ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ତଦନ୍ତ କରି ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଚିଠି ଲେଖିଛନ୍ତି। ସେଥିରେ ସେ ଦର୍ଶାଇଛନ୍ତି, ସ୍ୱାସ୍ଥ୍ୟକେନ୍ଦ୍ରରେ ନିୟୋଜିତ ଥିବା ଡାକ୍ତରମାନେ ଠିକ୍ ସମୟରେ ଡାକ୍ତରଖାନାକୁ ଆସୁନାହାନ୍ତି। ଫଳରେ ରୋଗୀମାନେ ସମସ୍ୟା ଭୋଗୁଛନ୍ତି। ତେଣୁ ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଅପରପକ୍ଷରେ ଅଧିକାରୀ ସ୍ୱାସ୍ଥ୍ୟକେନ୍ଦ୍ର ଅନୁଧ୍ୟାନ କରିବାକୁ ଯାଇଥିବା ସମୟରେ ଅନୁପସ୍ଥିତ ଥିବାରୁ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ପ୍ରଜ୍ଞା ସିଦ୍ଧାର୍ଥଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି। ସୂଚନାଯୋଗ୍ୟ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଅନୁଧ୍ୟାନ କରିବାକୁ ସ୍ୱାସ୍ଥ୍ୟକେନ୍ଦ୍ର ଯାଇଥିଲେ, ମାତ୍ର ସ୍ୱାସ୍ଥ୍ୟକେନ୍ଦ୍ରରେ ଉଭୟ ବିଭାଗର ଇନଚାର୍ଜ ଡାକ୍ତର ଏବଂ ଜଣେ ଆୟୁଷ ଡାକ୍ତର ଅନୁପସ୍ଥିତ ଥିଲେ। ପରେ ବିଳମ୍ବରେ ଆୟୁଷ ଡାକ୍ତର ପହଞ୍ଚି ରୋଗୀମାନଙ୍କୁ ଦେଖିଥିଲେ। ତେବେ ଦୁଇ ଡାକ୍ତର ଓପିଡି ଡ୍ୟୁଟିରେ ଅବହେଳା କରିବା ସହ ନିୟମିତ ଭାବେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁନଥିବାରୁ ସେମାନଙ୍କୁ ଅଧିକାରୀ ତାଗିଦ୍ କରିଥିଲେ। ଉଭୟ ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ବିନୟ ପଣ୍ଡା ସିଡିଏମ୍‌ଓଙ୍କୁ ଚିଠି ଲେଖିଥିବା ଜଣାପଡ଼ିଛି।

## ୨ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କଲେ ବିଧାୟକ

**୧୦ କୋଟି ଟଙ୍କା ବ୍ୟୟ ଅଟକଳ**

ନିମାପଡ଼ା,୧୬।୫(ଡି.ଏନ୍.ଏ.)

ନିମାପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପ୍ରାୟ ୧୦ କୋଟି ଟଙ୍କା ବ୍ୟୟ ଅଟକଳରେ ୨ଟି ରାସ୍ତାର ପ୍ରଶସ୍ତୀକରଣ ଓ ଉନ୍ନତୀକରଣ ନିମନ୍ତେ ମଙ୍ଗଳବାର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ନିମାପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନ ଧନୁଆଁ ପଞ୍ଚାୟତରେ ଭୂଆଁ ଛକଠାରୁ ବଉଳପଦା ଭାୟା ଶୁନୁଗୋରଡ଼ି ୫କି.ମି. ରାସ୍ତା ୫ କୋଟି ୨୫ ଲକ୍ଷ ଟଙ୍କା ବ୍ୟୟରେ ଓ ୪ କୋଟି ୬୭ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ବାମନାଳଠାରୁ ବଳଙ୍ଗା ଭାୟା ବକ୍ସୁ, ୫ କି.ମି. ନୂତନ ରାସ୍ତା ନିର୍ମାଣ ପାଇଁ ବିଧାୟକ ସମୀର ରଞ୍ଜନ ଦାଶ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ୨ ରାସ୍ତାର ପ୍ରଶସ୍ତୀକରଣ ଓ ଉନ୍ନତୀକରଣ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ କରାଯିବ ବୋଲି ବିଭାଗୀୟ ଯନ୍ତ୍ରୀମାନେ କହିଛନ୍ତି। ସମ୍ମାନିତ ଅତିଥି ଭାବେ ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ତ୍ରିଲୋଚନ ନାୟକ, କନିଷ୍ଠ ଯନ୍ତ୍ରୀ ସ୍ମୃତିରଞ୍ଜନ କାନୁନଗୋ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ସୁରେନ୍ଦ୍ର ସ୍ୱାଇଁ, ଯୁବନେତା ଦୀପକ ଦାସ, ପୂର୍ବତନ ସରପଞ୍ଚ ଗୋକୁଳାନନ୍ଦ ପରିଡ଼ା, ସମିତି ସଭ୍ୟ ଜୟଦେବ ସ୍ୱାଇଁ, ରବୀନ୍ଦ୍ର ମହାନ୍ତି, ବିଜେଡି ବ୍ଲକ ସଭାପତି ଅଶୋକ ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହି ୨ ରାସ୍ତା ନିର୍ମାଣ ସରିଲେ ଦୈନିକ ଗମନାଗମନ କ୍ଷେତ୍ରରେ ପ୍ରାୟ ୨୦ ହଜାର ଲୋକ ଉପକୃତ ହେବେ ବୋଲି ଜଣାପଡିଛି। ଏହି ରାସ୍ତା ଶିଳାନ୍ୟାସ ହେବା ପରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳିଯାଇଛି। ଏହି ଅବସରରେ ଆୟୋଜିତ ସଭା ସ୍ଥଳରେ ବିଧାୟକ ଦାଶଙ୍କୁ ଉଚ୍ଛ୍ୱସିତ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

## ନିରଞ୍ଜନ ନାୟକଙ୍କୁ ଧର୍ମପଦ ସମ୍ମାନ

କଣାସ,୧୬।୫(ସ୍ୱ.ପ୍ର.)

କଣାସ ଜଳସେଚନ ବିଭାଗ ୱାର୍କ ସରକାର ରୂପେ କାର୍ଯ୍ୟ କରୁଥିବା ତଥା ଡେଲାଙ୍ଗ ବ୍ଲକ ଅମାଳଙ୍ଗ ଗ୍ରାମର କବି ନିରଞ୍ଜନ ନାୟକଙ୍କୁ ସୋମବାର କୋଣାର୍କଠାରେ ଧର୍ମପଦ ସମ୍ମାନରେ ସମ୍ମାନିତ କରାଯାଇଛି। କୋଣାର୍କ ଭାଷା, ସାହିତ୍ୟ, ସଂସ୍କୃତି ଓ ବିକାଶ ପରିଷଦ ପକ୍ଷରୁ ରାଜ୍ୟସ୍ତରୀୟ ସାହିତ୍ୟ ଆସର ୨୦୨୩ ଅର୍କଶ୍ରୀ ଶିଳ୍ପୀବାଟିକା କୋଣାର୍କ ପରିସରରେ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ଉପଦେଷ୍ଟା ଭାଗୀରଥି ସ୍ୱାଇଁଙ୍କ ଅଧକ୍ଷତାରେ ଏକ ଭବ୍ୟ ସମାବେଶରେ ଡ. ପ୍ରସନ୍ନ ପାଟଶାଣୀ, କବି ଶଙ୍କର ପରିଡ଼ା, ଅର୍ଥ ବିଭାଗ ଯୁଗ୍ମସଚିବ ଡ. ସଂଗ୍ରାମ କେଶରୀ ସାମନ୍ତରାୟ ଅତିଥି ଭାବେ ଯୋଗଦେଇ ଉଲ୍ଲେଖନୀୟ ସାହିତ୍ୟ ସାଧନା ପାଇଁ କବି ନିରଞ୍ଜନଙ୍କୁ ଧର୍ମପଦ ସମ୍ମାନ ପ୍ରଦାନ କରିଥିଲେ।



ଉତ୍ସବରେ ନିରଞ୍ଜନ ନାୟକଙ୍କୁ ସମ୍ମାନିତ କରାଯାଉଛି ।

## ୧୯ରୁ ପ୍ରଦର୍ଶନ ହେବ ଚଳଚ୍ଚିତ୍ର 'ଫାଲଗୁନ - ଚୈତ୍ର'

**୩ ଦିନ ଧରି ଟାଉନ ହଲ୍‌ରେ ଦେଖିବେ ଦର୍ଶକ**

- ଟିକେଟ୍ ମୂଲ୍ୟ ୧୦୦, ୧୨୦ ଟଙ୍କା
- ମହିଳା ଦର୍ଶକଙ୍କ ପାଇଁ ହେବ ଲକି ଡ୍ର

ପୁରୀ ଅଫିସ, ୧୬।୫:



ଖବରଦାତା ସମ୍ମିଳନୀରେ ଆୟୋଜକମାନେ ସୂଚନା ଦେଉଛନ୍ତି ।

ପୁରୀ ପୌରସଦନ ପରିସରରେ ଆସନ୍ତା ୧୯ ତାରିଖଠାରୁ ୩ଦିନ ଧରି ଓଡ଼ିଆ ଚଳଚ୍ଚିତ୍ର 'ଫାଲଗୁନ-ଚୈତ୍ର' ପ୍ରଦର୍ଶନ ହେବାକୁ ଯାଉଛି। ଏନେଇ ମଙ୍ଗଳବାର ଆୟୋଜକମାନଙ୍କ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ସ୍ଥାନୀୟ ଭକ୍ତ ସାଲବେଗ ପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜକ ପିନାକୀ ଶ୍ରୀଚନ୍ଦନ ସୂଚନା ଦେଇ କହିଛନ୍ତି, ଗତ କିଛିବର୍ଷ ହେବ ଓଡ଼ିଶାରେ କେତେଜଣ ସ୍ୱାଭିମାନୀ ନିର୍ମାତା ଭଲ ସିନେମା ନିର୍ମାଣରେ ଲାଗିଛନ୍ତି। ବର୍ତ୍ତମାନ ଆମ ରାଜ୍ୟରେ ଅନେକ ସ୍ଥାନରେ ଭଲ ସିନେମା ହଲ୍‌ର ଅଭାବ ରହିଛି। ଏପରିକି ଯେଉଁଠାରେ ଓଡ଼ିଆ ସିନେମାର ସୃଷ୍ଟି, ସେହି ପୁରୀରେ ଭଲ ସିନେମା ହଲ୍ ନାହିଁ। ମହାବାତ୍ୟା ଫନୀ ପରେ ପୁରୀର କୌଣସି ପ୍ରେକ୍ଷାଳୟରେ ଚଳଚ୍ଚିତ୍ର ପ୍ରଦର୍ଶନ କରାଯିବା ଅବସ୍ଥାରେ ନାହିଁ। ଭିତ୍ତିଭୂମିର ଅଭାବ ଯୋଗୁ ସ୍ୱଳ୍ପ ସମୟ ମଧ୍ୟରେ କୌଣସି ପ୍ରେକ୍ଷାଳୟ କିଛି ମାତ୍ରାରେ ମରାମରି ହୋଇପାରିବା ମଧ୍ୟ ସମ୍ଭବପର ନୁହେଁ। କିନ୍ତୁ ପ୍ରେକ୍ଷାଳୟର ଅଭାବ କୌଣସି ପ୍ରକାରେ ସିନେ ପ୍ରେମୀଙ୍କୁ ଏକ ବଡ଼ ପରଦାରେ ଚଳଚ୍ଚିତ୍ରକୁ ଉପଭୋଗ କରିବାରୁ ବଞ୍ଚିତ କରିବା ଉଚିତ ନୁହେଁ। ସେଥିପାଇଁ ପୁରୀ ଟାଉନ୍ ହଲ୍‌ରେ ଜାନୁୟାରୀରେ ଦମନ ଓ ଫେବୃୟାରୀରେ ପ୍ରତୀକ୍ଷା ଚଳଚ୍ଚିତ୍ର ପ୍ରଦର୍ଶନ କରାଯାଇଥିଲା। ଭଲ ସିନେମା ସହିତ ଉତ୍ତମ ଆତିଥେୟତା ପ୍ରଦାନ କରିବା ଆମ ମୁଖ୍ୟ ଉଦ୍ଦେଶ୍ୟ ଥିଲା। ପୁରୀବାସୀ ମଧ୍ୟ ବ୍ୟବସ୍ଥାକୁ ପ୍ରଶଂସା କରିଥିଲେ ଏବଂ ଅଧିକାଂଶ ଲୋକଙ୍କ ଦାବି ଥିଲା ନିୟମିତ ବ୍ୟବଧାନରେ ଏଭଳି ସୁବିଧା ସହିତ ସିନେମା ପ୍ରଦର୍ଶନ କରାଯାଉ। ଫଳରେ ଏକ ସୁନ୍ଦର ଓଡ଼ିଆ ଚଳଚ୍ଚିତ୍ର 'ଫାଲଗୁନ-ଚୈତ୍ର' ପ୍ରଥମ ଓଡ଼ିଆ ସିନେମା ଭାବେ ସାରା ବିଶ୍ୱରେ ରିଲିଜ୍ ହୋଇ ଦର୍ଶକୀୟ ପ୍ରଶଂସା ସାଉଁଟୁଛି। ଓଡ଼ିଆ ଉପନ୍ୟାସ ଲେଖିକା ସୁଲଗ୍ନା ମହାନ୍ତି ଏହାର କାହାଣୀ ଲେଖିଥିବାବେଳେ ନିର୍ଦ୍ଦେଶନା ଦେଇଛନ୍ତି ବଲିଉଡ୍ ନିର୍ଦ୍ଦେଶକ ଆଶୁତୋଷ ଗୋୱାରିକର। ପୁରୀବାସୀଙ୍କ ପାଇଁ ଆସନ୍ତା ୧୯, ୨୦, ୨୧ ତାରିଖରେ ଟାଉନ୍ ହଲ୍‌ରେ ଏହି ଚଳଚ୍ଚିତ୍ର ପ୍ରଦର୍ଶନ କରାଯିବ। ୫ଟି ଶୋ'ରେ ଚଳଚ୍ଚିତ୍ର ପ୍ରଦର୍ଶିତ ହେବ। ଅଧିକରୁ ଅଧିକ ଲୋକ ଦେଖିପାରିବା ଲାଗି ସକାଳ ୯ଟା, ମଧ୍ୟାହ୍ନ ୧୨ଟା, ଅପରାହ୍ନ ୩ଟ, ସନ୍ଧ୍ୟା ୬ଟା ଏବଂ ରାତି ୯ଟାରେ ସିନେମା ପ୍ରଦର୍ଶନ କରାଯିବ। ଟାଉନ ହଲରେ ୨୪ ଫିଟ୍ ୱାଇଡର ବଡ଼ ଏଲ୍‌ଇଡି ପରଦା ଲଗାଯିବ ଏବଂ ସରାଉଣ୍ଡ ସାଉଣ୍ଡ, ଏୟାର କଣ୍ଡିଶନ ହଲ୍ ଭଳି ଅନେକ ଅତ୍ୟାଧୁନିକ ସୁବିଧା ଟାଉନ୍ ହଲ୍‌ରେ ଆଗରୁ ରହିଛି, ଯାହାକି ସିନେମା ହଲ୍ ଅଭାବକୁ ପୂରଣ କରିବ। ଟିକେଟର ମୂଲ୍ୟ ୧୦୦ ଏବଂ ୧୨୦ ଟଙ୍କା ରହିଛି। ସେହିପରି ସାବିତ୍ରୀ ଉପଲକ୍ଷେ ମହିଳା ଦର୍ଶକଙ୍କ ପାଇଁ ଏକ ଲକି ଡ୍ର ପ୍ରତିଯୋଗିତା ହେବ ଏବଂ ୩ଜଣ ଭାଗ୍ୟଶାଳୀ ଦର୍ଶକଙ୍କୁ ଚଳଚ୍ଚିତ୍ରର କଳାକାରମାନଙ୍କ ଗହଣରେ ଆକର୍ଷଣୀୟ ଉପହାର ଦେଇ ପୁରସ୍କୃତ କରାଯିବାର ବ୍ୟବସ୍ଥା କରାଯାଇଛି। ଚଳଚ୍ଚିତ୍ର ପାଇଁ ବୁଧବାରଠାରୁ ସକାଳ ୧୦ଟାରୁ ଅପରାହ୍ନ ୫ଟା ମଧ୍ୟରେ ଟାଉନ୍ ହଲ୍ ନିକଟରେ ଏବଂ ଭିନ୍ନ ଭିନ୍ନ ସ୍ଥାନରେ ୬ଟି ଦୋକାନରେ ଟିକେଟ ବିକ୍ରି କରାଯିବ। କଲେଜ ଛକସ୍ଥିତ ମର୍ଡର୍ଣ୍ଣ ଜେରକ୍ସ ଓ ବିଦ୍ୟାସାଗର ବୁକ୍ ଷ୍ଟୋର, ମରିଚିକୋଟ ଲେନ୍‌ସ୍ଥିତ ଦାସ ହାଉ୍ୱ କେବୁଲ ଅଫିସ୍, ଜହ୍ନିମୁଣ୍ଡିଆ ଛକସ୍ଥିତ ଦୀପକ ମହାନ୍ତି ଦୋକାନ, ଲୋକନାଥ ରୋଡସ୍ଥିତ ଚୁଡ଼ି ମହଲ ଏବଂ ଟାଉନ୍ ହଲ୍ ଛକସ୍ଥିତ ଜଟିଆ ଦୋକାନରେ ଟିକେଟ ଉପଲବ୍ଧ ହେବ। ଉକ୍ତ ଖବରଦାତା ସମ୍ମିଳନୀରେ ସୌମ୍ୟ ରଞ୍ଜନ ଶତପଥୀ, ଅଭିଷେକ ଶ୍ରୀଚନ୍ଦନ, ବାଳକୃଷ୍ଣ ପୂଜାପଣ୍ଡା ଏବଂ ନିହାରିକା ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ୬ଜଣଙ୍କୁ ଆର୍ଟ ଅଫ୍ ଗିଭିଂ ସମ୍ମାନ

**ଭୁବନେଶ୍ୱର,୧୬।୫(ବ୍ୟୁରୋ):** ସମାଜରେ ପରସ୍ପରକୁ ସାହାଯ୍ୟ, ସହଯୋଗ, ଶାନ୍ତି, ମୈତ୍ରୀ ଓ ସୌହାର୍ଦ୍ଦ୍ୟ ବାଣ୍ଟିବା ପାଇଁ ଶିକ୍ଷାବିତ୍ ଓ ସମାଜସେବୀ ତଥା ଏମ୍‌ପି ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା 'ଆର୍ଟ ଅଫ୍ ଗିଭିଂ' ପ୍ରୟାସ ଏବେ ସମଗ୍ର ବିଶ୍ୱରେ ଆଦୃତି ଲାଭ କରିଛି। ପ୍ରତିବର୍ଷ ମେ ୧୭ରେ ବିଶ୍ୱର ବିଭିନ୍ନ ସ୍ଥାନରେ ଅନ୍ତର୍ଜାତୀୟ ଆର୍ଟ ଅଫ୍ ଗିଭିଂ ଦିବସ ପାଳିତ ହୋଇଆସୁଛି। ଚଳିତବର୍ଷ ଆର୍ଟ ଅଫ୍ ଗିଭିଂର ବିଷୟବସ୍ତୁ ହେଲ୍ପିଂ ଦି ହେଲ୍ପ ବା ସାହାଯ୍ୟକାରୀଙ୍କୁ ସାହାଯ୍ୟ ରହିଛି। କିଟ୍ ଓ କିସ୍‌ର ଶୁଭେଚ୍ଛୁ, କର୍ମଚାରୀ, ଛାତ୍ରୀଛାତ୍ର, ପୁରାତନ ଛାତ୍ରୀଛାତ୍ର, ଭାରତ ତଥା ବିଦେଶରେ ଥିବା ବିଭିନ୍ନ କ୍ରୀଡ଼ା ସଂଘ, ସିଭିଲ ସୋସାଇଟି, ଦେଶ ବାହାରେ ଥିବା ବିଭିନ୍ନ ଓଡ଼ିଆ ସଂଘ, ନୂଆଦିଲ୍ଲୀସ୍ଥିତ ବିଭିନ୍ନ ଦୂତାବାସ, ବିଭିନ୍ନ ଯୁବକ ସଂଘ, ନେହେରୁ ଯୁବକ ସଂଘ, ୫ଶହରୁ ଉର୍ଦ୍ଧ୍ୱ କର୍ପୋରେଟ ଅନୁଷ୍ଠାନ, ବିଦ୍ୟାଳୟ, ଭାରତର ୫୦ଟି ବିଶ୍ୱବିଦ୍ୟାଳୟ ଓ ୧୨ଟି ବିଦେଶୀ ବିଶ୍ୱବିଦ୍ୟାଳୟ, ଶତାଧିକ ମହାବିଦ୍ୟାଳୟ, ହୋଟେଲ ଓ ରେଷ୍ଟୁରାଣ୍ଟ, ହସ୍ପିଟାଲ ଓ ସ୍ୱାସ୍ଥ୍ୟସେବା ଅନୁଷ୍ଠାନ, ଜିମ୍ ଓ ଫିଟନେସ୍ କେନ୍ଦ୍ର ସହିତ ଛୋଟବଡ଼ ବ୍ୟବସାୟ ପ୍ରତିଷ୍ଠାନରେ ଆର୍ଟ ଅଫ୍ ଗିଭିଂ ଅନୁଗାମୀମାନେ ଏହି ଦିବସ ପାଳନ କରୁଛନ୍ତି। ଏହି ଅବସରରେ ବୁଧବାର ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ କ୍ଷେତ୍ରରେ ସମାଜସେବା କରୁଥିବା ୬ଜଣ ବ୍ୟକ୍ତିଙ୍କୁ 'ଆର୍ଟ ଅଫ ଗିଭିଂ' ହିରୋ ସମ୍ମାନରେ ସମ୍ମାନିତ କରାଯିବ।

### ବିରଞ୍ଚି ନାରାୟଣ ମନ୍ଦିରରେ ଚିତ୍ରଶିଳ୍ପୀ ଶିବିର

**ଭୁବନେଶ୍ୱର,୧୬।୫(ବ୍ୟୁରୋ):** ଓଡ଼ିଶା ଲଳିତ କଳା ଏକାଡେମୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ବୁଗୁଡ଼ାସ୍ଥିତ ବିରଞ୍ଚି ନାରାୟଣ ମନ୍ଦିରଠାରେ ପାରମ୍ପରିକ ଚିତ୍ରଶିଳ୍ପୀ ଶିବିର ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଚିତ୍ରଶିଳ୍ପୀ ଶିବିରକୁ ବୁଗୁଡ଼ା ପୌର ପରିଷଦର ଅଧ୍ୟକ୍ଷ ଚିତ୍ରସେନ ପ୍ରଧାନ, ଉପାଧ୍ୟକ୍ଷ ଗୀତାଞ୍ଜଳି ପାଢ଼ୀ, ବିରଞ୍ଚି ନାରାୟଣ ମନ୍ଦିରର ମଠାଧୀଶ ମହନ୍ତ ମହାରାଜ ଭକ୍ତରାମ ଦାସ, ବଳଦେବ ଜୀଉ ମହିଳା ମହାବିଦ୍ୟାଳୟର ଅଧ୍ୟାପକ ବିଭୂତିଭୂଷଣ ମିଶ୍ର ଓ ସୁଧାଂଶୁ ପାଢ଼ୀ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ପ୍ରାରମ୍ଭରେ ଏକାଡେମୀର ସଚିବ ପଞ୍ଚାନନ ସାମଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିବିରରେ ଅଂଶଗ୍ରହଣ କରିଥିବା ଶିଳ୍ପୀମାନେ ବୁଗୁଡ଼ା ବିରଞ୍ଚି ନାରାୟଣ ମନ୍ଦିର କାନ୍ଥରେ ଥିବା ପାରମ୍ପରିକ ଚିତ୍ର ଶୈଳୀରେ ଚିତ୍ର ଅଙ୍କନ କରିବେ। ଶିବିରରେ ଭୁବନେଶ୍ୱରରୁ ବିକେ ଆର୍ଟ କଲେଜରୁ ଚିତ୍ତରଞ୍ଜନ ମହନ୍ତ ଓ ସୁମନ ଗଉଡ଼, ଉତ୍କଳ ସଂସ୍କୃତି ମହାବିଦ୍ୟାଳୟରୁ ରାକେଶ ଦେ ଓ କାର୍ତ୍ତିକ ପୃଷ୍ଟି, ଧଉଳି ଚାରୁକଳା ମହାବିଦ୍ୟାଳୟରୁ ନୀଳମଣି ଗଉଡ଼ ଓ ସତ୍ୟଜିତ୍ ମହାରଣା, ବାଲେଶ୍ୱର ଚାରୁକଳା ମହାବିଦ୍ୟାଳୟରୁ ସମୀର କୁମାର ନାୟକ ଓ ପ୍ରମୋଦ ମାଝି, ଭଦ୍ରକ ସରକାରୀ ଚାରୁ ଓ କାରୁକଳା ମହାବିଦ୍ୟାଳୟରୁ ବାପିନା ସାହୁ, ସିବେନ୍ଦୁ ଦାସ ଏବଂ କଳାୟତନ ଚାରୁ ଓ କାରୁକଳା ମହାବିଦ୍ୟାଳୟ ସୁନ୍ଦରଗଡ଼ରୁ ଅଭିଷେକ ସାମଲ ଓ ଦୀପ୍ତିମୟୀ ରଥ ପ୍ରମୁଖ ୧୪ଜଣ ଶିଳ୍ପୀ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଛନ୍ତି।

### ଅସହାୟ ମହିଳାଙ୍କ ଶବ ସତ୍କାର କଲା ଓଡ଼ିଶା-ମୋ ପରିବାର

**ଭୁବନେଶ୍ୱର, ୧୬।୫ (ବ୍ୟୁରୋ):** ଜଣେ ଅସହାୟ ମହିଳାଙ୍କ ଶବ ସତ୍କାରରେ ସହଯୋଗର ହାତ ବଢ଼ାଇଲା ଓଡ଼ିଶା ମୋ ପରିବାର। ୫୦ ବର୍ଷୀୟା ରଞ୍ଜନା ମାର୍ଥାଙ୍କ ସ୍ୱାମୀଙ୍କର ପୂର୍ବରୁ ଦେହାନ୍ତ ହୋଇଥିଲା। ପୁଅ ଓ ବୋହୂ ସୁନ୍ଦରପଦାରେ ରହୁଥିବାବେଳେ ସେ ଏକାକୀ ବଡ଼ଗଡ଼ ଅଞ୍ଚଳରେ ରହୁଥିଲେ। ତାଙ୍କର ବ୍ରେନ୍ ଟ୍ୟୁମର ହେବାପରେ ମାନସିକ ସନ୍ତୁଳନ ହରାଇ ସେ ସମ୍ପୂର୍ଣ୍ଣ ଶଯ୍ୟାଶାୟୀ ଥିଲେ। ସୋମବାର ତାଙ୍କର ପରଲୋକ ହୋଇଯାଇଥିଲା। ସନ୍ଧ୍ୟାରେ ତାଙ୍କ ମୃତ୍ୟୁ ସମ୍ପର୍କରେ ଜାଣିବା ପରେ ସ୍ଥାନୀୟ ଅଞ୍ଚଳବାସୀ ଓଡ଼ିଶା-ମୋ ପରିବାରର ହେଲ୍ପ ଲାଇନ୍ ନମ୍ବରରେ ସହାୟତା ନିମନ୍ତେ ଯୋଗାଯୋଗ କରିଥିଲେ। ଖବରପାଇ ଓଡ଼ିଶା-ମୋ ପରିବାରର ଯୁଗ୍ମ ସମ୍ପାଦକ ରୁଦ୍ର ନାରାୟଣ ସାମନ୍ତରାୟ ତୁରନ୍ତ ପଦକ୍ଷେପ ନେଇ ଶେଷକୃତ୍ୟ ସମ୍ପନ୍ନ ପାଇଁ ସମସ୍ତ ପ୍ରସ୍ତୁତି କରିଥିଲେ। ଏହିସବୁ ପ୍ରସ୍ତୁତି କାର୍ଯ୍ୟ ମଧ୍ୟରେ ଅଞ୍ଚଳବାସୀ ରାତି ପ୍ରାୟ ୧୦ଟାବେଳେ ତାଙ୍କ ପୁଅ ଓ ବୋହୂଙ୍କୁ ଠାବ କରି ଘଟଣା ସମ୍ପର୍କରେ ଜଣାଇଥିଲେ। ଜୟ ଓଡ଼ିଶାର 'ଶେଷସାଥୀ' ଯାନ ସହାୟତାରେ ରାତି ପ୍ରାୟ ୧ଟାରେ ସ୍ୱର୍ଗତା ରଞ୍ଜନାଙ୍କ ମୃତଦେହକୁ ଶ୍ମଶାନକୁ ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

# କଣାସରୁ ମିଳିଲା ପ୍ରାଚୀନ ହାତୀ ମୂର୍ତ୍ତି

- ସନ୍ଧାନ କଲା ଇନ୍‌ଟାକ ଟିମ୍
- ମୌର୍ଯ୍ୟ ଶାସନ ସମୟର ବୋଲି ଅନୁମାନ

**ଭୁବନେଶ୍ୱର(ବ୍ୟୁରୋ)/କଣାସ,୧୬।୫(ସ୍ୱ.ପ୍ର.)**



ପୁରୀ ଜିଲା କଣାସ ବ୍ଲକ ଅନ୍ତର୍ଗତ ଗଡ଼ବଳଭଦ୍ରପୁର ଗ୍ରାମରୁ ମିଳିଛି ଏକ ପ୍ରାଚୀନ ହାତୀ ମୂର୍ତ୍ତି। ଐତିହ୍ୟ ଗବେଷଣା ସଂସ୍ଥା ଇଣ୍ଡିଆନ ନ୍ୟାଶନାଲ ଟ୍ରଷ୍ଟ ଫର୍ ଆର୍ଟ ଆଣ୍ଡ କଲଚରାଲ ହେରିଟେଜ (ଇନ୍‌ଟାକ)ର ପ୍ରତ୍ନତାତ୍ତ୍ୱିକ-ଐତିହ୍ୟ ସନ୍ଧାନକାରୀ ଦଳ ଏହି ପୁରାତନ ହାତୀ ମୂର୍ତ୍ତିକୁ ସନ୍ଧାନ କରିଛନ୍ତି। ଇନ୍‌ଟାକ ଓଡ଼ିଶା ଶାଖାର ଆବାହକ ଅମିୟ ଭୂଷଣ ତ୍ରିପାଠୀଙ୍କ ନେତୃତ୍ୱରେ ଏହି ଅନୁସନ୍ଧାନକାରୀ ଦଳରେ ଅନିଲ ଧୀର, ସଞ୍ଜୀବ ହୋତା, ଦୀପକ କୁମାର ନାୟକ ଓ ଡ. ବିଶ୍ୱଜିତ ମହାନ୍ତି ପ୍ରମୁଖ ସାମିଲ ଥିଲେ।

ଏ ସମ୍ପର୍କରେ ଐତିହାସିକ ଅନିଲ ଧୀର କହିଛନ୍ତି, ଗୋଟିଏ ମାତ୍ର ପଥର ଖଣ୍ଡକୁ କଟାଯାଇ ଏପରି ହାତୀର ମୂର୍ତ୍ତି ଗଠନ ଅତି ବିରଳ ଓ ଏହା ବୌଦ୍ଧ ଧର୍ମ ସହ ସମ୍ପୃକ୍ତ ଥିବା ଅନୁମାନ କରାଯାଉଛି। ଓଡ଼ିଶାରେ ଯାଜପୁରର କାଇମା, କେନ୍ଦୁଝରର ସିତାବିଞ୍ଜି ତଥା ଭୁବନେଶ୍ୱରର ଧଉଳି ଆଦି ସ୍ଥାନରେ ଏପରି ହାତୀ ମୂର୍ତ୍ତି ଦେଖାଯାଏ। ଏହି ସ୍ଥାନଟିରେ ହାତୀ ମୂର୍ତ୍ତି ବ୍ୟତୀତ ପ୍ରାଚୀନ ପ୍ରସ୍ତର ଖମ୍ବ, ଅନେକ ପୁରାତନ ପ୍ରସ୍ତର ଖଣ୍ଡ ପଡ଼ିଛି। ଏହା ସୂଚାଉଛି ଏହି ସ୍ଥାନର ମାଟି ତଳେ ଅନେକ କୀର୍ତ୍ତିରାଜି ପୋତି ରହିଛି। ପ୍ରାଥମିକ ଭାବେ ଏହି ହାତୀ ମୂର୍ତ୍ତିର ଗଠନ ପ୍ରାୟ ୨୨୦୦/୨୩୦୦ ବର୍ଷ ତଳର ଅର୍ଥାତ ମୌର୍ଯ୍ୟ ଶାସନ ସମୟର ହୋଇପାରେ ବୋଲି ଧୀର କହିଛନ୍ତି। ଇନ୍‌ଟାକ ସଦସ୍ୟ ଦୀପକ କୁମାର ନାୟକଙ୍କ ମତରେ ହାତୀ ବୁଦ୍ଧଙ୍କ ପ୍ରମୁଖ ସଙ୍କେତ। ବୌଦ୍ଧପୁରାଣ ଓ ବୌଦ୍ଧଜାତକ କଥା ଅନୁସାରେ ବୁଦ୍ଧଙ୍କ ପୂର୍ବବର୍ତ୍ତୀ ଜନ୍ମ ସବୁରେ ଏକାଧିକଥର ହାତୀ ରୂପେ ଜନ୍ମ କରିଛନ୍ତି। ତେଣୁ ବୌଦ୍ଧଧର୍ମରେ ହାତୀକୁ ପବିତ୍ର ମାନନ୍ତି। ଦୟାନଦୀର ଅବବାହିକାରେ ପୂର୍ବରୁ ଅନେକ ବୌଦ୍ଧ କୀର୍ତ୍ତିରାଜିର ସନ୍ଧାନ ମିଳିଛି। ଏପରିକି ଗଡ଼ବଳଭଦ୍ରପୁର ଗ୍ରାମର ଆଖପାଖ ଅଞ୍ଚଳରେ ମଧ୍ୟ ଅନେକ ବୌଦ୍ଧ ମୂର୍ତ୍ତି, ମାନସିକ ସ୍ତୁପ ସବୁ ବିକ୍ଷିପ୍ତ ଭାବେ ଦେଖିବାକୁ ମିଳେ। ଗଡ଼ବଳଭଦ୍ରପୁର ଗଡଟି ଖୋର୍ଦ୍ଧାର ଭୋଇବଂଶୀୟ ରାଜାମାନଙ୍କ ଦ୍ୱାରା ସ୍ଥାପିତ ହୋଇଥିଲେ ମଧ୍ୟ ଏଠାରେ ଏହି ହାତୀ ମୂର୍ତ୍ତି ଓ ବୌଦ୍ଧ ପ୍ରତ୍ନତାତ୍ତ୍ୱିକ ଅବଶେଷ ବହୁ ପୂର୍ବକାଳରୁ ଉପସ୍ଥିତ ରହିଆସିଛି ବୋଲି ଅନୁମାନ। ସ୍ଥାନଟିର ପ୍ରତ୍ନତାତ୍ତ୍ୱିକ ଖନନ କରାଗଲେ ଅନେକ ଲୁକ୍କାୟିତ କୀର୍ତ୍ତିରାଜି ପଦାକୁ ଆସିବ। ଇନ୍‌ଟାକ ଆବାହକ ଅମିୟ ଭୂଷଣ ତ୍ରିପାଠୀ କୁହନ୍ତି, ଏହି ସ୍ଥାନରେ ସନ୍ଧାନ ହୋଇଥିବା ହାତୀ ମୂର୍ତ୍ତି ସମ୍ପର୍କରେ ତଥ୍ୟ କୋଣସି ଐତିହାସିକ ଦସ୍ତାବିଜରୁ ମିଳିନି। ତେଣୁ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ଏହାର ପ୍ରକୃତ ଇତିହାସ ଓ ଠିକ୍ ଗଠନ ସମୟ ନିର୍ଦ୍ଧାରଣ ପାଇଁ ବିଶେଷଜ୍ଞ ଦଳକୁ ଏଠାକୁ ପଠାଇବା ଆବଶ୍ୟକ। ଏହାବ୍ୟତୀତ ଏଠାରେ ଏକ ସଂଗ୍ରହାଳୟ ନିର୍ମାଣ କରି ହାତୀ ମୂର୍ତ୍ତି, ଏହି ପୁରାତନ ଖମ୍ବ ତଥା ଆଖପାଖ ଅଞ୍ଚଳରୁ ମିଳୁଥିବା ଅନ୍ୟ ପ୍ରତ୍ନତାତ୍ତ୍ୱିକ ଅବଶେଷ ସବୁକୁ ଏକତ୍ର ରଖିବା ଉଚିତ। ଏ ସମ୍ପର୍କରେ ଖୁବ୍‌ଶୀଘ୍ର ଇନ୍‌ଟାକ ତରଫରୁ ସରକାରଙ୍କୁ ଅବଗତ କରାଯିବ।



ମର୍ଦ୍ଦଳା ଏକାଡେମୀ ଓ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପକ୍ଷରୁ ଉତ୍କଳ ରଙ୍ଗମଞ୍ଚଠାରେ ଗୁରୁ ବନମାଳୀ ମହାରଣାଙ୍କ ୮୨ତମ ସ୍ୱନକ୍ଷତ୍ର ମହୋତ୍ସବ ପାଳନ ଅବସରରେ ଯୋଗଦେଇଥିବା ଅତିଥିଙ୍କ ସହ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱ।

## ଦାବି ପୂରଣ ନେଇ ପ୍ରତିଶ୍ରୁତି ଦେଲେ ମୁଖ୍ୟ ଶାସନ ସଚିବ

- ଆନ୍ଦୋଳନରୁ ଓହରିଲା କନିଷ୍ଠ ଶିକ୍ଷକ ସଂଘ

**ଭୁବନେଶ୍ୱର,୧୬।୫(ବ୍ୟୁରୋ)**

ସ୍ଥାୟୀ ନିଯୁକ୍ତି ଦାବି ନେଇ ସୋମବାର ଲୋୟର ପିଏମ୍‌ଜିରେ ଆନ୍ଦୋଳନକୁ ଓହ୍ଲାଇଥିଲେ କନିଷ୍ଠ ଶିକ୍ଷୟିତ୍ରୀଶିକ୍ଷକ। ମଙ୍ଗଳବାର ମୁଖ୍ୟ ଶାସନ ସଚିବଙ୍କ ସହ ଶିକ୍ଷକଙ୍କ ଏକ ପ୍ରତିନିଧି ଦଳ ଆଲୋଚନା କରିଥିଲେ। ଉପନିର୍ବାଚନ ଥିବାରୁ ଶିକ୍ଷୟିତ୍ରୀଶିକ୍ଷକଙ୍କ ନିଯୁକ୍ତି ନିୟମିତ କରାଯାଇପାରି ନ ଥିଲା। ଖୁବଶୀଘ୍ର ଶିକ୍ଷକଙ୍କ ଦାବି ପୂରଣ ହେବ ବୋଲି ମୁଖ୍ୟ ଶାସନ ସଚିବ ପ୍ରତିଶ୍ରୁତି ଦେବାପରେ ଓଡ଼ିଶା କନିଷ୍ଠ ଶିକ୍ଷକ ସଂଘ ଆନ୍ଦୋଳନକୁ ସ୍ଥଗିତ ରଖିଛି। ଯଦି ରାଜ୍ୟ ସରକାର ତାଙ୍କ ପ୍ରତିଶ୍ରୁତି ନ ରଖନ୍ତି, ତେବେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର କରାଯିବ ବୋଲି ସଂଘ ସଭାପତି ଅକ୍ଷୟ କୁମାର ପାଢ଼ୀ କହିଛନ୍ତି। ସୂଚନା ଥାଉକି, ୨୦୨୨ ଅକ୍ଟୋବର ୧୫ରେ ରାଜ୍ୟରୁ ଚୁକ୍ତିଭିତ୍ତିକ ନିଯୁକ୍ତି ପ୍ରଥା ଉଚ୍ଛେଦ ନେଇ ଘୋଷଣା କରାଯାଇଥିଲା। ତେବେ ଏହା ପୂର୍ବରୁ ଚୁକ୍ତିଭିତ୍ତିକଙ୍କ ସହ କନିଷ୍ଠ ଶିକ୍ଷକମାନେ ନିୟମିତ ହେବେ ବୋଲି ପ୍ରତିଶ୍ରୁତି ମିଳିଥିଲେ ମଧ୍ୟ କନିଷ୍ଠ ଶିକ୍ଷକଙ୍କୁ ଏପର୍ଯ୍ୟନ୍ତ ସ୍ଥାୟୀ ନିଯୁକ୍ତି ମିଳିନାହିଁ। ଏହାର ପ୍ରତିବାଦରେ ହଜାର ହଜାର ସଂଖ୍ୟାରେ ଶିକ୍ଷୟିତ୍ରୀଶିକ୍ଷକ ଆନ୍ଦୋଳନକୁ ଓହ୍ଲାଇଥିଲେ। ଆନ୍ଦୋଳନକାରୀ ଶିକ୍ଷୟିତ୍ରୀଶିକ୍ଷକଙ୍କ ନିଯୁକ୍ତି ନିୟମିତ କରିବା ସହ ଚୁକ୍ତିଭିତ୍ତିକ ଅବଧି କାର୍ଯ୍ୟକୁ ମୂଳ ଚାକିରିରେ ଯୋଗ କରିବା ସେମାନଙ୍କର ଦାବି ରହିଥିବା ଶିକ୍ଷକ ତଥା ସଂଘର ଉପଦେଷ୍ଟା ଶ୍ରୀକାନ୍ତ ବାରିକ, ସମ୍ପାଦକ ସୌମ୍ୟରଞ୍ଜନ ପ୍ରଧାନ, ମହାସଚିବ ଆଦିତ୍ୟ ନାରାୟଣ ସାହୁ କହିଛନ୍ତି।

## ଧରଣୀଧରଙ୍କ ସମର୍ପିତ ସେବା ଯୁବପିଢ଼ିଙ୍କୁ ମାର୍ଗଦର୍ଶନ କରିବ

**ଭୁବନେଶ୍ୱର,୧୬।୫(ବ୍ୟୁରୋ)**

କେନ୍ଦୁଝର ପ୍ରଜାମେଳି ନେତା ବିପ୍ଳବୀ ଧରଣୀଧର ନାଏକ(ଭୂୟାଁ)ଙ୍କ ୭୯ତମ ଶ୍ରାଦ୍ଧୋତ୍ସବ ଅବସରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ମଙ୍ଗଳବାର ଜୟଦେବ ବିହାର ନିକଟସ୍ଥ ତାଙ୍କ ପ୍ରତିମୂର୍ତ୍ତିସ୍ଥଳୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ବିଭାଗୀୟ ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମରେ ବିଧାୟକ ପ୍ରଫୁଲ୍ଲ ସାମଲ, ଅଖିଳ ଭାରତୀୟ ଭୂୟାଁ ସମାଜର କର୍ମକର୍ତ୍ତା ବିଜୟ ନାଏକ, ମାନସୀ ନାଏକ, ନୀଳମଣି ମାଝୀ, ପ୍ରବୀର ମହାନ୍ତି, ଗିରିଜା ଶଙ୍କର ମହାପାତ୍ର, ଜୟ ଓଡ଼ିଶା ଅଧ୍ୟକ୍ଷ ରୁଦ୍ରନାରାୟଣ ସାମନ୍ତରାୟ, ଅଧ୍ୟାପକ ଡ. ରଙ୍ଗାଧର ସାହୁ, ରମେଶ ଚନ୍ଦ୍ର ପାତାଳସିଂହ, କର୍ପୋରେଟର ଜୟନ୍ତୀ ସାହୁ, ସାମାଜିକ କର୍ମୀ ସନାତନ ବେହେରା, କବିୟତ୍ରୀ ଅନ୍ନଦା ମିଶ୍ର, କେନ୍ଦୁଝର ବିକାଶ ପରିଷଦ କର୍ମକର୍ତ୍ତା ପ୍ରମୁଖ ଯୋଗଦେଇଥିଲେ। ମାନବିକ ଅଧିକାର ସୁରକ୍ଷା ସହ ବେଠି ବେଗାରୀ, ରାଜ ଅତ୍ୟାଚାର କବଳରୁ ପ୍ରଜାଙ୍କ ସୁରକ୍ଷା ପାଇଁ ଧରଣୀଧରଙ୍କ ତ୍ୟାଗ ଅତୁଳନୀୟ ବୋଲି ଉପସ୍ଥିତ ବ୍ୟକ୍ତିମାନେ ପ୍ରକାଶ କରିଥିଲେ। ସେ ଅକଥନୀୟ ଅତ୍ୟାଚାର ସହିବା ସହ ନିଜ ଜନ୍ମମାଟି କେନ୍ଦୁଝର ପାଇଁ ସେବା କରି ଆସୁଥିଲେ। ଶେଷ ଜୀବନରେ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ମାର୍ଗଦର୍ଶନ ପ୍ରଦାନ କରିବା ସହ ଶ୍ରୀକ୍ଷେତ୍ର ପୁରୀରେ ସନ୍ନ୍ୟାସୀ ଜୀବନଯାପନ କଲେ। ପରବର୍ତ୍ତୀ ଅବସ୍ଥାରେ ଆଳିରେ ଅବସ୍ଥାନ କରି ଜୈବିକ କୃଷି ଏବଂ ପ୍ରାକୃତିକ ଚିକିତ୍ସା ସମ୍ପର୍କରେ ଜନସାଧାରଣଙ୍କୁ ମାର୍ଗଦର୍ଶନ ପ୍ରଦାନ କରିଥିଲେ। ତାଙ୍କ ତ୍ୟାଗ ଓ ସମର୍ପିତ ସେବା ଯୁବପିଢ଼ିକୁ ମାର୍ଗଦର୍ଶନ ପ୍ରଦାନ କରିବା ନେଇ ଅତିଥିମାନେ ବ୍ୟକ୍ତ କରିଥିଲେ।



ବିପ୍ଳବୀ ଧରଣୀଧର ନାଏକଙ୍କ ପ୍ରତିମୂର୍ତ୍ତିସ୍ଥଳୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

## ରାଜ୍ୟ ଏଲିମେଣ୍ଟାରି ଟିଜି ଶିକ୍ଷକ ସଂଘର ବୈଠକ

**ଭୁବନେଶ୍ୱର,୧୬।୫(ବ୍ୟୁରୋ)**

**୨୦୧୯ କ୍ୟାଡର ରୁଲ୍ ସଂଶୋଧନ ଦାବି**

ନିଖିଳ ଉତ୍କଳ ଏଲିମେଣ୍ଟାରୀ ଟ୍ରେଣ୍ଡ ଗ୍ରାଜୁଏଟ୍ ଶିକ୍ଷକ ସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ଲକ୍ଷ୍ମଣ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ସ୍ଥାନୀୟ ଗୋଦାବରୀଶ ସାହିତ୍ୟ ସଂସଦଠାରେ ଅନୁଷ୍ଠିତ ଏହି ବୈଠକରେ ତୁରନ୍ତ ରାଜ୍ୟର ସମସ୍ତ ଯୋଗ୍ୟ ଶିକ୍ଷକଙ୍କୁ ପଦୋନ୍ନତି କରିବା ପାଇଁ ରାଜ୍ୟ ସଂଘ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରାଯିବା ନେଇ ଆଲୋଚନା ହୋଇଥିଲା। ୨୦୧୯ରେ ଏକ ତ୍ରୁଟିପୂର୍ଣ୍ଣ କ୍ୟାଡର ରୁଲ୍ ପ୍ରଚଳନ କରି ପ୍ରାଥମିକ ଶିକ୍ଷକମାନଙ୍କର ଭବିଷ୍ୟତକୁ ଅନ୍ଧକାର ମଧ୍ୟରୁ ଠେଲିଦେଇଥିବା ଶିକ୍ଷକମାନେ କହିଥିଲେ। ତୁରନ୍ତ ସରକାର ୨୦୧୯ କ୍ୟାଡର ରୁଲ୍‌କୁ ସଂଶୋଧନ କରି ଶିକ୍ଷକଙ୍କ ସ୍ୱାର୍ଥରେ ଏକ କ୍ୟାଡର ପ୍ରଚଳନ ପାଇଁ ସରକାରଙ୍କୁ ଅନୁରୋଧ କରାଯାଇଥିଲା। ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ସମସ୍ତ ବିଏଡ୍ ଡିଗ୍ରୀଧାରୀ ଶିକ୍ଷକମାନଙ୍କୁ ୪୨୦୦ଟଙ୍କା ଗ୍ରେଡ୍ ପେ' ଆଧାରରେ ଦରମା ପ୍ରଦାନ କରାଯିବା, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀମାନଙ୍କ ଦରମା ସଂଶୋଧନ କରାଯାଇ ୪୬୦୦ ଟଙ୍କା ଗ୍ରେଡ୍ ପେ' ହାରରେ ଦିଆଯାଇ ସେମାନଙ୍କ ଦରମା ସଂଶୋଧନ କରାଯିବା, ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ କାର୍ଯ୍ୟରତ ଶିକ୍ଷୟିତ୍ରୀଶିକ୍ଷକ ଓ ଦମ୍ପତିମାନଙ୍କ ଆନ୍ତଃ ଜିଲା ବଦଳି ନୀତିକୁ ସରଳୀକରଣ କରିବା, ବିଏଡ୍ ଓ ସିଟି ଶିକ୍ଷକମାନଙ୍କ ପାଇଁ ପୃଥକ କ୍ୟାଡର ପ୍ରଚଳନ କରି ସେମାନଙ୍କୁ ପଦୋନ୍ନତି ତାଲିକାରେ ସ୍ଥାନିତ କରିବା ଓ ବିଏଡ୍ ଶିକ୍ଷକମାନଙ୍କୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ପଦବୀରେ ଅବସ୍ଥାପିତ କରିବାକୁ ସରକାରଙ୍କୁ ଅନୁରୋଧ କରାଯାଇଥିଲା। ସଂଘକୁ ଆଗାମୀ ଦିନରେ ସାରା ଓଡ଼ିଶାର ୩୧୪ ବ୍ଲକରେ ସକ୍ରିୟ ତଥା ପୁନର୍ଗଠନ କରାଯାଇ ରାଜ୍ୟ ସରକାରଙ୍କ ନିକଟରୁ ଶିକ୍ଷକମାନଙ୍କ ନ୍ୟାର୍ଯ୍ୟ ଦାବି ହାସଲ କରିବା ପାଇଁ ସଂଘ ପ୍ରତିଶ୍ରୁତିବଦ୍ଧ ବୋଲି ବୈଠକରେ ରାଜ୍ୟ ସଂଘର ସାଧାରଣ ବୈଠକ ମୁରଲୀଧର ନାୟକ, ଉପସଭାପତି ସଚିକାନ୍ତ ମିଶ୍ର, ସର୍ବେଶ୍ୱର ମଲ୍ଲିକ, ଜାକିର୍ ହୁସେନ୍, ସମ୍ପାଦକ ସନ୍ତୋଷ କୁମାର ମିଶ୍ର, ବଳରାମ ପତି, ସତ୍ୟବ୍ରତ ରାଉତ, ନିରଞ୍ଜନ ପଣ୍ଡା, ଅକ୍ଷୟ ମିଶ୍ର, କମଳାକାନ୍ତ ଦାସ, ଅଞ୍ଜନ ରାଉତରାୟ ପ୍ରମୁଖ ଯୋଗଦେଇ ପ୍ରାଥମିକ ଶିକ୍ଷକମାନଙ୍କ ପ୍ରତି ସରକାରଙ୍କ ଏଭଳି କଠୋର ମନୋବୃତ୍ତିର ଦୃଢ଼ ନିନ୍ଦା କରିବା ସହ ଆଗାମୀ ଦିନରେ ଟିଜି ଶିକ୍ଷକମାନେ ଏହାର ଦୃଢ଼ ପ୍ରତିବାଦ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ଟ୍ରାନ୍ସଫର୍ମର ପାଇଁ ବିଏମ୍‌ସି ଘେରିଲେ ବସ୍ତିବାସିନ୍ଦା

**ଭୁବନେଶ୍ୱର, ୧୬।୫ (ବ୍ୟୁରୋ)**

ସ୍ମାର୍ଟସିଟି ଭୁବନେଶ୍ୱରରେ ଥିବା ବସ୍ତିଗୁଡ଼ିକର ଉନ୍ନତୀକରଣ ତଥା ବସ୍ତିବାସୀଙ୍କୁ ବିଭିନ୍ନ ଯୋଜନା ଅଧୀନରେ ଥଇଥାନ ନିମନ୍ତେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଓ ଭୁବନେଶ୍ୱର ମହାନଗର ନିଗମ (ବିଏମସି) ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଉଛି। ଏହି ପରିପ୍ରେକ୍ଷୀରେ ରାଜୀବ ଆବାସ ଯୋଜନା (ଇନ୍-ସିଟୁ ରିଡେଭଲପ୍‌ମେଣ୍ଟ) ଅଧୀନରେ ମଣ୍ଡପ ବସ୍ତିରେ ୪୦୦ ୟୁନିଟ୍ ବିଶିଷ୍ଟ ବିଲ୍ଡିଂ ନିର୍ମାଣ କାର୍ଯ୍ୟ ଚାଲିଛି। ଏଥିମଧ୍ୟରୁ ନିର୍ମାଣ ସରିଥିବା ୧୬୦ଟି ଘରେ ଲୋକେ ବସବାସ କରୁଥିବାବେଳେ ସେମାନଙ୍କୁ ବିଏମ୍‌ସି ପକ୍ଷରୁ ବିଦ୍ୟୁତ୍ ଏବଂ ପାଣିର ସଂଯୋଗ ଦିଆଯାଇ ନ ଥିବା ଅଭିଯୋଗ ହୋଇଛି। ଏନେଇ ମଙ୍ଗଳବାର ମଣ୍ଡପ ବସ୍ତିର ପ୍ରାୟ ୪୦ଜଣ ବାସିନ୍ଦା ବିଏମ୍‌ସି କାର୍ଯ୍ୟାଳୟ ଘେରାଉ କରିବା ସହ ଅଧିକାରୀଙ୍କ ନିକଟରେ ନିଜର ଅଭିଯୋଗ ରଖିଥିଲେ। ସେଠାରେ ରହୁଥିବା ୧୫୩ ପରିବାର ବ୍ୟବହାର କରୁଥିବା ବିଦ୍ୟୁତ୍ ପାଇଁ ଗୋଟିଏ ମିଟର ବସିଛି। ମାସ ଶେଷକୁ ଯେତିକି ବିଦ୍ୟୁତ୍ ବିଲ୍ ଆସୁଛି ତାହା ୟୁନିଟ୍ ପିଛା ୮ରୁ ୯ଟଙ୍କା ପଡ଼ୁଛି। ତେଣୁ ବିଏମ୍‌ସି ପକ୍ଷରୁ ତୁରନ୍ତ ସେଠାରେ ଟ୍ରାନ୍ସଫର୍ମର ବସାଇବା ପାଇଁ ଦାବି କରାଯାଇଥିଲା। ବିଭାଗୀୟ ଅଧିକାରୀ ଆସନ୍ତା ୧ ମାସ ମଧ୍ୟରେ ଏନେଇ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେବା ପରେ ବସ୍ତିବାସିନ୍ଦା ସେଠାରୁ ଫେରିଥିଲେ।

ଏ ସମ୍ପର୍କରେ ବିଏମ୍‌ସି ଡେପୁଟି କମିଶନର ରମେଶ ଜେନା କହିଛନ୍ତି, ମଣ୍ଡପବସ୍ତି ଅଞ୍ଚଳର ବାସିନ୍ଦାଙ୍କ ପାଇଁ ପୂର୍ବରୁ ଗୋଟିଏ ଟ୍ରାନ୍ସଫମର ବସାଯାଇଥିଲା। ମାତ୍ର ସେଠାରେ ବାସ କରୁଥିବା ବସ୍ତିବାସିନ୍ଦାମାନେ ସେତେବେଳେ ବିଦ୍ୟୁତ ସଂଯୋଗ ନେବା ପାଇଁ ଆଗ୍ରହ ପ୍ରକାଶ କରି ନ ଥିଲେ। ଫଳରେ ଟ୍ରାନ୍ସଫର୍ମର ଚାର୍ଜ କରାଗଲା ନାହିଁ। ଟ୍ରାନ୍ସଫର୍ମରଟି ପଡ଼ିରହି ଖରାପ ହୋଇଯିବାରୁ ତାହାକୁ କାଢ଼ିଦିଆଯାଇଛି। ପୁଣି ବସ୍ତିବାସିନ୍ଦାମାନେ ଗୋଟିଏ ମିଟରରେ ବିଦ୍ୟୁତ୍ ସଂଯୋଗ କରୁଥିବାରୁ ସେମାନଙ୍କୁ ଅଧିକ ବିଲ୍ ଦେବାକୁ ପଡୁଛି। ସରକାରଙ୍କ ବିଦ୍ୟୁତ୍ ସ୍ଲାବ୍ ଅନୁଯାୟୀ ସେମାନଙ୍କୁ ୟୁନିଟ୍ ପିଛା ଅଧିକ ଦର ପଡି ଯାଉଛି। ତେବେ ଖୁବ୍‌ଶୀଘ୍ର ଏ ନେଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ଅପରପକ୍ଷେ ନିର୍ମାଣାଧୀନ ମଣ୍ଡପ ବସ୍ତି ଶେଷ ହେବାପାଇଁ ଆଉ ୬ମାସ ସମୟ ଲାଗିବ ବୋଲି ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ବିଲ୍ଡିଂରେ ମୋଟ୍ ୫ଟି ବ୍ଲକ୍ ରହିଛି। ବର୍ତ୍ତମାନ ସୁଦ୍ଧା ବ୍ଲକ୍-୪ ଓ ବ୍ଲକ୍-୫ର ନିର୍ମାଣ କାର୍ଯ୍ୟ ଶେଷ ହୋଇଥିବାବେଳେ ବ୍ଲକ୍-୧, ବ୍ଲକ୍-୨, ବ୍ଲକ-୩ର କାର୍ଯ୍ୟ ନିର୍ମାଣାଧୀନ ରହିଛି।

## ଅଜଣା ଗାଡ଼ି ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ

**କ୍ଷତିପୂରଣ ଦାବିରେ ଗ୍ରାମବାସୀଙ୍କ ରାସ୍ତାରୋକୋ**

**ବାରଙ୍ଗ,୧୬।୫(ଡି.ଏନ୍.ଏ.)**

ବାରଙ୍ଗ ଥାନା ଅଧୀନ କୁହ୍ନେଇପଡା ଆଦିମାତା ଠାକୁରାଣୀ ପାଖରେ ମଙ୍ଗଳବାର ରାତିରେ ଏକ ଅଜଣା ଗାଡି ଧକ୍କାରେ ଜଣେ ବୃଦ୍ଧଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଥାନା ଅଧୀନ ଫକିରପଡା ଗାଁ ଭୋଇସାହିର ବିକଳ ଭୋଇ(୬୦)। ବିକଳ ଘରୁ ସାଇକେଲ ଯୋଗେ ରାତି ୮ଟା ସୁଦ୍ଧା ତ୍ରିଶୁଳିଆ ଛକକୁ ଆସୁଥିବାବେଳେ କୁହ୍ନେଇପଡା ଗାଁମୁଣ୍ଡ ଆଦିମାତା ଠାକୁରାଣି ପାଖରେ ଏକ ଅଜଣା ଗାଡି ତାଙ୍କୁ ପଛପଟରୁ ଧକ୍କାଦେଇ ପଳାଇଥିଲା। ଫଳରେ ଘଟଣାସ୍ଥଳରେ ବିକଳଙ୍କର ମୃତ୍ୟୁ ଘଟିଥିଲା। ବିକଳଙ୍କର ମୃତ୍ୟୁ ହୋଇଥିବାର ଜଣାପଡିବା ପରେ ଫକିରପଡା ଗାଁରେ ଉତ୍ତେଜନା ଦେଖାଦେଇଥିଲା। ଉତ୍ତ୍ୟକ୍ତ ଗ୍ରାମବାସୀ ମୃତକ ପରିବାରଙ୍କୁ କ୍ଷତିପୂରଣ ଦେବା ପାଇଁ ଦାବି କରି ବାରଙ୍ଗ-ବାଙ୍କୀ ରାସ୍ତାକୁ ଅବରୋଧ କରିଥିଲେ। ଖବରପାଇ ବାରଙ୍ଗ ଥାନା ଅଧିକାରୀ ଆକାଶଚନ୍ଦ୍ର ରଣା ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲା। ବୁଝାଇବାର ପ୍ରାୟ ଅଧଘଣ୍ଟା ପରେ ରାସ୍ତାରୋକୋ ହଟିଥିଲା। ସରକାରୀ ନିୟମାନୁସାରେ କ୍ଷତିପୂରଣ ପ୍ରଦାନ ଦିଗରେ ପୂର୍ଣ୍ଣ ସହଯୋଗ କରିବାର ଥାନା ଅଧିକାରୀ ପ୍ରତିଶ୍ରୁତି ଦେବାସହ ପୋଲିସ ଗାଡିରେ ମୃତକଙ୍କୁ ବ୍ୟବଚ୍ଛେଦ ପାଇଁ ନେବା ପରେ ଲୋକେ ଶାନ୍ତ ହୋଇଥିଲେ।

## ସମସ୍ୟା ଜଣାଇଲେ ୫୭ନଂ. ୱାର୍ଡବାସୀ

**ଭୁବନେଶ୍ୱର, ୧୬।୫ (ବ୍ୟୁରୋ)**

ୱାର୍ଡ ନମ୍ବର ୫୭ରେ ମଙ୍ଗଳବାର 'ୱାର୍ଡରେ ଦିନେ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମେୟର ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ବଡ଼ଗଡ଼ ନେତାଜୀ ଯୁବକ ସଂଘ ପରିସରରେ ବୈଠକ ଅନୁଷ୍ଠିତ ହୋଇଥିଲା। ବରଗଡ଼ ବ୍ରିଟ୍ କଲୋନୀ, ପାଣ୍ଡବ ନଗର, ଇବି ଓ ଏଲ୍‌ବି କଲୋନୀ, ଭାସ୍କରେଶ୍ୱର ମନ୍ଦିର ଅଞ୍ଚଳ, ପାଣ୍ଡବ ଗୁମ୍ଫା, ତାରିଣୀ ବସ୍ତି, କଳିଙ୍ଗ ବସ୍ତି ଆଦି ଅଞ୍ଚଳରୁ ବହୁ ବରିଷ୍ଠ ନାଗରିକ, ସାମାଜିକ ସଂଗଠନ, ଏସ୍‌ଏଚ୍‌ଜିର କର୍ମକର୍ତ୍ତା ଯୋଗଦେଇ ସେମାନଙ୍କ ଅଞ୍ଚଳର ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ରାସ୍ତାରେ ମଇଁଷି ଯାତାୟାତ ଯୋଗୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଥିବା ନେଇ ପାଣ୍ଡବନଗରବାସୀ ଅଭିଯୋଗ କରିବା ସହ ବାକି ଥିବା ଡ୍ରେନ କାମ ନେଇ ପ୍ରସ୍ତାବ ଦିଆଯାଇଥିଲା। ଏଥିସହ ତାରିଣୀ ବସ୍ତି ରାସ୍ତାରେ ୱାଟ୍‌କୋର ଅଧାପନ୍ତରିଆ କାମକୁ



'ୱାର୍ଡରେ ଦିନେ' କାର୍ଯ୍ୟକ୍ରମରେ ମଞ୍ଚାସୀନ ମେୟର ସୁଲୋଚନା ଦାସ ଓ ଅନ୍ୟମାନେ।

**'ୱାର୍ଡରେ ଦିନେ' କାର୍ଯ୍ୟକ୍ରମ**

ତୁରନ୍ତ ସାରିବା, ପାଣ୍ଡବ ନଗରର ରୋଡ ନଂ.୩ରେ ରାସ୍ତା କାମ ମରାମତି, କଳ୍ପନା ଛକଠାରୁ ବଡ଼ଗଡ ରାସ୍ତା କାମ ଯଥାଶୀଘ୍ର ଆରମ୍ଭ କରିବା, ଭାସ୍କରେଶ୍ୱର ମନ୍ଦିର ଅଞ୍ଚଳରେ ଶିଶୁଙ୍କ ପାଇଁ ପାର୍କ ନିର୍ମାଣ, ରାସ୍ତାରୁ ଜବରଦଖଲ ଉଚ୍ଛେଦ, ବ୍ରିଟ୍ କଲୋନୀର ଗୋଟିଏ ଛୋଟ ବସ୍ତିକୁ ଜାଗା ମିଶନ ପରିସରଭୁକ୍ତ କରିବା, ଚାରିଛକରେ ଥିବା ମୋ ବସ୍ ଷ୍ଟପେଜରେ ଏକ ଶେଡ୍ ନିର୍ମାଣ କରିବା, ନେତାଜୀ କ୍ଲବ ପଛପାର୍ଶ୍ୱ ବାମ ରାସ୍ତାରେ ସ୍ୱେରେଜ ବ୍ୟବସ୍ଥା କରିବା, ୱାର୍ଡରେ ଥିବା ୪ଟି ମିଶନ ଶକ୍ତି ମହାସଂଘ ପାଇଁ ପ୍ରସ୍ତାବିତ ଗୃହ ନିର୍ମାଣ କରିବା, ମେଳଣ ପଡିଆ ଅଞ୍ଚଳର ଉନ୍ନତୀକରଣ ଆଦି ବିଭିନ୍ନ ଦାବି ଉପସ୍ଥାପନ କରାଯାଇଥିଲା। ବିଏମ୍‌ସି ପକ୍ଷରୁ ଆରମ୍ଭ ହୋଇଥିବା ଥ୍ରୀ ଆର୍ ଅଭିଯାନ ବା ରିଡ୍ୟୁସ୍, ରିୟୁଜ୍ ଓ ରିସାଇକେଲ ସମ୍ପର୍କରେ ମଧ୍ୟ ଉପସ୍ଥିତ ପ୍ରତିନିଧିମାନଙ୍କୁ ଅବଗତ କରାଯାଇଥିଲା। ଏଥିସହ ୧ବର୍ଷ ମଧ୍ୟରେ ହୋଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ତାଲିକା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ସ୍ଥାନୀୟ କର୍ପୋରେଟର ସନ୍ତୋଷ କୁମାର ସିଂହଙ୍କ ସହ ଜୋନାଲ ଡେପୁଟି କମିଶନର ପ୍ରିୟବ୍ରତ ପାଢ଼ୀ, ଡେପୁଟି କମିଶନର ସ୍ନେହଲତା ଆଚାର୍ଯ୍ୟ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ରାମେଶ୍ୱରୀ ଦାସ ପ୍ରମୁଖ ଯୋଗଦେଇ ଥିଲେ।

## ସଂକ୍ଷେପରେ

### ପୂର୍ଣ୍ଣଚନ୍ଦ୍ର ଭାଷାକୋଷ ପ୍ରଣେତା ଗୋପାଳ ପ୍ରହରାଜଙ୍କ ଶ୍ରାଦ୍ଧୋତ୍ସବ

**କଟକ ସଦର,୧୬।୫(ଡି.ଏନ୍.ଏ.):** ପୂର୍ଣ୍ଣଚନ୍ଦ୍ର ଭାଷାକୋଷର ପ୍ରଣେତା ଗୋପାଳ ଚନ୍ଦ୍ର ପ୍ରହରାଜଙ୍କ ଶ୍ରାଦ୍ଧୋତ୍ସବ ମଙ୍ଗଳବାର କଟକ ସଦର ବ୍ଲକ ଅନ୍ତର୍ଗତ ସିଦ୍ଧେଶ୍ୱରପୁରସ୍ଥିତ ଗୋପାଳ ସ୍ମୃତି ବିଦ୍ୟାପୀଠ ପରିସରରେ ପାଳିତ ହୋଇଯାଇଛି। ପ୍ରହରାଜ ପ୍ରତିଭା ପୂଜା ପରିଷଦ ସଭାପତି ପ୍ରତାପ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଓଡ଼ିଆ ଭାଷାକୁ ଦେଶରେ ପ୍ରଚାର ଓ ପ୍ରସାର କରିବା ଦିଗରେ ପ୍ରହରାଜଙ୍କ ଭୂମିକାକୁ ଅତିଥିମାନେ ପ୍ରଶଂସା କରିଥିଲେ। ଆଷାଢ଼ ସାହିତ୍ୟ ସଂସଦର ସମ୍ପାଦକ ତଥା କବି ପୀତାମ୍ବର ମହାପାତ୍ର, କବି ରମାକାନ୍ତ ନାୟକ, ବରିଷ୍ଠ ଶିକ୍ଷକ ନିକୁଞ୍ଜ କିଶୋର ପାଣିଗ୍ରାହୀ, ମମତାମୟୀ ବାରିକ, ପ୍ରମୋଦ କୁମାର ଦାସ ଯୋଗଦେଇ ପ୍ରହରାଜଙ୍କ ସାହିତ୍ୟ କୃତି ଉପରେ ଆଲୋଚନା କରିଥିଲେ। ବାସୁଦେବ ଦାଶ ଧନ୍ୟବାଦ ଦେଇଥିଲେ। ପ୍ରାରମ୍ଭରେ ବିଦ୍ୟାପୀଠ ପରିସରରେ ଥିବା ପ୍ରହରାଜଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ବ୍ୟକ୍ତିମାନେ ମାଲ୍ୟାର୍ପଣ କରିଥିଲେ।

### କ୍ଲବ୍ ଦି ସୁପ୍ରିମ୍‌ର କର୍ମକର୍ତ୍ତା ନିର୍ବାଚନ

**କଟକ ଅଫିସ,୧୬।୫:** କଟକ ବାରବାଟୀ ଷ୍ଟାଡିୟମ ପରିସରସ୍ଥ ଅଲିମ୍ପିକ ଆସୋସିଏଶନ ସଭାଗୃହରେ କ୍ଲବ ଦି ସୁପ୍ରିମ୍‌ର କର୍ମକର୍ତ୍ତା ନିର୍ବାଚନ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ କ୍ରୀଡ଼ା ସଙ୍ଗଠକ ଆଶୀର୍ବାଦ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନିର୍ବାଚନୀ ବୈଠକ ଆୟୋଜିତ ହୋଇଥିଲା। ପ୍ରାରମ୍ଭରେ ଦିବଂଗତ ସମ୍ପାଦକ ତଥା କ୍ଲବର ପ୍ରତିଷ୍ଠାତା ସୌରଭ ବେହେରାଙ୍କ ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରାଯାଇଥିଲା। ସଭାପତି ଭାବେ ଏନ୍.ବି. ଯାଦବ ଓ ସମ୍ପାଦକ ଭାବେ ଶଶୀକାନ୍ତ ମହାନ୍ତି ନିର୍ବାଚିତ ହୋଇଥିଲେ। ସେହିପରି ରାଜେନ୍ଦ୍ର ଖୁଣ୍ଟିଆ, ଅମରେଶ ପାତ୍ର, ସୁକାନ୍ତ ଧର, ସଂଗ୍ରାମ କେଶରୀ ନାୟକ, ଅଶୋକ କୁମାର ନାୟକ ଉପସଭାପତି, ବି. ବାବୁ କୋଷାଧକ୍ଷ, ଗୌତମ ଗଜପତି, ଶ୍ୱେତା ବେହେରା ଯୁଗ୍ମ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ସୀତାରାମ ମିଶ୍ର, ଆଶିଷ ରଞ୍ଜନ ବେହେରା, ସୁବ୍ରତ କୁମାର ଦାସ, ରାଜେନ୍ଦ୍ର କୁମାର ବେହେରା, ସଞ୍ଜୟ ପାତ୍ର, କରଭ ବେହେରା, ସିପନ କୁମାର ସ୍ୱାଇଁ କାର୍ଯ୍ୟନିର୍ବାହୀ କମିଟି ସଦସ୍ୟ ଭାବେ ନିର୍ବାଚିତ ହୋଇଥିଲେ।

### ଡ. ଗୌରହରି ଦାସ ପାଇବେ କଳିଙ୍ଗପ୍ରଭା ପୁରସ୍କାର

**କଟକ ଅଫିସ, ୧୬।୫:** ପାକ୍ଷିକ ଖବରକାଗଜ ଓ ସାହିତ୍ୟ ପତ୍ରିକା କଳିଙ୍ଗପ୍ରଭାର ସ୍ୱନକ୍ଷତ୍ର ଉତ୍ସବ ଆସନ୍ତା ୨୦ରେ କଟକ ଶ୍ରୀରାମଚନ୍ଦ୍ର ଭବନରେ ଅନୁଷ୍ଠିତ ହେବ। ଏଥିରେ ବିଶିଷ୍ଟ ସାହିତ୍ୟିକ, ଗାଳ୍ପିକ ତଥା ସ୍ତମ୍ଭକାର ଡ. ଗୌରହରି ଦାସଙ୍କୁ କଳିଙ୍ଗପ୍ରଭା ପୁରସ୍କାର ପ୍ରଦାନ କରାଯିବ। ଏଥିସହ ବରିଷ୍ଠ ସାମ୍ବାଦିକ ନିହାର ରଞ୍ଜନ ପଟ୍ଟନାୟକଙ୍କୁ ଡ. ରାଧାନାଥ ରଥ ସ୍ମାରକୀ ସମ୍ମାନ, ସାହିତ୍ୟିକ ପ୍ରଫେସର ଶ୍ରୀପ୍ରସାଦ ମହାନ୍ତିଙ୍କୁ କଳିଙ୍ଗପ୍ରଭା ସାରସ୍ୱତ ସମ୍ମାନ, ସାମାଜିକ କର୍ମୀ ପ୍ରସନ୍ନ କୁମାର ବେଉରାଙ୍କୁ କଳିଙ୍ଗପ୍ରଭା ସମାଜସେବୀ ସମ୍ମାନ, ଗବେଷକ ସଞ୍ଜୟ କୁମାର ବରାଳଙ୍କୁ ବିଚକ୍ଷଣା ସ୍ମୃତି ସମ୍ମାନ, ଡ. ଲୋପାମୁଦ୍ରା ପ୍ରିୟଦର୍ଶିନୀଙ୍କୁ ବିଦୂଷୀ ମହିଳା ସମ୍ମାନ ଏବଂ ଶିକ୍ଷାବିତ୍ ଗୋବିନ୍ଦ ପ୍ରସାଦ ରଥଙ୍କୁ କଳିଙ୍ଗପ୍ରଭା ଶିକ୍ଷାବିତ୍ ସମ୍ମାନ ପ୍ରଦାନ କରାଯିବ। ଏଥିସହ ଉକ୍ତ ଉତ୍ସବରେ କଳିଙ୍ଗପ୍ରଭାର ସ୍ୱତନ୍ତ୍ର ସଂଖ୍ୟା ଉନ୍ମୋଚନ ହେବ ବୋଲି ସମ୍ପାଦକ ପ୍ରଦୀପ୍ତ କୁମାର ପରିଡ଼ା ମଙ୍ଗଳବାର ଏକ ପ୍ରେସ୍ ବିବୃତିରେ ସୂଚନା ଦେଇଛନ୍ତି।

# ଦୁର୍ବଳ ନଦୀବନ୍ଧ ମରାମତି ପାଇଁ ପଦକ୍ଷେପ ନିଅ



ବୈଠକରେ ଏମ୍‌ପି, ମନ୍ତ୍ରୀ, ବିଧାୟକ ଓ ଜିଲାପାଳଙ୍କ ସହ ଅନ୍ୟମାନେ।

**କଟକ ଅଫିସ, ୧୬।୫**

**ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟି ବୈଠକ**

- ୫୩୬ ବିଦ୍ୟାଳୟ ବାତ୍ୟା ଆଶ୍ରୟସ୍ଥଳୀ ଭାବେ ବ୍ୟବହାର ହେବ
- ବର୍ଷାଋତୁ ପୂର୍ବରୁ ନାଳନର୍ଦ୍ଦମା ସଫେଇ ଶେଷ କର
- ସମ୍ଭାବ୍ୟ ମରୁଡି ମୁକାବିଲା ନିମନ୍ତେ ପରିଚାଳନା କମିଟି ଗଠନ କର

ପ୍ରାକୃତିକ ବିପର୍ଯ୍ୟୟର ସଫଳ ମୁକାବିଲା ନିମନ୍ତେ ଜିଲା ପ୍ରଶାସନ ପ୍ରସ୍ତୁତ ରହିବା ଆବଶ୍ୟକ। ଏଥିସହ ଦୁର୍ବଳ ନଦୀବନ୍ଧଗୁଡିକର ମରାମତି, ପାନୀୟ ଜଳଯୋଗାଣ, ରିଲିଫ ସାମଗ୍ରୀ, ଗୋଖାଦ୍ୟ ମହଜୁଦ ରଖିବା, ବିଦ୍ୟୁତ୍ ସରବରାହ, ସ୍ୱାସ୍ଥ୍ୟସେବା ଓ ପ୍ରାଣୀସମ୍ପଦ ସୁରକ୍ଷା ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଅଧିକାରୀମାନଙ୍କୁ କହିଛନ୍ତି।

ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟି ବୈଠକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମନ୍ତ୍ରୀ ସ୍ୱାଇଁ ଯୋଗଦେଇ କହିଥିଲେ, ପ୍ରାଣୀମାନଙ୍କ ଦ୍ୱାରା ବହୁ ଫସଲ ନଷ୍ଟ ହେଉଛି। ଏଣୁ ତହସିଲଦାରମାନେ ନଷ୍ଟ ହେଉଥିବା ଫସଲ ଆକଳନ କରନ୍ତୁ। ଏଥିସହ ହାତୀ ଆକ୍ରମଣ ଦ୍ୱାରା ଜୀବନହାନି ହେଉଥିବା ପରିବାର ନିକଟତମ ସମ୍ପର୍କୀୟଙ୍କୁ କ୍ଷତିପୂରଣ ଦେବା ପାଇଁ ଜଙ୍ଗଲ ବିଭାଗ ଏକ ରିପୋର୍ଟ ପ୍ରସ୍ତୁତ କରୁ। ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ପର୍କରେ ସମ୍ପୃକ୍ତ ଅଞ୍ଚଳର ବିଧାୟକଙ୍କୁ ଅବଗତ କରିବାକୁ ଜଙ୍ଗଲ ବିଭାଗ ଅଧିକାରୀଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟପକ୍ଷରେ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ୫୩୬ଟି ବିଦ୍ୟାଳୟକୁ ବାତ୍ୟା ଆଶ୍ରୟସ୍ଥଳୀ ଭାବେ ବ୍ୟବହାର କରାଯିବ। ମହାନଗର ନିଗମ, ପୌର ସଂସ୍ଥା ଓ ବିଜ୍ଞାପିତ ଅଞ୍ଚଳ ପରିଷଦଗୁଡିକ ବର୍ଷାଋତୁ ପୂର୍ବରୁ ନାଳନର୍ଦ୍ଦମାଗୁଡିକର ସଫେଇ କାର୍ଯ୍ୟ ଶେଷ କରିବାକୁ ସେ ପରାମର୍ଶ ଦେଇଥିଲେ। ଏଥିସହ ସମ୍ଭାବ୍ୟ ମରୁଡିର ମୁକାବିଲା ନିମନ୍ତେ ଏକ ପରିଚାଳନା କମିଟି ଗଠନ କରିବାକୁ ମନ୍ତ୍ରୀ ସ୍ୱାଇଁ ପରାମର୍ଶ ଦେଇଥିଲେ। ସେହିପରି ଏମ୍‌ପି ଭର୍ତ୍ତୃହରି ମହତାବ କହିଥିଲେ, ମହାନଦୀରେ ପ୍ଲାବିତ ଅଧିକ ବନ୍ୟାଜଳ ବାଙ୍କୀ ବାଟ ଦେଇ ନିଷ୍କାସିତ ହୋଇଥାଏ। ବ୍ୟାକ୍‌ୱାଟର ଯୋଗୁ ସେଠାରେ ଅପ୍ରାକୃତିକ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଛି। ଏହି ପରିପ୍ରେକ୍ଷୀରେ ନଦୀବନ୍ଧଗୁଡିକୁ ସୁଦୃଢ ଓ ସୁରକ୍ଷିତ ରଖିବା ନିହାତି ଆବଶ୍ୟକ। ଏଥିସହ ଗ୍ରୀଷ୍ମଦିନରେ ନଦୀବନ୍ଧରୁ ବୁଦାଗୁଡିକର ଅପସାରଣ ମଧ୍ୟ ଜରୁରୀ ବୋଲି ସେ କହିଥିଲେ। ଏହି ବୈଠକରେ ଜିଲା ପରିଷଦ ସଭାପତି କିଶୋର ଚନ୍ଦ୍ର ମିଶ୍ର, ସିଏମ୍‌ସି ମେୟର ସୁବାସ ସିଂ, ବିଧାୟକ ଚନ୍ଦ୍ରସାରଥୀ ବେହେରା, ମହମ୍ମଦ ମୋକିମ ଓ ଦେବୀରଞ୍ଜନ ତ୍ରିପାଠୀ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିଏମ୍‌ସି କମିଶନର ନିଖିଲ ପଓନ କଲ୍ୟାଣ, ଜିଲା ପରିଷଦ ନିର୍ବାହୀ ଅଧିକାରୀ ଅମ୍ବର କୁମାର କର, ଅତିରିକ୍ତ ଜିଲାପାଳ ପୂର୍ଣ୍ଣଚନ୍ଦ୍ର ମିଶ୍ର, ଅତିରିକ୍ତ ଜିଲାପାଳ ଶିବ ଟପୋ, ଏନ୍‌ଡିଆର୍‌ଏଫ୍ କମାଣ୍ଡର ଜୟଶଙ୍କର ସିଂହ, ପୋଲିସ ଅତିରିକ୍ତ ଉପଆୟୁକ୍ତ ଅନିଲ କୁମାର ମିଶ୍ର, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ସତ୍ୟବ୍ରତ ଛୋଟରାୟ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



କଟକ ମିଶନରୋଡ୍‌ସ୍ଥିତ ଭଞ୍ଜମଣ୍ଡପରେ କଳିଙ୍ଗ ଭାରତୀ କବି ସମ୍ରାଟ୍ ଉପେନ୍ଦ୍ର ଭଞ୍ଜ ଜୟନ୍ତୀ ସପ୍ତାହର ମଙ୍ଗଳବାର ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

## ଏମ୍‌ପି ବ୍ରିଜ୍‌ଭୂଷଣଙ୍କ ଗିରଫ ଦାବିରେ ବିକ୍ଷୋଭ

**ମଙ୍ଗୁଳି-ଜଗତପୁର,୧୬।୫(ଡି.ଏନ୍.ଏ.)**

ବିଭିନ୍ନ ପଦକ ଜିତି ଭାରତକୁ ଗୌରବାନ୍ୱିତ କରିଥିବା ମହିଳା କୁସ୍ତି ଯୋଦ୍ଧାମାନଙ୍କୁ ଯୌନ ଶୋଷଣ କରିଥିବା କୁସ୍ତି ସଂଘ ଅଧ୍ୟକ୍ଷ ତଥା ଭାଜପା ଏମ୍‌ପି ବ୍ରିଜ୍‌ଭୂଷଣ ଚରଣ ସିଂଙ୍କୁ ଗିରଫ ଦାବିରେ ସଂଯୁକ୍ତ କିଷାନ ମୋର୍ଚ୍ଚା ଟାଙ୍ଗୀ-ଚୌଦ୍ୱାର ଶାଖା ପକ୍ଷରୁ ବିକ୍ଷୋଭ ଓ ପ୍ରତିବାଦ ସଭା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଟାଙ୍ଗୀ-ଚୌଦ୍ୱାର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଆୟୋଜିତ ବିକ୍ଷୋଭରେ ନାରୀନେତ୍ରୀ ଜୟନ୍ତୀ ଗାଗରାଇ, ପୁଷ୍ପଲତା ସେନାପତି, କାଞ୍ଚନ ଦେହୁରୀ, ସୁରତୀ ଦଳେଇ, ସୀତା ମୁର୍ମୁ, କୃଷକ ସଭା କଟକ ଜିଲା ସମ୍ପାଦକ ଡମ୍ବରୁଧର ସାହୁ, କୃଷକ ନେତା ବିଷ୍ଣୁ ବେହେରା, ଶ୍ରମିକ ନେତା ପୀତାମ୍ବର ଲେଙ୍କା, ରଶ୍ମି ରଞ୍ଜନ ତ୍ରିପାଠୀ, ରମେଶ ବେହେରାଙ୍କ ସହ ଅନ୍ୟମାନେ ଯୋଗଦେଇ କେନ୍ଦ୍ର ସରକାରଙ୍କ ଜନବିରୋଧୀ ନୀତିର ଦୃଢ଼ ନିନ୍ଦା କରିଥିଲେ। ବ୍ରିଜ୍‌ଭୂଷଣଙ୍କ ଗିରଫ ଦାବି କରିବା ସହ ସର୍ବୋଚ୍ଚ ନ୍ୟାୟାଳୟର ଅବସରପ୍ରାପ୍ତ ବିଚାରପତିଙ୍କ ଦ୍ୱାରା ଉଚ୍ଚସ୍ତରୀୟ ତଦନ୍ତ ଭଳି ୪ଦଫା ଦାବି ସମ୍ବଳିତ ସ୍ମାରକପତ୍ର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ବିଡିଓ ଆଶୁତୋଷ ମିଶ୍ରଙ୍କୁ ପ୍ରଦାନ କରାଯାଇଥିଲା।

# ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲଦଣ୍ଡ

**କଟକ ଅଫିସ,୧୬।୫**

**ନାବାଳିକା ବଳାତ୍କାର ମାମଲା**

କଟକ ଜିଲା ଓଲଟପୁର ଥାନା ଅଞ୍ଚଳରେ ଘଟିଥିବା ନାବାଳିକା ବଳାତ୍କାର ମାମଲାର ରାୟ ମଙ୍ଗଳବାର ପ୍ରକାଶ ପାଇଛି। କଟକ ଅତିରିକ୍ତ ଜିଲା ଓ ଦୌରାଜଜ୍ ତଥା ପୋକ୍ସୋ କୋର୍ଟ ବିଚାରପତି ଅଶୋକ କୁମାର ପହି ତାଙ୍କ ରାୟରେ ଅଭିଯୁକ୍ତ ରାକେଶ କୁମାର ରାଉତ (୩୮)ଙ୍କୁ ୧୦ ବର୍ଷ ଜେଲଦଣ୍ଡ ଓ ୧୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅଭିଯୁକ୍ତଙ୍କୁ ଅଧିକ ୬ ମାସ ଜେଲଦଣ୍ଡ ଭୋଗିବାକୁ ପଡିବ ବୋଲି ରାୟରେ ଉଲ୍ଲେଖ କରାଯାଇଛି। ଅପରପକ୍ଷରେ କଟକ ଜିଲା ଆଇନସେବା ପ୍ରାଧିକରଣ ପୀଡିତାଙ୍କୁ ୪ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରିବାକୁ କୋର୍ଟ ଆଦେଶ ଦେଇଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ, ୨୦୧୩ ସେପ୍ଟେମ୍ବର ୧୫ରେ ଅଭିଯୁକ୍ତ ଜଣଙ୍କ ଜଣେ ୧୬ ବର୍ଷୀୟା ନାବାଳିକାକୁ ବଳାତ୍କାର କରିଥିଲେ। ଏନେଇ ନାବାଳିକାଙ୍କ ପରିବାର ଲୋକେ ଓଲଟପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୭୩/୨୦୧୩) ରୁଜୁ କରିଥିଲା। ଏଥିସହ ସେପ୍ଟେମ୍ବର ୧୯ରେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ୨୦୧୩ ନଭେମ୍ବର ୧୪ରେ ଅଭିଯୁକ୍ତଙ୍କ ବିରୋଧରେ କୋର୍ଟରେ ଚାର୍ଜଶିଟ୍ ଦାଖଲ କରିଥିଲା। ୨୦୧୩ ଡିସେମ୍ବର ୧୨ରେ ଅଭିଯୁକ୍ତଙ୍କ ବିରୋଧରେ କଟକ ଅତିରିକ୍ତ ଜିଲା ଓ ଦୌରାଜଜ୍ ତଥା ପୋକ୍ସୋ କୋର୍ଟରେ ଚାର୍ଜଫ୍ରେମ୍ ହୋଇ ମାମଲାର ଶୁଣାଣି ହୋଇଥିଲା। ଶୁଣାଣିରେ ୧୦ ଜଣଙ୍କ ସାକ୍ଷ୍ୟଗ୍ରହଣ ଓ ୧୪ଟି ନଥିପତ୍ରକୁ ଆଧାର କରି ବିଚାରପତି ରାୟ ଶୁଣାଇଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ରମେଶ ଚନ୍ଦ୍ର ମହାନ୍ତି ମାମଲା ପରିଚାଳନା କରୁଥିଲେ।

## ଚୋରି ସ୍କୁଟି ଜବତ, ଅଭିଯୁକ୍ତ ଗିରଫ

**କଟକ ସଦର,୧୬।୫(ଡି.ଏନ୍.ଏ.):** ସ୍କୁଟି ଚୋରି ଅଭିଯୋଗରେ ୪୨ ମୌଜା ପୋଲିସ ସ୍ଥାନୀୟ ବସନ୍ତ କୁଣ୍ଡଳ ଗ୍ରାମର ସ୍ମୃତି ରଞ୍ଜନ ବାରିକଙ୍କୁ ମଙ୍ଗଳବାର ଗିରଫ କରି କୋର୍ଟ ଚାଲାଣ କରିଛି। ଶନିବାର ସନ୍ଧ୍ୟାରେ ଖବରକାଗଜ ବିତରକ ସୁକାନ୍ତ ବେହେରା ବେଷ୍ଟକାର ବଜାରକୁ ଯାଇଥିବାବେଳେ ତାଙ୍କର ସ୍କୁଟି (ନଂ. ଓଡ଼ି୦୫ଏଏକ୍ସ-୩୪୫୨) ଚୋରି ହୋଇଥିଲା। ଏ ନେଇ ସୁକାନ୍ତ ଅଭିଯୋଗ କରିବାରୁ ପୋଲିସ ଏକ ମାମଲା(ନଂ.୧୫୯/୨୩) ରୁଜୁ କରିଥିଲା। ରବିବାର ସନ୍ଧ୍ୟାରେ ଅଭିଯୁକ୍ତ ଜଣକ ଏକ ନମ୍ବରବିହୀନ ସ୍କୁଟିରେ କନ୍ଦରପୁର ଥାନା ଆଡ଼କୁ ଯାଉଥିବାବେଳେ ଅଥଙ୍ଗା ନିକଟରେ ସ୍ଥାନୀୟ ଥାନାର ପିସିଆର୍ ଭ୍ୟାନ୍ କର୍ମଚାରୀଙ୍କ ହାବୁଡ଼ରେ ପଡ଼ିଥିଲେ। ତାଙ୍କୁ ଥାନାକୁ ଆଣି ପଚରାଉଚରା କରିବାକୁ ସେ ଚୋରି କରିଥିବା ସ୍ୱୀକାର କରିଥିଲେ। ପରେ ତାଙ୍କୁ ୪୨ ମୌଜା ପୋଲିସକୁ ହସ୍ତାନ୍ତର କରାଯାଇଥିଲା।

# ଗାଡ଼ି ଧକ୍କାରେ ବୃଦ୍ଧ ମୃତ

**ବାରଙ୍ଗ,୧୬।୫(ଡି.ଏନ୍.ଏ.)**

**କ୍ଷତିପୂରଣ ଦାବିରେ ଗ୍ରାମବାସୀଙ୍କ ରାସ୍ତାରୋକୋ**

ବାରଙ୍ଗ ଥାନା ଅଧୀନ କୁହ୍ନେଇପଡା ଆଦିମାତା ଠାକୁରାଣୀ ପାଖରେ ମଙ୍ଗଳବାର ରାତିରେ ଗାଡି ଧକ୍କାରେ ଜଣେ ବୃଦ୍ଧଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଥାନା ଅଧୀନ ଫକିରପଡା ଗାଁ ଭୋଇସାହିର ବିକଳ ଭୋଇ(୬୦)। ବିକଳ ଘରୁ ସାଇକେଲ ଯୋଗେ ରାତି ୮ଟା ସୁଦ୍ଧା ତ୍ରିଶୁଳିଆ ଛକକୁ ଆସୁଥିବାବେଳେ କୁହ୍ନେଇପଡା ଗାଁମୁଣ୍ଡ ଆଦିମାତା ଠାକୁରାଣି ପାଖରେ ଏକ ଗାଡି ତାଙ୍କୁ ପଛପଟରୁ ଧକ୍କାଦେଇ ପଳାଇଥିଲା। ଫଳରେ ଘଟଣାସ୍ଥଳରେ ବିକଳଙ୍କର ମୃତ୍ୟୁ ଘଟିଥିଲା। ଏ ସମ୍ପର୍କରେ ଜଣାପଡିବା ପରେ ଫକିରପଡା ଗାଁରେ ଉତ୍ତେଜନା ଦେଖାଦେଇଥିଲା। ଉତ୍ତ୍ୟକ୍ତ ଗ୍ରାମବାସୀ ମୃତକ ପରିବାରଙ୍କୁ କ୍ଷତିପୂରଣ ଦେବା ପାଇଁ ଦାବି କରି ବାରଙ୍ଗ-ବାଙ୍କୀ ରାସ୍ତାକୁ ଅବରୋଧ କରିଥିଲେ। ଖବରପାଇ ବାରଙ୍ଗ ଥାନା ଅଧିକାରୀ ଆକାଶଚନ୍ଦ୍ର ରଣା ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲା। ବୁଝାଇବାର ପ୍ରାୟ ଅଧଘଣ୍ଟା ପରେ ରାସ୍ତାରୋକୋ ହଟିଥିଲା। ସରକାରୀ ନିୟମାନୁସାରେ କ୍ଷତିପୂରଣ ପ୍ରଦାନ ଦିଗରେ ପୂର୍ଣ୍ଣ ସହଯୋଗ କରିବାର ଥାନା ଅଧିକାରୀ ପ୍ରତିଶ୍ରୁତି ଦେବାସହ ପୋଲିସ ଗାଡିରେ ମୃତକଙ୍କୁ ବ୍ୟବଚ୍ଛେଦ ପାଇଁ ନେବା ପରେ ଲୋକେ ଶାନ୍ତ ହୋଇଥିଲେ।

# ଚକ୍ଷୁ ଚିକିତ୍ସା, ରକ୍ତଦାନ ଶିବିର



ଶିବିରରେ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ସହ ଅନ୍ୟମାନେ।

**କଟକ ଅଫିସ,୧୬।୫**

ଖାନ୍‌ନଗର ତୈଳିକ ବୈଶ୍ୟ ସମାଜ ପକ୍ଷରୁ ଚକ୍ଷୁ ଚିକିତ୍ସା ଶିବିର ଓ ଜୀବନବିନ୍ଦୁ ଆନୁକୂଲ୍ୟରେ ରକ୍ତଦାନ ଶିବିରର ମଙ୍ଗଳବାର ଖାନ୍‌ନଗରଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବହୁ ଲୋକଙ୍କର ମାଗଣାରେ ଚକ୍ଷୁ ପରୀକ୍ଷା କରାଯିବା ସହ ୩୮ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲାପାଳ ଭବାନୀ ଶଙ୍କର ଚୟନୀ, ସିଏମ୍‌ସି ମେୟର ସୁବାସ ସିଂ, ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ପ୍ରଭାତ ତ୍ରିପାଠୀ, ଏସିପି ଅମରେନ୍ଦ୍ର ପଣ୍ଡା, ଏସ୍‌ସିବି ମୁଖ୍ୟ ପରାମର୍ଶଦାତା ଦିଲ୍ଲୀପ ସାହୁ, ନିରାମୟ ଉପଦେଷ୍ଟା ରଞ୍ଜନ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ଓଡ଼ିଶା ମୋ ପରିବାର, ଜୀବନ ବିନ୍ଦୁ ଏବଂ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜର ସହଭାଗିତାରେ ଶିବିର ଅନୁଷ୍ଠିତ ହେବା ସହ ଓଡ଼ିଶା ମୋ ପରିବାର ଏବଂ ଭୁବନେଶ୍ୱରସ୍ଥିତ ଏଲ୍. ଭି. ପ୍ରସାଦ ଚକ୍ଷୁ ଚିକିତ୍ସାଳୟ ଆନୁକୁଲ୍ୟରେ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଖାନ୍‌ନଗର ପୂଜା କମିଟିର ସୁବାସ ଚନ୍ଦ୍ର ବେହେରା, ସମ୍ପାଦକ ପ୍ରଫୁଲ୍ଲ କୁମାର ସାହୁ, ମହାନଗର ତୈଳିକ ବୈଶ୍ୟ ସମାଜ ସଭାପତି ନିରଞ୍ଜନ ଉପସ୍ଥିତ ଥିଲେ। ସୋମନାଥ ସାହୁ, ଜଗନ୍ନାଥ ସାହୁ, ଲକ୍ଷ୍ମୀଧର ସାହୁ, ଦେବାଶିଷ ସାହୁ, କାହ୍ନୁ ଚରଣ ସାହୁ, ବଦ୍ରି ବିଶ୍ୱାଳ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ରାସ୍ତାରେ ଜମିଲା ବର୍ଷାପାଣି, ଭାଙ୍ଗିଲା ଗଛଡାଳ



**ଚୌଦ୍ୱାର,୧୬।୫(ଡି.ଏନ୍.ଏ.)**

**କାଳବୈଶାଖୀ ପ୍ରଭାବ**

- ଗାଡ଼ି ଚଳାଚଳ, ବିଦ୍ୟୁତ୍ ସରବରାହ ବାଧାପ୍ରାପ୍ତ

କାଳବୈଶାଖୀ ପ୍ରଭାବରେ ମଙ୍ଗଳବାର ଅପରାହ୍ନରେ ଚୌଦ୍ୱାର ଅଞ୍ଚଳରେ ପ୍ରାୟ ୧ ଘଣ୍ଟା ଧରି ପବନ ବହିବା ସାଙ୍ଗକୁ ବର୍ଷା ହୋଇଥିଲା। ଫଳରେ ବିଭିନ୍ନ ସ୍ଥାନରେ ଗଛଡାଳ ଭାଙ୍ଗି ପଡିବାରୁ ବିଦ୍ୟୁତ୍ ସରବରାହ ବାଧାପ୍ରାପ୍ତ ହୋଇଥିଲା। ବର୍ଷା ଯୋଗୁ ବିଭିନ୍ନ ସ୍ଥାନରେ ପାଣି ଜମି ରହିଥିଲା। ରାସ୍ତାରେ ସୃଷ୍ଟି ହୋଇଥିବା ଖାଲଖମାରେ ପାଣି ଜମି ରହିବାରୁ ଯାତାୟତ ବାଧାପ୍ରାପ୍ତ ହୋଇଥିଲା। ଏପରି କି ଗାଡିଗୁଡିକ ରାସ୍ତାରେ ଅଟକି ରହିଥିଲା। ଅପରପକ୍ଷରେ କିଛି ପଞ୍ଚାୟତରେ ପୋଖରୀ ଖନନ ଜାରି ରହିଛି। ଫଳରେ ଟ୍ରାକ୍ଟର ଯୋଗେ ମାଟି ବୁହା ଯାଉଥିବାବେଳେ ତାହା ଖସି ରାସ୍ତାରେ ପଡି ରହିଥିଲା। ବର୍ଷା ଯୋଗୁ ରାସ୍ତା କାଦୁଅ ହୋଇଯାଇଥିଲା। ଲୋକମାନେ ଏହି କାଦୁଅରେ ପଡି ଖଣ୍ଡିଆଖାବରା ହୋଇଥିବା ଦେଖିବାକୁ ମିଳିଥିଲା।


ନାଇଲନ୍ ଦଉଡିରେ ପ୍ରସ୍ତୁତ ଦୋଳି ବିକ୍ରି କରିବା ପାଇଁ କଟକ ରାଜାବଗିଚା ରାସ୍ତାପାର୍ଶ୍ୱରେ ଜଣେ ବ୍ୟବସାୟୀ ଗ୍ରାହକଙ୍କୁ ଅପେକ୍ଷା କରିଛନ୍ତି।

# ସିଏମ୍‌ସି ପକ୍ଷରୁ ଚଢ଼ାଉ, ୩୦ କେଜି ପଚାଫଳ ନଷ୍ଟ

**କଟକ ଅଫିସ,୧୬।୫**

ଆସନ୍ତା ୧୯ରେ ସାବିତ୍ରୀ ବ୍ରତ। ଏଥିପାଇଁ ଫଳ ବଜାରରେ ଲୋକଙ୍କ ଭିଡ ଦେଖିବାକୁ ମିଳିଛି। ଏହାର ସୁଯୋଗ ନେଇ କେତେକ ଅସାଧୁ ବ୍ୟବସାୟୀ ପଚାଫଳ ବିକ୍ରି କରୁଛନ୍ତି। ଫଳରେ ଲୋକମାନେ ଉଚିତ ମୂଲ୍ୟ ଦେଇ ଠକାମିର ଶିକାର ହେଉଛନ୍ତି। ଏପରି କି କେତେକ ସ୍ଥାନରେ ଉଚ୍ଚ ଦରରେ ଫଳ ବିକ୍ରି ହେଉଛି। ତେବେ ଏହା ଉପରେ ରୋକ୍ ଲଗାଇବା ପାଇଁ କଟକ ମହାନଗର ନିଗମ(ସିଏମ୍‌ସି) ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମଙ୍ଗଳବାର ବକ୍ସିବଜାର ଓ ବାଦାମବାଡ଼ି ଫଳ ମାର୍କେଟ୍‌ରେ ଥିବା ୨୦ରୁ ଉର୍ଦ୍ଧ୍ୱ ଫଳ ଦୋକାନରେ ଚଢ଼ାଉ କରାଯାଇଛି। ଯାଞ୍ଚ ପରେ ପ୍ରାୟ ୩୦ କେଜି ଓଜନର ପଚାଶଢା ଫଳକୁ ଜବତ କରି ନଷ୍ଟ କରାଯାଇଛି। ଏଥିସହ ସମ୍ପୃକ୍ତ ବ୍ୟବସାୟୀଙ୍କ ଟ୍ରେଡ୍ ଓ ଫୁଡ୍ ଲାଇସେନ୍ସ ଯାଞ୍ଚ କରାଯାଇଥିଲା। ଏପରି କି କେତେଜଣ ବ୍ୟବସାୟୀଙ୍କଠାରୁ ଜରିମାନା ଆଦାୟ କରାଯାଇଛି। ଲାଇସେନ୍ସ ଦେଖାଇ ପାରି ନ ଥିବା ବ୍ୟବସାୟୀଙ୍କୁ ୨ଦିନ ସମୟ ଦିଆଯାଇଛି। ଏ ନେଇ ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ର କହିଛନ୍ତି, ସହରର ବିଭିନ୍ନ ସ୍ଥାନରେ ଅସାଧୁ ବ୍ୟବସାୟୀମାନେ ପଚାଶଢା ଫଳ ବିକ୍ରି କରୁଥିବା ଅଭିଯୋଗ ହେବା ପରେ ଚଢ଼ାଉ କରାଯାଇଛି। ଆଗାମୀ ଦିନରେ ଏଭଳି ଚଢ଼ାଉ ଜାରି ରହିବ ବୋଲି ସେ କହିଛନ୍ତି।


ସିଏମ୍‌ସି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଫଳ ଦୋକାନରେ ଯାଞ୍ଚ କରାଯାଉଛି।

## ସଂକ୍ଷେପରେ

### ଚୋରା ସ୍କୁଟି ଜବତ, ୨ ଗିରଫ

ବାଲିଅନ୍ତା,୧୬।୫(ଡି.ଏନ୍.ଏ.)- ନଖରା ଛକସ୍ଥିତ ଏକ ହୋଟେଲ ସମ୍ମୁଖରୁ ଏକ ସ୍କୁଟି ଚୋରି ହେବା ଅଭିଯୋଗରେ ପାହାଳ ଥାନା ପୋଲିସ ୨ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ପୁରୀ ଜିଲା ଟାଉନ ଥାନା ଅଞ୍ଚଳର ଜ୍ଞାନରଞ୍ଜନ ପଣ୍ଡା(୨୬) ଓ ମୈତ୍ରୀବିହାର ଥାନା ସାଲିଆ ସାହି ଅଞ୍ଚଳରେ ରହୁଥିବା ଜଙ୍କିଆ ଥାନା ଅଞ୍ଚଳର ପ୍ରଦୀପ ଜେନା(୨୪)। ଏନେଇ ପୋଲିସ ୧୫୦/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ ଚୋରି ହୋଇଥିବା ସ୍କୁଟିକୁ ଜବତ କରିଛି। ଗତ ସୋମବାର ଅଭିଯୋଗକାରୀ ଗୋବିନ୍ଦ ଭୋଇ କଟକରୁ ସ୍କୁଟି ଯୋଗେ ଘରକୁ ଫେରୁଥିବା ସମୟରେ ଖାଇବାକୁ ନଖରା ଛକରେ ଅଟକିଥିଲେ। ଏହି ସୁଯୋଗରେ ଜ୍ଞାନ ଓ ପ୍ରଦୀପ ସ୍କୁଟିକୁ ଚୋରି କରି ସେଠାରୁ ଫେରାର ହୋଇଯାଇଥିଲେ। ପୋଲିସ ତଦନ୍ତ ସମୟରେ ଉଭୟଙ୍କୁ ହଂସପାଳ ଅଞ୍ଚଳରେ ସ୍କୁଟିରେ ବୁଲୁଥିବାବେଳେ କାବୁ କରିଥିଲା। ସେମାନେ ସ୍କୁଟି ଚୋରି କରିଥିବା ନେଇ ସ୍ୱୀକାର କରିଥିଲେ।

### ନିଶାକର ଦାସଙ୍କ ସର୍ବଧର୍ମ ପ୍ରାର୍ଥନା ସଭା

ଭୁବନେଶ୍ୱର,୧୬।୫(ବ୍ୟୁରୋ) - ଭାରତଛାଡ଼ ଆନ୍ଦୋଳନର ସିପାହି ତଥା ସେବକ ନିଶାକର ଦାସଙ୍କ ବିୟୋଗରେ ଗାନ୍ଧିବାଦୀ ଗଣ ସଙ୍ଗଠନ ସମୂହଙ୍କ ପକ୍ଷରୁ ସର୍ବଧର୍ମ ପ୍ରାର୍ଥନା ସଭା ମଙ୍ଗଳବାର ଲୋହିଆ ଏକାଡେମୀଠାରେ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ସର୍ବୋଦୟ ନେତ୍ରୀ କୃଷ୍ଣା ମହାନ୍ତି ଏହି କର୍ଯ୍ୟକ୍ରମର ସଭାପତିତ୍ୱ କରିଥିଲେ। ବାଜିରାଉତ ଛାତ୍ରାବାସର ସଭାପତି ଶୈଳଜ ରବି, ଉତ୍କଳ ଗାନ୍ଧୀ ସ୍ମାରକ ନିଧିର ସମ୍ପାଦକ ଜୟନ୍ତ ଦାସ, ଉତ୍କଳ ସର୍ବୋଦୟ ମଣ୍ଡଳର ସଭାପତି ମିହିର ପ୍ରତାପ ଦାସ, ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ଟ୍ରଷ୍ଟି ଡ. ବିଶଜିତ, ଲୋହିଆ ଏକାଡେମୀର ସମ୍ପାଦକ ଦେବପ୍ରସାଦ ରାୟ, ପ୍ରଫେସର ଧନେଶ୍ୱର ସାହୁ, ବିଜୟ କୁମାର ତ୍ରିପାଠୀ, ବରିଷ୍ଠ ସାମ୍ବାଦିକ ସୁଧୀର ପଟ୍ଟନାୟକ, ପୂର୍ବତନ ବିଧାୟକ ରାଧାକାନ୍ତ ସେଠୀ, ସୁମିତ୍ରା ଜେନା, ଆନନ୍ଦିକା ସାମନ୍ତରାୟ, ମହେନ୍ଦ୍ର ପରିଡା, ଅମିୟ ପାଣ୍ଡବ, ମନୋଜ ଜେନା, ମାନସ ଜେନା, ଅପର୍ଣ୍ଣା ନାୟକ, ଅଲିଭା ଦାଶ, ପ୍ରତ୍ୟୟ ପ୍ରଶାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ରାଷ୍ଟ୍ରୀୟ ଯୁବା ସଙ୍ଗଠନର ମାନସ ପଟ୍ଟନାୟକ ସଭା ସଞ୍ଚାଳନ ଓ ଉତ୍କଳ ସର୍ବୋଦୟ ମଣ୍ଡଳର ସମ୍ପାଦକ ଆର୍ଯ୍ୟଭଟ୍ଟ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

### ଆଉ ଜଣେ ବାଉନ୍ସର ଗିରଫ

ଭୁବନେଶ୍ୱର,୧୬।୫(ବ୍ୟୁରୋ): ଭୁବନେଶ୍ୱରରେ ଏକ ବିବାଦୀୟ ଜମିକୁ ଅକ୍ତିଆର କରିବାକୁ ଯାଇ ରାତି ଅଧରେ ଜେସିବି ଲଗାଇ ଦୋକାନ ଭାଙ୍ଗି ଲୁଟ୍ ଘଟଣାରେ ଫେରାର ଥିବା ଆଉ ଜଣେ ବାଉନ୍ସରଙ୍କୁ ନୟାପଲ୍ଲୀ ଥାନା ପୋଲିସ ମଙ୍ଗଳବାର ଗିରଫ କରିଛି। ସେ ହେଲେ ସ୍ଥାନୀୟ ଥାନା ଗଡ଼ସାହିରେ ରହୁଥିବା ଅନନ୍ତ କୁମାର ନାୟକ ଓରଫ ରିକନ (୩୫)। ତାଙ୍କୁ କୋର୍ଟଚାଲାଣ କରାଯିବା ପରେ ଜେଲକୁ ପଠାଇ ଦିଆଯାଇଛି। ଏହି ମାମଲାରେ ପୂର୍ବରୁ ବାଉନ୍ସର ଗ୍ୟାଙ୍ଗ ରାଘବ ଜେନାଙ୍କ ସମେତ ୨୨ ଜଣ ଗିରଫ ହୋଇଥିଲେ। ଏବେ ଗିରଫଦାରୀ ସଂଖ୍ୟା ୨୩ରେ ପହଞ୍ଚିଥିବା ବେଳେ ଫେରାର ଥିବା ଅନ୍ୟ ଅଭିଯୁକ୍ତଙ୍କୁ ଧରିବାକୁ ପୋଲିସ ପ୍ରୟାସ ଜାରି ରଖିଛି।

# ଷ୍ଟାଇପେଣ୍ଡ ବୃଦ୍ଧି ଦାବିରେ ଓୟୁଏଟି ଛାତ୍ରୀଛାତ୍ରଙ୍କ ଧାରଣା

ଭୁବନେଶ୍ୱର,୧୬।୫(ବ୍ୟୁରୋ)


ଓୟୁଏଟି କୁଳପତିଙ୍କ କାର୍ଯ୍ୟାଳୟ ଆଗରେ ଛାତ୍ରୀଛାତ୍ରମାନେ ଧାରଣା ଦେବା ସହ ନାରାବାଜି କରୁଛନ୍ତି।

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ(ଓୟୁଏଟି) ଅଧୀନସ୍ଥ ପଶୁ ଚିକିତ୍ସା ଓ ପଶୁପାଳନ ମହାବିଦ୍ୟାଳୟର ଛାତ୍ରୀଛାତ୍ର ମଙ୍ଗଳବାର କୁଳପତିଙ୍କ କାର୍ଯ୍ୟାଳୟ ଘେରିଛନ୍ତି। ଷ୍ଟାଇପେଣ୍ଡ ବୃଦ୍ଧି ଦାବିରେ ମହାବିଦ୍ୟାଳୟର ଛାତ୍ର ସଂଗଠନ କୁଳପତିଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେବା ସହ ନାରାବାଜି କରିଥିଲେ। ସେହିପରି ଇଣ୍ଟର୍ନସିପ୍ ସରିବା ପୂର୍ବରୁ ପିଜି ପ୍ରବେଶିକା ହେଉଥିବାରୁ ଏହାକୁ ଛାତ୍ରୀଛାତ୍ର ବିରୋଧ କରିଛନ୍ତି। ଏହା ପିଲାଙ୍କ ପାଠପଢ଼ାରେ ସମସ୍ୟା ସୃଷ୍ଟି କରୁଥିବା ଆନ୍ଦୋଳନରତ ଛାତ୍ରୀଛାତ୍ର କହିଛନ୍ତି। ଅନ୍ୟପଟେ ମେଡିକାଲ ଛାତ୍ରୀଛାତ୍ରଙ୍କ ସହ ଭେଟେରିନାରି ଛାତ୍ରୀଛାତ୍ର ସମକକ୍ଷ ହୋଇଥିଲେ ମଧ ଷ୍ଟାଇପେଣ୍ଡ ରାଶି କାହିଁକି ଭିନ୍ନ ବୋଲି ଆନ୍ଦୋଳନକାରୀମାନେ କହିଛନ୍ତି। ମେଡିକାଲ ଛାତ୍ରୀଛାତ୍ର ୨୮ ହଜାର ଟଙ୍କା ମାସିକ ଷ୍ଟାଇପେଣ୍ଡ ପାଉଥିବାବେଳେ ଭେଟେରିନାରି ଛାତ୍ରୀଛାତ୍ର ୧୨ ହଜାର ଟଙ୍କା ପାଉଛନ୍ତି। ତେଣୁ ଏହି ଷ୍ଟାଇପେଣ୍ଡ ରାଶିକୁ ୨୮ ହଜାର ଟଙ୍କାଙ୍କୁ ବୃଦ୍ଧି କରାଯାଉ ବୋଲି ସେମାନେ ଦାବି କରିଛନ୍ତି। ଏନେଇ ପଶୁ ଚିକିତ୍ସା ଓ ପଶୁପାଳନ ମହାବିଦ୍ୟାଳୟ ଡିନ୍ ଡ. ସୁଶେନ୍ କୁମାର ପଣ୍ଡା ଏବଂ ଓୟୁଏଟି କୁଳପତି ପ୍ରଫେସର ପ୍ରଭାତ ରାଉଳଙ୍କ ଉପସ୍ଥିତିରେ ଛାତ୍ର ସଂଗଠନ ସଭାପତି ଓ ସମ୍ପାଦକଙ୍କ ସମେତ ଅନ୍ୟ ସଦସ୍ୟମାନେ ଆଲୋଚନା ହୋଇଥିଲା। ତେବେ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ପିଲାଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ପୁଣିଥରେ ନିଷ୍ପତ୍ତି ନେବେ ବୋଲି ବୈଠକରେ ସ୍ଥିର କରାଯାଇଥିଲା। ସେହିପରି ପଶୁ ଚିକିତ୍ସା ଓ ପଶୁପାଳନ ମହାବିଦ୍ୟାଳୟକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନ ପାଇଁ ଆଲୋଚନାରେ ଛାତ୍ର ସଂଗଠନର ନେତୃତ୍ୱମାନେ ଦାବି ରଖିଛନ୍ତି। ଏନେଇ ଆଗାମୀ ଦିନରେ ନିଷ୍ପତ୍ତି ନିଆଯିବ ବୋଲି ସୂଚନା ଦିଆଯାଇଛି।

# ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୩ ଗିରଫ

ଭୁବନେଶ୍ୱର/ ବାଲିଅନ୍ତା, ୧୬।୫(ବ୍ୟୁରୋ)

**ବ୍ୟାଙ୍କ ଅଫ୍ ଇଣ୍ଡିଆ ହଂସପାଳ ଶାଖାରୁ ଚୋରି ଉଦ୍ୟମ**

- ବାଥ୍‌ରୁମ୍ ସ୍କାଏ ଲାଇଟ୍ ଭାଙ୍ଗି ଭିତରେ ପଶିଥିଲେ
- ଲକର୍ ଭାଙ୍ଗି ଟଙ୍କା ନେବାରେ ବିଫଳ ହୋଇଥିଲେ

ବ୍ୟାଙ୍କ୍ ଅଫ୍ ଇଣ୍ଡିଆର ପାହାଳ ଥାନା ଅନ୍ତର୍ଗତ ହଂସପାଳ ବ୍ରାଞ୍ଚରେ ଚୋରି ଉଦ୍ୟମ ଘଟଣାରେ ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବାଲିଅନ୍ତା ଥାନା ଅଞ୍ଚଳର ସାଗର ଭୋଇ ଓରଫ ଷଣ୍ଢ (୨୭), ନୟାଗଡ଼ ଜିଲା ଦଶପଲ୍ଲା ଥାନା ଅଞ୍ଚଳର ବସନ୍ତ କୁମାର ପ୍ରଧାନ (୩୪) ଓ ଯାଜପୁର ଜିଲା ବଡ଼ଚଣା ଥାନା ଅଞ୍ଚଳର ଗୁରୁଚରଣ ମଲ୍ଲିକ (୫୦)। ପୋଲିସ ସେମାନଙ୍କଠାରୁ ଗୋଟିଏ ଶାବଳ, ଗୋଟିଏ ହାମର୍, ପ୍ଲାସ୍ ଜବତ କରିଛି। ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବା ପରେ ଜେଲକୁ ପଠାଇ ଦିଆଯାଇଛି।

ସୂଚନା ଅନୁଯାୟୀ, ମୁଖ୍ୟ ଅଭିଯୁକ୍ତ ସାଗର, ସହଯୋଗୀ ବସନ୍ତ ଓ ଗୁରୁଚରଣ ଉକ୍ତ ବ୍ୟାଙ୍କରୁ ଚୋରି କରିବା ପାଇଁ ଯୋଜନା କରିଥିଲେ। ଶୁକ୍ରବାର ବିଳମ୍ବିତ ରାତିରେ ସେମାନେ ପ୍ରଥମେ ବାଥରୁମ୍ ଝରକା ଭାଙ୍ଗି ବ୍ୟାଙ୍କ ଭିତରେ ପଶିଥିଲେ। ସେଠାରେ ଥିବା ୨ଟି ସିସିଟିଭି କ୍ୟାମେରାକୁ ଭାଙ୍ଗି ଦେଇଥିଲେ। ଷ୍ଟ୍ରଙ୍ଗ ରୁମ୍‌ର ଗ୍ରିଲ୍ ଭାଙ୍ଗିଦେଇଥିଲେ। ହେଲେ ଲକର୍ ଭାଙ୍ଗି ନ ପାରିବାରୁ ଶେଷରେ ସେମାନେ ସେଠାରୁ ପଳାଇ ଯାଇଥିଲେ। ସୋମବାର ବ୍ୟାଙ୍କ ଖୋଲିବା ପରେ ଏହି ଚୋରି ଉଦ୍ୟମ ହୋଇଥିବା ଜଣାପଡ଼ିଥିଲା। ବ୍ରାଞ୍ଚ ମ୍ୟାନେଜର ଲଲାଟେନ୍ଦୁ ମହାରଣାଙ୍କ ଏତଲାକୁ ଭିତ୍ତି କରି ପୋଲିସ ଏକ ମାମଲା (ନଂ.୧୪୯/୨୦୨୩) ରୁଜୁ କରି ତଦନ୍ତ କରିଥିଲା। ସ୍ଥାନୀୟ ଅଞ୍ଚଳର ସିସିଟିଭି ଫୁଟେଜକୁ ଆଧାର କରି ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଥିଲା। ମୁଖ୍ୟ ଅଭିଯୁକ୍ତ ଷଣ୍ଢ ମାସେ ତଳେ ଜେଲରୁ ବାହାରିଥିବାବେଳେ ସେ ଜଣେ ପେସାଦାର ଅପରାଧୀ। ସ୍ଥାନୀୟ ଅଞ୍ଚଳରେ କାମ କରୁଥିବା ୨ ସହଯୋଗୀଙ୍କୁ ନେଇ ସେ ଏହି ଚୋରି ଯୋଜନା କରିଥିଲେ ବୋଲି ପୋଲିସ କହିଛି।


ବ୍ୟାଙ୍କରୁ ଚୋରି ଉଦ୍ୟମ ମାମଲାରେ ଗରିଫ ହୋଇଥିବା ୩ ଅପରାଧୀ।

# ରାଜସ୍ଥାନ ଛାତ୍ର ପ୍ରତିନିଧି ଦଳର ଓଡ଼ିଶା ଗସ୍ତ



ଭୁବନେଶ୍ୱର,୧୬।୫(ବ୍ୟୁରୋ)

ରାଜସ୍ଥାନର ବିଭିନ୍ନ ଉଚ୍ଚ ଶିକ୍ଷାନୁଷ୍ଠାନରୁ ୪୦ ଜଣିଆ ଛାତ୍ର ପ୍ରତିନିଧି ଦଳ ନୋଡାଲ ପ୍ରତିଷ୍ଠାନ ଜୟପୁର ଏମଏନ୍‌ଆଇଟି ନେତୃତ୍ୱରେ ମଙ୍ଗଳବାର ଭୁବନେଶ୍ୱରରେ ପହଞ୍ଚିଛି। ସରକାରଙ୍କ ଆକାଂକ୍ଷୀ ସାଂସ୍କୃତିକ ଏବଂ ଶିକ୍ଷାଗତ ପ୍ରୟାସ 'ଏକ ଭାରତ ଶ୍ରେଷ୍ଠ ଭାରତ ଯୁବସଙ୍ଗମ' କାର୍ଯକ୍ରମର ଦ୍ୱିତୀୟ ପର୍ଯ୍ୟାୟ ଅଂଶଭାବରେ ଏମାନେ ଓଡ଼ିଶା ଗସ୍ତରେ ଆସିଛନ୍ତି। ଏହି ପ୍ରତିନିଧି ଦଳରେ ୩ଜଣ ଅଧ୍ୟାପନା ସଦସ୍ୟ ରହିଛନ୍ତି। ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ଏମାନେ ଓଡ଼ିଶାରେ ରହିବେ। ଦୁଇ ରାଜ୍ୟ ମଧ୍ୟରେ ସମୃଦ୍ଧ ସାଂସ୍କୃତିକ ଏବଂ ପରମ୍ପରା ସହିତ ଚିନ୍ତାଧାରା ବିନିମୟ ହେବ। ଏହାସହ ପର୍ଯ୍ୟଟନ, ପରମ୍ପରା, ପ୍ରଗତି, ପ୍ରଯୁକ୍ତି ଏବଂ ପାରସ୍ପରିକ ସମ୍ପର୍କ ଯୋଗାଯୋଗ ଉପରେ ଆଲୋଚନା ହେବ। ଏହି ଅବସରରେ ଛାତ୍ରମାନେ ରାଜ୍ୟପାଳ ପ୍ରଫେସର ଗଣେଶୀଲାଲଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ପରେ ସେମାନେ ଶ୍ରୀଜଗନ୍ନାଥ ମନ୍ଦିର, କୋଣାର୍କ ମନ୍ଦିର, ଚନ୍ଦ୍ରଭାଗା ବେଳାଭୂମି, ଧଉଳିଗିରି, ଖଣ୍ଡଗିରି ଗୁମ୍ଫା, ଏକାମ୍ର ହାଟ ଏବଂ ଶପିଙ୍ଗ କମ୍ପ୍ଲେକ୍ସ, ରାଜ୍ୟ ଆଦିବାସୀ ସଂଗ୍ରହାଳୟ, ପାରାଦୀପ ବନ୍ଦର, ଲଳିତଗିରି ବୌଦ୍ଧବିହାର ଓ ସଂଗ୍ରହାଳୟ ଆଦି ପରିଦର୍ଶନ କରିବେ। ସେମାନଙ୍କ ପରିଦର୍ଶନ ସୂଚୀରେ ସ୍ଥାନୀୟ କିଛି ଗ୍ରାମକୁ ଗସ୍ତ କରିବେ। ଷ୍ଟାର୍ଟଅପ ଓ ଏମଏସ୍ଏମ୍ଇ, ଉଦ୍ୟୋଗୀ, କଳାକାର, କଣ୍ଠଶିଳ୍ପୀ, କ୍ରୀଡାବିତ, ସଂଗୀତକାର, ସ୍ୱୟଂସହାୟକ ଗୋଷ୍ଠୀଗୁଡିକ ସହିତ ଭାବ ବିନିମୟ କରିବେ। କେନ୍ଦ୍ର ଶିକ୍ଷା ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ପ୍ରତିନିଧି ମଣ୍ଡଳୀଙ୍କୁ ଆସନ୍ତା ୨୦ ତାରିଖରେ ସୋଆ ଅଡିଟୋରିୟମରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବେ।

### ମହାରାଜା ସାର୍ ବାସୁଦେବ ସୁଢ଼ଳଦେବଙ୍କ ଜୟନ୍ତୀ

ଭୁବନେଶ୍ୱର,୧୬।୫(ବ୍ୟୁରୋ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ବାମଣ୍ଡାର ପୂର୍ବତନ ମହାରାଜା ସାର୍ ବାସୁଦେବ ସୁଢ଼ଳଦେବଙ୍କ ୧୮୩ତମ ଜୟନ୍ତୀ ମଙ୍ଗଳବାର ଏଜି ଛକସ୍ଥିତ ତାଙ୍କ ପ୍ରତିମୂର୍ତ୍ତିସ୍ଥଳୀରେ ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମରେ ବିଧାୟକ ପ୍ରଫୁଲ୍ଲ ସାମଲ, ଅଧ୍ୟାପକ ଡ. ରଙ୍ଗାଧର ସାହୁ, ରମେଶ ଚନ୍ଦ୍ର ପାତାଳସିଂହ, ପ୍ରବୀର ମହାନ୍ତି, ସତ୍ୟବ୍ରତ ଜେନା, ଉଇ ଲାୟନ ଭୁବନେଶ୍ୱର ପକ୍ଷରୁ ନରେନ ସାହୁ, ଅନୁପମା ବେହେରା, କବିୟତ୍ରୀ ଅନନ୍ଦା ମିଶ୍ର, ଜୟ ଓଡ଼ିଶା କର୍ମକର୍ତ୍ତା ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶିକ୍ଷାବିତ୍ କାମଦେବ ମହାପାତ୍ର କବିତା ଆବୃତ୍ତି କରିଥିଲେ। ବକ୍ତାମାନେ ନିଜ ବକ୍ତବ୍ୟରେ ବାମଣ୍ଡାର ମହାରାଜା ଜଣେ ଗୁଣଗ୍ରାହୀ ଶାସକ ଭାବରେ କଳା, ସାହିତ୍ୟ, ସଂସ୍କୃତିର ବିକାଶ ସହ ନିଜ ରାଜ୍ୟରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଜଳସେଚନର ବ୍ୟବସ୍ଥା କରିବା ସହିତ ସମ୍ବଲପୁରୀ ହିତୈଷିଣୀ ପତ୍ରିକା ପ୍ରକାଶନ କରୁଥିବା ମତ ଦେଇଥିଲେ।

# ଆଜି ଆସିବେ ରେଳ ମନ୍ତ୍ରୀ

ଭୁବନେଶ୍ୱର,୧୬।୫(ବ୍ୟୁରୋ)

**୧୮ରେ ବନ୍ଦେ ଭାରତ ଏକ୍ସପ୍ରେସ୍ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଯୋଗଦେବେ**

ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ବୁଧବାର ୨ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଆସନ୍ତା ୧୮ ତାରିଖରେ ପୁରୀରୁ ହାଓଡ଼ା ବନ୍ଦେ ଭାରତ ଏକ୍ସପ୍ରେସ୍ ଚଳାଚଳର ଶୁଭାରମ୍ଭ କାର୍ଯ୍ୟକ୍ରମରେ ଯୋଗ ଦେବେ। ଏଥିପାଇଁ ୧୭ତାରିଖ ବୁଧବାର ରାତି ୯ଟା୫ମିନିଟ୍‌ରେ ମନ୍ତ୍ରୀ ବୈଷ୍ଣବ ଭୁବନେଶ୍ୱରରେ ପହଞ୍ଚିବେ। ଗୁରୁବାର ସକାଳେ ପୁରୀ ଗସ୍ତକରି ସେଠାରେ ବନ୍ଦେ ଭାରତ ଏକ୍ସପ୍ରେସ କାର୍ଯ୍ୟକ୍ରମରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ପୁରୀରୁ ବନ୍ଦେ ଭାରତ ଏକ୍ସପ୍ରେସକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଏଥିପାଇଁ ପୁରୀ ରେଳ ଷ୍ଟେଶନ ସମ୍ପୂର୍ଣ୍ଣ ସଜେଇ ହୋଇଗଲାଣି। ପୁରୀରୁ କାର୍ଯ୍ୟକ୍ରମ ସାରି ମନ୍ତ୍ରୀ ବୈଷ୍ଣବ ଭୁବନେଶ୍ୱର ପହଞ୍ଚିବା ପରେ ପୋଷ୍ଟାଲ ଡିପାର୍ଟମେଣ୍ଟ ଏବଂ ପରେ ରେଳ ପ୍ରକଳ୍ପର ସମୀକ୍ଷା କରିବା କାର୍ଯ୍ୟକ୍ରମ ରହିଛି। ସେହିଦିନ ରାତିରେ ମନ୍ତ୍ରୀ ନୂଆଦିଲ୍ଲୀ ଫେରିଯିବା କାର୍ଯ୍ୟକ୍ରମ ରହିଛି। ମନ୍ତ୍ରୀଙ୍କ ଗସ୍ତ ସମୟରେ ୱାଇ କାଟାଗୋରି ସୁରକ୍ଷା ଯୋଗାଇବା ପାଇଁ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବାକୁ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ମିଳିଛି।

# ଜାଗୃତି କର୍ମଚାରୀଙ୍କୁ ଖଣ୍ଡାରେ ଆକ୍ରମଣ

ଭୁବନେଶ୍ୱର,୧୬।୫(ବ୍ୟୁରୋ)

**ଅଭିଯୁକ୍ତ ଗିରଫ, ଖଣ୍ଡା ଜବତ**

ଭୁବନେଶ୍ୱର କ୍ୟାପିଟାଲ ଥାନା ଅଞ୍ଚଳରେ ମଙ୍ଗଳବାର ଜଣେ ଯୁବକଙ୍କୁ ଖଣ୍ଡାରେ ଆକ୍ରମଣ ହୋଇଛି। ସେ ହେଲେ ଖାରବେଳନଗର ଥାନା ଅଞ୍ଚଳରେ ରହୁଥିବା ଦୀପ୍ତି ବେହେରା। ଆକ୍ରମଣରେ ଦୀପ୍ତି ଗୁରୁତର ହୋଇ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଏହି ଘଟଣାରେ ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ସ୍ଥାନୀୟ ଥାନା କେଦାରପଲ୍ଲୀ ବସ୍ତିରେ ରହୁଥିବା ନୟାଗଡ଼ ଜିଲା ଖଣ୍ଡପଡ଼ା ଥାନା ଅଞ୍ଚଳର ସୁଶାନ୍ତ ନାୟକ (୨୮)। ସୁଶାନ୍ତଙ୍କୁ କୋର୍ଟଚାଲାଣ କରାଯିବା ପରେ ଜେଲକୁ ପଠାଇ ଦିଆଯାଇଛି।

ସୂଚନା ଅନୁଯାୟୀ, ଗୁରୁତର ଦୀପ୍ତି ବିଏମ୍‌ସି ତତ୍ତ୍ୱାବଧାନରେ ଅଳିଆ ଉଠା କାର୍ଯ୍ୟ କରୁଥିବା ଜାଗୃତ ସଂସ୍ଥାର କୋ-ଅର୍ଡିନେଟର ଭାବେ କାର୍ଯ୍ୟ କରୁଛନ୍ତି। ସୁଶାନ୍ତ ଜାଗୃତିରେ ପୂର୍ବରୁ କାମ କରୁଥିଲେ। କୌଣସି କାରଣକୁ ନେଇ ସୁଶାନ୍ତଙ୍କୁ ଦୀପ୍ତି କାମରୁ ବାହାର କରିଦେଇଥିଲେ। ଏହାକୁ ନେଇ ସୁଶାନ୍ତ ରାଗ ରଖିଥିଲେ। ମଙ୍ଗଳବାର ସକାଳେ ଦୀପ୍ତି ଶିଶୁଭବନ ଛକ ଓମ୍‌ଫେଡ ବୁଥ ନିକଟରେ କାମ ପାଇଁ ଛିଡ଼ା ହୋଇଥିବାବେଳେ ସୁଶାନ୍ତ ହଠାତ୍ ଏକ ଖଣ୍ଡାରେ ଦୀପ୍ତିଙ୍କୁ ଆକ୍ରମଣ କରିଥିଲେ। ଫଳରେ ଦୀପ୍ତି ସେଠାରେ ଗୁରୁତର ହୋଇ ତଳେ ପଡ଼ିଯାଇଥିଲେ। ଘଟଣା ପରେ ସୁଶାନ୍ତ ସେଠାରୁ ଦୌଡ଼ି ପଳାଇ ଯାଇଥିଲେ। ସ୍ଥାନୀୟ ଲୋକମାନେ ରକ୍ତାକ୍ତ ଅବସ୍ଥାରେ ପଡ଼ିଥିବା ଦୀପ୍ତିଙ୍କୁ ଉଦ୍ଧାର କରି ହସ୍ପିଟାଲ ପଠାଇଥିଲେ। ଦୀପ୍ତିଙ୍କ ସମ୍ପର୍କୀୟ ଅଶୋକଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୩୧୩/୨୦୨୩) ରୁଜୁ କରି ସୁଶାନ୍ତଙ୍କୁ ଗିରଫ କରିବା ସହ ଏକ ଖଣ୍ଡା ଜବତ କରିଛି।

# 'ବରିଷ୍ଠ ନାଗରିକ ସମାଜର ସେନାଧକ୍ଷ'

ବାଲିପାଟଣା,୧୬।୫(ଡି.ଏନ୍.ଏ.)

ପମ୍ପାଲ ଓ ତୁରିନ୍ତିରା ପଞ୍ଚାୟତର ବରିଷ୍ଠ ନାଗରିକମାନଙ୍କ ଏକ ସମାବେଶ ନୀଳକଣ୍ଠେଶ୍ୱର ମନ୍ଦିର ନାରାୟଣୀ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ବିଧାୟକ ଡ. ଅରବିନ୍ଦ ଢାଲି ଯୋଗଦେଇ କହିଥିଲେ, ବରିଷ୍ଠ ନାଗରିକମାନେ ସମାଜର ସେନାଧକ୍ଷ। ସେମାନଙ୍କ ନେତୃତ୍ୱରେ ଯୁବପିଢ଼ି ଅନୁପ୍ରାଣିତ ହେଲେ ସମାଜରେ ସୁସ୍ଥ ବାତାବରଣ ବଜାୟ ରହିବ। ଅନ୍ୟତମ ଅତିଥିଭାବେ ଅବସରପ୍ରାପ୍ତ ସେନା କର୍ମଚାରୀ ଜଗନ୍ନାଥ ମହାନ୍ତି, ପ୍ରେସ୍ କ୍ଲବ ସଭାପତି ଦିଲୀପ କୁମାର ଓଝା, ରଶ୍ମିରଞ୍ଜନ ପଣ୍ଡା, ଅରୁଣ ଶତପଥୀ ଓ କୈଳାସ ସେଠୀ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସର୍ବୋଚ୍ଚ ନ୍ୟାୟାଳୟ ବୃଦ୍ଧାବୃଦ୍ଧଙ୍କ ସୁରକ୍ଷା ପାଇଁ ଆଇନ ପ୍ରଣୟନ କରିଛନ୍ତି ବୋଲି ବକ୍ତାମାନେ ସଚେତନ କରାଇଥିଲେ। ଉପସ୍ଥିତ ସମସ୍ତ ବରିଷ୍ଠ ନାଗରିକଙ୍କୁ ସମ୍ମାନିତ କରାଯାଇଥିଲା। କୌଣସି ସମୟରେ ସହଯୋଗ ପାଇଁ ସହଯୋଗ ନମ୍ବର ଥିବା ଏକ କାର୍ଡ ପ୍ରଦାନ କରାଯାଇଥିଲା।

# ବନ୍ଦେ ଭାରତ ଏକ୍ସପ୍ରେସ୍‌ର ପୁରୀରୁ ଭଦ୍ରକ ଟ୍ରାଏଲ ରନ୍

ପୁରୀ ଅଫିସ, ୧୬।୫



ପରୀକ୍ଷାମୂଳକ ଭାବେ ଯାତ୍ରା ପୂର୍ବରୁ ପୁରୀ ରେଳ ଷ୍ଟେଶନରେ ବନ୍ଦେ ଭାରତ ଏକ୍ସପ୍ରେସ୍।

ଖୁବଶୀଘ୍ର ଓଡ଼ିଶା ସହ ଯୋଡ଼ି ହେବାକୁ ଯାଉଛି ସେମି ଦ୍ରୁତଗାମୀ ଟ୍ରେନ୍ 'ବନ୍ଦେ ଭାରତ ଏକ୍ସପ୍ରେସ୍'। ରଥଯାତ୍ରା ପୂର୍ବରୁ ରାଜ୍ୟବାସୀଙ୍କୁ ଭାରତ ସରକାର ଏହି ଟ୍ରେନ୍ ଭେଟି ଦେବାକୁ ଯାଉଛନ୍ତି। ଆସନ୍ତା ୧୮ ତାରିଖରୁ 'ବନ୍ଦେ ଭାରତ ଏକ୍ସପ୍ରେସ୍' ପୁରୀରୁ ହାୱଡା ମଧ୍ୟରେ ଚାଲିବ। ତେବେ ଚଳାଚଳ ପୂର୍ବରୁ ମଙ୍ଗଳବାର ରେଲୱେ ପକ୍ଷରୁ ପରୀକ୍ଷାମୂଳକ ଭାବେ 'ବନ୍ଦେ ଭାରତ ଏକ୍ସପ୍ରେସ୍' ଗଡ଼ିଛି। ଅପରାହ୍ନ ପ୍ରାୟ ୧ଟାରେ ଏହି ଟ୍ରେନ୍ ପୁରୀ ରେଳଷ୍ଟେଶନରୁ ବାହାରି ଭଦ୍ରକ ରେଳ ଷ୍ଟେଶନ ପର୍ଯ୍ୟନ୍ତ ଟ୍ରାଏଲ ରନ୍ କରିଛି। ଏହା ଚତୁର୍ଥ ଟ୍ରାଏଲ ଥିଲା। ଏଥିପାଇଁ ଏହି ଟ୍ରେନ୍ ସୋମବାର ରାତିରେ ପୁରୀ ଆସି ଷ୍ଟେଶନର ୨ ନମ୍ବର ପ୍ଲାଟ୍‌ଫର୍ମରେ ରହିଥିଲା। ମଙ୍ଗଳବାର ଟ୍ରାଏଲ୍ ରନ୍ କରାଯାଇଥିଲା। ୧୮ ତାରିଖରେ ପୁରୀ ଷ୍ଟେଶନରେ ଏହି ଟ୍ରେନ୍ ଚଳାଚଳର ଶୁଭାରମ୍ଭ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଏହାର ଶୁଭାରମ୍ଭ କରିବେ। ସେହିପରି ପୁରୀ ରେଳଷ୍ଟେଶନରେ ଆୟୋଜିତ ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ବିଶେଶ୍ୱର ଟୁଡୁଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହିବାର କାର୍ଯ୍ୟକ୍ରମ ରହିଛି। ଏଥିଲାଗି ପୁରୀ ରେଳଷ୍ଟେଶନର ୭ ଓ ୮ ନମ୍ବର ପ୍ଲାଟ୍‌ଫର୍ମକୁ ରଙ୍ଗ କରାଯିବା ସହ ସଜାଯାଉଛି। ରେଲୱେ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଉଛି। ଏନେଇ ପୁରୀ ଆର୍‌ପିଏଫ୍ ଅଧିକାରୀ ଅପରେଶ ବେହେରା ସୂଚନା ଦେଇ କହିଛନ୍ତି, ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ବିଶେଷକରି ଯେଉଁ ସ୍ଥାନରେ ମନ୍ତ୍ରୀ ଏବଂ ଭିଆଇପିମାନେ ରହିବେ ସେ ସ୍ଥାନରେ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଡଗ୍ ସ୍କ୍ୱାଡ୍‌ମାନଙ୍କ ପକ୍ଷରୁ ଚେକିଂ କରାଯିବ। କେବଳ ରେଲୱେ ଅଧିକାରୀମାନେ ସେଠାରେ ନିୟୋଜିତ ରହିବେ। ଅପରପକ୍ଷରେ ଜନସାଧାରଣଙ୍କ ପାଇଁ ମଧ ବ୍ୟବସ୍ଥା ହେଉଛି। ବନ୍ଦେ ଭାରତ ଏକ୍ସପ୍ରେସ ଚଳାଚଳକୁ ନେଇ ସମସ୍ତେ ଉତ୍ସାହିତ ଅଛନ୍ତି।

# କେନ୍ଦ୍ର ସରକାରଙ୍କୁ ଶ୍ରମିକ ସଙ୍ଗଠନର ବିରୋଧ

ଭୁବନେଶ୍ୱର,୧୬।୫(ବ୍ୟୁରୋ)



ଆଇଏନ୍‌ଟିୟୁସି କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ ଶ୍ରମିକ ନେତା ଓ ଅନ୍ୟମାନେ।

କେନ୍ଦ୍ର ସରକାର ଅମୃତକାଳ ଓ ନୟା ଭାରତ ଆଦି ସ୍ଲୋଗାନ ଦେଉଥିବାବେଳେ ଶ୍ରମିକଙ୍କ ଉପରେ ଦମନନୀତି ଚଳାଉଥିବା କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନଙ୍କ ମିଳିତ ମଞ୍ଚ ପକ୍ଷରୁ ଅଭିଯୋଗ ହୋଇଛି। ମଙ୍ଗଳବାର ଏନେଇ ଆଇଏନ୍‌ଟିୟୁସି କାର୍ଯ୍ୟାଳୟ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ମୋଦିଙ୍କ ୯ ବର୍ଷ ଶାସନକାଳରେ ଦରବୃଦ୍ଧି, ବେକାରି, ମହାଙ୍ଗାମାଡ, ଦେବାଳିଆ ଅର୍ଥ ବ୍ୟବସ୍ଥା, ଛଟେଇ, ଦରମା କାଟ, ତାଲାବନ୍ଦୀ ଆଦି ଦ୍ୱାରା ଶ୍ରମିକମାନେ ବିଭିନ୍ନ ସମସ୍ୟାଦେଇ ଗତି କରୁଥିବା କହି ଆଇଏନ୍‌ଟିୟୁସି ପକ୍ଷରୁ କିଶୋର ଜେନା ସ୍ୱର ଉଠାଇଥିଲେ। ସେହିପରି ରାଷ୍ଟ୍ରାୟତ୍ତ ସଂସ୍ଥା ଓ ସରକାରୀ ବିଭାଗଗୁଡ଼ିକର ଘରୋଇକରଣ ସହ ଦେଶର ସମ୍ପତ୍ତି ବିକିବା ଭାଜପା ସରକାରଙ୍କ ପ୍ରଧାନ କାର୍ଯ୍ୟ ହୋଇଥିବା ସିଆଇଟିୟୁ ପକ୍ଷରୁ ବିଷ୍ଣୁ ମହାନ୍ତି କହିଛନ୍ତି। ତେବେ

**୨୧ରେ ରାଜ୍ୟସ୍ତରୀୟ କନ୍‌ଭେନ୍‌ଶନ**

ଉପରୋକ୍ତ ସମସ୍ୟାର ସମାଧାନ ନେଇ ଆସନ୍ତା ୨୧ ତାରିଖରେ ୯ ଶ୍ରମିକ ସଂଗଠନର ରାଜ୍ୟସ୍ତରୀୟ କନଭେନ୍‌ସନ କରାଯିବାକୁ ନିଷ୍ପତ୍ତି ହୋଇଛି। ଏଥିରେ ମେ'ରୁ ଅଗଷ୍ଟ ପର୍ଯ୍ୟନ୍ତ ଆନ୍ଦୋଳନର ପୂର୍ଣ୍ଣାଙ୍ଗ ରୂପରେଖ ସ୍ଥିର କରାଯିବ ବୋଲି ନେତୃତ୍ୱମାନେ କହିଛନ୍ତି। ନ୍ୟାଶନାଲ ଫେଡେରେଶନ ଅଫ୍ ପୋଷ୍ଟାଲ ଏମ୍ପ୍ଲଇଜ୍ ଏବଂ ଅଲ୍ ଇଣ୍ଡିଆ ପୋଷ୍ଟାଲ ଏମ୍ପ୍ଲଇଜ୍ ୟୁନିୟନଠାରୁ ଶ୍ରମିକ ସଂଗଠନ ସ୍ୱୀକୃତି ବାତିଲ କରାଯାଇଛି। ଏହାକୁ ସଂଗଠନ ପକ୍ଷରୁ ବିରୋଧ କରାଯାଇଛି। ସଂଗଠନର ଅନ୍ୟ ଦାବିଗୁଡ଼ିକ ମଧ୍ୟରେ ଚାଷୀ ଫସଲ ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ ନୋଟିଫିକେସନ, ଋଣ ଛାଡ଼ ଓ ଦର ବୃଦ୍ଧି, ବେକାରି ଦୂରୀକରଣ, ସର୍ବନିମ୍ନ ମଜୁରି ମାସିକ ୨୬ ହଜାର ଟଙ୍କା, ବର୍ଷକୁ ମନରେଗା କାମ ଅତି କମ୍‌ରେ ୨୦୦ ଦିନ ଓ ସର୍ବନିମ୍ନ ଦୈନିକ ମଜୁରି ୨୬୦ ଟଙ୍କା, ଠିକା ଓ ସ୍କିମ୍ ଶ୍ରମିକଙ୍କୁ ସ୍ଥାୟୀ କରିବା ଏବଂ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଓ ସରକାରୀ ବିଭାଗର ଘରୋଇକରଣ ବାତିଲ କରିବା ଆଦି ଦାବି ରହିଛି।

# ଜଙ୍ଗଲ ପାଲଟିଛି କେନାଲ, ବନ୍ଧ ରାସ୍ତା

**ଜଇପୁର-ନୂଆପଡ଼ା ୧୧ ନଂ. କେନାଲ**

■ ଜଳ ପ୍ରବାହରେ ବାଧା ଉପୁଜିବା ଆଶଙ୍କା

■ ଯାତାୟାତ ବେଳେ ଅସୁବିଧା ଭୋଗୁଛନ୍ତି ଲୋକେ

**ରଘୁନାଥପୁର,୧୬।୫(ଡି.ଏନ୍.ଏ.)**

ରଘୁନାଥପୁର ବ୍ଲକ ଛପଡା ପଞ୍ଚାୟତ ଦେଇ ଯାଇଥିବା ଜଇପୁର- ନୂଆପଡ଼ା ୧୧ ନଂ. କେନାଲର ରକ୍ଷଣାବେକ୍ଷଣ ହେଉନାହିଁ। ଏହାର ନୂଆପଡା ୮ ନଂ.ୱାର୍ଡ ଓମ୍‌ଫେଡ ପ୍ଲାଣ୍ଟ ନିକଟରୁ ପଶ୍ଚିମକୁ ଏକ କି.ମି. ପର୍ଯ୍ୟନ୍ତ ଜଙ୍ଗଲରେ ପରିପୂର୍ଣ୍ଣ ହୋଇଯାଇଛି। ଏହି କେନାଲର ଦୁଇ ପାର୍ଶ୍ୱରେ ଥିବା ପାଦଚଲା ବନ୍ଧ ରାସ୍ତାରେ ମଧ ସମାନ ଅବସ୍ଥା ହୋଇଛି। ଫଳରେ ଖରିଫ ଚାଷ ସମୟରେ କେନାଲରେ ଜଳ ପ୍ରବାହରେ ବାଧା ଉପୁଜିବା ନେଇ ଆଶଙ୍କା ରହିଛି।

ଅନ୍ୟପକ୍ଷେ ଏହି କେନାଲ ବନ୍ଧ ଦେଇ ପାଦଚଲା ରାସ୍ତାରେ ଯାତାୟାତ କରିବା ପାଇଁ ସ୍ଥାନୀୟ ଦଳିତ ସାହିର ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରତିବର୍ଷ ଉକ୍ତ କେନାଲର ରକ୍ଷଣାବେକ୍ଷଣ ପାଇଁ ସଫେଇ ବାବଦରେ ଲକ୍ଷାଧିକ ଟଙ୍କା ବ୍ୟୟ କରାଯାଉଛି। ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କ ତଦାରଖ ଅଭାବରୁ ନିୟୋଜିତ ଠିକାଦାର ଉପର ଠାଉରିଆ ଭାବେ କାର୍ଯ୍ୟକରି ଲକ୍ଷାଧିକ ଟଙ୍କା ଚଳୁ କରିଦେଉଛନ୍ତି ବୋଲି ସ୍ଥାନୀୟ ଅଧିବାସୀ ପ୍ରଶାନ୍ତ ଦାସ ଓ ଶକୁନ୍ତଳା ଦାସ ଅଭିଯୋଗ କରିଛନ୍ତି। ପ୍ରଚଣ୍ଡ ରୌଦ୍ରତାପରେ ଜମିବାଡି ଶୁଖି ଆଁ କରିଥିବାବେଳେ କେନାଲ ଓ ଦୁଇ ପାର୍ଶ୍ୱ ବନ୍ଧ ଜଙ୍ଗଲରେ ପରିଣତ ହେବା ଜଳସେଚନ ବିଭାଗର ଦାୟିତ୍ୱହୀନତାକୁ ପଦାରେ ପକାଇଛି ବୋଲି ଗ୍ରାମବାସୀ କହିଛନ୍ତି। ଉକ୍ତ କେନାଲ ବନ୍ଧ ରାସ୍ତା ଦେଇ ଦଳିତସାହି ଲୋକେ ମୁଖ୍ୟରାସ୍ତାକୁ ବାହାରିଥାନ୍ତି। ଦୀର୍ଘଦିନରୁ ଏହି ବନ୍ଧ ରାସ୍ତାକୁ ସୁଦୃଢ କରି ଯାତାୟତ ଉପଯୋଗୀ କରିବା ପାଇଁ ଗ୍ରାମବାସୀ ଦାବିକରି ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ଦିବାକର ଦାସ ଓ ମନୋରମା ଦାସ କହିଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚ ସାହେଦା ତବସୁମଙ୍କୁ ଯୋଗାଯୋଗ କରିବାରେ, ଏହା ଜଳସେଚନ ବିଭାଗ ଅଧୀନରେ ରହିଛି, ଏଥିରେ ପଞ୍ଚାୟତ କୌଣସି ଅନୁଦାନ ଦେଇପାରିବ ନାହିଁ ବୋଲି କହିଛନ୍ତି। ତେବେ ସେ ମଣିଜଙ୍ଗାସ୍ଥିତ ବିଭାଗୀୟ ଏସ୍‌ଡିଓଙ୍କୁ ରାସ୍ତା ସମସ୍ୟା ସମ୍ପର୍କରେ ଜଣାଇଥିବା କହିଛନ୍ତି। ମୌସୁମୀ ବର୍ଷା ଆସିବା ପୂର୍ବରୁ ଯଥାଶୀଘ୍ର ଉକ୍ତ କେନାଲ ଓ ଦୁଇପାର୍ଶ୍ୱ ବନ୍ଧକୁ ସଫେଇ କରିବା ସହ ଡାହାଣ ପାର୍ଶ୍ୱ ପାଦଚଲା ବନ୍ଧ ରାସ୍ତାକୁ ମୋରମ ମେଟାଲ ପକାଇ ସାଧାରଣଜନତାଙ୍କ ଯାତାୟାତ ଉପଯୋଗୀ କରିବାକୁ ନିରୂପମା ଦାସ, ଅମିତା ଦାସ, ଭାରତୀ ଦାସ, କନକ ଦାସ, ନୀଳମଣି ଦାସ, ବାସନ୍ତୀ ଦାସ ପ୍ରମୁଖ ଜିଲାପାଳ, ଜଳସମ୍ପଦ ମନ୍ତ୍ରୀ ଓ ସଚିବଙ୍କୁ ଅନୁରୋଧ କରିଛନ୍ତି। ଏ ସମ୍ପର୍କରେ ଏସ୍‌ଡିଓ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ କୁହନ୍ତି, ନିର୍ଦ୍ଧାରିତ ସମୟରେ କେନାଲ ସଫେଇ କରାଯିବ। ଏହାଛଡା ସେ ନିଜେ ଉକ୍ତ ସ୍ଥାନରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବେ ବୋଲି ପ୍ରକାଶ କରିଛନ୍ତି।



କେନାଲ , ବନ୍ଧରାସ୍ତା ଅନାବନା ଗଛରେ ପରିପୂର୍ଣ୍ଣ।

## ସଂକ୍ଷେପରେ

### ସେବିକା ସେବକ ଅଭ୍ୟାସ ବର୍ଗ କାର୍ଯ୍ୟକ୍ରମ



ବାଙ୍କୀ,୧୬।୫(ସ୍ୱ.ପ୍ର.): ବାଙ୍କୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଶିକ୍ଷା ବିକାଶ ସମିତି ଓ ଯୋଜନା ଆଧାରରେ ସେବିକା, ସେବକ ଅଭ୍ୟାସ ବର୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଶିକ୍ଷା ବିକାଶ ସମିତି ପୂର୍ବ ସମ୍ଭାଗ ସଭାପତି କୁଳମଣି ମିଶ୍ର ଉଦ୍‌ଘାଟନ କରିଥିଲେ। ସମ୍ମାନୀୟ ଅତିଥିଭାବେ ଶିରିଶି କୁମାର ହାତୀ, ସୁଧୀର କୁମାର ନାୟକ, ପ୍ରକାଶ କୁମାର ସାହୁ, ଧରଣୀଧର ସାହୁ, କାଉନସିଲର ସନାତନ ବେହେରା ପ୍ରମୁଖ ଯୋଗଦେଇଥିଲେ। ଏଥିରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରଞ୍ଜନ କୁମାର ସାମନ୍ତରାୟ ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ ହରେକୃଷ୍ଣ ମୁଦୁଲି ଯୋଗଦେଇ ସେବିକାସେବକଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ନରେଶ କୁମାର ମନ୍ତ୍ରୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ କଟକ, ଖୋର୍ଦ୍ଧା, ନୟାଗଡ ଜିଲାର ୪୪ର ଶିଶୁ ମନ୍ଦିରର ୫୪ଜଣ ସେବିକା ସେବକା ଅଂଶଗ୍ରହଣ କରିଥିଲେ। ୩ ଦିନ ଧରି ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ଦୈନନ୍ଦିନ ଜୀବନରେ ସେବା କାର୍ଯ୍ୟ, ବିଦ୍ୟାଳୟ ସାଜସଜ୍ଜା, ବଗିଚା କାମ, ଆବର୍ଜନା ପରିଚାଳନା, ପ୍ରାଥମିକ ଚିକିତ୍ସା ଆଦି ଉପରେ ପ୍ରଶିକ୍ଷଣ ଦିଆଯିବ। ଏହି କାର୍ଯ୍ୟକ୍ରମକୁ ସମ୍ପାଦକ ତାପସ କୁମାର ଦାଶ, ଉପସଭାପତି ରେଣୁବାଳା ରାଜ ପରିଚାଳନା କରିଥିଲେ।

### ରାମଚରିତ ମାନସ ନବାହ୍ନ ପାରାୟଣ ଜ୍ଞାନଯଜ୍ଞ ଉଦ୍‌ଯାପିତ

ବଡ଼ମ୍ବା,୧୬।୫(ଡି. ଏନ୍. ଏ.): ବଡ଼ମ୍ବା ବ୍ଲକ ଅନ୍ତର୍ଗତ ଶଙ୍ଖାମେରୀ ଗ୍ରାମ କପାପଦା ସାହି ତରଫରୁ ଅନୁଷ୍ଠିତ ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଜ୍ଞାନଯଜ୍ଞ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ୧୦ ଦିନ ଧରି ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ପ୍ରଥମ ଦିବସରେ ଘଟସ୍ଥାପନ ଓ ମାନସିକ କଳସ ଯାତ୍ରା କରାଯାଇଥିଲା। ଦ୍ୱିତୀୟ ଦିବସଠାରୁ ୯ ଦିନ ଧରି ପ୍ରବଚନ କାର୍ଯ୍ୟକ୍ରମ ହୋଇଥିଲା। ଓଡ଼ିଶାର ସ୍ୱନାମଧନ୍ୟ ଗାୟକ ତଥା ପ୍ରବକ୍ତା ବାଲେଶ୍ୱରର ତପସ୍ୱିନୀ ପାଢ଼ୀ, ପୁରୀର କୃପାସିନ୍ଧୁ ମହାରାଜ ଓ ଖଣ୍ଡପଡାର ସୁଦାମ ଚରଣ ଦାସ ପ୍ରମୁଖ ଯୋଗଦେଇ ପ୍ରବଚନ ଦେଇଥିଲେ। ଏହି ପ୍ରବଚନ ଶୁଣିବା ପାଇଁ ଶଙ୍ଖାମେରୀ, କନ୍ତପ ମଙ୍ଗରାଜପୁର, ଝାଜିଆ, ଗୋପମଥୁରା, ବୃନ୍ଦାବନପୁର, ଗୋପୀନାଥପୁର ଓ ବଡ଼ମ୍ବାଗଡ଼ ଇତ୍ୟାଦି ଅଞ୍ଚଳରୁ ଭକ୍ତମାନେ ଆସୁଥିଲେ। କାର୍ଯ୍ୟକ୍ରମକୁ କପାପଦା ସାହି, ଯୁବଗୋଷ୍ଠୀ, ପାରାୟଣ କମିଟି କର୍ମକର୍ତ୍ତା ତଥା ସାହିବାସୀ ପରିଚାଳନା କରିଥିଲେ।

## ଚୋରା ସ୍କୁଟି ଜବତ, ୨ ଅଭିଯୁକ୍ତ ଗିରଫ

**ବାଲିଅନ୍ତା,୧୬।୫(ଡି.ଏନ୍.ଏ.)**

ନଖରା ଛକସ୍ଥିତ ଏକ ହୋଟେଲ ସମ୍ମୁଖରୁ ଏକ ସ୍କୁଟି ଚୋରି ହେବା ଅଭିଯୋଗରେ ପାହାଳ ଥାନା ପୋଲିସ ୨ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ପୁରୀ ଜିଲା ଟାଉନ ଥାନା ଅଞ୍ଚଳର ଜ୍ଞାନରଞ୍ଜନ ପଣ୍ଡା(୨୬) ଓ ମୈତ୍ରୀବିହାର ଥାନା ସାଲିଆ ସାହି ଅଞ୍ଚଳରେ ରହୁଥିବା ଜଙ୍କିଆ ଥାନା ଅଞ୍ଚଳର ପ୍ରଦୀପ ଜେନା(୨୪)। ଏନେଇ ପୋଲିସ ୧୫୦/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ ଚୋରି ହୋଇଥିବା ସ୍କୁଟିକୁ ଜବତ କରିଛି। ଗତ ସୋମବାର ଅଭିଯୋଗକାରୀ ଗୋବିନ୍ଦ ଭୋଇ କଟକରୁ ସ୍କୁଟି ଯୋଗେ ଘରକୁ ଫେରୁଥିବା ସମୟରେ ଖାଇବାକୁ ନଖରା ଛକରେ ଅଟକିଥିଲେ। ଏହି ସୁଯୋଗରେ ଜ୍ଞାନ ଓ ପ୍ରଦୀପ ସ୍କୁଟିକୁ ଚୋରି କରି ସେଠାରୁ ଫେରାର ହୋଇଯାଇଥିଲେ। ପୋଲିସ ତଦନ୍ତ ସମୟରେ ଉଭୟଙ୍କୁ ହଂସପାଳ ଅଞ୍ଚଳରେ ସ୍କୁଟିରେ ବୁଲୁଥିବାବେଳେ କାବୁ କରିଥିଲା। ସେମାନେ ସ୍କୁଟି ଚୋରି କରିଥିବା ନେଇ ସ୍ୱୀକାର କରିଥିଲେ।

## କାଳବୈଶାଖୀ: ସାଲେପୁରରେ ବ୍ୟାପକ କ୍ଷୟକ୍ଷତି

**ସାଲେପୁର,୧୬।୫(ଡି.ଏନ୍.ଏ.)**

ସାଲେପୁର ବ୍ଲକରେ ଅପରାହ୍ନରେ କାଳବୈଶାଖୀ ପ୍ରଭାବରେ ପ୍ରବଳ ଝଡ଼ବର୍ଷା ଓ ବଜ୍ରପାତ ହୋଇଛି। ଫଳରେ ଅନେକ ଜାଗାରେ ବଡ଼ ବଡ଼ ଗଛ ଡାଳ ଭାଙ୍ଗିଯାଇଥିବାବେଳେ ଆମ୍ବ, କଦଳୀ, ଗୁଆ ଏବଂ ଅନ୍ୟାନ୍ୟ ଫସଲ କ୍ଷତିଗ୍ରସ୍ତ ହୋଇଛି। ବିଶେଷ କରି ଅପରାହ୍ନରେ ଧୂଳିଝଡ଼ ହେବା ସହ ବର୍ଷା ହେବା ଫଳରେ ସାଧାରଣ ଜୀବନଯାତ୍ରା ବାଧାପ୍ରାପ୍ତ ହୋଇଛି। ସେହିପରି ଗଛ ଉପୁଡ଼ିଯିବାରୁ ରୋଧପୁର ଗ୍ରାମର ରବି ସାମଲ ଆହତ ହୋଇଛନ୍ତି। ଏଥିରେ ତାଙ୍କ ସାଇକେଲଟି ଭାଙ୍ଗିଯାଇଛି। ସେ ସାଲେପୁର ତହସିଲ ଦେଇ ଯାଉଥିବାବେଳେ ଏକ ଛୋଟ ଗଛ ଉପୁଡି ତାଙ୍କ ଉପରେ ପଡ଼ିଯାଇଥିଲା। କାଳବୈଶାଖୀ ପ୍ରଭାବରେ ଅନେକ ସ୍ଥାନରେ ବିଦ୍ୟୁତ୍ ସରବରାହ ବାଧାପ୍ରାପ୍ତ ହୋଇଛି। ବୋଦାମୁଣ୍ଡାଇଠାରେ ଏକ ଟ୍ରାନ୍ସଫର୍ମର ଉପରେ ଗଛ ପଡିଥିବା ଦେଖିବାକୁ ମିଳିଛି। ଫଳରେ ଦିନ ୪ଟାଠାରୁ ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ବିଦ୍ୟୁତ୍ ସେବା ବିଚ୍ଛିନ୍ନ ଥିବା ଜଣାପଡ଼ିଛି। ନରଦା ପଞ୍ଚାୟତଠାରୁ ଆରମ୍ଭ କରି ଗୋପୀନାଥପୁର, ସତ୍ୟଭାମାପୁର, ଗନାପୁର, ବାରିଗୋଳ, ଚନ୍ଦ୍ରାଦେଇପୁର, ନଈଗୁଆଁ, ଶିଶୁଆ, ରାଇସୁଙ୍ଗୁଡ଼ା, ରାମକୃଷ୍ଣପୁର, ଓଡ଼ାସିଂହ, ଛୋଟିପଡ଼ା, ମିର୍ଜାପୁର ଆଦି ପଞ୍ଚାୟତରେ କାଳବୈଶାଖୀର ପ୍ରଭାବ ଦେଖିବାକୁ ମିଳିଛି।



କାଳବୈଶାଖୀରେ ଏକ ଗଛ ଭାଙ୍ଗି ସାଇକେଲ୍ ଉପରେ ପଡିଛି।

## ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଅକାଳ ବିୟୋଗ

**ରଘୁନାଥପୁର,୧୬।୫(ଡି.ଏନ୍.ଏ.):**

ରଘୁନାଥପୁର ବ୍ଲକ ତାରପୁର ପଞ୍ଚାୟତ ଗୋକୁଳପୁର ଗ୍ରାମର ଅଧିବାସୀ ଅରୁଣ ପ୍ରସାଦ ସିଂହ(୫୭)ଙ୍କ ସୋମବାର ରାତିରେ ଅସ୍ୱାଭାବିକ ମୃତ୍ୟୁ ଘଟିଛି। ତାଙ୍କର ଅବସର ନେବାକୁ ଦେଢ଼ବର୍ଷ ବାକି ଥିଲା। ଘରେ ସ୍ତ୍ରୀ ଓ ଦୁଇ ପୁଅ ଝିଅ ଅଛନ୍ତି। ସେ ବାଲିକୁଦା ବ୍ଲକ ତିତିରା ପଞ୍ଚାୟତ ସହ ଅନ୍ୟ ୨ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ। ସୋମବାର ହଠାତ୍ ଅରୁଣ ଅସୁସ୍ଥ ଅନୁଭବ କରିଥିଲେ। ନିଃଶ୍ୱାସ ପ୍ରଶ୍ୱାସ ନେବାରେ ବାଧା ଉପୁଜିବାରୁ ଅପରାହ୍ନରେ ପୁତ୍ର ବଣ୍ଟି ତାଙ୍କୁ ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଡାକ୍ତର ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ। ସେଠାରୁ ତାଙ୍କୁ ଅଧିକ ଚିକିତ୍ସା ନିମନ୍ତେ ଆଉ ଏକ ଚିକିତ୍ସାଳୟକୁ ନିଆଯାଉଥିବାବେଳେ ବାଟରେ ମୃତ୍ୟୁ ଘଟିଛି। ମଙ୍ଗଳବାର ସକାଳୁ ଏକ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଖବର ପାଇ ସହକର୍ମୀ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ। ବାଲିକୁଦା ବିଡିଓ ଜିତେନ୍ଦ୍ର କୁମାର ନାୟକ ଶୋକସନ୍ତପ୍ତ ପରିବାରଙ୍କୁ ସମବେଦନା ଜଣାଇବା ସହ ଅରୁଣଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି।

## ଶିକ୍ଷାଧିକାରୀଙ୍କ ନିକଟରେ ସୂଚନା ନାହିଁ

**କଟକ ସଦର,୧୬।୫(ଡି.ଏନ୍.ଏ.)**

ଗ୍ରାମାଞ୍ଚଳ ଓ ସହରାଞ୍ଚଳର ଗରିବ ଛାତ୍ରୀଛାତ୍ରଙ୍କୁ ଘରୋଇ ସ୍କୁଲରେ ପାଠ ପଢ଼ିବାର ସୁଯୋଗ ଦେବା ପାଇଁ ସରକାର ଅନ୍‌ଲାଇନରେ ପାରଦର୍ଶୀ ପୋର୍ଟାଲ ଖୋଲିଛନ୍ତି। ଏଥିରେ ପିଲାମାନେ ସହଜରେ ନିଜ ଅଞ୍ଚଳରେ ଥିବା ଘରୋଇ ସ୍କୁଲରେ ନାମ ପଞ୍ଜୀକରଣ କରି ନାମ ଲେଖାଇପାରିବେ। ମାତ୍ର ଏହି ପୋର୍ଟାଲରେ ପ୍ରତିଷ୍ଠିତ ଘରୋଇ ସ୍କୁଲ ଅଂଶଗ୍ରହଣ କରୁ ନାହାନ୍ତି। ଏହାର କାରଣ କଟକ ସଦର ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ମଧ ଉପଲବ୍ଧ ନାହିଁ। ୨୦୨୩- ୨୦୨୪ ଶିକ୍ଷା ବର୍ଷରେ କଟକ ସଦର ଅଞ୍ଚଳର ବହୁ ଘରୋଇ ସ୍କୁଲ ଏହି ପୋର୍ଟାଲରେ ଆତ୍ମବିବରଣୀ ସହ ପ୍ରତି ଶ୍ରେଣୀରେ ସଂରକ୍ଷିତ ସିଟ ସମ୍ପର୍କରେ ସୂଚନା ଉପଲବ୍ଧ କରାଇ ନ ଥିଲେ। ଫଳରେ ପ୍ରତିଷ୍ଠିତ ସ୍କୁଲରେ ନାମ ଲେଖାଇବା ପାଇଁ ଅପେକ୍ଷା କରି ଅନେକ ପିଲା ହତାଶ ହୋଇଥିବାର ଅଭିଯୋଗ କଟକ ସଦର ବ୍ଲକ ଶିକ୍ଷାଧିକାରୀଙ୍କ ନିକଟରେ ଅଭିଭାବକମାନେ କରିଥିଲେ। ମାତ୍ର ଅଂଶଗ୍ରହଣ ନ କରିବାର କାରଣ ସମ୍ପୃକ୍ତ କାର୍ଯ୍ୟାଳୟରେ ନାହିଁ ବୋଲି କଟକ ସଦର ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ଲୋକ ସୂଚନା ଅଧିକାରୀ ବିଜୟପ୍ରଭା ଦାଶ ପତ୍ର ସଂଖ୍ୟା ୧୯୯୭/୪।୫।୨୦୨୩ରେ ଜଣାଇଛନ୍ତି। ଚଳିତ ଶିକ୍ଷାବର୍ଷରେ କଟକ ସଦର ଗ୍ରାମାଞ୍ଚଳର ମୋଟ ୪୫ଟି ଘରୋଇ ସ୍କୁଲ ମଧ୍ୟରୁ ୩୫ଟି ସ୍କୁଲ ପାରଦର୍ଶୀ ପୋର୍ଟାଲରେ ଅଂଶଗ୍ରହଣ କରିଥିଲେ। ସେହିପରି ଏହି ଶିକ୍ଷାଧିକାରୀଙ୍କ ନିୟନ୍ତ୍ରଣରେ ଥିବା କଟକ ମହାନଗର ନିଗମ ଅଞ୍ଚଳର ମୋଟ ୮୯ଟି ଘରୋଇ ସ୍କୁଲ ଏହି ପୋର୍ଟାଲରେ ଅଂଶଗ୍ରହଣ କରିଥିଲେ।

ସୂଚନା ଅନୁଯାୟୀ, ଗ୍ରାମାଞ୍ଚଳରେ ୪୯ଜଣ ପିଲା ଓ ସହରାଞ୍ଚଳରେ ୨୦୪ ପିଲା ନାମଲେଖା ପାଇଁ ମନୋନୀତ ହୋଇଥିଲେ। ମାତ୍ର ସେମାନେ ନାମ ଲେଖାଇଲେ କି ନାହିଁ ତା'ର ସୂଚନା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରୁ ମିଳିପାରି ନାହିଁ। ନୂତନ ଶିକ୍ଷାନୀତି ଅନୁଯାୟୀ ଯେଉଁ ଘରୋଇ ସ୍କୁଲ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଠାରୁ( ସିଓଆର) ସାର୍ଟିଫିକେଟ ଅଫ୍ ରେଜିଷ୍ଟ୍ରେଶନ ପାଇଥିବେ, ସେମାନେ ସେମାନଙ୍କର ମୋଟ ସିଟ ସଂଖ୍ୟାର ୨୫ ପ୍ରତିଶତ ଗରିବ, ତଫସିଲ ଭୁକ୍ତ ଜାତି ଓ ଜନଜାତି, ଦିବ୍ୟାଙ୍ଗ ପିଲାଙ୍କ ଲାଗି ସଂରକ୍ଷିତ ରଖିବା ପାଇଁ ବାଧ୍ୟ। ଏହି ସର୍ତ୍ତର ଅନୁପାଳନ ହେଉଛି କି ନାହିଁ ତା'ର ଯାଞ୍ଚ ସ୍ଥାନୀୟ ବ୍ଲକ ଶିକ୍ଷାଧିକାରୀ କରିବା କଥା। ଯେଉଁମାନେ ଏହାକୁ ପାଳନ ନ କରିବେ ସେମାନଙ୍କର ସିଓଆର୍ ବାତିଲ କରାଯିବ ବୋଲି ଶିକ୍ଷା ନୀତିରେ ଉଲ୍ଲେଖ ରହିଛି। ଏ ନେଇ କୌଣସି ତଥ୍ୟ ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟରେ ନାହିଁ ବୋଲି ଦାଶ ଜଣାଇଛନ୍ତି।

## ଆଜି ଆସିବେ ରେଳ ମନ୍ତ୍ରୀ

**୧୮ରେ ବନ୍ଦେ ଭାରତ ଏକ୍ସପ୍ରେସ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଯୋଗ ଦେବେ**

**ଭୁବନେଶ୍ୱର,୧୬।୫(ବ୍ୟୁରୋ)**

ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ବୁଧବାର ୨ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଆସନ୍ତା ୧୮ ତାରିଖରେ ପୁରୀରୁ ହାଓଡ଼ା ବନ୍ଦେ ଭାରତ ଏକ୍ସପ୍ରେସ୍ ଚଳାଚଳର ଶୁଭାରମ୍ଭ କାର୍ଯ୍ୟକ୍ରମରେ ଯୋଗ ଦେବେ। ଏଥିପାଇଁ ୧୭ତାରିଖ ବୁଧବାର ରାତି ୯ଟା୫ମିନିଟରେ ମନ୍ତ୍ରୀ ବୈଷ୍ଣବ ଭୁବନେଶ୍ୱରରେ ପହଞ୍ଚିବେ। ଗୁରୁବାର ସକାଳେ ପୁରୀ ଗସ୍ତକରି ସେଠାରେ ବନ୍ଦେ ଭାରତ ଏକ୍ସପ୍ରେସ କାର୍ଯ୍ୟକ୍ରମରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ପୁରୀରୁ ବନ୍ଦେ ଭାରତ ଏକ୍ସପ୍ରେସକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଏଥିପାଇଁ ପୁରୀ ରେଳ ଷ୍ଟେଶନ ସମ୍ପୂର୍ଣ୍ଣ ସଜେଇ ହୋଇଗଲାଣି। ପୁରୀରୁ କାର୍ଯ୍ୟକ୍ରମ ସାରି ମନ୍ତ୍ରୀ ବୈଷ୍ଣବ ଭୁବନେଶ୍ୱର ପହଞ୍ଚିବା ପରେ ପୋଷ୍ଟାଲ ଡିପାର୍ଟମେଣ୍ଟ ଏବଂ ପରେ ରେଳ ପ୍ରକଳ୍ପର ସମୀକ୍ଷା କରିବାର କାର୍ଯ୍ୟକ୍ରମ ରହିଛି। ସେହିଦିନ ରାତିରେ ମନ୍ତ୍ରୀ ନୂଆଦିଲ୍ଲୀ ଫେରିଯିବାର କାର୍ଯ୍ୟକ୍ରମ ରହିଛି। ମନ୍ତ୍ରୀଙ୍କ ଗସ୍ତ ସମୟରେ ୱାଇ କାଟାଗୋରୀ ସୁରକ୍ଷା ଯୋଗାଇବା ପାଇଁ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବାକୁ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ମିଳିଛି।

## କ୍ରିକେଟ୍ ଟୁର୍ନାମେଣ୍ଟ : ଅଘୋରୀ ଇଲେଭେନ୍ ଚାମ୍ପିୟନ

**ସାଲେପୁର,୧୬।୫(ଡି.ଏନ୍.ଏ.)**

ସାଲେପୁର ବ୍ଲକ୍ ଅଧୀନ ଗୋପୀନାଥପୁରର ମାଧବାନନ୍ଦ କ୍ରିକେଟ୍ କ୍ଲବ ଆନୁକୂଲ୍ୟରେ ରାତ୍ରିକାଳୀନ ଫ୍ଲଡ୍ ଲାଇଟ୍ ଟୁର୍ନାମେଣ୍ଟ ହରିଡ଼ାପଡ଼ିଆଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୮ଟିମ୍ ଭାଗନେଇଥିଲେ। ଫାଇନାଲ ମ୍ୟାଚ ଅଘୋରୀ କ୍ରିକେଟ୍ ଟିମ୍ ଓ ବିଏମ୍‌ସିଟି ମଧ୍ୟରେ ଖେଳାଯାଇଥିଲା।

ଏଥିରେ ଅଘୋରୀ ଇଲେଭେନ୍ ବିଜୟୀ ହୋଇଛି। ମ୍ୟାଚକୁ ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା ଉଦ୍‌ଘାଟନ କରିଥିଲେ। ଅବସରପ୍ରାପ୍ତ ଝାରସୁଗୁଡ଼ା ଏସ୍‌ପି ବିକାଶ ଦାଶ, ସାଲେପୁର ବ୍ଲକ ଅଧ୍ୟକ୍ଷ ରାମଚନ୍ଦ୍ର ଭୋଇ, ଜିଲା ପରିଷଦ ସଭ୍ୟା ସୁନିତା ମଲ୍ଲିକ, ସରପଞ୍ଚ ଦମୟନ୍ତୀ ମହାନ୍ତି, ସମିତିସଭ୍ୟ ହୃଷୀକେଶ କାନୁନଗୋ, ଫ୍ରେଣ୍ଡସ କ୍ଲବ ସଭାପତି ହୃଷୀକେଶ ରାଉତ, ଯୁଗଳ କିଶୋର ଜେନା ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ବିଜେତା ଦଳକୁ ପାଗା ଫାଣ୍ଡି ଅଧିକାରୀ କୁଞ୍ଜବିହାରୀ ଧୀର ଓ ଫ୍ରେଣ୍ଡସ କ୍ଲବ ସଭାପତି ରାଉତ ଉପସ୍ଥିତ ରହି ଅର୍ଥରାଶି ସହ ଟ୍ରଫି ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଶୁଭଙ୍କର ମହାନ୍ତି, ରାଜେଶ କୁମାର ସାହୁ, ଅର୍ମାନ ମହାନ୍ତି, ଅଭିଷେକ ମହାନ୍ତି, ଅଭିଷେକ ମାହୁନ୍ତ, ମନୋରଞ୍ଜନ ସାମଲ, ଅଭୟ ଦାଶ ପ୍ରମୁଖ ସହଯୋଗ କରିଥିଲେ।



ଟୁର୍ନାମେଣ୍ଟରେ ଯୋଗଦେଇଥିବା ଅତିଥିମାନେ।

## ୨୦ବର୍ଷ ତଳେ ନିଜସ୍ୱ ଅର୍ଥରେ ଗଢ଼ିଥିଲେ ମନ୍ଦିର

**ନିକଟରେ ଏକ ଯଜ୍ଞ ସମୟରେ ଜାଣିଲେ ଗ୍ରାମବାସୀ**

**ଖୁଣ୍ଟୁଣୀ,୧୬।୫( ଡି.ଏନ୍.ଏ.)**

ନିଜ ଜନ୍ମ ଭୂମିରେ ଏକ ମନ୍ଦିର କରିବା ପାଇଁ ସ୍ୱପ୍ନ ଦେଖି ତାହାକୁ ସତରେ ପରିଣତ କରିବା ବହୁତ କମ୍ ଲୋକ ଥାଆନ୍ତି। ଏଭଳି କାଠିକର ସ୍ୱପ୍ନକୁ ପୂରଣ କରି ଦେଖାଇଛନ୍ତି ଜଣେ ତ୍ୟାଗୀ, ଦରଦୀ ମଣିଷ। ଯିଏ ସାରା ଜୀବନ ଅବିବାହିତ ରହି ନିଜ ଚାକିରି କାଳରେ ଯାହା ଆୟ କମାଇଥିଲେ ସେ ସମସ୍ତ ଟଙ୍କାକୁ ଏକ ହନୁମାନ ମନ୍ଦିର ନିର୍ମାଣରେ ଲଗାଇ ଅଞ୍ଚଳକୁ ଭାବମୟ ପରିବେଶ ସୃଷ୍ଟି କରିଛନ୍ତି। ସେ ହେଲେ କଟକ ଜିଲା ଉପକଣ୍ଠ ଖୁଣ୍ଟୁଣୀ ଥାନା ଅଧୀନ ଧୁରୁଷିଆ ଲଣ୍ଡା ପାହାଡ଼ ଉପରେ ଥିବା ଏହି ହନୁମାନ ମନ୍ଦିରର ପ୍ରତିଷ୍ଠାତା ବ୍ରଜବନ୍ଧୁ ଲେଙ୍କା। ଏପରିକି ଏହି ହନୁମାନ ମନ୍ଦିର ପ୍ରାୟ ୨୦ବର୍ଷ ତଳେ ସେ ନିର୍ମାଣ କରିଥିଲେ। କିନ୍ତୁ ଏହା ନିଜସ୍ୱ ଉଦ୍ୟମରେ ହୋଇଛି ବୋଲି କାହାକୁ ନ କହିବା ପାଇଁ ସେତେବେଳେ ସହଯୋଗ କରିଥିବା ବନ୍ଧୁମାନଙ୍କୁ କହିଥିଲେ। ହେଲେ ନିକଟରେ ଏକ ଯଜ୍ଞ ସମୟରେ ବ୍ରଜବନ୍ଧୁଙ୍କ ଏହି କଥା ଜାଣି ଗ୍ରାମବାସୀ ଚକିତ ହୋଇଯାଇଥିଲେ। ବ୍ରଜବନ୍ଧୁଙ୍କ ଚେଷ୍ଟା, ଉଦ୍ୟମ, ଆତ୍ମୀୟତା, ସଚ୍ଚୋଟତାକୁ ଗ୍ରାମବାସୀ ସାଧୁବାଦ ଜଣାଇଛନ୍ତି। ବ୍ରଜବନ୍ଧୁଙ୍କୁ ଏବେ ୮୬ବର୍ଷ ହୋଇଥିବା ବେଳେ ମନ୍ଦିର ପରିସର ଅଞ୍ଚଳକୁ ଆହୁରି ସବୁଜମୟ କରିବାକୁ ମଧ ଲକ୍ଷ୍ୟ ରଖିଥିବା ସେ କହିଛନ୍ତି।

୧୯୩୭ରେ ମାତା ମୁକ୍ଷା ଦେବୀ ଓ ପିତା ପଦ୍ମନାଭ ଲେଙ୍କାଙ୍କ କୋଳ ମଣ୍ଡନ କରିଥିଲେ ବ୍ରଜବନ୍ଧୁ। ଯୁବକଅବସ୍ଥାରେ ଭୁବନେଶ୍ୱରସ୍ଥିତ ସରକାରୀ ଟେଷ୍ଟିଂ ଲାବୋରେଟୋରିରେ ଚାକିରି କରୁଥିବା ସମୟରେ ଅଞ୍ଚଳରେ ଏକ ହନୁମାନ ମନ୍ଦିର ନିର୍ମାଣ କରିବାକୁ ସ୍ୱପ୍ନ ଦେଖିଥିଲେ। ଏଥିପାଇଁ ତାଙ୍କ ମାଆବାପାଙ୍କୁ ଜଣାଇବା ସହ ସାରା ଜୀବନ ଅବିବାହିତ ରହିବା ପାଇଁ କହିଥିଲେ। ବ୍ରଜଙ୍କ କଥାକୁ ପରିବାର ଲୋକ ମାନିଥିଲେ। ଚାକିରି ଜୀବନରୁ ଅବସର ପରେ ୧୯୯୯ରେ ଭୁବନେଶ୍ୱରରେ କିଣିଥିବା ଘର ଓ ଆଇଗିଣିଆରେ କିଣିଥିବା ଜମିକୁ ବିକ୍ରି କରି ଗ୍ରାମର କିଛି ଆଗ୍ରହୀ ଯୁବକ ନିରାକାର ଲେଙ୍କା, ସଞ୍ଜୟ ରାଉତ, ଅନ୍ତର୍ଯାମୀ ବେହେରା, ପ୍ରଶାନ୍ତ ବେହେରା, ଶଙ୍କର୍ଷଣ ରାଉତ, ଅରକ୍ଷିତ ବେହେରା, ଅକ୍ରୁର ରାଉତଙ୍କୁ ନେଇ ମନ୍ଦିର ଶିଳାନ୍ୟାସ କରି ୨୦୦୧ ମଧ୍ୟରେ ମନ୍ଦିର ନିର୍ମାଣ କରିଥିଲେ। ହେଲେ ଏହି ମନ୍ଦିର ନିର୍ମାଣ ନିଜସ୍ୱ ଅର୍ଥରେ କରିବା କଥା ବ୍ରଜ ଗ୍ରାମରେ କାହାକୁ ଜଣାଇ ନ ଥିଲେ। ପ୍ରାୟ ୨୨ବର୍ଷ ପରେ ନିକଟରେ ମନ୍ଦିରରେ ଏକ ଯଜ୍ଞ ହେଉଥିବାବେଳେ ସେତେବେଳେ ନିର୍ମାଣ ସମୟରେ ଯୁବାବସ୍ଥାରେ ଥିବା ନିରାକାର, ସଞ୍ଜୟଙ୍କଠାରୁ ଏହି କଥା ଗ୍ରାମବାସୀ ଜାଣିଥିଲେ। ଗ୍ରାମବାସୀ ଏହା ଜାଣି ଆଶ୍ଚର୍ଯ୍ୟ ହେବା ସହ ବ୍ରଜବନ୍ଧୁଙ୍କୁ ସାଧୁବାଦ ଜଣାଇଥିଲେ। ବର୍ତ୍ତମାନ ଏହି ମନ୍ଦିର ସମଗ୍ର ଆଠଗଡ଼ ବ୍ଲକରେ ଏକ ଭକ୍ତି ଓ ସାଧନାର ପୀଠ ଭାବେ ପରିଚିତ। ତାଙ୍କର ଉଦ୍ୟମ, ଚେଷ୍ଟା ଓ ଆଧ୍ୟାତ୍ମିକ ଦିଗ୍‌ଦର୍ଶନରେ ଅନେକ ଯୁବକ ସାଥୀ ପ୍ରଭାବିତ ହୋଇ ଶ୍ରୀସଙ୍କଟମୋଚନ ହନୁମାନ ଜୀ କୃପା ପରିଷଦରେ ନିଜକୁ ସାମିଲ କରିବା ସହ ଅନୁଷ୍ଠାନର ପ୍ରଚାର ପ୍ରସାର କରିବାରେ ଉଦ୍ୟମ ଜାରି ରଖିଛନ୍ତି। ଏଥିସହ ବ୍ରଜବନ୍ଧୁ ବର୍ତ୍ତମାନ ବୟସ୍କ ହୋଇଯାଇଥିଲେ ମଧ ପ୍ରତିଦିନ ସକାଳେ ୩ଘଣ୍ଟା ଓ ଖରାବେଳେ ୨ ଘଣ୍ଟା ଶାବଳରେ ମାଟି ତାଡି ଉଚ୍ଚା ଜାଗାରୁ ମାଟି ପଥର ବୋହି ଖାଲ ସ୍ଥାନକୁ ସମତଳ କରୁଛନ୍ତି। ତାଙ୍କ ଉଦ୍ୟମ ଯୋଗୁ ଏହି ଲଣ୍ଡା ପାହାଡ଼ ଉପରେ ପ୍ରାୟ ୪ ଶହ ପ୍ରକାରର ଫଳ ଫୁଲ ଗଛ ସହ ବିଭିନ୍ନ ଔଷଧୀୟ ବୃକ୍ଷରେ ସବୁଜ ବନାନୀ ପାଲଟିଛି। ୧୯୮୮ରେ ସେ ଧୁରୁଷିଆର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ନିର୍ମାଣ ନିମନ୍ତେ ସର୍ବୋଚ୍ଚ ଅର୍ଥ ଦାନ କରିଥିଲେ।



ହନୁମାନ ମନ୍ଦିର ପାର୍ଶ୍ୱରେ ଠିଆହୋଇଛନ୍ତି ବ୍ରଜବନ୍ଧୁ ଲେଙ୍କା।

## ସଂକ୍ଷେପରେ

### ନାବାଳକଙ୍କ ତଣ୍ଟି ଚିପି ହତ୍ୟା ଉଦ୍ୟମ, ୨ ମହିଳା ଗିରଫ



**ଖୋର୍ଦ୍ଧା ଅଫିସ,୧୬।୫:** ବାଣପୁର ଥାନା ଅନ୍ତର୍ଗତ ହଳନ୍ଦା ଗ୍ରାମରେ ଜଣେ ୧୩ ବର୍ଷର ବାଳକଙ୍କୁ ତଣ୍ଟି ଚିପି ହତ୍ୟା ଉଦ୍ୟମ ଘଟଣାରେ ପୋଲିସ ମଙ୍ଗଳବାର ଏହି ଗ୍ରାମର ୨ ମହିଳାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ପାଣ୍ଡି ନାୟକ ଓ ମିନତି ନାୟକ। ଜାମିନ ନାମଞ୍ଜୁର ପରେ ଏମାନଙ୍କୁ ଜେଲକୁ ପଠାଇ ଦିଆଯାଇଛି। ଅଭିଯୋଗ ମୁତାବକ, ଅଭିଯୁକ୍ତଦ୍ୱୟ ହଳନ୍ଦା ଗ୍ରାମର ଗୁରୁବାରି ନାୟକଙ୍କ କବାଟ ଭାଙ୍ଗିବା ସହ ଘରେ ପଶିଥିଲେ। ଏପରିକି ଗୁରୁବାରିଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ଏହି ସମୟରେ ଗୁରୁବାରିଙ୍କ ପୁଅ ସମ୍ବିତ ଆସିଯିବାରୁ ଅଭିଯୁକ୍ତଦ୍ୱୟ ତାଙ୍କୁ ଜୀବନରେ ମାରିଦେବା ଉଦ୍ଦେଶ୍ୟରେ ତା'ର ତଣ୍ଟିକୁ ଚିପି ଦେଇଥିଲେ। କିନ୍ତୁ ସେଠାରୁ କୌଶଳକ୍ରମେ ଖସି ପଳାଇଥିଲା। ଅଭିଯୁକ୍ତଦ୍ୱୟ ଗ୍ରାମର ଲତା ନାୟକଙ୍କ ଘରକୁ ଯାଇ ଲତା ଓ ତାଙ୍କ ଝିଅଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ଗୁରୁବାରିଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇବା ସହ ପାଣ୍ଡି ଓ ମିନତିଙ୍କୁ ଗିରଫ କରିଥିଲା।

### ଉମ୍ବରୁଧରଙ୍କ ସ୍ମୃତିସଭା

**ଜଟଣୀ,୧୬।୫(ଡି.ଏନ୍.ଏ.):** ଜଟଣୀ ବ୍ଲକ ପଦନପୁର ପଞ୍ଚାୟତ ଅଧୀନ ବେଲପଡ଼ା ଖୋଲାଦ୍ୱାର ଗ୍ରାମରେ ଏକ ସ୍ମୃତିସଭା ଓ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମାଜସେବୀ ଉମ୍ବରୁଧର ମହାପାତ୍ରଙ୍କ ସ୍ମୃତିସଭା ପରିପ୍ରେକ୍ଷୀରେ ସାମାଜିକ କର୍ମୀ ନିଧି ମହାପାତ୍ରଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ନୂତନ କଲ୍ୟାଣମଣ୍ଡପଠାରେ ଦେବଦାରୁ, ନିମ୍ବ ଆଦି ଚାରା ରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବତନ ଖୋର୍ଦ୍ଧା ଜିଲା ପରିଷଦ ସଦସ୍ୟ ବିଜୟ କୁମାର ଛୋଟରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ପ୍ରିୟରଞ୍ଜନ ବେହେରା, ଅବନୀ ରାଉତରାୟ, ଜବାହରଲାଲ ସୁବୁଦ୍ଧି, ସୁକାନ୍ତ ପରିଡ଼ା, ଶକ୍ତିଧର ମହାପାତ୍ର, ପ୍ରସନ୍ନ ପାଢ଼ଶାଣୀ, ମାଧବ ଚନ୍ଦ୍ର ମହାପାତ୍ର, ପ୍ରକାଶ ଚନ୍ଦ୍ର ମହାପାତ୍ର, କୃଷ୍ଣ ସାହୁ, ଗଜେନ୍ଦ୍ର ମହାପାତ୍ର, ଉପେନ୍ଦ୍ର ଜେନା, ବୈରାଗୀ ଜେନା, ସାରଙ୍ଗଧର ବେହେରା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମହାପାତ୍ରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରିବା ସହିତ ଚାରା ରୋପଣ କରିଥିଲେ। ଶେଷରେ ସାରଙ୍ଗଧର ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ୧୪ ବର୍ଷ ହେଲା ପାଇପ୍ ପାଣିରୁ ବଞ୍ଚିତ ୩ ଗାଁ

- ପିଇବା ପାଣି ପାଇଁ ଲୋକେ ହଇରାଣ
- ଅଭିଯୋଗ ସତ୍ତ୍ୱେ ପ୍ରଶାସନ ନୀରବଦ୍ରଷ୍ଟା

**ବୋଲଗଡ଼,୧୬।୫(ଡି.ଏନ୍.ଏ.)**

ଗ୍ରାମାଞ୍ଚଳରେ ଲୋକେ କିପରି ବିଶୁଦ୍ଧ ପାନୀୟଜଳ ପାଇପାରିବେ, ସେନେଇ ସରକାର ବିଭିନ୍ନ ଯୋଜନା କରିବା ସହ ପଦକ୍ଷେପ ନେଉଛନ୍ତି। ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ପ୍ରତ୍ୟେକ ବ୍ଲକରେ କାର୍ଯ୍ୟ କରି ନଳକୂପ ଖନନ ଏବଂ ବିଶୁଦ୍ଧ ପାନୀୟ ଜଳଯୋଗାଣ ପ୍ରକଳ୍ପ ମାଧ୍ୟମରେ ଗ୍ରାମାଞ୍ଚଳର ଜନସାଧାରଣଙ୍କୁ ଏହି ସୁବିଧା ଉପଲବ୍ଧ କରାଇଥା'ନ୍ତି। ତେବେ ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ବାଙ୍କୋଇଦେଶ ପଞ୍ଚାୟତ ଅଞ୍ଚଳରେ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ଏହି ପଞ୍ଚାୟତର କନ୍ତାଇଲୋ, ଦୁର୍ଗାପୁର ଏବଂ ହରେକୃଷ୍ଣପୁର ଗ୍ରାମବାସୀ ୧୪ବର୍ଷ ହେବ ପାଇପ୍ ପାଣି ପାଇବାରୁ ବଞ୍ଚିତ ହୋଇଛନ୍ତି। ଫଳରେ ପିଇବା ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପଟେ ଉକ୍ତ ଗ୍ରାମଗୁଡ଼ିକୁ ପାଇପ୍ ଯୋଗେ ପୁନଃ ପାନୀୟଜଳ ଯୋଗାଣ କରାଯିବାକୁ ଗ୍ରାମବାସୀ ଦାବି କରିଆସୁଥିଲେ ମଧ୍ୟ ପ୍ରଶାସନ ନୀରବଦ୍ରଷ୍ଟା ସାଜିଛି।

ଏହି ବ୍ଲକ ଅନ୍ତର୍ଗତ ବଡ଼କୁମାରୀ ପଞ୍ଚାୟତର ମାଣିକପୁରଠାରେ ୨୦୦୮ରେ ଏହି ପ୍ରକଳ୍ପ ନିର୍ମାଣ ହୋଇଥିଲା। ଉକ୍ତ ପ୍ରକଳ୍ପରୁ ଉପରୋକ୍ତ ୩ ଗାଁ ସମେତ ମାଣିକପୁରକୁ ପାନୀୟଜଳ ଯୋଗାଣ ହୋଇଥିଲା। ପ୍ରାୟ ୬ମାସ ପରେ କୌଣସି ଠାରେ ପାଇପ୍ ଫାଟିଯିବାରୁ ଉକ୍ତ ୩ ଗ୍ରାମକୁ ଜଳଯୋଗାଣ ବ୍ୟାହତ ହୋଇଥିଲା। ତେବେ ଏହି ପ୍ରକଳ୍ପରୁ ମାଣିକପୁର ଗ୍ରାମକୁ ଜଳଯୋଗାଣ ହେଉଥିଲେ ମଧ୍ୟ କନ୍ତାଇଲୋ, ଦୁର୍ଗାପୁର ଓ ହରେକୃଷ୍ଣପୁର ଗ୍ରାମକୁ ଅଦ୍ୟାବଧି ଜଳଯୋଗାଣ ବ୍ୟାହତ ହୋଇ ରହିଛି। ଫଳରେ ଉକ୍ତ ୩ ଗ୍ରାମର ଲୋକେ ପିଇବା



ମାଣିକପୁର ଠାରେ ଥିବା ପାନୀୟଜଳ ଯୋଗାଣ ପ୍ରକଳ୍ପ।

ପାଣି ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅପରପକ୍ଷେ କନ୍ତାଇଲୋ ଗ୍ରାମର ମଠ ସାହିରେ ଥିବା ଏକ ନଳକୂପ ଲୋକଙ୍କ ଚାହିଦା ମେଣ୍ଟାଇ ପାରୁନାହିଁ। ବିଶେଷକରି ଖରାଦିନେ ଏହି ସାହିର ଲୋକେ ଅନ୍ୟ ସାହିର ନଳକୂପ ଉପରେ ନିର୍ଭର କରୁଛନ୍ତି। କେତେଜଣ ଖୋଲାକୂଅରୁ ପାନୀୟଜଳ ସଂଗ୍ରହ କରୁଥିବା ଦେଖିବାକୁ ମିଳିଛି। ପ୍ରକାଶ ଯେ, ଏହି ସାହିର ଦୋଳମଣ୍ଡପଠାରେ ରହିଛି ଗୋଟିଏ ନଳକୂପ। ତେବେ ଏହି ନଳକୂପରୁ ପାଣି ଠିକ୍‌ଭାବେ ବାହାରୁ ନାହିଁ। ଯାହା ବି ପାଣି ବାହାରୁଛି ତାହା ଲୌହଗୁଣଯୁକ୍ତ ହୋଇଥିବାରୁ ଲୋକେ ପାଣି ପିଇବା ପାଇଁ ହଇରାଣ ହେଉଛନ୍ତି। ସେହିପରି ସାହିର ଦକ୍ଷିଣ ପାର୍ଶ୍ୱରେ ଥିବା କନ୍ତାଇଲୋ ଗ୍ରାମ ସାନମଠଠାରେ ଥିବା ନଳକୂପଟି ପ୍ରାୟ ୩୦ବର୍ଷ ତଳର ହୋଇଥିବାବେଳେ ଏଠାରେ ବାହାରୁଥିବା ଜଳ ପାନୀୟ ଉପଯୋଗୀ ନୁହେଁ। ଗ୍ରାମବାସୀଙ୍କ ପକ୍ଷରୁ ବାରମ୍ବାର ଅଭିଯୋଗ ହୋଇଆସୁଥିଲେ ମଧ୍ୟ ପାଇପ୍ ଯୋଗେ ପାନୀୟଜଳ ଯୋଗାଣ ପୁନଃ କାର୍ଯ୍ୟକ୍ଷମ ହୋଇ ପାରିନାହିଁ। ତୁରନ୍ତ ପାଇପ୍ ଯୋଗେ ପାନୀୟଜଳ ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଅନ୍ୟପକ୍ଷରେ ଏନେଇ ବୋଲଗଡ଼ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗର ସହକାରୀ ଯନ୍ତ୍ରୀ ସୁନିଲ ପାଢ଼ୀ କହିଛନ୍ତି, ସମ୍ପୃକ୍ତ ଅଞ୍ଚଳରେ ଭୂତଳ ଜଳସ୍ତର ପର୍ଯ୍ୟାପ୍ତ ନ ଥିବାରୁ ଏପରି ହୋଇଛି। ନଳକୂପ ଜଳର ନମୁନା ପରୀକ୍ଷଣ ପଠାଯାଇଛି। ଖୁବ୍‌ଶୀଘ୍ର ମହାନଦୀରୁ ମେଗା ପାନୀୟଜଳ ପ୍ରକଳ୍ପ ମାଧ୍ୟମରେ ଜଳଯୋଗାଣ କରାଯିବ, ଫଳରେ ଅଞ୍ଚଳର ପାନୀୟଜଳ ସମସ୍ୟା ଦୂରୀଭୂତ ହୋଇପାରିବ ବୋଲି ସେ କହିଛନ୍ତି।

### ବିଏସ୍‌ଏନ୍‌ଏଲ୍ ସେବା ବିପର୍ଯ୍ୟସ୍ତ, ଉପଭୋକ୍ତା ହଇରାଣ

**ନିରାକାରପୁର,୧୬।୫(ଡି.ଏନ୍.ଏ.)**

ନିରାକାରପୁର ଅଞ୍ଚଳରେ ବିଏସ୍‌ଏନ୍‌ଏଲ୍ ସେବା ଏବେ ବିପର୍ଯ୍ୟସ୍ତ। ଫଳରେ ୨୦ରୁ ଊର୍ଦ୍ଧ୍ୱ ପଞ୍ଚାୟତ ଅଧୀନରେ ଥିବା ୧୦ହଜାରରୁ ଊର୍ଦ୍ଧ୍ୱ ଉପଭୋକ୍ତା ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନମ୍ବର ଡାଏଲ କରୁ କରୁ ଆପଣ ଡାଏଲ କରିଥିବା ସମସ୍ତ ଲାଇନ ବ୍ୟସ୍ତ ଅଛି ବୋଲି ବାରମ୍ବାର ଶୁଣିବାକୁ ମିଳୁଛି। ନିରାକାରପୁର ନୁହେଁ ଟାଙ୍ଗୀ ବ୍ଲକ ଅଞ୍ଚଳରେ ଥିବା ସର୍ବାଧିକ ଏକ୍ସଚେଞ୍ଜ ଅଚଳ ଥିବାରୁ ଏଭଳି ପରିସ୍ଥିତି ଉପୁଜୁଥିବା ଜଣାପଡ଼ିଛି। କୋଟି କୋଟି ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ଟାୱାର ଗୁଡ଼ିକରେ କେଉଁଠି ବ୍ୟାଟେରି ନାହିଁ ତ କେଉଁଠାରେ ଜେନେରେଟର କାମ କରୁନାହିଁ। ନିରାକାରପୁର ବିଏସଏନଏଲ କାର୍ଯ୍ୟାଳୟ ଅଧୀନରେ ସତ୍ୟବାଦୀ, ବ୍ରହ୍ମଗିରି, ଖୋର୍ଦ୍ଧା ଆଦି ଅଞ୍ଚଳର ବିଭିନ୍ନ ଅନୁଷ୍ଠାନ ସହ ସାଧାରଣଲୋକେ ବିଏସଏନଏଲ ଟେଲି ସେବା ପାଇ ଆସୁଥିଲେ। ହେଲେ ଦାୟିତ୍ୱରେ ଥିବା ବିଭାଗୀୟ ଅଧିକାରୀଙ୍କ ଅବହେଳାରୁ ଉପଭୋକ୍ତାଙ୍କ ସଂଖ୍ୟା ହ୍ରାସ୍ ପାଉଥିବା ସାଧାରଣରେ ଅଭିଯୋଗ ହେଉଛି।


ପଣ୍ଡାଳମ ଗ୍ରାମ ନୂଆସାହିସ୍ଥିତ ଲକ୍ଷ୍ମୀ ନାରାୟଣ ଦେବଙ୍କ ପୀଠ ପରିସରରେ ମଙ୍ଗଳବାର ଅନୁଷ୍ଠିତ ଶ୍ରୀମଦ୍ ଭାଗବତ ସଭା।

### ଲକ୍ଷ୍ମୀନାରାୟଣଙ୍କ ପୀଠରେ ଭାଗବତ ସଭା

**ବେଗୁନିଆ,୧୬।୫(ଡି.ଏନ୍.ଏ.)**

ବେଗୁନିଆ ଏବଂ ବାଙ୍କୀ ବ୍ଲକ ସୀମାନ୍ତ ପଣ୍ଡାଳମ ଗ୍ରାମ ନୂଆସାହିସ୍ଥିତ ଲକ୍ଷ୍ମୀ ନାରାୟଣ ଦେବଙ୍କ ପୀଠ ପରିସରରେ ମଙ୍ଗଳବାର ଶ୍ରୀମଦ୍ ଭାଗବତ ସଭା ଆୟୋଜିତ ହୋଇଯାଇଛି। ପ୍ରଥମ ବାର୍ଷିକ ଉତ୍ସବ ଅବସରରେ ମନ୍ଦିର କାର୍ଯ୍ୟକର୍ତ୍ତାଙ୍କ ପକ୍ଷରୁ ଆୟୋଜିତ ଏହି ସଭାରେ କଟକ, ଖୋର୍ଦ୍ଧା ଓ ନୟାଗଡ଼ ଜିଲା ଅଞ୍ଚଳର ବହୁ ପଣ୍ଡିତ ଓ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ଶ୍ରୀମଦ୍ ଭାଗବତ ମହାପୁରାଣର ତୃତୀୟ ସ୍କନ୍ଧ ୩୦ତମ ଅଧ୍ୟାୟ ଆସକ୍ତ ଜୀବର ମରଣୋତ୍ତର ଗତି ବିଷୟରେ ଆଲୋଚନା କରାଯାଇଥିଲା। ଅନ୍ୟପକ୍ଷରେ ପ୍ରାତଃରେ ବିଧି ଅନୁସାରେ ଠାକୁରଙ୍କୁ ନୂତନ ବସ୍ତ୍ର ପରିଧାନ ଓ ଅଳଙ୍କୃତ କରିବା ପରେ ବିଷ୍ଣୁ ସହସ୍ରନାମ, ଜଗନ୍ନାଥ ସହସ୍ର ନାମ ପାଠ କରାଯାଇଥିଲା।

### ବ୍ଲକସ୍ତରୀୟ ପଞ୍ଚାୟତ ଉନ୍ନୟନ ଯୋଜନା ବୈଠକ


ବୈଠକରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ।

**ବୋଲଗଡ଼,୧୬।୫(ଡି.ଏନ୍.ଏ.)**

ବୋଲଗଡ଼ ବ୍ଲକ କାର୍ଯ୍ୟାଳୟସ୍ଥିତ ରାଜୀବ ଗାନ୍ଧୀ ସେବାକେନ୍ଦ୍ରର ସମ୍ମିଳନୀ କକ୍ଷରେ ବ୍ଲକସ୍ତରୀୟ ଗ୍ରାମପଞ୍ଚାୟତ ଉନ୍ନୟନ ଯୋଜନା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଖୋର୍ଦ୍ଧା ଜିଲା ସ୍ୱଚ୍ଛତା ଓ ପରିମଳ ବିଭାଗର ଡିପିଏମ୍ ମନୋଜ ଶତପଥୀ ଯୋଗଦେଇ ଯୋଜନା ସମ୍ପର୍କରେ ଉପସ୍ଥିତ ପଞ୍ଚାୟତ ପ୍ରତିନିଧି ଓ ସରକାରୀ କର୍ମଚାରୀଙ୍କୁ ବୁଝାଇଥିଲେ। ପ୍ରକାଶ ଯେ, ଉକ୍ତ ଯୋଜନାର ୩୦ ପ୍ରତିଶତ ଅର୍ଥ ସ୍ୱଚ୍ଛତା ଓ ପରିମଳ ପରିଚାଳନା ଉଦ୍ଦେଶ୍ୟରେ ଖର୍ଚ୍ଚ କରାଯିବ। ସେହିପରି ୩୦ ପ୍ରତିଶତ ବିଦ୍ୟୁତ୍ ଦେୟ ନିମିତ୍ତ ଖର୍ଚ୍ଚ କରାଯିବ। ୪୦ ପ୍ରତିଶତ ଅର୍ଥ ରାସ୍ତାଘାଟ, ଡ୍ରେନ୍, ଅଙ୍ଗନୱାଡ଼ି ଓ ସ୍କୁଲ ନିର୍ମାଣ, ମରାମତି ଓ ସଫେଇ ପାଇଁ ବ୍ୟୟ କରାଯିବ। ଗ୍ରାମର ପ୍ରତି ଘରୁ ବର୍ଜ୍ୟବସ୍ତୁଗୁଡ଼ିକୁ ଟ୍ରାଇ ସାଇକେଲ ଦ୍ୱାରା ନିଆଯାଇ ପଞ୍ଚାୟତ ଅଞ୍ଚଳରେ ହୋଇଥିବା ସେଗ୍ରିଗେଶନ ଶେଡ୍‌ରେ କଠିନ ଏବଂ ତରଳ ଉଭୟ ବର୍ଜ୍ୟବସ୍ତୁକୁ ଅଲଗା ଅଲଗା ଜମା କରାଯିବ। ଏହି କାର୍ଯ୍ୟ ଦାୟିତ୍ୱ ନେଇଥିବା ମହିଳା ଗୋଷ୍ଠୀଙ୍କ ମାଧ୍ୟମରେ କରାଯିବ। ପରେ ବର୍ଷକୁ ୪ଥର ସେଗ୍ରିଗେଶନ ଶେଡ୍‌ରୁ ବର୍ଜ୍ୟ ବସ୍ତୁକୁ ଜିଲା ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ନିର୍ଦ୍ଦିଷ୍ଟ ସ୍ଥାନକୁ ନିଆଯିବ ବୋଲି ସୂଚନା ମିଳିଛି। ବୈଠକରେ ବିଡିଓ ଧୋବେଇ ନାଏକ, ଏବିଡିଓ ଡ. ରତିକାନ୍ତ ମିଶ୍ର, ଜିପିଇଓ ଦାୟିତ୍ୱରେ ଥିବା ଡବ୍ଲୁଇଓ ସୌମ୍ୟରଞ୍ଜନ ରାୟ, ସ୍ୱଚ୍ଛତା ଓ ପରିମଳ ବିଭାଗର ବିପିସି ଆକାଶ ରାଉତଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ସରପଞ୍ଚ, ସମିତି ସଭ୍ୟ, ଗ୍ରାମ ରୋଜଗାର ସାଥୀମାନେ ଯୋଗଦେଇଥିଲେ। ପ୍ରତି ଗ୍ରାମରେ ଚାଲିଥିବା ସାମାଜିକ ଏସ୍‌ଇସିସି ସର୍ଭେ କାର୍ଯ୍ୟ ଅଞ୍ଚଳଗୁଡ଼ିକରେ ଠିକ୍ ଭାବେ ତ୍ୱରାନ୍ୱିତ ହେବା ପାଇଁ ପଞ୍ଚାୟତ ପ୍ରତିନିଧିମାନେ ଅଧିକ ଗୁରୁତ୍ୱ ଦେଇ ସହଯୋଗ କରିବା ପାଇଁ ଜିପିଇଓ ଦାୟିତ୍ୱରେ ଥିବା ରାୟ ଅନୁରୋଧ କରିଥିଲେ।

### 'ଏଖରାଜାତ ମାହାଲ ସ୍ଥିତିବାନ୍ ସମ୍ପତ୍ତି ଫେରାଯାଉ'

**ଜଟଣୀ,୧୬।୫(ଡି.ଏନ୍.ଏ.)**

ବିଧାୟକ ସୁରେଶ କୁମାର ରାଉତରାୟଙ୍କ ନେତୃତ୍ୱରେ ମଙ୍ଗଳବାର ଜଟଣୀ ନାଗରିକ କମିଟିର ସଦସ୍ୟମାନେ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନାଙ୍କୁ ଭେଟି ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଛନ୍ତି। ଏଖରାଜାତ ମାହାଲ ସ୍ଥିତିବାନ୍ ସମ୍ପତ୍ତିର ସ୍ଥାୟୀ ସମାଧାନ, ଟାଉନ ଖସମାହାଲ ଓ ଜଟଣୀ ସୀତାରାମ ଛକଠାରୁ କୁଦିଆରୀ ବଜାର ପର୍ଯ୍ୟନ୍ତ ଓଭରବ୍ରିଜ ନିର୍ମାଣ କାର୍ଯ୍ୟ ଶୀଘ୍ର ସାରିବା ସହିତ ରେଲୱେ ନିକଟରେ ଥିବା ବସ୍ତି ବାସିନ୍ଦାଙ୍କ ଥଇଥାନ ଉପରେ ଆଲୋଚନା କରିଥିଲେ ବୋଲି ବିଧାୟକଙ୍କ ରାଜନୈତିକ ସଚିବ କଳିଙ୍ଗ ସାହୁ ସୂଚନା ଦେଇଛନ୍ତି। ବିଶେଷକରି ଜଟଣୀର ୩୬ଟି ମୌଜାର ମୁଖ୍ୟ ସମସ୍ୟା ଏଖରାଜାତ ମାହାଲ ସ୍ଥିତିବାନ ସମ୍ପତ୍ତି ସ୍ଥିତିବାନ ପ୍ରଜାଙ୍କୁ ଫେରାଇବାକୁ ନେଇ ଆଲୋଚନା ହୋଇଥିଲା। ପରେ ମୁଖ୍ୟ ଶାସନ ସଚିବ ଖୋର୍ଦ୍ଧା ଜିଲାପାଳଙ୍କୁ ଫୋନ ଯୋଗେ ଜଟଣୀ ଟାଉନ ଖସମାହାଲ ସମସ୍ୟା ସମାଧାନ ଓ ତୁରନ୍ତ ରାଜ୍ୟ ସରକାରଙ୍କ ଜାଗା ମିଶନ ଜରିଆରେ ରେଲୱେ ଅଞ୍ଚଳରେ ରହୁଥିବା ବସ୍ତି ବାସିନ୍ଦାଙ୍କ ଥଇଥାନ ପାଇଁ କହିଥିଲେ। ଏହି ଆଲୋଚନାରେ ଜଟଣୀ ନାଗରିକ କମିଟି, ଗାନ୍ଧୀ ଓ ଆମ୍ବେଡକର ଏଖରାଜାତ ସୁରକ୍ଷା କମିଟିର ସଦସ୍ୟ ହଟ୍ଟ କିଶୋର ପ୍ରଧାନ, ବୃନ୍ଦାବନ ସାହୁ, ଲୁସେନ ରାୟ, ସୁନୀଲ କୁମାର ରାଉତରାୟ, କୋଇଲି ସୁବୁଦ୍ଧି, ବିବେକାନନ୍ଦ ବଡ଼ଜେନା, ନୌସିର ଅଲ୍ଲୀ, ବିଧାୟକଙ୍କ ରାଜନୈତିକ ସଚିବ କଳିଙ୍ଗ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।


ବିଧାୟକ ଏବଂ ଅନ୍ୟମାନେ ମୁଖ୍ୟ ଶାସନ ସଚିବଙ୍କୁ ଭେଟି ଆଲୋଚନା କରୁଛନ୍ତି।

### ଜୁଆଆଡ୍ଡାରେ ଚଢ଼ାଉ, ୩ ଗିରଫ

**ଖୋର୍ଦ୍ଧା ଅଫିସ,୧୬।୫**

ଖୋର୍ଦ୍ଧା ଜିଲା ବାଣପୁର ଥାନା ଅଧୀନ କୋଳଥଡିହ ଗ୍ରାମ ପଡିଆରେ ଚାଲିଥିବା ଜୁଆଆଡ୍ଡାରେ ମଙ୍ଗଳବାର ପୋଲିସ ଚଢ଼ାଉ କରି ୩ ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟମାନେ ଫେରାର ହୋଇଯାଇଛନ୍ତି। ପୋଲିସ ଘଟଣାସ୍ଥଳରୁ ୧୨ଟି ବାଇକ୍ ଜବତ କରିବା ସହ ଗିରଫ ୩ ଅଭିଯୁକ୍ତଙ୍କ ଠାରୁ ୧୮୮୦ଟଙ୍କା ଜବତ କରିଛି। ଏନେଇ ଥାନାରେ ଏକ ମାମଲା (ନଂ.୧୮୮/୨୩) ରୁଜୁ ହୋଇଥିବା ଆଇଆଇସିଜୟପ୍ରକାଶ ପରିଡ଼ା କହିଛନ୍ତି।

### ମେ' ୧୬କୁ ଚୁଡ଼ାଘଷା ଦିବସ ପାଳନ ପାଇଁ ଆହ୍ୱାନ

**ଜଟଣୀ,୧୬।୫(ଡି.ଏନ୍.ଏ.)**

ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ଟାଉନ୍ ହଲ(ସ୍ରଷ୍ଟା) ପରିସରରେ ଅନୁଷ୍ଠାନ 'ସମ୍ଭାବନା ପରିବାର' ପକ୍ଷରୁ ମଙ୍ଗଳବାର ଚୁଡ଼ାଘଷା ଦିବସ ପାଳିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ସଭାପତି ସନ୍ତୋଷ ହୋତା ଅଧ୍ୟକ୍ଷତା କରିଥିଲେ। ଅନୁଷ୍ଠାନର ସଦସ୍ୟ ଲୁସେନ୍ ରାୟ ଏବଂ ଆଇନ୍ ପରାମର୍ଶଦାତା ଅକ୍ଷୟ ଦାସ ଅତିଥି ପରିଚୟ ପ୍ରଦାନ ସହିତ ମଞ୍ଚ ପରିଚାଳନା କରିଥିଲେ। ଅତିଥିଭାବେ ନାଇଜରର କୁଳସଚିବ ଅଭୟ ନାୟକ, ପୌରାଧ୍ୟକ୍ଷ ଅନନ୍ତ ବେହେରା, ଉପାଧ୍ୟକ୍ଷା ଆରତି ରାଉତ, ପୌର ନିର୍ବାହୀ ଅଧିକାରୀ ଦିଲୀପ ମହାନ୍ତି, ଜଗଦୀଶ ପ୍ରସାଦ ଅଗ୍ରୱାଲ, ସୀତାକାନ୍ତ ଶତପଥୀ, ପାଣ୍ଡବ ଜେନା ଫାଉଣ୍ଡେଶନ ଅଧ୍ୟକ୍ଷ ଡ. ସନ୍ତୋଷ ଜେନା, ବିଜୟ ପଣ୍ଡା, ସୁଶାନ୍ତ ରାଉତ, ବିଷ୍ଣୁ ସାହୁ, ଜଟାଧାରୀ ପ୍ରଧାନ, ଦିଲୀପ ମାର୍ଥା, ଶଶାଙ୍କ ଶେଖର ରାୟ, ପି. ରାଜକୁମାରୀ, ଅକ୍ଷାଂଶୁ ଶେଖର ନାୟକ, ବାଉରିବନ୍ଧୁ ସାହୁ, ସତୀଶ୍ ଶର୍ମା, ପଦ୍ମଚରଣ ପ୍ରଧାନ, ସୁନୀଲ ରାଉତରାୟ, କଳିଙ୍ଗ ସାହୁ, ଅଲେଖ ଚନ୍ଦ୍ର ବଳିୟାରସିଂହ, ଡ. ସୁକାନ୍ତି ମହାପାତ୍ର, ବିଶ୍ୱନାଥ ପଟ୍ଟନାୟକ, ଶ୍ରୀକାନ୍ତ ପ୍ରଧାନ ଉପସ୍ଥିତ ଥିଲେ। ମହାପ୍ରଭୁଙ୍କ ଷାଠିଏ ପଉଟି ବ୍ୟଞ୍ଜନ ମଧ୍ୟରେ ଶୁଖିଲା ଚୁଡ଼ାଘଷା ଅନ୍ୟତମ। ତେବେ ଉତ୍କଳୀୟ ସଂସ୍କୃତିରେ ଜଡ଼ିତ ଚୁଡ଼ାଘଷାକୁ ନେଇ ପ୍ରତିବର୍ଷ ମେ' ୧୬ ତାରିଖକୁ ଚୁଡ଼ାଘଷା ଦିବସ ଭାବେ ପାଳନ କରିବା ପାଇଁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଦେବପ୍ରସାଦ ଦାଶ, ଦିଲୀପ ସିଂ, ଶରତ ରେଣ୍ଡ୍ରୀ, ଅବ୍‌ଦୁଲ ସତ୍ତାର, ସଞ୍ଜୟ ବରିସଲ, ଅମିନ ରାଉତ, ନିରୂପମା ସ୍ୱାଇଁ, ସ୍ମିତା ପଟ୍ଟନାୟକ, ସୁକାନ୍ତ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ଅତିଥି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରୁଛନ୍ତି।

# ପୋଲିସ, ସାଇଣ୍ଟିଫିକ୍ ଟିମ୍‌ର ଛାନ୍‌ଭିନ୍

**ଖୋର୍ଦ୍ଧା ଅଫିସ,୧୬।୫**

ଖୋର୍ଦ୍ଧାରେ ଆଇନଶୃଙ୍ଖଳା ସ୍ଥିତି ବିଗିଡ଼ିବାରେ ଲାଗିଛି। ସହରରେ ନିଶା କାରବାର ସହିତ ଅସାମାଜିକ କାର୍ଯ୍ୟକଳାପ ବଢ଼ିଚାଲିଛି। କଥା କଥାକେ ଫୁଟୁଛି ଗୁଳି। ଏପରିକି ଜୀବନ ନେବାକୁ ପଛାଉ ନାହାନ୍ତି। ଟାଉନ ଥାନା ଅନ୍ତର୍ଗତ ପାନବରଜ ଅଙ୍ଗନୱାଡ଼ି କେନ୍ଦ୍ର ନିକଟରେ ସୋମବାର ରାତିରେ ବବୁଲ ଖାଁଙ୍କୁ ଗୁଳିମାଡ଼ ହୋଇଥିଲା। ଚିକିତ୍ସା ପାଇଁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ନିଆଯାଇଥିବା ବେଳେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ଆଇସିୟୁରେ ଭର୍ତ୍ତି କରାଯାଇଛି। ସୋମବାର ରାତିରୁ ଘଟଣାସ୍ଥଳରେ ପୋଲିସ ମୁତୟନ ରହିଥିବା ବେଳେ ମଙ୍ଗଳବାର ମଧ୍ୟାହ୍ନରେ ସାଇଣ୍ଟିଫିକ ଟିମ୍ ସହ ପୋଲିସ ଘଟଣାସ୍ଥଳରେ ତଦନ୍ତ ଆରମ୍ଭ କରିଛି। ଦୁଇଟି ସ୍ଥାନରେ ରକ୍ତଛିଟା ପଡିଥିବା ଦେଖିବାକୁ ମିଳିଛି। ପୋଲିସ ଘଟଣାସ୍ଥଳରୁ ବାଇକ୍ (ଓଡି୦୨-ଏଏଚ-୩୨୫୩), ଖୋକା ଜବତ କରିଛି। ବବୁଲଙ୍କ ସ୍ତ୍ରୀଙ୍କ ଅଭିଯୋଗକ୍ରମେ ହତ୍ୟା ମାମଲା (ନଂ.୩୦୩/୨୩)ରୁଜୁ ହୋଇଛି। ପୋଲିସ ବବୁଲଙ୍କ ପରିବାର ଏବଂ ସ୍ଥାନୀୟ ଲୋକଙ୍କୁ ପଚରାଉଚୁରା କରିଛି। କେଉଁ ପରିସ୍ଥିତିରେ ଗୁଳି ଫୁଟିଲା, ଏହି ସମୟରେ ଆକ୍ରମଣକାରୀଙ୍କ ସହ ଅନ୍ୟ କିଏ ଥିଲା କି ପୋଲିସ ଏହାର ଖୋଲତାଡ଼ କରିଛି। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ସଦର ଏସ୍‌ଡିପିଓ ଦାସଙ୍କ ନେତୃତ୍ୱରେ ଏକ ୩ ଜଣିଆ ଟିମ୍ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି। ଅନ୍ୟପଟେ ଗୁଳିମାଡ଼ କରିଥିବା ଯୁବକ ବନ୍ଧୁକ ସହ ପୋଲିସ ନିକଟରେ ଆତ୍ମସମର୍ପଣ କରିଥିବା ନେଇ ଚର୍ଚ୍ଚା ହେଉଥିବା ବେଳେ ସଦର ଏସ୍‌ଡିପିଓ ଦିଲୀପ ଦାସ ଏହାକୁ ଖଣ୍ଡନ କରିଛନ୍ତି। ତଦନ୍ତ ଜାରି ରହିଥିବା ସେ କହିଛନ୍ତି। ବ୍ରାଉନ୍‌ସୁଗାର କାରବାରକୁ ନେଇ ଏହି ଘଟଣା ଘଟିଥିବା ଚର୍ଚ୍ଚା ହେଉଛି। ପୂର୍ବରୁ ବବୁଲ ବ୍ରାଉନସୁଗାର ବିକ୍ରି ଘଟଣାରେ ଗିରଫ ହୋଇ ନିକଟରେ ଜାମିନରେ ଆସିଥିଲେ।

ପ୍ରକାଶ ଯେ, ସୋମବାର ରାତିରେ ପାନବରଜ ଅଙ୍ଗନୱାଡ଼ି କେନ୍ଦ୍ର ବାରଣ୍ଡାରେ ବବୁଲ ବସିଥିଲେ। ଏହି ସମୟରେ ଭାଲିଆବାଡ଼ିର ସମ୍ପୃକ୍ତ ଯୁବକ ବାଇକରେ ଆସି ସେଠାରେ ପହଞ୍ଚିଥିଲେ। କୌଣସି କାରଣକୁ ନେଇ ଉଭୟ ବଚସା ସହ ଠେଲାପେଲା ହୋଇଥିଲେ। ଏହି ସମୟରେ ସମ୍ପୃକ୍ତ ଯୁବକ ବବୁଲଙ୍କୁ ଗୁଳିମାଡ଼ କରିଥିଲେ। ପ୍ରଥମଟି ଲକ୍ଷ୍ୟଚ୍ୟୁତ ହୋଇଥିଲା। ଅନ୍ୟଟି ବବୁଲଙ୍କ ଛାତି ତଳେ ବାଜିଥିଲା। ପରେ ସେଠାରୁ ଯୁବକ ଜଣଙ୍କ ଫେରାର ହୋଇଯାଇଥିଲେ। ଗୁଳିମାଡ଼ ଶବ୍ଦ ଶୁଣି ସ୍ଥାନୀୟ ଲୋକେ ପହଞ୍ଚିବା ବେଳେ ବବୁଲ ତଳେ ପଡିଥିଲେ। ପରିବାର ଲୋକେ ପହଞ୍ଚି ତାଙ୍କୁ ଖୋର୍ଦ୍ଧା ମେଡିକାଲକୁ ନେଇଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରିଥିଲେ।


ଘଟଣାସ୍ଥଳରେ ପୋଲିସ ଯାଞ୍ଚ କରୁଛି।


ଜବତ ହୋଇଥିବା ଖୋକା।

#### ଚର୍ଚ୍ଚାରେ ଜବତ ବାଇକ୍



ଘଟଣାସ୍ଥଳରୁ ମିଳିଥିବା ଡୋମିନାର-ଡି-୪୦୦-ବାଇକକୁ ନେଇ ଚର୍ଚ୍ଚା ଯୋର ଧରିଛି। ଏହି ବାଇକ୍ ଭାଲିଆବାଡ଼ିର ଜଣେ ମହିଳାଙ୍କ ନାମରେ ରହିଥିବା ଜଣାପଡ଼ିଛି। ତେବେ ଘଟଣାର ତଦନ୍ତ ଜାରି ରହିଥିବା କହି ପୋଲିସ କୌଣସି ସୂଚନା ଦେବାକୁ ମନା କରିଛି।

#### ହତ୍ୟା ଅଭିଯୋଗ ଆଣିଲେ ସ୍ତ୍ରୀ

ଗୁଳିମାଡ଼କୁ ନେଇ ବବୁଲଙ୍କ ସ୍ତ୍ରୀ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗରେ ଦର୍ଶାଇଛନ୍ତି ଯେ, ସୋମବାର ସାଢେ ୮ଟାରେ ଗ୍ରାମର ଅଙ୍ଗନୱାଡ଼ି କେନ୍ଦ୍ର ନଂ.୧ ନିକଟରେ ସ୍ୱାମୀ ସେକ୍ ନସିମ ଓରଫ ବବୁଲ ୪ଜଣ ସାଙ୍ଗ ସୂର୍ଯ୍ୟ ନାରାୟଣ ମହାନ୍ତି, ତାରିଣୀ ପ୍ରସାଦ ମହାନ୍ତି, ଆଶିଷ ପଟ୍ଟନାୟକ, ରୋଶନ ମହାରଣା ଏବଂ ମେହୋଜ ଖାଁଙ୍କ ସହ କଥା ହେଉଥିଲେ। ଏହି ସମୟରେ ଭାଲିଆବାଡ଼ି ଗ୍ରାମର ସତ୍ୟ ନାରାୟଣ ପ୍ରଧାନ ଓରଫ ରାଣା ସେଠାରେ ପହଞ୍ଚି ହଠାତ୍ ତାରିଣୀ ପ୍ରସାଦ ମହାନ୍ତିଙ୍କୁ ଗାଳିଗୁଲଜ କରିଥିଲେ। ପକେଟରୁ ବନ୍ଧୁକ ବାହାର କରି ମାରିବାକୁ ଧମକ ଦେବା ସମୟରେ ବବୁଲ ତାଙ୍କୁ ବିରୋଧ କରିଥିଲେ। ଏଥିରେ ରାଣା ଉତ୍‌କ୍ଷିପ୍ତ ହୋଇ ବବୁଲଙ୍କୁ ଜୀବନରେ ମାରିଦେବାକୁ ଉଦ୍ଦେଶ୍ୟରେ ଛାତିକୁ ଲକ୍ଷ୍ୟ କରି ଗୁଳି ଫୁଟାଇଥିଲେ। ସେଥିରୁ ଗୋଟିଏ ଫୁଟି ନ ଥିବା ବେଳେ ଅନ୍ୟ ଗୁଳି ବବୁଲଙ୍କ ଛାତିରେ ବାଜିଥିଲା। ବବୁଲଙ୍କୁ ଗୁରୁତର ଅବସ୍ଥାରେ ଅନ୍ୟ ସାଙ୍ଗମାନେ ମେଡିକାଲକୁ ନେଇଯାଇଥିଲେ। ଖବରପାଇ ମେଡିକାଲରେ ପହଞ୍ଚିବା ପରେ ବବୁଲଙ୍କ ଠାରୁ ସମ୍ପୂର୍ଣ୍ଣ ଖବର ଜାଣିବାକୁ ପାଇଥିଲି। ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ବବୁଲଙ୍କ ସ୍ତ୍ରୀ ଦାବି କରିଛନ୍ତି। ଅନ୍ୟପକ୍ଷରେ ଘଟଣା ସମ୍ପର୍କରେ ରାଣାଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

#### ଯୁବକଙ୍କୁ ଗୁଳିମାଡ଼ ଘଟଣା

- ବାଇକ୍, ଖୋକା ଜବତ
- ବନ୍ଧୁକ ସହ ଆତ୍ମସମର୍ପଣକୁ ପୋଲିସର ଖଣ୍ଡନ

**ଘରଭାଙ୍ଗିବା, ଆକ୍ରମଣ ଘଟଣା: ୧୨ ଗିରଫ**

ପୁରୀ ଅଫିସ- ସଦର ଥାନା ଅନ୍ତର୍ଗତ କପିଳେଶ୍ୱରପୁର ପ୍ରଥମସାହି ଗ୍ରାମରେ ଗତ ୧୩ ତାରିଖରେ ଅନାଥ ପ୍ରଧାନଙ୍କ ଘରକୁ କେତେଜଣ ଲୋକ ଭାଙ୍ଗିବା, ଜିନିଷପତ୍ର ଚୋରି କରି ନେବା ସହ ତାଙ୍କ ପରିବାରକୁ ଆକ୍ରମଣ କରିଥିଲେ। ଏ ନେଇ ଅନାଥଙ୍କ ସ୍ତ୍ରୀ ମମତା ପ୍ରଧାନ ସଦର ଥାନାରେ ୨୯ଜଣଙ୍କ ନାମରେ ଅଭିଯୋଗ କରିଥିଲେ। ତେବେ ପୋଲିସ୍ କାର୍ଯ୍ୟାନୁଷ୍ଠାନ ନ ନେବାରୁ ଅନାଥ ଏବଂ ତାଙ୍କ ସ୍ତ୍ରୀ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଥିଲେ। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ସଦର ଥାନା ପୋଲିସ ନଂ. ୮୫/୨୩ରେ ଏକ ମାମଲା ରୁଜୁ କରି ୧୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ସୂଚନାଯୋଗ୍ୟ, ଅନାଥ ଦୁର୍ନୀତିକୁ ବିରୋଧ କରି ବିବାଦୀୟ ହୋଇରହିଥିଲେ। ଶନିବାର ଗ୍ରାମର କେତେଜଣ ଦୁର୍ବୃତ୍ତ ଏକାଠି ହୋଇ ତାଙ୍କ ଘର ଭାଙ୍ଗିଦେବା ସହ ତାଙ୍କ ଜିନିଷପତ୍ର ଚୋରି କରିନେଇଥିଲେ। ଏପରିକି ତାଙ୍କ ନାବାଳିକା ଝିଅଙ୍କୁ ଆକ୍ରମଣ କରିଥିଲେ। ଆହତ ଝିଅ ଓ ତାଙ୍କ ପରିବାର ଲୋକ ମେଡିକାଲରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି।

## ସଂକ୍ଷେପରେ

### ଅଗ୍ନିକାଣ୍ଡରେ ୩ ବଖରା ଘର ଭସ୍ମୀଭୂତ

ବଳଙ୍ଗା,୧୬।୫(ଡି.ଏନ୍.ଏ.)- ବଳଙ୍ଗା ଥାନା ଗଡ଼ପଦନପୁର ଗ୍ରାମର ନେତ ଦେଈ ନାମକ ଜନୈକା ବୃଦ୍ଧାଙ୍କ ଘରେ ଅଗ୍ନିକାଣ୍ଡ ଘଟି ମଙ୍ଗଳବାର ୩ ବଖରା ଘର ସହିତ ଲକ୍ଷାଧିକ ଟଙ୍କାର ଆସବାବପତ୍ର ପୋଡ଼ି ନଷ୍ଟ ହୋଇଯାଇଛି। ଏ ସମ୍ପର୍କରେ ଖବରପାଇ ପିପିଲି ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ନିଆଁକୁ ଆୟତ୍ତ କରିଥିଲେ। ସେତେବେଳକୁ ଘରେ ଥିବା ସମସ୍ତ ଆସବାବପତ୍ର ସହ ଧାନ ଚାଉଳ ପୋଡ଼ିଯାଇଥିଲା। ମଙ୍ଗଳବାର ପୂର୍ବାହ୍ନରେ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ଘଟଣା ସ୍ଥଳରେ ପହଞ୍ଚି କ୍ଷୟକ୍ଷତି ଆକଳନ କରିଛନ୍ତି। ପୂର୍ବ ବିବାଦକୁ ନେଇ ଗ୍ରାମର ଜଣେ ଯୁବକ ତାଙ୍କ ଘରେ ନିଆଁ ଲଗାଇଥିବା ନେତ ଥାନାରେ ଅଭିଯୋଗ କରିଛନ୍ତି। ବିଳମ୍ବିତ ରାତିରେ ନେତ ପରିସ୍ରା କରିବାକୁ ଉଠିଥିବା ସମୟରେ ତାଙ୍କ ଗ୍ରାମର ଜଣେ ଯୁବକ ଦିଆସିଲି ମାରି ତାଙ୍କ ଘରେ ନିଆଁ ଲଗାଉଥିବା ଦେଖି ସେ ପାଟି କରିବାକୁ ତାଙ୍କୁ ଧକ୍କା ମାରି ଦୌଡ଼ି ପଳାଇଥିବା ସେ କହିଛନ୍ତି। ଏ ଅଭିଯୋଗ ଆଧାରରେ ପୋଲିସ ପକ୍ଷରୁ ସତ୍ୟାସତ୍ୟ ନେଇ ତଦନ୍ତ ଆରମ୍ଭ ହୋଇଛି।

### କନଷ୍ଟେବଳଙ୍କୁ ଆକ୍ରମଣ, ୨ ଯୁବକ ଗିରଫ

ବଳଙ୍ଗା,୧୬।୫(ଡି.ଏନ୍.ଏ.)- ଜଣେ କନଷ୍ଟେବଳଙ୍କୁ ଧମକାଇବା ସହ ଆକ୍ରମଣ କରିବା ଅଭିଯୋଗରେ ବଳଙ୍ଗା ଥାନା ପୋଲିସ ୨ ଯୁବକଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ପ୍ରଶାନ୍ତ ବେହେରା ଓ ସୁବ୍ରତ ମହାପାତ୍ର। ଏ ନେଇ ପୋଲିସ ନଂ.୭୯/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଜାମିନ ନାମଞ୍ଜୁର ହେବାରୁ ଉଭୟ ଅଭିଯୁକ୍ତଙ୍କୁ ନିମାପଡ଼ା ଉପକାରାଗାରକୁ ପଠାଇ ଦିଆଯାଇଛି। ବଳଙ୍ଗା ଥାନାର କନଷ୍ଟେବଳ ସୁରେନ୍ଦ୍ର ବେହେରାଙ୍କ ଅଭିଯୋଗ ଅନୁଯାୟୀ, କିଛିଦିନ ତଳେ ଖୋର୍ଦ୍ଧା ଜିଆର୍‌ପି ଥାନା ପୋଲିସ ଏକ ମାମଲାରେ ପ୍ରଶାନ୍ତ ଓ ସୁବ୍ରତଙ୍କୁ ବଳଙ୍ଗା ଥାନାରୁ ତାଙ୍କ ସହ ନେଇଥିଲେ। ସେମାନଙ୍କ ଘର ଚିହ୍ନଟ କରିବାରେ ସାହାଯ୍ୟ କରିବାକୁ ତାଙ୍କ ସହ କନଷ୍ଟେବଳ ସୁରେନ୍ଦ୍ର ମଧ ଯାଇଥିଲେ। ହେଲେ କିଛିଦିନ ପରେ ପ୍ରଶାନ୍ତ, ସୁବ୍ରତ ବେଲରୁ ଫେରିଥିଲେ। ସୋମବାର ସୁରେନ୍ଦ୍ର ଥାନାର କାଗଜପତ୍ର ଜେରକ୍ସ କରି ଫେରିବା ସମୟରେ ମହାପାତ୍ର ସାହିଠାରେ ସୁବ୍ରତ ଓ ପ୍ରଶାନ୍ତ ଏକ ବାଇକ୍‌ରେ ଆସି ତାଙ୍କୁ ଅଟକାଇ ଗାଳିଗୁଲଜ କରିବା ସହ ଢେଲାରେ ଆକ୍ରମଣ କରିଥିଲେ। ସୁରେନ୍ଦ୍ର ଉଭୟଙ୍କୁ କାବୁ କରିବାକୁ ପ୍ରୟାସ କରୁଥିବାବେଳେ ଅନ୍ୟ ଲୋକମାନେ ଆସିଯିବାରୁ ଦୁହେଁ ଚମ୍ପଟ ମାରିଥିଲେ। ଏ ନେଇ ସୁରେନ୍ଦ୍ର ମଙ୍ଗଳବାର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଉଭୟ ଅଭିଯୁକ୍ତଙ୍କ ଘରେ ଚଢ଼ାଉ କରି ଗିରଫ କରିଥିଲା।

### ନାବାଳିକାଙ୍କୁ ଅପହରଣ ଅଭିଯୋଗ

ନିମାପଡ଼ା,୧୬।୫(ଡି.ଏନ୍.ଏ.)- ନିମାପଡ଼ା ଥାନା ଅଞ୍ଚଳର ଜନୈକା ୧୬ ବର୍ଷୀୟାଙ୍କୁ ପ୍ରଲୋଭନ ଦେଖାଇ କେହି ଅପହରଣ କରିନେଇଥିବା ନାବାଳିକାଙ୍କ ପରିବାର ଲୋକ ସୋମବାର ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ୧୫୩/୨୩ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ନାବାଳିକାଙ୍କ ପରିବାର ରବିବାର ରାତିରେ ଖାଇପିଇ ଶୋଇଥିଲେ। ରାତିରେ ବିଦ୍ୟୁତ୍ କଟିଯିବା କାରଣରୁ ନାବାଳିକା ଘରୁ ବାହାରକୁ ଆସିଥିଲେ। ପରେ ସେ ଘରକୁ ନ ଫେରିବାରୁ ପରିବାର ଲୋକ ତାଙ୍କୁ ବହୁତ ଖୋଜାଖୋଜି କରିଥିଲେ। କୌଣସି ଯୁବକ ତାଙ୍କ ଝିଅଙ୍କୁ ପ୍ରଲୋଭନ ଦେଖାଇ କେଉଁଆଡ଼େ ଅପହରଣ କରିନେଇଥିବା ପରିବାର ବର୍ଗ କହିଛନ୍ତି।

# କଣାସରୁ ମିଳିଲା ପ୍ରାଚୀନ ହାତୀ ମୂର୍ତ୍ତି

- ସନ୍ଧାନ କଲା ଇନ୍‌ଟାକ ଟିମ୍
- ମୌର୍ଯ୍ୟ ଶାସନ ସମୟର ବୋଲି ଅନୁମାନ

ଭୁବନେଶ୍ୱର(ବ୍ୟୁରୋ)/ କଣାସ,୧୬।୫(ସ୍ୱ.ପ୍ର.)

ପୁରୀ ଜିଲା କଣାସ ବ୍ଲକ ଅନ୍ତର୍ଗତ ଗଡ଼ବଳଭଦ୍ରପୁର ଗ୍ରାମରୁ ମିଳିଛି ଏକ ପ୍ରାଚୀନ ହାତୀ ମୂର୍ତ୍ତି। ଐତିହ୍ୟ ଗବେଷଣା ସଂସ୍ଥା ଇଣ୍ଡିଆନ ନ୍ୟାଶନାଲ ଟ୍ରଷ୍ଟ ଫର୍ ଆର୍ଟ ଆଣ୍ଡ କଲଚରାଲ ହେରିଟେଜ (ଇନ୍‌ଟାକ)ର ପ୍ରତ୍ନତାତ୍ତ୍ୱିକ-ଐତିହ୍ୟ ସନ୍ଧାନକାରୀ ଦଳ ଏହି ପୁରାତନ ହାତୀ ମୂର୍ତ୍ତିକୁ ସନ୍ଧାନ କରିଛନ୍ତି। ଇନ୍‌ଟାକ ଓଡ଼ିଶା ଶାଖାର ଆବାହକ ଅମିୟ ଭୂଷଣ ତ୍ରିପାଠୀଙ୍କ ନେତୃତ୍ୱରେ ଏହି ଅନୁସନ୍ଧାନକାରୀ ଦଳରେ ଅନିଲ ଧୀର, ସଞ୍ଜୀବ ହୋତା, ଦୀପକ କୁମାର ନାୟକ ଓ ଡ. ବିଶ୍ୱଜିତ ମହାନ୍ତି ପ୍ରମୁଖ ସାମିଲ ଥିଲେ।


ପ୍ରାଚୀନ ହାତୀ ମୂର୍ତ୍ତି ନିକଟରେ ଇନ୍‌ଟାକ ଟିମ୍‌ର ସଦସ୍ୟମାନେ ।

ଏ ସମ୍ପର୍କରେ ଐତିହାସିକ ଅନିଲ ଧୀର କହିଛନ୍ତି, ଗୋଟିଏ ମାତ୍ର ପଥର ଖଣ୍ଡକୁ କଟାଯାଇ ଏପରି ହାତୀର ମୂର୍ତ୍ତି ଗଠନ ଅତି ବିରଳ ଓ ଏହା ବୌଦ୍ଧ ଧର୍ମ ସହ ସମ୍ପୃକ୍ତ ଥିବା ଅନୁମାନ କରାଯାଉଛି। ଓଡ଼ିଶାରେ ଯାଜପୁରର କାଇମା, କେନ୍ଦୁଝରର ସିତାବିଞ୍ଜି ତଥା ଭୁବନେଶ୍ୱରର ଧଉଳି ଆଦି ସ୍ଥାନରେ ଏପରି ହାତୀ ମୂର୍ତ୍ତି ଦେଖାଯାଏ। ଏହି ସ୍ଥାନଟିରେ ହାତୀ ମୂର୍ତ୍ତି ବ୍ୟତୀତ ପ୍ରାଚୀନ ପ୍ରସ୍ତର ଖମ୍ବ, ଅନେକ ପୁରାତନ ପ୍ରସ୍ତର ଖଣ୍ଡ ପଡ଼ିଛି। ଏହା ସୂଚାଉଛି ଏହି ସ୍ଥାନର ମାଟି ତଳେ ଅନେକ କୀର୍ତ୍ତିରାଜି ପୋତି ରହିଛି। ପ୍ରାଥମିକ ଭାବେ ଏହି ହାତୀ ମୂର୍ତ୍ତିର ଗଠନ ପ୍ରାୟ ୨୨୦୦/୨୩୦୦ ବର୍ଷ ତଳର ଅର୍ଥାତ ମୌର୍ଯ୍ୟ ଶାସନ ସମୟର ହୋଇପାରେ ବୋଲି ଧୀର କହିଛନ୍ତି। ଇନ୍‌ଟାକ ସଦସ୍ୟ ଦୀପକ କୁମାର ନାୟକଙ୍କ ମତରେ ହାତୀ ବୁଦ୍ଧଙ୍କ ପ୍ରମୁଖ ସଙ୍କେତ। ବୌଦ୍ଧପୁରାଣ ଓ ବୌଦ୍ଧଜାତକ କଥା ଅନୁସାରେ ବୁଦ୍ଧଙ୍କ ପୂର୍ବବର୍ତ୍ତୀ ଜନ୍ମ ସବୁରେ ଏକାଧିକଥର ହାତୀ ରୂପେ ଜନ୍ମ କରିଛନ୍ତି। ତେଣୁ ବୌଦ୍ଧଧର୍ମରେ ହାତୀକୁ ପବିତ୍ର ମାନନ୍ତି। ଦୟାନଦୀର ଅବବାହିକାରେ ପୂର୍ବରୁ ଅନେକ ବୌଦ୍ଧ କୀର୍ତ୍ତିରାଜିର ସନ୍ଧାନ ମିଳିଛି। ଏପରିକି ଗଡ଼ବଳଭଦ୍ରପୁର ଗ୍ରାମର ଆଖପାଖ ଅଞ୍ଚଳରେ ମଧ ଅନେକ ବୌଦ୍ଧ ମୂର୍ତ୍ତି, ମାନସିକ ସ୍ତୁପ ସବୁ ବିକ୍ଷିପ୍ତ ଭାବେ ଦେଖିବାକୁ ମିଳେ। ଗଡ଼ବଳଭଦ୍ରପୁର ଗଡଟି ଖୋର୍ଦ୍ଧାର ଭୋଇବଂଶୀୟ ରାଜାମାନଙ୍କ ଦ୍ୱାରା ସ୍ଥାପିତ ହୋଇଥିଲେ ମଧ ଏଠାରେ ଏହି ହାତୀ ମୂର୍ତ୍ତି ଓ ବୌଦ୍ଧ ପ୍ରତ୍ନତାତ୍ତ୍ୱିକ ଅବଶେଷ ବହୁ ପୂର୍ବକାଳରୁ ଉପସ୍ଥିତ ରହିଆସିଛି ବୋଲି ଅନୁମାନ। ସ୍ଥାନଟିର ପ୍ରତ୍ନତାତ୍ତ୍ୱିକ ଖନନ କରାଗଲେ ଅନେକ ଲୁକ୍କାୟିତ କୀର୍ତ୍ତିରାଜି ପଦାକୁ ଆସିବ। ଇନ୍‌ଟାକ ଆବାହକ ଅମିୟ ଭୂଷଣ ତ୍ରିପାଠୀ କୁହନ୍ତି, ଏହି ସ୍ଥାନରେ ସନ୍ଧାନ ହୋଇଥିବା ହାତୀ ମୂର୍ତ୍ତି ସମ୍ପର୍କରେ ତଥ୍ୟ କୌଣସି ଐତିହାସିକ ଦସ୍ତାବିଜରୁ ମିଳିନି। ତେଣୁ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ଏହାର ପ୍ରକୃତ ଇତିହାସ ଓ ଠିକ୍ ଗଠନ ସମୟ ନିର୍ଦ୍ଧାରଣ ପାଇଁ ବିଶେଷଜ୍ଞ ଦଳକୁ ଏଠାକୁ ପଠାଇବା ଆବଶ୍ୟକ। ଏହାବ୍ୟତୀତ ଏଠାରେ ଏକ ସଂଗ୍ରହାଳୟ ନିର୍ମାଣ କରି ହାତୀ ମୂର୍ତ୍ତି, ଏହି ପୁରାତନ ଖମ୍ବ ତଥା ଆଖପାଖ ଅଞ୍ଚଳରୁ ମିଳୁଥିବା ଅନ୍ୟ ପ୍ରତ୍ନତାତ୍ତ୍ୱିକ ଅବଶେଷ ସବୁକୁ ଏକତ୍ର ରଖିବା ଉଚିତ। ଏ ସମ୍ପର୍କରେ ଖୁବ୍‌ଶୀଘ୍ର ଇନ୍‌ଟାକ ତରଫରୁ ସରକାରଙ୍କୁ ଅବଗତ କରାଯିବ।

# ପୋଖରୀ- ଗଳଦରି ରାସ୍ତାର ଭିତ୍ତିପ୍ରସ୍ତର


ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ ବିଧାୟକ ସମୀର ରଞ୍ଜନ ଦାଶ ଏବଂ ଅନ୍ୟମାନେ ।

**ଉପକୃତ ହେବେ ୪ ଗାଁର ୩ ହଜାର ଲୋକ**

ଗୋପ,୧୬।୫(ଡି.ଏନ୍.ଏ.)

ସ୍ଥାନୀୟ ବିଧାୟକ ସମୀର ରଞ୍ଜନ ଦାଶ ମଙ୍ଗଳବାର ଗୋପ- ବାଲିଘାଇ ରାସ୍ତାର ପଣ୍ଡୁଆ ପୋଖରୀଠାରୁ ଗଳଦରି ନିକଟ ଦୀର୍ଘ ୪ କି.ମି. ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ରାସ୍ତା ନିର୍ମାଣ ହେଲେ ୪ ଖଣ୍ଡ ଗାଁର ୩ ହଜାର ଜନସାଧାରଣ ଯା'ଆସ କରିପାରିବେ। ଦୀର୍ଘଦିନ ଧରି ଏହି ରାସ୍ତା ମରଣଯନ୍ତା ଭାବେ ରହିଥିବାବେଳେ ଯା'ଆସ କରିବାକୁ ଲୋକେ ନାନାଦି ଅସୁବିଧାର ସମ୍ମୁଖୀନ ହେଉଥିଲେ। ଗୋପ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଏହି ରାସ୍ତା କାର୍ଯ୍ୟ କରାଯିବ ବୋଲି ସୂଚନା ମିଳିଥିବାବେଳେ ସମସ୍ତ ଆନୁଷଙ୍ଗିକ କାର୍ଯ୍ୟ ଶେଷ ହୋଇଛି। ବିଧାୟକ ଦାଶ ସୁବର୍ଣ୍ଣପୁର ନିକଟରେ ପହଞ୍ଚିବା ପରେ ଯୁବନେତା ସୁକାନ୍ତ ମହାନ୍ତି, ପ୍ରହ୍ଲାଦ ସ୍ୱାଇଁ ଓ କରୁଣାକର ସାହୁଙ୍କ ନେତୃତ୍ୱରେ ଶତାଧିକ ଜନସାଧାରଣ ବିଧାୟକଙ୍କୁ ତିଲୁପଦା ଗ୍ରାମ ପର୍ଯ୍ୟନ୍ତ ପାଛୋଟି ନେବା ପରେ ବିଧାୟକ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ କୋଣାର୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ହରିଶ୍ଚନ୍ଦ୍ର ପୂର୍ତ୍ତି, ଗୋପ ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀ ଆଶୁତୋଷ ସ୍ୱାଇଁ ଉପସ୍ଥିତ ଥିଲେ। ଦୀର୍ଘଦିନ ମରଣଯନ୍ତା ପାଲଟିଥିବା ଏହି ରାସ୍ତାର ନିର୍ମାଣ କାର୍ଯ୍ୟ ଖୁବ୍‌ଶୀଘ୍ର ହେବ ବୋଲି ଗତ ସାଧାରଣ ନିର୍ବାଚନରେ ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। ଦୀର୍ଘ ୪ କିଲୋମିଟର ରାସ୍ତା ନିର୍ମାଣ ପାଇଁ ୨ କୋଟି ୮୫ ଲକ୍ଷ ଟଙ୍କା ବ୍ୟୟବରାଦ ହେବ ବୋଲି ସହକାରୀ ଯନ୍ତ୍ରୀ ସ୍ୱାଇଁ କହିଛନ୍ତି।

# ସୂର୍ଯ୍ୟମନ୍ଦିର ଦେଖି ବିମୋହିତ ହେଲେ ଜି୨୦ ପ୍ରତିନିଧି ଦଳ


ଜି୨୦ ପ୍ରତିନିଧି ମଣ୍ଡଳୀ ବ୍ୟାଖ୍ୟାନ କେନ୍ଦ୍ର ବୁଲି ଦେଖୁଛନ୍ତି ।

**ଗୋଟିପୁଅ ନୃତ୍ୟ ବିଭୋର କଲା**

କୋଣାର୍କ,୧୬।୫(ଡି.ଏନ୍.ଏ.)

ମଙ୍ଗଳବାର ବିଭିନ୍ନ ଦେଶର ଜି୨୦ ପ୍ରତିନିଧି ମଣ୍ଡଳୀ କୋଣାର୍କ ପରିଦର୍ଶନରେ ଆସିଥିଲେ। ଏହି ଜି୨୦ ପ୍ରତିନିଧି ମଣ୍ଡଳୀ ବିଶ୍ୱ ପ୍ରସିଦ୍ଧ ସୂର୍ଯ୍ୟମନ୍ଦିର ଓ ଆଇଓଏଫ୍ ବ୍ୟାଖ୍ୟାନ କେନ୍ଦ୍ର ପରିଦର୍ଶନ କରି ବିମୋହିତ ହୋଇଥିଲେ। ୩୪ଟି ଦେଶର ପ୍ରତିନିଧିମାନେ ସନ୍ଧ୍ୟାରେ ଏଠାରେ ପହଞ୍ଚିବା ପରେ ଏଏସ୍‌ଆଇ, ପର୍ଯ୍ୟଟନ ବିଭାଗ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। କୋଣାର୍କରେ ପହଞ୍ଚିବା ବିଳମ୍ବ ହେତୁ ସନ୍ଧ୍ୟା ହୋଇଯିବାରୁ ଚାରା ରୋପଣ କାର୍ଯ୍ୟକ୍ରମରେ ଯୋଗଦେଇପାରି ନ ଥିଲେ। ପରେ ବୈଦେଶିକ ବ୍ୟାପାର ଓ ସଂସ୍କୃତି ରାଷ୍ଟ୍ରମନ୍ତ୍ରୀ ମିନାକ୍ଷୀ ଲେଖି ଏହି ପ୍ରତିନିଧିମାନଙ୍କୁ ସୂର୍ଯ୍ୟ ମନ୍ଦିର ଭିତରକୁ ପାଛୋଟି ନେଇଥିଲେ। ଏଏସ୍‌ଆଇ ଓ ସ୍ୱୀକୃତିପ୍ରାପ୍ତ ଗାଇଡ୍ ମନ୍ଦିର ଇତିହାସ ବିଷୟରେ ବୁଝାଇଥିଲେ। ସୂର୍ଯ୍ୟମନ୍ଦିରର ସୂକ୍ଷ୍ମ କାରୁକାର୍ଯ୍ୟ ଦେଖି ପ୍ରତିନିଧି ମଣ୍ଡଳୀ ଭାବବିହ୍ୱଳ ହୋଇପଡ଼ିଥିଲେ। ପରେ ସୂର୍ଯ୍ୟମନ୍ଦିର ପରିସରରେ ଗୋଟିପୁଅ ନୃତ୍ୟ ପରିବେଷଣ ହୋଇଥିଲା। ଏହି ନୃତ୍ୟ ଦେଖି ବିଭୋର ହୋଇଥିଲେ ୩୪ ଦେଶର ପ୍ରତିନିଧିମାନେ। ରାତି ୮ଟାରେ ଏହି ପ୍ରତିନିଧିମାନେ ଭୁବନେଶ୍ୱର ଫେରିଥିଲେ। ଏହି କାର୍ଯ୍ୟକ୍ରମରେ ଏସ୍‌ଆଇ ପୁରୀ ସର୍କଲ ସୁପରିଣ୍ଟେଣ୍ଡେଣ୍ଟ ଦିବିସ୍ମିତା ବ୍ରଜସୁନ୍ଦର ଗଡ଼ନାୟକ, ଅତିରିକ୍ତ ଏସ୍‌ପି ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଏଏସ୍‌ଆଇ ସୁପରିଣ୍ଟେଣ୍ଡେଣ୍ଟ ଇଞ୍ଜିନିୟର ଚିତ୍ତରଞ୍ଜନ ଦାଶ, ଜିଲା ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନ, କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମିୟ କୁମାର ସେଠୀ, କୋଣାର୍କ ଆଇଆଇସି ରଞ୍ଜନ କୁମାର ମଲ୍ଲିକ, ବିଭିନ୍ନ ବିଭାଗୀୟ ବରିଷ୍ଠ ପଦାଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।


ଜି୨୦ ପ୍ରତିନିଧି ମଣ୍ଡଳୀଙ୍କ କୋଣାର୍କ ପରିଦର୍ଶନ ଅବସରରେ କଳାକାରଙ୍କ ନୃତ୍ୟ ପରିବେଷଣ ।

## ପୁରୁଣା ଦିନର ବିଦ୍ୟାଳୟ ସ୍ମୃତି ମନେପକାଇଲେ ଛାତ୍ରୀଛାତ୍ର

ବଳଙ୍ଗା,୧୬।୫(ଡି.ଏନ୍.ଏ.)

ବଳଙ୍ଗା ଉଚ୍ଚ ବିଦ୍ୟାଳୟ ୧୯୭୨ ମାଟ୍ରିକ ବ୍ୟାଚର ବନ୍ଧୁମିଳନ ଉତ୍ସବ ସୋମବାର ସ୍ଥାନୀୟ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାୟ ୫୦ଜଣ ପୁରାତନ ଛାତ୍ରୀଛାତ୍ର ଯୋଗଦେଇ ପୁରୁଣା ଦିନର ସ୍ମୃତିକୁ ମନେପକାଇବା ସହ ଭାବର ଆଦାନ ପ୍ରଦାନ କରିଥିଲେ। ବଳଙ୍ଗାର ପ୍ରସିଦ୍ଧ ନାଗାଯାତ୍ରା ଦେଖି ବିମୋହିତ ହୋଇଥିଲେ। ବଳଙ୍ଗା ମହାବିଦ୍ୟାଳୟ ପୂର୍ବତନ ସମ୍ପାଦକ ସୁଧାଂଶୁ ମୋହନ ଲେଙ୍କା, ପୂର୍ବତନ ବ୍ୟାଙ୍କ ଅଫ୍ ଇଣ୍ଡିଆର ଜେନେରାଲ ମ୍ୟାନେଜର ଦୁର୍ଗାପ୍ରସାଦ ମିଶ୍ର, ପ୍ରଫୁଲ୍ଲ ବେହେରା, ପ୍ରଫୁଲ୍ଲ ଶତପଥୀ, ଗଗନ ଦାଶ, ସଚ୍ଚିଦାନନ୍ଦ ମହାନ୍ତି, ବିଜୟ ଦାଶ, ଗୋବିନ୍ଦ ରାଉ ପ୍ରମୁଖ ପରିଚାଳନା କରିଥିଲେ।

# ଆଜି ଆସିବେ ରେଳ ମନ୍ତ୍ରୀ

**୧୮ରେ ବନ୍ଦେ ଭାରତ ଏକ୍ସପ୍ରେସ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଯୋଗ ଦେବେ**

ଭୁବନେଶ୍ୱର,୧୬।୫(ବ୍ୟୁରୋ)

ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ବୁଧବାର ୨ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଆସନ୍ତା ୧୮ ତାରିଖରେ ପୁରୀରୁ ହାଓଡ଼ା ବନ୍ଦେ ଭାରତ ଏକ୍ସପ୍ରେସ୍ ଚଳାଚଳର ଶୁଭାରମ୍ଭ କାର୍ଯ୍ୟକ୍ରମରେ ଯୋଗ ଦେବେ। ଏଥିପାଇଁ ୧୭ତାରିଖ ବୁଧବାର ରାତି ୯ଟା୫ମିନିଟରେ ମନ୍ତ୍ରୀ ବୈଷ୍ଣବ ଭୁବନେଶ୍ୱରରେ ପହଞ୍ଚିବେ। ଗୁରୁବାର ସକାଳେ ପୁରୀ ଗସ୍ତକରି ସେଠାରେ ବନ୍ଦେ ଭାରତ ଏକ୍ସପ୍ରେସ କାର୍ଯ୍ୟକ୍ରମରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ପୁରୀରୁ ବନ୍ଦେ ଭାରତ ଏକ୍ସପ୍ରେସକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଏଥିପାଇଁ ପୁରୀ ରେଳ ଷ୍ଟେଶନ ସମ୍ପୂର୍ଣ୍ଣ ସଜେଇ ହୋଇଗଲାଣି। ପୁରୀରୁ କାର୍ଯ୍ୟକ୍ରମ ସାରି ମନ୍ତ୍ରୀ ବୈଷ୍ଣବ ଭୁବନେଶ୍ୱର ପହଞ୍ଚିବା ପରେ ପୋଷ୍ଟାଲ ଡିପାର୍ଟମେଣ୍ଟ ଏବଂ ପରେ ରେଳ ପ୍ରକଳ୍ପର ସମୀକ୍ଷା କରିବାର କାର୍ଯ୍ୟକ୍ରମ ରହିଛି। ସେହିଦିନ ରାତିରେ ମନ୍ତ୍ରୀ ନୂଆଦିଲ୍ଲୀ ଫେରିଯିବାର କାର୍ଯ୍ୟକ୍ରମ ରହିଛି। ମନ୍ତ୍ରୀଙ୍କ ଗସ୍ତ ସମୟରେ ୱାଇ କାଟାଗୋରୀ ସୁରକ୍ଷା ଯୋଗାଇବା ପାଇଁ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବାକୁ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ମିଳିଛି।



ପୁରୀ ଶରଧାବାଲିସ୍ଥିତ ବାବା ଆଖଣ୍ଡଳମଣି ଅଟୋଚାଳକ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ଅବସରରେ ଅନୁଷ୍ଠିତ ବୈଠକରେ ବରିଷ୍ଠ କର୍ମକର୍ତ୍ତା ଏବଂ ଅତିଥିମାନେ।

# ଶୁଭାରମ୍ଭ ପୂର୍ବରୁ ବନ୍ଦେ ଭାରତ ଏକ୍ସପ୍ରେସ୍‌ର ଟ୍ରାଏଲ୍ ରନ୍

ପୁରୀ ଅଫିସ, ୧୬।୫:

ଖୁବଶୀଘ୍ର ଓଡ଼ିଶା ସହ ଯୋଡ଼ି ହେବାକୁ ଯାଉଛି ଭାରତୀୟ ରେଲୱେର ସେମି ଦ୍ରୁତଗାମୀ ଟ୍ରେନ୍ 'ବନ୍ଦେ ଭାରତ ଏକ୍ସପ୍ରେସ୍'। ରଥଯାତ୍ରା ପୂର୍ବରୁ ରାଜ୍ୟବାସୀଙ୍କୁ ଭାରତ ସରକାର ଏହି ଟ୍ରେନ୍ ଭେଟି ଦେବାକୁ ଯାଉଛନ୍ତି। ଆସନ୍ତା ୧୮ ତାରିଖରୁ 'ବନ୍ଦେ ଭାରତ ଏକ୍ସପ୍ରେସ୍' ପୁରୀରୁ ହାୱଡା ମଧ୍ୟରେ ଚାଲିବ। ତେବେ ଚଳାଚଳ ପୂର୍ବରୁ ମଙ୍ଗଳବାର ରେଲୱେ ପକ୍ଷରୁ ପରୀକ୍ଷାମୂଳକ ଭାବେ 'ବନ୍ଦେ ଭାରତ ଏକ୍ସପ୍ରେସ୍' ଗଡ଼ିଛି। ଅପରାହ୍ନ ପ୍ରାୟ ୧ଟାରେ ଏହି ଟ୍ରେନ୍ ପୁରୀ ରେଳଷ୍ଟେଶନରୁ ବାହାରି ଭଦ୍ରକ ରେଳ ଷ୍ଟେଶନ ପର୍ଯ୍ୟନ୍ତ ଟ୍ରାଏଲ ରନ୍ କରିଛି। ଏହା ଚତୁର୍ଥ ଟ୍ରାଏଲ ଥିଲା। ଏଥିପାଇଁ ଏହି ଟ୍ରେନ୍ ସୋମବାର ରାତିରେ ପୁରୀ ଆସି ଷ୍ଟେଶନର ୨ ନମ୍ବର ପ୍ଲାଟ୍‌ଫର୍ମରେ ରହିଥିଲା। ମଙ୍ଗଳବାର ଟ୍ରାଏଲ୍ ରନ୍ କରାଯାଇଥିଲା। ୧୮ ତାରିଖରେ ପୁରୀ ଷ୍ଟେଶନରେ ଏହି ଟ୍ରେନ୍ ଚଳାଚଳର ଶୁଭାରମ୍ଭ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଏହାର ଶୁଭାରମ୍ଭ କରିବେ। ସେହିପରି ପୁରୀ ରେଳଷ୍ଟେଶନରେ ଆୟୋଜିତ ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ବିଶେଶ୍ୱର ଟୁଡୁଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହିବାର କାର୍ଯ୍ୟକ୍ରମ ରହିଛି। ଏଥିଲାଗି ପୁରୀ ରେଳଷ୍ଟେଶନର ୭ ଓ ୮ ନମ୍ବର ପ୍ଲାଟ୍‌ଫର୍ମକୁ ରଙ୍ଗ କରାଯିବା ସହ ସଜାଯାଉଛି। ରେଲୱେ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଉଛି। ଏନେଇ ପୁରୀ ଆର୍‌ପିଏଫ୍ ଅଧିକାରୀ ଅପରେଶ ବେହେରା ସୂଚନା ଦେଇ କହିଛନ୍ତି, ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ବିଶେଷକରି ଯେଉଁ ସ୍ଥାନରେ ମନ୍ତ୍ରୀ ଏବଂ ଭିଆଇପିମାନେ ରହିବେ ସେ ସ୍ଥାନରେ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଡଗ୍ ସ୍କ୍ୱାଡ୍‌ମାନଙ୍କ ପକ୍ଷରୁ ଚେକିଂ କରାଯିବ। କେବଳ ରେଲୱେ ଅଧିକାରୀମାନେ ସେଠାରେ ନିୟୋଜିତ ରହିବେ। ଅପରପକ୍ଷରେ ଜନସାଧାରଣଙ୍କ ପାଇଁ ମଧ ବ୍ୟବସ୍ଥା ହେଉଛି। ବନ୍ଦେ ଭାରତ ଏକ୍ସପ୍ରେସ ଚଳାଚଳକୁ ନେଇ ସମସ୍ତେ ଉତ୍ସାହିତ ଅଛନ୍ତି।

ସୂଚନା ଅନୁଯାୟୀ, ବନ୍ଦେ ଭାରତ ଏକ୍ସପ୍ରେସ ହାୱଡ଼ା ଷ୍ଟେଶନ୍‌ରୁ ପ୍ରତ୍ୟେକ ଦିନ ସକାଳ ୬ଟା ୧୦ ମିନିଟରେ ବାହାରିବା ପରେ ବିଭିନ୍ନ ଷ୍ଟେଶନରେ ଦୁଇମିନିଟ୍ ଲେଖାଏ ରହି ଶେଷରେ ୧୨ଟା ୨୫ରେ ପୁରୀ ଷ୍ଟେଶନରେ ପହଞ୍ଚିବ। ଏହି ଟ୍ରେନ୍ ୭ଟି ସ୍ଥାନରେ ରହିବ। ଭୁବନେଶ୍ୱର ଷ୍ଟେଶନ, ୧୧ଟା ୪୦ରେ ଖୋର୍ଦ୍ଧାରୋଡ୍ ଏବଂ ୧୨ଟା ୨୫ରେ ପୁରୀ ଷ୍ଟେଶନରେ ଟ୍ରେନ ପହଞ୍ଚିବ। ସେହିପରି ଦିନ ୧ଟା ୫୦ରେ ପୁରୀ ଷ୍ଟେଶନରୁ ବାହାରି ସନ୍ଧ୍ୟା ୮ଟାରେ ହାୱଡା ଷ୍ଟେଶନରେ ପହଞ୍ଚିବ। ଅତ୍ୟାଧୁନିକ ଜ୍ଞାନକୌଶଳ ଦ୍ୱାରା ନିର୍ମିତ ହୋଇଥିବା ଏହି ଟ୍ରେନ୍ ସମ୍ପୂର୍ଣ୍ଣ ଶୀତତାପ ନିୟନ୍ତ୍ରିତ। ଟ୍ରେନ୍‌ରେ ଅନେକ ଅତ୍ୟାଧୁନିକ ବ୍ୟବସ୍ଥା ରହିଛି। ଟ୍ରେନଯାତ୍ରୀଙ୍କ ପାଇଁ ଅନେକ ସୁବିଧା ରହିଛି। ଟ୍ରେନରେ ପାଞ୍ଚ ଥାକିଆ ଆରାମଦାୟକ ସିଟ୍ ରହିଛି। ଅଟୋମେଟିକ ଡୋର ଲକ୍ ବ୍ୟବସ୍ଥା ରହିଛି। ପୂର୍ବରୁ ହାଓଡାରୁ ପୁରୀ ଆସୁଥିବା ଟ୍ରେନ୍ ୮ଘଣ୍ଟା ୨୦ରୁ ୩୦ ମିନିଟ୍ ମଧ୍ୟରେ ପୁରୀରେ ପହଞ୍ଚୁଥିବାବେଳେ ବନ୍ଦେ ଭାରତ ଏକ୍ସପ୍ରେସ ମାତ୍ର ୬ଘଣ୍ଟାରେ ପୁରୀରେ ପହଞ୍ଚିବ। ଫଳରେ ଯାତ୍ରୀଙ୍କ ସମୟ ବଞ୍ଚିବା ସହ ଏକ ସୁଖଦ ଯାତ୍ରାର ମଜା ନେଇପାରିବେ।



ଟ୍ରାଏଲ ରନ୍ ପାଇଁ ବାହାରିଥିବା ବନ୍ଦେ ଭାରତ ଏକ୍ସପ୍ରେସ ।


ପୁରୀ ରେଳ ଷ୍ଟେସନ ପରିସରରେ ରଙ୍ଗ ଦିଆଯାଉଛି ।

# ପ୍ରଥମ ଓଡ଼ିଶା ଅନୁଷ୍ଠାନର ଗ୍ରୀଷ୍ମକାଳୀନ ଶିବିର

ନିମାପଡ଼ା,୧୬।୫(ଡି.ଏନ୍.ଏ.)

ନିମାପଡ଼ା ବ୍ଲକର ପ୍ରଥମ ଓଡ଼ିଶା ଅନୁଷ୍ଠାନ ପକ୍ଷରୁ ଏକ ଗ୍ରୀଷ୍ମକାଳୀନ ଶିବିର ସ୍ଥାନୀୟ ବ୍ଲକ ଅଧୀନ ରେଞ୍ଚ ଶାସନ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ପ୍ରସନ୍ନ ସ୍ୱାଇଁ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ନାଏବ ସରପଞ୍ଚ ମୋନାଲିସା ମହାନ୍ତି, ଅନୁଷ୍ଠାନର ପୁରୀ ଜିଲା ସଂଯୋଜକ ରାକେଶ ବେହେରା, ନିମାପଡ଼ା ବ୍ଲକ ସଂଯୋଜକ ସୁନାକର ସାହୁ, ଖଗନ ବେହେରା, ସାଗର ଦାସ, ସୁହାସିନୀ ସାହୁ, ବିନୋଦିନୀ ପ୍ରଧାନ, ଅନିତା ବେହେରା, ପୂଜା ବେହେରା ପ୍ରମୁଖ ଯୋଗଦେଇ ଶିବିରର ଲକ୍ଷ୍ୟ, ଉଦ୍ଦେଶ୍ୟ, ତାତ୍ପର୍ଯ୍ୟ ଦିଗରେ ଗୁରୁତ୍ୱାରୋପ କରିଥିଲେ। ବିଭିନ୍ନ ସ୍ୱେଚ୍ଛାସେବୀଙ୍କୁ ନେଇ ନିମାପଡ଼ା ବ୍ଲକର ୧୦୦ଟି ଗ୍ରାମର ୫ମ ଓ ୬ଷ୍ଠ ଶ୍ରେଣୀର ଛାତ୍ରୀଛାତ୍ରଙ୍କ କିପରି ଭାଷା ଓ ଗଣିତର ବିକାଶ ହୋଇପାରିବ ସେ ଦିଗରେ ଅତିଥିମାନେ ମତବ୍ୟକ୍ତ କରି ସୁଚିନ୍ତିତ ମତାମତ ଓ ପରାମର୍ଶ ଦେଇଥିଲେ। ଏହି ସବୁ କାର୍ଯ୍ୟକ୍ରମ ଗ୍ରାମାଞ୍ଚଳରେ ୪ ସପ୍ତାହ ଧରି ଚାଲିବ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି। ଏହି କାର୍ଯ୍ୟକ୍ରମ ରାଜ୍ୟ ସରକାରଙ୍କ ଶିକ୍ଷାର ବିକାଶ ଦିଗରେ ଏକ ଅଭିନବ ପ୍ରୟାସ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। କାର୍ଯ୍ୟକ୍ରମରେ ଅଞ୍ଚଳର ପ୍ରାୟ ୫୦ ଛାତ୍ରୀଛାତ୍ର, ସ୍ଥାନୀୟ ବହୁ ବିଶିଷ୍ଟ ବ୍ୟକ୍ତି ଓ ଅଭିଭାବକମାନେ ଯୋଗ ଦେଇଥିଲେ।


ପ୍ରଥମ ଓଡ଼ିଶା ଗ୍ରୀଷ୍ମକାଳୀନ ଶିବିରରେ ମଞ୍ଚାସୀନ ଅତିଥି ଓ ଛାତ୍ରୀଛାତ୍ରବୃନ୍ଦ।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ପୁରୁଷ ଆନ୍ତଃରାଜ୍ୟ ଫୁଟବଲ ଚାମ୍ପିୟନଶିପ୍, କଳିଙ୍ଗ ଷ୍ଟାଡିୟମ୍, ଅପରାହ୍ନ ୪ଟା।
- ଇଣ୍ଟରନ୍ୟାଶନାଲ ଡେ ଅଫ୍ ଆର୍ଟ ଅଫ୍ ଗିଭିଂ, ହୋଟେଲ ସ୍ୱସ୍ତି ପ୍ରିମିୟମ୍, ଅପରାହ୍ନ ୫ଟା।
- ଲଳିତ କଳା ଏକାଡେମୀ ପକ୍ଷରୁ ପରିକ୍ରମା ରିସର୍ଚ୍ଚ ସ୍କଲାର ପ୍ରଦର୍ଶନୀ, କଳିଙ୍ଗ ଆର୍ଟ ଗ୍ୟାଲେରି, ଅପରାହ୍ନ ୫ଟା।
- ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାସ ଫାଉଣ୍ଡେଶନ ପକ୍ଷରୁ ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାସଙ୍କ ୧୦୦ତମ ଜୟନ୍ତୀ ଓ ଫାଉଣ୍ଡେଶନର ୩୧ତମ ବାର୍ଷିକୋତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

କଟକ

- ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ମଜଦୁର ସଂଘ ପକ୍ଷରୁ ବିକ୍ଷୋଭ, ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ପୂର୍ବାହ୍ନ ୧୦ଟା।

# ବିଶ୍ୱସ୍ତରୀୟ ଦୃଢ଼ ସାଂସ୍କୃତିକ ନୀତି ନିର୍ଦ୍ଧାରଣକୁ ଗୁରୁତ୍ୱ

**ସରିଲା ଜି-୨୦ ସଂସ୍କୃତି କାର୍ଯ୍ୟଗୋଷ୍ଠୀ ବୈଠକ**

- ଭାରତର ଐତିହ୍ୟ, ପ୍ରାଚୀନ ଜୀବନଶୈଳୀର ପ୍ରଚାରପ୍ରସାର ଲକ୍ଷ୍ୟ
- କୋଣାର୍କ ମନ୍ଦିର ପରିଦର୍ଶନ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କଲେ ଅତିଥି
- ଆଜି ବୁଲିବେ ଉଦୟଗିରି ଗୁମ୍ଫା



କେନ୍ଦ୍ର ସଂସ୍କୃତି ଓ ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ମିନାକ୍ଷୀ ଲେଖୀ ଏବଂ ଅନ୍ୟ ଅତିଥିମାନେ।

ଭୁବନେଶ୍ୱର, ୧୬।୫ (ବ୍ୟୁରୋ)

ଭୁବନେଶ୍ୱରଠାରେ ଚାଲିଥିବା ଜି-୨୦ ସଂସ୍କୃତି କାର୍ଯ୍ୟଗୋଷ୍ଠୀର ଦ୍ୱିତୀୟ ବୈଠକ ଅନ୍ତର୍ଗତ ଆଲୋଚନା ଅଧିବେଶନ ମଙ୍ଗଳବାର ଶେଷ ହୋଇଛି। ଏଥିରେ ଅଂଶ ଗ୍ରହଣ କରିଥିବା ପ୍ରତିନିଧିମାନେ ସଂସ୍କୃତି କାର୍ଯ୍ୟଗୋଷ୍ଠୀ ଦ୍ୱାରା ନିର୍ଦ୍ଧାରଣ କରାଯାଇଥିବା ତୃତୀୟ ଏବଂ ଚତୁର୍ଥ ପ୍ରାଥମିକତା: 'ସାଂସ୍କୃତିକ ଓ ସୃଜନଶୀଳ ଶିଳ୍ପର ପ୍ରୋତ୍ସାହନ ଏବଂ ସୃଜନଶୀଳ ଅର୍ଥ ବ୍ୟବସ୍ଥା' ଏବଂ 'ସଂସ୍କୃତିର ସୁରକ୍ଷା ଏବଂ ପ୍ରଚାର ପ୍ରସାର ପାଇଁ ଡିଜିଟାଲ ପ୍ରଯୁକ୍ତିର ଉପଯୋଗ' ବିଷୟବସ୍ତୁ ଉପରେ ଆଲୋଚନା କରିଥିଲେ। ଆଲୋଚନାର ନିଷ୍କର୍ଷ କାର୍ଯ୍ୟକାରୀ ହୋଇପାରିଲେ ସାଂସ୍କୃତିକ କ୍ଷେତ୍ରରେ ପରିବର୍ତ୍ତନ ଆସିବ। ଏଥିସହ ବିଶ୍ୱସ୍ତରରେ ଏଦିଗରେ ଏକ ଦୃଢ଼ ନୀତି ନିର୍ଦ୍ଧାରଣ କରାଯିବା ଉପରେ ୨୦ ଦେଶର ପ୍ରତିନିଧିମାନେ ଗୁରୁତ୍ୱ ଦେଇଥିଲେ। ଉଦ୍ଯାପନୀ ଦିବସରେ ହୋଇଥିବା ଦୁଇଟି ଅଧିବେଶନରେ ଅତିଥିମାନେ ସେମାନଙ୍କ ବକ୍ତବ୍ୟ ରଖିବା ପରେ ତୃତୀୟ ଓ ଚତୁର୍ଥ ପ୍ରାଥମିକତା କ୍ଷେତ୍ରରେ ଏକ ଆଲୋଚନା ହୋଇଥିଲା। କେନ୍ଦ୍ର ସଂସ୍କୃତି ଓ ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ମୀନାକ୍ଷୀ ଲେଖୀଙ୍କ ସ୍ୱତନ୍ତ୍ର ଅଭିଭାଷଣ ସହ ଦ୍ୱିତୀୟ ଅଧିବେଶନ ଶେଷ ହୋଇଥିଲା। ଆଲୋଚନା ପରେ ଜି-୨୦ ସଦସ୍ୟ ରାଷ୍ଟ୍ର, ନିମନ୍ତ୍ରିତ ରାଷ୍ଟ୍ର ଏବଂ ବିଭିନ୍ନ ଅନ୍ତର୍ଜାତୀୟ ସଂଗଠନର ପ୍ରତିନିଧିମାନେ ୟୁନେସ୍କୋ ବିଶ୍ୱ ଐତିହ୍ୟସ୍ଥଳୀ କୋଣାର୍କ ସୂର୍ଯ୍ୟ ମନ୍ଦିର ପରିଦର୍ଶନ କରିଥିଲେ। ଏଥିସହ ନିକଟରେ ଥିବା ଇଣ୍ଡିଆନ୍ ଅଏଲ କର୍ପୋରେଶନର ସଂଗ୍ରହାଳୟ ଏବଂ ବ୍ୟାଖ୍ୟାନ କେନ୍ଦ୍ରକୁ ମଧ୍ୟ ଅତିଥିମାନେ ବୁଲି ଦେଖିଥିଲେ। ଏହି ଅବସରରେ ଅତିଥିଙ୍କ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କଳାକାରଙ୍କ ଦ୍ୱାରା ପ୍ରଦର୍ଶିତ ଗୋଟିପୁଅ ନୃତ୍ୟ ଦେଖି ସେମାନେ ଅଭିଭୂତ ହୋଇଥିଲେ। କେନ୍ଦ୍ରମନ୍ତ୍ରୀ ମୀନାକ୍ଷୀ ଲେଖୀ ନୃତ୍ୟ ପରିବେଷଣ କରିଥିବା କଳାକାରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଜି-୨୦ ଅଧ୍ୟକ୍ଷତାରେ ଭାରତର ବିଶେଷତ୍ୱ ବିଶ୍ୱ ଆଗରେ ପ୍ରଦର୍ଶନ କରିବା ଲାଗି ଆମ ପାଖରେ ଏକ ସୁଯୋଗ ରହିଛି ବୋଲି କେନ୍ଦ୍ରମନ୍ତ୍ରୀ କହିଥିଲେ। ଏଥିସହ ଭାରତର ଐତିହ୍ୟ, ସଂସ୍କୃତି, ପ୍ରାଚୀନ ଜୀବନଶୈଳୀ ସମ୍ପର୍କରେ ଅଧିକରୁ ଅଧିକ ପ୍ରଚାରପ୍ରସାର କରିବା ଲାଗି ଲକ୍ଷ୍ୟ ରଖାଯାଇଛି। ପ୍ରାଚୀନ କାଳରୁ ଭାରତରେ ବିଜ୍ଞାନ ଓ ଧର୍ମର ଅଭୂତପୂର୍ବ ସମନ୍ୱୟ ରହି ଆସିଛି। କୋଣାର୍କ ମନ୍ଦିର ଏହାର ଏକ ପ୍ରତୀକ। ସାଂସ୍କୃତିକ ବିବିଧତା କ୍ଷେତ୍ରରେ ବୈଶ୍ୱିକ ସହଭାଗିତା, ସମାବେଶିତା ଓ ଦୀର୍ଘସ୍ଥାୟିତ୍ୱ କ୍ଷେତ୍ରରେ ଏହାର ଭୂମିକାକୁ ପ୍ରୋତ୍ସାହନ ଦେବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଥିଲା। ବୁଧବାର ଜି-୨୦ ସଂସ୍କୃତି କାର୍ଯ୍ୟଗୋଷ୍ଠୀର ଦ୍ୱିତୀୟ ବୈଠକ ବିଧିବଦ୍ଧ ଭାବେ ଶେଷ ହେବ। ଅତିଥିମାନେ ଭୁବନେଶ୍ୱର ଛାଡିବା ପୂର୍ବରୁ ସକାଳେ ଉଦୟଗିରି ଗୁମ୍ଫା ବୁଲି ଦେଖିବାର କାର୍ଯ୍ୟକ୍ରମ ରହିଛି।

# ଆଜି ସନ୍ଧ୍ୟା ୬ରୁ ୪ଘଣ୍ଟା ସାଧାରଣ ଦର୍ଶନ ବନ୍ଦ

**ଶ୍ରୀମନ୍ଦିରରେ ହେବ ମହାପ୍ରଭୁଙ୍କ ବନକଲାଗି**

**ପୁରୀ ଅଫିସ, ୧୬।୫:** ଜ୍ୟୋଷ୍ଠ ମାସ କୃଷ୍ଣପକ୍ଷ ତ୍ରୟୋଦଶୀ ତିଥିରେ ବୁଧବାର ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର ବା ବନକଲାଗି ନୀତି ଅନୁଷ୍ଠିତ ହେବ। ମହାପ୍ରଭୁଙ୍କ ବିଭିନ୍ନ ଗୁପ୍ତ ନୀତି ମଧ୍ୟରୁ ଏହା ଅନ୍ୟତମ। ତେଣୁ ଏହି ଗୁପ୍ତନୀତି ସମ୍ପାଦନ ସମୟରେ ଅର୍ଥାତ୍ ବୁଧବାର ସନ୍ଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ୪ଘଣ୍ଟା ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଶ୍ରୀମନ୍ଦିର ସ୍ୱତ୍ୱ ଲିପି ଅନୁଯାୟୀ, ଶ୍ରୀବିଗ୍ରହମାନଙ୍କ ଦ୍ୱିତୀୟ ଭୋଗମଣ୍ଡପ ସମ୍ପନ୍ନ ପରେ ଏହି ନୀତି ହୋଇଥାଏ। ଦତ୍ତମହାପାତ୍ର ସେବକମାନେ ଶ୍ରୀମନ୍ଦିର ଗର୍ଭଗୃହକୁ ପ୍ରବେଶ କରି ଏହି ନୀତି ସମ୍ପାଦନ କରିବେ। ଏହି ଗୁପ୍ତନୀତି ସମୟରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ଦତ୍ତମହାପାତ୍ର ସେବକମାନେ ନୀତି ଶେଷ କରି ବାହାରିବା ପରେ ଶ୍ରୀବିଗ୍ରହମାନଙ୍କର ମହାସ୍ନାନ ନୀତି ସମ୍ପନ୍ନ କରାଯାଇ ଅନ୍ୟାନ୍ୟ ନୀତି ଅନୁଷ୍ଠିତ ହେବ।

# ହାଇକୋର୍ଟରେ ଅଦାଲତ ଅବମାନନା ମାମଲା

**ଶ୍ରୀମନ୍ଦିରରେ ଦିବ୍ୟାଙ୍ଗଙ୍କ ପାଇଁ ଦର୍ଶନ ବ୍ୟବସ୍ଥା କାର୍ଯ୍ୟକାରୀ ହେଉନି**

କଟକ ଅଫିସ, ୧୬।୫

ପୁରୀ ଶ୍ରୀମନ୍ଦିରରେ ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ନିମନ୍ତେ ଦର୍ଶନ ବ୍ୟବସ୍ଥା ଗ୍ରହଣ କରାଯିବା ନେଇ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା କରାଯାଇଛି। ଏଭଳି ବ୍ୟବସ୍ଥା ପାଇଁ ଶ୍ରୀମନ୍ଦିର ପ୍ରଶାସନକୁ ଦୁଇଥର ସମୟ ଦିଆଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଫଳରେ ଆବେଦନକାରୀଙ୍କ ପକ୍ଷରୁ ଦ୍ୱିତୀୟ ଥର ପାଇଁ ଶ୍ରୀମନ୍ଦିର ପ୍ରଶାସକଙ୍କ ବିରୋଧରେ ଅଦାଲତ ଅବମାନନା ମାମଲା ମଙ୍ଗଳବାର ହାଇକୋର୍ଟରେ ରୁଜୁ କରାଯାଇଛି।

ମାମଲାର ବିବରଣୀରୁ ପ୍ରକାଶ, ଶ୍ରୀମନ୍ଦିରରେ ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ଦର୍ଶନ ନିମନ୍ତେ ବ୍ୟବସ୍ଥା କରାଯିବା ପାଇଁ ନିର୍ଦ୍ଦେଶ ଦେବାକୁ ଜିତେନ୍ଦ୍ର ବିଶ୍ୱାଳ ହାଇକୋର୍ଟରେ ଏକ ମାମଲା ରୁଜୁ କରିଥିଲେ। ହାଇକୋର୍ଟ ମାମଲାରେ ଶୁଣାଣି କରି ୧ ମାସ ମଧ୍ୟରେ ଏନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଶ୍ରୀମନ୍ଦିର ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ନିର୍ଦ୍ଦେଶ ପାଳନ ନେଇ ଅଦାଲତ ଦେଇଥିବା ସମୟ ଅବଧି ପୂରଣ ହୋଇଥିଲେ ବି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନାହିଁ। ଯଦ୍ୱାରା ଆବେଦନକାରୀ ହାଇକୋର୍ଟରେ ଅଦାଲତ ଅବମାନନା ମାମଲା ଦାଏର କରିଥିଲେ। ହାଇକୋର୍ଟ ମାମଲାର ଶୁଣାଣି କରି ଶ୍ରୀମନ୍ଦିର ପ୍ରଶାସନକୁ ଆଉ ୧ ମାସ ସମୟ ଦେଇଥିଲେ। ହେଲେ ଉକ୍ତ ଅବଧି ପୂରଣ ହୋଇଥିଲେ ମଧ୍ୟ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଗଲାନାହିଁ। ଫଳରେ ଆବେଦନକାରୀ ଅବମାନନା ମାମଲା ଜରିଆରେ ପୁଣି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଆଇନଜୀବୀ ଗୌତମ ଆଚାର୍ଯ୍ୟ ଓ ଅରୁଣ କୁମାର ବୁଦ୍ଧିଆ ମାମଲା ପରିଚାଳନା କରୁଛନ୍ତି।

## ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ଡେଲାଙ୍ଗ, ୧୬।୫(ଡି.ଏନ୍.ଏ.)

ଡେଲାଙ୍ଗ ଥାନା ଅଧୀନ ଗୋଡିପୁଟମାଟିଆପଡା ପଞ୍ଚାୟତର ବରପଦା ତାଳେଶ୍ୱର ମନ୍ଦିର ନିକଟରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହକୁ ମଙ୍ଗଳବାର ଡେଲାଙ୍ଗ ପୋଲିସ ଜବତ କରିଛି। ମୃତକ ହେଲେ ଖୋର୍ଦ୍ଧା ଥାନା ଅଧୀନ ଭାଲିଆଡିହି ଗ୍ରାମର ପ୍ରମୋଦ କୁମାର ନାୟକ(୪୫)। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୬/୨୩) ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇ ଦେଇ ତଦନ୍ତ ଚଳାଇଛି। ତେବେ ଯୁବକ ଜଣକ ଏଠାରେ ଆତ୍ମହତ୍ୟା କରିଛନ୍ତି ନା କେହି ହତ୍ୟା କରି ଏଠାରେ ଝୁଲାଇଛି ସେନେଇ ପୋଲିସ ତଦନ୍ତ ଜାରି ରଖିଛି।



ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ମଙ୍ଗଳବାର ଚଳଚ୍ଚିତ୍ର ପତ୍ରିକା ବାଣୀଚିତ୍ରର ୫୫ବର୍ଷ ପୂର୍ତ୍ତି ଓ ବାଣୀଚିତ୍ର ସମ୍ମାନ ପ୍ରଦାନ ଉତ୍ସବରେ ଶିଶୁକଳାକାରଙ୍କ ନୃତ୍ୟ ପରିବେଷଣ।

# ପ୍ରଣବ ପଟ୍ଟନାୟକ ପାଇବେ 'ବାଳକୃଷ୍ଣ ଦାଶ ସ୍ମାରକୀ ସମ୍ମାନ'

**ଭୁବନେଶ୍ୱର, ୧୬।୫(ବ୍ୟୁରୋ):** ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାସଙ୍କ ଜନ୍ମ ଶତବାର୍ଷିକୀ ସମାରୋହ ଓ ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାସ ଫାଉଣ୍ଡେଶନର ୩୧ତମ ବାର୍ଷିକୋତ୍ସବ ବୁଧବାରଠାରୁ ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହେବ। ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମ ୩ଦିନ ଧରି ଚାଲିବ। ଏହି ଅବସରରେ ସଙ୍ଗୀତ କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ପାଇଁ ଡ. ପ୍ରଣବ କିଶୋର ପଟ୍ଟନାୟକଙ୍କୁ 'ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାସ ସ୍ମାରକୀ ସମ୍ମାନ-୨୦୨୩' ପ୍ରଦାନ କରାଯିବ। ସମ୍ମାନ ସ୍ୱରୂପ ୧ଲକ୍ଷ ଟଙ୍କାର ଅର୍ଥରାଶି ଦିଆଯିବ। ଏଥିସହ ଗୁରୁ ଅଖିଳ କୁମାର ଲେଙ୍କାଙ୍କୁ ସଙ୍ଗୀତ ସରସ୍ୱତୀ , ଡ. ରଞ୍ଜନ କୁମାର ଦାସଙ୍କୁ ଗୀତ ସରସ୍ୱତୀ, ଗୁରୁ ଶରତ ପାଣିଙ୍କୁ 'ବାଦ୍ୟ ସରସ୍ୱତୀ ସମ୍ମାନ'ରେ ସମ୍ମାନିତ କରାଯିବ। ପ୍ରତ୍ୟେକଙ୍କୁ ୧୦ ହଜାର ଟଙ୍କା ଅର୍ଥରାଶି ପ୍ରଦାନ କରାଯିବ। ସେହିପରି ଯୁବ ପ୍ରତିଭା ସନ୍ଧ୍ୟାରାଣୀ ରାଉତଙ୍କୁ 'ସଙ୍ଗୀତ ସୁଧାକର ସ୍ମୃତି ବୃତ୍ତି' ସ୍ୱରୂପ ୫ହଜାର ଟଙ୍କା ଦିଆଯିବ। ସେହିପରି ସିନେ ସମୀକ୍ଷକ ସୂର୍ଯ୍ୟ ଦେଓ ଓ ସାମ୍ବାଦିକ ବିଶ୍ୱଜିତ ଦାଶଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ଫାଉଣ୍ଡେଶନର ଆବାହକ ଅରକ୍ଷିତ ଦାଶ ସୂଚନା ଦେଇଛନ୍ତି।

# ତ୍ରିପୁରା ମିଶ୍ରଙ୍କୁ 'ପରିକ୍ଷିତ ଜେନା ବାଣୀଚିତ୍ର ସମ୍ମାନ'

**ବାଣୀଚିତ୍ରର ୫୫ବର୍ଷ ପୂର୍ତ୍ତି ଉତ୍ସବ**

- ୧୩ଜଣଙ୍କୁ ସ୍ୱତନ୍ତ୍ର ସମ୍ମାନ
- ୩୩ଟି ବର୍ଗରେ ଶ୍ରେଷ୍ଠ ପୁରସ୍କାର

ଭୁବନେଶ୍ୱର, ୧୬।୫(ବ୍ୟୁରୋ)


ଅତିଥିମାନେ ତ୍ରିପୁରା ମିଶ୍ରଙ୍କୁ 'ପରିକ୍ଷିତ ଜେନା ବାଣୀଚିତ୍ର ସମ୍ମାନ' ପ୍ରଦାନ କରୁଛନ୍ତି।

ଚଳଚ୍ଚିତ୍ର ପତ୍ରିକା ବାଣୀଚିତ୍ରର ୫୫ବର୍ଷ ପୂର୍ତ୍ତି ଓ ବାଣୀଚିତ୍ର ସମ୍ମାନ ପ୍ରଦାନ ଉତ୍ସବ ମଙ୍ଗଳବାର ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ଜୀବନବ୍ୟାପୀ ସାଧନା ପାଇଁ ବରିଷ୍ଠ ଅଭିନେତ୍ରୀ ତ୍ରିପୁରା ମିଶ୍ରଙ୍କୁ 'ପରିକ୍ଷିତ ଜେନା ବାଣୀଚିତ୍ର ସମ୍ମାନ' ପ୍ରଦାନ କରାଯାଇଥିଲା। ପୁରସ୍କାର ବାବଦକୁ ମାନପତ୍ର, ଫଳକ ଓ ଅଙ୍ଗବସ୍ତ୍ର ପ୍ରଦାନ କରାଯାଇଥିଲା। ସେହିପରି ଡ. ରବିନାରାୟଣ ସେନାପତି, ଡ. ସୁଧାଂଶୁ ନାୟକ, ଡ. ରଞ୍ଜନ କୁମାର ମହାପାତ୍ର, ପ୍ରମୋଦ କୁମାର ମିଶ୍ର, ଡ. ମଧୁସ୍ମିତା ମିଶ୍ର, ମହାପାତ୍ର ସବିତା ହୋତା, କୌଶିକ ଦାସ, ମନୀଷା ମନସ୍ୱିନୀ, ମନୋରଞ୍ଜନ ମିଶ୍ର, ଲଳିତ ନାରାୟଣ ରଥ, ରଞ୍ଜିତ ସାହୁ, ଶୁଭେନ୍ଦୁ ଚୌଧୁରୀ ଓ ଟିଙ୍କିନା ସ୍ୱାଇଁଙ୍କୁ ସ୍ୱତନ୍ତ୍ର ସମ୍ମାନ ପ୍ରଦାନ କରାଯାଇଥିଲା। ୨୦୨୨ରେ ମୁକ୍ତିଲାଭ କରିଥିବା ଚଳଚ୍ଚିତ୍ରର ୩୩ ବର୍ଗରେ ଶ୍ରେଷ୍ଠ ପୁରସ୍କାର ପ୍ରଦାନ କରାଯାଇଥିଲା। ଶ୍ରେଷ୍ଠ ଚଳଚ୍ଚିତ୍ରଭାବେ 'ପ୍ରତୀକ୍ଷା', ଶ୍ରେଷ୍ଠ କାହାଣୀ ପ୍ରତୀକ୍ଷା ପାଇଁ ଗୌରହରି ଦାସ, ଶ୍ରେଷ୍ଠ ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକ(ପ୍ରତୀକ୍ଷା), ଶ୍ରେଷ୍ଠ ପ୍ରଯୋଜକ ଦିପେନ୍ଦ୍ର ସାମଙ୍କୁ ଦମନ ପାଇଁ ସମ୍ମାନିତ କରାଯାଇଥିଲା। ଏହାସହିତ ଶ୍ରେଷ୍ଠ ଅଭିନେତା ଭାବେ ଦ୍ୱିପାନ୍ୱିତ ଦାସ ମହାପାତ୍ର (ପ୍ରତୀକ୍ଷା), ଶ୍ରେଷ୍ଠ ଅଭିନେତ୍ରୀଭାବେ ପୁନମ ମିଶ୍ର(ମହାବାହୁ), ଶ୍ରେଷ୍ଠ ସମ୍ପାଦକ(ପ୍ରତୀକ୍ଷା) ଦେବେନ ମିଶ୍ରଙ୍କୁ ମରଣୋତ୍ତର ଭାବେ ସମ୍ମାନିତ କରାଯାଇଥିଲା। ସେହିପରି ଶ୍ରେଷ୍ଠ ଚରିତ୍ର ଅଭିନେତା ଭାବେ (ପ୍ରତୀକ୍ଷା) ଚୌଧୁରୀ ଜୟପ୍ରକାଶ ଦାସ, ଶ୍ରେଷ୍ଠ ଚରିତ୍ର ଅଭିନେତ୍ରୀ ଉଷସୀ ମିଶ୍ର(ମହାବାହୁ),ଶ୍ରେଷ୍ଠ ଖଳନାୟକ (ରୁଦ୍ରାଣୀ) ବବି ମିଶ୍ର ଏବଂ ବିଭିନ୍ନ ବର୍ଗ ପାଇଁ ଶ୍ରୀତମ ଦାସ, ରିୟା ଦେ, ବୁଦ୍ଧାଦିତ୍ୟ ମହାନ୍ତି, ଝିଲିକ ଭଟ୍ଟାଚାର୍ଯ୍ୟ, ମାନିନୀ ନନ୍ଦ, ପ୍ରତିଭା ପ୍ରଧାନ, ହରିହର ମହାପାତ୍ର, ଦେବାଶିଷ ପାତ୍ର ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା।

ଅତିଥିଭାବେ ବରିଷ୍ଠ ଅଭିନେତା ପ୍ରଶାନ୍ତ ନନ୍ଦ, ବିଧାୟକ ପ୍ରଫୁଲ୍ଲ ସାମଲ, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଘଡ଼େଇ, ପାରାଦୀପ ଫସ୍‌ଫେଟ୍ ଲିମିଟେଡ୍‌ର ଅଧିକାରୀ ସୁଧୀର ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ବାଣୀଚିତ୍ର କଭର ଓ ୨ଟି ପୁସ୍ତକ ଲୋକାର୍ପିତ ହୋଇଥିଲା। ପ୍ରାରମ୍ଭରେ ବାଣୀଚିତ୍ରର ସମ୍ପାଦକ ଭାସ୍କର ଜେନା ସ୍ୱାଗତ ଭାଷଣ ଦେଇଥିବାବେଳେ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ କମଳ କିରଣ ଓ ଅନସୂୟା ସାହୁ।



ମଙ୍ଗଳବାର ଅପରାହ୍ନରେ ରାଜଧାନୀ ଆକାଶରେ କଳାହାଣ୍ଡିଆ ମେଘ ଡାଙ୍କି ରହିବା ସହ ପ୍ରବଳ ବର୍ଷିଥିଲା। ଶିରିପୁର ଅଞ୍ଚଳରେ ବର୍ଷା ସମୟର ଦୃଶ୍ୟ। (ଫଟୋ- ମନୋରଞ୍ଜନ)

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ପାର୍ଥ


@ ଶ୍ୟାମଘନ


@ ପବିତ୍ର


@ ଅରୁ


@ ଶ୍ରାବଣୀ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ଏସ୍‌ସିବି ମେଡିକାଲରେ ସଫେଇ କର୍ମଚାରୀଙ୍କୁ ବଳାତ୍କାର

କଟକ ଅଫିସ, ୧୬।୫

ଏସ୍‌ସିବି ମେଡିକାଲରେ ନିୟୋଜିତ ଏକ ଘରୋଇ ସଂସ୍ଥାର ଜଣେ ସଫେଇ କର୍ମଚାରୀଙ୍କୁ ବଳାତ୍କାର କରାଯାଇଥିବା ନେଇ ସୋମବାର ରାତିରେ ମଙ୍ଗଳାବାଗ ଥାନାରେ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଘଟଣା ପରଠାରୁ ଅଭିଯୁକ୍ତ ଫେରାର ହୋଇଯାଇଥିବା ଆଇଆଇସି ସୁଧାଂଶୁ ଜେନା କହିଛନ୍ତି। ଅଭିଯୋଗ ଅନୁଯାୟୀ, ଜଗତପୁର ନିମପୁର ବସ୍ତିରେ ରହୁଥିବା ସମ୍ପୃକ୍ତା ମହିଳା ଜଣଙ୍କ ଏସ୍‌ସିବି ମେଡିକାଲରେ ନିୟୋଜିତ ଏକ ଘରୋଇ ସଂସ୍ଥାର ସୁଇପର୍ ଭାବେ କାମ କରନ୍ତି। ମେଡିକାଲର କାଜୁଆଲ୍‌ଟି ଓ ହାଉସ୍ ସର୍ଜନଙ୍କ ହଷ୍ଟେଲରେ ସେ ଡ୍ୟୁଟି କରନ୍ତି। ଉକ୍ତ ଘରୋଇ ସଂସ୍ଥାର ଜଣେ କର୍ମଚାରୀ ସମ୍ପୃକ୍ତ ମହିଳାଙ୍କୁ ଗତ ୭ ତାରିଖରେ ହାଉସ୍ ସର୍ଜନଙ୍କ ହଷ୍ଟେଲର ୧୫ ନମ୍ବର କୋଠରିକୁ କିଛି କାମ କରିବା ଆଳରେ ଡାକିଥିଲେ। ପରେ ସେ ସେଠାରେ ତାଙ୍କୁ ବଳାତ୍କାର କରିଥିଲେ। ଅଭିଯୁକ୍ତଙ୍କୁ ଧରିବା ପାଇଁ ତାଙ୍କ ଘର ଓ ସମ୍ପର୍କୀୟଙ୍କ ଘରେ ଚଢ଼ାଉ କରାଯାଇଥିବା ପୋଲିସ ପକ୍ଷରୁ ଜଣାପଡିଛି।

# ଇଂଲଣ୍ଡ ପରିବର୍ତ୍ତେ ଆମେରିକାରୁ ଖେଳିବେ ଫୋଲାରିନ୍

ଜୁରିଚ୍, ୧୬।୫ (ଏପି)

ଇଂଲଣ୍ଡର ୨୧ ବର୍ଷରୁ କମ୍ ଫରୱାର୍ଡ ଫୋଲାରିନ୍ ବାଲୋଗନ ଯୁକ୍ତରାଷ୍ଟ୍ର ଆମେରିକା ତରଫରୁ ଖେଳିପାରିବେ। ଫେଡେରେଶନ ଅଫ୍ ଇଣ୍ଟରନ୍ୟାଶନାଲ ଫୁଟ୍‌ବଲ ଆସୋସିଏଶନ (ଫିଫା) ଏଥିପାଇଁ ଅନୁମତି ପ୍ରଦାନ କରିଛି। ଫୋଲାରିନ୍ ଫ୍ରେଞ୍ଚ ଲିଗ୍‌ରେ ଷ୍ଟାର ଖେଳାଳି ହୋଇଯିବା ପରେ ତାଙ୍କର ଚାହିଦା ବୃଦ୍ଧି ପାଇଛି। ୨୦୨୬ ଫୁଟ୍‌ବଲ ବିଶ୍ୱକପ୍‌ରେ ସେ ଆୟୋଜକ ଆମେରିକା ତରଫରୁ ଖେଳିବା ଲାଗି ଆଗ୍ରହ ପ୍ରକାଶ କରିଛନ୍ତି। ୟୁଏସ୍ ଫୁଟବଲ ମହାସଂଘ ଏଥିପାଇଁ ଫିଫାର ଅନୁମୋଦନ ଚାହିଁଥିଲା। ମଙ୍ଗଳବାର ତାହା ଗୃହୀତ ହୋଇଯାଇଛି। ନ୍ୟୁୟର୍କରେ ଜନ୍ମ ଗ୍ରହଣ କରିଥିବା ୨୧ ବର୍ଷୀୟ ଫୋଲାରିନ୍ ଏଣିକି ଇଂଲଣ୍ଡ ପରିବର୍ତ୍ତେ ଆମେରିକା ଦଳରେ ପ୍ରତିନିଧିତ୍ୱ କରିବେ। ତାଙ୍କର ନାଇଜେରିଆ ତରଫରୁ ଖେଳିବା ପାଇଁ ମଧ୍ୟ ଯୋଗ୍ୟତା ରହିଛି। ଫୋଲାରିନ୍ ଫ୍ରେଞ୍ଚ ଲିଗ୍‌ରେ ଆର୍ସେନାଲଠାରୁ ଲୋନ୍ ଭିତ୍ତିରେ ରିମ୍ସ ଟିମ୍ ପାଇଁ ଖେଳିଥିଲେ। ସେ ୧୯ଟି ଗୋଲ୍ ସ୍କୋର କରିଥିବା ବେଳେ କିଲିଆନ ଏମ୍‌ବାପେ


ଫୋଲାରିନ୍ ବାଲୋଗନ

ପ୍ୟାରିସ ସେଣ୍ଟ ଜର୍ମେନ ତରଫରୁ ଖେଳି ୨୬ ଗୋଲ ସ୍କୋର କରି ସର୍ବାଧିକ ଗୋଲେ ସ୍କୋରର ତାଲିକାର ପ୍ରଥମ ସ୍ଥାନରେ ଅଛନ୍ତି। ଫୋଲାରିନ୍‌ଙ୍କ ନାଇଜେରିଆନ ମାତାପିତା ଲଣ୍ଡନରେ ଆସି ସ୍ଥାୟୀଭାବେ ବାସ କରୁଛନ୍ତି। ସେମାନଙ୍କର କିଛି ସମ୍ପର୍କୀୟ ନ୍ୟୁୟର୍କରେ ରହୁଛନ୍ତି। ମାତାପିତା କିଛି ସମୟ ପାଇଁ ଛୁଟି କଟାଇବା ଲାଗି ଆମେରିକା ଆସିଥିବା ବେଳେ ସେ ସେଠାରେ ଜନ୍ମ ଗ୍ରହଣ କରିଥିଲେ। ମାତ୍ର ଜନ୍ମ ହେବାମାତ୍ରେ ସମସ୍ତେ ଲଣ୍ଡନ ଫେରି ଆସିଥିଲେ। ଫୋଲାରିନ୍ ଆହୁରି ମଧ୍ୟ କହିଛନ୍ତି ଯେ, ଲଣ୍ଡନ ହେଉଛି ତାଙ୍କର ସହର, ଯେଉଁଠାରେ ସେ ବଢ଼ିଛନ୍ତି। ସେଠାରେ ତାଙ୍କ ସାଙ୍ଗସାଥୀମାନେ ମଧ୍ୟ ଅଛନ୍ତି। ଲୋକେ ଯଦି ତାଙ୍କୁ କେଉଁ ଦେଶର ବୋଲି ପଚାରନ୍ତି, ତେବେ ସେ ଇଂଲଣ୍ଡ ବୋଲି କହିବେ। କହିବାକୁ ଗଲେ ସେ ୩ଟି ସଂସ୍କୃତିର ମିଶ୍ରଣ। ୨୧ ବର୍ଷରୁ କମ୍ ଇଂଲଣ୍ଡ ଦଳରେ ସ୍ଥାନ ପାଇବା ପୂର୍ବରୁ ସେ ୟୁଥ୍ ସ୍ତରରେ ଉଭୟ ୟୁଏସ ଓ ଇଂଲଣ୍ଡ ତରଫରୁ ଖେଳିଛନ୍ତି। ଇଂଲଣ୍ଡ ୨୧ ବର୍ଷରୁ କମ୍ ୟୁରୋପିଆନ ଚାମ୍ପିୟନଶିପ୍ ଖେଳିବାକୁ ଆଉ ୫ ସପ୍ତାହ ବାକି ରହିଥିବା ବେଳେ ଫୋଲାରିନ୍ ଆମେରିକା ଦଳ ପାଇଁ ଖେଳିବା ନିଷ୍ପତ୍ତି ନେଇଥିଲେ। ଏହି ଟୁର୍ନାମେଣ୍ଟ ଉଭୟ ରୋମାନିଆ ଓ ଜର୍ଜିଆ ମିଳିତ ଭାବେ ଆୟୋଜନ କରୁଛନ୍ତି। ଇଂଲିଶ ଫୁଟ୍‌ବଲ ଆସୋସିଏଶନ ମଧ୍ୟ ଫୋଲାରିନ୍‌ଙ୍କୁ ଅନ୍ୟ ଦେଶରୁ ଖେଳିବା ଲାଗି ଅନୁମତି ଦେଇଛି।

## 'ଧୋନୀଙ୍କ ଅଟୋଗ୍ରାଫ୍ ମୋ ପାଇଁ ଭାବପ୍ରବଣ ମୁହୂର୍ତ୍ତ'

**ମୁମ୍ବାଇ, ୧୬।୫ (ପି.ଟି.):** ଚେନ୍ନାଇରେ ଚଳିତ ସିଜନରେ ମହେନ୍ଦ୍ର ସିଂ ଧୋନୀଙ୍କ ଅଟୋଗ୍ରାଫ୍ ନେଉଥିବାର ନଜର ଆସିଥିଲେ ଭାରତୀୟ କିମ୍ବଦନ୍ତୀ ସୁନୀଲ ଗାଭାସ୍କର। ଗାଭାସ୍କର ଏକ ଧଳା ଶାର୍ଟ ପିନ୍ଧିଥିବା ବେଳେ ଏହା ଉପରେ ଧୋନୀ ନିଜର ଅଟୋଗ୍ରାଫ ଦେଇଥିଲେ। ଏହି ମୁହୂର୍ତ୍ତଟି ତାଙ୍କ ପାଇଁ ଅତ୍ୟନ୍ତ ଭାବପ୍ରବଣ ଥିଲା ବୋଲି କହିଛନ୍ତି ସୁନୀଲ ଗାଭାସ୍କର। ଚେପକ୍ ଷ୍ଟାଡିୟମରେ କୋଲକାତା ନାଇଟ୍ ରାଇଡର୍ସ ବିପକ୍ଷରେ ମ୍ୟାଚ୍ ଖେଳି ସାରିବା ପରେ ଧୋନୀ ଷ୍ଟାଡିୟମ ପରିକ୍ରମା କରିଥିଲେ। ଷ୍ଟାର ସ୍ପୋର୍ଟ୍ସରେ ଭାଷ୍ୟକାର ଭାବରେ କାମ କରୁଥିବା ଗାଭାସ୍କର ଏହା ଦେଖିବା ପରେ ଧୋନୀଙ୍କ ନିକଟକୁ ଯାଇ ଅଟୋଗ୍ରାଫ୍ ପାଇଁ ଅନୁରୋଧ କରିଥିଲେ। ଧୋନୀ ଲାପ୍ ଅଫ୍ ଅନର ନେଉଥିବା ଦେଖି ଏହାକୁ ମୋର ଶ୍ରେଷ୍ଠ ମୁହୂର୍ତ୍ତରେ ପରିଣତ କରିବାକୁ ନିଷ୍ପତ୍ତି ନେଇଥିଲି। ତେଣୁ ଧୋନୀଙ୍କ ନିକଟକୁ ଯାଇ ଅଟୋଗ୍ରାଫ୍ ପାଇଁ ଅନୁରୋଧ କରିଥିଲି। ଭାରତୀୟ କ୍ରିକେଟ ପ୍ରତି ଧୋନୀଙ୍କ ଅବଦାନ ସର୍ବଦା ସ୍ମରଣୀୟ ରହିବ।

# ସମୀରଙ୍କ ଶତକ, ଅଙ୍କିତକାରଙ୍କୁ ୫

ଭୁବନେଶ୍ୱର, ୧୬।୫
(ସ୍ପୋର୍ଟ୍ସ ବ୍ୟୁରୋ)

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ପକ୍ଷରୁ ଆୟୋଜିତ ଆନ୍ତଃଜିଲା କଳାହାଣ୍ଡି କପ୍ କ୍ରିକେଟରେ ମଙ୍ଗଳବାର ଇକୋର୍ସା, କଟକ 'ଏ', ଢେଙ୍କାନାଳ ଓ ଅବଶିଷ୍ଟ ଓଡ଼ିଶା 'ଡି' ବିଜୟୀ ହୋଇଛନ୍ତି। ଇକୋର୍ସାର ସମୀର ଶତକ ହାସଲ କରିଥିବା ବେଳେ ଅବଶିଷ୍ଟ ଓଡ଼ିଶା 'ଡି' ଦଳର ଅଙ୍କିତକାର ଜୟସ୍ୱାଲ ୫ ଉଇକେଟ ସଫଳତା ହାସଲ କରିଛନ୍ତି।

ଡ୍ରିମ୍ସ ଗ୍ରାଉଣ୍ଡ: ଡ୍ରିମ୍ସ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ଇକୋର୍ସା ୨୨୧ ରନ୍‌ର ବିଶାଳ ବ୍ୟବଧାନରେ ସମ୍ବଲପୁରକୁ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଇକୋର୍ସା ସମୀରଙ୍କ ୧୦୧, ସୁଜିତ ଲେଙ୍କାଙ୍କ ୫୪ ଓ ଗିରିଜା ରାଉତଙ୍କ ୫୩ ରନ୍ ବଳରେ ୫୦ ଓଭରରେ ୯ ଉଇକେଟରେ ୩୭୬ ରନ୍ କରିଥିଲା। ଜବାବରେ ସମ୍ବଲପୁର ୩୮.୫ ଓଭରରେ ୧୫୫ ରନ୍‌ରେ ଅଲଆଉଟ ହୋଇଥିଲା। ଇକୋର୍ସା ପକ୍ଷରୁ ଜୟନ୍ତ ବେହେରା ଓ ଗିରିଜା ରାଉତ ୪ଟି ଲେଖାଏ ଉଇକେଟ ନେଇଥିଲେ।


ଅଙ୍କିତକାର ଜୟସ୍ୱାଲ

ରେଭେନ୍ସା ଗ୍ରାଉଣ୍ଡ–୧: ଏଠାରେ ଖେଳା ଯାଇଥିବା ମ୍ୟାଚ୍‌ରେ ଅବଶିଷ୍ଟ ଓଡ଼ିଶା 'ସି'କୁ ୬ ଉଇକେଟରେ ପରାସ୍ତ କରିଛି କଟକ 'ଏ'। ପ୍ରଥମେ ବ୍ୟାଟିଂ କରି ଅବଶିଷ୍ଟ ଓଡ଼ିଶା ୮ ଉଇକେଟରେ ୨୩୧ ରନ୍ କରିଥିଲା। ଦଳ ପକ୍ଷରୁ ଅଶ୍ୱିନୀ ଖଟେଇ ୭୩ ଓ ଶାଶ୍ୱତ ମହାନ୍ତି ୫୪ ରନ୍ କରିଥିଲେ। ଜବାବରେ ୪୧.୪ ଓଭରରେ କଟକ'ଏ' ୪ ଉଇକେଟ ହରାଇ ୨୩୨ ରନ୍ କରିଥିଲା। ଦଳପକ୍ଷରୁ ରାମଚନ୍ଦ୍ର ବେହେରା ୭୩ ଓ ସାଇଦୀପ୍ ୭୨ ରନ୍ କରିଥିଲେ।

ସନ୍‌ସାଇନ୍ ଗ୍ରାଉଣ୍ଡ: ଏଠାରେ ଖେଳା ଯାଇଥିବା ମ୍ୟାଚ୍‌ରେ ଭୁବନେଶ୍ୱର ଏ କୁ ଡର୍କୱର୍ଥ ଲୁଇସ୍ ମେଥଡରେ ୨ ରନରେ ହରାଇଛି ଢେଙ୍କାନାଳ। ପ୍ରଥମେ ବ୍ୟାଟିଂ କରି ସତ୍ୟଜିତ ସାବତଙ୍କ ୯୫ ରନ୍ ବଳରେ ଭୁବନେଶ୍ୱର ୪୭ ଓଭରରେ ସମସ୍ତ ଉଇକେଟ ହରାଇ ୨୩୧ ରନ୍ କରିଥିଲା। ଜବାବରେ ଢେଙ୍କାନାଳ ୪୨.୫ ଓଭରରେ ୯ ଉଇକେଟ ହରାଇ ୨୨୭ ରନ୍ କରିଥିବା ବେଳେ ବର୍ଷା ହୋଇଥିଲା। ଫଳରେ ଡର୍କୱର୍ଥ ଲୁଇସ୍ ମେଥଡରେ ଢେଙ୍କାନାଳ ବିଜୟୀ ହୋଇଥିଲା।

ଏମ୍‌ଜିଏମ୍ ଗ୍ରାଉଣ୍ଡ: ଏଠାରେ ଅନୁଷ୍ଠିତ ମ୍ୟାଚରେ ଅବଶିଷ୍ଟ ଓଡ଼ିଶା'ଡି' ୧୭୪ ରନ୍‌ରେ ଝାରସୁଗୁଡାକୁ ପରାସ୍ତ କରିଛି। ଆଶିଷ ପରିଜାଙ୍କ ୫୫ ରନ୍ ବଳରେ ଅବଶିଷ୍ଟ ଓଡ଼ିଶା ୯ ଉଇକେଟ ହରାଇ ୨୩୫ ରନ୍ କରିଥିଲା। ଜବାବରେ ଅଙ୍କିତକାର ଜୟସ୍ୱାଲ ୫ ଉଇକେଟ ନେବାରୁ ଝାରସୁଗୁଡା ୨୦ ଓଭରରେ ୬୧ ରନରେ ଅଲଆଉଟ ହୋଇଥିଲା।

## ଦକ୍ଷିଣ କୋରିଆ ଫୁଟ୍‌ବଲର ଚାଇନାରେ ଅଟକ

**ବେଜିଂ, ୧୬।୫ (ଏପି):** ଲାଞ୍ଚ ନେଇଥିବା ଅଭିଯୋଗରେ ଦକ୍ଷିଣ କୋରିଆ ମିଡ୍‌ଫିଲ୍ଡର ସନ୍ ଜୁନ୍ ହୋଙ୍କୁ ଚାଇନାର ଉତ୍ତରପୂର୍ବାଞ୍ଚଳ ପ୍ରଦେଶ ଲିଆନିଂରେ ଅଟକ ରଖାଯାଇଛି। ଚାଇନାର ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଛି। ସନ୍‌ଙ୍କୁ ହାଜତରେ ରଖାଯାଇଛି ଏବଂ ତାଙ୍କ ବିରୋଧରେ ତଦନ୍ତ ଚାଲିଥିବା ଜଣେ ମୁଖପାତ୍ର ୱାଙ୍ଗ୍ ୱେନ୍‌ବିନ୍ କହିଛନ୍ତି। ଶେନୟାଙ୍ଗର ପ୍ରାଦେଶିକ ରାଜଧାନୀରେ ଅବସ୍ଥାପିତ ଦକ୍ଷିଣ କୋରିଆର ବାଣିଜ୍ୟ ଦୂତାବାସକୁ ଚାଇନା କର୍ତ୍ତୃପକ୍ଷ ଏ ବିଷୟରେ ଅବଗତ କରାଇଛନ୍ତି। ସନ୍ ଚାଇନିଜ ସୁପର ଲିଗ୍‌ରେ ଶାନ୍‌ଡଙ୍ଗ୍ ତାଇଶାନ ଟିମ୍ ତରଫରୁ ଖେଳିଆନ୍ତି। କୋଚ୍ ହାଓ ୱେଇଙ୍କ ସହ ସେ ମ୍ୟାଚ ଫିକ୍ସିଂ କାର୍ଯ୍ୟକଳାପରେ ସମ୍ପୃକ୍ତ ଥିବା ସନ୍ଦେହ କରାଯାଉଛି।

## ଜାତୀୟ ଦୃଷ୍ଟିବାଧିତ ଫୁଟ୍‌ବଲରେ ଓଡ଼ିଶା ଭାଗନେବ



ପ୍ରଶିକ୍ଷଣ ଶିବିରରେ ଅଂଶଗ୍ରହଣ କରିଥିବା ଦୃଷ୍ଟିବାଧିତ ଫୁଟ୍‌ବଲ ଖେଳାଳି ଓ କର୍ମକର୍ତ୍ତା।

**ଭୁବନେଶ୍ୱର, ୧୬।୫ (କ୍ରୀଡ଼ା ପ୍ରତିନିଧି)**

ଜାମସେଦପୁରଠାରେ ବୁଧବାରଠାରୁ ୨୦ ତାରିଖ ପର୍ଯ୍ୟନ୍ତ ୭ମ ପୁରୁଷ ଓ ୩ୟ ମହିଳା ଜାତୀୟ ଦୃଷ୍ଟିବାଧିତ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଏଥିରେ ୧୧ଟି ରାଜ୍ୟର ମହିଳା ଓ ପୁରୁଷ ଖେଳାଳି ଅଂଶଗ୍ରହଣ କରିବେ। ଏଥିରେ ଓଡ଼ିଶା ମହିଳା ଓ ପୁରୁଷ ଦଳ ମଧ୍ୟ ଭାଗନେବ। ମନୋନୀତ ଖେଳାଳିମାନେ ୧୫ ତାରିଖରେ ଜାମସେଦପୁର ଯାତ୍ରା କରିଛନ୍ତି। ଉକ୍ତ ଟୁର୍ନାମେଣ୍ଟରୁ ଖେଳାଳି ଚୟନ କରାଯାଇ ଭାରତୀୟ ଦଳରେ ସାମିଲ କରାଯିବ। ପୂର୍ବରୁ ଓଡ଼ିଶାର ପଦ୍ମିନୀ ଟୁଡୁ, ସ୍ମୃତିରେଖା ପ୍ରଧାନ ଓ ଶୁଭସ୍ମିତା ରାଣୀ ରାଉତ ପ୍ରମୁଖ ଅନ୍ତର୍ଜାତୀୟ ସ୍ତରରେ ଖେଳି ସାରିଛନ୍ତି। ପ୍ରକାଶ ଯୋଗ୍ୟ ଯେ, ଓଡ଼ିଶା ଦୃଷ୍ଟିବାଧିତ ଫୁଟବଲ ଫେଡେରେଶନ (ଓବିଏଫ୍‌ଏଫ୍) ଆନୁକୂଲ୍ୟରେ ସତ୍ୟସାଇ ମହିଳା ବିଦ୍ୟାଳୟ କ୍ରୀଡ଼ା ପ୍ରାଙ୍ଗଣରେ ଗତ ୧୧ରୁ ୧୫ ପର୍ଯ୍ୟନ୍ତ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ଦୃଷ୍ଟିବାଧିତ ଫୁଟବଲ ଫେଡେରେଶନ ଦ୍ୱାରା ଆୟୋଜିତ ଟୁର୍ନାମେଣ୍ଟରେ ଅଂଶଗ୍ରହଣ ପାଇଁ ଖେଳାଳିଙ୍କୁ ପ୍ରସ୍ତୁତ କରିବା ଏହି ଶିବିରର ମୁଖ୍ୟ ଲକ୍ଷ୍ୟ ଥିଲା। ଓବିଏଫ୍‌ଏଫ୍‌ର ସମ୍ପାଦକ ଅଜୟ କୁମାର ସାମଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରକୁ ପ୍ରଶିକ୍ଷକ ତ୍ରିଲୋଚନ ବେଉରା ଓ ଯଶୋବନ୍ତ ପରମଗୁରୁ ପରିଚାଳନା କରିଥିଲେ।


No.CAD-590:

obcc

**ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ**

(ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ଅଧୀନର ଏକ ଉଦ୍ୟୋଗ)

**ODISHA BRIDGE & CONSTRUCTION CORPORATION LIMITED**

(A Government of Odisha Undertaking Under Works Department)

No.4177 Date:15.05.2023

File No: SMT-1876-Vol.-II

**NOTICE INVITING TENDER**

| | | | |
|---|---|---|---|
| 1. | Name of Work | : | Construction of 2-Lane ROB at L.C. No. 215, Between Panposh-Kalunga Stations. (Excluding Railway Portion of Span 1x18m+1x62m) |
| 2. | Bid Identification No. | : | 18/Tender/OBCC/2023-24 |
| 3. | Date of availability of bid document in e-procurement portal | : | From 23.05.2023 |
| 4. | Class of Contractor | : | Special Class or Super Class |
| 5. | Time for Completion | : | 18 (Eighteen) Calendar Months |
| 6. | Last Date & Time of receipt of online Bid | : | 12.06.2023 at 5.30 PM |
| 7. | Date of Bid Opening | : | 13.06.2023 at 11.30 AM |

8. Further details with any addendum, corrigendum, cancellation can be seen from the e-Procurement portal https://www.tendersodisha.gov.in.
9. OBCC has the right to accept or reject the Notice/RFP without assigning any reason thereof.

**Sd./- Chief General Manager-III**

OIPR-34161/11/0019/2324



GOVERNMENT OF ODISHA

**DEPARTMENT OF WATER RESOURCES**

**OFFICE OF THE SUPERINTENDING ENGINEER, QUALITY ASSURANCE DIVISION, SUNDARGARH - 770020**

Email Id: seqadsundargarh@gmail.com

**QUOTATION CALL NOTICE**

No. 01/2023-24 Dated: 15.05.2023

No. A-145: Sealed quotations are invited from interested reputed Travel Agencies/Tour Operators/Private individuals having valid GST, PAN Card etc. for providing one number diesel driven vehicle or BS-IV compliant diesel vehicle (TUV 300/Bolero/Scorpio/Ertiga) having seating capacity not more than 8 (Eight) including Driver (which shall confirm to the terms & conditions of the quotation call notice) for official use of Superintending Engineer, Quality Assurance Division, Sundargarh for inspection of the project work & official work on monthly rent basis.

Please visit website **https://dowrodisha.gov.in** or **https://sundargarh.nic.in** for details Date & time of availability of Quotation Document from 17.05.2023 of 7.00 A.M. to 26.05.2023 of 11.00 A.M. The last date & time of sale and receipt of quotation is 26.05.2023 of 11.00 A.M. respectably and to be opened on 26.05.2023 at 11.30 A.M.

**Sd./- Superintending Engineer**
**Quality Assurance Division, Sundargarh**

OIPR-32489/11/0002/2324



**BHUBANESWAR DEVELOPMENT AUTHORITY**

Akash Shova Building, Sachivalaya Marg, Bhubaneswar, Odisha - 751001, Ph.: 0674-2392801

RFP No. 517/BDA Date: 16.05.2023

**REQUEST FOR PROPOSAL FOR SELECTION OF AN AGENCY FOR DESIGN CONSULTANCY & PROJECT SUPERVISION SERVICES FOR DEVELOPMENT OF PET CARE CENTER AT BHUBANESWAR**

No. CAD-596: Engineer Member, BDA on behalf of Bhubaneswar Development Authority (BDA) invites proposal from reputed agency for design consultancy & project supervision services for development of pet care center at Bhubaneswar. Interested agencies may participate for this tender and submit their proposal. The detailed Request for Proposal (RFP) document can be downloaded from BDA website: **www.bda.gov.in** from 5.00 P.M. of 17.05.2023 to 5.00 P.M. of 06.06.2023. Any further intimation (i.e. Corrigendum/Addendum/Responses to the queries/clarifications) shall be uploaded in BDA website only. The Pre-bid meeting is scheduled on 24.05.2023 at 03.30 P.M. in the Conference Hall of BDA Office. The last date for receipt of proposals is 06.06.2023 by 4.00 P.M. and the same would be opened on 07.06.2023 at 11.00 A.M. Please refer the RFP documents for further details.

BDA reserves the right to cancel this invitation and/or invite fresh Bid/RFP with or without amendments to this invitation, without liability or any obligation for such invitation and without assigning any reason. BDA reserves the right to accept or reject any or all proposals without assigning any reason whatsoever.

**Sd./- Engineer Member**
**Bhubaneswar Development Authority**

OIPR-13033/11/0082/2324



GOVERNMENT OF ODISHA

**OFFICE OF THE ADDITIONAL CHIEF ENGINEER, P.H. CIRCLE (R&B), NIRMAN SAUDHA, BHUBANESWAR**

Ph.: 0674-2396530, Email: segphbbsr@gmail.com

**Cancellation of 'C' Class Registration Certificate of Shri Madhabananda Jena 'C' Class Contractor**

File No. CDMS-53-2020-21

**NOTICE**

No. C-323: Shri Madhabananda Jena, S/o. Late Basanta Kumar Jena, At; Plot No. 2656, Near Excise Colony, Ward No. 45, P.O.: BJB Nagar, Block: Bhubaneswar (MC), P.S.: Laxmisagar, Dist.: Khurdha, Odisha - 751014, was registered as 'C' Clas Contractor vide S.E. P.H. Circle (R&B), Odisha, Bhubaneswar vide this office CDMS Registration No. 794TL755. He has requested to this office for Cancellation of the 'C' Class Registration Certificate & release of his onetime security deposit.

This notice is required to be published for information of all Government Department/Offices where he has executed any work. If any Government dues/materials are outstanding against the contractor, which are due to be recovered may pelase be reported to the undersigned within 30 (Thirty) days from the date of publication of this notice for recovery/adjustment to Government account. In case no report is recieved from any office within the stipulated period, i.e. within thirty days from the date of publication of this notice, the one-time deposit of Rs.20,000/- (Rupees twenty thousand) only, made by the contractor will be released without any further notice. If any Government dues/materials will be detected outstanding against Shri Madhabananda Jena by any office beyond this stipulated time, it will be at the risk and responsibility of the concerned reporting authority.

**Sd./- (Er. D.P. Mishra)**
**Addl. Chief Engineer**
**P.H. Circle (R&B), Odisha, Bhubaneswar**

OIPR-13058/11/0002/2324



No. C-327

GOVERNMENT OF ODISHA

**HOUSING & URBAN DEVELOPMENT**

**OFFICE OF THE EXECUTIVE OFFICER, NAC, BARPALI**

E-mail Id: barpalinac@gmail.com

**BID IDENTIFICATION No. EOBRP/01/2023-24 Dated: 16.05.2023**

| | | | |
|---|---|---|---|
| 1. | Type of the Work | : | Civil & Electrical |
| 2. | No. of Works | : | 03 (Three) |
| 3. | Class of Contractor | : | "D" or "C" and Electrical Contractor (MV or HT) |
| 4. | Bid Identification No. | : | EOBRP/04/2022-23 |
| 5. | Estimated Cost | : | As per DTCN |
| 6. | Period of Completion | : | As per DTCN |
| 7. | Date and time of availability of Bid documents in the Portal | : | Dt.17.05.2023 at 5.00 P.M. to Dt.25.05.2023 upto 5.00 P.M. |
| 8. | Last date/time for receipt of Bids in the Portal | : | Dt.25.05.2023 upto 5.00 P.M. |
| 9. | Date of Opening of Bid | : | Dt.26.05.2023 at 11.00 A.M. At: Office of the Executive Officer, NAC Barpali, At/P.O.: Barpali, Dist.: Bargarh - 768029, Odisha |
| 10. | Name and Address of the Officer Inviting Bid Email Id: | : | Executive Officer, NAC, Barpali, At/P.O.: Barpali, Dist.: Bargarh - 768209 **barpalinac@gmail.com** |

1. Any Addendum/Corrigendum/Cancellation/erratum of tender can also be seen in the said website.
2. Further details can be seen from Government website: **http://tenderodisha.gov.in** & official website: **www.nacbarpali.in**.

**Sd./- Executive Officer, NAC, Barpali**

OIPR-13127/11/0003/2324



**WORKS DEPARTMENT**

**OFFICE OF THE SUPERINTENDING ENGINEER, ROURKELA (R&B) DIVISION, UDITNAGAR, ROURKELA**

No. B-202 E-Mail Id -eepwdrkl@gmail.com

**Government of Orissa**

**"e" Procurement Notice**

**Bid Identification No. 08/2023-2024 Dated: 12.05.2023**

| | | | |
|---|---|---|---|
| 1. | Number of Works | : | 08 (Eight) number of works |
| 2. | Estimated Cost | : | Rs.11.17 Lakhs to 12.58 Lakhs |
| 3. | Period of Completion | : | 3 (Three) Calendar Months |
| 4. | Date & time of availability of bid document in the Portal | : | Dt.20.05.2023 at 11.00 A.M. |
| 5. | Last date/time for receipt of bids in the Portal | : | Dt.30.05.2023 upto 05.00 P.M. |
| 6. | Date of opening of Bid | : | Dt.31.05.2023 at 11.00 A.M. |
| 7. | Name and Address of the Officer Inviting Bid | : | Superintending Engineer, (R&B) Division, Rourkela, Uditnagar |

Further details can be seen from the e-procurement portal **http//tendersorissa.gov.in**.

**Sd./- Superintending Engineer**
**Rourkela (R&B) Division, Rourkela**

OIPR-34068/11/0003/2324



**OFFICE OF THE CHIEF DISTRICT AGRICULTURE OFFICER CUM PROJECT DIRECTOR, ATMA, KHORDHA**

**Expression of Interest (EoI) for engagement of Block Level Community Based Organisation (CBO) under the scheme "Special Programme for Promotion of Millets (ODISHA MILLETS MISSION) of Khordha district"**

**EOI NOTICE No.: 752/Date 16.5.23:** The Chief District Agriculture Officer cum Project Director, ATMA, Khordha, Department of Agriculture and Farmer's Empowerment, Odisha, Bhubaneswar invites EOI from the experienced and interested CBO/FPO/ Interested Farmers Groups/ WSHG Federation/ Common Interested Group (CIG)/ Co-operatives are required to submit filled EoI with duly filled all desired details for selection of **Block Level Community Based Organization (CBO)** for Tangi and Banapur Block under the scheme "Special Programme for Promotion of Millets in Tribal Areas of Odisha (Odisha Millet Mission) of Khordha District."

The detailed EoI document and Application Form can be downloaded from the District NIC portal: **https://khordha.nic.in**.

The EoI complete in all respect must reach by Speed Post/Registered Post to the **Office of the Chief District Agriculture Officer cum Project Director, ATMA, Khordha, Odisha-752055** before **1.00 PM of 25.05.2023**.

The EoI received by other means than Registered/ Speed Post, beyond the last date and time will be rejected outrightly. The Chief District Agriculture Officer cum Project Director, ATMA, Khordha reserves the right to reject any/all EOI proposals without assigning any reason thereof.

**Sd./- Chief District Agriculture Officer**
**cum Project Director, ATMA, Khordha**

OIPR-01442/11/0003/2324



**OFFICE OF THE ENGINEER-IN-CHIEF (CIVIL), ODISHA**
**NIRMAN SOUDHA, UNIT-V, BHUBANESWAR**

E-mail ID: cebuildings_orissa@yahoo.co.in, cebuildings@rediffmail.com, Tel.: (0674) 2391523

**INVITATIONS FOR BIDS (IFB)**

File No. B-I-Cul-Aradi-06/2021 Lr. No. 20623 / Bhubaneswar, the 15th May, 2023

No. B-201 **Invitation for Bids**

**Bid Identification No. C.E. (B) - 04/2023-24**

| | | | |
|---|---|---|---|
| 1. | The Chief Engineer, Buildings, Odisha, Bhubaneswar on behalf of Governor of Odisha invites percentage rate bids in double cover system in ONLINE MODE only, for the works (1) **"Development of Sri Akhandalamani Temple, Aradi, Bhadrak" under the scheme "Integrated Development of Heritage & Monuments and Tourism Destination" amounting to Rs.13,35,00,000/- (Approximate)**, (2) **Construction of proposed ANM TC Building at District Head Quarter Hospital, Balasore, Odisha for the year 2022-23" amounting to Rs.12,49,00,000/- (Approximate)**, (3) **Construction of 100 Bedded MCH Complex (G+6) in City Hospital at Cuttack for the year 2022-23 amounting to Rs.20,88,00,000/- (Approximate)** as detailed below. | | |
| 2. | Nature of Work | : | Building Work |
| 3. | No. of Work | : | 03 Nos. |
| 4. | Bid Cost | : | Rs.10,000/- (each) |
| 5. | Class of Contractor | : | 'A'/Special/Super Class |
| 6. | Availability of Bid documents in the website | : | From Dt.23.05.2023 to 17.00 hours of Dt.06.06.2023. |
| 7. | Date of Opening of Bid | : | Dt.07.06.2023 at 11.30 A.M. |
| 8. | The bidders have to participate in ONLINE bidding only. Further details can be seen from the website: **https://tendersodisha.gov.in**. Any addendum/corrigendum/cancellation of tender can also be seen in the said website only. | | |

OIPR-34117/11/0014/2324

**Sd./- Chief Engineer, Buildings**
**Odisha, Bhubaneswar**



OFFICE OF THE PRINCIPAL

**HARISHANKAR GOVT. UPGRADED HIGHER SECONDARY SCHOOL, RENGALI**

At-Rengali, Post-Rengali, Block-Khaprakhol, District-Bolangir, PIN-767028

Email- harishankarhighschoolrengali@gmail.com

Contact No-8895255586/8658063459

**WALK-IN-INTERVIEW FOR ENGAGEMENT OF GUEST FACULTIES**

Advt. No.-01 Dt-16.05.2023

No. n-52:- A walk-in interview for engagement and empanelment of Guest faculties for Higher Secondary Classes (+2) in subjects (English, Odia, Political Science, History, Economics, Odia optional) will be held in the School premises for the session 2023-24 or till the vacancies are filled up whichever is earlier. Retired Govt. / Non-Govt. Aided teachers below 65 years of age / fresh candidates who have secured minimum 50% marks in PG in respective subject may attend the interview between 7.00 A.M. to 1.00 P.M. as per the schedule given below with their complete Bio-data, two passport size photographs and all certificates and mark sheets from HSC to PG in original along with one set of self-attested photo copies. The candidate must report before 10 A.M. on the scheduled date.

No TA/DA is admissible for attending the interview. The candidates having B.Ed. Degree (except in Logic/ Philosophy, Sociology subjects) and PGDCA will be given weightage. The remuneration is @₹400 per class subject to a maximum of 50 classes in a month. The Principal reserves right to cancel part or whole of the above walk-in-interview without assigning any reason thereof.

| Date | Subjects |
|---|---|
| 05.06.2023 (Monday ) | English & History |
| 06.06.2023 (Tuesday) | Odia & Odia Optional |
| 07.06.2023 (Wednesday) | Economics & Political Science |

**Sd./- Principal**
**Harishankar Govt. Upgraded Higher Secondary School**
**Rengali, Dist- Bolangir**

OIPR-11090/11/0001/2324



**OFFICE OF THE NOTIFIED AREA COUNCIL, DASPALLA**

At/PO - Daspalla, Dist - Nayagarh,

Ph. 06757220005, e-Mail: nacdaspalla@gmail.com

**TENDER CALL NOTICE**

**No. 1032, Dt. 15.05.2023**

**No.C-332:** Sealed Tenders in conformity with DTCN are invited from the bidders. The detailed Notification is available at official website https://nayagarh.nic.in. The bidders are requested to buy Quotation Paper from Dt.18.05.2023 to Dt.25.05.2023, up to 1:00 PM from NAC Office, Daspalla. The last date & time for received of bid is 31.05.2023 up to 1.00 PM through Registered/Speed Post only at NAC Office, Daspalla. The tender work as follows.

| | | |
|---|---|---|
| Name of the work | : | Providing manpower ,all equipment and ancillaries for SWM, cleaning and sanitation services in16 wards of Daspalla NAC |
| E.M.D | : | The bid must be accompanied EMD @1% of the annual Estimate Cost |
| AGENCY | : | As per eligibility criteria |
| Period of contract | : | Two Years |
| Cost of Tender document | : | Rs.10,000/- (Rupees Ten thousand) only. |
| Period of Sale of Tender document at NAC Office, Daspalla | : | Dt.18.05.2023 to Dt.25.05.2023, up to 1:00 PM |
| Last Date for receipt of filled in Tender document | : | 31.05.2023 up to 1:00 PM |
| Place & Date of Opening of Technical bid with PPT | : | **Office of the Daspalla NAC** 01. 06.2023 at 09:00 AM |
| Place & date of opening of Financial Bid of eligible Tenders | : | **Office of the Daspalla NAC** 06.06.2023 at 09:00 AM |
| Officer invited the Tender | : | Executive Officer, Daspalla NAC. |
| Likely date for commencement of deployment of required manpower | : | 16.06.2023 |

**Sd./- Executive Officer, Daspalla NAC**

OIPR-13141/11/0002/2324

# କର୍ଣାଟକ ମୁଖ୍ୟମନ୍ତ୍ରୀ ପଦ ନେଇ ସସ୍ପେନ୍ସ ଜାରି




କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ନୂଆଦିଲ୍ଲୀସ୍ଥିତ ବାସଭବନରେ ତାଙ୍କୁ କର୍ନାଟକ ରାଜ୍ୟ କଂଗ୍ରେସ ସଭାପତି ଡି.କେ. ଶିବକୁମାର ଓ ବରିଷ୍ଠ ନେତା ସିଦ୍ଦାରାମାୟା ଭେଟୁଛନ୍ତି।

ନୂଆଦିଲ୍ଲୀ, ୧୬।୫

କର୍ନାଟକ ବିଧାନସଭା ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ୩ ଦିନ ବିତିଥିଲେ ମଧ୍ୟ ମୁଖ୍ୟମନ୍ତ୍ରୀ କିଏ ହେବେ ତାକୁ ନେଇ କଂଗ୍ରେସରେ ଉତ୍ସୁକତା ଜାରି ରହିଛି। ଦୁଇ ମୁଖ୍ୟମନ୍ତ୍ରୀ ଦାବିଦାର ଡି.କେ. ଶିବକୁମାର ଏବଂ ସିଦ୍ଦାରାମାୟା ମଙ୍ଗଳବାର ସନ୍ଧ୍ୟାରେ ଦଳ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କୁ ଅଲଗା ଅଲଗା ଭେଟି ଆଲୋଚନା କରିଛନ୍ତି। ଆଲୋଚନାରୁ କୌଣସି ନିଷ୍କର୍ଷ ବାହାରି ନ ଥିବାବେଳେ ସନ୍ତୁଳନ ରକ୍ଷା କରିବାକୁ ଖାର୍ଗେ ଉଦ୍ୟମ ଚଳାଇଛନ୍ତି। ବୁଧବାର ପୁଣିଥରେ ବୈଠକ ଅନୁଷ୍ଠିତ ହେବ।

କେନ୍ଦ୍ରୀୟ ନେତୃତ୍ୱଙ୍କ ଡାକରା ସତ୍ତ୍ୱେ ଶିବକୁମାର ସୋମବାର ଦିଲ୍ଲୀ ନ ଯାଇ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ସିଦ୍ଦାରାମାୟାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ନିର୍ବାଚନରେ ସମସ୍ତ ୧୩୫ ବିଧାୟକଙ୍କୁ ଜିତାଇବାର ଶ୍ରେୟ ତାଙ୍କର ବୋଲି ଶିବକୁମାର ଦାବି କରିଥିଲେ। ତାଙ୍କୁ ମୁଖ୍ୟମନ୍ତ୍ରୀ ପଦ ନ ମିଳିଲେ ଜଣେ ସାଧାରଣ ବିଧାୟକ ଭାବେ କାର୍ଯ୍ୟ କରିବାକୁ ସେ ପ୍ରସ୍ତୁତ ବୋଲି ମଙ୍ଗଳବାର ଖାର୍ଗେଙ୍କୁ କହିଥିବା ଜଣାପଡ଼ିଛି। ସେ ମୁଖ୍ୟମନ୍ତ୍ରୀ ପଦ ପାଇଁ ନିଜ ଦାବି ଉପସ୍ଥାପନ କରିଥିଲେ ମଧ୍ୟ ଖାର୍ଗେଙ୍କ ତୁଙ୍ଗ ନେତୃତ୍ୱ ଓ ପଦବୀ ସତ୍ତ୍ୱେ ସେ ଏପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ହୋଇ ନ ଥିବା କହିଥିଲେ। ସୋମବାରଠାରୁ ଦିଲ୍ଲୀରେ ରହି କେନ୍ଦ୍ରୀୟ ନେତୃତ୍ୱଙ୍କ ସହ ଆଲୋଚନା ଚଳାଇଥିବା ସିଦ୍ଦାରାମାୟା ମୁଖ୍ୟମନ୍ତ୍ରୀ ହେବା ସମ୍ଭାବନା ଅଧିକ ବୋଲି କୁହାଯାଉଛି। କେବେ ମୁଖ୍ୟମନ୍ତ୍ରୀ ଘୋଷଣା ହେବ ବୋଲି ପ୍ରଶ୍ନ ହେବାରୁ ଅପେକ୍ଷା କର ବୋଲି ସେ ଖବରଦାତାମାନଙ୍କୁ କହିଥିଲେ।

ନବନିର୍ବାଚିତ କଂଗ୍ରେସ ବିଧାୟକମାନଙ୍କ ମତାମତ ଉପରେ ପର୍ଯ୍ୟବେକ୍ଷକମାନେ ଦେଇଥିବା ରିପୋର୍ଟକୁ ନେଇ ସୋମବାର ଦଳୀୟ ନେତୃତ୍ୱ ଆଲୋଚନା କରିଥିଲେ। ମଙ୍ଗଳବାର ଖାର୍ଗେଙ୍କ ସହ ବରିଷ୍ଠ ନେତା ରାହୁଲ ଗାନ୍ଧୀ ଏବଂ କେ.ସି. ବେଣୁଗୋପାଳ ମଧ୍ୟ ଆଲୋଚନା କରିଥିଲେ। ସେଠାରେ ଦଳର ସାଧାରଣ ସମ୍ପାଦକ ତଥା କର୍ନାଟକ ପ୍ରଭାରୀ ରଣଦୀପ ସୁର୍ଜେୱାଲା ଉପସ୍ଥିତ ଥିଲେ। ଦେଢ଼ଘଣ୍ଟା ଧରି ରୁଦ୍ଧଦ୍ୱାର ବୈଠକ ଚାଲିଥିଲା। ଏହା ପରେ ବେଣୁଗୋପାଳ ଅଲଗା ରାହୁଲଙ୍କୁ ତାଙ୍କ ବାସଭବନରେ ଭେଟିଥିଲେ। ଚୂଡ଼ାନ୍ତ ନିଷ୍ପତ୍ତି ପୂର୍ବରୁ ସୋନିଆ ଗାନ୍ଧୀଙ୍କ ସହ ଆଲୋଚନା ହୋଇପାରେ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। କିଏ ମୁଖ୍ୟମନ୍ତ୍ରୀ ହେବେ ଦିନେ କି ଦୁଇଦିନ ମଧ୍ୟରେ ନିଷ୍ପତ୍ତି ନିଆଯିବ ବୋଲି କଂଗ୍ରେସ ମୁଖପାତ୍ର ପୱନ ଖେରା ହାଇଦ୍ରାବାଦରେ କହିଛନ୍ତି।

ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ବିଳମ୍ବ ହେଉଥିବାବେଳେ ରାଜନୈତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଲିଙ୍ଗାୟତ ସମ୍ପ୍ରଦାୟ ସେମାନଙ୍କ ନେତାଙ୍କୁ ମୁଖ୍ୟମନ୍ତ୍ରୀ କରାଇବା ପାଇଁ ଦଳ ଅଧ୍ୟକ୍ଷ ଖାର୍ଗେଙ୍କୁ ଚିଠି ଲେଖିଛନ୍ତି। ବରିଷ୍ଠ କଂଗ୍ରେସ ନେତା ଜି. ପରମେଶ୍ୱରଙ୍କ ସମର୍ଥକମାନେ ଜଣେ ଦଳିତ ନେତାଙ୍କୁ ମୁଖ୍ୟମନ୍ତ୍ରୀ କରାଯିବାକୁ ଦାବି ଉଠାଇଛନ୍ତି।

## ଓଡ଼ିଶାରେ ଗଭର୍ନାନ୍ସର ଅଭାବ ରହିଛି: ଧର୍ମେନ୍ଦ୍ର

ଭୁବନେଶ୍ୱର,୧୬।୫(ବ୍ୟୁରୋ)


ଧର୍ମେନ୍ଦ୍ର ପ୍ରଧାନ

ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗର ତଥ୍ୟାନୁସାରେ ଓଡ଼ିଶାର ଗର୍ଭବତୀ ମାଆ, ନବଜାତ ଶିଶୁ, କିଶୋର କିଶୋରୀଙ୍କ ଅବସ୍ଥା ଚିନ୍ତାଜନକ । ଓଡ଼ିଶାରେ ଗଭର୍ନାନ୍ସର ଅଭାବ କାରଣରୁ ଏହି ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ଦୈନିକ ଖବରକାଗଜରେ ପ୍ରକାଶିତ 'ଓଡ଼ିଶା ମୁଣ୍ଡରେ ଅପପୁଷ୍ଟିର କଳଙ୍କ' ଆଲେଖ୍ୟ ଆଧାରରେ ଧର୍ମେନ୍ଦ୍ର କହିଛନ୍ତି, ରାଜ୍ୟରେ ଅପପୁଷ୍ଟି, ଶିଶୁ ମୃତ୍ୟୁ ହାର, ମହିଳାମାନଙ୍କ ରକ୍ତହୀନତା ସମସ୍ୟା ଏକ ପ୍ରମୁଖ ପ୍ରସଙ୍ଗ । ବୟସ ଓ ଉଚ୍ଚତା ଅନୁସାରେ ନବଜାତ ଶିଶୁଙ୍କ ଶାରୀରିକ ଓ ମାନସିକ ବିକାଶ ହେଉନାହିଁ । ଜନଜାତି ପିଲା ଓ କିଶୋର କିଶୋରୀଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ନାହିଁ । ଏହା କେବଳ ବିରୋଧୀ ଦଳର ଅଭିଯୋଗ ନୁହେଁ, ବରଂ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ସର୍ଭେର ରିପୋର୍ଟ କହୁଛି । ଆଜି ଜନ୍ମ ନେଉଥିବା ଶିଶୁଙ୍କୁ ନେଇ ଦେଶ ଅମୃତ ମହୋତ୍ସବ ପାଳନ କରିବ । ପ୍ରାୟ ୧୩ ବର୍ଷ ପରେ ୨୦୩୬ରେ ଓଡ଼ିଶା ଭାଷାଭିତ୍ତିକ ରାଜ୍ୟ ଭାବେ ସ୍ୱତନ୍ତ୍ର ପ୍ରଦେଶ ଗଠନର ଶତବାର୍ଷିକୀ ପାଳନ କରିବ । ଅର୍ଥାତ୍ ଆଜିର ୧୦ ବର୍ଷର ପିଲା ସେ ସମୟରେ ୨୩ ବର୍ଷର ଯୁବକ ହେବ । ସେହି ପିଲାର ଦୃଢ଼ ଇଚ୍ଛାଶକ୍ତି ବଳରେ ଓଡ଼ିଶା ପରିବର୍ତ୍ତନର ବଡ଼ ଭରସା ହେବ। ମାତ୍ର ବର୍ତ୍ତମାନରୁ ସେମାନଙ୍କର ସ୍ୱାସ୍ଥ୍ୟ ଓ ଶରୀରର ଯତ୍ନନେବାକୁ ହେବ । ହେଲେ ମୁଖ୍ୟମନ୍ତ୍ରୀଙ୍କୁ ଦୀର୍ଘ ବର୍ଷ ଧରି ଅନୁରୋଧ କରାଯିବା ପରେ ମଧ୍ୟ ସେ ଏ ଦିଗ ପ୍ରତି ଧ୍ୟାନ ନ ଦେବା ଦୁଃଖର ବିଷୟ । ଓଡ଼ିଶାରେ ଗଭର୍ନାନ୍ସର ଅଭାବ ରହିଛି । ମୋତେ କାଉଣ୍ଟର କରିବା ପାଇଁ ମୁଖ୍ୟମନ୍ତ୍ରୀ ଯେତେ ଗାଳିମନ୍ଦ କଲେ ଚଳିବ, କିନ୍ତୁ ଶିଶୁଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ଧ୍ୟାନ ଦିଆଯାଉ । ଗଭର୍ନାନ୍ସ ଅଭାବକୁ ସେ ପୂରଣ କରନ୍ତୁ । ଡବଲ ଇଞ୍ଜିନ ସରକାର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ହୋଇପାରିବ ନାହିଁ । ଏଠି ଫାଳେ ଇଞ୍ଜିନ ଅଛି । ଶ୍ରୀଜଗନ୍ନାଥଙ୍କ ଭୂମିରେ ଇଞ୍ଜିନ କାହାକୁ ଦିଆଯିବ ତାହା ମହାପ୍ରଭୁ ନିଷ୍ପତ୍ତି ନେବେ । ହରିୟାଣାରେ ଡବଲ ଇଞ୍ଜିନ ସରକାର ପରେ ସେଠାରେ ବାଳିକାଙ୍କ ଜନ୍ମ ସଂଖ୍ୟା ବୃଦ୍ଧି ପାଇଛି । ଶିଶୁଙ୍କ ସ୍ୱାସ୍ଥ୍ୟାବସ୍ଥା ମୂଳ ପ୍ରସଙ୍ଗ ଏବଂ ତଥ୍ୟ ଆଧାରରେ ଏହାର ବିତର୍କ ହେବା ଜରୁରୀ ବୋଲି ଧର୍ମେନ୍ଦ୍ର କହିଛନ୍ତି।

## ଉମେଶ ନିଲମ୍ବିତ, ହୁସେନଙ୍କୁ କାରଣ ଦର୍ଶାଅ ନୋଟିସ

ଭୁବନେଶ୍ୱର,୧୬।୫(ବ୍ୟୁରୋ)

### ଚେୟାର ପାଇଁ କଂଗ୍ରେସ ନେତା ହାତାହାତି ଘଟଣା

ବିଶୃଙ୍ଖଳିତ ଆଚରଣ ପାଇଁ ରାଉରକେଲା ଜିଲା କଂଗ୍ରେସ କମିଟିର ପୂର୍ବତନ ଉପସଭାପତି ଉମେଶ ଶରଣଙ୍କୁ ଦଳରୁ ନିଲମ୍ବନ କରାଯାଇଛି। ମଙ୍ଗଳବାର କଂଗ୍ରେସ ଭବନଠାରେ କିଶୋର ଚନ୍ଦ୍ର ପଟେଲଙ୍କ ଅଧ୍ୟକ୍ଷତାରେ ଓଡ଼ିଶା ପ୍ରଦେଶ କଂଗ୍ରେସ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଗତ ୧୩ ତାରିଖରେ ରାଉରକେଲା ଜିଲା କଂଗ୍ରେସ କାର୍ଯ୍ୟାଳୟରେ ଦୁଇ ବରିଷ୍ଠ କଂଗ୍ରେସ ନେତାଙ୍କ ମଧ୍ୟରେ ଚୌକି ପାଇଁ ହୋଇଥିବା ହାତାହାତି ଘଟଣା ଓ ବିଶୃଙ୍ଖଳିତ କାର୍ଯ୍ୟକଳାପ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଶୃଙ୍ଖଳା କମିଟିର ସୁପାରିସ କ୍ରମେ ପିସିସି ସଭାପତି ଶରତ ପଟ୍ଟନାୟକ ରାଉରକେଲା ଜିଲା କଂଗ୍ରେସ କମିଟିର ପୂର୍ବତନ ଉପସଭାପତି ଉମେଶ ଶରଣଙ୍କୁ କଂଗ୍ରେସ ଦଳରୁ ନିଲମ୍ବନ କରିଛନ୍ତି। ସେହିପରି ରାଉରକେଲା ଜିଲା କଂଗ୍ରେସ ସଂଖ୍ୟାଲଘୁ ବିଭାଗ ପୂର୍ବତନ ଅଧ୍ୟକ୍ଷ ସେକ୍ ସବିର ହୁସେନଙ୍କ ବିରୋଧରେ କାହିଁକି ଦୃଢ଼ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବ ସେ ସମ୍ପର୍କରେ ପିସିସି ପକ୍ଷରୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଅନେକ ସମୟରେ କେତେକ କଂଗ୍ରେସ ନେତା ଓ କର୍ମୀ ଫେସ୍‌ବୁକ୍ କିମ୍ବା ଅନ୍ୟ ସାମାଜିକ ଗଣମାଧ୍ୟମରେ କଂଗ୍ରେସ ଦଳର ଶୀର୍ଷ ନେତା ଓ ଦଳର ଭାବମୂର୍ତ୍ତିକୁ କ୍ଷୁର୍ଣ୍ଣ କରିବାଭଳି ମନ୍ତବ୍ୟ, ଟିପ୍ପଣୀ ଓ ମତ ରଖୁଛନ୍ତି । ଏହାଦ୍ୱାରା ଦଳ ନିନ୍ଦିତ ହେଉଛି। ଏଭଳି କାର୍ଯ୍ୟରୁ ବିରତ ରହିବାକୁ ଶୃଙ୍ଖଳା କମିଟି ବୈଠକରେ ନେତା ଓ କର୍ମୀମାନଙ୍କୁ ଚେତାବନୀ ଦିଆଯାଇଛି। ଆଗକୁ ଯଦି ଏଭଳି ଘଟଣାର ପୁନରାବୃତ୍ତି ହେବ ତେବେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ନିଷ୍ପତ୍ତି ନିଆ ।ଯାଇଥିବା ଦଳ ପକ୍ଷରୁ କୁହାଯାଇଛି।

## କପିଳେଶ୍ୱର ମନ୍ଦିର ପ୍ରସଙ୍ଗରେ ଭୁଲ୍ ଧରାପଡ଼ିବା ପରେ ଧର୍ମେନ୍ଦ୍ର କ୍ରୋଧିତ: ବିଜେଡି

ଭୁବନେଶ୍ୱର,୧୬।୫(ବ୍ୟୁରୋ)

କପିଳେଶ୍ୱର ମନ୍ଦିରର ଏଏସ୍ଆଇ ବିଜ୍ଞପ୍ତି ବିଷୟରେ ଆପଣଙ୍କର ଭୁଲ ଜଣାଇବା ପରେ ଆପଣ କ୍ରୋଧିତ ହୋଇଥିବା ଦେଖିବାକୁ ମିଳୁଛି। ଆପଣ ନିଜର ଭୁଲକୁ ସ୍ୱୀକାର କରି ଆଗକୁ ଯାଇପାରିଥାନ୍ତେ ବୋଲି ଧର୍ମେନ୍ଦ୍ରଙ୍କ ଉଦ୍ଦେଶ୍ୟରେ ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି ।

ମଙ୍ଗଳବାର ଏଠାରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ବିଜେଡି ମୁଖପାତ୍ର ମହାନ୍ତି କହିଛନ୍ତି, ଆପଣ ଆଜି ମହିଳାମାନଙ୍କୁ ସମ୍ମାନ ଦେବା ବିଷୟରେ କହିଲେ । ତଥାପି ଆପଣ ଏବଂ ଓଡ଼ିଶା ଭାଜପାର ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ବର୍ଷା ସିଂ ବରିହା ଏବଂ ଦୀପାଳି ଦାସଙ୍କ ଭଳି ମହିଳାଙ୍କୁ ବଦନାମ ତଥା ଅପମାନିତ କରିଥିଲେ, ଯେଉଁମାନେ ନିଜ ପିତାଙ୍କୁ ହରାଇଥିଲେ ଏବଂ ସାଧାରଣ ଜୀବନକୁ ଆସିବାକୁ ଚାହୁଁଥିଲେ। ଆପଣ ପଦ୍ମପୁର ଉପନିର୍ବାଚନ ସମୟରେ ବର୍ଷା ସିଂ ବରିହାଙ୍କ ସହିତ ଏଭଳି ବ୍ୟବହାର କରି ପରାଜୟର ସମ୍ମୁଖୀନ ହୋଇଥିଲେ । ପୁନର୍ବାର ଝାରସୁଗୁଡ଼ା ଉପନିର୍ବାଚନରେ ଦୀପାଳି ଦାସଙ୍କ ସହିତ ଅନୁରୂପ ବ୍ୟବହାର କରିଛନ୍ତି ଏବଂ ଲୋକମାନେ ଆପଣଙ୍କୁ ଏକ ବୃହତ୍ ବ୍ୟବଧାନରେ ପରାସ୍ତ କରିଛନ୍ତି। ଆପଣ କାହିଁକି ସର୍ବଦା ଓଡ଼ିଶାର ମିଶନ ଶକ୍ତି ମହିଳାମାନଙ୍କୁ ଅପମାନିତ ଏବଂ ବଦନାମ କରୁଛନ୍ତି । ସେମାନଙ୍କୁ ଅପରାଧୀଙ୍କ ପରି କାହିଁକି ବ୍ୟବହାର କରୁଛନ୍ତି । ସେମାନେ ମଧ୍ୟ ମା' ଓ ଭଉଣୀ, ସମ୍ମାନ ଏବଂ ସଶକ୍ତୀକରଣ ସହିତ ସେମାନେ ନିଜ ଗୋଡ଼ରେ ଛିଡା ହେବାକୁ ଚେଷ୍ଟା କରୁଛନ୍ତି। ଓଡ଼ିଶାର ମିଶନ ଶକ୍ତି ମହିଳାମାନଙ୍କୁ ଅପମାନିତ କରିବା ବନ୍ଦ କରନ୍ତୁ । ଏସବୁ ସତ୍ତ୍ୱେ ଆପଣ ଏବଂ ଓଡ଼ିଶା ଭାଜପାର ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ଓଡ଼ିଆ ଝିଅମାନଙ୍କୁ ବଦନାମ କରିବା ଏବଂ ଅପମାନ କରିବା ବନ୍ଦ କରୁନାହାନ୍ତି। ଓଡ଼ିଶା ଭାଜପାର ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ଦ୍ୱାରା ମହିଳା ବିରୋଧୀ ବିବୃତି ଯୋଗୁ ଓଡ଼ିଶାର ମହିଳା ଏବଂ ଓଡ଼ିଶାର ଲୋକମାନେ କ୍ରୋଧିତ ହୋଇଥିଲେ। ୨୦୨୨ରେ ପଞ୍ଚାୟତ ଏବଂ ପୌର ନିର୍ବାଚନରେ ଆପଣଙ୍କର ବୃହତ୍ ପରାଜୟ ନିଶ୍ଚିତ କରି ଉପଯୁକ୍ତ ଉତ୍ତର ଦେଇଥିଲେ । କିନ୍ତୁ ଆପଣ ଏ ପର୍ଯ୍ୟନ୍ତ ଏଥିରୁ କିଛି ଶିକ୍ଷାଲାଭ କଲେ ନାହିଁ ବୋଲି ଲେନିନ କହିଛନ୍ତି ।

ରାଜ୍ୟଖବର

## ତଣ୍ଟିରେ କୋଳି ଲାଗି ଶିଶୁର ଜୀବନ ଗଲା

ଆନନ୍ଦପୁର, ୧୬।୫(ସ୍ୱ.ପ୍ର.)

କୋଳି ଖାଉଥିବା ବେଳେ ତଣ୍ଟିରେ ଲାଖିଯିବାରୁ ଜଣେ ଅଙ୍ଗନୱାଡି ଶିଶୁଙ୍କ ମୃତ୍ୟୁ ହେବା ଘଟଣା ଆନନ୍ଦପୁର ଉପଖଣ୍ଡ ରାମଚନ୍ଦ୍ରପୁର ଥାନା ତିଗିରିଆ ଗ୍ରାମରେ ଆଲୋଡନ ସୃଷ୍ଟି କରିଛି। ମଙ୍ଗଳବାର ସକାଳେ ସୌମ୍ୟରଞ୍ଜନ ଜେନାଙ୍କ ପୁଅ ପାଠ ପଢିବାକୁ ଅଙ୍ଗନୱାଡି କେନ୍ଦ୍ରକୁ ଆସିଥିଲେ। ଅଙ୍ଗନୱାଡି କେନ୍ଦ୍ର ପରିସରରେ ଥିବା ଏକ ଅଁଳା ଗଛରୁ ତଳେ ପଡିଥିବା ଏକ କୋଳି ଖାଇଥିଲେ। କିଛି ସମୟ ପରେ କୋଳି ଶିଶୁଟିର ତଣ୍ଟିରେ ଲାଖିଯାଇଥିଲା। ଶିଶୁଟି ଶ୍ୱାସରୁଦ୍ଧ ହୋଇ ଗୁରୁତର ହୋଇପଡିଥିଲେ। ତାଙ୍କୁ ଆନନ୍ଦପୁର ଡାକ୍ତରଖାନାକୁ ଅଣାଯାଇଥିଲା। ସେଠାରେ ଡାକ୍ତର ଶିଶୁକୁ ମୃତ ଘୋଷଣା କରିଥିଲେ।

## ବଜ୍ରକାପ୍ତା ଜବତ, ଚାଲାଣକାରୀ ଗିରଫ

କେନ୍ଦୁଝର,୧୬।୫(ସ୍ୱ.ପ୍ର./ଡି.ଏନ୍.ଏ.)


ଜବତ ବଜ୍ରକାପ୍ତା।

କେନ୍ଦୁଝର ବନଖଣ୍ଡ ଭୂୟାଁ-ଜୁଆଙ୍ଗ ପୀଢ ରେଞ୍ଜ ଅନ୍ତର୍ଗତ କାଞ୍ଜିପାଣି ସେକ୍ସନ ଟାଙ୍ଗରପଡ଼ା ଗ୍ରାମରେ ଜଣେ ବ୍ୟକ୍ତି ଏକ ବଜ୍ରକାପ୍ତା ରଖି ବିକ୍ରି ଯୋଜନା କରୁଥିବାବେଳେ ବନ ବିଭାଗ କର୍ମଚାରୀ ଗ୍ରାହକ ବେଶରେ ଯାଇ ତାଙ୍କୁ ଧରିଛନ୍ତି। ତାଙ୍କଠାରୁ ୩ବର୍ଷ ବୟସ୍କା ଏକ ମାଈ ବଜ୍ରକାପ୍ତା ଉଦ୍ଧାର କରାଯାଇଛି। ତାର ଓଜନ ୧୦କେଜି ଏବଂ ଲମ୍ବ ଅଢେଇ ଫୁଟ ହେବ ବୋଲି ଜଣାପଡ଼ିଛି। ବଜ୍ରକାପ୍ତାକୁ ଭୂୟାଁ-ଜୁଆଙ୍ଗ ରେଞ୍ଜ କାର୍ଯ୍ୟାଳୟରେ ରଖାଯାଇ ୱାଇଲ୍ଡ ଲାଇଫ୍ ଟ୍ରଷ୍ଟ ଅଫ୍ ଇଣ୍ଡିଆର ଡାକ୍ତର ବ୍ରଜରାଜ ଯାଦବ ଚିକିତ୍ସା କରୁଛନ୍ତି।

ସୂଚନା ଅନୁଯାୟୀ, ତେଲକୋଇ ରେଞ୍ଜ ସିଙ୍କୁଳାବାହାଳ ଜଙ୍ଗଲ ରେଣ୍ଡା ପର୍ବତରୁ ଟାଙ୍ଗରପଡ଼ା ଗ୍ରାମର ଜଣେ ବ୍ୟକ୍ତି ବଜ୍ରକାପ୍ତା ଆଣି କାଞ୍ଜିପାଣି ଥାନା ଅନ୍ତର୍ଗତ ଟାଙ୍ଗରପଡା ଗ୍ରାମର ବାବୁଲି ପ୍ରଧାନଙ୍କୁ ବିକ୍ରି ପାଇଁ ଦେଇଥିଲେ। ସେ ବଜ୍ରକାପ୍ତାକୁ ଅଖାରେ ପୂରାଇ ରଖିଥିଲେ। ସୋମବାର ଅପରାହ୍ନରେ କୌଣସି ସୂତ୍ରରୁ ଖବର ପାଇ ତେଲକୋଇ ଫରେଷ୍ଟର ପ୍ରଦୀପ କୁମାର ସାହୁ ଗ୍ରାହକ ବେଶରେ ଯାଇ ମୂଲଚାଲ କରିଥିଲେ। ବାବୁଲି ୫୦ହଜାର ଟଙ୍କାରେ ବିକ୍ରି କରିବାକୁ ରାଜି ହୋଇଥିଲେ। ପୂର୍ବରୁ ନିକଟରେ ଜଗି ରହିଥିବା ଭୂୟାଁ-ଜୁଆଙ୍ଗ ପୀଢ ରେଞ୍ଜର ମାନସ କୁମାର ମୁର୍ମୁ, କାଞ୍ଜିପାଣି ଫରେଷ୍ଟର ସନ୍ତୋଷ କୁମାର ପହି, ଶୁଆକାଟୀ ଫରେଷ୍ଟର ଜ୍ୟୋତିର୍ମୟୀ ପଟ୍ଟନାୟକ,ଫରେଷ୍ଟ ଗାର୍ଡ ସନ୍ତୋଷ କୁମାର ବେହେରା ଏବଂ ଅନ୍ୟ ବନ କର୍ମଚାରୀମାନେ ବାବୁଲି ପ୍ରଧାନଙ୍କୁ ଧରିଥିଲେ। ଘଟଣାସ୍ଥଳରୁ ଅନ୍ୟ ଜଣେ ଫେରାର ହୋଇଯିବାକୁ ସକ୍ଷମ ହୋଇଥିଲେ। ମଙ୍ଗଳବାର ବାବୁଲିଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଘଟଣାରେ ଅନ୍ୟ ଅଭିଯୁକ୍ତମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ତଦନ୍ତକାରୀ ଅଧିକାରୀ ଏସିଏଫ୍ ଅଶୋକ କୁମାର ଦାସ ସୂଚନା ଦେଇଛନ୍ତି।

## ଜଳ ଉତ୍ସ ସଂରକ୍ଷଣ ଓ ପରିଚାଳନା କ୍ଷେତ୍ରରେ ଗଞ୍ଜାମ ଶ୍ରେଷ୍ଠ ଜିଲା ଘୋଷିତ

ଛତ୍ରପୁର,୧୬।୫(ଡି.ଏନ୍.ଏ.)

ଭାରତ ସରକାରଙ୍କ ଜଳ ଶକ୍ତି ମନ୍ତ୍ରଣାଳୟ, ନଦୀ ବିକାଶ ଏବଂ ଗଙ୍ଗା ସଂରକ୍ଷଣ ବିଭାଗ ତରଫରୁ ଗଞ୍ଜାମ ଜିଲାକୁ ଚତୁର୍ଥ ଜାତୀୟ ଜଳ ପୁରସ୍କାର ୨୦୨୨ ପାଇବା ନିମନ୍ତେ ଘୋଷଣା କରାଯାଇଛି। ଜିଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କୁ ଏକ ପତ୍ର ମାଧ୍ୟମରେ ଅଭିନନ୍ଦନ ଜଣାଇ ଏହି ପୁରସ୍କାର ପାଇବା ସମ୍ପର୍କରେ ଅବଗତ କରାଯାଇଛି। ଗଞ୍ଜାମ ଜିଲାକୁ ପ୍ରଥମ ର୍‌ୟାଙ୍କ ଶ୍ରେଷ୍ଠ ଜିଲା କାଟେଗୋରିରେ 'ଜାତୀୟ ଜଳ ପୁରସ୍କାର-୨୦୨୨' ପାଇବା ନିମନ୍ତେ ମନ୍ତ୍ରଣାଳୟ ସଚିବ ପଙ୍କଜ କୁମାର ଏକ ପତ୍ର ମାଧ୍ୟମରେ ଜିଲାପାଳ ପରିଡ଼ାଙ୍କୁ ଅବଗତ କରାଇ ବଧେଇ ଜଣାଇଛନ୍ତି। ଆଗାମୀ ଦିନରେ ଏହି ପୁରସ୍କାର ପ୍ରଦାନ ତାରିଖ ଜଣାଇ ଦିଆଗଲେ ସେହିଦିନ ପୁରସ୍କାର ଗ୍ରହଣ କରିବେ ବୋଲି ପତ୍ରରେ ଉଲ୍ଲେଖ ରହିଛି।

## ନିଯୁକ୍ତ ହେଲେ ପ୍ରଧାନ ଶିକ୍ଷକ

### ପ୍ରଧାନ ଶିକ୍ଷକ ଦାୟିତ୍ୱରେ ଚତୁର୍ଥ ଶ୍ରେଣୀ କର୍ମଚାରୀ ରହିବା ଘଟଣା

ମୋରଡ଼ା,୧୬।୫(ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ଚିକିଟାମାଟିଆ ଆଞ୍ଚଳିକ ଭୋକେଶନାଲ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଦାୟିତ୍ୱରେ ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ ରହିବା ଘଟଣା ଧରିତ୍ରୀରେ ପ୍ରକାଶ ପାଇବା ପରେ ପ୍ରଶାସନ ତତ୍ପର ହୋଇଛି। ଉକ୍ତ ବିଦ୍ୟାଳୟର ବରିଷ୍ଠ ସହକାରୀ ଶିକ୍ଷକ ପ୍ରକାଶ ଚନ୍ଦ୍ର ମହାନ୍ତଙ୍କୁ ଜିଲା ଶିକ୍ଷା ଅଧିକାରୀ ଚିଠି ନଂ. ୭୦୭୧ରେ ପ୍ରଧାନ ଶିକ୍ଷକ ଦାୟିତ୍ୱ ଦେଇଛନ୍ତି।

ସୂଚନା ଅନୁଯାୟୀ, ଗତ ଏପ୍ରିଲ ୩୦ରେ ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମହେନ୍ଦ୍ରନାଥ ଗିରି ଅବସର ଗ୍ରହଣ କରିଥିଲେ। ଅବସର ଗ୍ରହଣ ପୂର୍ବରୁ ସେ ଦାୟିତ୍ୱ ହସ୍ତାନ୍ତର କରିବାକୁ ଚାହିଁବାରୁ ବିଦ୍ୟାଳୟର କୌଣସି ଶିକ୍ଷକ ଦାୟିତ୍ୱ ନେବାକୁ ଅମଙ୍ଗ ହୋଇଥିଲେ। ପରେ ପ୍ରଧାନ ଶିକ୍ଷକ ଗିରି ବିଦ୍ୟାଳୟର ଚତୁର୍ଥ ଶ୍ରେଣୀ କର୍ମଚାରୀ (ପିଅନ) ସମରାୟ ମାରାଣ୍ଡିଙ୍କୁ ପ୍ରଧାନ ଶିକ୍ଷକ ଦାୟିତ୍ୱ ଦେବା ସହ ଏନେଇ ଜିଲା ଶିକ୍ଷା ଅଧିକାରୀଙ୍କୁ ଚିଠି ମାଧ୍ୟମରେ ଜଣାଇଥିଲେ। ଏହି ଘଟଣା ଜଣାପଡ଼ିବା ପରେ ଅଭିଭାବକ ଓ ଅଞ୍ଚଳବାସୀଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା।

## ରାଜଭବନରେ ସିକ୍କିମ ଦିବସ ପାଳିତ



ସିକ୍କିମ ଦିବସ ପାଳନ ଅବସରରେ ରାଜ୍ୟପାଳଙ୍କ ବ୍ୟକ୍ତିଗତ ସଚିବ ହିମାଂଶୁ ନାରାୟଣ ପଟ୍ଟନାୟକ, ଅତିରିକ୍ତ ସଚିବ ଚିତ୍ତରଞ୍ଜନ ମହାନ୍ତି ଓ ଅନ୍ୟମାନେ।

ଭୁବନେଶ୍ୱର, ୧୬।୫ (ବ୍ୟୁରୋ)

ରାଜଭବନଠାରେ ମଙ୍ଗଳବାର ସିକ୍କିମ ଦିବସ ପାଳିତ ହୋଇଯାଇଛି। ଅଭିଷେକ ହଲ୍‌ରେ ଆୟୋଜିତ ଏହି ଉତ୍ସବରେ ଓଡ଼ିଶାରେ ରହୁଥିବା ସିକ୍କିମର ନିମନ୍ତ୍ରିତ ବ୍ୟକ୍ତିଙ୍କ ସହ ଭାବବିନିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରାଜ୍ୟପାଳଙ୍କ ବ୍ୟକ୍ତିଗତ ସଚିବ ହିମାଂଶୁ ନାରାୟଣ ପଟ୍ଟନାୟକ, ଅତିରିକ୍ତ ସଚିବ ଚିତ୍ତରଞ୍ଜନ ମହାନ୍ତି, ବେଦବନ୍ଧୁ ମିଶ୍ର, ଲେଖା ନିୟନ୍ତ୍ରକ ଗୌତମ ଚୌଧୁରୀ ପ୍ରମୁଖ ଯୋଗଦେଇଥିଲେ। ରାଜ୍ୟପାଳଙ୍କ ଲୋକସମ୍ପର୍କ ଅଧିକାରୀ ରକ୍ଷକ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଜିଲାପାଳଙ୍କ ଉପସ୍ଥିତିରେ ଆନ୍ଧ୍ରର କୋଟିଆରେ ଅନୁପ୍ରବେଶ

ପଟ୍ଟାଙ୍ଗି,୧୬।୫(ଡି.ଏନ୍.ଏ.)



କୁନେଟି ଲାଛମିଙ୍କୁ ତାଙ୍କ ଗ୍ରାମ ତଳସେମ୍ଭିକୁ ଛାଡିବାକୁ ଆସିଥିବା ସାଲୁର ସ୍ୱାସ୍ଥ୍ୟକେନ୍ଦ୍ର ଆମ୍ବୁଲାନ୍ସ।

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକକୁ ସୋମବାର ଜିଲାପାଳ ଅବଦାଲ ଏମ୍.ଅଖତାର ଗସ୍ତରେ ଆସିଥିଲେ। ଜିଲାପାଳ ଏଠାରେ ଥିବା ବେଳେ ଆନ୍ଧ୍ର ଅନୁପ୍ରବେଶ କରିଥିବା ପରି ଘଟଣା ଦେଖିବାକୁ ମିଳିଛି। ଜିଲାପାଳ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା ଜାରି ରଖିଥିବା ବେଳେ ପଡୋଶୀ ଆନ୍ଧ୍ରର ସ୍ୱାସ୍ଥ୍ୟ ବିଭାଗରେ ଚିକିତ୍ସିତ ହୋଇ ସୁସ୍ଥ ହୋଇଥିବା ଜଣେ ମହିଳାଙ୍କୁ କର୍ମଚାରୀମାନେ କୋଟିଆର ତଳସେମ୍ଭି ଗ୍ରାମରେ ଛାଡି ଚାଲିଯାଇଛନ୍ତି।

ଖବରରୁ ଜଣାପଡିଛି, ତଳସେମ୍ଭି ଗ୍ରାମର କୁନେଟି ଲାଛମି ଗର୍ଭବତୀ ଥିଲେ। ତାଙ୍କର ରବିବାର ଗର୍ଭଯନ୍ତ୍ରଣା ଆରମ୍ଭ ହୋଇଥିଲା। ପରିବାର ଲୋକେ ତାଙ୍କୁ କୋଟିଆ ସ୍ୱାସ୍ଥ୍ୟକେନ୍ଦ୍ରକୁ ନ ନେଇ ଆନ୍ଧ୍ରର ସାଲୁର ସ୍ୱାସ୍ଥ୍ୟକେନ୍ଦ୍ର ନେଇ ଚିକିତ୍ସା କରିଥିଲେ। ସେହି ରବିବାର ରାତିରେ ହିଁ ଲାଛମି ସେଠାରେ ଏକ ସନ୍ତାନ ଜନ୍ମ ଦେଇଥିଲେ। ତାଙ୍କୁ ସାଲୁର ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ କର୍ମଚାରୀମାନେ ସୋମବାର ଆମ୍ବୁଲାନ୍ସ ଯୋଗେ ଆଣି ତଳସେମ୍ଭି ଗ୍ରାମରେ ତାଙ୍କ ଘରେ ଛାଡି ଦେଇଯାଇଥିଲେ। ଏହି ସମୟରେ ଜିଲାପାଳ ଅଖତାର ବ୍ଲକ କାର୍ଯ୍ୟାଳୟରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମୀକ୍ଷା କରୁଥିଲେ। ସୂଚନାଯୋଗ୍ୟ, ସୀମାନ୍ତ କୋଟିଆ ପଞ୍ଚାୟତବାସୀଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ସବୁବେଳେ ଓଡ଼ିଶା ସରକାର ଜିଲା ଓ ବ୍ଲକ ପ୍ରଶାସନ ମାଧ୍ୟମରେ କିଛି ନା କିଛି ପ୍ୟାକେଜ ପ୍ରସ୍ତୁତ କରି ଉନ୍ନୟନମୂଳକ କାର୍ଯ୍ୟ କରି ଆସୁଥିଲେ ମଧ୍ୟ ଏହାର କୌଣସି ପ୍ରଭାବ ସୀମାନ୍ତବାସୀଙ୍କ ଉପରେ ନ ପଡିବା ସାଧାରଣରେ ଆଲୋଚନାର ବିଷୟ ହୋଇଛି।

## ଚିଲିକାରେ ବୁଡ଼ିଲା ଡଙ୍ଗା

ଖୋର୍ଦ୍ଧା ଅଫିସ,୧୬।୫

### କାଳବୈଶାଖୀ ପ୍ରଭାବ

କାଳବୈଶାଖୀ ପ୍ରଭାବରେ ମଙ୍ଗଳବାର ଚିଲିକା ଅଶାନ୍ତ ରହିଥିଲା। ଫଳରେ ଚିଲିକାକୁ ମତ୍ସ୍ୟଜୀବୀମାନେ ମାଛ ମାରିବାକୁ ଯାଇଥିବା ବେଳେ କେତୋଟି ଡଙ୍ଗା ବୁଡ଼ିଯିବା ସହ ଜାଲ ନଷ୍ଟ ହୋଇଯାଇଛି। ତେବେ ଡଙ୍ଗାରେ ଥିବା ୧୫ରୁ ଊର୍ଦ୍ଧ୍ୱ ମତ୍ସ୍ୟଜୀବୀ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଏହି ଅଘଟଣ ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଅଧୀନ ବାଲିପାଟପୁର ପଞ୍ଚାୟତର ସରସ୍ୱତୀ ନଗର ଜେଟି ନିକଟରେ ଘଟିଛି। ଉକ୍ତ ଅଞ୍ଚଳର ବନମାଳୀ ବେହେରା, ମିଥୁନ, ଗୁଣନିଧି, ଅନାମ, ଧର୍ମରାଜ, ଲକ୍ଷ୍ମଣ, ଅରୁଣ ବେହେରାଙ୍କ ସମେତ ଅନ୍ୟମାନେ ଡଙ୍ଗାରେ ଚିଲିକାକୁ ମାଛ ମାରିବାକୁ ଯାଇଥିଲେ। ଅପରାହ୍ନ ୫ଟା ୩୦ରେ କାଳବୈଶାଖୀ ପ୍ରଭାବରେ ହଠାତ୍ ଝଡ଼ତୋଫାନ ସହ ବର୍ଷା ହୋଇଥିଲା। ପବନ ଜୋର୍‌ରେ ହେଉଥିବାରୁ ଡଙ୍ଗାଗୁଡିକୁ ଦୋହଲାଇ ଦେଇଥିଲା। ଫଳରେ କିଛି ଡଙ୍ଗା ବୁଡି ଯାଇଥିବା ବେଳେ ଜାଲ ନଷ୍ଟ ହୋଇଯାଇଥିଲା। ଜୀବନ ବଞ୍ଚାଇବା ପାଇଁ ମତ୍ସ୍ୟଜୀବୀମାନେ ଡଙ୍ଗାରୁ ପାଣିକୁ ଡେଇଁପଡିଥିଲେ। ନିକଟରେ ଥିବା ଅନ୍ୟ ମତ୍ସ୍ୟଜୀବୀମାନେ ଏହା ଦେଖି ସେମାନଙ୍କ ନିକଟକୁ ଯାଇ ଉଦ୍ଧାର କରିବା ସହ କୂଳକୁ ଆଣିଥିଲେ।

**ଓପୋ ଏଫ୍୨୩ ୫ଜି ଉନ୍ମୋଚିତ**

ନୂଆଦିଲ୍ଲୀ: ଗ୍ଲୋବାଲ ସ୍ମାର୍ଟ ଡିଭାଇସ୍ ବ୍ରାଣ୍ଡ ଓପୋର ନୂଆ ସ୍ମାର୍ଟଫୋନ୍ ଓପୋ ଏଫ୍୨୩ ୫ଜି'ର ସର୍ବଭାରତୀୟ ଉନ୍ମୋଚନ ସମ୍ପର୍କରେ ଘୋଷଣା କରାଯାଇଛି। ଏ ସମ୍ପର୍କରେ ଓପୋର ମୁଖ୍ୟ ବାଣିଜ୍ୟିକ ଅଧିକାରୀ ଦମୟନ୍ତ ଖନୋରିଆ କହିଛନ୍ତି, ଓପୋ ଏଫ୍୨୩ ୫ଜି ସହିତ ଆମେ ବ୍ୟାଟେରି ହେଲ୍ଥ ଇଞ୍ଜିନ ଓ ସୁପର ଭିଓଓସି ଫାଷ୍ଟ ଚାର୍ଜିଂ ଭଳି ଅଭିନବ ଟେକ୍ନୋଲୋଜି ପ୍ରଦାନକରି ଗର୍ବିତ ମନେକରୁଛୁ। ଫଳରେ ଏହା ଏକ ବାଧାହୀନ ଅନୁଭୂତି ପାଇଁ ନିର୍ଭରଯୋଗ୍ୟ ଓ ସୁବିଧାଜନକ ବ୍ୟାଟେରି କାର୍ଯ୍ୟଦକ୍ଷତା ପ୍ରଦାନ କରୁଛି।

# ଟାଟା ମୋଟର୍ସର ନ୍ୟୁ ନେକ୍ସନ ଇଭି ମାକ୍ସର ଅନାବରଣ

ଭୁବନେଶ୍ୱର,୧୬।୫

ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ଟାଟା ମୋଟର୍ସର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଇଲେକ୍ଟ୍ରିକ୍ ଭେଇକିଲ (ଇଭି) 'ନ୍ୟୁ ନେକ୍ସନ ଇଭି ମାକ୍ସ' ଡାର୍କ ଏଡିସନ ମଡେଲର ସର୍ବଭାରତୀୟ ଉନ୍ମୋଚନ ନିକଟରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଟାଟା ମୋଟର୍ସର ସ୍ୱୀକୃତିପ୍ରାପ୍ତ ଡିଲର ତୃପ୍ତି ମୋଟର୍ସ ବରମୁଣ୍ଡା (ତୃପ୍ତି ଏଣ୍ଟରପ୍ରାଇଜେସ୍ ପ୍ରାଇଭେଟ୍ ଲିମିଟେଡ୍) ଆନୁକୂଲ୍ୟରେ ଏକ ସ୍ୱତନ୍ତ୍ର ଅନାବରଣ ଉତ୍ସବର ଆୟୋଜନ କରାଯାଇଥିଲା। ଏହି ଅବସରରେ ତୃପ୍ତି ଗ୍ରୁପ୍ର ସିଇଓ ରଞ୍ଜନ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଅନାବରଣ କରାଇବା ସହ ଉକ୍ତ ମଡେଲର ବଜାର ପ୍ରବେଶ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟାଟା ମୋଟର୍ସର ଟିଏସ୍ଏମ୍ ଆଶିଷ ଦାସଙ୍କ ସମେତ ତୃପ୍ତି ଗ୍ରୁପ୍ର ଜିଏମ୍ ବିକାଶ ପ୍ରଧାନ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ଟାଟା ମୋଟର୍ସର ନ୍ୟୁ ନେକ୍ସନ ଇଭି ମାକ୍ସ ଡାର୍କ ଏଡିସନ ମଡେଲରେ ଅନେକ ବୈଶିଷ୍ଟ୍ୟ ସହ ବର୍ତ୍ତମାନ ସମୟର ସମସ୍ତ ଫିଚର ଅନ୍ତର୍ଭୁକ୍ତ ରହିଛି। ଉଲ୍ଲେଖଯୋଗ୍ୟ, ନ୍ୟୁ ନେକ୍ସନ ଇଭି ମାକ୍ସ' ଡାର୍କ ଏଡିସନ ମଡେଲର ବଜାର ମୂଲ୍ୟ ପ୍ରାୟ ୨୦.୫ ଲକ୍ଷ ଟଙ୍କା ରହିଛି।




# ଖିମ୍‌ଜୀ ଜୁଏଲର୍ସର 'ହ୍ୱାଏ ନଟ୍ ଡାଇମଣ୍ଡ' ଅଭିଯାନ

ଭୁବନେଶ୍ୱର,୧୬।୫

ରାଜ୍ୟର ପ୍ରମୁଖ ତଥା ସର୍ବ ପୁରାତନ ଅଳଙ୍କାର ପ୍ରତିଷ୍ଠାନ ଖିମ୍‌ଜୀ ଜୁଏଲର୍ସର ନୂତନ ସ୍ୱତନ୍ତ୍ର ହୀରା ଗହଣା 'ହ୍ୱାଏ ନଟ୍ ଡାଇମଣ୍ଡ' ଅଭିଯାନର ଶୁଭାରମ୍ଭ କରାଯାଇଛି। ଏପରିକି ଉକ୍ତ ଅଭିଯାନ ଜରିଆରେ ଖିମ୍‌ଜୀ ପ୍ରତ୍ୟେକ ଗ୍ରାହକଙ୍କ ବ୍ୟକ୍ତିତ୍ୱକୁ ପାଳନ କରିବ ଏବଂ ବ୍ରାଣ୍ଡର ଆକର୍ଷଣୀୟ ଅଳଙ୍କାର ସଂଗ୍ରହ ଗ୍ରାହକମାନଙ୍କର ଅନନ୍ୟ ଷ୍ଟାଇଲକୁ ମଧ୍ୟ ତାହା ଦର୍ଶାଇବ ବୋଲି ଖିମ୍‌ଜୀ ପକ୍ଷରୁ କୁହାଯାଇଛି।

ଏ ସମ୍ପର୍କରେ ଖିମ୍‌ଜୀ ଜୁଏଲର୍ସର ନିର୍ଦ୍ଦେଶକ ମିତେଶ ଖିମ୍‌ଜୀ କହିଛନ୍ତି, ଗ୍ରାହକମାନଙ୍କ ମଧ୍ୟରେ ଖିମ୍‌ଜୀ ହୀରା ଅଳଙ୍କାରର ଚାହିଦା ବେଶ୍ ଅଧିକ ରହିଛି। ଏପରିକି ହୀରା ଅଳଙ୍କାର ମହଙ୍ଗା ବୋଲି ଲୋକମାନଙ୍କ ମଧ୍ୟରେ ରହିଥିବା ଧାରଣାକୁ ବଦଳାଇବା ପାଇଁ ଆମେ ହୀରା ଅଳଙ୍କାର ଉପରେ ସ୍ୱତନ୍ତ୍ର ଅଫର ନେଇ ଆସିଛୁ। ବିଶେଷକରି ଗ୍ରାହକଙ୍କ ବଢୁଥିବା ଚାହିଦାକୁ ଦୃଷ୍ଟିରେ ରଖି ଖିମ୍‌ଜୀ ସର୍ବଶ୍ରେଷ୍ଠ ମୂଲ୍ୟରେ ଆକର୍ଷଣୀୟ ଅଳଙ୍କାର ଉପଲବ୍ଧ କରାଇବା ସହ ଗ୍ରାହକଙ୍କୁ ଆକର୍ଷିତ କରିବା ଭଳି ସମସ୍ତ ସୁବିଧା ଯୋଗାଇ ଦେଉଛୁ। ଏପରିକି ଗ୍ରାହକମାନେ ୨୦୨୩ ମେ ୧୩ ରୁ ୩୦ ପର୍ଯ୍ୟନ୍ତ ଖିମ୍‌ଜୀ ଜୁଏଲର୍ସର ଷ୍ଟୋରକୁ ଆସି ଏହି ସ୍ୱତନ୍ତ୍ର ଅଫରଗୁଡ଼ିକର ଲାଭ ଉଠାଇପାରିବେ ବୋଲି ସେ ମତପ୍ରକାଶ କରିଛନ୍ତି।



ଅପରପକ୍ଷରେ ଖିମ୍‌ଜୀ ସର୍ବଶ୍ରେଷ୍ଠ ମୂଲ୍ୟରେ ସୂକ୍ଷ୍ମ କାରିଗରି ସହ ପ୍ରତ୍ୟେକ ହୀରା ଖଣ୍ଡକୁ ଆକର୍ଷଣୀୟ ଭାବେ ନିର୍ମିତ କରାଯାଇଛି। ଫଳରେ ଗ୍ରାହକମାନେ ଖିମ୍‌ଜୀର ଉକ୍ତ ସଂଗ୍ରହକୁ ଉପଭୋଗ କରିପାରିବେ ଏବଂ ସେମାନଙ୍କ ପାଇଁ ଉପଯୁକ୍ତ ହୀରା ମଧ୍ୟ ବାଛିପାରିବେ। ଏଥିସହ ଗ୍ରାହକମାନେ ସେମାନଙ୍କ ଅଳଙ୍କାର କ୍ରୟକୁ ସମ୍ପୂର୍ଣ୍ଣ ଉପଭୋଗ କରିବା ପାଇଁ ବ୍ରାଣ୍ଡ ପ୍ରତ୍ୟେକ କ୍ରୟ ଉପରେ ମାଗଣା ବୀମାର ସୁବିଧା ମଧ୍ୟ ରଖିଛି। ଉଲ୍ଲେଖଯୋଗ୍ୟ, ଖିମ୍‌ଜୀ ଜୁଏଲର୍ସର ସ୍ୱତନ୍ତ୍ର ହୀରା ଅଳଙ୍କାରର ଆକର୍ଷଣୀୟ କ୍ୟାମ୍ପେନ୍‌ର ଲାଭ ଉଠାନ୍ତୁ ଏବଂ 'ହ୍ୱାଏ ନଟ୍ ଡାଇମଣ୍ଡ' କ୍ୟାମ୍ପେନ୍ ଏବଂ ହୀରା ଅଳଙ୍କାରର ଆକର୍ଷଣୀୟ ସଂଗ୍ରହ ବିଷୟରେ ଅଧିକ ଜାଣିବା ପାଇଁ ସେମାନଙ୍କ ନିକଟତମ ଷ୍ଟୋର ପରିଦର୍ଶନ କରନ୍ତୁ।

# ଓଡ଼ିଶାରେ ଜିଓ ଫାଇବର ୧ ନମ୍ବର

ଭୁବନେଶ୍ୱର,୧୬।୫

ଦେଶର ପ୍ରମୁଖ ଟେଲିକମ୍ କମ୍ପାନୀ ରିଲାଏନ୍ସ ଜିଓର ହାଇସ୍ପିଡ୍ ବ୍ରଡ୍‌ବ୍ୟାଣ୍ଡ ସେବା ପ୍ରଦାନକାରୀ ସଂସ୍ଥା ଜିଓ ଫାଇବର ଓଡ଼ିଶାରେ କ୍ରମାଗତ ଭାବେ ୧ ନମ୍ବର ସ୍ଥାନରେ ରହିଛି। ଏପରିକି ରାଜ୍ୟର ୨ ଲକ୍ଷରୁ ଅଧିକ ଘରକୁ ହାଇସ୍ପିଡ୍ ଓ୍ୟାରଲାଇନ ବ୍ରଡ୍‌ବ୍ୟାଣ୍ଡ ସେବା ଯୋଗାଉଛି ବୋଲି ଭାରତୀୟ ଟେଲିକମ୍ ନିୟାମକ କର୍ତ୍ତୃପକ୍ଷ (ଟ୍ରାଇ) ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷରେ ଟ୍ରାଇ ପକ୍ଷରୁ ପ୍ରକାଶିତ ସଦ୍ୟତମ ଓ୍ୟାରଲାଇନ ଉପଭୋକ୍ତା ତଥ୍ୟ ଅନୁଯାୟୀ ୨୦୨୩ ଫେବୃୟାରୀ ୨୮ ସୁଦ୍ଧା ୨.୦୨ ଲକ୍ଷ ଜିଓ ଫାଇବର ହାଇସ୍ପିଡ୍ ବ୍ରଡ୍‌ବ୍ୟାଣ୍ଡ ଗ୍ରାହକଙ୍କ ସହ ରାଜ୍ୟର ଏକ ନମ୍ବର ହାଇ ସ୍ପିଡ୍ ବ୍ରଡ୍‌ବ୍ୟାଣ୍ଡ ସେବା ପ୍ରଦାନକାରୀ ଭାବେ ଜିଓ ତା'ର ସ୍ଥିତିକୁ ଆହୁରି ମଜଭୁତ କରିଛି। ସେହିଭଳି ରିଲାଏନ୍ସ ଜିଓ ଏକମାତ୍ର ଟେଲିକମ୍ ସେବା ପ୍ରଦାନକାରୀ ଭାବେ ୨୦୨୩ ଫେବୃୟାରୀରେ ଓ୍ୟାରଲାଇନ ଗ୍ରାହକ ଯୋଡ଼ିଥିବା ଟ୍ରାଇ ପକ୍ଷରୁ ପ୍ରକାଶିତ ତଥ୍ୟରୁ ଜଣାପଡ଼ିଛି। ଏପରିକି ୨୦୨୩ ଫେବୃୟାରୀ ଶେଷ ସୁଦ୍ଧା ଓଡ଼ିଶାରେ ମୋଟ ଓ୍ୟାରଲାଇନ ଗ୍ରାହକ ସଂଖ୍ୟା ୩.୮୮ ଲକ୍ଷକୁ ବୃଦ୍ଧି ପାଇଛି। ସେହିପରି ଜାତୀୟ ସ୍ତରରେ ମଧ୍ୟ ଜିଓ ୨୦୨୩ ଫେବୃୟାରୀରେ ୧.୮୮ ଲକ୍ଷରୁ ଅଧିକ ନୂଆ ଓ୍ୟାରଲାଇନ ଗ୍ରାହକ ଯୋଡ଼ି ଦେଶର ୧ ନମ୍ବର ଓ୍ୟାରଲାଇନ ସେବା ପ୍ରଦାନକାରୀ ଭାବେ ନିଜ ସ୍ଥିତିକୁ ଆହୁରି ସୁଦୃଢ଼ କରିଛି। ଉଲ୍ଲେଖଯୋଗ୍ୟ, ଜିଓ ଫାଇବର ବର୍ତ୍ତମାନ ରାଜ୍ୟର ୩୯ରୁ ଅଧିକ ସହର ଓ ନଗରରେ ଉପଲବ୍ଧ। ଏପରିକି ରାଜ୍ୟର ଅନ୍ୟ ପ୍ରମୁଖ ସହର ଓ ନଗରକୁ ଜିଓ ଫାଇବାରର ସେବା ଦ୍ରୁତଗତିରେ ସମ୍ପ୍ରସାରଣ ହେଉଛି। ଜିଓ ଫାଇବର ସେବାର ଦ୍ରୁତଗତିରେ ସମ୍ପ୍ରସାରଣ ହଜାର ହଜାର ଗ୍ରାହକଙ୍କ ଆବଶ୍ୟକତା ପୂରଣ କରୁଛି, ଯେଉଁଥିରେ ବ୍ୟକ୍ତିଗତ ଘରଠାରୁ ଆରମ୍ଭକରି କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଏବଂ ବିଭିନ୍ନ କ୍ଷେତ୍ରର ପ୍ରଫେସନାଲମାନେସାମିଲରହିଛନ୍ତି।

# ଓଏମ୍‌ସିର ୬୮ତମ ପ୍ରତିଷ୍ଠା ଦିବସ




ନୂଆଦିଲ୍ଲୀ,୧୬।୫

ଓଡ଼ିଶା ଖଣି ନିଗମ(ଓଏମ୍‌ସି)ର ୬୮ତମ ପ୍ରତିଷ୍ଠା ଦିବସ ମଙ୍ଗଳବାର ସ୍ଥାନୀୟ ଜୟଦେବ ଭବନଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ବିଭାଗୀୟ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ଓଡ଼ିଶା ସରକାରଙ୍କ ଅଧୀନ ଓଏମ୍‌ସି ଏକ ଦାୟିତ୍ୱବାନ୍ ତଥା ଏକ ମର୍ଯ୍ୟାଦାପୂର୍ଣ୍ଣ କର୍ପୋରେଟ ସଂସ୍ଥା ଭାବେ ଜଣାଶୁଣା। ଏପରିକି ଓଡ଼ିଶାକୁ ଏକ ଦ୍ରୁତ ପ୍ରଗତିଶୀଳ, ଶିଳ୍ପୋନ୍ନତ ତଥା ଅର୍ଥନୈତିକ ଭାବେ ସଶକ୍ତ ରାଜ୍ୟରେ ପରିଣତ କରିବା ଲାଗି ସମଗ୍ର ଓଡ଼ିଶାବାସୀଙ୍କ ଥିବା ଆକାଂକ୍ଷାକୁ ସଫଳ କରିବା ଦିଗରେ ଅହରହ ଚେଷ୍ଟା ଚଳାଇଛି ବୋଲି ମଲ୍ଲିକ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ସେହିଭଳି ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଓଏମ୍‌ସିର ଅଧକ୍ଷ ଦେଓରଞ୍ଜନ କୁମାର ସିଂ କହିଥିଲେ, ସାରା ଭାରତରେ ଓଏମ୍‌ସି ଚତୁର୍ଥ ବୃହତ୍ ଲୁହାପଥର ଉତ୍ପାଦନକାରୀ କମ୍ପାନୀ ଭାବେ ପରିଗଣିତ ହେଉଛି। ଏପରିକି ଓଏମ୍‌ସିରେ ଏକ ସୁବର୍ଣ୍ଣଯୁଗର ଅୟମାରମ୍ଭ ମଧ୍ୟ ହୋଇଛି। ସେହିପରି ନିଗମ କର୍ମଚାରୀଙ୍କ ନିଷ୍ଠାପର ଉଦ୍ୟମ ଏବଂ ଟିମ୍‌ୱାର୍କ ବଳରେ କମ୍ପାନୀ ସଫଳତାର ନୂତନ ପାହାଚ ଚଢ଼ି ଚାଲିଛି। ଏହା ପ୍ରକୃତରେ ପ୍ରଶଂସାଯୋଗ୍ୟ ବୋଲି ସେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ବିଶେଷକରି ନିଗମ କର୍ମଚାରୀଙ୍କ ଉନ୍ନତି ହିଁ ଆମର ପରମ ଲକ୍ଷ୍ୟ ହେବା ଉଚିତ ତା' ସହ ଖଣି ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କ ଉନ୍ନତି ଏବଂ ପରିବେଶର ସୁରକ୍ଷା ବି ଆମର ମୂଳଲକ୍ଷ୍ୟ ହେବା ଉଚିତ ବୋଲି ସିଂ ମତପ୍ରକାଶ କରିଛନ୍ତି। ଏହି ଅବସରରେ ନିଜ ନିଜ କ୍ଷେତ୍ରରେ ଉଲ୍ଲେଖନୀୟ କୃତିତ୍ୱ ହାସଲ କରିଥିବା କର୍ମଚାରୀଙ୍କୁ ବିଭିନ୍ନ ପୁରସ୍କାରରେ ପୁରସ୍କୃତ କରାଯାଇଥିଲା। ଉଲ୍ଲେଖଯୋଗ୍ୟ, ଓଏମ୍‌ସିର ବିତ୍ତ ନିର୍ଦ୍ଦେଶକ ସତ୍ୟଜିତ ମହାନ୍ତି ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ମାନବ ସମ୍ବଳ ନିର୍ଦ୍ଦେଶକ ଆଲୋକ କୁମାର ପାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ଟିଭିଏସ୍ ଆଇକ୍ୟୁବ୍‌ର ମେଗା ଡେଲିଭରି

ଭୁବନେଶ୍ୱର,୧୬।୫

ଦେଶର ପ୍ରମୁଖ ଦୁଇ ଓ ତିନିଚକିଆ ଯାନ ନିର୍ମାତା ଟିଭିଏସ୍ ମୋଟରର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଇଲେକ୍ଟ୍ରିକ୍ ସ୍କୁଟର 'ଟିଭିଏସ୍ ଆଇକ୍ୟୁବ୍'ର ମେଗା ଡେଲିଭରି କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀ ପକ୍ଷରୁ ଦେଶର ପ୍ରମୁଖ ୧୦ ସହରରେ ଉକ୍ତ ଡେଲିଭର କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଏପରିକି ୧୦ଦିନ ମଧ୍ୟରେ କମ୍ପାନୀର ୧୦୦୦ ଇ-ସ୍କୁଟର ଡେଲିଭରି ଦେବା ଲାଗି ସ୍ୱତନ୍ତ୍ର ଡେଲିଭରିର ବ୍ୟବସ୍ଥା କରାଯାଇଛି। ସେହିଭଳି କମ୍ପାନୀ ପକ୍ଷରୁ ମଙ୍ଗଳବାର ଭୁବନେଶ୍ୱର ବଜାରରେ ଏକ ସ୍ୱତନ୍ତ୍ର ଡେଲିଭରି କାର୍ଯ୍ୟକ୍ରମ ଜରିଆରେ ୧୦୦ରୁ ଅଧିକ ଟିଭିଏସ୍ ଆଇକ୍ୟୁବ୍ ସ୍କୁଟର ଗ୍ରାହକଙ୍କୁ ହସ୍ତାନ୍ତର କରାଯାଇଛି।

ଉଲ୍ଲେଖଯୋଗ୍ୟ, ଭାରତୀୟ ବଜାରରେ କମ୍ପାନୀ ବିଦ୍ୟୁତ୍‌କରଣର ଯାତ୍ରାକୁ ସୁଦୃଢ଼ କରିବା ସହ ୨୦୨୦ରେ ଟିଭିଏସ୍ ଆଇକ୍ୟୁବ୍ ଶୁଭାରମ୍ଭ କରିଥିଲା। ଏପରିକି ଏହାର ଶୁଭାରମ୍ଭ ପରଠାରୁ ୧,୦୦,୦୦୦ ୟୁନିଟ୍‌ର ବିକ୍ରି ମାଇଲଖୁଣ୍ଟ ମଧ୍ୟ ହାସଲ କରିସାରିଛି। ପୁନଶ୍ଚ, ଟିଭିଏସ୍ ଆଇକ୍ୟୁବ୍ ଇଲେକ୍ଟ୍ରିକ୍ ସ୍କୁଟର ସଫଳତାର ସହ ଏଆଇଏସ୍-୧୫୬ ଫେଜ୍-୨କୁ ରୂପାନ୍ତରିତ ହୋଇପାରିଛି। ସେହିଭଳି ଏହି ଆକର୍ଷଣୀୟ ଇଭି ଯାତ୍ରାରେ ଟିଭିଏସ୍ ମୋଟର କମ୍ପାନୀ ତିନି ମୂଳ ଆଦର୍ଶ ଦ୍ୱାରା ଅନୁପ୍ରାଣିତ ହୋଇ ରହିଛି।

ସୂଚନାଯୋଗ୍ୟ, ଗତ ବର୍ଷ ଟିଭିଏସ୍ ଆଇକ୍ୟୁବ୍ ଇଲେକ୍ଟ୍ରିକ୍ ସ୍କୁଟରର ଶୁଭାରମ୍ଭ ହୋଇଥିଲା। ଏପରିକି ଟିଭିଏସ୍ ଆଇକ୍ୟୁବ୍ ଓ ଟିଭିଏସ୍ ଆଇକ୍ୟୁବ୍ ଏସ୍ ଭାରିଆଣ୍ଟରେ ଏହା ବଜାରରେ ଉପଲବ୍ଧ ହେଉଥିବା ବେଳେ ଉଭୟ ମଡେଲରରେ ଶ୍ରେଷ୍ଠ ଶ୍ରେଣୀର ସୁବିଧା ସୁଯୋଗ ଓ ଉନ୍ନତ ରେଞ୍ଜ ମଧ୍ୟ ସାମିଲ ରହିଛି। ସେହିଭଳି ଟିଭିଏସ୍ ମୋଟର ଡିଜାଇନ କରିଥିବା ୩.୪ କିଲୋ ଆୱାର ବ୍ୟାଟେରି ଅନ୍ତର୍ଭୁକ୍ତ ରହିଥିବା ବେଳେ ପ୍ରତି ଚାର୍ଜରେ ୧୦୦କି.ମି. ଯାତ୍ରା କରୁଛି। ବିଶେଷକରି ଏଥିରେ ୭ ଇଞ୍ଚର ଟିଏଫ୍‌ଟି ଡିସ୍‌ପ୍ଲେ, ଏଚ୍ଏମ୍ଆଇ କଣ୍ଟ୍ରୋଲ ଓ ରିଭର୍ସ ପାର୍କିଂ ଆଦି ସୁବିଧା ରହିଛି।

# ସଞ୍ଚାର ସାଥୀ ପୋର୍ଟାଲର ଶୁଭାରମ୍ଭ

ଭୁବନେଶ୍ୱର,୧୬।୫

ଭାରତ ସରକାରଙ୍କ ଡିପାର୍ଟମେଣ୍ଟ ଅଫ୍ ଟେଲିକମ୍ (ଡଟ୍) ପକ୍ଷରୁ ଏକ ନୂତନ ସେବା 'ସଞ୍ଚାର ସାଥୀ ପୋର୍ଟାଲ'ର ଆନୁଷ୍ଠାନିକ ଶୁଭାରମ୍ଭ କରାଯାଇଛି। ଏହି ପରିପ୍ରେକ୍ଷୀରେ ବିଭାଗୀୟ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଶୁଭାରମ୍ଭକରି କହିଥିଲେ, ଦେଶରେ ବର୍ତ୍ତମାନ ବିଭିନ୍ନ ପ୍ରକାର ଟେଲିକମ୍ ଜନିତ ସମସ୍ୟା ଓ ଆପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ଏପରିକି ସେସବୁ କାର୍ଯ୍ୟକଳାପର ସୁଧାର ସାଙ୍ଗକୁ ଟେଲିକମ୍ ଉପଭୋକ୍ତାଙ୍କ ଉତ୍ତମ ସେବା ଓ ସୁବିଧା ଏହା ଜରିଆରେ ଯୋଗାଇ ଦିଆଯିବ। ସେହିଭଳି ପ୍ରଧାନମନ୍ତ୍ରୀଙ୍କର ଡିଜିଟାଲ ଇଣ୍ଡିଆ କାର୍ଯ୍ୟକ୍ରମକୁ ଏହା ବେଶ୍ ସହାୟକ ହେବ। ଉଲ୍ଲେଖଯୋଗ୍ୟ, ଉକ୍ତ ପୋର୍ଟାଲରେ ୩ଟି ପ୍ରମୁଖ ବୈଶିଷ୍ଟ୍ୟ ରହିଛି, ଯେଉଁଥିରେ ଅନେକ ପ୍ରକାର ସୁବିଧା ଉପଭୋକ୍ତାଙ୍କୁ ମିଳିବ ବୋଲି ଜଣାପଡ଼ିଛି।


No.MM-28

**ଖଣ୍ଡୀୟ ବନାଧିକାରୀଙ୍କ କାର୍ଯ୍ୟାଳୟ, ହୀରାକୁଦ ବନ୍ୟପ୍ରାଣୀ ବନଖଣ୍ଡ, ମୋତିଝରନ୍, ସମ୍ବଲପୁର**

ଓଡ଼ିଶା, ପିନ୍-୭୬୮୦୦୧, ଦୂରଭାଷ/ଫେକ୍ସ- ୦୬୬୩-୨୫୪୮୭୪୩
ଇମେଲ୍- dfo.hirakudwl@odisha.gov.in
No. 1803/1F-73(Actt.)/2022-23 Dated 12.05.2023

**CORRIGENDUM**

**Sub:- Cancellation of tender for supply, installation & commissioning of HDPE Floating Jetty under Hirakud Wildlife Division.**

With reference to this office Tender Call Notice No. 566 dt.08.02.2023 published on dt.09.02.2023 at Dharitri & Orissa Bhaskar daily odia newspaper, Bhubaneswar edition for supply, installation & commissioning of HDPE Floating Jetty under Hirakud Wildlife Division is hereby cancelled due to some unavoidable circumstances.

Sd./- Divisional Forest Officer
Hirakud Wildlife Division, Sambalpur
OIPR-08078/11/0001/2324

**BHUBANESWAR DEVELOPMENT AUTHORITY**
Akash Shova Building, Sachivalaya Marg, Bhubaneswar-751001
Visit us at: http://www.bda.gov.in.

**'e' Procurement Notice**
**BID IDENTIFICATION NO. BDA/01-EE-III/2023-24**

No.530 Dated:15.5.23

**No.CAD-585:** Executive Engineer, Division No.III, BDA on behalf of Bhubaneswar Development Authority invites Percentage Rate bids in Double/Single cover system to be received in online mode only for the work detailed below.

| | | | |
|---|---|---|---|
| 1. | No. of Works | - | 04 (Four) Nos. |
| 2. | Estimated Cost | - | Approximate Rs.68.43 Lakh (Double Cover) to Rs.9.00 Lakh (Single Cover) |
| 3. | Period of Completion | - | 45 (Forty Five) Days and 30 (Thirty) Days. |
| 4. | Tender Cost | - | Rs.10,000/- and Rs.4,000/- excluding 18% GST |
| 5. | Date & Time of availability of Bid | - | 18.05.2023 to 5.00 P.M. of 29.05.2023 |
| 6. | Class of Contractor | - | 'B', 'D' & 'C' Class |

The Bidders have to participate in ONLINE bidding only. Further details can be seen from the website http://tendersodisha.gov.in. N.B. The quoted rate should be all inclusive but excluding G.S.T. applicable under works contract.

Sd./- Executive Engineer
Division No.III, BDA
OIPR-13033/11/0080/2324

GOVERNMENT OF ODISHA
**OFFICE OF THE SUPERINTENDING ENGINEER NIMAPARA IRRIGATION DIVISION, NIMAPARA**
**Notice Invitation of Tenders**
e-Procurement Notice No.01/2023-24 on dated 25.04.2023
E-mail Id: eenidnimapara@gmail.com

**No.A-146:** 1. Type of Works: Canal, River Embankment and Building Works. 2. Total No. of Works: 15 (Fifteen) Nos. 3. Estimated Cost:- Varies from Rs.1.70 to Rs.47.98 Lakhs. 4. Period of Completion: 90 days.

| Procurement Officer | Bid Identification No. | Bid Amount in Lakh Rs. | Availability & Submission of Bids online |
|---|---|---|---|
| Superintending Engineer, Nimapara Irrigation Division, Nimapara | NID-01/2023-24 to NID-15/2023-24 | Rs.1.70 to Rs.47.98 | From 17.05.2023 10.00 AM to 26.05.2023 1.00 PM |

Date of Opening of the Bid: 29.05.2023 at 11.00 A.M.
Further details can be seen from the Govt. Website www.tendersodisha.gov.in.

Sd./- Superintending Engineer, Nimapara Irrigation Division, Nimapara
OIPR-32097/11/0001/2324

No.E-111
**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, NUAPADA**
**(DISTRICT PROGRAMME MANAGEMENT UNIT, NHM)**

Letter No. 1850 dt. 15.05.2023

| Sl. No. | Name of the post | No of Vacancy | Date of Walk-In-Interview |
|---|---|---|---|
| 1 | Medical Officer, MBBS (SNCU) DHH, Nuapada | 3 | Date- 30.05.2023 Time :- (10.00 AM to 01.00 PM) Venue-O/o CDM & PHO cum DMD, Nuapada |
| 2 | Medical Officer, MBBS (UHWC), Khariar | 1 | |
| 3 | AYUSH MO MHT-RBSK (Ayurvedic {Male} - ST-1, Homoeopathy {Female} - ST-1) | 2 | |
| 4 | Pharmacist MHT-RBSK | 2 | |
| 5 | Pharmacist MHU | 2 | |
| 6 | Junior Hospital Manager | 1 | |
| 7 | Physiotherapist | 3 | |
| 8 | Psychiatric Nurse, DMHP | 1 | |

Interested In-House candidates are requested to attend the Walk-In-Interview in the prescribed format with NOC and Experience Certificate for last un-interrupted service in the same post under the Society from the concerned CDM&PHO. The application format can be obtained from the district website i,e www.nuapada.nic.in. No personal query will be entertained. Vacancies should above are provisional and subject to change. Incomplete application in any form is liable for rejection. The authority reserves the right of accepting/rejecting any application and modifies/cancels the advertisement without assigning any reason thereof.

OIPR-10055/11/0003/2324 Chief District Medical & Public Health Officer, Nuapada

**PANCHAYAT SAMITI, MALKANGIRI**
Dist-Malkangiri, PIN-764048 (ODISHA), Ph.No.06861-231219, Fax:06861-231219
E-mail:ori-bmalkangiri@nic.in.

No.1954/2023 Date:15.05.2023

**TENDER CALL NOTICE NO.01/2023-24**

**No.i-125:** The Block Development Officer, Malkangiri invites sealed tender on behalf of Governor of Odisha from registered and eligible Contractors of the State P.W.D. (R&B)/ Water Resources/ Rural Works/ M.I./ C.P.W.D. for the following works eventually to be drawn up in the P.W.D. F-2 forms in conformity with the Detailed Tender Call Notice.

| Sl. No. | Name of the G.P. | Name of the Work | Amount put to tender (in Rs.) | Cost of tender paper (in Rs.) | E.M.D. | Time for Completion of work (In Months) | Class of Contractor |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Challanguda | Construction of ACR Building at Ekalabya Model Residential School | 20,17,532/- | 6000/- | 1% of Tender Value | 04 (Four) Months | "D" & "C" |
| 2 | Malkangiri(M) | Construction of ACR Building & Toilet at Junior Science College, Malkangiri | 19,60,992/- | 6000/- | 1% of Tender Value | 04 (Four) Months | "D" & "C" |
| 3 | Malkangiri | Construction of CDPO Office Building at Malkangiri Block Premises | 21,90,274/- | 6000/- | 1% of Tender Value | 06 (Six) Months | "C" & "B" |

**1. Cost of Tender Paper:** Bids must be accompanied with amount specified towards paper cost of the work as mentioned in the table (Col.No.5) above in shape of Demand Draft (non-refundable) drawn in any Nationalized Bank/ Scheduled Bank in favour of Block Development Officer, Malkangiri.
**2. Sale of Tender Papers:** The Tender documents can be accessed in the Govt./Malkangiri website www.malkangiri.nic.in. only from 16.5.2023 to 24.5.2023. No tender paper will be sold by Panchayat Samiti, Malkangiri or any other offices. Interested bidders will have to download the bid documents from the same website only i.e. www.malkangiri.nic.in from 16.5.2023 to 24.5.2023.
**3. Date of receipt and mode of submission tender paper:** The tenderers have to submit the sealed tender papers in complete shape through Registered Post/ Speed Post only. The last date of receipt of tender paper is 24.5.2023. (1.00 PM). The undersigned will not be responsible for postal delay if any or non receipt of the paper in time. The Tenderer must superscribe the name of the work/ Project on the sealed envelope in Capital letters.
**4. Date of Opening of Tender Paper:** The tender papers shall be opened on 25.5.2023 at 11.00 AM in Panchayat Samiti, Malkangiri in presence of the Tenderers or their authorized representatives having written authorization for the purpose and the tender committee.
**N.B.: All should go through the terms and conditions of Tender Call Notice and Detail Tender Call Notice before submission of Tender Papers.**

Sd./- Block Development Officer, Malkangiri
OIPR-19024/11/0001/2324

**THE ODISHA STATE POLICE HOUSING & WELFARE CORPORATION LTD**
(A Government of Odisha Undertaking)
JANAPATH, BHOINAGAR, BHUBANESWAR - 22. Ph: 0674-2541545, 2542921, Fax: 0674-2541543
E-mail: ophwc.od@nic.in, Website: www.ophwc.nic.in

No.CAD-593 **e-Procurement Notice No: - 07 /OPHWC/ELECT/2023-24**

**INVITATION FOR BIDS (IFB)**

The Chief Engineer (OSPH&WC), Odisha, Bhubaneswar invites Percentage rate bid in single Cover system in ONLINE MODE only, for the works as detailed below:

| Sl. No. | Name of the Work | Approx. estimated Cost | EMD (to be paid online) | Cost of Bid document (to be paid online) | Class of Contractor |
|---|---|---|---|---|---|
| 1 | Up-gradation of existing Eight Passenger (G+2) Floor Lift to (G+3) Floor installed at Madhusudan Law University, Cuttack. [A] Library Building - 01 No. [B] Administrative Building -01 No. | Rs.6,96,849.50 Rs.6,96,849.50 Rs.13,93,699.00 | Rs.13,937.00 | Rs.7,080.00 | Manufacturing Company (KONE) or their Authorized Agency |
| 2 | Supply, Erection, Testing & Commissioning of 01 No. Ten Passenger, 680 Kg., (G+2) Floor Lift including all related Civil & Electrical works with Cladding works at Annex Building of ORSAC, Bhubaneswar. | Rs.14,81,961.77 | Rs.14,820.00 | Rs.7,080.00 | Manufacturing Company (OTIS/ Mitsubishi/ Schindler) or their Authorized Agency |
| 3 | Availability of Bid Documents in the website | Dt.18.05.2023 to Dt.29.05.2023 upto 5.00 P.M. | | | |
| 4 | Last date/time of Receipt of Bids in the Portal | Dt.29.05.2023 upto 5.00 P.M. | | | |
| 5 | Date/Time of Opening Bid | Dt.30.05.2023 at 11.30 A.M. | | | |
| 6 | The Bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum/corrigendum/cancellation of tender can also be seen in the said website. | | | | |

**N.B. The quoted rate should be all inclusive but excluding G.S.T. as applicable under works contract.**

Sd./- Chief Engineer
OIPR-12118/11/0012/2324

**ବୟନଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା, ଭୁବନେଶ୍ୱର - ୭୫୧୦୦୭**

**ନାମଲେଖା ବିଜ୍ଞାପନ**

No. PP-10: ଭାରତୀୟ ହସ୍ତତନ୍ତ ବୈଷୟିକ ପ୍ରତିଷ୍ଠାନ, ବରଗଡ଼ (Indian Institute of Handloom Technology, Bargarh) ଦ୍ୱାରା ପରିଚାଳିତ ତିନି ବର୍ଷ ହସ୍ତତନ୍ତ ଓ ବୟନଶିଳ୍ପ ଡିପ୍ଲୋମା ପାଠ୍ୟକ୍ରମ ୨୦୨୩-୨୪ ବର୍ଷ ପାଇଁ ରାଜ୍ୟ ନିମିତ୍ତ ଉଦ୍ଦିଷ୍ଟ ୨୨ଗୋଟି ସ୍ଥାନ ପ୍ରଥମ ବର୍ଷରେ ପ୍ରବେଶ ଏବଂ ୦୪ ଗୋଟି ସ୍ଥାନ ୨ୟ ବର୍ଷରେ ପ୍ରବେଶ (Lateral Entry) ନିମିତ୍ତ ଓଡ଼ିଶାର ଆଗ୍ରହୀ ପ୍ରାର୍ଥୀ/ପ୍ରାର୍ଥିନୀଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି।

| କ୍ର.ସଂ. | ପାଠ୍ୟକ୍ରମ ବର୍ଷ | ଖାଲି ସ୍ଥାନ: ଅଣସଂରକ୍ଷିତ (UR) | ତଫସିଲଭୁକ୍ତ ଜାତି (SC) | ତଫସିଲଭୁକ୍ତ ଉପଜାତି (ST) | ବୁଣାକାର ସମ୍ପ୍ରଦାୟ (WC) | ଆର୍ଥିକ ଦୁର୍ବଳ ଶ୍ରେଣୀ (EWS) | ମୋଟ |
|---|---|---|---|---|---|---|---|
| ୧. | ପ୍ରଥମ ବର୍ଷରେ ପ୍ରବେଶ ନିମନ୍ତେ | ୯ | ୩ | ୪ | ୪* | ୨ | ୨୨ |
| ୨. | ୨ୟ ବର୍ଷରେ ପ୍ରବେଶ ନିମନ୍ତେ (Lateral Entry) | ୨ ସମସ୍ତ ବର୍ଗ ପାଇଁ ପ୍ରଯୁଜ୍ୟ | | | | ୨ | ୪ |

* ବୁଣାକାର ସମ୍ପ୍ରଦାୟର ପ୍ରାର୍ଥୀ/ପ୍ରାର୍ଥିନୀମାନଙ୍କ ପାଇଁ ଶତକଡ଼ା ୨୦ଭାଗ ସଂରକ୍ଷଣ ବ୍ୟବସ୍ଥା ରହିଅଛି।
** ସଂରକ୍ଷିତସ୍ଥାନ ପାଇଁ ଉପଯୁକ୍ତ ପ୍ରାର୍ଥୀ/ପ୍ରାର୍ଥିନୀ ନ ମିଳିଲେ ଉକ୍ତ ଖାଲି ସ୍ଥାନ ସାଧାରଣ ବର୍ଗର ପ୍ରାର୍ଥୀଙ୍କ ମଧ୍ୟରୁ ପୂରଣ କରାଯିବ।

**ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା:**
୧. ପ୍ରଥମ ବର୍ଷରେ ପ୍ରବେଶ ନିମିତ୍ତ ପ୍ରାର୍ଥୀ/ପ୍ରାର୍ଥିନୀ ୧୦ମ କିମ୍ବା ତତ୍ତୁଲ୍ୟ ପରୀକ୍ଷାରେ ଇଂରାଜୀ ଏକ ବିଷୟ ଥାଇ ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ।
୨. ୨ୟ ବର୍ଷ (Lateral Entry)ରେ ପ୍ରବେଶ ନିମିତ୍ତ ପ୍ରାର୍ଥୀ/ପ୍ରାର୍ଥିନୀ ଦ୍ୱାଦଶ (+୨) ପରୀକ୍ଷାରେ ଗଣିତ, ଭୌତିକ ବିଜ୍ଞାନ, ରସାୟନ ବିଜ୍ଞାନ ବିଷୟ ଥାଇ କିମ୍ବା ଧନ୍ଦାମୂଳକ ପାଠ୍ୟକ୍ରମ (ବୟନ)ରେ ଦ୍ୱାଦଶ (+୨) କିମ୍ବା ଦ୍ୱାଦଶ (+୨) ସହ I.T.I. (୨ ବରଷିଆ) ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ।

**ବୟସ ସୀମା:**
ପ୍ରଥମ ବର୍ଷରେ ପ୍ରବେଶ ପାଇଁ ତା୧୬।୦୭।୨୦୨୩ରିଖ ସୁଦ୍ଧା ସାଧାରଣ ବର୍ଗର ପ୍ରାର୍ଥୀ/ପ୍ରାର୍ଥିନୀଙ୍କ ବୟସ ସୀମା ୧୫ରୁ ୨୩ବର୍ଷ ମଧ୍ୟରେ ଏବଂ ତଫସିଲ ଭୁକ୍ତ ଜାତି ଓ ତଫସିଲଭୁକ୍ତ ଜନଜାତି ବର୍ଗର ପ୍ରାର୍ଥୀ/ପ୍ରାର୍ଥିନୀଙ୍କ ବୟସ ସୀମା ୧୫ରୁ ୨୫ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ।
ଦ୍ୱିତୀୟ ବର୍ଷ (Lateral Entry)ରେ ପ୍ରବେଶ ପାଇଁ ତା୧୬।୦୭।୨୦୨୩ରିଖ ସୁଦ୍ଧା ସାଧାରଣ ବର୍ଗର ପ୍ରାର୍ଥୀ/ପ୍ରାର୍ଥିନୀଙ୍କ ବୟସ ସୀମା ୧୭ରୁ ୨୫ବର୍ଷ ମଧ୍ୟରେ ଏବଂ ତଫସିଲଭୁକ୍ତ ଜାତି ଓ ତଫସିଲଭୁକ୍ତ ଜନଜାତି ବର୍ଗର ପ୍ରାର୍ଥୀ/ପ୍ରାର୍ଥିନୀଙ୍କ ବୟସ ସୀମା ୧୭ରୁ ୨୭ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ।

ଉପରୋକ୍ତ ଯୋଗ୍ୟତା ଥିବା ଆଗ୍ରହୀ ପ୍ରାର୍ଥୀ/ପ୍ରାର୍ଥିନୀ ନିର୍ଦ୍ଧାରିତ ଫର୍ମରେ ଦରଖାସ୍ତ କରିପାରିବେ। ସମ୍ପୂର୍ଣ୍ଣ ଭାବେ ପୂରଣ ହୋଇଥିବା ଆବେଦନ ପତ୍ରକୁ ମୁଦା ଲଫାପା ଉପରେ **"APPLICATION FOR ADMISSION IN IIHT, BARGARH - ୨୦୨୩"** ଲେଖା ଥାଇ ତା୧୭।୦୬।୨୦୨୩ରିଖ ସୁଦ୍ଧା ବୟନଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା, ସତ୍ୟନଗର, ଭୁବନେଶ୍ୱର - ୭୫୧୦୦୭ରେ ପହଞ୍ଚିବା ଆବଶ୍ୟକ। ଆବେଦନ ଫର୍ମ **http://www.textiles.odisha.gov.in** ଏବଂ **http://www.iihtbargarh.org.in**ରେ ଉପଲବ୍ଧ। ଅସମ୍ପୂର୍ଣ୍ଣ ଦରଖାସ୍ତ କୌଣସିମତେ ବିଚାରକୁ ନିଆଯିବ ନାହିଁ।

ସ୍ୱା./- ସ୍ୱତନ୍ତ୍ର ଅଧିକାରୀ, ବୟନଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା
OIPR-31003/11/0003/2324

## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ:...................................
ଜନ୍ମ ତାରିଖ: ...............................


ଟିଟୁଲ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସାଇଲେଣ୍ଟ କିଲର 'ଉଚ୍ଚ ରକ୍ତଚାପ'

**ପ୍ର**ତିବର୍ଷ ମେ ୧୭ରେ ବିଶ୍ୱ ଉଚ୍ଚ ରକ୍ତଚାପ ଦିବସ ପାଳନ କରାଯାଇଥାଏ। ଏହି ଦିବସ ୱାର୍ଲ୍ଡ ହାଇପରଟେନଶନ ଲିଗ ଦ୍ୱାରା ଗଠନ ଏବଂ ଆରମ୍ଭ ହୋଇଥିଲା। ଏହି ଲିଗ୍‌ରେ ୮୫ଟି ଜାତୀୟ ଉଚ୍ଚ ରକ୍ତଚାପ ସୋସାଇଟି ଏବଂ ସଂଗଠନ ରହିଛନ୍ତି। ଉଚ୍ଚ ରକ୍ତଚାପ ସମ୍ପର୍କରେ ସଚେତନତା ବୃଦ୍ଧି ପାଇଁ ଏହି ଦିବସ ଆରମ୍ଭ କରାଯାଇଥିଲା। ଉଚ୍ଚ ରକ୍ତଚାପ ରୋଗୀଙ୍କ ମଧ୍ୟରେ ଉପଯୁକ୍ତ ଜ୍ଞାନର ଅଭାବକୁ ଦୃଷ୍ଟିରେ ରଖି ଏହି ଦିବସ ପାଳନ ପାଇଁ ଯୋଜନା ପ୍ରସ୍ତୁତି କରାଯାଇଥିଲା। ୱାର୍ଲ୍ଡ ହାଇପରଟେନଶନ ଲିଗ୍ ଏହାର ପ୍ରଥମ ବିଶ୍ୱ ଉଚ୍ଚ ରକ୍ତଚାପ ଦିବସକୁ ୧୪ ମେ ୨୦୦୫ରେ ଶୁଭାରମ୍ଭ



କରିଥିଲା। ୨୦୦୬ ପରଠାରୁ ବିଶ୍ୱ ଉଚ୍ଚ ରକ୍ତଚାପ ଦିବସ ପ୍ରତିବର୍ଷ ମେ ୧୭ରେ ପାଳିତ ହୋଇଆସୁଛି। ୨୦୦୫ରେ ଶୁଭାରମ୍ଭ ପ୍ରୟାସ ଭାବରେ ଏହାର

## ଆଜି ବିଶ୍ୱ ଉଚ୍ଚ ରକ୍ତଚାପ ଦିବସ

ଥିମ୍ 'ଉଚ୍ଚ ରକ୍ତଚାପ ବିଷୟରେ ସଚେତନତା' ଥିଲା। ସାଧାରଣତଃ କୌଣସି ଜଟିଳତା ବିନା ଉଚ୍ଚ ରକ୍ତଚାପ ୧୪୦/୯୦ ଏମ୍ଏମ୍ଏଚ୍‌ଜି ସ୍ଥିରୀକୃତ ହୋଇଥିବାବେଳେ ମଧୁମେହ ସମସ୍ୟା କିମ୍ବା କ୍ରନିକ ବୃକକ୍ ସମସ୍ୟା କ୍ଷେତ୍ରରେ ଏହା ୧୩୦/୮୦ ଏମ୍ଏମ୍ଏଚ୍‌ଜିରୁ କମ୍ ସ୍ଥିରୀକୃତ ହୋଇଥାଏ। ଆନ୍ତର୍ଜାତିକ ଏବଂ କାନାଡିଆନ ନିର୍ଦ୍ଦେଶାବଳୀ ଦ୍ୱାରା ଏହି କଟ ଅଫ ମୂଲ୍ୟଗୁଡ଼ିକ ସୁପାରିସ କରାଯାଇଛି।

ଉଚ୍ଚ ରକ୍ତଚାପ କୌଣସି ଲକ୍ଷଣ ପ୍ରକାଶ ନ କରି ଶରୀରର ବହୁ କ୍ଷତି କରିଥାଏ। ତେଣୁ ଏହାକୁ ସାଇଲେଣ୍ଟ କୁହାଯାଇଥାଏ।

ପ୍ରତିବର୍ଷ ଏହି ଦିବସ ଏକ ନିର୍ଦ୍ଦିଷ୍ଟ ଥିମ୍ ଉପରେ ପର୍ଯ୍ୟବସିତ ହୋଇଥିବାବେଳେ ଚଳିତ ୨୦୨୩ ବର୍ଷ ପାଇଁ ଏହି ଦିବସର ଥିମ୍ ହେଉଛି "ତୁମର ରକ୍ତଚାପକୁ ଠିକ ଭାବରେ ମାପ, ଏହାକୁ ନିୟନ୍ତ୍ରଣ କର, ଦୀର୍ଘଦିନ ବଞ୍ଚ"(ମେଜର ୟୋର ବ୍ଲଡ ପ୍ରେସର ଆକ୍ୟୁରେଟଲି, କଣ୍ଟ୍ରୋଲ ଇଟ, ଲିଭ ଲଙ୍ଗର)। ଏହି ଦିବସ ଉଚ୍ଚ ରକ୍ତଚାପ ସମ୍ପର୍କରେ ସାରା ବିଶ୍ୱରେ ନିମ୍ନ ସଚେତନତା ହାରର ମୁକାବିଲା କରିବା ଉପରେ ଗୁରୁତ୍ୱାରୋପ କରିଥାଏ।

# ପୃଥିବୀକୁ ଛୋଟ କରିଛି ଟେଲି ଯୋଗାଯୋଗ

## ବିଶ୍ୱ ଟେଲି ଯୋଗାଯୋଗ ଦିବସ

**ପ୍ର**ତିବର୍ଷ ମେ ୧୭ରେ ବିଶ୍ୱ ଟେଲି ଯୋଗାଯୋଗ ଦିବସ ପାଳନ କରାଯାଇଥାଏ। ୨୦୦୬ରେ ତୁର୍କୀର ଆଣ୍ଟାଲିଆରେ ଚାଲିଥିବା ଅନ୍ତର୍ଜାତୀୟ ଟେଲି କମ୍ୟୁନିକେଶନ ୟୁନିୟନର ବିଶ୍ୱସ୍ତରୀୟ ସମ୍ମିଳନୀ ଦ୍ୱାରା ପ୍ରତିବର୍ଷ ଏହି ଦିବସ ପାଳନ କରାଯିବା ଲାଗି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।ଏହି ଦିବସ ୧୭ ମେ ୧୮୬୫ରେ ଅନ୍ତର୍ଜାତୀୟ ଟେଲି ଯୋଗାଯୋଗ ୟୁନିୟନର ପ୍ରତିଷ୍ଠାକୁ ସ୍ମରଣ କରିବା ପାଇଁ ପାଳନ କରାଯାଇଥାଏ। ସାମାଜିକ ପରିବର୍ତ୍ତନ ଆଣିବାରେ ଟେକ୍ନୋଲୋଜିର ଅବଦାନକୁ ଆଲୋକିତ କରିବା ପାଇଁ ୧୯୬୯ ମସିହାରେ ମିଳିତ ଜାତିସଂଘ ଦ୍ୱାରା ବିଶ୍ୱ ଟେଲି ଯୋଗାଯୋଗ ଦିବସ ପାଳନ ଲାଗି ପ୍ରସ୍ତାବ ଅଣାଯାଇଥିଲା। ୧୯୭୩ ରେ ମାଲାଗା-ଟୋରେମୋଲିନୋସରେ ସର୍ବଦଳୀୟ ସମ୍ମିଳନୀ ଦ୍ୱାରା ଏନେଇ ପ୍ରସ୍ତାବ ଆଗତ ହୋଇଥିଲା । ଏହି ଦିବସ ପାଳନର ମୂଳ ଉଦ୍ଦେଶ୍ୟ ହେଉଛି ଇଣ୍ଟରନେଟ ଏବଂ ନୂତନ ପ୍ରଯୁକ୍ତିବିଦ୍ୟା ଦ୍ୱାରା ସାମାଜିକ ପରିବର୍ତ୍ତନ ବିଷୟରେ ବିଶ୍ୱସ୍ତରୀୟ ସଚେତନତା ସୃଷ୍ଟି କରିବା। ଏହା ମଧ୍ୟ ଡିଜିଟାଲ ବିଭାଜନକୁ ହ୍ରାସ କରିବାରେ ସାହାଯ୍ୟ କରିବାକୁ ଲକ୍ଷ୍ୟ ରଖିଥାଏ।ଇଣ୍ଟରନେଟ ତଥା ଅନ୍ୟାନ୍ୟ ସୂଚନା ଏବଂ ଯୋଗାଯୋଗ ପ୍ରଯୁକ୍ତିବିଦ୍ୟା (ଆଇସିଟି)ର ବ୍ୟବହାର ସମାଜ ତଥା ଅର୍ଥନୀତିରେ ବିକାଶ ଆଣିବା ସହିତ ଡିଜିଟାଲ ବିଭେଦ ଦୂର କରିବାର ଉପାୟ ବିଷୟରେ ସଚେତନତା ସୃଷ୍ଟି କରିବା ଲାଗି ପ୍ରୋତ୍ସାହିତ କରିଥାଏ। ୧୭



ମେ'ରେ ପ୍ରଥମ ଅନ୍ତର୍ଜାତୀୟ ଟେଲିଗ୍ରାଫ ସମ୍ମିଳନୀ ସ୍ୱାକ୍ଷର ଏବଂ ଅନ୍ତର୍ଜାତୀୟ ଟେଲି ଯୋଗାଯୋଗ ୟୁନିୟନ (ଆଇଟିୟୁ)ର ବାର୍ଷିକୀ ପାଳନକୁ ଏହି ଦିବସ ମଧ୍ୟ ସ୍ମରଣ କରିଥାଏ। ସୂଚନା ଏବଂ ଯୋଗାଯୋଗ ପ୍ରଯୁକ୍ତିର ଆବଶ୍ୟକତାକୁ ଗୁରୁତ୍ୱ ଦେଇ ବିଶ୍ୱ ଟେଲି ଯୋଗାଯୋଗ ଦିବସ ଗତ କିଛି ଦଶନ୍ଧିର ବୈଷୟିକ ସଫଳତାକୁ ବିକଶିତ କରିଛି।

ପ୍ରତିବର୍ଷ ଏହି ଦିବସ ଏକ ନୂତନ ଥିମ୍ ଉପରେ ପର୍ଯ୍ୟବସିତ ହୋଇଥାଏ। ଚଳିତ ୨୦୨୩ ବର୍ଷ ପାଇଁ ଏହି ଦିବସର ବିଷୟବସ୍ତୁ ହେଉଛି ସୂଚନା ଏବଂ ଯୋଗାଯୋଗ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ସର୍ବନିମ୍ନ ବିକଶିତ ଦେଶକୁ ସଶକ୍ତ କରିବା(ଏମ୍ପାୱାରିଂ ଦି ଲିଷ୍ଟ ଡେଭଲପଡ୍ କଣ୍ଟ୍ରିଜ୍ ଥ୍ରୁ ଇନ୍‌ଫର୍ମେଶନ ଆଣ୍ଡ କମ୍ୟୁନିକେଶନ ଟେକ୍ନୋଲୋଜିସ୍)। ଏହି ଦିବସ ପାଳନ ଅବସରରେ ଏ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବିଭିନ୍ନ କମ୍ପାନୀ ଏବଂ ଲୋକଙ୍କୁ ବିଶ୍ୱସ୍ତରୀୟ ସଂଯୋଗ ଏବଂ ଡିଜିଟାଲ ରୂପାନ୍ତରଣକୁ ପ୍ରୋତ୍ସାହିତ କରିଥାଏ।

# ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସରେ କ୍ଷୁଦ୍ର ଚର୍ମ କର୍କଟ

**ୱାଶିଂଟନ୍:** ପୋର୍ଟଲ୍ୟାଣ୍ଡର ଓରିଗନ ହେଲ୍‌ଥ ଅଫ୍ ସାଇନ୍ସ ୟୁନିଭର୍ସିଟିର ଡାକ୍ତର ଆଲେକ୍‌ଜାଣ୍ଡର ୱିଟ୍‌କୋବ୍‌ସ୍କି ଏବଂ ତାଙ୍କର କିଛି ସହଯୋଗୀ ନିକଟରେ ଏକ କ୍ଷୁଦ୍ର ଚର୍ମ କର୍କଟ ରୋଗୀ ଚିହ୍ନଟ କରି ଗିନିଜ୍ ୱାର୍ଲ୍ଡ ରେକର୍ଡ କରିଛନ୍ତି। ଏହାର ବ୍ୟାସ ହେଉଛି ୦.୬୫ ମିମି ବା ୦.୦୨୫ ଇଞ୍ଚ। ଏହି ମେଲାନୋମା ନାମକ ଚର୍ମ କର୍କଟ ଅତ୍ୟନ୍ତ ମାରାତ୍ମକ, ଯାହାକୁ ଅତ୍ୟାଧୁନିକ ଅଣଆକ୍ରମଣକାରୀ ଇମେଜିଂ ଟେକ୍ନୋଲୋଜି ବ୍ୟବହାର କରି ଦଳଗତ ଭାବେ ଏହାକୁ ଆବିଷ୍କାର କରି ମେ' ପହିଲାରେ ଏହି ରେକର୍ଡ



କରିଛନ୍ତି। କିଛି ଦିନ ତଳେ ଖ୍ରୀଷ୍ଟି ଷ୍ଟାଟ୍‌ସ ନାମ୍ନୀ ଜଣେ ମହିଳା ତାଙ୍କ ମୁହଁରେ ହୋଇଥିବା ନାଲି ଦାଗ ଦେଖାଇବାକୁ ସ୍କିନ ସ୍ପେଶାଲିଷ୍ଟଙ୍କ ପାଖକୁ ଆସିଥିଲେ। ଡାକ୍ତର ତାଙ୍କର ପରୀକ୍ଷା କରାଇବାବେଳେ ଡାହାଣ ପଟ ଗାଲରେ ଅନ୍ୟ ଏକ ଦାଗ ଦେଖିବାକୁ ପାଇଥିଲେ, ଯାହା ମଣିଷଙ୍କ ଆଖିକୁ ସହଜରେ ଦେଖାଯାଇ ନ ଥାଏ। ଏହା ଏକ ମେଲାନୋମା ବୋଲି ଜଣାପଡିଥିଲା। ଚର୍ମର ପିଗ୍‌ମେଣ୍ଟ ଉତ୍ପାଦନକାରୀ କୋଷଗୁଡ଼ିକରେ ମେଲୋନୋମା ବିକଶିତ ହୋଇଥାଏ। ଚର୍ମ କର୍କଟର ଏହା ଏକ ମାରାତ୍ମକ ରୂପ। ଏପରି ଚର୍ମ କର୍କଟ ଥିବା ରୋଗୀଙ୍କ ସଂଖ୍ୟା ବହୁତ କମ୍ ବୋଲି ଡାକ୍ତର କହିଛନ୍ତି। ଗତ କିଛି ବର୍ଷ ମଧ୍ୟରେ ଏହି ମେଲାନୋମା କର୍କଟର ମାତ୍ରା ବୃଦ୍ଧି ପାଇଛି, ଯାହାକି ସୂର୍ଯ୍ୟଙ୍କଠାରୁ ଆସୁଥିବା ଅତିବାଇଗଣି ରଶ୍ମି ପ୍ରଭାବରେ ହେଉଛି ବୋଲି ଜଣାପଡିଛି।

# ସ୍ୱାମୀଙ୍କ ନାମରେ ମିଛ କହି ଧରାପଡ଼ିଲେ ପ୍ରିୟଙ୍କା



ମୁମ୍ବାଇ

ମୋଷ୍ଟ ପପୁଲାର ଅଭିନେତ୍ରୀ ଭାବେ ପ୍ରିୟଙ୍କା ଚୋପ୍ରା ଅନ୍ୟତମ। ସେ ବଲିଉଡ୍ ପରେ ଏବେ ହଲିଉଡ୍‌ରେ କାମ କରୁଛନ୍ତି। ସେ ଏବେ ସ୍ୱାମୀ ନିକ୍ ଜୋନାସ୍‌ଙ୍କ ସହ ଫିଲ୍ମ 'ଲଭ୍ ଏଗେନ୍'ରେ ନଜରକୁ ଆସିଥିଲେ। ନିକ୍ ଜଣେ ଅଦ୍ଭୁତ ଅଭିନେତା ବୋଲି ମିଛ କହି ଲାଏ ଡିଟେକ୍ଟରରେ ସେ ଧରାପଡିଛନ୍ତି। ପ୍ରିୟଙ୍କା ନିକଟରେ ଏକ ସାକ୍ଷାତ୍‌କାର ଦେଉଥିଲେ। ସେଥିରେ ତାଙ୍କୁ ତାଙ୍କ ସ୍ୱାମୀ କେମିତି ଅଭିନେତା ବୋଲି ପଚରା ଯାଇଥିଲା। ନିକ୍ ଜଣେ ଅଦ୍ଭୁତ ଅଭିନେତା ବୋଲି ପ୍ରିୟଙ୍କା କହିଥିଲେ। କିନ୍ତୁ ସେ ଏପରି କହି ଲାଏ ଡିଟେକ୍ଟର ମେଶିନ ଜରିଆରେ ଧରାପଡିଥିଲେ। ତେବେ ନିକ୍ ଏବଂ ପ୍ରିୟଙ୍କା ୨୦୧୮ରେ ସ୍ୱାମୀ-ସ୍ତ୍ରୀ ହୋଇଥିଲେ। ସେମାନଙ୍କର ଏକ ଝିଅ ରହିଛି। ପ୍ରିୟଙ୍କା ବର୍ତ୍ତମାନ ଭଉଣୀ ପରିଣୀତି ଚୋପ୍ରାଙ୍କ ଏନ୍‌ଗେଜମେଣ୍ଟରେ ଯୋଗ ଦେବାକୁ ଆସି ଭାରତରେ ଅଛନ୍ତି। ଆଗକୁ ପ୍ରିୟଙ୍କାଙ୍କ ଏକ ଇଂଲିଶ ଫିଲ୍ମ 'ହେଡ୍‌ସ ଅଫ୍ ଷ୍ଟେଟ' ଆସିବାକୁ ଯାଉଛି।


CLASSIFIED DISPLAY ALL EDITION - B/W (Everyday)
MORE SPACE * SAME PRICE
for Booking Contact 0674-2580385 8637280816, 7894447167, 9338226625

OFFTC ENTERPRISE BHUBANESWAR
ପର୍ସନାଲ୍ ଲୋନ୍
ହୋମ୍ ଲୋନ୍
ପ୍ରପର୍ଟି ଲୋନ୍
ବିଜ୍‌ନେସ୍ ଲୋନ୍
କୃଷି, ଏଜୁକେଶନ
ସ୍ୱରୋଜଗାର
ଗୋଲ୍ଡଲୋନ୍
Time : 10 AM to 6 PM
Ph: (0674) 2916695, 2916696


# ମା'ଙ୍କୁ ଗିଫ୍ଟ କଲେ ନିଜ ଚୁଟିରେ ପ୍ରସ୍ତୁତ ୱିଗ୍

**ୱାଶିଂଟନ୍:** ମାତୃ ଦିବସରେ ଅନେକେ ତାଙ୍କ ମା'ଙ୍କୁ ଖୁସି କରାଇବା ପାଇଁ ବିଭିନ୍ନ ପ୍ରକାରର ଗିଫ୍ଟ ଦେଇଥା'ନ୍ତି। ହେଲେ ନିକଟରେ ଜଣେ ବ୍ୟକ୍ତି ମାତୃଦିବସରେ ତାଙ୍କ ମା'ଙ୍କୁ ଏପରି ଏକ ଗିଫ୍ଟ ଦେଇଛନ୍ତି, ଯେଉଁଥିପାଇଁ ସେ ଏବେ ଚର୍ଚ୍ଚାରେ। ଆମେରିକାର ଏରିଜୋନାର ବାସିନ୍ଦା ୬୧ ବର୍ଷୀୟା ମେଲାନୀ ଶାହାଙ୍କ ପିଟ୍ୟୁଟାରୀ ଗ୍ଲାଣ୍ଡରେ ଟ୍ୟୁମର ହୋଇଥିବା ଡାକ୍ତର କହିଥିଲେ। ଡାକ୍ତର ତାଙ୍କର ଏହି ଟ୍ୟୁମରର ଚିକିତ୍ସା କରିଥିଲେ ମଧ୍ୟ କିଛି ମାସ ପରେ ତାହା ପୁଣି ଥରେ ଦେଖିବାକୁ ମିଳିଥିଲା। ଡାକ୍ତର ପୁଣି ତାଙ୍କ ଚିକିତ୍ସା



କରିଥିଲେ। ଏହି ଚିକିତ୍ସାରେ ମେଲାନୀଙ୍କ ମନୋବଳ ଭାଙ୍ଗିଯିବା ସହ ତାଙ୍କ ମୁଣ୍ଡର ସମସ୍ତ ଚୁଟି ମଧ୍ୟ ଉପୁଡ଼ିଗଲା। ସେ କେବେ ବି ନିଜକୁ ରୋଗିଣା ଦେଖାଯିବାକୁ ଚାହୁଁ ନ ଥିଲେ। ମେଲାନୀଙ୍କ ୨୭ ବର୍ଷୀୟ ପୁଅ ମେଟ ଶାହାଙ୍କୁ ତାଙ୍କ ମା'ଙ୍କ ଏପରି ଅବସ୍ଥା ଦେଖି ବହୁତ କଷ୍ଟ ହେଉଥିଲା। ସେଥିପାଇଁ ସେ ଏକ ଉପାୟ ଚିନ୍ତା କଲେ। ସେ ୨ ବର୍ଷ ଧରି ନିଜ ଚୁଟି ନ କାଟି ତାକୁ ବଢ଼ାଇଲେ। ଏହି ୨ ବର୍ଷ ମଧ୍ୟରେ ତାଙ୍କ ଚୁଟି ୧୨ ଇଞ୍ଚ ବଢ଼ିଯାଇଥିଲା। ପରେ ସେ ତାଙ୍କ ଚୁଟିକୁ କାଟି ଏକ ଶୋ'ରୁମ୍‌କୁ ୱିଗ୍ ତିଆରି କରିବାକୁ ଦେଲେ। ସେହି ୱିଗ୍‌ର ମୂଲ୍ୟ ୨୦୦୦ ଡଲାର ଅର୍ଥାତ୍ ଭାରତୀୟ ମୁଦ୍ରାରେ ୧ ଲକ୍ଷ ୬୪ ହଜାର ଟଙ୍କା ହେବ। ଉକ୍ତ ୱିଗ୍‌କୁ ମେଟ୍ ତାଙ୍କ ମା'ଙ୍କୁ ଗିଫ୍ଟ ଆକାରରେ ଦେଇଥିଲେ, ଯାହା ତାଙ୍କ ମା' ମେଲାନୀଙ୍କୁ ବେଶ ପସନ୍ଦ ଆସିଥିବା ସେ କହିଥିଲେ।


# Classified Everyday
0674-2580101, 2549949


MATRIMONIAL

BRIDE WANTED

51 ବୟସ୍କ ନିଃସନ୍ତାନ Central Govt. ଚାକିରିଆ ଏକାକୀ ରହୁଥିବା Cuttack ବାସିନ୍ଦା ଖଣ୍ଡାୟତ ପୁଅଙ୍କୁ ଯେକୌଣସି ଜାତିର ଝିଅ ଦରକାର। 6371586968. D-0349


REAL ESTATE

SALE

Residential plot for sale just 3.5km from KIIT Square, Bhubaneswar, immediate registration/ possession. 8917362239. D-74859

ପିତାପଲ୍ଲୀରେ immediate ଘର କଲାଭଳି ପ୍ଲଟ୍ road, ଇଲେକ୍ଟ୍ରିସିଟି ଥାଇ ମିଳୁଛି। 8867080780. D-74858

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft. 3,60,000/-, ଛତାବର-1200sqft. 3,00,000/-, ନଖରା-300/- 6371569855. D-74863

**ISO 9001- 2015 ସ୍ୱୀକୃତିପ୍ରାପ୍ତ କମ୍ପାନୀରୁ ନିଜ ମନ ପସନ୍ଦର ପ୍ଲଟ୍ / ଘର କିଣିବା ସହିତ ମାସିକ ରୋଜଗାରର ସୁବିଧା ପାଆନ୍ତୁ । ପ୍ରଥମ ୧୦୦ ଜଣଙ୍କୁ ଅଗ୍ରାଧିକାର ଦିଆଯିବ । ନାମ ପଞ୍ଜୀକରଣ ପାଇଁ ଯୋଗାଯୋଗ କରନ୍ତୁ- 8658992600.** D-74851

ଭୁବନେଶ୍ୱର ଟଙ୍କପାଣି ସାଇ ମନ୍ଦିର ନିକଟରେ ଘରବାରି, ପାଚେରି, ପ୍ଲଟ୍ ପଟ୍ଟାରୁ ବିକ୍ରିହେବ। 9827119799. D-0372

ଭୁବନେଶ୍ୱର ଉପକଣ୍ଠ ଭିଙ୍ଗାରପୁର ଛକ ପାଖରେ immediate ଘର କଲାଭଳି SC plot ବିକ୍ରିହେବ। Mob: 9439832956. D-0289

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**ଭୁବନେଶ୍ୱର ତ୍ରିଶୁଳିଆରେ** Boundary, Road **ଥାଇ** General plot-1800/-, SC-1350/- 7855818549. D-74861


CONSTRUCTION

**Construct your Dream home @460/-, 850/-, 1325/- with Branded material along with 3years AMC & 50 years structural guarantee. We provide plan approval, Boring, Bank Estimate. Contact: The Engineering Pvt., Ltd. 9439856856.** D-0206

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

**Construction and renovation your house with expert Technical team having best quality and pricing we provide BDA plan approval, boring, Bank estimate- SNV Construction Pvt. Ltd., 9439295469.** D-74862




Dubai Family Group Tour package from Bhubaneswar. Duration- 5 nights/ 6days, on 20th September 2023. TourIn Travels. com, Ravi Talkies, Bhubaneswar. Contact No.- 8637265524, 9861484950. D-74705




All types hair cutting, body massage by smart lady, one hour 700/-. room services available. Contact. 9668767100. D-71372

**Relax, Refresh your body, Mind at Saikrupa Spa with best therapies. 8984068077.** D-0282

All types hair cutting, body massage by smart lady, one hour 700/-, room services available. Contact. 9937833100. D-71373

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-74680

Full body massage in homely atmosphere in all therapy. Mob: 8114881641. D-73430

All types of professional body massage by professional therapy. Contact: 9556924059, 7077933109. D-0332

**Full Body Massage by Experience Therapist @999 Only- 9078484455. (Bhubaneswar).** D-0339

Newly open SPA Positively health benefit with expert. Contact: 7749976301. D-74543

Newly open health benefits SPA special offer @ 799 Jaydev Vihar. 8018429809. D-75106

**ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।**

AFFIDAVIT

I, Basanti Kumari Satapathy, W/o Gupta Prasad Satapathy resident of Flat No. 508, Block E, Falcon Residency, KIIT Square, Patia, Bhubaneswar-751024 declare by this affidavit No.- CF-98, dated 15.05.23, that now onwards, I shall be known as Basanti Satapathy for all future purposes. D-0371

By virtue of an affidavit sworn on 15.09.2018 before the Notary Public, Bhawanipatna I have changed my surname from "ATTEE" to "DASH". Henceforth I shall be known as Biswamohini Dash instead of Biswamohini Attee for all purposes. D-0370

ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ



**ସ୍ୱର୍ଗତ ଆଦିତ୍ୟ ନାରାୟଣ ମହାପାତ୍ର**
(୧୫୬୪/୧୭୦୧, ଲେନ୍ ୯, ଏରୋଡ୍ରୋମ ଏରିଆ, ଭୁବନେଶ୍ୱର (ex SBI)
ଏକାଦଶାହ: ୧୮।୦୫।୨୦୨୩ ଗୁରୁବାର
ଆବିର୍ଭାବ: ୦୧।୦୮।୧୯୫୩
ତିରୋଧାନ: ୦୮।୦୫।୨୦୨୩
ସ୍ୱର୍ଗତ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶିପ୍ରା, ସନ୍ଦୀପ, ଅଧୀପ ଓ ଅନ୍ୟ ଶୋକାକୁଳ ପରିବାରବର୍ଗ ।
ଧ-୦୩୬୯


## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୧୭ ମେ, ୨୦୨୩



# ଡାଲୁଅ ଧାନରେ ପୋକ ଦମନ



ଡାଲୁଅ ଧାନରେ ମାଟିଆଗୁଣ୍ଡି ପୋକ ଆକ୍ରମଣ ଆରମ୍ଭ ହେବା ଆଶଙ୍କା ଅଛି। ଏହି ପୋକ ଲାଗିଲେ, ଜଳସେଚନର ସୁବିଧା ଥିଲେ ପ୍ରଥମେ ଜମିରୁ ପାଣି ନିଷ୍କାସନ କରନ୍ତୁ। ୧/୨ ଦିନ ଶୁଖିଲା ରଖି ପୁଣି ବିଲରେ ପାଣି ମଡ଼ାନ୍ତୁ। ବୁଦା ପ୍ରତି ୮-୧୦ଟି ପୋକ ଲାଗିଲେ ଫେନୋବୁକାର୍ବ ୧ ଲିଟର ପାଣିରେ ୧ ମି.ଲି. ବା ଇଥୋଫେନ୍‌ପ୍ରକ୍ସ ୧ ଲିଟର ପାଣିରେ ୧ ମି.ଲି. ହିସାବରେ ଗୋଳାଇ ଗଛ ମୂଳକୁ ସିଞ୍ଚନ କରନ୍ତୁ। ପ୍ରତି ବୁଦାରେ ୨/୩ ଟି ବୁଢ଼ିଆଣୀ ଥିଲେ ପୋକ ସଂଖ୍ୟା ବଢ଼ିବ ନାହିଁ। ଡାଲୁଅଧାନରେ କାଣ୍ଡବିନ୍ଧା ପୋକ ଆକ୍ରମଣ କରିଥିଲେ ହେକ୍ଟର ପ୍ରତି ୧୨.୫ କି.ଗ୍ରା. ଫିପ୍ରୋନିଲ୍ ୦.୩ ଦାନାଦାର ବିଷ ଅଳ୍ପ ପାଣି ରଖି ପ୍ରୟୋଗ କରନ୍ତୁ ଅଥବା ୧ ଲି. କ୍ଲୋରୋପାଇରିଫସ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ପତ୍ରପୋଡ଼ା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୫୦ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ ଓ ୧୨୫୦ ଗ୍ରାମ୍ ବ୍ଲାଇଟକ୍ସ-୫୦ ସେଚିତ ଗୁଣ୍ଡକୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ଓ ମହିଷା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୩୦୦ ଗ୍ରାମ୍ ବା ୦.୬ ଗ୍ରାମ୍ ଟ୍ରାଇସାଇକ୍ଲାଜୋଲ୍‌କୁ ପ୍ରତି ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

# ଲାଭଜନକ ପନିପରିବା

ଖରାଟିଆ ପନିପରିବା ଯଥା କଲରା, କାକୁଡ଼ି, ଜହ୍ନି, ଖଡ଼ା, ଲେଉଟିଆ, ପୋଇ, ଲାଉ, କଖାରୁ, ବାଇଗଣ, ଲଙ୍କା, ଭେଣ୍ଡି, ଛଚିନ୍ଦ୍ରା ଆଦି ଲାଭଜନକ ଭାବେ ଚାଷ କରାଯାଇ ପାରିବ। ପୋଟଳ ଗଛର ଫୁଲ କଷି ହୋଇ ଫଳ ହେଉଥିଲେ ଗଛ ମୂଳରୁ ଘାସ ବାଛି ଖୁସାଇ ସାର ପ୍ରୟୋଗ କରନ୍ତୁ। କଖାରୁ ଜାତୀୟ ଫସଲରେ ଫଳ ଖସି ପଡୁଥିଲେ ପ୍ଲାନୋଫିକ୍ସ ୧ ମି.ଲି./୪.୫ ଲିଟର ପାଣିରେ ମିଶାଇ ଉପରଓଳି ସ୍ପ୍ରେ କରନ୍ତୁ। ଫଳମାଛି ଲାଗିଲେ ମଧ କଖାରୁ ଜାତୀୟ ଫସଲର ଫଳ ଝଡ଼ିଯାଇଥାଏ ଓ ଏହା ବଙ୍କା ମଧ ହୋଇଯାଇଥାଏ। ମାଟିର ବତର ଦେଖି ପାଣି ଦିଅନ୍ତୁ। ତରଭୁଜ ପାଚିଲା ପରେ ତୋଳନ୍ତୁ। ସମ୍ପୂର୍ଣ୍ଣ ପାକଳ ହୋଇ ନ ଥିଲେ ତରଭୁଜ ଫାଟିବାକୁ କମ୍ କରିବା ପାଇଁ ବୋରାକ୍ସ ୨ ଗ୍ରାମ୍/୧ ଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ।



# କିପରି କାଟିବେ ଆଖୁ ଗଛ

ଆଖୁଗଛକୁ ଏକ ଧାରୁଆ କଟୁରିରେ ଭୂମି ପତନ ସହ ସମାନକରି କାଟି ଦିଅନ୍ତୁ। ଏହାଦ୍ୱାରା ଆଖୁ ଅଧିକ ଅମଳ ହୁଏ ଓ ମୂଳିଆଖୁ ଫସଲ ପାଇଁ ଅଧିକ ଗଜା ବାହାରେ। ଜମିରୁ ଶୁଖିଲା ପତ୍ର ବାହାରକରି କ୍ଷେତକୁ ପରିଷ୍କାର କରନ୍ତୁ। ଆଖୁ ଫସଲରେ ଶର୍କରା ଅଂଶ ହାତ ବ୍ରିକ୍ସ ମିଟର ସାହାଯ୍ୟରେ ପରୀକ୍ଷା କରନ୍ତୁ। ବ୍ରିକ୍ସ ମୂଲ୍ୟାଙ୍କ ୧୮ରୁ ଅଧିକ ହେଲେ ଆଖୁ କାଟିବା ଭଲ। ଆଖୁ ଖୁଣ୍ଟାକୁ କାଟି ସାରିବା ପରେ ଚାଷକରି ହୁଡ଼ା ଭାଙ୍ଗି ଦିଅନ୍ତୁ। ଏହା ଫଳରେ ପୁରୁଣା ଚେର ନଷ୍ଟହୋଇ ନୂଆ ଚେର ବାହାରି ଆଖୁକୁ ବଢ଼ିବାରେ ସାହାଯ୍ୟ କରିଥାଏ। ମାଟି ଅଧିକ ଶୁଖିଯାଇଥିଲେ ଜଳସେଚନ କରି ହୁଡ଼ା ଭାଙ୍ଗନ୍ତୁ। ହୁଡ଼ା ଭାଙ୍ଗିଲା ସମୟରେ ହେକ୍ଟର ପ୍ରତି ୧୦ ଟନ୍ ଗୋବରଖତ, ୧୦୦ କି.ଗ୍ରା. ଯବକ୍ଷାରଜାନ, ୧୦୦ କି.ଗ୍ରା. ଫସ୍‌ଫରସ୍ ଓ ୩୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ। ଧାଡ଼ି ମଧରେ ଗଛକୁ ଗଛ ବ୍ୟବଧାନ ୪୫ ସେ.ମି.ରୁ ଅଧିକ ଥିଲେ ହୁଡ଼ା ଭାଙ୍ଗିବାର ୩୦ ଦିନ ମଧରେ ଖୁଆ ଦିଅନ୍ତୁ। ଏଥିପାଇଁ ଆଖୁ କାଟିବା ବେଳେ ଆଖୁଖଣ୍ଡକୁ ତଳି ପକାନ୍ତୁ କିମ୍ବା ପଲିଥିନ୍ ମୁଣିରେ ଚାରା ଉତାରନ୍ତୁ। ମୂଳି ଆଖୁକୁ ରୋଗମୁକ୍ତ କରିବା ପାଇଁ ଖୁଣ୍ଟା କାଟିବା ପରେ ହେକ୍ଟର ପ୍ରତି ୧୦୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ବା ଥାୟୋଫାନେଟ୍ ମିଥାଇଲ(୭୫୦ ଗ୍ରାମ୍) ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।



# ମିଲେଟ୍ ଚାଷ



ପ୍ର. ସୁବୋଧ କୁମାର ସାହୁ

କ୍ଷୁଦ୍ର ମଞ୍ଜି ଥିବା ମିଲେଟ୍ ଏକ ଶସ୍ୟଜାତୀୟ ଫସଲ। ଏହା ଚାଉଳ ଓ ଗହମ ପରି ଆମର ମୁଖ୍ୟ ଖାଦ୍ୟ ନ ହେଲେ ବି ମିଲେଟ୍‌ର ଖାଦ୍ୟ ଉପଯୋଗିତା ଯଥେଷ୍ଟ ଅଛି। ଚାଉଳ ଓ ଗହମରେ ପୁଷ୍ଟିସାର ଏବଂ ଚିନି ଜାତୀୟ ପଦାର୍ଥ କିଛି ମାତ୍ରାରେ ଅଧିକ ଥିବାବେଳେ ମିଲେଟ୍‌ରେ ପୁଷ୍ଟିସାର, ଜୀବସାର, କ୍ୟାଲ୍‌ସିୟମ, ମ୍ୟାଗ୍ନେସିୟମ, ଲୌହ ଏବଂ ଅନ୍ୟାନ୍ୟ ଧାତବ ଲବଣ ଭରପୂର ଥାଏ। ମିଲେଟ୍‌ରେ ଶ୍ୱେତସାର ଏବଂ ସ୍ନେହସାର ଜାତୀୟ ଖାଦ୍ୟ କମ୍ ପରିମାଣରେ ଥାଏ। ତେଣୁ ଏଥିରୁ ପ୍ରସ୍ତୁତ ଖାଦ୍ୟ ମଧୁମେହ, ରକ୍ତହୀନତା ଏବଂ ହୃଦ୍‌ରୋଗୀଙ୍କ ପାଇଁ ବିଶେଷ ଉପଯୋଗୀ। ମିଲେଟ୍ ମଞ୍ଜିରୁ ପ୍ରସ୍ତୁତ ଛତୁଆରୁ ଚକୁଳି, ରୁଟି, ଜାଉ, ଖିରି, ବିସ୍କୁଟ୍ ଆଦି ଉପାଦେୟ ଖାଦ୍ୟ ପ୍ରସ୍ତୁତ ହୋଇପାରେ। ପୂର୍ବରୁ ମିଲେଟ୍ ଆଦିବାସୀଙ୍କର ମୁଖ୍ୟ ଖାଦ୍ୟ ଥିଲା। ତେଣୁ ଏହାର ଚାଷ କେବଳ ଆଦିବାସୀଙ୍କ ମଧ୍ୟରେ ସୀମିତ ଥିଲା। ପ୍ରାୟ ୬ ହଜାର ବର୍ଷ ପୂର୍ବେ ଆଫ୍ରିକା ମହାଦେଶରେ ମିଲେଟ୍ ଚାଷ ହେଉଥିବାର ସୂଚନା ମିଳେ। ବର୍ତ୍ତମାନ ମିଲେଟ୍ ଭାରତ ସମେତ ଏସିଆ ମହାଦେଶର ଅନ୍ୟାନ୍ୟ ଦେଶ ଯଥା ଚାଇନା, ଜାପାନ, କୋରିଆ, ମାଲେସିଆ, ଇଣ୍ଡୋନେସିଆ ଏବଂ କାମ୍ବୋଡିଆରେ ବହୁଳ ଭାବେ ଚାଷ କରାଯାଉଛି। ବିଶ୍ୱ ଖାଦ୍ୟ ସଂସ୍ଥା ମିଲେଟ୍‌ର ଗୁରୁତ୍ୱ ବୁଝି ଚଳିତ ବର୍ଷକୁ 'ଅନ୍ତର୍ଜାତୀୟ ମିଲେଟ୍ ବର୍ଷ' ଭାବେ ପାଳନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ମିଲେଟ୍ ଫସଲ ଢିପ,ପାହାଡ଼ିଆ, ଗଡ଼ାଣି କିସମ ଜମିର ଅନୁର୍ବର ମାଟିରେ ମଧ୍ୟ ବଢ଼ିପାରେ। ଅନ୍ୟ ଶସ୍ୟଜାତୀୟ ଫସଲ ଅଧିକ ଯତ୍ନଶୀଳ ଏବଂ ବ୍ୟୟବହୁଳ ହୋଇଥିବା ବେଳେ ମିଲେଟ୍ କମ୍ ଯତ୍ନ ଏବଂ ସ୍ୱଳ୍ପ ବ୍ୟୟରେ ଚାଷ ହୋଇପାରେ। ଏହା ମରୁଡ଼ି ଏବଂ ଉତ୍ତାପ ସହନୀୟ ଫସଲ। ମିଲେଟ୍ ଚାଷ ପାଇଁ ଜଳର ଆବଶ୍ୟକତା ଯଥେଷ୍ଟ କମ୍। ମାଟିର କୌଶିକ ଜଳରେ ଏହି ଫସଲ ବଢ଼ିପାରେ। ଉକ୍ତ ଫସଲ ଠିଆ ପାଣି ଆବଶ୍ୟକ କରେ ନାହିଁ। ଝାଉଁଳା ସୂଚକ ଜଳ ଥିବା ମାଟିରେ ଉକ୍ତ ଫସଲ ଏକ ସପ୍ତାହ ପର୍ଯ୍ୟନ୍ତ ସତେଜ ହୋଇ

> "ମିଲେଟ୍ ଫସଲ ଢିପ,ପାହାଡ଼ିଆ, ଗଡ଼ାଣି କିସମ ଜମିର ଅନୁର୍ବର ମାଟିରେ ମଧ୍ୟ ବଢ଼ିପାରେ। ଅନ୍ୟ ଶସ୍ୟଜାତୀୟ ଫସଲ ଅଧିକ ଯତ୍ନଶୀଳ ଏବଂ ବ୍ୟୟବହୁଳ ହୋଇଥିବା ବେଳେ ମିଲେଟ୍ କମ୍ ଯତ୍ନ ଏବଂ ସ୍ୱଳ୍ପ ବ୍ୟୟରେ ଚାଷ ହୋଇପାରେ। ଏହା ମରୁଡ଼ି ଏବଂ ଉତ୍ତାପ ସହନୀୟ ଫସଲ। ମିଲେଟ୍ ଚାଷ ପାଇଁ ଜଳର ଆବଶ୍ୟକତା ଯଥେଷ୍ଟ କମ୍। ମାଟିର କୌଶିକ ଜଳରେ ଏହି ଫସଲ ବଢ଼ିପାରେ। ଉକ୍ତ ଫସଲ ଠିଆ ପାଣି ଆବଶ୍ୟକ କରେନାହିଁ। ଝାଉଁଳା ସୂଚକ ଜଳ ଥିବା ମାଟିରେ ଉକ୍ତ ଫସଲ ଏକ ସପ୍ତାହ ପର୍ଯ୍ୟନ୍ତ ସତେଜ ହୋଇ ବଞ୍ଚିପାରେ।"

ବଞ୍ଚିପାରେ। ମାଟିର ଜୈବ ଅଙ୍ଗାର ସ୍ୱଳ୍ପରୁ ମଧ୍ୟମ ରହିଲେ ସୁଦ୍ଧା ଅମଳରେ ବାଧା ଆସେ ନାହିଁ। ଉକ୍ତ ଫସଲର ଚେର ସୂକ୍ଷ୍ମରୁ ସୂକ୍ଷ୍ମତର ଏବଂ ସ୍ୱଳ୍ପ ଗୋଛାଳିଆ। ତେଣୁ ମାଟିର କର୍ଦ୍ଦମରେ ଥିବା ସୂକ୍ଷ୍ମ ଛିଦ୍ର ମଧ୍ୟସ୍ଥ ଜଳ ଅଣୁକୁ ସହଜରେ ଶୋଷିପାରେ। ଅମ୍ଳ କିସମ ମାଟିରେ ଥିବା ଅଦ୍ରବଣୀୟ ଫସ୍‌ଫରସ୍‌କୁ ସୂକ୍ଷ୍ମ ଚେର ଦ୍ୱାରା ଗ୍ରହଣ କରିପାରେ। କାରଣ ଚେରରୁ ସୃଷ୍ଟି ଜୈବ ଅମ୍ଳ ମାଟିରେ ବାନ୍ଧି ହୋଇଥିବା ଫସ୍‌ଫରସ୍‌କୁ ଦ୍ରବୀଭୂତକରି ଫସଲର ଆବଶ୍ୟକତା ମେଣ୍ଟାଏ। ମିଲେଟ୍ ଫସଲ ପାଇଁ ପୋଟାସିୟମର ଆବଶ୍ୟକତା କମ୍। କେବଳ ମିଲେଟ୍‌ର ସରୁ କାଣ୍ଡକୁ ସିଧା ଧରି ରଖିବା ପାଇଁ ଯେଉଁ ପଟାସିୟମ ଦରକାର ତାହା ଚେରର ଆୟନ ବିନିମୟ ଦ୍ୱାରା ମାଟିରୁ ସଂଗ୍ରହ କରିଥାଏ। ତେଣୁ ମିଲେଟ୍ ଫସଲ ସ୍ୱଳ୍ପ ପରିମାଣର ଯବକ୍ଷାରଯାନ, ଫସ୍‌ଫରସ୍ ଏବଂ ପଟାସିୟମ ଖାଦ୍ୟ ଆବଶ୍ୟକ କରିଥାଏ।

ମିଲେଟ୍‌ର ଏକ ବିଶେଷତ୍ୱ ହେଉଛି ଯେ ଉକ୍ତ ଫସଲରେ ଅନ୍ୟ ଫସଲ ପରି ରୋଗ ଓ ପୋକ ଆକ୍ରମଣର ପ୍ରାଦୁର୍ଭାବ ନାହିଁ। ତେଣୁ ରୋଗ ପୋକ ନିରୋଧକ କୌଣସି ରାସାୟନିକ ଦ୍ରବ୍ୟ ପ୍ରୟୋଗର ଆବଶ୍ୟକ ହୁଏ ନାହିଁ। କେବଳ ଅନାବନା ଘାସ ମିଲେଟ୍ ଫସଲର ପ୍ରଧାନ ଶତ୍ରୁ। ଘାସ, ମାଟିରେ ଥିବା ଜଳ ଏବଂ ଖାଦ୍ୟ ପାଇଁ ପ୍ରତିଯୋଗିତା କରି ଫସଲର ଅମଳ କମାଇଦିଏ। ତେଣୁ ଅନାବନା ଘାସକୁ ନିୟନ୍ତ୍ରଣ ପାଇଁ ରାସାୟନିକ ଦ୍ରବ୍ୟ ପ୍ରୟୋଗ ନ କରି ଯାନ୍ତ୍ରିକ କିମ୍ବା ନିଜ ଶ୍ରମ ଦ୍ୱାରା ନିୟନ୍ତ୍ରଣ କରିହେବ। ସବୁ ଦୃଷ୍ଟିରୁ ମିଲେଟ୍ ଏକ ପ୍ରଦୂଷଣବିହୀନ ଶସ୍ୟ।



ମିଲେଟ୍‌ର ଅନ୍ୟ ଏକ ବିଶେଷତ୍ୱ ଏହି ଯେ, ଉକ୍ତ ଫସଲ ତା'ର ଖାଦ୍ୟ ପ୍ରସ୍ତୁତି ପାଇଁ ପ୍ରଚୁର ସୂର୍ଯ୍ୟାଲୋକ ଏବଂ ଅଙ୍ଗାରକାମ୍ଳ ବାଷ୍ପ ଆବଶ୍ୟକ କରେ। ସୂର୍ଯ୍ୟାଲୋକ ପାଇ ମିଲେଟ୍‌ର ପତ୍ରରୁ ନିର୍ଗତ ଅଙ୍ଗାରକାମ୍ଳ ବାଷ୍ପକୁ ମିଲେଟ୍ ବାୟୁମଣ୍ଡଳକୁ ନ ଛାଡ଼ି ପତ୍ରରେ ଶୋଷି ହୋଇ ରହି ଶେତ୍ୱସାର ଖାଦ୍ୟ ପ୍ରସ୍ତୁତ କରେ। ତେଣୁ ମିଲେଟ୍ ଶ୍ୱେତସାର ଖାଦ୍ୟ ପ୍ରସ୍ତୁତିରେ ଅଧିକ ସକ୍ରିୟ। ସେଥିପାଇଁ ମିଲେଟ୍‌କୁ ଇଂରାଜୀରେ 'C-4' ଉଦ୍ଭିଦ କୁହାଯାଏ। ମିଲେଟ୍ ୨ ପ୍ରକାର। ପ୍ରଥମଟିକୁ ଗୁରୁ ବା ମୁଖ୍ୟ ମିଲେଟ୍ କୁହାଯାଏ। ମାଣ୍ଡିଆ, ବାଜରା ଏବଂ ଜୁଆର ମୁଖ୍ୟ ମିଲେଟ୍। କାରଣ ଏହାର ଦାନାଗୁଡ଼ିକ ସ୍ୱଳ୍ପ ବଡ଼ ଅର୍ଥାତ୍ ଏକ ହଜାର ଦାନାର ଓଜନ ପ୍ରାୟ ୩ ରୁ ୫ ଗ୍ରାମ ଏବଂ ଏହା ୯୦ ରୁ ୧୦୦ ଦିନରେ ଅମଳ ହୋଇ ଏକର ପ୍ରତି ୫ରୁ ୬ କୁଇଣ୍ଟାଲ ମିଳେ। ଦ୍ୱିତୀୟ ପ୍ରକାର ମିଲେଟ୍‌କୁ ଲଘୁ ବା କ୍ଷୁଦ୍ର ମିଲେଟ୍ କୁହାଯାଏ। ସୁଆଁ, ଗୁଲଜି, କୋଦ, କାଙ୍ଗୁ ଏବଂ ଚିନା ଆଦି କ୍ଷୁଦ୍ର ମିଲେଟ୍। ଏକ ହଜାର କ୍ଷୁଦ୍ର ମିଲେଟ୍‌ର ଓଜନ ପ୍ରାୟ ୧ ରୁ ୨ ଗ୍ରାମ। କ୍ଷୁଦ୍ର ମିଲେଟ୍ ୮୦ ରୁ ୯୦ଦିନ ମଧ୍ୟରେ ଅମଳ ଉପଯୋଗୀ ହୋଇ ଏକରକୁ ୨ ରୁ ୩ କୁଇଣ୍ଟାଲ ମଞ୍ଜି ମିଳେ।

ବର୍ତ୍ତମାନ ମିଲେଟ୍ ଉପରେ ଗବେଷଣାକରି କୃଷି ବୈଜ୍ଞାନିକମାନେ କେତେକ ଉନ୍ନତ ତଥା ଅଧିକ ଅମଳକ୍ଷମ ବିହନ କିସମ ନିର୍ଣ୍ଣୟ କରିଛନ୍ତି। ଉକ୍ତ ମିଲେଟ୍ ସ୍ଥାନୀୟ କିସମ ଠାରୁ ଅଧିକ ଖାଦ୍ୟସାର ଆବଶ୍ୟକ କରି ଅଧିକ ଅମଳ ଦିଅନ୍ତି। ଉନ୍ନତ କିସମ ମିଲେଟ୍ ରାସାୟନିକ ସାର ପ୍ରୟୋଗ ଦ୍ୱାରା ସ୍ଥାନୀୟ କିସମଠାରୁ ଦେଢ଼ରୁ ୨ ଗୁଣ ଅମଳ ଦିଅନ୍ତି। ଏକର ପ୍ରତି ମୁଖ୍ୟ ମିଲେଟ୍ ୪ ରୁ ୫ କି.ଗ୍ରା. ବିହନ ଆବଶ୍ୟକ ହେଉଥିବା ବେଳେ କ୍ଷୁଦ୍ର ମିଲେଟ୍ ଏକର ପ୍ରତି ୨ ରୁ ୩ କି.ଗ୍ରା. ବିହନ ଆବଶ୍ୟକ ହୁଏ। ମୁଖ୍ୟ ମିଲେଟ୍ ଏକର ପ୍ରତି ୬ ରୁ ୮ କିଲୋ ଯବକ୍ଷାରଯାନ ସହ ଫସ୍‌ଫେଟ୍ ଓ ଏବଂ ପଟାସ୍ ପ୍ରତ୍ୟେକରୁ ୩ ରୁ ୪ କି.ଗ୍ରା. ଆବଶ୍ୟକ। ଉନ୍ନତ କିସମ କ୍ଷୁଦ୍ର ମିଲେଟ୍ ଏକର ପ୍ରତି ୪ କିଲୋ ଯବକ୍ଷାରଯାନ ସହିତ ଫସ୍‌ଫେଟ୍ ଓ ପଟାସ୍ ପ୍ରତ୍ୟେକରୁ ୨ କିଲୋ ଆବଶ୍ୟକ କରନ୍ତି। ରାସାୟନିକ ସାର ସହ ଏକରକୁ ୨ ଟନ୍ ଗୋବର ଖତ ପ୍ରୟୋଗକଲେ ମିଲେଟ୍ ଅମଳ ବଢ଼ିବା ସହ ମାଟିର ଉର୍ବରତା ଅକ୍ଷୁଣ୍ଣ ରହେ। ମିଲେଟ୍ ଏକ ଉପାଦେୟ ଏବଂ ସ୍ୱାସ୍ଥ୍ୟକର ଖାଦ୍ୟ। ଉକ୍ତ ଫସଲ ଚାଷର ଅଧିକ ପ୍ରଚାର ଏବଂ ପ୍ରସାର ପାଇଁ କୃଷି ବିଭାଗ ସଚେତନ ହେବା ଆବଶ୍ୟକ।

-ଶୈଳଶ୍ରୀବିହାର, ଭୁବନେଶ୍ୱର
ମୋ : ୯୫୫୬୨୬୨୦୮୫

# ଖରାଦିନେ ପ୍ରାଣୀଙ୍କ ଯତ୍ନ

(ଶେଷ ଭାଗ)

**ଗୋ-୨ଖାଦ୍ୟର ବିକଳ୍ପ ବ୍ୟବସ୍ଥା :** ସାଧାରଣତଃ ଖରାଦିନେ ସବୁଜ ଘାସର ଘୋର ଅଭାବ ଦେଖାଦେଇଥାଏ। ତେଣୁ ଖରାଦିନେ ସବୁଜ ଘାସ ବଦଳରେ ଗଛପତ୍ର ଯଥା - ସୁବାବୁଲ ପତ୍ର, ଅଶ୍ୱତ୍ଥ ପତ୍ର, ବରପତ୍ର, ଆମ୍ବପତ୍ର, ଶାଳପତ୍ର, ଅଗସ୍ତି ପତ୍ର ଆଦି ଗୋରୁଙ୍କୁ ଖୁଆଇବା ଦରକାର। ଗାଁ ଗହଳିରେ ମୁଖ୍ୟତଃ ନଡ଼ା ବା କୁଟା ବେଶି ପରିମାଣରେ ଗୋରୁଙ୍କୁ ଖାଇବାକୁ ଦେଇଥାନ୍ତି। ଏହି ନଡ଼ାରେ ଖାଦ୍ୟସାର ପ୍ରାୟ ନାହିଁ କହିଲେ ଚଳେ। ଏହା ଗୋରୁଙ୍କ ପେଟ ଭରିବାରେ ଏବଂ ଝାଡ଼ା କରିବାରେ ସହାୟକ ହୋଇଥାଏ। ପେଟ ଭରିବା ଯୋଗୁ ଗୋରୁ ସନ୍ତୋଷ ଲାଭ କରନ୍ତି। ନଡ଼ାରେ ଅକ୍‌ଜାଲିକ୍ ଏସିଡ୍ ନାମକ ଏକ ଅମ୍ଳ ନିହିତ ଥାଏ। ଏହି ନଡ଼ା ଗୋରୁ ଖାଇଲେ ଅକ୍‌ଜାଲିକ୍ ଅମ୍ଳ ଶରୀରର କ୍ୟାଲସିୟମ୍ ସହ ମିଶି କ୍ୟାଲ୍‌ସିୟମ ଅକ୍‌ଜାଲେଟ୍‌ରେ ପରିଣତ ହୋଇ ଝାଡ଼ାରେ ମିଶି ବାହାରି ଆସେ। ଫଳରେ ଗୋରୁଙ୍କ ହାଡ଼ ଦୁର୍ବଳ ହୋଇ ହାଡୁଆ ପରି ଦିଶେ। ତେଣୁ ଏହି ଅମ୍ଳରୁ ମୁକ୍ତି ପାଇବା ପାଇଁ ଏବଂ ନଡ଼ାର ଗୁଣାତ୍ମକ ମାନ ବଢ଼ାଇବା ପାଇଁ ୨ପ୍ରକାର ପଦ୍ଧତି ଅବଲମ୍ବନ କରାଯାଇଥାଏ।

**ପ୍ରଥମ ପ୍ରଣାଳୀ :** ନଡ଼ାକୁ ୩-୫ ସେ.ମି. ଲମ୍ବର ଚାଫ କଟରରେ କିମ୍ବା ଦାଆରେ କାଟି ୩-୪ ଘଣ୍ଟା ପାଣିରେ ଭିଜାଇ ରଖିବା ତା'ପରେ ଏହି ନଡ଼ାଖଣ୍ଡକୁ ପାଣିରୁ ଛାଣି ୨ ଘଣ୍ଟା ଶୁଖାଇବା ପରେ ମକାଗୁଣ୍ଡ, ମିନେରାଲ୍ ମିକ୍ସ କରି ଲୁଣ, କୁଣ୍ଡା ଆଦି ମିଶାଇ ଗୋରୁଙ୍କୁ ଖାଇବାକୁ ଦିଅନ୍ତୁ। ନଡ଼ା ଧୋଇ ଖାଇବାକୁ ଦେବା ଦ୍ୱାରା ନଡ଼ାରେ ଥିବା ଅକ୍‌ଜାଲିକ୍ ଅମ୍ଳର ପ୍ରଭାବ କମିଯାଇଥାଏ ଏବଂ ନଡ଼ା ସୁସ୍ୱାଦୁ, ନରମ ଓ ପୁଷ୍ଟିଯୁକ୍ତ ହୋଇଥାଏ। ଏହାଦ୍ୱାରା ମଧ ନଡ଼ାରୁ ମଇଳା ବାହାରିଯାଇଥାଏ ଏବଂ ଅଧିକ ନଷ୍ଟ ହୋଇ ନ ଥାଏ।

**ଦ୍ୱିତୀୟ ପ୍ରଣାଳୀ :** ୟୁରିଆ ମିଶ୍ରିତ ନଡ଼ା ଉପଚାର। ଏଥିଲାଗି ଆବଶ୍ୟକ ଉପାଦାନଗୁଡିକ ହେଲା-ୟୁରିଆ ସାର ୪କି.ଗ୍ରା., ପରିଷ୍କାର ପାଣି ୫୦ଲିଟର, ନଡ଼ା କଟାଖଣ୍ଡ ୪-୫ସେ.ମି.ଲମ୍ବ ୧୦୦କେ.ଜି.। **ପ୍ରସ୍ତୁତି :** ପ୍ରଥମେ ଏକ ପାତ୍ରରେ ୪କି.ଗ୍ରା. ୟୁରିଆକୁ ୫୦ଲିଟର ପରିଷ୍କାର ପାଣିରେ ଦ୍ରବୀଭୂତ କରନ୍ତୁ। ବିଛାଯାଇଥିବା କଟା ନଡ଼ାଖଣ୍ଡର ପ୍ରଥମସ୍ତର ଉପରେ ଏହି ଦ୍ରବଣ ହାତ କିମ୍ବା ସ୍ପ୍ରିଙ୍କଲର ସାହାଯ୍ୟରେ ସମାନ ଭାବେ ସିଞ୍ଚନ କରନ୍ତୁ। ପୁଣି ଏକ ସ୍ତର କଟା ନଡ଼ାଖଣ୍ଡ ଏହା ଉପରେ ରଖାଯାଇ ପୂର୍ବଭଳି ୟୁରିଆ ଦ୍ରବଣ ସିଞ୍ଚନ କରାଯାଉ। ଗୋଡ଼ ଦ୍ୱାରା ନଡ଼ା ଗଦାରୁ ବାୟୁ ନିଷ୍କାସନ ପାଇଁ ଭଲ ଭାବେ ଚାପିକରି ଗଦା କରାଯାଏ। ଏହିପରି ଗଦାଟି ସମ୍ପୂର୍ଣ୍ଣ ହୋଇଗଲେ କଳାରଙ୍ଗର ପଲିଥିନ କିମ୍ବା ଉପଚାର ନ ହୋଇଥିବା ଛଣ କିମ୍ବା ତାର୍ପୋଲିନ ଦ୍ୱାରା ନଡ଼ାଗଦାକୁ ସମ୍ପୂର୍ଣ୍ଣ ଆବଦ୍ଧକରି ରଖାଯାଇଥାଏ ଏବଂ ସମସ୍ତ ରାସାୟନିକ ପ୍ରକ୍ରିୟା ପ୍ରଘଟ ପାଇଁ ୩ ସପ୍ତାହ ପର୍ଯ୍ୟନ୍ତ ଅତି କମ୍‌ରେ ରଖାଯାଇଥାଏ।

**ସାବଧାନତା :** ମଇଳା ବା ଅପରିଷ୍କାର ପାଣି ବ୍ୟବହାର କରନ୍ତୁ ନାହିଁ। ୟୁରିଆ ଦ୍ରବଣକୁ ସମାନ ଭାବେ ସବୁଆଡ଼େ ଛିଞ୍ଚନ୍ତୁ। ନଡ଼ାଗଦା ତିଆରି ସମୟରେ ଭଲଭାବେ ଗୋଡ଼ରେ ଚାପି ରଖନ୍ତୁ। ୟୁରିଆ ମିଶ୍ରିତ ନଡ଼ାଗଦାକୁ ଭଲଭାବେ କଳାରଙ୍ଗ ପଲିଥିନ ଦ୍ୱାରା ନିବୁଜ ରଖନ୍ତୁ।

ତିନି ସପ୍ତାହ ପରେ ସମସ୍ତ ରାସାୟନିକ ପ୍ରକ୍ରିୟା ଘଟିବା ପରେ ନଡ଼ାର ଗୁଣାତ୍ମକମାନ ବଢ଼ିଯାଏ ଏବଂ ଏହା ଖାଦ୍ୟ ଉପଯୋଗୀ ଓ ସୁସ୍ୱାଦୁ ହୋଇଥାଏ। ପ୍ରକୃତରେ ଖାଲି ନଡ଼ାରେ ସୁପଚ୍ୟ ପୁଷ୍ଟିସାର ୦% ଏବଂ ସମୁଦାୟ ସୁପଚ୍ୟ ଶ୍ୱେତସାର ୩୮-୪୦% ଥାଏ। କିନ୍ତୁ ୟୁରିଆ ଉପଚାର ନଡ଼ାରେ ଏହା ବୃଦ୍ଧି ପାଇଁ ସୁପଚ୍ୟ ପୁଷ୍ଟିସାର ୪-୫% ଏବଂ ସମୁଦାୟ ଶ୍ୱେତସାର ୫୦% ହୋଇଥାଏ ବେଳେବେଳେ ଚାଷୀଭାଇମାନେ କ୍ଷୀର ଉତ୍ପାଦନ ବୃଦ୍ଧି ଲାଗି ଭୁଲ୍‌ବଶତଃ କେବଳ ୟୁରିଆ ମିଶ୍ରିତ ପାଣି ବା ଦ୍ରବଣକୁ ସିଧାସଳଖ ଗାଈଙ୍କୁ ପିଆଇଥାନ୍ତି। ଫଳରେ ଗାଈ କ୍ଷୀର ଦେବା ପରିବର୍ତ୍ତେ ମୃତ୍ୟୁବରଣ କରନ୍ତି। ତେଣୁ ଚାଷୀଭାଇମାନେ ଏଥିପ୍ରତି ସତର୍କତା ଅବଲମ୍ବନ କରିବା ଜରୁରୀ। ତେଣୁ ବାଛୁରୀକୁ ୟୁରିଆ ଉପଚାର ନଡ଼ା ଖୁଆନ୍ତୁ ନାହିଁ।



-ଡା. ବୀରକିଶୋର ପରିଡ଼ା
ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ଜଗତ୍‌ସିଂହପୁର
ମୋ : ୯୪୩୭୬୦୭୩୧୨

# ଅଦା-ହଳଦୀ ଚାଷ



ବର୍ତ୍ତମାନ ଅଦା ଓ ହଳଦୀ ଲଗାଇବାର ପ୍ରକୃଷ୍ଟ ସମୟ। ଜମି ପ୍ରସ୍ତୁତ କରି ଅଦା ଓ ହଳଦୀ ଲଗାନ୍ତୁ। ଅନୁମୋଦିତ ଅଦା କିସମଗୁଡ଼ିକ ହେଲା - ସୁରଭି, ସୁରୁଚି, ସୁପ୍ରଭା। ଅଦା ଚାଷ ପାଇଁ ହେକ୍ଟର ପ୍ରତି ୧୫ ରୁ ୧୭ କୁଇଣ୍ଟାଲ ବିହନ ଆବଶ୍ୟକ। ଅନୁମୋଦିତ ହଳଦୀ କିସମ ଗୁଡ଼ିକ ହେଲା - ରଙ୍ଗ, ସୁରମା, ରୋମା, ରଶ୍ମି। ହଳଦୀ ଚାଷ ପାଇଁ ହେକ୍ଟର ପ୍ରତି ୨୦ ରୁ ୨୫ କୁଇଣ୍ଟାଲ ବିହନ ଦରକାର। ୧ ମିଟର ଚଉଡ଼ା ଓ ୩୦ ସେ.ମି. ଉଚ୍ଚର ପଟାଳିମାନ କରାଯାଏ। ଦୁଇ ପଟାଳି ମଝିରେ ୩୦ ସେ.ମି. ଜଳ ନିଷ୍କାସନ ନାଳୀ ରହିବା ଆବଶ୍ୟକ। ଉଚ୍ଚ ପଟାଳି ଯୋଗୁ ଜଳ ନିଷ୍କାସନ ସୁବିଧାଜନକ ହୋଇଥାଏ। ଅତିକମ୍‌ରେ ଲଗାଇବାର ୧ ମାସ ପୂର୍ବରୁ ଜମି ପ୍ରସ୍ତୁତ କରି ଖରା ପଡ଼ିବାକୁ ଦିଆଯିବା ଉଚିତ। ପଟାଳି ଉପରେ ଧାଡ଼ିକୁ ଧାଡ଼ି ୨୫ ସେ.ମି. ଓ ଗଛକୁ ଗଛ ୧୫ ରୁ ୨୦ ସେ.ମି. ବ୍ୟବଧାନ ରଖନ୍ତୁ। ୫ ସେ.ମି. ଗଭୀର ସିଆରରେ ଆବଶ୍ୟକ ଖତ ଓ ସାର ଦିଅନ୍ତୁ। ଶୁଖିଲା ପାଳ ବା ନଡ଼ା ବା ପତ୍ର ଦ୍ୱାରା ପଟାଳିକୁ ଆଚ୍ଛାଦନ (ମଲ୍‌ଚିଂ) କରି ଜଳସେଚନ କରନ୍ତୁ। ଅଦା ଲଗାଇବା ବେଳେ ହେକ୍ଟର ପ୍ରତି ୧୦୦ କି.ଗ୍ରା. ଫସ୍‌ଫରସ୍ ଓ ୫୦ କି.ଗ୍ରା. ପଟାସ୍ ସାର ଆବଶ୍ୟକ। ହଳଦୀ ଲଗାଇବା ବେଳେ ହେକ୍ଟର ପ୍ରତି ୩୦ କି.ଗ୍ରା. ଫସ୍‌ଫରସ୍ ଓ ୬୦ କି.ଗ୍ରା. ପଟାସ୍ ସାର ଆବଶ୍ୟକ।

# ଭେଣ୍ଡି ମଞ୍ଜି ଲଗାଇବା ପରେ...



ଭେଣ୍ଡି ମଞ୍ଜି (ବିହନ) ଲଗାଇବାର ୩ ସପ୍ତାହ ପରେ କୋଡ଼ାଖୁସା କରି ବଳକା ଅର୍ଦ୍ଧେକ ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ। ପ୍ରତି ୫-୬ ଦିନ ବ୍ୟବଧାନରେ ଭେଣ୍ଡି କିଆରିରେ ମାଟିର ବତର ଦେଖି ଜଳସେଚନ କରନ୍ତୁ। ପ୍ରତି ଦୁଇ ଦିନରେ ଥରେ ଫଳ ତୋଳିବା ଭଲ। ନଚେତ୍ ଗଛର ବୃଦ୍ଧି, ଫଳ ଧାରଣ ଶକ୍ତି କମିଯାଇଥାଏ ଓ ଫଳ ବୁଢ଼ା ହୋଇଯାଇଥାଏ। ଥଣ୍ଡା ଲାଗି ଭେଣ୍ଡି ଗଛ ଛୋଟ ହୋଇଥାଏ। ଆଉ ଫଳ ମଧ ଛୋଟ ହୋଇଥାଏ। ଅଧିକ ଅମଳକ୍ଷମ ଭେଣ୍ଡି ପାଇଁ ଭଲ କିସମ ଚୟନ କରନ୍ତୁ। ସେଗୁଡ଼ିକ ମଧରେ ରହିଛି- ଆର୍କା ଅନାମିକା, ଆର୍କା ଅଭୟ, ଉତ୍କଳ ଗୌରବ, ପୁଷା-ଏ-୪। ଭେଣ୍ଡି ଗଛ ମଧରେ ଦୂରତା ୬୦ ସେ.ମି.x ୩୦ ସେ.ମି. ରହିବା ଦରକାର। ହେକ୍ଟର ପିଛା ୨୦ ଗାଡ଼ି ଭଲ ଶଢ଼ା ଗୋବର ଖତ ସହିତ ୮୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ। ଭେଣ୍ଡି ଚାଷ ପାଇଁ ଜମି ପ୍ରସ୍ତୁତ ସମୟରେ ଯବକ୍ଷାରଜାନ ସାରର ଅର୍ଦ୍ଧେକ ଏବଂ ସମସ୍ତ ଫସ୍‌ଫରସ୍ ଏବଂ ପଟାସ୍ ସାର ମୂଳସାର ହିସାବରେ ସବୁତକ ଖତ ସହ ପ୍ରୟୋଗ କରନ୍ତୁ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ବୁଧବାର, ମେ ୧୭/୨୦୨୩ Bhubaneswar, Wednesday, May 17/ 2023

# ଶ୍ରାବଣୀ, ଅମିୟ ଦ୍ରୁତତମ

## ଫେଡେରେଶନ କପ୍ ଆଥଲେଟିକ୍ସ ମିଟ୍

**ଭୁବନେଶ୍ୱର, ୧୬।୫ (କ୍ରୀଡ଼ା ପ୍ରତିନିଧି)**

ଝାଡ଼ଖଣ୍ଡର ରାଞ୍ଚିଠାରେ ଚାଲିଥିବା ୨୬ତମ ଜାତୀୟ ଫେଡେରେଶନ କପ୍ ସିନିୟର ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ଓଡ଼ିଶାର ଶ୍ରାବଣୀ ନନ୍ଦ ଓ ଅମିୟ ମଲିକ ଯଥାକ୍ରମେ ଦ୍ରୁତତମ ଧାବିକା ଓ ଧାବକ ବିବେଚିତ ହୋଇଛନ୍ତି। ଅଲିମ୍ପିଆନ୍ ତଥା ତାରକା ଆଥଲେଟ୍ ଶ୍ରାବଣୀ ମଙ୍ଗଳବାର ଅନୁଷ୍ଠିତ ମହିଳା ୧୦୦ ମିଟର ଇଭେଣ୍ଟରେ ୧୧.୫୭ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ତାମିଲନାଡୁର ଅର୍ଚ୍ଚନା ସୁସେନ୍ଦ୍ରନ (୧୧.୬୬) ରୌପ୍ୟ ଓ କର୍ଣ୍ଣାଟକର ଧନେଶ୍ୱରୀ ଏ.ଟି. (୧୧.୬୯) ବ୍ରୋଞ୍ଜ ପଦକ ପାଇଛନ୍ତି। ସେହିପରି ପୁରୁଷ ୧୦୦ ମିଟରକୁ ତାରକା ଆଥଲେଟ୍ ଅମିୟ ୧୦.୩୧ ସେକେଣ୍ଡରେ ଅତିକ୍ରମ କରି ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ତାମିଲନାଡୁର ଇଲାକ୍କିୟାଡସନ କେ. ୧୦.୩୭ ସେକେଣ୍ଡ ସମୟ ନେଇ ରୌପ୍ୟ ପଦକ ପାଇଥିବାବେଳେ ଓଡ଼ିଶାର ଡି.ଏମ. ଜୟରାମ ୧୦.୪୦ ସେକେଣ୍ଡ ସହ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଓଡ଼ିଶା ହାଇଜମ୍ପର ସ୍ୱାଧୀନ କୁମାର ମାଝି ବ୍ରୋଞ୍ଜ ପଦକ ପାଇଛନ୍ତି। ସେ ୨.୧୧ ମିଟର ଡେଇଁ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ମହାରାଷ୍ଟ୍ରର ଅନିଲ କୁଶାରେ (୨.୨୨) ସ୍ୱର୍ଣ୍ଣ ଏବଂ କର୍ଣ୍ଣାଟକର ଜେସେ ସନ୍ଦେଶ (୨.୧୮ ମିଟର) ରୌପ୍ୟ ପଦକ ପାଇଛନ୍ତି। ୪ ଦିନ ବିଶିଷ୍ଟ ଏହି ପ୍ରତିଯୋଗିତା ୧୮ ତାରିଖରେ ଶେଷ ହେବ। ଏହା ଏସିଆନ ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ଟ୍ରାଏଲ୍‌ଭାବେ ବିବେଚିତ ହେଉଛି। ଏସିଆନ ଆଥଲେଟିକ୍ସ ଚାମ୍ପିୟନଶିପ୍ ଚଳିତବର୍ଷ ଜୁଲାଇ ୧୨ରୁ ୧୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।


ଅମିୟ ମଲିକ


ଶ୍ରାବଣୀ ନନ୍ଦ


କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହେବାକୁ ଯାଉଥିବା ହିରୋ ଇଣ୍ଟରକଣ୍ଟିନେଣ୍ଟାଲ କପ୍ ଫୁଟବଲ ଟୁର୍ନାମେଣ୍ଟ ପୂର୍ବରୁ ମଙ୍ଗଳବାର ଖେଲୋ ଇଣ୍ଡିଆ ସେଣ୍ଟର ଅଫ୍ ଏକ୍ସିଲେନ୍ସଠାରେ ଭାରତୀୟ ଖେଳାଳିଙ୍କ ଫିଟ୍‌ନେସ ଟେଷ୍ଟ।

## ଓଡ଼ିଶାରୁ ଭାଗନେବେ ୪

**ଭୁବନେଶ୍ୱର, ୧୬।୫ (କ୍ରୀଡ଼ା ପ୍ରତିନିଧି):** ବାହାରିନ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ମାନାମାଠାରେ ବୁଧବାରଠାରୁ ଆରମ୍ଭ ହେବାକୁ ଯାଉଛି। ୨୩ ତାରିଖ ପର୍ଯ୍ୟନ୍ତ ଚାଲିବାକୁଥିବା ଏହି ପ୍ରତିଯୋଗିତାରେ ଓଡ଼ିଶାର ୪ ଖେଳାଳି ଅଂଶଗ୍ରହଣ କରିବେ। ସେମାନେ ହେଲେ ପ୍ରମୋଦ ଭଗତ, ଦୀପ୍ ରଞ୍ଜନ ବିଷୋୟୀ, ଦିଲେଶ୍ୱର ରାଓ ଓ ଶୁଭ୍ରଜିତ ମହାରଣା। ଏହି ଖେଳାଳିଙ୍କ ସହ ସହ କୋଚ୍‌ଭାବେ ଶିବ ପ୍ରସାଦ ଦାସ ବାହାରନ ଯାତ୍ରା କରିଛନ୍ତି।

## ଅର୍ଜୁନ୍ ତେନ୍ଦୁଲକର୍‌ଙ୍କୁ କୁକୁର କାମୁଡିଲା

**ଲକ୍ଷ୍ନୌ, ୧୬।୫:** ମୁମ୍ବାଇ ଇଣ୍ଡିଆନ୍ସ ପକ୍ଷରୁ ଖେଳୁଥିବା ଅର୍ଜୁନ ତେନ୍ଦୁଲକରଙ୍କୁ କାମୁଡିଛି ବୁଲା କୁକୁର। ୨୩ ବର୍ଷୀୟ ଅର୍ଜୁନଙ୍କ ବାମ ହାତକୁ କୁକୁର କାମୁଡିଥିବା ଜଣା ପଡିଛି। ମଙ୍ଗଳବାର ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ବିପକ୍ଷ ମ୍ୟାଚର ଗୋଟିଏ ଦିନ ପୂର୍ବରୁ ଏହି ଘଟଣା ଘଟିଥିଲା। ମୁମ୍ବାଇ ଇଣ୍ଡିଆନ୍ସ ପକ୍ଷରୁ ଏହି ଘଟଣା ସମ୍ପର୍କରେ କୌଣସି ସୂଚନା ଦିଆ ନ ଥିବା ବେଳେ ଲକ୍ଷ୍ନୌ ପକ୍ଷରୁ ଏହାର ସୋସିଆଲ ମିଡିଆ ହ୍ୟାଣ୍ଡେଲରେ ଏକ ଭିଡିଓ ପୋଷ୍ଟ କରାଯାଇଥିଲା। ଉଭୟ ଦଳର ଖେଳାଳି ଅଭ୍ୟାସ କରୁଥିବା ବେଳେ ଯୁଧବୀର ସିଂ ଚରକ ଆସି ଅର୍ଜୁନଙ୍କୁ ଆଲିଙ୍ଗନ କରିଥିଲେ। କେମିତି ଅଛନ୍ତି ବୋଲି ପଚାରିବାରୁ ହାତକୁ କୁକୁର କାମୁଡିଥିବା ଅର୍ଜୁନ୍ କହିଥିଲେ। ଉଲ୍ଲେଖଯୋଗ୍ୟ ଯେ, ସଚିନ୍ ତେନ୍ଦୁଲକରଙ୍କ ପୁଅ ଅର୍ଜୁନ ଚଳିତ ସିଜନରେ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ପ୍ରଥମ ଥର ଖେଳିଥିଲେ।

# ବିଜୟ ସହ ତୃତୀୟ ସ୍ଥାନରେ ଲକ୍ଷ୍ନୌ

**ଲକ୍ଷ୍ନୌ, ୧୬।୫**

ଆଇପିଏଲ୍‌ର ୬୩ ତମ ମ୍ୟାଚରେ ମୁମ୍ବାଇ ଇଣ୍ଡିଆନ୍ସକୁ ୫ ରନରେ ପରାସ୍ତ କରି ପଏଣ୍ଟ ଟେବୁଲର ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଛି ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଲକ୍ଷ୍ନୌ ୩ ଉଇକେଟ ହରାଇ ୧୭୭ ରନ୍ କରିଥିଲା। ଜବାବରେ ମୁମ୍ବାଇ ୨୦ ଓଭରରେ ୫ ଉଇକେଟ ହରାଇ ୧୭୨ ରନ୍ କରିଥିଲା।

ମଙ୍ଗଳବାର କାଇଲ ମେୟର୍ସଙ୍କ ସ୍ଥାନରେ ଦୀପକ ହୁଡା ଇନିଂସ ଓପନ କରିଥିଲେ। ଖରାପ ଫର୍ମ ଜାରି ରଖି ହୁଡା ମାତ୍ର ୫ ରନ୍ କରିଥିଲେ। ୩୫ ରନ୍‌ରେ ୩ ଉଇକେଟ ପତନ ପରେ ଅଧିନାୟକ କୃନାଲ ପାଣ୍ଡ୍ୟାଙ୍କ ସହିତ ମୋର୍ଚ୍ଚା ସମ୍ଭାଳିଥିଲେ ମାର୍କସ୍ ଷ୍ଟୋଇନିସ୍। ଉଭୟ ଖେଳାଳି ୮୨ ରନ୍ ଯୋଡି ଦଳକୁ ସଙ୍କଟରୁ ବାହାର କରିଥିଲେ। କୃନାଲ ୪୨ ବଲ୍ ଖେଳି ୪୯ ରନ୍ କରି ରିଟାୟର୍ଡ ହର୍ଟ ହୋଇଥିଲେ। ଶେଷ ଯାଏ ଅପରାଜିତ ଥିବା ଷ୍ଟୋଇନିସ୍ ୮୯ ରନ୍ କରିଥିଲେ। ଏହି ଇନିଂସରେ ୪ ଚୌକା ଓ ୮ ଛକା ସାମିଲ ଥିଲା। ନିକୋଲାସ୍ ପୁରନ୍(୮)ଙ୍କ ସହିତ ସେ ଅନ୍ତିମ ୩ ଓଭରରୁ ୫୪ ରନ୍ ସଂଗ୍ରହ କରିଥିଲେ। ମୁମ୍ବାଇ ପକ୍ଷରୁ ଜାସନ୍ ବେହେଣ୍ଡ୍ରଫ୍ ୨ ଓ ପୀୟୁଷ ଚାୱଲା ୧ ଉଇକେଟ ନେଇଥିଲେ। ୧୭୭ ରନ୍ ଲକ୍ଷ୍ୟର ପିଛା କରି ମୁମ୍ବାଇ ପ୍ରଥମ ଉଇକେଟରେ ୯୦ ରନ୍ ଯୋଡିଥିଲା। ଇଶାନ୍ କିଶନ ୫୯ ଓ ରୋହିତ ଶର୍ମା ୩୭ ରନ୍ କରିଥିଲେ। ଉଭୟ ଖେଳାଳିଙ୍କୁ ରବି ବିଷ୍ଣୋଇ ଆଉଟ କରିଥିଲେ। ପରବର୍ତ୍ତୀ ବ୍ୟାଟର ସୂର୍ଯ୍ୟକୁମାର ଯାଦବ(୭), ନେହାଲ ୱଧେରା(୧୬) ଓ ବିଷ୍ଣୁ ବିନୋଦ(୨) ଶସ୍ତାରେ ନିଜ ଉଇକେଟ ହରାଇଥିଲେ। ଶେଷ ଆଡକୁ ଟିମ୍ ଡେଭିଡ୍ ୧୯ ବଲ୍‌ରୁ ୩୨ ରନ୍ କରିଥିଲେ। ଶେଷ ଓଭରରୁ ବିଜୟ ପାଇଁ ୧୧ ରନ୍ ଆବଶ୍ୟକ ଥିବା ବେଳେ ମୋହସିନ ଖାନ୍ ମାତ୍ର ୫ ରନ୍ ବ୍ୟୟ କରିଥିଲେ। ଲକ୍ଷ୍ନୌ ପକ୍ଷରୁ ରବି ବିଷ୍ଣୋଇ ଓ ଯଶ ଠାକୁର ଦୁଇଟି ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ୨୦ ଓଭରରେ ୧୭୭/୩ ( ମାର୍କସ୍ ଷ୍ଟୋଇନିସ-୮୯*, କୃନାଲ ପାଣ୍ଡ୍ୟା-୪୯(ରିଟାୟର୍ଡ), କ୍ୱିଣ୍ଟନ୍ ଡି କକ୍-୧୬, ଜାସନ୍ ବେହେଣ୍ଡ୍ରଫ୍-୨/୩୦, ପୀୟୁଷ ଚାୱଲା-୧/୨୬)। ମୁମ୍ବାଇ ଇଣ୍ଡିଆନ୍ସ ୨୦ ଓଭରରେ ୧୭୨/୫ (ଇଶାନ କିଶନ୍-୫୯, ରୋହିତ ଶର୍ମା-୩୭, ଟିମ ଡେଭିଡ୍-୩୨*, ରବି ବିଷ୍ଣୋଇ-୨/୨୬, ଯଶ ଠାକୁର-୨/୪୦, ମୋହସିନ୍‌ଖାନ୍-୧/୨୬)।

### ଆଇପିଏଲ୍ କାର୍ଯ୍ୟସୂଚୀ

(ଆଜିର ମ୍ୟାଚ୍)

**ପଞ୍ଜାବ ବନାମ ଦିଲ୍ଲୀ**

ସ୍ଥାନ: ଧର୍ମଶାଳା, ସମୟ: ରାତି ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ


ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ମାର୍କସ ଷ୍ଟୋଇନିସ।

### ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ଗୁଜରାଟ ଟାଇଟନ୍ସ | ୧୩ | ୯ | ୪ | ୧୮ | +୦.୮୩୫ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୩ | ୭ | ୫ | ୧୫ | +୦.୩୮୧ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୧୩ | ୭ | ୫ | ୧୫ | +୦.୩୦୪ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୩ | ୭ | ୬ | ୧୪ | -୦.୧୨୮ |
| ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୧୨ | ୬ | ୬ | ୧୨ | +୦.୧୬୬ |
| ରାଜସ୍ଥାନ ରୟାଲ୍ସ | ୧୩ | ୬ | ୭ | ୧୨ | +୦.୧୪୦ |
| କୋଲ୍‌କାତା ନାଇଟ ରାଇଡର୍ସ | ୧୩ | ୬ | ୭ | ୧୨ | -୦.୨୫୬ |
| ପଞ୍ଜାବ କିଙ୍ଗ୍ସ | ୧୨ | ୬ | ୬ | ୧୨ | -୦.୨୬୮ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧୨ | ୪ | ୮ | ୮ | -୦.୫୭୫ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୨ | ୪ | ୮ | ୮ | -୦.୬୮୬ |

ବି.ଦ୍ର.: ମେ’ ୩ରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ଓ ଚେନ୍ନାଇ ସୁପର କିଙ୍ଗ୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ବର୍ଷା ଯୋଗୁ ବାଧାପ୍ରାପ୍ତ ହୋଇ ଫଳାଫଳ ବିହୀନ ରହିଥିଲା।

## ଆନ୍ତଃ ଏନ୍‌ସିଏ ଟୁର୍ନାମେଣ୍ଟ ପାଇଁ ଓଡ଼ିଶାରୁ ୨ ମନୋନୀତ

**ଭୁବନେଶ୍ୱର, ୧୬।୫ (କ୍ରୀଡ଼ା ପ୍ରତିନିଧି):** ୧୯ ବର୍ଷରୁ କମ୍ ଆନ୍ତଃ ଏନ୍‌ସିଏ (ଜାତୀୟ କ୍ରିକେଟ ଏକାଡେମୀ) କ୍ରିକେଟ ଟୁର୍ନାମେଣ୍ଟ ପାଇଁ ଓଡ଼ିଶାର ୨ ଖେଳାଳି ମନୋନୀତ ହୋଇଛନ୍ତି। ସେମାନେ ହେଲେ ଶ୍ରେୟାଂଶ ଭରଦ୍ୱାଜ ଓ ଆଶୀର୍ବାଦ ସ୍ୱାଇଁ। ଶ୍ରେୟାଂଶ ଟିମ୍-ବି ଓ ଆଶୀର୍ବାଦ ଟିମ୍-ସି’ରୁ ଖେଳିବେ। ଗୁଜରାଟର ଅହମଦାବାଦଠାରେ ଆନ୍ତଃ ଏନ୍‌ସିଏ ପ୍ରତିଯୋଗିତା ମେ’ ୨୮ରୁ ଜୁନ୍ ୭ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଓଡ଼ିଶା କ୍ରିକେଟ ଆସୋସିଏଶନ ସଭାପତି ପ୍ରଣବ ପ୍ରକାଶ ଦାସ, ସମ୍ପାଦକ ସଞ୍ଜୟ ବେହେରା ଓ ଅନ୍ୟ କର୍ମକର୍ତ୍ତାମାନେ ମନୋନୀତ ଦୁଇ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।


ଶ୍ରେୟାଂଶ


ଆଶୀର୍ବାଦ




### ଆଇଡବ୍ଲ୍ୟୁଏଲ୍ କ୍ୱାର୍ଟର ଫାଇନାଲ

## ଓଡ଼ିଶା ଏଫ୍‌ସି, ସ୍ପୋର୍ଟ୍ସ ଓଡ଼ିଶା ପରାସ୍ତ

**ଭୁବନେଶ୍ୱର, ୧୬।୫ (କ୍ରୀଡ଼ା ପ୍ରତିନିଧି):** ଇଣ୍ଡିଆନ ଓମେନ୍ସ ଲିଗ୍ (ଆଇଡବ୍ଲ୍ୟୁଏଲ୍)ର ଲିଗ୍ ପର୍ଯ୍ୟାୟରେ ଚମତ୍କାର ପ୍ରଦର୍ଶନ କରି ଆସିଥିବା ଓଡ଼ିଶା ଏଫ୍‌ସି ଓ ସ୍ପୋର୍ଟ୍ସ ଓଡ଼ିଶା ଦଳ ମଙ୍ଗଳବାର କ୍ୱାର୍ଟର ଫାଇନାଲରେ କିନ୍ତୁ ହାରି ଯାଇଛନ୍ତି। ଶାହିବାଗ୍ ପୋଲିସ ଷ୍ଟାଡିୟମରେ ଅନୁଷ୍ଠିତ ସଂଘର୍ଷପୂର୍ଣ୍ଣ ମ୍ୟାଚରେ ସ୍ପୋର୍ଟ୍ସ ଓଡ଼ିଶା ପେନାଲ୍ଟି ଶୁଟ୍ ଆଉଟ ୨-୪ ଗୋଲରେ ଇଷ୍ଟର୍ନ ସ୍ପୋର୍ଟିଂ ନିକଟରୁ ହାରି ଯାଇଛି। ନିର୍ଦ୍ଧାରିତ ସମୟରେ ମ୍ୟାଚ ୧-୧ ଗୋଲରେ ବରାବର ରହିଥିଲା। ଇଷ୍ଟର୍ନ ସ୍ପୋର୍ଟିଂ ୟୁନିୟନ ପକ୍ଷରୁ ଲିହିଙ୍ଗଡିକିମ୍ ୬୭ତମ ମିନିଟରେ ଗୋଲ ଦେଇ ଦଳକୁ ଅଗ୍ରଣୀ କରିଥିଲେ। ସ୍ପୋର୍ଟ୍ସ ଓଡ଼ିଶାର ମନୀଷା ନାୟକ ୮୦ତମ ମିନିଟରେ ଗୋଲ ପରିଶୋଧ କରି ଦେଇଥିଲେ। ଫଳାଫଳ ନିର୍ଣ୍ଣୟ ପାଇଁ ଶୁଟ୍‌ଆଉଟର ସହାୟତା ନିଆ ଯାଇଥିଲା। ଟ୍ରାନ୍ସଷ୍ଟାଡିଆରେ ଆୟୋଜିତ ଅନ୍ୟ ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଓଡ଼ିଶା ଏଫ୍‌ସି ପେନାଲ୍ଟି ଶୁଟ୍‌ଆଉଟ ୦-୩ ଗୋଲରେ ଗୋକୁଲମ୍ କେରଳ ଏଫ୍‌ସିଠାରୁ ହାରିଛି। ଏହି ମ୍ୟାଚଟି ମଧ୍ୟ ନିର୍ଦ୍ଧାରିତ ସମୟରେ ୧-୧ ସ୍ଥିତିରେ ଶେଷ ହେବାରୁ ପେନାଲ୍ଟି ଶୁଟ୍‌ଆଉଟ ପଦ୍ଧତି ଅବଲମ୍ବନ କରାଯାଇଥିଲା। ମ୍ୟାଚର ୨ୟ ମିନିଟରେ ଏନ୍ ବାଲାଦେବୀ ଗୋଲଦେଇ ଓଡ଼ିଶା ଏଫ୍‌ସିକୁ ଆଗୁଆ କରିଥିବାବେଳେ ପ୍ରଥମାର୍ଦ୍ଧର ଇଞ୍ଜୁରି ଟାଇମ୍ ଅର୍ଥାତ୍ ୪୫+୪ ମିନିଟରେ ଗୋକୁଲମ୍‌ର ଆସେମ ରୋଜା ଦେବୀ ଗୋଲ ପରିଶୋଧ କରି ଦେଇଥିଲେ।

# ରାମଲୀଳା ମଇଦାନରେ ଧାରଣା ଦେବେ ରେସ୍‌ଲର

**ମୁମ୍ବାଇ, ୧୬।୫(ପି.ଟି.)**

ଭାରତୀୟ ରେସ୍‌ଲିଂ ଫେଡେରେଶନ (ଡବ୍ଲ୍ୟୁଏଫ୍‌ଆଇ) ସଭାପତି ବ୍ରିଜ୍‌ଭୂଷଣ ଶରଣ ସିଂଙ୍କ ଯୌନ ନିର୍ଯାତନା ମାମଲାରେ ନୂଆଦିଲ୍ଲୀର ଯନ୍ତରମନ୍ତରଠାରେ ଖେଳାଳିଙ୍କ ଆନ୍ଦୋଳନ ୨୪ ଦିନରେ ପହଞ୍ଚିଛି। ଏହି ଆନ୍ଦୋଳନ ବର୍ତ୍ତମାନ ରାମଲୀଳା ମଇଦାନକୁ ଯିବାର ସୂଚନା ଦେଇଛନ୍ତି ରେସ୍‌ଲର। ଭାରତର ଅଲିମ୍ପିକ୍ସ ପଦକ ବିଜୟୀ ରେସ୍‌ଲର ସାକ୍ଷୀ ମଲିକ୍ ଓ ବଜରଙ୍ଗ ପୁନିଆଙ୍କ ସମେତ ଏସିଆନ୍ ଗେମ୍ସ ସ୍ୱର୍ଣ୍ଣ ପଦକ ବିଜୟିନୀ ଭିନେଶ ଫୋଗତ ଯନ୍ତରମନ୍ତରଠାରେ ଧାରଣାରେ ବସିଛନ୍ତି। ମଙ୍ଗଳବାର ଭୀମ ଆର୍ମି ମୁଖ୍ୟ ଚନ୍ଦ୍ରଶେଖର ଆଜାଦ ଖେଳାଳିମାନଙ୍କ ସହିତ ଆଲୋଚନା କରିବା ସହିତ ଏହାକୁ ଏକ ଜାତୀୟ ଆନ୍ଦୋଳନରେ ପରିଣତ କରିବାକୁ ପ୍ରସ୍ତାବ ଦେଇଥିଲେ। ଯନ୍ତରମନ୍ତର ଅପେକ୍ଷା ରାମଲୀଳା ମଇଦାନ ଏକ ବଡ ଜାଗା। ଫଳରେ ଅଧିକ ଲୋକ ଏହି ଆନ୍ଦୋଳନରେ ସାମିଲ ହୋଇପାରିବେ ବୋଲି ଆଜାଦ ପ୍ରସ୍ତାବ ଦେଇଥିଲେ। ରେସ୍‌ଲରମାନଙ୍କ ପକ୍ଷରୁ ବ୍ରିଜ୍‌ଭୂଷଣଙ୍କୁ ୨୧ ତାରିଖ ମଧ୍ୟରେ ଗିରଫ ନ କଲେ ଏହି ଆନ୍ଦୋଳନକୁ ବିଶ୍ୱବ୍ୟାପୀ କରାଯିବ ବୋଲି ଧମକ ଦେଇଛନ୍ତି। ଏହି ଧାରଣାରେ ସମଗ୍ର ବିଶ୍ୱକୁ ସାମିଲ କରିବା ପାଇଁ ଭିନ୍ନ ଭିନ୍ନ ଦେଶର ଅଲିମ୍ପିଆନ୍ ଓ ଅଲିମ୍ପିକ୍ସ ପଦକ ବିଜେତାଙ୍କୁ ଚିଠି ଲେଖାଯିବ ବୋଲି ରେସ୍‌ଲରମାନେ କହିଛନ୍ତି। ମେ’ ୨୧ ସୁଦ୍ଧା ଯଦି ସରକାର ଦାବିକୁ ନ ମାନିବେ ତେବେ ଏହି ଧାରଣାକୁ ରାମଲୀଳା ମଇଦାନକୁ ନେବାର ପ୍ରସ୍ତାବ ଆଜାଦ ଦେଇଥିବା ବେଳେ ଏହା ଉପରେ ବିଚାର କରି ନିଷ୍ପତ୍ତି ନେବେ ବୋଲି ରେସ୍‌ଲରମାନେ କହିଛନ୍ତି। ସୋମବାର ରେସ୍‌ଲରମାନେ ଯନ୍ତରମନ୍ତରରୁ ବାହାରି କନ୍ନଟ ପ୍ଲେସ୍ ଯାଇଥିବା ବେଳେ ମଙ୍ଗଳବାର ମଧ୍ୟ ଯନ୍ତରମନ୍ତରରୁ କନ୍ନଟ ପ୍ଲେସ୍‌ର ହନୁମାନ ମନ୍ଦିର ପର୍ଯ୍ୟନ୍ତ ଏକ ଶୋଭାଯାତ୍ରାରେ ବାହାରିଥିଲେ। ଉଲ୍ଲେଖଯୋଗ୍ୟ, ମହିଳା ରେସ୍‌ଲରଙ୍କୁ ଯୌନ ନିର୍ଯାତନା ଅଭିଯୋଗରେ ବ୍ରିଜ୍‌ଭୂଷଣଙ୍କ ନାମରେ ମାମଲା ରୁଜୁ କରାଯାଇଛି। ୭ ଜଣ ମହିଳା ଆଥ୍‌ଲେଟ ଅଭିଯୋଗ ଆଣିଥିବା ବେଳେ ଏହା ମଧ୍ୟରେ ଜଣେ ନାବାଳିକା ମଧ୍ୟ ରହିଛନ୍ତି।

# ପୂର୍ବତନ କ୍ରିକେଟର ସଞ୍ଜୟ ଶତପଥୀଙ୍କ ପରଲୋକ

- ଓଡ଼ିଶା ପକ୍ଷରୁ ରଣଜୀ ଟ୍ରଫି ଏବଂ ପୂର୍ବାଞ୍ଚଳ ପକ୍ଷରୁ ୱେଷ୍ଟଇଣ୍ଡିଜ ଓ ଶ୍ରୀଲଙ୍କା ବିପକ୍ଷରେ ପ୍ରଥମଶ୍ରେଣୀ ମ୍ୟାଚ ଖେଳିଥିଲେ
- ଓସିଏର ଶୋକ

**ଭୁବନେଶ୍ୱର, ୧୬।୫ (କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶାର ପୂର୍ବତନ କ୍ରିକେଟର ସଞ୍ଜୟ ଶତପଥୀଙ୍କର ସୋମବାର ମଧ୍ୟରାତ୍ରରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୬ ବର୍ଷ ହୋଇଥିଲା। ପେସାରେ ଜଣେ ଡାକ୍ତର ଥିବା ସଞ୍ଜୟ ୧୯୬୫-୬୬ରୁ ୧୯୭୫-୭୬ ମଧ୍ୟରେ ଓଡ଼ିଶା ପକ୍ଷରୁ ୨୩ଟି ପ୍ରଥମଶ୍ରେଣୀ କ୍ରିକେଟ ମ୍ୟାଚରେ ପ୍ରତିନିଧିତ୍ୱ କରିଥିଲେ। ସେ ଜଣେ ଅଲ୍‌ରାଉଣ୍ଡର ଥିଲେ। ୧୯୫୦ ଜାନୁୟାରୀ ୧ରେ ଜନ୍ମିତ ସଞ୍ଜୟଙ୍କ ଘର ବାରିପଦାରେ। ମାତ୍ର ସେ ପରବର୍ତ୍ତୀ ସମୟରେ ଭୁବନେଶ୍ୱର ପଟିଆରେ ରହୁଥିଲେ। ୩୦ ବର୍ଷରୁ ଊର୍ଦ୍ଧ୍ୱ ସମୟଧରି ସେ ରାଉରକେଲା ଇସ୍ପାତ ଜେନେରାଲ ହସ୍ପିଟାଲରେ ଜଣେ ଫିଜିସିଆନଭାବେ କାର୍ଯ୍ୟରତ ଥିଲେ। ଭୁବନେଶ୍ୱର ଆୟୁଷ ହସ୍ପିଟାଲରେ ମଧ୍ୟ ସେ ଜଣେ ପରାମର୍ଶଦାତାଭାବେ କାର୍ଯ୍ୟ କରିଥିଲେ। ଖେଳ ଜୀବନରେ ସେ ଉତ୍କଳ ବିଶ୍ୱବିଦ୍ୟାଳୟ, ଓଡ଼ିଶା ରଣଜୀ, ସେଲ୍ ଏବଂ ଇଷ୍ଟଜୋନ୍ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ୨୩ଟି ପ୍ରଥମଶ୍ରେଣୀ ମ୍ୟାଚର ୪୨ଟି ଇନିଂସରୁ ସେ ୨୬୫ ରନ ସ୍କୋର କରିଥିଲେ। ତାଙ୍କର ସର୍ବାଧିକ ସ୍କୋର ଥିଲା ୪୯*। ସେହିପରି ସେ ୨୨୭୦ ବଲ୍ ବୋଲିଂକରି ୧୨୫୦ ରନ ବିନିମୟରେ ୩୭ଟି ଉଇକେଟ ନେଇଥିଲେ। ୧୯୬୫ ଡିସେମ୍ବର ୧୮ରୁ ୨୦ ପର୍ଯ୍ୟନ୍ତ କଟକର ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ରଣଜୀ ଟ୍ରଫି ମ୍ୟାଚରେ ବେଙ୍ଗଲ ବିପକ୍ଷରେ ସେ ୮୯ ରନ ବିନିମୟରେ ୬ ଉଇକେଟ ସଫଳତା ପାଇଥିଲେ। ୬/୮୯ ହିଁ ଥିଲା ତାଙ୍କର ଶ୍ରେଷ୍ଠ ବୋଲିଂ ଫିଗର। ଥରେ ସେ ୫ ଉଇକେଟ ସଫଳତା ପାଇଥିଲେ। ପ୍ରଥମଶ୍ରେଣୀ କ୍ରିକେଟ କ୍ୟାରିୟର ମଧ୍ୟରେ ସେ ୱେଷ୍ଟଇଣ୍ଡିଜ ଓ ଶ୍ରୀଲଙ୍କା ଦଳ ବିପକ୍ଷରେ ମଧ୍ୟ ଖେଳିବା ସୁଯୋଗ ପାଇଥିଲେ। ୧୯୭୫ ଜାନୁୟାରୀ ୪ରୁ ୬ ପର୍ଯ୍ୟନ୍ତ ସେ କଟକରେ ୱେଷ୍ଟଇଣ୍ଡିଜ ଏବଂ ନଭେମ୍ବର ୨୩ରୁ ୨୫ ପର୍ଯ୍ୟନ୍ତ କୋଲକାତାର ଇଡେନ ଗାର୍ଡେନ୍ସରେ ଶ୍ରୀଲଙ୍କା ବିପକ୍ଷରେ ୩ ଦିନିଆ ମ୍ୟାଚ ଖେଳିଥିଲେ। ଏହି ଦୁଇଟି ମ୍ୟାଚରେ ସେ ଇଷ୍ଟଜୋନ୍ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ସଞ୍ଜୟଙ୍କ ଭାଇ ଶାନ୍ତନୁ ଶତପଥୀ ମଧ୍ୟ ଜଣେ ଦକ୍ଷ କ୍ରିକେଟର ଥିଲେ। ସଞ୍ଜୟଙ୍କ ପରଲୋକରେ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି।


ସଞ୍ଜୟ ଶତପଥୀ




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ